# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ
# ଆର୍ଥିକ କ୍ଷେତ୍ର
# ମାର୍ଚ୍ଚ **2014** ରେ ସମାପ୍ତ ବର୍ଷ ପାଇଁ

## ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା **6** ବର୍ଷ **2014***

# ଭାରତର

# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ

# ଆର୍ଥିକ କ୍ଷେତ୍ର

## ମାର୍ଚ୍ଚ 2014 ରେ ସମାପ୍ତ ବର୍ଷ ପାଇଁ

## ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା 6 ବର୍ଷ 2014*

# ବିଷୟ ସାରଣୀ


| ବିଷୟବସ୍ତୁ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | (v) |
| **ଅଧ୍ୟାୟ 1 : ଉପକ୍ରମ** | | |
| ଉପକ୍ରମ | | 1-8 |
| **ଅଧ୍ୟାୟ 2 : କାର୍ଯ୍ୟ ସମ୍ପାଦନ ସମୀକ୍ଷା** | | |
| ***ଜଳସମ୍ପଦ ବିଭାଗ*** | | |
| ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମ | 2.1 | 9-38 |
| ***ଜଙ୍ଗଲ ଓ ପରିବେଶ ବିଭାଗ*** | | |
| ଓଡିଶାରେ ବାୟୁ ଓ ଜଳ ପ୍ରଦୂଷଣର ପରିବେଶ ସମୀକ୍ଷା | 2.2 | 39-68 |
| **ଅଧ୍ୟାୟ 3 : ଅନୁପାଳନ ସମୀକ୍ଷା** | | |
| ***କୃଷି ବିଭାଗ*** | | |
| ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା | 3.1 | 69-80 |
| ***ଜଳସମ୍ପଦ ବିଭାଗ*** | | |
| ନିରର୍ଥକ ପୁଞ୍ଜି ଲଗାଣ | 3.2 | 80-81 |
| ଠିକାଦାରଙ୍କୁ ଅନୁଚିତ୍ ଫାଇଦା | 3.3 | 81-82 |
| ***ନିୟୋଜନ ଏବଂ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ*** | | |
| ସରକାରୀ ଘରୋଇ ସହଭାଗିତା(ପିପିପି)ରେ ଶିଳ୍ପ ତାଲିମ କେନ୍ଦ୍ରଗୁଡିକର ପାହ୍ୟା ବୃଦ୍ଧି ଏବଂ ନୂତନ ପଲିଟେକନିକ ଗୁଡିକର ପ୍ରତିଷ୍ଠା | 3.4 | 82-94 |
| ***ଜଙ୍ଗଲ ଓ ପରିବେଶ ବିଭାଗ*** | | |
| ବୃକ୍ଷରୋପଣର କାର୍ଯ୍ୟାନ୍ୱୟନ ଓ ପ୍ରଭାବ | 3.5 | 94-102 |
| ବାସ୍ତବିକ ବର୍ତ୍ତମାନ ମୂଲ୍ୟର ଅଣ ଆଦାୟ | 3.6 | 102-103 |
| କାଠ ଖଣ୍ଡର ଅଣନିକାସ | 3.7 | 103-104 |

| ବିଷୟବସ୍ତୁ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ***ଶିଳ୍ପ ବିଭାଗ*** | | |
| ଶିଳ୍ପ ନୀତି ସଂକଳ୍ପ 2007 ଅଧିନରେ ଏକକ ଝରକା ବ୍ୟବସ୍ଥା ଏବଂ ଆର୍ଥିକ ପ୍ରୋତ୍ସାହନର କାର୍ଯ୍ୟାନ୍ୱୟନ | 3.8 | 104-118 |
| ***ପୂର୍ତ୍ତ ବିଭାଗ*** | | |
| ଅଟକଳରେ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ଅଧିକ ବ୍ୟୟ | 3.9 | 118-119 |
| ଖିଲାପି ଠିକାଦାରଙ୍କ ଠାରୁ ସରକାରୀ ପାଉଣାର ଅଣ ଅସୁଲି | 3.10 | 119-120 |
| ବୈଧତା ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କରଣ ନ ହେବାରୁ ଅଧିକ ବ୍ୟୟ | 3.11 | 120-121 |
| ବୈଧତା ଅବଧି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନ ହେବାରୁ ଅଧିକ ବ୍ୟୟ | 3.12 | 121 |
| ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ | 3.13 | 122-123 |
| ***ଅର୍ଥ ବିଭାଗ*** | | |
| ଅଡିଟଙ୍କୁ ପ୍ରତିଜବାବ | 3.14 | 123-125 |

# ପରିଶିଷ୍ଟ


| ପରିଶିଷ୍ଟ ସଂଖ୍ୟା | ବିଷୟ ବସ୍ତୁ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 2.1.1 | ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଅତିରିକ୍ତ ଖର୍ଚ୍ଚର ପ୍ରଦାନ | 2.1.7.9 | 126-127 |
| 2.1.2 | ଏସଓଆରର ଆନୁଗତ୍ୟ ନ ଦେଖାଇବା କାରଣରୁ ଅଧିକ ଖର୍ଚ୍ଚ / ପୁଙ୍ଖାନୁପୁଙ୍ଖ ଏହି ବିବୃତିରେ ଦର୍ଶାଯାଇଛି | 2.1.8.1 | 128-130 |
| 2.2.1 | ବ୍ୟବହାର ଭିତ୍ତିକ ଶ୍ରେଣୀ କରଣ ପଦ୍ଧତିର ସଂକ୍ଷିପ୍ତ ସାର | 2.2.7 | 131 |
| 2.2.2 | ରାଜ୍ୟ ପ୍ରଦୂଷଣ ବୋର୍ଡ, ଓଡିଦସା ଅଧିନରେ ଉପରିଭାଗ ଜଳର ପର୍ଯ୍ୟାଲୋଚନା କେନ୍ଦ୍ର | 2.2.7.1 | 132-134 |
| 2.2.3 | ସଂଗ୍ରହ କରାଯାଇଥିବା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରୟୋଗଶାଳାରେ ଯାଞ୍ଚ କରାଯାଇଥିବା ଏବଂ ବିଓଡି, ଡିଓ ଓ ଟିସି ସମ୍ବନ୍ଧରେ ଉଦବେଗଜନକ ସ୍ଥିତି ଦେଖାଉଥିବା ଜଳ ନମୂନାର ବିବରଣୀ | 2.2.7.9 | 135 |
| 3.1.1 | ଶିକ୍ଷାଦାନ କର୍ମଚାରୀମାନଙ୍କ ମଞ୍ଜୁରୀ ପ୍ରାପ୍ତ ସଂଖ୍ୟା ଓ ବର୍ତ୍ତମାନ ପଦବୀରେ ଉପସ୍ଥିତ ସଂଖ୍ୟାର ଦର୍ଶାଯାଇଥିବା ବିବରଣୀ | 3.1.2.1 | 136 |
| 3.1.2 | ବିଭିନ୍ନ ଛାତ୍ରାବାସଗୁଡିକର ଅନ୍ତଃଗ୍ରହଣ କ୍ଷମତା ଓ ବାସ୍ତବରେ ରହୁଥିବା ଛାତ୍ରଛାତ୍ରୀଙ୍କ ଦର୍ଶାଯାଇଥିବା ବିବରଣୀ | 3.1.2.3 | 137 |
| 3.1.3 | ବିହନ ମଞ୍ଜିକୁ ଅଣ ବିହନ ମଞ୍ଜିରେ ବିକ୍ରି ଦ୍ୱାରା ହୋଇଥିବା 0.35 କୋଟି ଟଙ୍କା କ୍ଷତିର ଦର୍ଶାଯାଇଥିବା ବିବରଣୀ | 3.1.4.2 | 138-139 |
| 3.2.1 | ଆରଆଇଡିଏଫ-XIII & XIV ଅଧିନସ୍ଥ କ୍ଷୁଦ୍ର ଜଳସେଚନ ଯୋଜନାର ସ୍ଥିତି | 3.2 | 140 |
| 3.3.1 | ଅଟକଳରେ ଯାନ୍ତ୍ରିକ ଖନନ ବଦଳରେ ମାନୁଆଲ ଖନନ ବ୍ୟବସ୍ଥା କରିବାରୁ ଜଡିତ/ ଅତିରିକ୍ତ ମୂଲ୍ୟର ବିସ୍ତୃତ ବକ୍ତବ୍ୟ | 3.3 | 141 |
| 3.4.1 | ଟ୍ରେଡର ପାହ୍ୟାବୃଦ୍ଧି ଓ ପ୍ରବର୍ତ୍ତନରେ ନିଅଣ୍ଟର ବିବରଣୀ | 3.4.2.1 | 142 |
| 3.4.2 | ସିଓଇ ପ୍ରକଳ୍ପରେ ବଣ୍ଟନ ଖର୍ଚ୍ଚ ଓ ବିନିଯୋଗ ବିବରଣୀ | 3.4.2.2 | 143-144 |
| 3.4.3 | ଟ୍ରେଡର ପାହ୍ୟା ବୃଦ୍ଧି ଓ ପ୍ରବର୍ତ୍ତନର ନିଅଣ୍ଟର ବିବରଣୀ | 3.4.3.1 | 145 |
| 3.4.4 | ବିନା ବିଶ୍ୱ ବ୍ୟାଙ୍କ ସହାୟତରେ ହେଉଥିବା ପ୍ରକଳ୍ପ ପାଇଁ ପାଣ୍ଠି ପ୍ରଦାନ ଓ ବିନିଯୋଗର ବିବରଣୀ | 3.4.3.2 | 146 |
| 3.4.5 | ଆଇଟିଆଇ ମାନଙ୍କ ଦ୍ୱାରା ଏଫଡିରେ ପାଣ୍ଠି ବିନିଯୋଗ କରିବାରେ ବିଳମ୍ବ କରିବାରୁ ସୁଧର କ୍ଷତି | 3.4.3.2 | 147 |
| 3.4.6 | ଉଚ୍ଛେଦ ହୋଇ ନଥିବା ଟ୍ରେଡର ୟୁନିଟ୍ ସଂଖ୍ୟା | 3.4.5 | 148 |

| ପରିଶିଷ୍ଟ ସଂଖ୍ୟା | ବିଷୟ ବସ୍ତୁ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 3.4.7 | ଆଇଟିଆଇ ଗୁଡିକରେ ଖାଲି ସ୍ଥାନର ବିବରଣୀ | 3.4.7 | 149-150 |
| 3.4.8 | 22 ଟି ସରକାରୀ ପଲିଟେକନିକର ପ୍ରଦତ୍ତ ପାଣ୍ଠି ବିନିଯୋଗ ହାରର ବିବରଣୀ | 3.4.11.1 | 151-157 |
| 3.4.9 | ଜମି ହସ୍ତାନ୍ତର ପୂର୍ବରୁ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ପାଣ୍ଠି ପ୍ରଦାନର ବିବରଣୀ | 3.4.11.1 | 158 |
| 3.5.1 | ଠିକାଦାରମାନଙ୍କ ଦ୍ୱାରା କରାଯାଇଥିବା ବୃକ୍ଷରୋପଣର ବିବରଣୀ | 3.5.3.3 | 159-160 |
| 3.5.2 | ବୃକ୍ଷରୋପଣ ପାଣ୍ଠି ଅନ୍ୟତ୍ର ବିନିଯୋଗର ବିବରଣୀ | 3.5.4.1 | 161 |
| 3.5.3 | 2012-14 ରେ ମଜୁରୀ ବାବଦରେ ଅତିରିକ୍ତ ଖର୍ଚ୍ଚ | 3.5.4.2 | 162 |
| 3.6.1 | ଜଙ୍ଗଲ ଜମିର ଅନ୍ୟତ୍ର ଉପଯୋଗ ପାଇଁ 1.22 କୋଟି ଟଙ୍କାର ବାସ୍ତବିକ ବର୍ତ୍ତମାନ ମୂଲ୍ୟର ସ୍ୱଳ୍ପ ଆଦାୟ | 3.6 | 163 |
| 3.7.1 | ବିଭାଜନ ଭିତ୍ତିକ ଅନୁସନ୍ଧାନହୀନ ବନ ଅପରାଧ ମାମଲାରେ ଜବତ ଗଡି କାଠ ଗୁଡିକର ଅଣ ନିକାସର ବିବରଣୀ | 3.7 | 164-165 |
| 3.8.1 | ଶିଳ୍ପ ସଂସ୍ଥାମାନଙ୍କ ପାଇଁ ଏସଏଲଏନଏ ଠାରେ ବର୍ଷକୁ ବର୍ଷ ପ୍ରସ୍ତାବର ଗ୍ରହଣ | 3.8.2.2 | 166 |
| 3.8.2 | 2007-14 ବର୍ଷ ମଧ୍ୟରେ ବର୍ଷକୁ ବର୍ଷ ଆଠଟି ମନୋନୀତ ଜିଲ୍ଲାକୁ ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଡିଏଲଏନଏ ସ୍ତରରେ ସିଏଏଫ୍ ଗ୍ରହଣର ବିବରଣୀ | 3.8.2.4 | 167 |
| 3.13.1 | ରାସ୍ତାଓ୍ୱାରୀ ସି ବି ଆର ମୂଲ୍ୟ, ଯାନବାହନ ସାନ୍ଦ୍ରତା ଓ ମଞ୍ଜୁର ବ୍ୟୟ ଅଟକଳର ବକ୍ତବ୍ୟ | 3.13 | 168-169 |
| 3.13.2 | ପରିହାର ଯୋଗ୍ୟ ବିସ୍ତୃତ ଅତିରିକ୍ତ ବ୍ୟୟ ବିବରଣ | 3.13 | 170-172 |
| 3.14.1 | ମାର୍ଚ୍ଚ 31 ତାରିଖ 2014 ସୁଦ୍ଧା ଜାରି କରାଯାଇଥିବା ମାତ୍ର 30 ଜୁନ 2014 ସୁଦ୍ଧା ମିମାଂସା ହୋଇ ନ ଥିବା ନିରିକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡିକର ବିବରଣୀ | 3.14 | 173 |
| 3.14.2 | 31 ମାର୍ଚ୍ଚ 2014 ସୁଦ୍ଧା ପ୍ରଦାନ କରାଯାଇଥିବା ଏବଂ ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିବା ନିରୀକ୍ଷଣ ପ୍ରତିବେଦନର ବର୍ଷଓ୍ୱାରୀ ବିବରଣୀ | 3.14 | 174 |
| 3.14.3 | ନିରୀକ୍ଷଣ ରିପୋର୍ଟରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତାର ବିବରଣୀ | 3.14 | 175 |
| | **ସଂକ୍ଷିପ୍ତ ଶବ୍ଦ କୋଷ** | | 176-182 |

# ମୁଖବନ୍ଧ

ଏହି ପ୍ରତିବେଦନ 31 ମାର୍ଚ୍ଚ 2014 ସୁଦ୍ଧା ଶେଷ ହୋଇଥିବା ବର୍ଷ ପାଇଁ ଭାରତ ସମ୍ବିଧାନର ଅନୁଚ୍ଛେଦ 151 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଅଛି ।

ଏହି ପ୍ରତିବେଦନ ଓଡ଼ିଶା ସରକାର ଅଧୀନରେ ଥିବା ଆର୍ଥିକ କ୍ଷେତ୍ର ଅନ୍ତର୍ଭୁକ୍ତ କୃଷି, ସମନ୍ୱୟ, ବାଣିଜ୍ୟ ଏବଂ ପରିବହନ, ଶକ୍ତି, ରୋଜଗାର ଏବଂ ବୈଷୟିକ ଶିକ୍ଷା ଏବଂ ତାଲିମ, ଜଙ୍ଗଲ ଏବଂ ପରିବେଶ, ଅର୍ଥ, ମତ୍ସ୍ୟ ଏବଂ ପଶୁସମ୍ପଦ ବିକାଶ, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପ, ଇସ୍ପାତ୍ ଏବଂ ଖଣି, ରାଜ୍ୟ ଅବକାରୀ, ବୟନ ହସ୍ତତନ୍ତ ଏବଂ ହସ୍ତଶିଳ୍ପ, ପର୍ଯ୍ୟଟନ ଏବଂ ନିର୍ମାଣ ଓ ଜଳ ସଂପଦ ବିଭାଗ ଗୁଡିକର କାର୍ଯ୍ୟ ସଂପାଦନା ଏବଂ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଧାରଣ କରେ । ଯାହାହେଉ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଅର୍ଥ, ସାଧାରଣ ପ୍ରଶାସନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଉଚ୍ଚ ଶିକ୍ଷା, ଗୃହ, ଗୃହ ଓ ନଗର ଉନୟନ, ସୂଚନା ଏବଂ ଲୋକ ସଂପର୍କ, ସୂଚନା ଏବଂ ପ୍ରଯୁକ୍ତି, ଶ୍ରମ ଏବଂ ନିୟୋଜନ, ନିୟମ୍, ପଞ୍ଚାୟତିରାଜ, ସଂସଦୀୟ ବ୍ୟାପା, ଯୋଜନା ଓ ସମନ୍ୱୟ, ପବ୍ଲିକ୍ ଏଣ୍ଟରପ୍ରାଇଜର୍ସ, ପବ୍ଲିକ୍ ଗ୍ରିଏଭାନ୍ସ ଏବଂ ପେନସନ ଆଡମିନିଷ୍ଟ୍ରେସନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଏବଂ ଗଣ ଶିକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତି, ଅନୁସୂଚୀତ ଜନଜାତି ଏବଂ ଅନୁସୂଚିତ ଜାତି ଏବଂ ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣକାରୀ, କ୍ରୀଡା ଏବଂ ଯୁବ ସେବା ଏବଂ ସ୍ତ୍ରୀ ଏବଂ ଶିଶୁ କଲ୍ୟାଣ ବିଭାଗ ଗୁଡିକ ସାଧାରଣ ଓ ସାମାଜିକ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇଛି, ଯଦିଓ ଆର୍ଥିକ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

ଏହି ପ୍ରତିବେଦନରେ ଉଲ୍ଲେଖିତ କରାଯାଇଥିବା ବିଷୟଗୁଡିକ 2013-14 ବର୍ଷରେ ହିସାବ ତନଖିର ନମୂନା ଯାଞ୍ଚ୍ କରାଯାଇଥିବା ବେଳେ ନଜରକୁ ଆସିଲା ଏବଂ ଯେଉଁଗୁଡିକ ପୂର୍ବ ବର୍ଷମାନଙ୍କର ଦୃଷ୍ଟିକୁ ଆସିଥିଲା, କିନ୍ତୁ ସେହି ବର୍ଷର ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ପାରି ନଥିଲା । ଯେଉଁଠାରେ ଆବଶ୍ୟକତା ଥିଲା, ସେଠାରେ 2013-14 ପରବର୍ତ୍ତୀ ସମୟରେ ବିଷୟ ବସ୍ତୁକୁ ମଧ ଅନ୍ତର୍ଭୁକ୍ତ କରାଯାଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ  ଦ୍ୱାରା ପ୍ରଦାନ କରାଯାଇଥିବା ସମୀକ୍ଷିତ ନିୟମ ଅନୁଯାୟୀ ସମୀକ୍ଷା ପରିଚାଳନା କରାଯାଇଅଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ଅଧ୍ୟାୟ 1

# ଉପକ୍ରମ

# ଅଧ୍ୟାୟ - 1
# ଉପକ୍ରମ

## *1.1 ଏହି ପ୍ରତିବେଦନ ସନ୍ଦର୍ଭରେ*

ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (ସିଏଜି) ଓଡିଶା ସରକାରଙ୍କ ଉପରେ ଏହି ପ୍ରତିବେଦନ ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟ ସମ୍ପାଦନା ସମୀକ୍ଷା, ଓଡିଶାରେ ବାୟୁ ଓ ଜଳ ପ୍ରଦୂଷଣର ପରିବେଶ ସମୀକ୍ଷା ଏବଂ ସରକାରଙ୍କ ବିଭାଗ ଗୁଡିକ / ସ୍ୱୟଂ ଶାସିତ ସଂସ୍ଥାଗୁଡିକର ଅନୁପାଳନ ସମୀକ୍ଷା ଉପରେ ଆଲୋକପାତ କରେ ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନ ସଭାରେ ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ମାନଦଣ୍ଡ ଅନୁସାରେ ନେଣଦେଣର ପ୍ରକାର ପରିମାଣ ଏବଂ ବିଶାଳତା ଅନୁପାତରେ ପ୍ରତିବେଦନ ପାଇଁ ବସ୍ତୁଗତ ସ୍ତର ହେବା ଉଚିତ୍ । ଅଡିଟ୍ ସିଦ୍ଧାନ୍ତ ପ୍ରତ୍ୟାଶିତ କରେ ଯେ, କାର୍ଯ୍ୟ ସାଧକମାନେ ସଂଶୋଧନାତ୍ମକ ପଦକ୍ଷେପ ନେବା ସହିତ ନୀତି ଏବଂ ନିର୍ଦ୍ଦେଶାବଳୀ ପ୍ରଣୟନ କରିବେ ଯାହା ସଙ୍ଗଠନର ଉନ୍ନତି, ଆର୍ଥିକ ପରିଚାଳନା ଓ ଶାସନ ପଦ୍ଧତିରେ ସାହାଯ୍ୟ କରିବ ।

ଅନୁପାଳନ ସମୀକ୍ଷା ହୋଇଥିବା ସଂସ୍ଥାଗୁଡିକର ବ୍ୟୟ, ପ୍ରାପ୍ତି, ପରିସମ୍ପତ୍ତି ଓ ଦେୟତା ସଂପର୍କିତ ନେଣଦେଣର ପରୀକ୍ଷଣ ବିଷୟରେ ଉଲ୍ଲେଖ କରାଯାଇଥାଏ ଯାହାଦ୍ୱାରା ଭାରତର ସମ୍ବିଧାନର ବ୍ୟବସ୍ଥା, ପ୍ରଯୁଜ୍ୟ ନିୟମ କାନୁନ, ବିନିୟମ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଉଥିବା ବିଭିନ୍ନ ଆଦେଶ ଓ ଅନୁଦେଶ ଅନୁପାଳନ କରାଯାଇଛି କି ନାହିଁ, ତାହା ନିରୂପିତ ହୋଇଥାଏ ।

କାର୍ଯ୍ୟ ସମ୍ପାଦନ ସମୀକ୍ଷାରେ ଗୋଟିଏ ସଙ୍ଗଠନ, କାର୍ଯ୍ୟକ୍ରମ କିମ୍ବା ପରିକଳ୍ପନାର ଉଦ୍ଦେଶ୍ୟ କେତେ ମାତ୍ରାରେ ମିତବ୍ୟୟୀ, ଦକ୍ଷତାର ଏବଂ ଫଳ ପ୍ରଦାନ ସହିତ ସାଧିତ ହୋଇଛି, ସେ ବିଷୟରେ ପରୀକ୍ଷା କରାଯାଇଥାଏ ।

ପରିବେଶ ସମୀକ୍ଷା ପରିବେଶ ନିୟମ ଅନୁପାଳନରେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯିବା, ଭିତ୍ତିଭୂମି ଏବଂ ପାଣ୍ଠି ବ୍ୟବସ୍ଥା କରିବା, ପ୍ରଦୂଷଣ ଉତ୍ସର ସମୟୋଚିତ ଚିହ୍ନଟ ଏବଂ ପ୍ରତିକାର ନିମନ୍ତେ ଫଳପ୍ରଦ ପର୍ଯ୍ୟାଲୋଚନା ପ୍ରଣାଳୀ ଗଠନ କରିବା, ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ନିର୍ଦ୍ଧାରଣ କରିବା ନିମନ୍ତେ ଉଚିତ୍ ସୂଚନା ପରିଚାଳନା ପଦ୍ଧତୀର ବିକାଶ କରିବା ଏବଂ ଓଡିଶାରେ ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାର ଲକ୍ଷ୍ୟ କେତେ ମାତ୍ରାରେ ହାସଲ କରାଗଲା ତାହା ପରୀକ୍ଷା କରେ ।

ଏହି ଅଧ୍ୟାୟରେ ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ଓ ମାତ୍ରା ବ୍ୟାଖ୍ୟା ହେବା ସହିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟର ସାର ସଂକ୍ଷେପ ଉଲ୍ଲେଖିତ । ସମୀକ୍ଷା ପ୍ରତିବେଦନର ଦ୍ୱିତୀୟ ଅଧ୍ୟାୟ କାର୍ଯ୍ୟ ସଂପାଦନା ସମୀକ୍ଷାର ଉପଲବ୍ଧଗୁଡିକୁସୂଚୀତ କରୁଅଛି ଏବଂ ତୃତୀୟ ଅଧ୍ୟାୟରେ ବିଭିନ୍ନ ବିଭାଗ ଅନୁପାଳନ ସମୀକ୍ଷା କରାଯାଇଛି ।

ପ୍ରତିବେଦନରେ ଉଲ୍ଲେଖିତ କରାଯାଇଥିବା ବିଷୟଗୁଡିକ 2013-14 ବର୍ଷରେ ନମୁନା ଯାଞ୍ଚ୍ କରାଯାଇଥିବା ଏବଂ ତତ୍ ପୂର୍ବବର୍ଷମାନଙ୍କର ନଜରକୁ ଆସିଥିବା କିନ୍ତୁ ପ୍ରତିବେଦନରେ ସ୍ଥାନିତ ହୋଇ ନଥିବା ବିଷୟରୁ ଉଦ୍ଧୃତ, ମାତ୍ର ସେହି ବର୍ଷ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇପାରି ନଥିଲା । 2013-14 ପରବର୍ତ୍ତୀ ସମୟର ବିଷୟ ବସ୍ତୁକୁ ମଧ୍ୟ ଆବଶ୍ୟକତା ସ୍ଥଳେ ଅନ୍ତର୍ଭୁକ୍ତ କରାଯାଇଅଛି ।

## 1.2 ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର

ରାଜ୍ୟରେ ସଚିବାଳୟ ସ୍ତରରେ 38 ଟି ବିଭାଗ ରହିଛି ଯେଉଁଗୁଡିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରଧାନ ଶାସନ ସଚିବ / ଆୟୋଗୀ ତଥା ସଚିବଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ଏବଂ ସେମାନଙ୍କୁ କାର୍ଯ୍ୟରେ ନିର୍ଦ୍ଦେଶକ ଓ ଅଧସ୍ତନ ଅଧିକାରୀମାନେ ସାହାଯ୍ୟ କରନ୍ତି । ଏଗୁଡିକ ମଧ୍ୟରୁ 17 ଟି ବିଭାଗ ଅଧିନରେ ଥିବା ସରକାରୀ ଉଦ୍ୟୋଗ/ସ୍ୱୟଂ ଶାସିତ ସଂସ୍ଥାଗୁଡିକ ପ୍ରଧାନ ମହାଲେଖାକାର(ଅର୍ଥନୈତିକ ଓ ରାଜସ୍ୱ ସମୀକ୍ଷା) ଙ୍କ ସମୀକ୍ଷା ପରିସର ଭୁକ୍ତ ଅଟେ ।

## 1.3 ସମୀକ୍ଷା ପ୍ରାଧିକାର

ଭାରତୀୟ ସମ୍ବିଧାନର ଧାରା 149 ଏବଂ 151 ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ (ସିଏଜି) କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ (ଡିପିସି) ଅଧିନିୟମ, 1971 ରେ ସିଏଜିଙ୍କୁ ସମୀକ୍ଷା କରିବା ପ୍ରାଧିକାର ଦିଆଯାଇଅଛି । ଉକ୍ତ ଅଧିନିୟମ 1971 ର ପରିଚ୍ଛେଦ 13[1] ଅନୁଯାୟୀ ସିଏଜି, ଓଡିଶା ସରକାରଙ୍କର ବିଭାଗଗୁଡିକର ବ୍ୟୟର ସମୀକ୍ଷା କରନ୍ତି । ଆହୁରି ମଧ ରାଜ୍ୟ ସରକାରଙ୍କ ଦ୍ୱାରା ଯଥେଷ୍ଟ ପାଣ୍ଠି ଦିଆଯାଇଥିବା ସ୍ୱୟଂ ଶାସିତ ସଂସ୍ଥାଗୁଡିକର ସମୀକ୍ଷା ସିଏଜି କରିଥାଆନ୍ତି । ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଏବଂ ଲେଖା ଓ ଲେଖା ପରୀକ୍ଷା ଉପରେ ଅଧିନିୟମ, 2007 ରେ ବିଭିନ୍ନ ସମୀକ୍ଷା ପାଇଁ ନୀତି ଓ ପଦ୍ଧତି ବିହିତ କରାଯାଇଅଛି ।

## 1.4 ଯୋଜନା ଓ ସମୀକ୍ଷା ସଞ୍ଚାଳନ

ବ୍ୟୟ ହୋଇଥିବା ଅର୍ଥ, କାର୍ଯ୍ୟକଳାପର ଆବଶ୍ୟକତା / ଜଟିଳତା, ଅର୍ପିତ ଆର୍ଥିକ କ୍ଷମତାର ସ୍ତର ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ନିର୍ଦ୍ଧାରଣ, ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ ଏବଂ ସେହିସବୁ ଶଙ୍କାଭୟର ପ୍ରତ୍ୟାଶିତ ପ୍ରଭାବକୁ ଆଧାର କରି ପ୍ରତ୍ୟେକ ଶାଖା ଏବଂ ବିଭାଗ / ସଙ୍ଗଠନର ମୋଟାମୋଟି ଭାବରେ ଶଙ୍କାଭୟ ନିର୍ଦ୍ଧାରଣରୁ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି ପ୍ରକ୍ରିୟାରେ ପୂର୍ବ ସମୀକ୍ଷା ସିଦ୍ଧାନ୍ତମାନଙ୍କୁ ମଧ ବିଚାର କରାଯାଏ । ଏହି ଶଙ୍କାଭୟ ନିର୍ଦ୍ଧାରଣ ଉପରେ ଆଧାର କରି ସମୀକ୍ଷାର ପୌନଃପୁନକତା ଏବଂ ମାତ୍ରା ନିଶ୍ଚିତ କରାଯାଇଥାଏ । ସେହିପରି ଶଙ୍କାଭୟ ନିର୍ଦ୍ଧାରଣ ଆଧାରରେ ସମୀକ୍ଷା ସଞ୍ଚାଳନ କରିବା ପାଇଁ ବାର୍ଷିକ ସମୀକ୍ଷା ଯୋଜନା ବ୍ୟବସ୍ଥିତ କରାଯାଏ ।

ପ୍ରତ୍ୟେକ ୟୁନିଟର ସମୀକ୍ଷା ଶେଷ ହେବା ପରେ ସେହି ସଂସ୍ଥାମାନଙ୍କର ମୁଖ୍ୟଙ୍କୁ ସମୀକ୍ଷା ସିଦ୍ଧାନ୍ତକୁ ନେଇ ହୋଇଥିବା ନିରୀକ୍ଷଣ ପ୍ରତିବେଦନ ଜାରି କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ପାଇବାର ଏକ ମାସ ମଧ୍ୟରେ ସମୀକ୍ଷା ସିଦ୍ଧାନ୍ତର ଉତ୍ତର ଦେବା ପାଇଁ ୟୁନିଟ୍ ମାନଙ୍କୁ ଅନୁରୋଧ କରାଯାଇଥାଏ, ଯେବେ ଉତ୍ତର ମିଳେ ସମୀକ୍ଷା ସିଦ୍ଧାନ୍ତର ମୀମାଂସା ହୋଇଥାଏ ଅଥବା ଅନୁପାଳନ ନିମିତ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଦେଶ ଦିଆଯାଇଥାଏ । ଏହି ନିରୀକ୍ଷଣ ପ୍ରତିବେଦନ କାର୍ଯ୍ୟ ସମ୍ପାଦନ ସମୀକ୍ଷାରେ ଦର୍ଶାଯାଇଥିବା ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ଯାହାକୁ ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ଓଡିଶାର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପିତ କରାଯାଏ ।

## 1.5 କାର୍ଯ୍ୟ ସମ୍ପାଦନା ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

ଏହି ପ୍ରତିବେଦନରେ ଦୁଇଟି କାର୍ଯ୍ୟ ସମ୍ପାଦନା ସମୀକ୍ଷା ରହିଛି । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ / ପରିକଳ୍ପନା ସମୀକ୍ଷା କରିବା ଏବଂ କାର୍ଯ୍ୟ ନିର୍ବାହୀମାନଙ୍କୁ ସଂଶୋଧନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାରେ ସାହାଯ୍ୟ କରିବା ପାଇଁ

---

[1] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା (ii) ରାଜ୍ୟ ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ (iii) ସମସ୍ତ ନେଣଦେଣ, ଆୟ ଓ ବ୍ୟୟ ହିସାବ, ବାଲାନ୍ସ ସୀଟ୍ ଓ ଅନ୍ୟାନ୍ୟ ସହକାରୀ ସମୀକ୍ଷା ।

ତଥା ନାଗରିକମାନଙ୍କୁ ଦିଆଯାଉଥିବା ସେବାର ଉନ୍ନତି କରିବା ପାଇଁ ଉପଯୁକ୍ତ ସୁପାରିଶ ଦେବା ଉପରେ ଲକ୍ଷ୍ୟ କେନ୍ଦ୍ରିତ ଥିଲା । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତଗୁଡିକ ନିମ୍ନରେ ଆଲୋଚନା କରାଗଲା ।

### 1.5.1 ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟ ସମ୍ପାଦନା ସମୀକ୍ଷା

କାର୍ଯ୍ୟ ସମ୍ପାଦନା ସମୀକ୍ଷାରେ 2009-14 କାଳାବଧି ପାଇଁ ସଂଚାଳିତ ହୋଇ ପ୍ରକଟିତ ହେଲା ଯେ ରାଜ୍ୟ ଜଳସମ୍ପଦର ଯୋଜନା, ଉନ୍ନତି, ବିନିଯୋଗ ଓ ପରିଚାଳନାର କ୍ଷମତା ଜଳସମ୍ପଦ ବିଭାଗ(ଡିଓଡବ୍ଲୁଆର)କୁ ଦିଆଯାଇଅଛି । ଭାରତ ସରକାରଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା ପାଣ୍ଠି ଓ ରାଜ୍ୟ ସରକାରଙ୍କ ନିଜସ୍ୱ ସମ୍ବଳ ମାଧ୍ୟମରେ ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟାନ୍ୱୟନ ହୋଇଥାଏ ।

ଭାରତ ସରକାର ଦେଶରେ ଜଳସେଚନର ଉନ୍ନତି କଳ୍ପେ ରାଜ୍ୟ ସରକାରମାନଙ୍କୁ ଆର୍ଥିକ ଋଣ ସହାୟତା ମାଧ୍ୟମରେ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଗୁଡିକ ସମ୍ପୂର୍ଣ୍ଣ ହେବା ସ୍ତରରେ ଅଛି ଏବଂ ରାଜ୍ୟ ସରକାରମାନଙ୍କ ସମ୍ବଳ ବିନିଯୋଗ କ୍ଷମତାର ବାହାରେ, ସେହି ପ୍ରକଳ୍ପର ଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ 1996-97 ବର୍ଷରେ ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ(ଏ.ଆଇ.ବି.ପି) କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଏ.ଆଇ.ବି.ପି ବିନିଯୋଗରେ କାର୍ଯ୍ୟାନ୍ୱୟନ ହେଉଥିବା ଜଳସେଚନ ପ୍ରକଳ୍ପଗୁଁକ ସମୀକ୍ଷା ଏବଂ ସିଦ୍ଧାନ୍ତ ମାର୍ଚ୍ଚ 2003 ଏବଂ ମାର୍ଚ୍ଚ 2009 ଆର୍ଥିକ ବର୍ଷ ପାଇଁ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିଲା । ପୂର୍ବ ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ତ୍ରୁଟିଗୁଡିକ ପୂର୍ବବତ୍ ଲାଗି ରହିବା କାରଣରୁ 2009-14 ମଧ୍ୟରେ ଆଠଗୋଟି ବୃହତ୍ / ମଧ୍ୟମ ଏବଂ 13 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ନେଇ ପରବର୍ତ୍ତୀ କାର୍ଯ୍ୟ ସଂପାଦନା ସମୀକ୍ଷା (ମେ ରୁ ଜୁଲାଇ 2014) କରିବାକୁ ପ୍ରେରିତ କଲା । ଯୋଜନାର ଫଳପ୍ରଦ କାର୍ଯ୍ୟଧାରା, ଆର୍ଥିକ ପରିଚାଳନା ଏବଂ କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁସାରେ ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହ ପ୍ରକରଣ ପୁସ୍ତିକାର ବ୍ୟବସ୍ଥା ଏବଂ ଅନୁମୋଦିତ ଦର ଅନୁସୂଚୀ(ଏସଓଆର)ର ପୁନଃ ଆକଳନ କରିବା ଏହି ସମୀକ୍ଷାର ପ୍ରଧାନ ଉଦ୍ଦେଶ୍ୟ ।

କାର୍ଯ୍ୟ ସମ୍ପାଦନ ସମୀକ୍ଷାରୁ ଜଣାପଡିଲା ଯେ, ପୂର୍ବରୁ ଦର୍ଶାଯାଇଥିବା ସତ୍ତ୍ୱେ, ଜମି ଅଧିଗ୍ରହଣରେ ବିଳମ୍ବ, ଚୂଡାନ୍ତ ଚିତ୍ରାଙ୍କନ ଓ ନକ୍ସା ପ୍ରଦାନ ଏବଂ ପ୍ରତିବନ୍ଧକ ଶୂନ୍ୟ ପ୍ରକଳ୍ପସ୍ଥାନ ନ ଦେବା ଆଦି କାରଣରୁ ପ୍ରକଳ୍ପଗୁଡିକ ଏବେ ମଧ୍ୟ ସମୟ ଓ ବ୍ୟୟ ବୃଦ୍ଧି ଜନିତ କ୍ଷତିଗ୍ରସ୍ତ ହେଉଅଛି । ପ୍ରକଳ୍ପଗୁଡିକର ବ୍ୟୟଭାର ବୃଦ୍ଧି, ଉତ୍ପନ୍ନ ହେବାକୁ ଥିବା ଫାଇଦାର ଅନୁପାତ ଅବିଚଳିତ ଭାବେ କମିବା ଏବଂ କେତେକ ପ୍ରକଳ୍ପ ସମୟ ଅନୁସାରେ ସଂପୂର୍ଣ୍ଣ ହୋଇ ପାରି ନଥିଲା । କେତେକ କ୍ଷେତ୍ରରେ ଖର୍ଚ୍ଚ ଅନୁସାରେ ଫାଇଦାର ଅନୁପାତ(ବି.ସି.ଆର) ର ଭୁଲ୍ ଗଣନା ଦେଖିବାକୁ ମିଳିଥିଲା ।

ପ୍ରାକ୍‌କଳନରେ ଦର ଅନୁସୂଚୀରୁ ବ୍ୟତିକ୍ରମ, ଟେଣ୍ଡର ପ୍ରକ୍ରିୟାରେ ତ୍ରୁଟି ବିଚ୍ୟୁତି ଆଦି କାରଣରୁ ଅତିରିକ୍ତ ବ୍ୟୟ ପରିଲକ୍ଷିତ ହୋଇଥିଲା, ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଅଭିବୃଦ୍ଧିର ପ୍ରୟୋଜନ, ଦର ବୃଦ୍ଧି ଏବଂ ଅନ୍ୟାନ୍ୟ ତ୍ରୁଟିଗୁଡିକୁ ହିସାବକୁ ନେଇ 3157.97 କୋଟି ଟଙ୍କାର ଆର୍ଥିକ ସଂପୃକ୍ତିକରଣ ଦେଖିବାକୁ ମିଳିଥିଲା । ପ୍ରକଳ୍ପଗୁଡିକର ସମାପ୍ତିରେ ବିଳମ୍ବର ପରିଣାମ ସ୍ୱରୂପ ରାଜ୍ୟର ଜନସାଧାରଣ ସେହି ମାତ୍ରାରେ ନିଶ୍ଚିତ ଜଳସେଚନ ସୁବିଧାରୁ ବଞ୍ଚିତ ହେଲେ ।

***(ଅନୁଚ୍ଛେଦ 2.1)***

### 1.5.2 *ଓଡିଶାରେ ବାୟୁ ଓ ଜଳ ପ୍ରଦୂଷଣର ପରିବେଶ ସମୀକ୍ଷା*

*2009-14 ବର୍ଷ ମଧ୍ୟରେ ପରିବେଶ ଉପରେ କରାଯାଇଥିବା ଅନୁପାଳନ ସମୀକ୍ଷାରୁ ପ୍ରକଟିତ ହେଲା ଯେ ପରିବେଶ ଅଧଃପତନରେ ବାୟୁ ଓ ଜଳ ପ୍ରଦୂଷଣର ବିଶ୍ୱବ୍ୟାପୀ ତାତ୍ପର୍ଯ୍ୟ ରହିଛି । ଜନ ଜୀବନ, ଉଦ୍ଭିଦ ଜଗତ, ପ୍ରାଣୀ ଜଗତ ଓ ଜଳବାୟୁ ପରିବର୍ତ୍ତନ ଉପରେ ବାୟୁ ପ୍ରଦୂଷଣ ଅନେକାଂଶରେ ପ୍ରଭାବ ପକାଇଥାଏ ।*

*ଶିଳ୍ପାୟନ ଓ ନଗରୀକରଣ ଯୋଗୁଁ ପରିବେଶ ସଂଦୁଷିତ ଓ ଧ୍ୱସ୍ତ ହେବା ସହିତ ଅନେକ କ୍ଷତି ପହଞ୍ଚାଇଥାଏ, ଯାହାକି ସମସ୍ତ ଜୀବମାନଙ୍କର ଜୀବନ ଧାରଣର ଗୁଣବତ୍ତା ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଏ ।*

*ଅନୁଗୁଳ-ତାଳଚେର, ଇବ୍ ଉପତ୍ୟକା ଏବଂ ଝାରସୁଗୁଡାଠାରେ ବ୍ୟାପକ ପରିବେଶ ପ୍ରଦୂଷଣ ସୂଚକାଙ୍କ ସଙ୍କଟମୟ ସ୍ତରରେ ରହୁଥିବା ଅବଲୋକନ କରାଯାଇଥିଲା । ପ୍ରସ୍ତର ପେଷଣ ୟୁନିଟ୍ ଗୁଡିକ ପ୍ରତିଷ୍ଠା କରିବା ସମ୍ମତି/ ଚାଲୁ କରିବା ସମ୍ମତି ବିନା ଚାଳନା କରିବା ଏବଂ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ଗୁଡିକ ଷ୍ଟକ ଏମିସନର ବାଞ୍ଛିତ ରୀତି ହାସଲ କରିବା ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଗୁଡିକର ପାର୍ଯ୍ୟା ବୃଦ୍ଧି ରେ ବିଳମ୍ବ କରିବା ପରିଲକ୍ଷିତ ହୋଇଥିଲା । ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମଧ ଯାନବାହନ ଯୋଗୁଁ ହେଉଥିବା ପ୍ରଦୂଷଣ ରୋକିବାରେ ଅସଫଳ ହେବା ଲକ୍ଷ୍ୟ କରାଯାଇଥିଲା ।*

*ଜଳର ଗୁଣବତ୍ତା ପର୍ଯ୍ୟାଲୋଚନା କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା । ମଳ ବିଶୋଧନାଗାରର ଅନୁପସ୍ଥିତି ଯୋଗୁଁ ଶିଳ୍ପ ସଂସ୍ଥାଗୁଡିକର ଅଣବିଶୋଧିତ ମଳ ଏବଂ ତତ୍ ସହିତ ରାଜ୍ୟ ପୌର ପାଳିକା ଗୁଡିକର ଅଣ ବିଶୋଧିତ ମଇଳା ପାଣି  ନିକଟସ୍ଥ ଜଳ ନିକାୟଗୁଡିକୁ ଖଲାସ କରାଯାଇଛି । କଟକ ନିକଟସ୍ଥ ମହାନଦୀର ତିନୋଟି ଉପନଦୀ ଏବଂ ଭୁବନେଶ୍ୱରରୁ ସଂଗ୍ରହ କରାଯାଇଥିବା ଜଳ ନମୁନା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରୟୋଗଶାଳାରେ ପରୀକ୍ଷଣ କରାଯାଇଥିଲା ଏବଂ ଏହା ବାୟୋ-କେମିକାଲ ଅକ୍ସିଜେନ୍ ଡିମାଣ୍ଡ(ବିଓଡି) ଦ୍ରବୀଭୂତ ଅମ୍ଳଜାନ(ଡିଓ) ଏବଂ ଟୋଟାଲ କଲିଫର୍ମ(ଟିସି) କ୍ଷେତ୍ରରେ ମାନାଦର୍ଶର ଅନୁପାଳନ ନ କରିବା ଦର୍ଶାଇଥିଲା । ଏତଦ୍ ବ୍ୟତୀତ, ସମ୍ମତି ପ୍ରଶାସନର ମାନାଦର୍ଶନରେ କୋହଳତା, କଣ୍ଟିନ୍ୟୁୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଙ୍ଗ୍ ଷ୍ଟେସନ୍ସ(ସିଏଏକ୍ୟୁଏମଏସ) ଏବଂ ଅନଲାଇନ ଏମିସନ ମନିଟରିଂ ସିଷ୍ଟମ(ଓଇଏମଏସ) କାର୍ଯ୍ୟାନ୍ୱୟନ ନ କରିବା କ୍ଷେତ୍ର ଗୁଡିକରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଆହୁରି ଉନ୍ନତି ଆଣିବା ଦରକାର । ପରିବେଶର ଗୁଣବତ୍ତା ବୃଦ୍ଧି ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ / ପ୍ରକଳ୍ପ ବାବଦରେ କୌଣସି ପରିମାଣ ବ୍ୟୟ କରାଯାଇନଥିଲା । ଏହା ବ୍ୟତୀତ ପ୍ରଦୂଷଣର ଉତ୍ସ ସମ୍ବନ୍ଧରେ ସଂପୂର୍ଣ୍ଣ ତଥ୍ୟାବଳୀର ଅଭାବ, ତାହାର ସମୟୋଚିତ ପର୍ଯ୍ୟାଲୋଚନା ଏବଂ ସର୍ତ୍ତମୂଳକ ସମ୍ମତି ଜାରି କରିବା ଫଳରେ ଏବାବଦରେ ଅଧିକ ପ୍ରଚେଷ୍ଟାର ଆବଶ୍ୟକତା ପଡୁଅଛି ।*

**(*ଅନୁଚ୍ଛେଦ 2.2*)**

## 1.6 ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ

### 1.6.1 ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା

ଶିକ୍ଷକ ଓ ମୌଳିକ ଉପକରଣର ସୁନିଶ୍ଚିତ କରା ନଯାଇ 10ଟି କୃଷି ବହୁବୃତ୍ତି କେନ୍ଦ୍ର ଖୋଲିଥିଲା । ଯାହାଫଳରେ ଆଇ.ସି.ଏ.ଆର ନିୟମାବଳୀର ଉଲ୍ଲଙ୍ଘନ କରି କୃଷି ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠାନ ଓ ଭିତ୍ତିଭୂମି କୃଷି ବହୁବୃତ୍ତି କେନ୍ଦ୍ର ପାଇଁ ବ୍ୟବହାର ହେଉଥିଲା । କୃଷି ବିଜ୍ଞାନ କେନ୍ଦ୍ରଗୁଡିକ ପାଇଁ ଆବଶ୍ୟକ ହେଉଥିବା ଅବଶେଷ ଜମି ପ୍ରଦାନ ନ ହେବା ଫଳରେ କୃଷି ବିଜ୍ଞାନ କେନ୍ଦ୍ରର ଲକ୍ଷ୍ୟସାଧନ ହୋଇପାରୁ ନଥିଲା । ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରଗୁଡିକରେ ଶିକ୍ଷକ ପଦବୀ ପୂରଣ ନ ହେବା ଫଳରେ କେନ୍ଦ୍ରିୟ ସହାୟତା ବିନିଯୋଗ ହୋଇ ନଥିଲା । ଏତଦ୍ ବ୍ୟତୀତ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ ହୋଇପାରୁ ନଥିଲା ।

**(*ଅନୁଚ୍ଛେଦ 3.1*)**

### 1.6.2 ନିରର୍ଥକ ପୁଞ୍ଜି ଲଗାଣ

କେନାଲ ବଣ୍ଟନ ବ୍ୟବସ୍ଥା ପାଇଁ ବିନା ଜମି ଅଧିଗ୍ରହଣରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ଶୀର୍ଷ କାର୍ଯ୍ୟ ନିର୍ବାହକ ଯୋଗୁଁ 5.50 କୋଟି ଟଙ୍କାର ନିରର୍ଥକ ପୁଞ୍ଜିଲଗାଣ ।

**(*ଅନୁଚ୍ଛେଦ 3.2*)**

### 1.6.3 ଠିକାଦାରଙ୍କୁ ଅନୁଚିତ୍ ଫାଇଦା

ନିର୍ବାହୀ ଯନ୍ତ୍ରୀ ହସ୍ତ ଖନନର ମୂଲ୍ୟ 33.48 ରୁ 43.77 ଟଙ୍କା ପ୍ରତି ଘ.ମି ଗ୍ରହଣ କରିଥିବା ବେଳେ ଦର ଖସଡା ଅନୁସାରେ ଯାନ୍ତ୍ରୀକ ଖନନର ମୂଲ୍ୟ 15.33 ଟଙ୍କା ପ୍ରତି ଘ.ମି । ଅଯୌକ୍ତିକ ହସ୍ତ ଖନନ ବ୍ୟବସ୍ଥା ଦ୍ୱାରା ସମୁଦାୟ 5.76 ଘ.ମି ପରିମାଣ ମାଟି ପାଇଁ ତିନି ଗୋଟି ବ୍ୟୟ ଅଟକଳରେ ବର୍ଦ୍ଧିତ ଚିଜ ଦର ପ୍ରତି ଘନ ମିଟରକୁ 18.10 ରୁ 28.39 ଟଙ୍କା ବ୍ୟୟ କରାଯାଇଥିଲା । ଚିଜ ଦରରେ ବର୍ଦ୍ଧିତ ଦର ପାଇଁ ସମୁଦାୟ ଅତିରିକ୍ତ ବ୍ୟୟ 1.79 କୋଟି ଟଙ୍କା ଯାହା ଠିକାଦାରଙ୍କୁ ଅନୁଚିତ୍ ଫାଇଦା ହେଲା ।

***(ଅନୁଚ୍ଛେଦ 3.3)***

### 1.6.4 ସରକାରୀ ଘରୋଇ ସହଭାଗିତା(ପିପିପି)ରେ ଶିଳ୍ପ ତାଲିମ କେନ୍ଦ୍ରଗୁଡିକର ପାହ୍ୟା ବୃଦ୍ଧି ଏବଂ ନୂତନ ପଲିଟେକନିକ ଗୁଡିକର ପ୍ରତିଷ୍ଠା

ଭାରତ ସରକାରଙ୍କ ପ୍ରୟୋଜନାରେ 2004-05 ରେ ଏକ ପରିକଳ୍ପନା କରାଯାଇଥିଲା ତାହା ହେଲା ସରକାରୀ ଘରୋଇ ସହଭାଗିତାରେ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଓ ବିନା ବିଶ୍ୱ ବ୍ୟାଙ୍କ୍ ସହାୟତାରେ ବିଶ୍ୱସ୍ତରୀୟ ମାନର ବହୁ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା ପାଇଁ ବର୍ତ୍ତମାନ ଚାଲୁ ରହିଥିବା ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ)ଗୁଡିକୁ ଉତ୍କର୍ଷର କେନ୍ଦ୍ର ଭାବେ ପାହ୍ୟା ବୃଦ୍ଧି କରିବା । ଯୋଜନା ଗୁଡ଼ିକ ରାଜ୍ୟର 11ଟି ଆଇଟିଆଇରେ 2004-05 ରୁ 2013-14 ଏବଂ 14ଟି ଆଇଟିଆଇରେ 2007-08 ରୁ 2013-14 ମଧ୍ୟରେ ଅନୁଷ୍ଠାନ ଉନ୍ନୟନ ଯୋଜନା (ଆଇଡିପି) ଅନୁଯାୟୀ ନିୟୋଜନ କରାଯାଇଥିଲା । ମାର୍ଚ୍ଚ 2014 ସୁଦ୍ଧା ଉତ୍କର୍ଷର କେନ୍ଦ୍ର ଭାବେ ପାହ୍ୟା ବୃଦ୍ଧି /ଆରମ୍ଭରେ ଅଭାବ ପରିଲିକ୍ଷିତ ହୋଇଥିଲା ଏବଂ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇନଥିଲା । ପ୍ରଶିକ୍ଷକଙ୍କର ଅଭାବ, ଅପ୍ରଚୁର ସରଞ୍ଜାମର ଏବଂ ଏନସିଭିଟି ଟ୍ରେଡର ଆଫିଲିଏସନ୍‌ରେ ବିଳମ୍ବ କାରଣରୁ ।

ଭାରତ ସରକାରଙ୍କ ପ୍ରୟୋଜନାରେ ନୂତନ ପଲିଟେକ୍ନିକ୍ ଗୁଡ଼ିକର ପ୍ରତିଷ୍ଠା ସବ୍‌ମିଶନର ଗୋଟିଏ ଉପାଦାନ ଭାବରେ ଦେଶର ପଛୁଆବର୍ଗ ଜିଲ୍ଲାଗୁଡ଼ିକରେ ଏକାଦଶ ଯୋଜନାରେ ପରିକଳ୍ପନା କରାଯାଇଥିଲା । ତଦନୁଯାୟୀ, 22ଟି ପଲିଟେକ୍ନିକ୍‌କୁ ଓଡ଼ିଶାରେ ପ୍ରତିଷ୍ଠା ପାଇଁ ସ୍ୱୀକୃତୀ ଦିଆଯାଇଥିଲା । ନିର୍ମାଣକାର୍ଯ୍ୟ ଆରମ୍ଭ ନ ହେବା, ଜମି ହସ୍ତାନ୍ତର ରେ ବିଳମ୍ବ ଏବଂ ଯୋଜନା ନିୟୋଜନରେ ପର୍ଯ୍ୟାଲୋଚନାର ଅଭାବ କାରଣରୁ 14ଟି ପଲିଟେକ୍ନିକ୍ ସମ୍ପୂର୍ଣ୍ଣ ହୋଇନଥିଲା । ଉପକରଣ ଏବଂ ଶିକ୍ଷାର୍ଥୀମାନଙ୍କର ପଞ୍ଜୀକରଣରେ ଅଭାବ ଛାତ୍ରମାନଙ୍କୁ ଉନ୍ନତ ନିଯୁକ୍ତୀ ପାଇଁ ଗୁଣବତ୍ତା ଶିକ୍ଷାରୁ ବଞ୍ଚିତ କରିଥିଲା ।

***(ଅନୁଚ୍ଛେଦ 3.4)***

### 1.6.5 ବୃକ୍ଷରୋପଣର କାର୍ଯ୍ୟାନ୍ୱୟନ ଓ ପ୍ରଭାବ

ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ସ୍ଥିର ହୋଇଥିବା ଲକ୍ଷ୍ୟ ଅନୁସାରେ ବିନା ଯାଞ୍ଚରେ ବନ ଖଣ୍ଡ ଦ୍ୱାରା ହୋଇଥିଲା । କେତେକ କ୍ଷେତ୍ରରେ ଆବଶ୍ୟକ ବୃକ୍ଷରୋପଣ ବିଭାଗ ଦ୍ୱାରା ନ ହୋଇ ଠିକାଦାରଙ୍କ ଦ୍ୱାରା ହୋଇଥିଲା । ଯଥା ସମୟରେ ପାଣ୍ଠି ବ୍ୟବସ୍ଥା ନ ହେବାରୁ କ୍ଷେତ୍ର ଅଧିକାରୀମାନେ ବୃକ୍ଷରୋପଣ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନରେ ବିଳମ୍ବ କରିଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ସମୟ ଅନୁସୃତ ହୋଇ ନଥିଲା । ମୂଳଗଣ୍ଡି ଓ ଚାରା ଗଛ ବିଭାଗ ଦ୍ୱାରା କିମ୍ବା ସିଲଭିକଲଚରିଷ୍ଟଙ୍କ ଦ୍ୱାରା ସଂଗୃହୀତ ନହୋଇ ଘରୋଇ ପକ୍ଷମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିଲା । ବନାଞ୍ଚଳ ଅଧିକାରୀ, ବନଖଣ୍ଡ

ଅଧିକାରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୃକ୍ଷ ରୋପଣ ସୁନିଶ୍ଚିତ କରିବାକୁ ସାମୟିକ ପର୍ଯ୍ୟବେକ୍ଷଣ ହୋଇ ନଥିଲା ।

***(ଅନୁଚ୍ଛେଦ 3.5)***

### 1.6.6 ବାସ୍ତବିକ ବର୍ତ୍ତମାନ ମୂଲ୍ୟର ଅଣ ଆଦାୟ

ଦୁଇଗୋଟି ବ୍ୟବହାରକାରୀ ସଂସ୍ଥା ଠାରୁ ଅଣ ବନ ବିନିଯୋଗ ପାଇଁ ନିର୍ଦ୍ଧାରିତ ବାସ୍ତବିକ ବର୍ତ୍ତମାନ ମୂଲ୍ୟ (ଏନପିଭି) 6 କୋଟି ପରିବର୍ତ୍ତେ 4.78 କୋଟି ଟଙ୍କା ଆଦାୟ କରାଯାଇଛି ଯାହା 1.22 କୋଟି ଟଙ୍କା କମ । ଉକ୍ତ ଅନାଦେୟ ରାଶିକୁ  ସଂପୃକ୍ତ ସଂସ୍ଥା ଜମା କରିନାହାଁନ୍ତି ବା ବନଖଣ୍ଡ ଅଧିକାରୀ ଅନାଦେୟ ରାଶି ପାଇଁ ତଲବ ନୋଟିସ ଜାରି କରିନାହାଁନ୍ତି ।

***(ଅନୁଚ୍ଛେଦ 3.6)***

### 1.6.7 ଗଡି କାଠ ଗୁଡିକର ଅଣ ନିକାଶ

2011-12 ଏବଂ 2012-13 ରେ 9,857 ସଂଖ୍ୟକ ଅନୁସନ୍ଧାନ ହୀନ ବନ ଅପରାଧ ମାମଲାରେ 39.25 ଲକ୍ଷ ଟଙ୍କା ମୂଲ୍ୟର ଗଡିକାଠ ଓ ଜଙ୍ଗଲ ଜାତ ଦ୍ରବ୍ୟ ଜବତ କରାଯାଇଥିଲା,  ଯାହାସବୁ ମାର୍ଚ୍ଚ 2014 ସୁଦ୍ଧା ଅନିକାଶିତ । ଯାହାଦ୍ୱାରା 39.25 ଲକ୍ଷ ଟଙ୍କାର ରାଜସ୍ୱ ଅବରୋଧ ହେଲା ।

***(ଅନୁଚ୍ଛେଦ 3.7)***

### 1.6.8 ଶିଳ୍ପ ନୀତି ସଂକଳ୍ପ 2007 ଅଧିନରେ ଏକକ ଝରକା ବ୍ୟବସ୍ଥା ଏବଂ ଆର୍ଥିକ ପ୍ରୋତ୍ସାହନର କାର୍ଯ୍ୟାନ୍ୱୟନ

ଶିଳ୍ପ ସଂକ୍ରାନ୍ତ ନୀତି ସଂକଳ୍ପ (ଆଇପିଆର), ରାଜ୍ୟରେ ଶିଳ୍ପ ସଂକ୍ରାନ୍ତ ଅଭ୍ୟୁଦୟ ଏବଂ ବିନିଯୋଗ ପ୍ରୋତ୍ସାହନ ପାଇଁ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କୌଶଳ ଅନ୍ତର୍ଭୁକ୍ତ ଏକ ନୀତି ଆଧାର ଅଟେ । 2 ମାର୍ଚ୍ଚ 2007 ଠାରୁ ଉପସ୍ଥାପନ ହେଲା ଯାହା ଶିଳ୍ପ ସଂସ୍ଥାଗୁଡିକୁ ଶିଳ୍ପ ସଂସ୍ଥାର ସ୍ଥାପନ ଏବଂ ଆର୍ଥିକ ପ୍ରୋତ୍ସାହନର ସଂପ୍ରସାରନରେ ସାହାଯ୍ୟ କରେ ।  ସ୍କିମର ସଂପାଦନ ଅଡିଟରୁ ଏହା ପ୍ରକଟ ହେଲା ଯେ ବର୍ଷକୁ ବର୍ଷ ସିଏଏଫର ସଂଖ୍ୟା କମ୍ ହେଉଛି । ଅଧିକନ୍ତୁ ଏସଏଲଏସଡବ୍ଲୁସିଏ / ଏଚଏଲସିଏ/ ଡିଏଲଏସଡବ୍ଲ୍ୟୁସିଏର ସଭାଗୁଡିକ ହେଉ ନଥିବାରୁ 2007-14 ମଧ୍ୟରେ ଗ୍ରହଣ କରାଯାଇଥିବା ସିଏଏଫଗୁଡିକର ଫାଇନାଲ ଏବଂ ଇପିକଲ ଦ୍ୱାରା ପର୍ଯ୍ୟାଲୋଚନାରେ ବିଳମ୍ବ ହେତୁ ବିଳମ୍ବ ହେଲା । ଅଡିଟ୍ ଅଧିକନ୍ତୁ ଆଇପିଆର ରେ ପ୍ରସ୍ତାବ ଅନୁସାରେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ସ୍କିମରେ ଅଭାବ ଦୃଷ୍ଟିଗୋଚର କଲା, ଯେପରିକି ସରକାରୀ ଷ୍ଟାମ୍ପ ସୁଲକରେ ରିହାତି, ମୁଲ୍ୟଯୁକ୍ତ କରର ଫେରସ୍ତ, ବୈଦ୍ୟୁତିକ ଶୁଳକରେ ରିହାତି ଇତ୍ୟାଦି ଅଯୋଗ୍ୟ ସଂସ୍ଥାଗୁଡିକୁ ଦିଆଯାଇଛି । ପର୍ଯ୍ୟାଲୋଚନା ଏବଂ ଅଭ୍ୟନ୍ତରୀଣ ନିୟନ୍ତ୍ରଣରେ ଉନ୍ନତି ଦରକାର ।

***(ଅନୁଚ୍ଛେଦ 3.8)***

### 1.6.9 ଅଟକଳରେ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ଅଧିକ ବ୍ୟୟ

ଅଟକଳରେ ଯାନ୍ତ୍ରୀକରୁ ହସ୍ତଚାଳିତ ଉପାୟରେ ଖନନ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ଆଇଟମ (ଚିଜ) ମୂଲ୍ୟ ବୃଦ୍ଧି ଏବଂ ଠିକାଦାରଙ୍କୁ 1.48 କୋଟି ଟଙ୍କା ର ଅହେତୁକ ଅନୁକମ୍ପା ।

***(ଅନୁଚ୍ଛେଦ 3.9)***

### 1.6.10 ଖିଲାପି ଠିକାଦାରଙ୍କ ଠାରୁ ସରକାରୀ ପାଉଣାର ଅଣ ଅସୁଲି

ଠିକାଦାର 5.26 କୋଟି ମୂଲ୍ୟର ବଳକା କାର୍ଯ୍ୟ ପରିତ୍ୟାଗ କରିଥିଲେ । ଚୁକ୍ତି ସର୍ତ୍ତ ଅନୁସାରେ ,ସେତିପାଇଁ 0.67 କୋଟି ସମାପିତ କ୍ଷତି (ଏଲଡି) ଆକଳନ ମୂଲ୍ୟର 10 ପ୍ରତିଶତ ଏବଂ 1.05 କୋଟି ଟଙ୍କା ଛାଡି ଯାଇଥିବା କାର୍ଯ୍ୟର 20 ପ୍ରତିଶତ (ମୋଟ 1.72 କୋଟି ଟଙ୍କା) ଠିକାଦାରଙ୍କ ଠାରୁ ଅସୁଲ ଯୋଗ୍ୟ ଥିଲା । ମାତ୍ର 19.80 ଲକ୍ଷ ଟଙ୍କା ଠିକାଦାରଙ୍କ ଦ୍ୱାରା ଠାରୁ ଅଧିକାର ରହିତ କରାଗଲା ଏବଂ ବଳକା 1.52 କୋଟି ସମାପିତ କ୍ଷତି ଏବଂ ଶାସ୍ତି ଅଣ ଅସୁଲ ରହିଲା ।

***(ଅନୁଚ୍ଛେଦ 3.10)***

### 1.6.11 ବୈଧତା ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କରଣ ନ ହେବାରୁ ଅଧିକ ବ୍ୟୟ

ସଂପ୍ରସାରିତ ବୈଧ ଅବଧି ମଧ୍ୟରେ ନିଲାମ ଚୁଡାନ୍ତ ନ କରିବାରୁ କେବଳ 1.11 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇନି, ରାସ୍ତା ଗୁଡିକର ଉନ୍ନତିକରଣ କାର୍ଯ୍ୟ ବିଳମ୍ବ ହୋଇଥିଲା ।

***(ଅନୁଚ୍ଛେଦ 3.11)***

### 1.6.12 ବୈଧତା ଅବଧି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନ ହେବାରୁ ଅଧିକ ବ୍ୟୟ

ନିଲାମ ଚୁଡାନ୍ତ କରଣରେ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବ ଯୋଗୁଁ ସଂପ୍ରସାରିତ ବୈଧତା ଅବଧି ରେ ଚୁକ୍ତି ସମ୍ପାଦିତ ହୋଇପାରି ନଥିଲା । କାମଟି ପୁନଃନିଲାମର 23.96 କୋଟିରେ ଟଙ୍କା ଫେବୃୟାରୀ 2016 ରେ ସମାପ୍ତ ହେବା ପାଇଁ ଠିକାଦାରଙ୍କୁ ପ୍ରଦାନ (ଫେବୃୟାରୀ 2014) କରାଗଲା । ଯାହାଦ୍ୱାରା 4.73 କୋଟି ଟଙ୍କା ଅଧିକ ବ୍ୟୟ ହେଲା ।

***(ଅନୁଚ୍ଛେଦ 3.12)***

### 1.6.13 ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଯଦିଓ ସବ୍‌ଗ୍ରେଡ୍ ସ୍ତରୀୟ ମାଟିର କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତରୁ ଅଧିକ, ବିଭାଜନ 150 ମିମି ରୁ 500 ମିମି ବାଲିର କାପିଗଂ ସ୍ତର ବ୍ୟବସ୍ଥା କରାଯାଇଥିଲା । ଗ୍ରାନୁଲାର ସବବେସ (ଜିଏସବି) ମୋଟା କମାଇ ଅଦରକାରୀ ବାଲି ସ୍ତର ବ୍ୟବସ୍ଥା କରି ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ 7.54 କୋଟି ଟଙ୍କା କରାଗଲା ।

***(ଅନୁଚ୍ଛେଦ 3.13)***

### 1.6.14 ଅଡିଟକୁ ପ୍ରତିଜବାବ

ମାର୍ଚ୍ଚ 2014 ସୁଦ୍ଧା 17ଟି ବିଭାଗକୁ ଜାରି ହୋଇଥିବା ଆଇଆରଗୁଡିକର ସମୀକ୍ଷାରୁ ଜଣାଗଲା ଯେ 2014 ମସିହା ଜୁନ୍ ମାସ ଶେଷ ସୁଦ୍ଧା 5,471 ଆଇଆରର 18,940 ଟି ଅନୁଚ୍ଛେଦ ବାକିଆ ରହିଛି । ସେଥିମଧ୍ୟରୁ 1,848 ଆଇଆରର 5,222 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ କାଳ ଧରି ମୀମାଂସା ନ ହୋଇ ରହିଛି । ଏପରିକି ଆଇଆର ପଠାଯିବାର ଏକ ମାସ ମଧ୍ୟରେ କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରାରମ୍ଭିକ ଉତ୍ତର ପାଇବା ଆବଶ୍ୟକ ଥିବାବେଳେ ମାର୍ଚ୍ଚ 2014 ସୁଦ୍ଧା ଜାରି ହୋଇଥିବା 1,115 ଟି ଆଇଆର କ୍ଷେତ୍ରରେ ମିଳିନଥିଲା ।

ଲେଖା ପରୀକ୍ଷାବେଳେ ନଜରକୁ ଆସିଥିବା ଗୁରୁତର ଅନିୟମିତତାମାନ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) ଙ୍କ ପ୍ରତିବେଦନରେ ସନିବିଷ୍ଟ କରାଯାଇ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ

କରାଯାଏ । ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ (ଡିସେମ୍ବର 1993), ଅଡିଟ୍ ରିପୋର୍ଟ ବିଧାନ ସଭାରେ ଉପସ୍ଥାପନ ହେବାର ତିନି ମାସ ମଧ୍ୟରେ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ/ସମୀକ୍ଷା/କାର୍ଯ୍ୟ ସଂପାଦନ ସମୀକ୍ଷା ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଶାସନିକ ବିଭାଗଗୁଡିକ ପ୍ରଦାନ କରିବା କଥା । 1997-98 ଠାରୁ 2011-12 ମଧ୍ୟରେ ନିମ୍ନରେ (ସାରଣୀ) ଦର୍ଶାଯାଇଥିବା ରିପୋର୍ଟଗୁଡିକ ଦିଆଯାଇଥିବା 17ଟି ବିଭାଗ ମଧ୍ୟରୁ 7 ଟି[2] ବିଭାଗ ମାର୍ଚ୍ଚ 2014 ସୁଦ୍ଧା ସଂପୃକ୍ତ ଅନୁଚ୍ଛେଦ ଓ ସଂପାଦନ ଗୁଡିକ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିବା ଦେଖାଯାଇଥିଲା ।

ପିଏସି ଦ୍ୱାରା ଦଶମ ବିଧାନ ସଭାର (1990-95) ପ୍ରଥମ ରିପୋର୍ଟ ଠାରୁ ତ୍ରୟୋଦଶ ବିଧାନ ସଭାର (2004-09) ଚାଳିଶି ତମ ରିପୋର୍ଟ ପର୍ଯ୍ୟନ୍ତ ପ୍ରଦତ୍ତ 573ଟି ଅଡିଟ୍ ରିପୋଟ ସମ୍ବନ୍ଧୀୟ ସୁପାରିଶ ମଧ୍ୟରୁ 89ଟି ସୁପାରିଶ ଉପରେ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତୀକ୍ଷା ଥିଲା (ମାର୍ଚ୍ଚ 2014) ।

***(ଅନୁଚ୍ଛେଦ 3.14)***

[2] ନିର୍ମାଣ, ଜଳସଂପଦ, କୃଷି, ଶକ୍ତି, ମତ୍ସ୍ୟ ଓ ପଶୁ ସଂପଦ, ଶିଳ୍ପ ଓ ଜଙ୍ଗଲ ବିଭାଗ ।

# ଅଧ୍ୟାୟ 2

# କାର୍ଯ୍ୟ ସମ୍ପାଦନ ସମୀକ୍ଷା


| ପରିଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| 2.1 | ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟ ସମ୍ପାଦନା ସମୀକ୍ଷା | 9-38 |
| 2.2 | ଓଡିଶାରେ ବାୟୁ ଓ ଜଳ ପ୍ରଦୂଷଣର ପରିବେଶ ସମୀକ୍ଷା | 39-68 |

# ଅଧ୍ୟାୟ 2
# କାର୍ଯ୍ୟ ସଂପାଦନା ସମୀକ୍ଷା

## ଜଳସମ୍ପଦ ବିଭାଗ

## *ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମର କାର୍ଯ୍ୟ ସମ୍ପାଦନା ସମୀକ୍ଷା*

### *କାର୍ଯ୍ୟନିର୍ବାହୀ ସାରାଂଶ*

*ରାଜ୍ୟ ଜଳସମ୍ପଦର ଯୋଜନା, ଉନ୍ନତି, ବିନିଯୋଗ ଓ ପରିଚାଳନାର କ୍ଷମତା ଜଳସମ୍ପଦ ବିଭାଗ(ଡିଓଡବ୍ଲୁଆର)କୁ ଦିଆଯାଇଅଛି । ଭାରତ ସରକାରଙ୍କ ଦ୍ୱାରା ଯୋଗାଇଦିଆଯାଇଥିବା ପାଣ୍ଠି ଓ ରାଜ୍ୟ ସରକାରଙ୍କ ନିଜସ୍ୱ ସମ୍ବଳ ମାଧ୍ୟମରେ ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟାନ୍ୱୟନ ହୋଇଥାଏ ।*

*ଭାରତ ସରକାର ଦେଶରେ ଜଳସେଚନର ଉନ୍ନତି କଳ୍ପେ ରାଜ୍ୟ ସରକାରମାନଙ୍କୁ ଆର୍ଥିକ ଋଣ ସହାୟତା ମାଧ୍ୟମରେ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଗୁଡିକ ସମ୍ପୂର୍ଣ୍ଣ ହେବା ସ୍ତରରେ ଅଛି ଏବଂ ରାଜ୍ୟ ସରକାରମାନଙ୍କ ସମ୍ବଳ ବିନିଯୋଗ କ୍ଷମତାର ବାହାରେ, ସେହି ପ୍ରକଳ୍ପର ଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ 1996-97 ବର୍ଷରେ ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ(ଏ.ଆଇ.ବି.ପି) କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଏ.ଆଇ.ବି.ପି ବିନିଯୋଗରେ କାର୍ଯ୍ୟାନ୍ୱୟନ ହେଉଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ସମୀକ୍ଷା ଏବଂ ସିଦ୍ଧାନ୍ତ ମାର୍ଚ୍ଚ 2003 ଏବଂ ମାର୍ଚ୍ଚ 2009 ଆର୍ଥିକ ବର୍ଷ ପାଇଁ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିଲା । ପୂର୍ବ ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ତ୍ରୁଟିଗୁଡିକ ପୂର୍ବବତ୍ ଲାଗି ରହିବା କାରଣରୁ 2009-14 ମଧ୍ୟରେ ଆଠଗୋଟି ବୃହତ୍ / ମଧ୍ୟମ ଏବଂ 13 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ନେଇ ପରବର୍ତ୍ତୀ କାର୍ଯ୍ୟ ସଂପାଦନା ସମୀକ୍ଷା(ମେ ରୁ ଜୁଲାଇ 2014) କରିବାକୁ ପ୍ରେରିତ କଲା । ଯୋଜନାର ଫଳପ୍ରଦ କାର୍ଯ୍ୟଧାରା, ଆର୍ଥିକ ପରିଚାଳନା ଏବଂ କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁସାରେ ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହ ପ୍ରକରଣ ପୁସ୍ତିକାର ବ୍ୟବସ୍ଥା ଏବଂ ଅନୁମୋଦିତ ଦର ଅନୁସୂଚୀ (ଏସଓଆର)ର ପୁନଃ ଆକଳନ କରିବା ଏହି ସମୀକ୍ଷାର ପ୍ରଧାନ ଉଦ୍ଦେଶ୍ୟ ।*

*କାର୍ଯ୍ୟ ସମ୍ପାଦନ ସମୀକ୍ଷାରୁ ଜଣାପଡିଲା ଯେ, ପୂର୍ବରୁ ଦର୍ଶାଯାଇଥିବା ସତ୍ତ୍ୱେ, ଜମି ଅଧିଗ୍ରହଣରେ ବିଳମ୍ବ, ଚୂଡାନ୍ତ ଚିତ୍ରାଙ୍କନ ଓ ନକ୍ସା ପ୍ରଦାନ ଏବଂ ପ୍ରତିବନ୍ଧକ ଶୂନ୍ୟ ପ୍ରକଳ୍ପସ୍ଥାନ ନ ଦେବା ଆଦି କାରଣରୁ ପ୍ରକଳ୍ପଗୁଡିକ ଏବେ ମଧ୍ୟ ସମୟ ଓ ବ୍ୟୟ ବୃଦ୍ଧି ଜନିତ କ୍ଷତିଗ୍ରସ୍ତ ହେଉଅଛି । ପ୍ରକଳ୍ପଗୁଡିକର ବ୍ୟୟଭାର ବୃଦ୍ଧି, ଉତ୍ପନ୍ନ ହେବାକୁ ଥିବା ଫାଇଦାର ଅନୁପାତ ଅବିଚଳିତ ଭାବେ କମିବା ଏବଂ କେତେକ ପ୍ରକଳ୍ପ ସମୟ ଅନୁସାରେ ସଂପୂର୍ଣ୍ଣ ହୋଇ ପାରି ନଥିଲା । କେତେକ କ୍ଷେତ୍ରରେ ଖର୍ଚ୍ଚ ଅନୁସାରେ ଫାଇଦାର ଅନୁପାତ (ବି.ସି.ଆର) ର ଭୁଲ୍ ଗଣନା ଦେଖିବାକୁ ମିଳିଥିଲା ।*

*ପ୍ରାକ୍‌କଳନରେ ଦର ଅନୁସୂଚୀରୁ ବ୍ୟତିକ୍ରମ, ଟେଣ୍ଡର ପ୍ରକ୍ରିୟାରେ ତ୍ରୁଟି ବିଚ୍ୟୁତି ଆଦି କାରଣରୁ ଅତିରିକ୍ତ ବ୍ୟୟ ପରିଲକ୍ଷିତ ହୋଇଥିଲା, ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଅଭିବୃଦ୍ଧିର ପ୍ରୟୋଜନ, ଦର ବୃଦ୍ଧି ଏବଂ ଅନ୍ୟାନ୍ୟ ତ୍ରୁଟିଗୁଡିକୁ ହିସାବକୁ ନେଇ 3157.97 କୋଟି ଟଙ୍କାର ଆର୍ଥିକ ସଂପୃକ୍ତିକରଣ ଦେଖିବାକୁ ମିଳିଥିଲା । ପ୍ରକଳ୍ପଗୁଡିକର ସମାପ୍ତିରେ ବିଳମ୍ବର ପରିଣାମ ସ୍ୱରୂପ ରାଜ୍ୟର ଜନସାଧାରଣ ସେହି ମାତ୍ରାରେ ନିଶ୍ଚିତ ଜଳସେଚନ ସୁବିଧାରୁ ବଞ୍ଚିତ ହେଲେ ।*

## 2.1 ଉପକ୍ରମ

ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଗୁଡିକ ପ୍ରଗାଢ ପୁଞ୍ଜିନିବେଶ ସ୍ୱଭାବର ଅଟେ ।ରାଜ୍ୟ ସରକାର ସୀମିତ ସମ୍ବଳ ମଧ୍ୟରେ ସମସ୍ତ ପ୍ରକଳ୍ପ ଗୁଡିକ ପାଇଁ ଆବଶ୍ୟକ ପାଣ୍ଠି ବହନ କରିବା ପାଇଁ ଅସମର୍ଥ ହେବା କାରଣରୁ ପ୍ରକଳ୍ପଗୁଡିକ ସଂପୂର୍ଣ୍ଣ ହେବାରେ ବିଳମ୍ବ ଏବଂ ଦେଶର ବହୁ ପ୍ରକଳ୍ପ ଏକ ଯୋଜନାରୁ ଅନ୍ୟ ଯୋଜନାକୁ ଗଡିଚାଲିଛି । ଫଳତଃ ଏହି ପ୍ରକଳ୍ପଗୁଡିକ ର ଖର୍ଚ୍ଚ ହୋଇଥିବା ରାଶି ଅଟକଳ ରହିବା ଏବଂ ଇପସିତ ଫାଇଦା ବାହାର କରିବାରେ ଦେଶ ଅସଫଳ ହେଲା । କେନ୍ଦ୍ର ସରକାରଙ୍କ ପାଇଁ ଏହା ଉଦବେଗର ବିଷୟ ଥିଲା । ଏହି ସବୁ ଅବସ୍ଥାକୁ ଭିତ୍ତିକରି ଭାରତ ସରକାର (ଜିଓଆଇ) ଦେଶରେ ଜଳସେଚନର ଉନ୍ନତି କଳ୍ପେ ଯେଉଁ ପ୍ରକଳ୍ପଗୁଡିକ ସମାପ୍ତିର ନିକଟତର ଅଛି, ସେଗୁଡିକର ତୁରନ୍ତ ସମାପ୍ତି ଲକ୍ଷ୍ୟରେ ରାଜ୍ୟ ସରକାର ମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ଜଳସେଚନର ଗତିକୁ ତ୍ୱରାନିତ କରିବା ନିମନ୍ତେ, ଯାହା ରାଜ୍ୟ ସରକାରମାନଙ୍କ ସମ୍ବଳ ସାଧନ ବାହାରେ, 1996-97 ବର୍ଷରେ ତ୍ୱରାନ୍ୱିତ ଜଳସେଚନ ଉପକାର ଭିତ୍ତିକ କାର୍ଯ୍ୟକ୍ରମ (ଏଆଇଡିପି) ଆରମ୍ଭ କଲେ ।

### 2.1.1 ସାଙ୍ଗଠନିକ ବ୍ୟବସ୍ଥା

ଓଡିଶା ସରକାରଙ୍କ ପ୍ରମୁଖ ଶାସନ ସଚିବଙ୍କ ଦାୟିତ୍ୱରେ ଥିବା ଜଳ ସଂପଦ ବିଭାଗ (ଡିଓଡବ୍ଲ୍ୟୁଆର) ରାଜ୍ୟରେ ଏଆଇବିପି ପାଣ୍ଠି ବିନିଯୋଗର ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ କରିଥାଏ । ସର୍ବୋଚ୍ଚ ଯନ୍ତ୍ରୀ, 5 ଜଣ[3] ମୁଖ୍ୟ ଯନ୍ତ୍ରୀ ଏବଂ ଅବବାହିକା ପରଚାଳନା (ସି.ଇ.ବିଏମ), 9[4] ଜଣ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଧିକ୍ଷଣ ଯନ୍ତ୍ରୀ (ସିସିଇ/ଏସଇ) ଏବଂ 32[5] ଜଣ ନିର୍ବାହୀ ଯନ୍ତ୍ରୀଙ୍କ ସହାୟତାରେ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ତଦାରଖ କରିଥାନ୍ତି ।

#### 2.1.1.1 ସମୀକ୍ଷାର ଉଦ୍ଦେଶ୍ୟ

ଏ.ଆଇ ବିପି ପାଣ୍ଠି ବିନିଯୋଗରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପଗୁଡିକର 1998-99 ରୁ 2004-05 ଏବଂ ଆଉଥରେ 2008-09 ଅବଧି ପାଇଁ ସମୀକ୍ଷା କରାଯାଇଥିଲା ଏବଂ ସମୀକ୍ଷା ସିଦ୍ଧାନ୍ତ ମାର୍ଚ୍ଚ 2003 ଏବଂ ମାର୍ଚ୍ଚ 2009 ରେ ଶେଷ ହୋଇଥିବା ବର୍ଷରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପୁଣି ଥରେ ସମୀକ୍ଷା କରିବା ପାଇଁ ସ୍ଥିର ହେଲା ଏବଂ ବର୍ତ୍ତମାନର କାର୍ଯ୍ୟ ସଂପାଦନ ସମୀକ୍ଷା ପ୍ରକଳ୍ପ ଗୁଡିକର ପୁନଃ ଆକଳନ ପାଇଁ ଅଭିପ୍ରେତ ଯେପରିକି;

---

[3] ସି.ଇ.ବି.ଏମ୍ ବୈତରଣୀ ସୁବର୍ଣ୍ଣରେଖା ବୁଢାବଳଙ୍ଗ ବେସିନ୍, ସିଇ, କାନୁପୁର ଜଳସେଚନ ପ୍ରକଳ୍ପ, ସି.ଇ ନିମ୍ନ ଇନ୍ଦ୍ର ଏବଂ ନିମ୍ନ ସୁକଟେଲ ଜଳସେଚନ ପ୍ରକଳ୍ପ, ସି.ଇ, କ୍ଷୁଦ୍ର ଜଳସେଚନ ଏବଂ ସି.ଇ.ବି.ଏମ୍ ଆର.ଭି.ଏନ୍ ବେସିନ୍ ।

[4] ସିସିଇ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସିସିଇ ଅପର କୋଲାବ ଜଳସେଚନ ପ୍ରକଳ୍ପ, ସିସିଇ ନିମ୍ନ ସୁକଟେଲ ଜଳସେଚନ ପ୍ରକଳ୍ପ, ଏସଇ, ସୁବର୍ଣ୍ଣରେଖା ଜଳସେଚନ ପ୍ରରକଳ୍ପ । ଏସ.ଇ, କାନୁପୁର ଜଳସେଚନ ପ୍ରକଳ୍ପ, ଏସ.ଇ ସମ୍ବଲପୁର ଜଳସେଚନ ସର୍କଲ, ଏସଇ କେବିକେ ସର୍କଲ, ଏସଇ, ସଦର୍ଣ୍ଣ ସର୍କଲ ଏବଂ ଏସଇ କେବିକେ(ଏମଆଇ) ସର୍କଲ ।

[5] ଇ.ଇଜ, ଜମ୍ବିରା ଡିଭିଜନ ନଂ 1, ଜମ୍ବିରା ଡିଭିଜନ ନଂ-II, ସୁବର୍ଣ୍ଣରେଖା ଜଳସେଚନ ବିଭାଜନ ନଂ-I, ସୁବର୍ଣ୍ଣରେଖା ଜଳସେଚନ ବିଭାଜନ ନଂ-II, ବେତନଟୀ କେନାଲ ବିଭାଜନ, ସାଳନ୍ଦୀ କେନାଲ ବିଭାଜନ, ଆନନ୍ଦପୁର ବ୍ୟାରେଜ୍ ବିଭାଜନ, ବିଦ୍ୟାଧରପୁର ବ୍ୟାରେଜ ବିଭାଜନ, କାନୁପୁର ହେଡ୍ ୱାର୍କ ବିଭାଜନ, ଥଇଥାନ ଶିବିର ଏବଂ ଗୃହ ବିଭାଜନ, କାନୁପୁର କେନାଲ ବିଭାଜନ, ତେଲେଙ୍ଗିରି ହେଡୱାର୍କସ ବିଭାଜନ, ତେଲେଙ୍ଗିରି କେନାଲ ବିଭାଜନ ରେଜ୍ ଜଳସେଚନ ବିଭାଜନ, ଗୁକୁରା ଜଳସେଚନ ବିଭାଜନ, ନିମ୍ନ ଇନ୍ଦ୍ର କେନାଲ ବିଭାଜନ ନଂ-I, ନିମ୍ନ ଇନ୍ଦ୍ର କେନାଲ ବିଭାଜନ ନଂ-II, ନିମ୍ନ ଇନ୍ଦ୍ର ଡ୍ୟାମ୍ ବିଭାଜନ ଆର୍ଥ ଡ୍ୟାମ୍ ବିଭାଜନ, ଏଲଏସଆଇପି, ଛେଳିଗଡ ହେଡ୍ ୱାର୍କସ ବିଭାଜନ, ଛେଳିଗଡ କେନାଲ ବିଭାଜନ, ଆର.ଆର.ସି ବିଭାଜନ ନଂ-I, II, III, IV, V ଏବଂ VI, ଏମଆଇ, ବଲାଙ୍ଗିର, ଏମଆଇ ବିଭାଜନ, ରାୟଗଡା, ଏମ.ଆଇ ବିଭାଜନ, ଖରିଆର, ଏମଆଇ ବିଭାଜନ, ଭବାନୀପାଟଣା ଏମଆଇ ବିଭାଜନ, ଜୟପୁର ।

- ଚିହ୍ନିତ ପ୍ରକଳ୍ପଗୁଡିକର ଚୟନ ପ୍ରକ୍ରିୟା ଉପଯୁକ୍ତ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ଉପରେ ଆଧାରିତ, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଏବଂ ତଦନୁସାରେ କାର୍ଯ୍ୟଗୁଡିକର ଅଗ୍ରାଧିକାରତା ଆଧାରରେ ବିସ୍ତୃତ ଯୋଜନା ପ୍ରଣାଳୀ ।
- ଆର୍ଥିକ ପରିଚାଳନା ଅବଲମ୍ବନରେ ପ୍ରକଳ୍ପଗୁଡିକରେ ଦର୍ଶାଯାଇଥିବା ଉଦ୍ଦେଶ୍ୟଗୁଡିକର ସଫଳତା ।
- ପରିଯୋଜନା ମାର୍ଗଦର୍ଶିକା / ପ୍ରକରଣ ପୁସ୍ତକାର ବ୍ୟବସ୍ଥା / ଏସ.ଓ.ଆର ଅନୁସାରେ କାର୍ଯ୍ୟାନ୍ୱୟନ ଏବଂ ଅଭିଳମ୍ବିତ ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ସାଧନ ନିମନ୍ତେ କାର୍ଯ୍ୟକ୍ରମ ।
- କାର୍ଯ୍ୟ ସଂପାଦନା ପରିଚାଳନା ଏବା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ପର୍ଯ୍ୟାପ୍ତ ।

### 2.1.1.2 *ସମୀକ୍ଷାର ମାନଦଣ୍ଡ*

ସମୀକ୍ଷାର ମାନଦଣ୍ଡ ନିମ୍ନଲିଖିତ ଉତ୍ସ ଉପରେ ପର୍ଯ୍ୟବେସିତ:

- କାର୍ଯ୍ୟକ୍ରମ ମାର୍ଗଦର୍ଶିକା, ଭାରତ ଓଡିଶା ସରକାରଙ୍କ ବାର୍ଷିକ ଯୋଜନା, ପରିପ୍ରେକ୍ଷଣ ଯୋଜନା, ନିୟମାବଳୀ, ଆଦେଶ/ ନିର୍ଦ୍ଦେଶାବଳୀ ।
- ଖର୍ଚ୍ଚ ଅନୁସାରେ ଫାଇଦାର ଅନୁପାତକୁ (ବିସିଆର) ସୂଚିତ କରି ଅର୍ଥ ବିନିଯୋଗର ମୂଲ୍ୟ ନିରୂପଣ ।
- ସବିସ୍ତାର ପ୍ରକଳ୍ପ ପ୍ରତିବେଦନ, ମାନକ ବିନିର୍ଦ୍ଦେଶ, ଦର ଅନୁସୂଚୀ ଏବଂ ଚୁକ୍ତି ସର୍ତ୍ତାବଳୀ ।
- ନୀତି ମାର୍ଗଦର୍ଶିକା,ମୂଖ୍ୟ ଯୋଜନା ଏବଂ ପ୍ରକଳ୍ପଗୁଡିକର କାର୍ଯ୍ୟାନୟ୍ନର ମାନଦଣ୍ଡ ।
- ଓଡିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବଲ୍ୟୁଡି) ଏବଂ ପ୍ରକରଣ ପୁସ୍ତିକା ।

### 2.1.1.3 *ପରିସର ଓ ପଦ୍ଧତି*

ମେ ରୁ ଜୁଲାଇ 2014 ମଧ୍ୟରେ 2009-14 ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ସଂପାଦନ ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପଗୁଡିକ ପାଇଁ ବଜେଟରେ ପାଣ୍ଠି ଆବଣ୍ଟନ/ପ୍ରକୃତ ଖର୍ଚ୍ଚ ସହିତ ଭୌଗୋଳିକ କ୍ଷେତ୍ରର ପ୍ରତିନିଧିତ୍ୱକୁ ବିଚାରକୁ ନେଇ ଷ୍ଟାଟିଫାଏଡ ର୍ୟାଣ୍ଡମ ସାମ୍ପଲିଂ ପ୍ରଣାଳୀରେ 12 ଗୋଟି ବୃହତ /ମଧ୍ୟମ ଏବଂ 60 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ରୁ ଆଠଟି[6] ବୃହତ୍/ମଧମ ପ୍ରକଳ୍ପ ଏବଂ 13ଟି[7] କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବଛାଯାଇଥିଲା । ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, କାର୍ଯ୍ୟ ପରିସର ଏବଂ ପ୍ରଣାଳୀ ବିଷୟରେ 25 ଅପ୍ରେଲ 2014 ରେ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହିତ ହୋଇଥିବା ପ୍ରବେଶ ସମ୍ମିଳନୀର ଆଲୋଚିତ ହୋଇଥିଲା ।

ଚିଠା କାର୍ଯ୍ୟ ସଂପାଦନ ସମୀକ୍ଷା ସରକାରଙ୍କ ପାଖକୁ ଅଗଷ୍ଟ 2014 ରେ ପଠାଯାଇଥିଲା ଏବଂ ନଭେମ୍ବର 2014 ରେ ଅନୁଷ୍ଠିତ ପ୍ରସ୍ତାବ ସମ୍ମିଳନୀରେ ମଧ୍ୟ ଆଲୋଚିତ ହୋଇଥିଲା । ସରକାରଙ୍କ ପ୍ରଦତ୍ତ ମତ ବିଚାରକୁ ନେଇ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତି କରାଯାଇଥିଲା ।

---

6 ସୁବର୍ଣ୍ଣରେଖା ଜଳଚେସନ ପ୍ରୋଜେକ୍ଟ, କାନୁପୁର ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କ୍ଷୁଦ୍ର ସୁକତେଲ ପ୍ରକଳ୍ପ, ରେଟ୍ ଜଳସେଚନ ପ୍ରକଳ୍ପ, ରୁକୁରା ଜଳସେଚନା ପ୍ରକଳ୍ପ ଏବଂ ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ ।

7 କଙ୍ଗୁବାଡି, ଆଙ୍କମରା, ମଙ୍ଗଳାଜୋର, ସୁବର୍ଣ୍ଣରେଖା, ଜରହିଆଗୁଡା, ବୁଦ୍ରାପରା, ସୁଳିଆପାହାଲ, ବାଥର୍ଲା, ଦୈତାରିମୁଣ୍ଡା, ଆନ୍ଧିରାଇଜୋର, ତୁକୁଗୁଡା, ଲାକିଟିଗୁରା ଓ ଆସଙ୍ଗ ।

## ସମୀକ୍ଷା ସିଦ୍ଧାନ୍ତ

## 2.1.2 ପ୍ରକଳ୍ପ ଗୁଡିକର ଯୋଜନା ଏବଂ ପର୍ଯ୍ୟବେକ୍ଷଣ

### 2.1.2.1 ଜଳସେଚନର ଲକ୍ଷ୍ୟ

ନିର୍ଦ୍ଧାରିତ 1.65 ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଲକ୍ଷ୍ୟରୁ 2009-14 ଅବଧି ମଧ୍ୟରେ ବିଭାଗ କେବଳ 0.66 ଲକ୍ଷ ହେକ୍ଟର (ହାରାହାରି 40 ପ୍ରତିଶତ) ଜଳସେଚନ ସୃଷ୍ଟି କରିପାରିଥିଲା ଏବଂ ଏହା 11 ରୁ 68 ପ୍ରତିଶତ ବର୍ଗର ଥିଲା ଯାହା ପୁଙ୍ଖାନୁପୁଙ୍ଖ ଭାବରେ ନିମ୍ନରେ ସୂଚିତ କରାଯାଇଛି ।

**ସାରଣୀ ସଂଖ୍ୟା : 2.1 ଜଳସେଚନ ଲକ୍ଷ୍ୟ ହାସଲର ପ୍ରତିଶତ**

**(ହେକ୍ଟରରେ)**

| ବର୍ଷ | ସମ୍ଭାବ୍ୟ ସେଚନ ପାଇଁ ଧାର୍ଯ୍ୟ ଲକ୍ଷ୍ୟ | ସମ୍ଭାବ୍ୟ ସେଚନ ସୃଷ୍ଟିରେ ସଫଳତା | ସଫଳତାରେ ହ୍ରାସ | ସଫଳାତାର ପ୍ରତିଶତ |
|---|---|---|---|---|
| 2009-10 | 29,500 | 18,766 | 10,734 | 64 |
| 2010-11 | 38,550 | 26,100 | 12,450 | 68 |
| 2011-12 | 41,046 | 10,080 | 30,966 | 25 |
| 2012-13 | 37,030 | 4,179 | 32,851 | 11 |
| 2013-14 | 19,000 | 7,035 | 11,965 | 63 |
| ମୋଟ | **1,65,126** | **66,160** | **98,966** | **40** |

*ଉତ୍ସ : ସର୍ବୋଚ୍ଚ ଯନ୍ତ୍ରୀ (ଜଳ ସମ୍ପଦ)ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା*

ନିର୍ଦ୍ଧାରିତ ଲକ୍ଷ୍ୟ ହାସଲରେ ହ୍ରାସ ମୁଖ୍ୟତଃ ଜମି ଅଧିଗ୍ରହଣ ବିନା କାର୍ଯ୍ୟ ଆରମ୍ଭ କରିବା, ଥଇଥାନ ଏବଂ ପୁନର୍ବସତି ସହାୟତା ରାଶି ପ୍ରଦାନରେ ବିଳମ୍ବ, ଅନୁପଯୁକ୍ତ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ଏବଂ ବିଭିନ୍ନ ପ୍ରକାର ପ୍ରକଳ୍ପ କାର୍ଯ୍ୟ ସମକାଳୀନ ନ ହେବା ଇତ୍ୟାଦି ଯାହା ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ଆଲୋଚିତ ହୋଇଅଛି । ଏହି ପ୍ରକଳ୍ପଗୁଡିକ ସଂପୂର୍ଣ୍ଣ ନ ହେବା ଦ୍ୱାରା କେବଳ ସମୟ ଓ ବ୍ୟୟ ବୃଦ୍ଧି ନୁହେଁ, ଲୋକମାନେ ନିଶ୍ଚିତ ଜଳସେଚନ ବଞ୍ଚିତ ହେଲେ ।

### 2.1.2.2 ଅନୁପଯୁକ୍ତ ଯୋଜନା ସହିତ ପ୍ରକଳ୍ପଗୁଡିକର ନିର୍ମାଣ

ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ସାରିବାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଅନୁଦାନ ହିସାବରେ ସହାୟତା ଏଆଇବିପି ମାଧ୍ୟମରେ ଯୋଗାଇ ଦେଇଥାନ୍ତି । ଓଡିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି) ର ବ୍ୟବସ୍ଥା ଅନୁସାରେ ନିର୍ମାଣ ପୂର୍ବ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ କରି ପ୍ରକଳ୍ପ ଗୁଡିକର କାର୍ଯ୍ୟାନ୍ୱୟନ ଯୋଜନାବଦ୍ଧ ଭାବରେ ବ୍ୟବସ୍ଥିତ କରିବ ଯେମିତିକି ମୂଳ ଆବଶ୍ୟକତା ଯଥା –ଜମି, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ଆୟାକଟ[8] ଯୋଜନା, ବିଭିନ୍ନ ଉପାଦାନର ନକ୍ସା ଏବଂ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନଙ୍କର ଥଇଥାନ ଏବଂ ପୁନର୍ବସତି କାର୍ଯ୍ୟ ଆଦି ଅନ୍ୟ ବିଭାଗମାନଙ୍କର ସହଯୋଗ ନେଇ ପ୍ରକଳ୍ପ ଗୁଡିକ ଠିକ ସମୟରେ ସଂପୂର୍ଣ୍ଣ କରିବା ବିଭାଗର ଦାୟିତ୍ୱ ।

ସମୀକ୍ଷାରୁ ଦେଖାଗଲା ଯେ ଅନୁପଯୁକ୍ତ ଯୋଜନା କାରଣରୁ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପ୍ରଭାବିତ ହେଲା । ଯେଉଁଥିପାଇଁ ସମୟ ଓ ବ୍ୟୟ ବୃଦ୍ଧି ଘଟିଲା । ଯାହାର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

8 ଜଳସେଚନ ପାଇଁ ପ୍ରାକକଳିତ କ୍ଷେତ୍ର ।

## ସାରଣୀ ସଂଖ୍ୟା 2.2 ସଂଶୋଧିତ ମୂଲ୍ୟରେ କାର୍ଯ୍ୟ ଚାଲିଥିବା ପ୍ରକଳ୍ପ ଗୁଡିକର ବିଶଦ ବିବରଣୀ

| କ୍ର.ସଂ. | ପ୍ରକଳ୍ପର ନାମ | ମୂଳ ପ୍ରସ୍ତାବ | | | ବର୍ତ୍ତମାନ ସ୍ଥିତି | ବିଳମ୍ବର ପ୍ରଭାବ | ଉତ୍ତର/ ମନ୍ତବ୍ୟ |
|---|---|---|---|---|---|---|---|
| | | ବର୍ଷ | ମୂଲ୍ୟ (କୋଟି ଟଙ୍କାରେ) | ଶେଷ ପାଇଁ ଧାର୍ଯ୍ୟ ବର୍ଷ | | | |
| 1. | ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ (ଏସଆଇପି) | 1996-97 | 1013.68 | 2001-02 | ଜମି ଅଧିଗ୍ରହଣରେ ସମସ୍ୟା, ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନଙ୍କର ଥଇଥାନ ଓ ପୁନର୍ବସତି, ବିଭିନ୍ନ ଉପାଦାନର ନକ୍ସା ପ୍ରସ୍ତୁତି ଏବଂ କେନାଲର ଗତିପଥ ପରିବର୍ତ୍ତନରେ ବଡଧରଣର ବ୍ୟତିକ୍ରମ କାରଣରୁ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇପାରିନାହିଁ | ପ୍ରକଳ୍ପର ମୂଲ୍ୟ 2012-13 ରେ 5629.64 କୋଟି ଟଙ୍କାକୁ ବୃଦ୍ଧି ଘଟିଥିଲା (555 ପ୍ରତିଶତ) । 2431.15 କୋଟି ଟଙ୍କା ଖର୍ଚ୍ଚ କରିସାରିଲା ପରେ (ମାର୍ଚ୍ଚ 2014) 109627 ହେକ୍ଟର ଜଳସେଚନ ଲକ୍ଷ୍ୟରୁ ମାତ୍ର 18381 ହେକ୍ଟର(17 ପ୍ରତିଶତ) ସେଚନ ହାସଲ ହୋଇପାରିଛି | ସରକାର କହିଲେ (ଅକ୍ଟୋବର 2014) ଯେ ସିଡବ୍ଲୁସି ସଂଶୋଧିତ ମୂଲ୍ୟକୁ ଅନୁମୋଦନ କରିଛି ଏବଂ ସମ୍ପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ ତାରିଖ ମାର୍ଚ୍ଚ 2017 ପର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । |
| 2. | ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ଏଲଆଇଆଇପି) | 1999-00 | 211.70 | 2003-04 | ଜମି ଅଧିଗ୍ରହଣରେ ବିଳମ୍ବ ତ୍ରୁଟିପୂର୍ଣ୍ଣ ନକ୍ସା ପ୍ରସ୍ତୁତି, ସ୍ପିଲ୍‌ଓ୍ୱେ ସଂପୂର୍ଣ୍ଣ ହେବା ପୂର୍ବରୁ ନଦୀ ଫାଙ୍କ ବନ୍ଦ କରିବା ହେତୁ ବନ୍ୟାଜଳ ପ୍ରବାହିତ ହେବା କାରଣରୁ ବନ୍ଧର ମୂଳ ଖାଇଯିବା ଏବଂ ଠିକାଦାରଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ନିର୍ବାହ ହେତୁ ପ୍ରକଳ୍ପଟି ସଂପୂର୍ଣ୍ଣ ହୋଇପାରିଲା ନାହିଁ । | ପ୍ରକଳ୍ପର ମୂଲ୍ୟ 2012-13 ରେ 1624.49 କୋଟି ଟଙ୍କା ବୃଦ୍ଧି ଘଟିଥିଲା । (767 ପ୍ରତିଶତ), ସଂପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ ସମୟର୧୦ ବର୍ଷ ପରେ ମାର୍ଚ୍ଚ 2014 ସୁଦ୍ଧା 1218.69 କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ମଧ୍ୟ ପ୍ରକଳ୍ପଟି ସଂପୂର୍ଣ୍ଣ ହୋଇନ ଥିଲା ଏବଂ ସେଚନ ସୁବିଧା ମଧ୍ୟ ହାସଲ ହୋଇପାରି ନଥିଲା । । | ସରକାର (ଅକ୍ଟୋବର 2014) କହିଲେ ଯେ ଖାଇଯାଇଥିବା ବନ୍ଧର ମୂଳ ତିଆରି କାର୍ଯ୍ୟ ସଂପୂର୍ଣ୍ଣ ହେବା ଉପରେ । |
| 3. | ନିମ୍ନ ସୁକତେଲ ଜଳସେଚନ ପ୍ରକଳ୍ପ(ଏଲଏସ ଆଇପି) | 1999-00 | 217.13 | 2003-04 | ଜଳମଗ୍ନ କ୍ଷେତ୍ରର ବାସଚ୍ୟୁତ ପରିବାରଗୁଡିକୁ କ୍ଷତିପୂରଣ ପ୍ରଦାନ ନ ହେବାରୁ ସେମାନେ ଆନ୍ଦୋଳନ କଲେ ଏବଂ ଠିକାଦାର କାର୍ଯ୍ୟ ଆରମ୍ଭ କରିପାରିଲା ନାହିଁ । ସେଥିପାଇଁ ଚୁକ୍ତି ସମାପ୍ତି ଘଟିଲା ଏବଂ ଓଡିଶା ନିର୍ମାଣ ନିଗମ (ଓ.ସି.ସି) କୁ କାର୍ଯ୍ୟ ପ୍ରଦାନ | ପ୍ରକଳ୍ପର ସଂଶୋଧିତ ମୂଲ୍ୟ 2008-09 ରେ 1041.81 (480 ପ୍ରତିଶତ) କୋଟି ଟଙ୍କାକୁ ବୃଦ୍ଧି ଘଟିଥିଲା।, ମାର୍ଚ୍ଚ 2014 ମଧ୍ୟରେ 428.36 କୋଟି ଟଙ୍କା ଖର୍ଚ୍ଚ ପରେ ମଧ୍ୟ କାର୍ଯ୍ୟଟି ଅଚଳ ଅବସ୍ଥାରେ ରହିଥିଲା ।। | ସରକାର କହିଲେ (ଅକ୍ଟୋବର 2014) ଯେ କାର୍ଯ୍ୟ ଅପ୍ରେଲ 2013ରୁ ହାତକୁ ନିଆଯାଇଛି । |

| କ୍ର.ସଂ. | ପ୍ରକଳ୍ପର ନାମ | ମୂଳ ପ୍ରସ୍ତାବ | | | ବର୍ତ୍ତମାନ ସ୍ଥିତି | ବିଳମ୍ବର ପ୍ରଭାବ | ଉତ୍ତର/ ମନ୍ତବ୍ୟ |
|---|---|---|---|---|---|---|---|
| | | ବର୍ଷ | ମୂଲ୍ୟ (କୋଟି ଟଙ୍କାରେ) | ଶେଷ ପାଇଁ ଧାର୍ଯ୍ୟ ବର୍ଷ | | | |
| | | | | | କରାଗଲା, ଅଧିକନ୍ତୁ କେନାଲ ଆଲାଇନ୍ମେଣ୍ଟ ଚୂଡାନ୍ତରେ ବିଳମ୍ବ ହେତୁ ପ୍ରକଳ୍ପ ଟି ସଂପୂର୍ଣ୍ଣ ହୋଇପାରିଲା ନାହିଁ । | | |
| 4. | ରେଡ଼ ଜଳସେଚନ ପ୍ରକଳ୍ପ | 2003-04 | 86.14 | 2007-09 | ନକ୍ସା ଚୂଡାନ୍ତ କରଣରେ ବିଳମ୍ବ ହେତୁ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନ ଥିଲା । | ପ୍ରକଳ୍ପର ସଂଶୋଧିତ 2012-13 ରେ 433.39 କୋଟି ଟଙ୍କା (503 ପ୍ରତିଶତ) ହୋଇଥିଲା । ମାର୍ଚ୍ଚ 2014 ସୁଦ୍ଧା 182.30 କୋଟି ଟଙ୍କା ଖର୍ଚ୍ଚ ହୋଇ ପ୍ରକଳ୍ପ ଟି ଅସଂପୂର୍ଣ୍ଣ ରହିଥିଲା । | ସରକାର କହିଲେ (ଅକ୍ଟୋବର 2014) ଯେ ସ୍ପିଲୱେ ଜି.ଏ.ଡି ର ମୁଖ୍ୟ ଅଂଶର ନକ୍ସା ହସ୍ତଗତ ହୋଇସାରିଛି ଏବଂ କାର୍ଯ୍ୟ ପୂର୍ଣ୍ଣ ମାତ୍ରାରେ ଆଗେଇ ଚାଲିଛି । |
| 5. | ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ | 2003-04 | 106.18 | 2007-08 | ସ୍ପିଲୱେ ନକ୍ସାର ଚୂଡାନ୍ତ କରା ନ ହେବାରୁ ପ୍ରକଳ୍ପ ଟି ଅସଂପୂର୍ଣ୍ଣ ରହିଥିଲା । ପୁନଶ୍ଚ ଜମି ଅଧିଗ୍ରହଣ ନ ହେବା କାରଣରୁ ମୁଖ୍ୟ କେନାଲର ପ୍ରମୁଖ ଭାଗ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନ ଥିଲା । | ପ୍ରକଳ୍ପର ସଂଶୋଦିତ ମୂଲ୍ୟ 2009-10ରେ 474.04 କୋଟି ଟଙ୍କା (446 ପ୍ରତିଶତ) କୁ ବୃଦ୍ଧି ଘଟିଥିଲା । 325.72 କୋଟି ଟଙ୍କା ଖର୍ଚ୍ଚ କରିସାରିଲା ପରେ ମଧ୍ୟ ପ୍ରକଳ୍ପଟି ଅସଂପୂର୍ଣ୍ଣ ରହିଥିଲା । | ସରକାର କହିଲେ (ଅକ୍ଟୋବର 2004 ) ଯେ ସ୍ପିଲୱେ ନକ୍ସାର ଚୂଡାନ୍ତ କରଣ ପରେ ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ । |
| 6. | ରୁକୁରା ଜଳସେଚନ ପ୍ରକଳ୍ପ | 2009-10 | 155.48 | 2013-14 | ସ୍ପିଲୱେ ନକ୍ସାର ଚୂଡାନ୍ତକରଣରେ ବିଳମ୍ବ ଏବଂ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନଙ୍କର ଥଇଥାନ ସମସ୍ୟା କାରଣରୁ ପ୍ରକଳ୍ପ ସଂପୂର୍ଣ୍ଣ ହୋଇପାରି ନ ଥିଲା । | ପ୍ରକଳ୍ପର ସଂଶୋଧିତ ମୂଲ୍ୟ 2012-13 ରେ 256.09 କୋଟି ଟଙ୍କା (165 ପ୍ରତିଶତ) ହୋଇଥିଲା । ମାର୍ଚ୍ଚ 2014 ସୁଦ୍ଧା 119.77 କୋଟି ଟଙ୍କା ଖର୍ଚ୍ଚ ହୋଇ ପ୍ରକଳ୍ପଟି ସଂପୂର୍ଣ୍ଣ ହୋଇପାରି ନ ଥିଲା । | ସରକାର କହିଲେ (ଅକ୍ଟୋବର 2014) ଯେ ପ୍ରକଳ୍ପର ଜି.ଏ.ଡି ମାର୍ଚ୍ଚ 2014 ରେ ହସ୍ତଗତ ହେଲା ।ପ୍ରକଳ୍ପ ଅବଧି ମାର୍ଚ୍ଚ 2016 ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଅଛି ଏବଂ ସେହି ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇଯିବ । |
| 7. | କାନୁପୁର ଜଳସେଚନ ପ୍ରକଳ୍ପ (କେଆଇପି) | 2003-04 | 428.32 | 2007-08 | ନକ୍ସା ଚୂଡାନ୍ତ କରଣରେ ବିଳମ୍ବ ଏବଂ ବ୍ୟାପକ ବ୍ୟତିକ୍ରମ କାରଣରୁ ପ୍ରକଳ୍ପର ସ୍ପିଲୱେ ସଂପୂର୍ଣ୍ଣ ହୋଇପାରି ନ ଥିଲା । ମାଟି ବନ୍ଧ ନିର୍ମାଣ କର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ଥିଲା । | ପ୍ରକଳ୍ପର ମୂଲ୍ୟ 2013-14 ରେ 1801-25 କୋଟି ଟଙ୍କାକୁ ସଂଶୋଧିତ ହୋଇଥିଲା (421 ପ୍ରତିଶତ) ମାର୍ଚ୍ଚ 2014 ପର୍ଯ୍ୟନ୍ତ 1018.28 କୋଟି ଟଙ୍କା ଏହି ପ୍ରକଳ୍ପରେ ଖର୍ଚ୍ଚ ହୋଇଥିଲା ।। | ସରକାର ଜଣାଇଲେ (ଅକ୍ଟୋବର 2014) ଯେ ସି.ଡବ୍ଲ୍ୟୁ.ସି ସଂଶୋଧିତ ମୂଲ୍ୟକୁ ଅନୁମୋଦନ କରିଛି ଏବଂ ସଂପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ ସମୟକୁ ମାର୍ଚ୍ଚ 2017 ପର ପର୍ଯ୍ୟନ୍ତ ସଂପ୍ରସାରଣ କରିଛନ୍ତି । |
| 8. | ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ (ଏବିପି) | 2005-06 | 482.26 | 2009-10 | ଚିତ୍ରାଙ୍କନ ଓ ନକ୍ସା ଚୂଡାନ୍ତକରଣ ନହେବାରୁ | ପ୍ରକଳ୍ପର ମୂଲ୍ୟ 2010-11 ରେ 1603.40 କୋଟି ଟଙ୍କାକୁ (33 | ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଚିତ୍ରାଙ୍କନ ଚୂଡାନ୍ତକରଣ |

| କ୍ର.ସଂ. | ପ୍ରକଳ୍ପର ନାମ | ମୂଳ ପ୍ରସ୍ତାବ | | | ବର୍ତ୍ତମାନ ସ୍ଥିତି | ବିଳମ୍ବର ପ୍ରଭାବ | ଉତ୍ତର/ ମନ୍ତବ୍ୟ |
|---|---|---|---|---|---|---|---|
| | | ବର୍ଷ | ମୂଲ୍ୟ (କୋଟି ଟଙ୍କାରେ) | ଶେଷ ପାଇଁଧାର୍ଯ୍ୟ ବର୍ଷ | | | |
| | | | | | ବୈତରଣୀ ନଦୀ ଉପରେ ନିର୍ମାଣାଧିନ ବ୍ୟାରେଜ୍ କାର୍ଯ୍ୟ ସମାପ୍ତ ହୋଇ ପାରି ନଥିଲା । 73 କିମି ମୂଖ୍ୟ କେନାଲ କାର୍ଯ୍ୟରୁ ମାତ୍ର 9 କିମି ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । | ପ୍ରତିଶତ) ବୃଦ୍ଧି ଘଟିଥିଲା । ମାର୍ଚ୍ଚ 2014 ପର୍ଯ୍ୟନ୍ତ 525.73 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । | ନହେବା କାରଣରୁ ବ୍ୟାରେଜ ନିର୍ମାଣରେ ବିଳମ୍ବ ଘଟିଲା ବିଚାର କରିବା ଉଚିତ୍ ନୁହେଁ । କାରଣ ଏଥିପାଇଁ ସିଡବ୍ଲୁସିକୁ ବହୁତ ତଥ୍ୟ ଦେବାକୁ ପଡିଥାଏ । କିନ୍ତୁ ସିଡବ୍ଲୁସି କୁ ଚିତ୍ରାଙ୍କନ ଓ ନକ୍ସା ଚୂଡାନ୍ତକରଣ ପାଇଁ ଆବଶ୍ୟକ ତଥ୍ୟ ଦେବାରେ ବିଳମ୍ବ ପାଇଁ ବିଭାଗ ଦାୟୀ ଥିଲା । |

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ଅନୁପେଯାଗୀ ଯୋଜନା ହେତୁ 2,700.89 କୋଟି ଟଙ୍କାରୁ 12,864.11 କୋଟିକୁ ହାରାହାରି ବୃଦ୍ଧି 476 ପ୍ରତିଶତ ମୂଲ୍ୟ ବୃଦ୍ଧି ଘଟିଲା । ଆହୁରି ମଧ୍ୟ ସମୟର ଅପଚୟ ହେଲା,ଯେଉଁଥିପାଇଁ ପ୍ରଚୁର ଅର୍ଥ ଖର୍ଚ୍ଚ କରିସାରଲା ପରେ ମଧ୍ୟ ଜନସାଧାରଣ ଜଳସେଚନ ସୁବିଧାରୁ ବଞ୍ଚିତ ହେଲେ ।

### 2.1.2.3 ଜମି ଅଧିଗ୍ରହଣ ବିନା କାର୍ଯ୍ୟ ସଂପାଦନା

ଓଡିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.7.4 ର ବ୍ୟବସ୍ଥା ଅନୁସାରେ ଆବଶ୍ୟକ ଜମି ଉପଲବ୍ଧ ନ ଥିଲେ କୌଣସି କାର୍ଯ୍ୟ ଆରମ୍ଭ ହେବା କଥା ନୁହେଁ । ବିଭାଗ ରାଜସ୍ବ ବିଭାଗର ସହଯୋଗରୁ ଅଗ୍ରାଧିକାର ଭିତ୍ତିରେ ଜମି ଅଧିଗ୍ରହଣ କରିବା କଥା । ଆଠଟି ବୃହତ /ମଧ୍ୟମ ଜଳସେଚନ ପ୍ରକଳ୍ପ ମଧ୍ୟରୁ ନିରୀକ୍ଷଣ ହୋଇଥିବା ଦୁଇଟି[9] ପ୍ରକଳ୍ପ ରେ ନିମ୍ନ ମତେ ଦେଖିବାକୁ ମିଳିଲା ଯେ –

- ଜଳସଂପଦ ବିଭାଗ ଦ୍ଵାରା ଇଚ୍ଛା ଜଳଭଣ୍ଡାରର ଜଳମଗ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ 33 ଗୋଟି ଗ୍ରମର ଜଳ ଅଧିଗ୍ରହଣ ପ୍ରକ୍ରିୟା 1987-88 ମସିହାରେ ଆରମ୍ଭ କରାଯାଇଥିଲା । 33 ଗୋଟି ଗ୍ରାମ ମଧ୍ୟରୁ 10 ଟିରେ ଜମି ଅଧିଗ୍ରହଣ ସଂପୂର୍ଣ୍ଣ ହୋଇଥିଲା ଏବଂ କ୍ଷତି ପୁରଣ 1987-88 ମସିହାରେ ଅନୁମୋଦିତ ଦର ଅନୁସାରେ ଦିଆଯାଇଥିଲା, ବୈତରଣୀ,ସୁବର୍ଣ୍ଣରେଖା ଏବଂ ବୁଢାବଳଙ୍ଗଅବବାହିକାର ମୂଖ୍ୟ ଯନ୍ତ୍ରୀ ଏବଂ ଅବବାହିକା ପରିଚାଳକଙ୍କ ନିଷ୍ପତ୍ତି ଅନୁସାରେ ଜମିର ଆବଶ୍ୟକତା ନ ଥିବା ହେତୁ ସ୍ବତନ୍ତ୍ର ଏଲ.ଏ.ଓ ଅଧିଗ୍ରହଣ ପ୍ରସ୍ତାବକୁ ପ୍ରତ୍ୟାହାର କରିଦେଲେ । ଯାହାହେଉ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଇ. ଇ. ପୂର୍ବରୁ ପ୍ରତ୍ୟାହୃତ ହୋଇଥିବା ଗ୍ରାମ ମାନଙ୍କ ମଧ୍ୟରୁ ଆଠ ଗୋଟି ଗ୍ରାମର ପୁନଶ୍ଚ ଜମି ଅଧିଗ୍ରହଣ କରିବାକୁ ଅନୁରୋଧ କଲେ (ଅଗଷ୍ଟ 2012 ଓ ମେ 2013) । ତଦନୁଯାୟୀ 2012-13 ରେ ଜମି ଅଧିଗ୍ରହଣ ହେଲା ଏବଂ ଏଲ.ଏ କ୍ଷତିପୂରଣ ବାବଦକୁ ମୂଳ ଆବଶ୍ୟକତା ରାଶି 1.81 କୋଟି ତୁଳନାର 8.24 କୋଟି ଟଙ୍କା ପ୍ରଦାନ କରାଗଲା ।

  ତେଣୁ ସଠିକ ଭାବେ ଜମିର ଆବଶ୍ୟକତାକୁ ନିର୍ଦ୍ଧାରଣ କରିବାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିଫଳତା କାରଣରୁ 6.43 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

  ସରକାର (ନଭେମ୍ବର 2014) ରେ ପ୍ରତିଶ୍ରୁତି ଦେଇ କହିଲେ ଯେ ବିଳମ୍ବର କାରଣ ଅନୁସନ୍ଧାନ କରିବେ ।

[9] ସୁବର୍ଣ୍ଣ ରେଖା ଜଳସେଚନ ପ୍ରକଳ୍ପ ଏବଂ କ୍ଷୁଦ୍ର ସୁକତେଲ ଜଳସେଚନ ପ୍ରକଳ୍ପ ।

- ନିମ୍ନ ସୁକ ତେଲ ଜଲସେଚନ ପ୍ରକଳ୍ପର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗର୍ଜନ ଗ୍ରାମର 727.10 ଏକର ଜମି ନିମ୍ନ ସୁକତେଲ ଜଳସେଚନ ପ୍ରକଳ୍ପ ପାଇଁ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଉପସ୍ଥାପନ କରିଥିଲା । ଜମିର ମୂଲ୍ୟ 2.88 କୋଟି ଟଙ୍କାରେ ଅଟକଳ ହୋଇଥିଲା, ନଭେମ୍ବର 2006 ରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ (ଆର.ଡିଏମ) ଜମି ଅଧିଗ୍ରହଣ ପାଇଁ ଅଧିସୂଚନା ଜାରି କଲେ ।

  ନଥିପତ୍ର ଯାଞ୍ଚରୁ ଜାଣିବାକୁ ମିଳିଲା ଯେ ପରବର୍ତ୍ତୀ ସମୟରେ (ମେ 2010)କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପରୋକ୍ତ ଅଧିସୂଚନା ପ୍ରତ୍ୟାହାର ଏବଂ 331 ଏକର ଜମି ଅଧିଗ୍ରହଣ କରିବା ପାଇଁ ସାନି ଅଧିସୂଚନା ଜାରି କରିବାକୁ (ଜାନୁୟାରୀ 2011)ଅନୁରୋଧ କରିଥିଲେ । ଆର ଆଣ୍ଡ ଡିଏମ ବିଭାଗ ଡିସେମ୍ବର 2010 ସଂଶୋଧିତ ଅଧିସୂଚନା ଜାରି କରିଥିଲେ ଏବଂ ସ୍ୱତନ୍ତ୍ର ଏଲଏଓ କେତେକ ଅତିରିକ୍ତ ରକମ ଯଥା ଗୃହ ଓ କୂପ ଆଦିକୁ ମିଶାଇ 11.37 କୋଟି ଟଙ୍କା ଜମା କରିବାକୁ ଜଲସେଚନ ବିଭାଗକୁ ଅନୁରୋଧ କରିଥିଲେ । ଏହା ଡିଓଡବ୍ଲୁଆର ଦ୍ୱାରା ଡିସେମ୍ବର 2011 ରେ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ଯେଉଁଥିରେ 12 ପ୍ରତିଶତ ସୁଧ, 30 ପ୍ରତିଶତ ସୋଲାଟିଅମ୍ ରାଜସ୍ୱ ଜମା ଏବଂ ବିବିଧ ଖର୍ଚ୍ଚ ପାଇଁ 10 ପ୍ରତିଶତ ଅନ୍ତର୍ଭୁକ୍ତ । ପ୍ରାରମ୍ଭିକ ଅବଧି ସମୟରେ (ନଭେମ୍ବର 2006) ଏହି 331 ଏକର ଜମିର ଅଟକଳ ମୂଲ୍ୟ ଗୃହ ଓ କୂପର ମୂଲ୍ୟ ମିଶାଇ 8.88 କୋଟି ଟଙ୍କା ଥିଲା ।

  ତେଣୁ ଆବଶ୍ୟକ ଜମିର ଭ୍ରମପୂର୍ଣ୍ଣ ନିର୍ଦ୍ଧାରଣ ପାଇଁ ଜମି ଗ୍ରହଣ କ୍ଷତିପୂରଣ ବାବଦକୁ 2.49 କୋଟି ଟଙ୍କାର[10] ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିଲା ।

### *2.1.2.4 କାର୍ଯ୍ୟ ସଂପୂର୍ଣ୍ଣ ନ ହେବା*

ସାଳନ୍ଦି ସଂସ୍କାର ପ୍ରକଳ୍ପ ଯାଞ୍ଚ ହୋଇଥିବା ଆଠଗୋଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ । ଏହା ସାଳନ୍ଦି ନଦୀରେ ବନ୍ୟା ନିୟନ୍ତ୍ରଣ ପରିଯୋଜନା ଯାହା ସମନ୍ୱିତ ଆନନ୍ଦ ପୁର ବ୍ୟାରେଜ ପ୍ରକଳ୍ପ ମଧ୍ୟରେ ଅନ୍ତର୍ଭୁକ୍ତ । ଯୋଜନା ଆୟୋଗ ଅକ୍ଟୋବର 2003 ରେ 99.14 କୋଟି ଟଙ୍କାର ଅଟକଳ ମୂଲ୍ୟକୁ ଅନୁମୋଦନ କରିଥିଲେ ଏବଂ ଏହାକୁ 2007-08 ବର୍ଷ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ପ୍ରକଳ୍ପ ଅଧିନରେ 67.4 କି.ମି ଦୈର୍ଘ୍ୟର ନଦୀବନ୍ଧକୁ ଅଧିକତମ ଜଳସ୍ତରର 1.22 ମିଟର ଉପରକୁ ଉଚ୍ଚା ଏବଂ ଦୃଢୀକରଣ, ଆରଡି 52.80 କି.ମି ରୁ ଆର.ଡି 61.10 କି.ମି ପର୍ଯ୍ୟନ୍ତ ନଦୀ ଶଯ୍ୟାକୁ 98 ମିଟର ଚଉଡା କରିବା , ଆର.ଡି 61.10 କି.ମିରୁ ଶେଷ ଭାଗ ପର୍ଯ୍ୟନ୍ତ 52 ମିଟର ଚଉଡା କରିବା ଏବଂ 7,111ହେକ୍ଟର ସିସିଏ କୁ ଦୃଢୀକରଣ କରିବା ପାଇଁ ସାଳନ୍ଦୀ ନଦୀର ପୁନରୁଦ୍ଧାର ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ।


**ସାଳନ୍ଦୀ ନଦୀରେ ଜବର ଦଖଲ**

ନଥିପତ୍ର ଯାଞ୍ଚରୁ ଜଣାପଡିଲା ଯେ ସର୍ବୋଚ୍ଚ ବନ୍ୟାଜଳ ନିଷ୍କାସନ ପାଇଁ ପରିକଳ୍ପିତ ନଦୀ ଶଯ୍ୟା ଓସାର 98/52 ମିଟର ସ୍ଥାନରେ ଜମି ନ ମିଳିବା କାରଣରୁ ମଧ୍ୟମ ଧରଣର ବନ୍ୟା ଜଳ ନିଷ୍କାସନ ଲକ୍ଷ୍ୟରେ 70/30 ମିଟର ଓସାରର ନଦୀ ଶଯ୍ୟା ଖନନକୁ ସୀମିତ କରି କାର୍ଯ୍ୟ କରାଗଲା । ଜବର ଦଖଲ ଏବଂ ନଦୀ ଶଯ୍ୟାରେ ଗୃହ ନିର୍ମାଣ କାରଣରୁ ନଦୀ ଶଯ୍ୟାରେ ଓସାରକୁ ସୀମିତ କରି ମଧ୍ୟ ଲକ୍ଷ୍ୟ ସାଧନ ହୋଇ ପାରିନଥିଲା । ସେହିପରି ଜମି ଅଭାବ କାରଣରୁ ଶାଖାନଦୀ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିଲା ନାହିଁ ।

---

[10] 11.37 କୋଟି ଟଙ୍କା - 8.88 ସୁବର୍ଣ୍ଣରେଖା ।

ଯେଉଁଥିପାଇଁ ଆୟାକଟ ଦୃଢୀକରଣ ଲକ୍ଷ୍ୟ ମଧ୍ୟ ସାଧନ ହୋଇପାରିଲା ନାହିଁ । ଯାହାହେଉ ସମସ୍ୟା ଗୁଡିକ ଲାଗିରହିବାରୁ କାର୍ଯ୍ୟ ସମାପ୍ତି ପାଇଁ 2014-15 ଆର୍ଥିକ ବର୍ଷ ପାଇଁ ହୋଇଥିବା ବଜେଟର କୌଣସି ଅର୍ଥ ବରାଦ ହୋଇ ନଥିଲା ।

ତେଣୁ ଦୁର୍ବଳ ଯୋଜନା କାରଣରୁ 73.11 କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲା ପରେ ମଧ୍ୟ ସାଳନ୍ଦି ସଂସ୍କାର ପ୍ରକଳ୍ପ ନିର୍ମାଣର ଇପ୍‌ସିତ ଉଦ୍ଦେଶ୍ୟ ହାସଲ ହୋଇ ପାରିନ ଥିଲା ।

ସରକାର କହିଲେ (ଅକ୍ଟୋବର 2014 ) ଯେ ପର୍ଯ୍ୟାୟ -1 ରେ ସ୍ଵଳ୍ପ ମିଆଦି ଲକ୍ଷ୍ୟ ନେଇ ମଧ୍ୟମ ଧରଣର ବନ୍ୟାଜଳ ଖଲାସ କରିବା ଉଦ୍ଦେଶ୍ୟରେ ଉପଲବ୍‌ଧ ଥିବା ସରକାରୀ ଜମିରେ ନଦୀ ଶଯ୍ୟା ଖନନ କାର୍ଯ୍ୟ କରାଗଲା ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ପରେ ଖନନ କାର୍ଯ୍ୟ ପୁର୍ଣ୍ଣ ଡିଜାଇନ ସେକସନ ଅନୁସାରେ ହେବ । କିନ୍ତୁ ପ୍ରକଳ୍ପି ଅସଂପୂର୍ଣ୍ଣ ହୋଇ ରହିଲା ଏବଂ ପୁର୍ଣ୍ଣ ଡିଜାଇନ ସେକ୍ସନ ହାସଲ କରିବା ପାଇଁ ପାଣିର ବ୍ୟବସ୍ଥା ନ ଥିଲା ।

### 2.1.2.5 ବିତରଣ ପ୍ରଣାଳୀ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନ କରି ହେଡଓ୍ୱାର୍କସ ନିର୍ମାଣ

ଏ.ଆଇବିପି ଅଧିନରେ 2007-09 ମଧ୍ୟରେ 60 ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମଆଇପି) 2009 -11 ମଧ୍ୟରେ ସଂପୂର୍ଣ୍ଣ ହେବା ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ସେହି 60 ଗୋଟି ପ୍ରକଳ୍ପ ମଧ୍ୟରୁ 3.02କୋଟି ଟଙ୍କା ବ୍ୟୟରେ କେବଳ ତିନିଗୋଟି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିଥିଲା । ଅବଶିଷ୍ଟ 57ଟି ପ୍ରକଳ୍ପ ମଧ୍ୟରୁ 53.93 କୋଟି ଟଙ୍କାରେ ମଞ୍ଜୁରୀ ପ୍ରାପ୍ତ 27 ଟି ପ୍ରକଳ୍ପର ହେଡଓ୍ୱାର୍କସ 48.48 କୋଟି ଟଙ୍କା ବ୍ୟୟ ହୋଇ ନିର୍ମିତ ହୋଇଅଛି ଏବଂ ଜମି ଅଧିଗ୍ରହଣ ନ ହେବା କାରଣରୁ ଜଳସେଚନ ପାଇଂ ଆବଶ୍ୟକ ବିତରଣ ପ୍ରଣାଳୀ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନାହିଁ । ପରିଣାମ ସ୍ୱରୁପ ଖର୍ଚ୍ଚ ହୋଇଥିବା 48.48 କୋଟି ଟଙ୍କା ଏକରୁ ତିନି ବର୍ଷ ପର୍ଯ୍ୟନ୍ତ ଅବରୋଧ ହୋଇ ରହିଲା ଓ ସେହି ଅଞ୍ଚଳରେ ଲୋକମାନେ ସେଚନ ସୁବିଧାରୁ ବଂଚିତ ହେଲେ । ପୁନଶ୍ଚ 5,715 ହେକ୍ଟର ଜମିକୁ ସେଚନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ 44.43 କୋଟି ଟଙ୍କା ମୂଲ୍ୟରେ ଅନୁମୋଦିତ 22 ଗୋଟି ପ୍ରକଳ୍ପରେ ହେଡ୍‌ଓ୍ୱାର୍କରେ 46.40 କୋଟି ଖର୍ଚ୍ଚ ହୋଇ ମଧ୍ୟ ସଂପୂର୍ଣ୍ଣ ହୋଇପାରି ନାହିଁ ।



ସେମେଲମୁଣ୍ଡା ବିତରଣ ପ୍ରଣାଳୀ

ସେହିପରି, କେବିକେ ଜିଲ୍ଲାର ତିନିଗୋଟି ଏମଆଇପି ପାଇଁ 12.26 କୋଟି ଟଙ୍କା ଅଟକଲ ମୂଲ୍ୟ ରେ ମଞ୍ଜୁରି ପାଇଥିଲା ଯାହା 1121 ହେକ୍ଟର ସିସିଏ କୁ ସେଚନ ସୁବିଧା ଯୋଗାଇଥାନ୍ତା ସ୍ଥାନୀୟ ଲୋକଙ୍କ ବିରୋଧ କାରଣରୁ 44 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବନ୍ଦ ହୋଇଥିଲା । ତେଣୁ ସଠିକ ଯୋଜନା ବିନା କାର୍ଯ୍ୟ କରିବା ହେତୁ 44 ଲକ୍ଷ ଟଙ୍କାର ନିଷ୍ଫଳ ଖର୍ଚ୍ଚ ହୋଇଥିଲା । ବଳକା ପାଞ୍ଚ ଗୋଟି ପ୍ରକଳ୍ପରେ 2.94 କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲା ପରେ ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟ ନ ହୋଇପାରିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ ।

ବାସ୍ତବ ତଥ୍ୟକୁ ଗ୍ରହଣ କରି ସରକାର କହିଲେ(ନଭେମ୍ବର 2014) ଯେ ବହୁତ ଗୁଡିଏ ଘଟଣାରେ ହେଡଓ୍ୱାର୍କ ନିର୍ମାଣ ସଂପୂର୍ଣ୍ଣ ହୋଇଥିଲେ ମଧ ଜମି ଅଧିଗ୍ରହଣ ନ ହୋଇ ଥିବାରୁ ବିତରଣ ପ୍ରଣାଳୀ ନିର୍ମାଣ ହୋଇପାରୁ ନାହିଁ ।

### 2.1.2.6 ପ୍ରକଳ୍ପ ସ୍ଥାନରୁ ସ୍ଥାନଚ୍ୟୁତ ହେବାକୁ ଥିବା ଲୋକମାନଙ୍କୁ ସ୍ଥାନଚ୍ୟୁତ କରିବାର ବିଳାପଣ ହେତୁ ପ୍ରକଳ୍ପ କାର୍ଯ୍ୟ ସଂପାଦନ ନ ହେବା ଏବଂ ଅତିରିକ୍ତ ପୁନଃବାସ ଓ ଥଇଥାନ ସହାୟତା ରାଶି ପ୍ରଦାନ କରିବା

ଓ.ପି.ଡବ୍ଲୁ.ଡି ସଂହିତା ଅନୁସାରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଜମି ନ ମିଳିବା ପର୍ଯ୍ୟନ୍ତ ସେହି କାର୍ଯ୍ୟ ଆରମ୍ଭ କରିବା ଉଚିତ୍ ନୁହେଁ । ପୁନଶ୍ଚ ଯଦି ପ୍ରକଳ୍ପର ନିର୍ମାଣ ସମୟରେ ପ୍ରକଳ୍ପ ସ୍ଥାନରେ ଥିବା ପରିବାରଗୁଡିକୁ ବିସ୍ଥାପନ କରିବାର ଆବଶ୍ୟକତା ପଡେ, ତେବେ ପୁନର୍ବାସ ଓ ଥଇଥାନ ନୀତି 1994 ଅନୁସାରେ ପ୍ରତି ପରିବାରକୁ 1.08 ଲକ୍ଷ ଟଙ୍କା ହିସାବରେ ଦେବା ପାଇଁ ହେବ ଯାହାକି ସଂଶୋଧିତ ପୁନର୍ବାସ ଓ ଥଇଥାନ ନୀତି 2006 ଅନୁସାରେ ଏହି ସହାୟତା ରାଶି ବର୍ଦ୍ଧିତ ହୋଇ ପ୍ରତିପରିବାରକୁ 1.08 ଲକ୍ଷ ଟଙ୍କା ବଦଳରେ 4.86 ଲକ୍ଷ ଦେବାକୁ ହେବ ଏବଂ ପ୍ରତି ଦୁଇ ବର୍ଷରେ ଏହି ସହାୟତା ରାଶି 20 ପ୍ରତିଶତ ବୃଦ୍ଧି କରାଯିବ । ଏହା ଦେଖାଗଲା ଯେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଚିହ୍ନଟ ଏବଂ ଗଣତି କରି ସେମାନଙ୍କୁ ପୁନଃବସତି ଓ ଥଇଥାନ ସହାୟତା ରାଶି ପ୍ରଦାନରେ ବିଳମ୍ବ ହେଲା ଏବଂ ବିଭାଗ ଜଳମଗ୍ନ ହେବାକୁ ଥିବା ସ୍ଥାନରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବାରେ ବିଫଳ ହେବାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେଲା ନାହିଁ ଏବଂ ଅତିରିକ୍ତ ପୁନଃବାସ ଓ ଥଇଥାନ ସହାୟତା ଦେବା ପାଇଁ ପଡିଲା । ଏହାର ଆଲୋଚନା ଅନୁଚ୍ଛେଦ ସଖ୍ୟା 2.1.2.7 ରେ ହୋଇଅଛି ।

### 2.1.2.7 ପୁନଃବାସ ଓ ଥଇଥାନ ସହାୟତା ରାଶିର ବିଳମ୍ବିତ/ ପରିହାର୍ଯ୍ୟ ଦେୟ ପ୍ରଦାନ

- ଚାରୋଟି[11] ମୁଖ୍ୟ/ମଧ୍ୟମ ପ୍ରକଳ୍ପର ବିସ୍ଥାପିତ ପ୍ରକଳ୍ପ ବିବରଣୀରେ 1994 ମସିହା ପୁନଃବାସ ଓ ଥଇଥାନ ନୀତି ଅନୁସାରେ ପ୍ରକଳ୍ପରୁ ବିସ୍ଥାପିତ ହେବାକୁ ଥିବା 3868 ଟି ପରିବାର ପାଇଁ 41.77 କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ଯଦିଓ ପ୍ରକଳ୍ପ ଗୁଡିକ 2002 ରୁ 2004 ମସିହା ମଧ୍ୟରେ ଅନୁମୋଦନ ଲାଭ କରିଥିଲା, ସହାୟତା ରାଶି ମେ 2006 ମସିହା ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନଥିଲା । ଠିକ୍ ଏହି ସମୟରେ ବିସ୍ଥାପିତ ହେବାକୁ ଥିବା ପରିବାରରେ ଥିବା ନାବାଳକ ମାନେ 18 ବର୍ଷ ବୟସରେ ଉପନୀତ ହେବା କାରଣରୁ ସେମାନେ ପୁନଃବାସ ଓ ଥଇଥାନ ନୀତି ଅନୁସାରେ ସହାୟତା ପାଇବା ପାଇଁ ଯୋଗ୍ୟ ହେଲେ ଏବଂ ବିସ୍ଥାପିତ ହେବାକୁ ଥିବା ପରିବାର ସଂଖ୍ୟା ବୃଦ୍ଧି ଘଟି 6476 ହେଲା । ତଦନୁଯାୟୀ ଅଗଷ୍ଟ 2008 ରୁ ମାର୍ଚ୍ଚ 2014 ମଧ୍ୟରେ ଜଳସମ୍ପଦ ବିଭାଗ 6476 ଟି ବିସ୍ଥାପିତ ହେବାକୁ ଥିବା ପରିବାର ପାଇଁ 299.17 କୋଟି ଟଙ୍କା ସହାୟତା ରାଶି ଅନୁମୋଦନ କଲେ । ପ୍ରକଳ୍ପ ନିର୍ଦ୍ଦେଶକ ଦୁଇ ବର୍ଷ ମଧ୍ୟରେ ଏହି ସହାୟତା ରାଶିକୁ ଦେୟ ପ୍ରଦାନ କଲେ ନାହିଁ । ସରକାର ନଭେମ୍ବର 2012 ମସିହା ଠାରୁ ମେ 2013 ମଧ୍ୟରେ 20 ପ୍ରତିଶତ ବର୍ଦ୍ଧିତ ପୁନଃବସତି ସହାୟତା ରାଶି ଯାହା 27.78 କୋଟିଟଙ୍କା 2787 ଟି ବିସ୍ଥାପିତ ପରିବାରମାନଙ୍କୁ ଦେୟ ପ୍ରଦାନ ପାଇଁ ଅନୁମୋଦନ କଲେ । ଫଳସ୍ୱରୂପ ପରିହାର୍ଯ୍ୟ ଦେୟ 285.18 କୋଟି ଟଙ୍କା ହେଲା ।
- 1996-97 ମସିହାରେ ସୁବର୍ଣ୍ଣ ରେଖା ଜଳସେଚନ ପ୍ରକଳ୍ପକୁ ଏ.ଆଇ.ବି.ପି ଅଧିନକୁ ନିଆଗଲା । ଏହି ସମୟ ମଧ୍ୟରେ ବିସ୍ଥାପିତ ପରିବାର ଗୁଡିକର ଚିହ୍ନଟ କରାଯାଇ ନଥିଲା । 2008-09 ମସିହାରେ ଏହି ପରିବାରକୁ ଗୁଡିକୁ ସର୍ବେକ୍ଷଣ କରାଯାଇ 2388 ଟି ବିସ୍ଥାପିତ ପରିବାରକୁ ଗୁଡିକୁ ଚିହ୍ନଟ କରାଗଗଲା ଏବଂ ଜଳସମ୍ପଦ ବିଭାଗ ଦ୍ୱାରା 2008 ମସିହାଠାରୁ 2014 ମସିହା ମଧ୍ୟରେ 155.90 କୋଟି ପୁନଃବାସ ଓ ଥଇଥାନ ସହାୟତା ଆକାରରେ ଅନୁମୋଦନ କରାଗଲା । ନଥିପତ୍ର

[11] କେଆଇପି, ରୁକୁରା, ରେଡ ଓ ତେଲେଙ୍ଗିରି ।

ତର୍ଜମାରୁ ଜଣାଯାଏ ଯେ ପୁନଃବାସ ଓ ଥଇଥାନ ସହାୟତା ପ୍ରକଳ୍ପର ପ୍ରାଥମିକ ସମୟରେ(1996-97) 25.79 କୋଟି ଟଙ୍କା ହୋଇ ପାରିଥାନ୍ତା।

ତେଣୁ, ପୁନଃବାସ ଓ ଥଇଥାନ ସହାୟତା ରାଶିର ଦେୟ ପ୍ରଦାନରେ ବିଳମ୍ବ ହେତୁ ପରିହାର୍ଯ୍ୟ ଅତିରିକ୍ତ ଦେୟ 130.11କୋଟି[12] ଟଙ୍କା ଦ୍ୱାରା ହେଲା ଯେଉଁଥିରେ କି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅତିରିକ୍ତ 20 ପ୍ରତିଶତ ସହାୟତା ରାଶି 6.44 କୋଟି ଅନ୍ତର୍ଭୁକ୍ତ ଅଟେ।

ସରକାର ପ୍ରତିଶ୍ରୁତି (ନଭେମ୍ବର 2014) ଦେଇ କହିଲେ ଯେ ବିଳମ୍ବ ପର୍ଯ୍ୟାୟ ଅନୁସାରେ ଦସ୍ତାବିଜର କାରଣ ଅନୁସଂନ୍ଧାନ କରାଯିବ।

### *2.1.3 ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ତୃଟି*

ଓ.ପି.ଡବ୍ଲୁ.ଡି ସଂହିତା ଅନୁଚ୍ଛେଦ 3.2.3 ଅନୁସାରେ କୌଣସି ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦକ୍ଷ, ମିତବ୍ୟୟୀ ଏବଂ ସଫଳତାର ସହିତ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକଳ୍ପର ବିସ୍ତୃତ ବିବରଣୀ ପ୍ରସ୍ତୁତ ସମୟରେ ପ୍ରକଳ୍ପର ସର୍ବେକ୍ଷଣ ଏବଂ ଅନୁସନ୍ଧାନ କରିବା ଦରକାର। ପ୍ରକଳ୍ପର କାର୍ଯ୍ୟକାରିତା ବିବରଣୀ ନଥିପତ୍ର ଅନୁଧ୍ୟାନରୁ ଜଣାଯାଏ ଯେ ସର୍ବେକ୍ଷଣ ଏବଂ ଅନୁସନ୍ଧାନର ତୃଟି ଫଳରେ ପ୍ରକଳ୍ପ ଶେଷ ହେବାର ଅବଧି ଏବଂ ଏଥିଜନିତ ବ୍ୟୟ ବୃଦ୍ଧି ହେଲା। ତତ୍ ସଙ୍ଗେ ସଙ୍ଗେ ପ୍ରକଳ୍ପ ଜନିତ ବ୍ୟୟ ଅକାମି ହୋଇ ପଡିରହିଲା। ଏହାର ସବିଶେଷ ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା।

#### *2.1.3.1 ଅଣନିର୍ଦ୍ଧାରିତ ସମସ୍ୟା ମଧ୍ୟରେ ପ୍ରକଳ୍ପର କାର୍ଯ୍ୟ ସଂପାଦନ କରିବା*

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ପାଇଁ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଯାହାର ଲମ୍ବ 46.50 କିମି ତାହାକୁ ପ୍ରକଳ୍ପର ଜଳଯୋଗାଣର ପ୍ରଣାଳୀ (ଫିଡର ଚ୍ୟାନେଲ) କୁହାଯାଏ। କେନାଲରେ କଠିନ ଆସ୍ତର ଏବଂ ସେବା ପ୍ରଦାନ କାରଣ ରାସ୍ତାର କାର୍ଯ୍ୟାନୁମତି ଛଅ ଜଣ ଠିକାଦାରକୁ ଡିସେମ୍ବର 2006 ମସିହା ଠାରୁ ଏପ୍ରିଲ୍ 2011 ମସିହା ମଧ୍ୟରେ ଦିଆଗଲା ଯାହାର କାର୍ଯ୍ୟବିଶେଷ କରିବାର ଅବଧି ଥିଲା ଜୁନ୍ 2008 ମସିହା ଠାରୁ ଡିସେମ୍ବର 2013 ମସିହା ମଧ୍ୟରେ। ଯଦିଓ ଚାରୋଟି ଠିକାଦାର ସେମାନଙ୍କର କାର୍ଯ୍ୟ ପରିବର୍ଦ୍ଧିତ ସମୟ ମଧ୍ୟରେ(ଡିସେମ୍ବର 2013)ସମାପନ କଲେ, ଅନ୍ୟ ଦୁଇଜଣ ଠିକାଦାର ଡିସେମ୍ବର 2006 ମସିହା ଠାରୁ କେନାଲ ବାରମ୍ବାର ଭୁଷୁଡି ପଡିବାରୁ କାର୍ଯ୍ୟ(68 ପ୍ରତିଶତ କାର୍ଯ୍ୟ ସମାପନ କରିସାରିବା ପରେ) ବନ୍ଦ କରିଦେଲେ। କେନାଲ ଭୁଷୁଡିବାର ମୁଖ୍ୟ କାରଣ ହେଉଛି କେନାଲରେ ଥିବା କାଓଲାଇନ୍ ସଏଲ ଯାହା ପ୍ରାଥମିକ ସ୍ତରରେ ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ତୃଟି ହେତୁ ବିଭାଗ ଦ୍ୱାରା ଚିହ୍ନଟ ହୋଇ ପାରି ନଥିଲା। ଏପରିକି ଆଠ ବର୍ଷ ଅତିବାହିତ ହୋଇଥିଲେ ମଧ ବିଭାଗ ଦ୍ୱାରା (ମାର୍ଚ୍ଚ 2014) କେନାଲର ଅବଶିଷ୍ଟ କାର୍ଯ୍ୟର ପୁନରୁଦ୍ଧାର ଏବଂ କଠିନ ଅସ୍ତର କାର୍ଯ୍ୟ ସମାପନ କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ।



ଆରଡି ***7950*** ରୁ ***8720*** ମି ଯାଏ ଏସଏମସିର ଭୁଷୁଡିପଡିଥିବା ଅଂଶ

[12] 155.90 କୋଟି ଟଙ୍କା - 25.79 କୋଟି ଟଙ୍କା।

ସରକାର କହିଲେ (ଅକ୍ଟୋବର 2014) ଯେ କେନାଲର କାର୍ଯ୍ୟ ସମ୍ପାଦନ କରିବା ସମୟରେ କେନାଲରେ କାଓଲାଇନ୍ ସଏଲ ଥିବାର ଜଣାପଡିଲା ଏବଂ କେନ୍ଦ୍ରିୟ ଜଳ ଆୟୋଗଙ୍କ ଦ୍ୱାରା କେନାଲର ନକସା ଚୂଡାନ୍ତ ହୋଇସାରିଲା ପରେ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯିବ । କିନ୍ତୁ ଏହି କାର୍ଯ୍ୟ ଫର୍ଦ୍ଦ ଆଠ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଥିଲେ ମଧ କେନାଲ କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ ।

ସେହିପରି ଜମ୍ବିରା ବାମ ପାର୍ଶ ମୁଖ୍ୟ କେନାଲ, ଏହାର ସଂରଚନା, ସିମେଣ୍ଟର କଠିନ ଅସ୍ତର ଏବଂ ସେବା ପ୍ରଦାଦନ ରାସ୍ତା କାର୍ଯ୍ୟକୁ 87.14 କୋଟି ଟଙ୍କା ବ୍ୟୟରେ ସମ୍ପାଦନ କରିବା ପାଇଁ ଏକ ଠିକାଦାରକୁ ଜାନୁୟାରୀ 2009 ମସିହାରେ କାର୍ଯ୍ୟାନୁମତି ଦିଆଗଲା ଯାହାର କାର୍ଯ୍ୟ ଶେଷ ହେବାର ଅବଧି ଜାନୁୟାରୀ 2011 ମସିହା ଥିଲା । ଅନୁମୋଦିତ ଜଙ୍ଗଲ ଜମିର ସମ୍ପୂର୍ଣ୍ଣ ବିନିଯୋଗ କରିବା ଲକ୍ଷ୍ୟରେ କେନାଲର ଗତି ପରିବର୍ତ୍ତନ କରାଗଲା ଫଳସ୍ୱରୁପ ଏହାର ଲମ୍ବ 555 ମିଟର ବୃଦ୍ଧି ଘଟିଲା । ଯଦ୍ୱାରା ଠିକାଦାର 480 ମିଟର ଲମ୍ବର କେନାଲ ଖୋଦନ କାର୍ଯ୍ୟ କଲେ ନାହିଁ ଏବଂ କାର୍ଯ୍ୟ ସମାପନର ସମୟକୁ ଜୁନ୍ 2013 ମସିହା ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ବିଭାଗ ମାର୍ଚ୍ଚ 2014 ମସିହାରେ ଚୁକ୍ତି ସମାପ୍ତ କଲେ ଏବଂ ଠିକାଦାରଙ୍କୁ 108 କୋଟି ଟଙ୍କା ଦେୟ ପ୍ରଦାନ କଲେ ।

ନଥିପତ୍ର ଅନୁଧ୍ୟାନରୁ ଜଣାଯାଏ (ମେ 2014) ଯେ ଚୁକ୍ତି ପରିସମାପ୍ତ ସମୟରେ ଠିକାଦାର 1065 ମିଟର କେନାଲ ତଟବନ୍ଧ, 2554 ମିଟର ସିମେଣ୍ଟର କଠିନ ଅସ୍ତର, 20 କିମି ସେବା ପ୍ରଦାନ ରାସ୍ତା ଏବଂ 22 ଟି ସଂରଚନାର କାର୍ଯ୍ୟମାନ ଅସମାପ୍ତ ରଖିଥିଲେ । ଯେହେତୁ କାର୍ଯ୍ୟ ସମାପନରେ ବିଳମ୍ବ ଠିକାଦାରଙ୍କ ଦ୍ୱାରା ହୋଇନଥିଲା ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିକୁ କାର୍ଯ୍ୟ ବିଳମ୍ବ ଜନିତ ଦଣ୍ଡ ବିନା ଚୁକ୍ତି ସମାପ୍ତ କରାଗଲା । ଏପରିକି ଏକ ବର୍ଷ ଅତିବାହିତ ହୋଇଥିଲେ ମଧ ଅବଶିଷ୍ଟ କାର୍ଯ୍ୟର ସମାପନ ପାଇଁ ବିଭାଗ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଯେହେତୁ ଅବଶିଷ୍ଟ କାର୍ଯ୍ୟ ସହିତ ଅଧିକ ଲମ୍ବର କାର୍ଯ୍ୟମାନ ପ୍ରଚଳିତ ଅନୁସୂଚିତ ଦର ଅନୁଯାୟୀ ସଂପାଦନ କରାଯିବ, ଏହାର ବ୍ୟୟ ବୃଦ୍ଧିକୁ ଅଗ୍ରାହ୍ୟ କଲାଯାଇ ପାରିବ ନାହିଁ ।

### *2.1.3.2 ପ୍ରତିକାରାତ୍ମକ ଉପାୟ ଅବଲମ୍ବନ ନକରି କାର୍ଯ୍ୟ ସଂପାଦନ କରିବା*

ବିଭାଗ ଯେତେବେଳେ କାନୁପୁର ଜଳସେଚନ ପ୍ରକଳ୍ପର ସର୍ବେକ୍ଷଣ ଏବଂ ଅନୁସନ୍ଧାନ କାର୍ଯ୍ୟ ସଂଚାଳନ(1991-94) କରୁଥିଲେ ସେତେବେଳେ ଭୂତତ୍ୱବିତ୍ ବନ୍ଧ ଅକ୍ଷରେ ଧାରାବାହିକ ଭାବରେ ଦୁଇଟି ସ୍ତର ବିଶିଷ୍ଟ ବାଲିଗରଡା ଥିବାର ପ୍ରସଙ୍ଗ ଇତଥାପନ କରିଥିଲେ, ଯେହେତୁ ଏହି ସ୍ତରଗୁଡିକ ଅତ୍ୟଧିକ ଶ୍ରାବଯୁକ୍ତ ଏବଂ ଜଳଝରି ବରିଡ୍ ଚ୍ୟାନେଲ ମାଧମରେ ବହିଯିବ, ଯାହା ଜଳଭଣ୍ଡାରରେ ପାଣି ଭର୍ତ୍ତି କଲା ପରେ ବହୁତ ସମସ୍ୟା ସୃଷ୍ଟିକରିବ । ବନ୍ଧ ନିର୍ମାଣ କରିବା ପୂର୍ବରୁ ଏହି ଅସୁବିଧାକୁ ଦୂର କରିବା କଥା । ପ୍ରକଳ୍ପଟି 29,578 ହେକ୍ଟର ଜମିକୁ ସେଚନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ 2003-04 ରେ 428.32 କୋଟି ଟଙ୍କାରେ ଅନୁମୋଦିତ ହୋଇ 2007-08 ରେ ସମ୍ପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ମାଟି ବନ୍ଧର ନିର୍ମାଣ କାର୍ଯ୍ୟ ସେପ୍ଟେମ୍ବର 2007 ରେ ଆରମ୍ଭ ହୋଇ ମାର୍ଚ୍ଚ 2010 ସୁଦ୍ଧା ସମାପ୍ତ ହେବା ପାଇଁ ସ୍ଥିରୀକୃତ ହୋଇଥିଲା । ଭୂତତ୍ୱବିତ୍ଙ୍କ ଉପରୋକ୍ତ ସିଦ୍ଧାନ୍ତକୁ ବିଚାରକୁ ନ ନେଇ କାର୍ଯ୍ୟଟି ଆରମ୍ଭ କରାଯାଇଥିଲା । କାର୍ଯ୍ୟଟି ଚାଲୁ ରହିଥିଲା(ମାର୍ଚ୍ଚ 2014) । ପ୍ରକଳ୍ପଟିର ସ୍ପିଲୱେ ନିର୍ମାଣ କାର୍ଯ୍ୟ ମାର୍ଗ 2007 ରେ ଆରମ୍ଭ ହୋଇ ମଇ 2010 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ସ୍ପିଲୱେ ମୂଳଭିତ୍ତି ଖନନ ସମୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପରୋକ୍ତ ଦୁଇଟି ବାଲିଗରଡା ସ୍ତରର ଅବସ୍ଥିତି ଦେଖିବାକୁ ପାଇଥିଲେ ଏବଂ ଏହାର ଅନୁସନ୍ଧାନ ଓ ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ପ୍ରସ୍ତାବ ଦେବା ପାଇଁ ଭୂତତ୍ୱବିତକୁ ଅନୁରୋଧ କଲେ(ଜାନୁୟାରୀ 2012) । ଭୂତତ୍ୱବିତ କାର୍ଯ୍ୟସ୍ଥଳ ପରିଦର୍ଶନ କରି ନାନାବିଧ ପ୍ରତିକାରାତ୍ମକ ଉପାୟର ପ୍ରସ୍ତାବ(ମଇ 2013) ଦେଇଥିଲେ ଯେଉଁଥିରେ ଜଳଭଣ୍ଡାରର ମାପିଙ୍ଗ୍ କରି

ବାଲିଗରଡା ସ୍ତରକୁ ନିରୂପଣ କରିବା ଅନ୍ତର୍ଭୁକ୍ତ ଥିଲା । ତା ସତ୍ତ୍ୱେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତ୍ରୁଟି ଗୁଡିକର ସଂଶୋଧନ କରିବା ପାଇଁ କୌଣସି ପ୍ରତିକାରାତ୍ମକ ପଦକ୍ଷେପ ନେଇ ନଥିଲେ(ମାର୍ଚ୍ଚ 2014) ।

ବାସ୍ତବିକ ତଥ୍ୟକୁ ଗ୍ରହଣ କରି ସରକାର କହିଲେ (ନଭେମ୍ବର 2014) ଯେ ଭୂତତ୍ୱବିତଙ୍କ ପର୍ଯ୍ୟବେକ୍ଷଣକୁ ଅଣଦେଖା କରାଯାଇ ନାହିଁ । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀ ଏବଂ ଭାରତର ଭୂତାତ୍ୱିକ ସର୍ବେକ୍ଷଣ ସଂସ୍ଥାର ଅଧିକାରୀମାନେ କାର୍ଯ୍ୟ ସ୍ଥଳକୁ ପରିଦର୍ଶନ କରିଥିଲେ (ଏପ୍ରିଲ୍ 2014) ଏବଂ ବାଲିଗରଡା ସ୍ତରର ଉପଚାର ପାଇଁ ପ୍ରତିକାରାତ୍ମକ ଉପାୟର ପ୍ରସ୍ତାବ ଦେଇଥିଲେ । ଉପଚାର ପ୍ରକ୍ରିୟା ପ୍ରସ୍ତୁତ ପଥରେ ଅଛି । କିନ୍ତୁ ବିଭାଗ ପର୍ଯ୍ୟବେକ୍ଷଣର ଉପଚାର ପାଇଁ କୌଣସି ପ୍ରତିକାର ପନ୍ଥା ଗ୍ରହଣ ନକରି ବିଭାଗ ବନ୍ଧର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା, ଯଦିଓ ବାଲି ଗରଡା ସ୍ତର 199-94 ରେ ଚିହ୍ନିତ ହୋଇଥିଲା ।

## 2.1.4 *ପ୍ରକଳ୍ପ କାର୍ଯ୍ୟର ବିଭିନ୍ନ ସ୍ତରରେ ଅତିରିକ୍ତ ଖର୍ଚ୍ଚ*

ନଭେମ୍ବର 2007 ରେ କାନୁପୁର ଜଳସେଚନ ପ୍ରକଳ୍ପର ମାଟିବନ୍ଧ କାର୍ଯ୍ୟ ହାତକୁ ନଆଯାଇଥିଲା ଯାହା ନଭେମ୍ବର 2010 ସୁଧା କାର୍ଯ୍ୟ ଶେଷ ହେବାର ଥିଲା । ଯଦିଓ ଏହାର ସବିଶେଷ ପ୍ରକଳ୍ପ ବିବରଣୀରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଅନ୍ତର୍ଭୁକ୍ତ ହୋଇଥିଲା । ପ୍ରକଳ୍ପର ରୂପାଙ୍କନ ଏବଂ ଚିତ୍ରଣର ଶେଷ ନ ହେବା କାରଣରୁ ମୁଖ୍ୟ ଶୃଙ୍ଖଳିତ ଦ୍ୱାର ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସହିତ 120 ମିଟର ମାଟି ବନ୍ଧର ନିର୍ମାଣ କାର୍ଯ୍ୟକର୍ମରେ ଅନ୍ତର୍ଭୁକ୍ତ ହୋଇନ ଥିଲା । ଏହି କାର୍ଯ୍ୟଗୁଡିକ ପରବର୍ତ୍ତୀ ସମୟରେ ଯାହା ଦୀର୍ଘ 6 ବର୍ଷ ପରେ(ମାର୍ଚ୍ଚ 2014) କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଗଲା । ଏହି କାର୍ଯ୍ୟଗୁଡିକୁ 6 ବର୍ଷର ବ୍ୟବଧାନ ପରେ ପୃଥକ ଭାବେ ଚୁକ୍ତି କରି କାର୍ଯ୍ୟ କରିବାରୁ ପୂର୍ବ ମାଟି ବନ୍ଧ କାର୍ଯ୍ୟରେ ଚୁକ୍ତି ତୁଳନାରେ 4.22 କୋଟି ଟଙ୍କା ଅତିରିକ୍ତ ଦେବା ପାଇଁ ପଡିଲା ଏବଂ କାର୍ଯ୍ୟରେ ବିଳମ୍ବ ହେଲା ।

## 2.1.5 *ପ୍ରକଳ୍ପ କାର୍ଯ୍ୟ ଏକ ସମୟରେ ସମ୍ପାଦନ ନ ହେବା*

କାନୁପୁର ଜଳସେଚନ ପ୍ରକଳ୍ପର ଜଳନିର୍ଗମ ପ୍ରଣାଳୀରେ ଖନନ କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ 12.23 କୋଟି ଟଙ୍କାର କାର୍ଯ୍ୟାଦେଶ ମାର୍ଚ୍ଚ 2011 ରେ ଦିଆଗଲା ଯାହା ମାର୍ଚ୍ଚ 2013 ଭିତରେ ଶେଷ ହେବାର ଥିଲା । ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିରେ କୁହାଯାଇଥିଲା ଯେ 8.56 ଲକ୍ଷ ଘନମିଟର ମାଟି ପ୍ରକଳ୍ପରୁ ଖନନ ହୋଇ ତାହାର ଦୁଇ କିମି ଦୂରରେ ନିଷ୍କାଷିତ ହେବ । ଠିକ୍ ଏହି ସମୟରେ ଅନ୍ୟ ଏକ ଚୁକ୍ତି ନାମା ଯାହା ମାଟି ବନ୍ଧ ଆରଡି ୦୦ ମି ରୁ ଆରଡି 1100 ମି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପାଇଁ ଅନ୍ୟ ଏକ ଠିକାଦାରଙ୍କୁ (ସେପ୍ଟେମ୍ବର 2007) କାର୍ଯ୍ୟାଦେଶ ଦିଆଯାଇଥିଲା ଯେଉଁଥିରେ 14.86 ଲକ୍ଷ ଘନମିଟର ମାଟି ବାହାରୁ ସ୍ଥାନାନ୍ତର କରିବା ପାଇଁ ଘନମିଟରକୁ 100 ଟଙ୍କା ଦରରେ ବ୍ୟବସ୍ଥା କରାଯାଇଥିଲା । ମାଟି ବନ୍ଧର ନିର୍ମାଣ ପାଇଁ ଠିକାଦାର ମାର୍ଚ୍ଚ 2014 ମଧ୍ୟରେ 11.50 ଲକ୍ଷ ଘନ ମିଟର ଖୋଲାମାଟି ଆଣି ଏହିବାବଦକୁ ବିଭାଗ ଦ୍ୱାରା 11.50 କୋଟି ଟଙ୍କା ପାଇଲେ । ପ୍ରଥମ ଠିକାଦାର ଯିଏ 6.35 ଲକ୍ଷ ଘମନିଟର ମାଟି ପ୍ରକଳ୍ପ ବାହାରେ ଫୋପାଡି ଦେଲେ ତାହାକୁ ମାଟି ବନ୍ଧ କାର୍ଯ୍ୟରେ ଲଗାଯାଇ ପାରିଥାନ୍ତା । ଏହି 6.35 ଲକ୍ଷ ଘନମିଟର ମାଟି ଯାହା ମାଟି ବନ୍ଧର ଜଳ ନିର୍ଗମ ପ୍ରଣାଳୀରୁ ମିଳିଥିଲା ତାହାର ଉପଯୁକ୍ତ ବ୍ୟବହାର ନ ହେବାରୁ ଦ୍ୱିତୀୟ ଠିକାଦାରଙ୍କୁ ମାଟି ଖୋଲା ଜାଗାରୁ ସମ ପରିମାଣର ମାଟି ବୋହି ଆଣିବା ପାଇଁ 6.35 କୋଟି ଟଙ୍କା ଦିଆଗଲା ।

ତେଣୁ ଏକ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ନ ହେବାରୁ ବ୍ୟବହାର ଯୋଗ୍ୟ ଖୋଲା ମାଟି ଯାହା ଜଳ ନିର୍ଗମ ପ୍ରଣାଳୀରୁ ମାଟି ବନ୍ଧ ନିର୍ମାଣ ପାଇଁ ଖୋଳାଯାଇଥିଲା ସେଗୁଡିକ ବ୍ୟବହାର ହୋଇପାରିଲା ନାହିଁ ଫଳସ୍ୱରୂପ ଅତିରିକ୍ତ ବ୍ୟୟ 6.35 କୋଟି ଟଙ୍କା ହେଲା । ଯେହେତୁ ଏହି କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇନାହିଁ ଏହି ବ୍ୟୟର ବୃଦ୍ଧି ଆହୁରି ଅଧିକ ହୋଇପାରେ ।

ସରକାର କହିଲେ (ନଭେମ୍ବର 2014) ଯେ ଜଳ ନିର୍ଗମ ପ୍ରଣାଳୀରେ ଖନନ ମାଟି ନଦୀ ଫାଙ୍କ ପୂରଣ ବେଳେ ବ୍ୟବହାର କରାଯିବ ଏବଂ ପ୍ରତିଶ୍ରୁତି ଦେଲେ ଯେ ଭବିଷ୍ୟରରେ ପ୍ରକଳ୍ପର କାର୍ଯ୍ୟଗୁଡିକୁ ସମକାଳିନ କରାଯିବ ।

### *2.1.6 ପ୍ରତିକୂଳ ଉପକାର ଏବଂ ଏହି ବାବଦକୁ ହୋଇଥିବା ମୂଲ୍ୟର ଅନୁପାତ*

ହିତସାଧନ ବ୍ୟୟର ବିଶ୍ଳେଷଣ ଅଟକଳ ଏବଂ ପାଉଥିବା ଉପକାରର ସମତୁଲ ମୂଲ୍ୟର ପରିମାଣ ତଥା ପ୍ରକଳ୍ପ ପ୍ରତିଷ୍ଠା ଆଦି ସାର୍ଥକ ହେବା କଥା । ଏଆଇବିପି ତ୍ୱରାନ୍ୱିତ ଜଳସେଚନ ସୁବିଧା ପ୍ରକଳ୍ପର ନିୟମ ସମୂହ ଅନୁସାରେ ପ୍ରକଳ୍ପକୁ ସାଧନ ଯୋଗ୍ୟ ହେବାକୁ ହେଲେ ପ୍ରକଳ୍ପର ବ୍ୟୟର ମୂଲ୍ୟ ତୁଳନାରେ ସେଥିରୁ ମିଳୁଥିବା ସୁବିଧା ସୁଯୋଗ ଅଧିକ ହେବା ଉଚିତ୍ । ପ୍ରକଳ୍ପଗୁଡିକର ଖର୍ଚ୍ଚ ଏବଂ ସେଥିରୁ ମିଳୁଥିବା ସୁବିଧାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ବିଭିନ୍ନ ପ୍ରକଳ୍ପରୁ ଆଶାକରା ଯାଉଥିବା ଉପକାର ବା ସୁବିଧା ନିର୍ଦ୍ଧାରିତ ପରିମାଣରେ ମିଳୁନାହିଁ ଏବଂ ତଦନୁଯାୟୀ କେତେକ ପ୍ରକଳ୍ପ ନିର୍ମାଣ ଯୋଗ୍ୟ ନୁହେଁ ।

ନଥିପତ୍ରର ଯାଞ୍ଚରୁ ପ୍ରକଟିତ ହେଲା ଯେ ବିସିଆରର ଗଣନା ପାଇଁ ବିଭାଗ ଦ୍ୱାରା ହିସାବରେ ଏକ ରୂପ ମାନ ଦଣ୍ଡ ଗ୍ରହଣ କରିନଥିଲେ । ସାତଟି ପ୍ରକଳ୍ପଗୁଡିକର ନମୁନା ଯାଞ୍ଚ ସମୟରେ ଜଣାଗଲା ଯେ ବିସିଆରର ଗଣନା ପାଇଁ ଭୂମି ଉନ୍ନୟନର ମୂଲ୍ୟ ଏବଂ ପୁଞ୍ଜି ମୂଲ୍ୟର ମୂଲ୍ୟ ହ୍ରାସ ବାବଦରେ ଦୁଇ ପ୍ରତିଶତ ବିଭାଗ ଅନ୍ତର୍ଭୁକ୍ତ କରିଥିଲେ । କିନ୍ତୁ ଗୋଟିଏ ପ୍ରକଳ୍ପରେ ଭୂମି ଉନ୍ନୟନର ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରି ନଥିଲେ ଏବଂ ପୁଞ୍ଜି ମୂଲ୍ୟର ମୂଲ୍ୟ ହ୍ରାସ ବାବଦରେ ଏକ ପ୍ରତିଶତ ନିଆଯାଇଥିଲା । ପୁନର୍ବାର କୃଷି ଉପନିର୍ଦ୍ଦେଶକ (ଡିଡିଏ) ଙ୍କ ଦ୍ୱାରା ବିସିଆର ଗଣନା ପାଇଁ ବାରମାସୀ ଶସ୍ୟର ମୂଲ୍ୟ ଅଧିକରୁ ଅଧିକ ଫାଇଦା ପରିଯୋଜନା କରି ମାତ୍ର ଗୋଟିଏ କ୍ଷେତ୍ରରେ ନେଇଥିଲେ ।

ସମ୍ଭାବ୍ୟ ପରିସ୍ଥିତି ଗୁଡିକ ଯଥାକ୍ରମେ ଜମି ଅଧିଗ୍ରହଣରେ ବିଳମ୍ବତା କାରଣରୁ ମୂଲ୍ୟର ଅଭିବୃଦ୍ଧି ଏବଂ ଚିତ୍ରାଙ୍କନ ଏବଂ ନକ୍ସାର ଚୂଡାନ୍ତକୁ ମଧ ସହ କ୍ଷେତ୍ରରେ ହିସାବକୁ ନେଇ ନଥିଲେ ।

ବର୍ତ୍ତନଶୀଳ ଏମଆଇପି (ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକ ମଧରୁ ମାତ୍ର ଗୋଟିଏ ସଂପୂର୍ଣ୍ଣ ଏମଆଇପି) ଖରିଫରେ 2000 ହେକ୍ଟର ଏବଂ ରବିରେ 428 ହେକ୍ଟର ଜଳସେଚନ ବ୍ୟବସ୍ଥା ପାଇଁ ମନନ କରିଥିଲେ । ଏହି ପରିଯୋଜନା ହିସାବରେ ପ୍ରକଳ୍ପର ଚୂଡାନ୍ତ ଅନୁମୋଦନ ହିସାବରେ ବିସିଆର 2.13 ହୋଇଥିଲା । ତଦନ୍ତରୁ ଜଣାଗଲା ଯେ 2012-13 ପର୍ଯ୍ୟନ୍ତ ଖରିପରେ ମାତ୍ର 780 ହେକ୍ଟରକୁ ବାର୍ଷିକ ଜଳସେଚନ କରାଯାଇଥିଲା । ଏହି ବାସ୍ତବିକ ସଫଳତାକୁ ବିଚାରକୁ ନେଇ ବିସିଆର 0.68 ହିସାବ କରାଯାଇଥିଲା ।

ତଥ୍ୟମୂଳକ ସ୍ଥିତିକୁ ଗ୍ରହଣ କରି ସରକାର ଜଣାଇଲେ (ନଭେମ୍ବର 2014) ଯେ ସମସ୍ତେ ଏମଆଇ ପ୍ରକଳ୍ପଗୁଡିକର ବିସିଆରକୁ ପର୍ଯ୍ୟାଲୋଚନା ମୂଳକ ତର୍ଜମା କରାଯିବ ଏବଂ ବୈପ୍ଳବିକ ଅନ୍ୱେଷଣ ଏବଂ ଜଳର ଲାଭଜନକ ବ୍ୟବହାର ଦ୍ୱାରା ହିତବୃଦ୍ଧିର ଅନ୍ୱେଷଣର ପଥ ପ୍ରଯତ୍ନକୁ ନିଆଯିବ ।

### *2.1.7 ଆର୍ଥିକ ପରିଚାଳନା*

#### *2.1.7.1 ଆୟ ଏବଂ ବ୍ୟୟର ନିୟନ୍ତ୍ରଣ*

ଭାରତ ସରକାରଙ୍କର ଆର୍ଥିକ ଅନୁଦାନ ସହାୟତାରେ ତ୍ୱରାନ୍ୱିତ ଜଳସେଚନ ସୁବିଧା ପ୍ରକଳ୍ପ(ଏଆଇବିପି) କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ପ୍ରଥମତ ରାଜ୍ୟ ସରକାର ଅର୍ଥ ପ୍ରଦାନ କରନ୍ତି । ଏହି ଅର୍ଥର ପ୍ରାପ୍ତି ପାଇଁ କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରନ୍ତି । ବର୍ଷ 2009-10 ଠାରୁ 2013-14 ପର୍ଯ୍ୟନ୍ତ ମୁଖ୍ୟ/ ମଧମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଆର୍ଥିକ ବ୍ୟବସ୍ଥା, ଅର୍ଥ ପୁନଃ ବିନିଯୋଗ, ସଂଶୋଧିତ ଆୟ ଓ ବ୍ୟୟର କଳନା, ଅର୍ଥର ଖର୍ଚ୍ଚ ଏବଂ ସଂଚୟ/ ସମର୍ପଣ ଆଦିର ତଥ୍ୟ ନିମ୍ନରେ ଦିଆଗଲା ।

**ସାରଣୀ ସଂଖ୍ୟା 2.3 ବିତ୍ତୀୟ ବ୍ୟବସ୍ଥା ଏବଂ ଖର୍ଚ୍ଚ**

**(କୋଟି ଟଙ୍କାରେ)**

| ବର୍ଷ | ଆର୍ଥିକ ବ୍ୟବସ୍ଥା | ବିନିଯୋଗ/ ପୁନଃ ବିନିଯୋଗ | ସଂଶୋଧିତ ଅର୍ଥ ବ୍ୟବସ୍ଥା | ଖର୍ଚ୍ଚ | ବଳକା ଅର୍ଥ | ବଳକା ଅର୍ଥର ପ୍ରତିଶତ |
|---|---|---|---|---|---|---|
| 2009-10 | 1130 | -51.03 | 1078.97 | 943.24 | 135.73 | 12.58 |
| 2010-11 | 1155 | -8.61 | 1146.39 | 990.04 | 156.35 | 13.64 |
| 2011-12 | 1236 | -81.46 | 1154.54 | 867.75 | 286.79 | 24.84 |
| 2012-13 | 1059 | -55.40 | 1003.6 | 861.05 | 142.55 | 14.20 |
| 2013-14 | 1215.99 | -41.43 | 1174.56 | 860.58 | 313.98 | 26.73 |
| ମୋଟ | ***5795.99*** | ***-237.93*** | ***5558.06*** | ***4522.66*** | ***1035.4*** | |

*ଉତ୍ସ: ମୁଖ୍ୟଯନ୍ତ୍ରୀ ଜଳସଂପଦ ବିଭାଗ ଏବଂ କ୍ଷୁଦ୍ର ଜଳସେଚନ ମୁଖ୍ୟ ଯନ୍ତ୍ରୀ ଦ୍ୱାରା ପ୍ରଦତ୍ତ ତଥ୍ୟ*

ଉପରୋକ୍ତ ତଥ୍ୟରୁ ନିମ୍ନଲିଖିତ ବିଷୟମାନ ଅନୁଭବ କରାଗଲା :

- ଯଦିଓ ଜଳସଂପଦ ବିଭାଗ ଆର୍ଥିକ ବଣ୍ଟନକୁ ପୁନଃ ବିନିଯୋଗ ଦ୍ୱାରା ହ୍ରାସ କରିଥିଲେ ତଥାପି ବଳକା ଅର୍ଥର ହାର 13 ରୁ 27 ପ୍ରତିଶତ ମଧ୍ୟରେ ରହିଛି ।
- ଯଦିଓ ସଂଶୋଧିତ ଆର୍ଥିକ ବଣ୍ଟନ ବ୍ୟବସ୍ଥାରେ 5586.06 କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା ସେଥିରୁ ପ୍ରକୃତ ଖର୍ଚ୍ଚ 4522.66 କୋଟି ଟଙ୍କା ହୋଇଥିଲା ଏବଂ ବଳକା ଅର୍ଥ ରାଶି 1035.40 କୋଟି ଟଙ୍କା ରହିଲା । ଏହି ଅର୍ଥ ରାଶିର ସଂଚୟୀସମର୍ପଣର ପ୍ରଧାନ କାରଣ ମୁଖ୍ୟତଃ ପ୍ରକଳ୍ପର ସୁ କାର୍ଯ୍ୟକାରିତାର ଅଭାବ ଯାହାକି ଆବଶ୍ୟକ ଭୂ-ଅର୍ଜନରେ ବିଳମ୍ବ, ପ୍ରକଳ୍ପ ସ୍ଥାନରେ ଥିବା ଲୋକମାନଙ୍କୁ ସ୍ଥାନଚ୍ୟୁତ କରିବା, ଆବସ୍ୟକ ହେଉଥିବା ରେଖାଚିତ୍ର ଏବଂ ଅଙ୍କନ ସମ୍ପୂର୍ଣ୍ଣ ନ କରିବା ଏବଂ ଠିକାଦାର ମାନଙ୍କର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନରେ ଖିଲାପ ଇତ୍ୟାଦି । ଏଗୁଡିକ ପୂର୍ବ/ ପର ଅନୁଚ୍ଛେଦମାନଙ୍କରେ ଆଲୋଚିତ ହୋଇଛି ।
- 2009-14 ବର୍ଷରେ ପ୍ରକଳ୍ପର ଖର୍ଚ୍ଚ ରାଶି ମଧ୍ୟରୁ 578.2 କୋଟି ଟଙ୍କା ବ୍ୟାଙ୍କରେ ଥିବା ସଂଚୟ/ଚଳନ୍ତି ଖାତା ଏବଂ ସିଭିଲ୍ ଡିପୋଜିଟ୍ ଭାବରେ ରହିଛି ।

ରାଜ୍ୟ ସରକାର (ଅକ୍ଟୋବର 2014) କହିଲେ ଯେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ବାରମ୍ବାର ବାଧା ଉପୁଜିବାରୁ ପ୍ରକଳ୍ପର ଧାରାବାହିକ ଅଗ୍ରଗତି ହେଲା ନାହିଁ ଫଳରେ ବିନିଯୋଗ ହେବାକୁ ଥିବା ଅର୍ଥ ରାଶି ବଳକା ରହିଲା ।

### 2.1.7.2 କେନ୍ଦ୍ରିୟ ଅନୁଦାନ ପ୍ରାପ୍ତି ନ ହେବା

ରାଜ୍ୟ ସରକାରଙ୍କର ବ୍ୟୟ ଓ ଆୟର କଳନା ଅନୁସାରେ ତ୍ୱରାନିତ ଜଳସେଚନ ସୁବିଧା ପ୍ରକଳ୍ପ ପାଇଁ ବର୍ଷକୁ ବର୍ଷ ଅନୁଦାନ ପ୍ରଦାନ କରାଯାଏ । ରାଜ୍ୟ ସରକାର 2009 ଠାରୁ 2014 ମଧ୍ୟରେ ପ୍ରକଳ୍ପ ବାବଦକୁ ଖର୍ଚ୍ଚ ହୋଇଥିବା 3,364.77 କୋଟି ଟଙ୍କା ବଦଳରେ 3,161.07 କୋଟି ଟଙ୍କା ଫେରସ୍ତ ପାଇବା ପାଇଁ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କଲେ । ଏହା ମଧ୍ୟରୁ 1,822.87 କୋଟି ଟଙ୍କା ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ପାଇଛନ୍ତି ଏବଂ ଅବଶିଷ୍ଟ 1,541.90 କୋଟି ଟଙ୍କା ପାଇବା ପାଇଁ ଅଛି । ଦାବି ମୁତାବକ ଅର୍ଥ ନ ପାଇବାର ମୁଖ୍ୟ କାରଣ ହେଉଛି ରାଜ୍ୟ ସରକାରଙ୍କର ଅର୍ଥ ପ୍ରାପ୍ତି ପାଇଁ ଦାବିରେ ବିଳମ୍ବ ଏବଂ ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ କରିଥିବା ନିରୀକ୍ଷଣର ସଠିକ୍ ଅଙ୍ଗୀକାର ନ କରିବା ।

ଏହା ମଧ୍ୟ ଦେଖାଗଲା ଯେ ବର୍ଷ 2013-14 ରେ ରାଜ୍ୟ ସରକାର 5 ଟି ପ୍ରକଳ୍ପ ପାଇଁ 193.81 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ପାଇଁ ଦାବି ଉପସ୍ଥାପନ କରିଥିଲେ । ଏଥି ମଧ୍ୟରୁ ଗୋଟିଏ ପ୍ରକଳ୍ପର ଅବଧି ବୃଦ୍ଧି କାରଣରୁ ସହାୟତା ରାଶି ପ୍ରଦାନ କରାଗଲା ନାହିଁ । ଏବଂ ରାଜ କୋଷୀୟ ବ୍ୟୟର ଦାୟିତ୍ୱ ଭାର ଏବଂ ଆୟ ଓ ବ୍ୟୟର ନିୟନ୍ତ୍ରଣର ମାନ ହେତୁ ଅନ୍ୟ ଚାରିଟି ପ୍ରକଳ୍ପ ଯଥା -ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ପ୍ରକଳ୍ପ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଏବଂ ରେଡ ଜଳସେଚନ ପ୍ରକଳ୍ପର କେନ୍ଦ୍ରୀୟ ସହାୟତା ରାଶି

ମିଳିଲା ନାହିଁ । ଅଧିକନ୍ତୁ ପୂର୍ବ ବର୍ଷମାନଙ୍କରେ ଖର୍ଚ୍ଚ ହୋଇଥିବା ବକେୟା କେନ୍ଦ୍ରୀୟ ସହାୟତା ପାଇଁ ରାଜ୍ୟ ସରକାର କରିଥିବା ଦାବି ତ୍ୱରାନିତ ଜଳସେଚନ ସବିଧା ପ୍ରକଳ୍ପ ପାଇଁ ପ୍ରଯୁଯ୍ୟ ନିୟମ ସମୂହ ଦ୍ୱାରା ଗ୍ରହଣୀୟ ନୁହେଁ ।ତେଣୁ ରାଜ୍ୟ ସରକାର ଉପରୋକ୍ତ କେନ୍ଦ୍ରୀୟ ସହାୟତା ରାଶି ପାଇ ପରିଲେ ନାହିଁ ।

ରାଜ୍ୟ ସରକାର କହିଲେ (ଅକ୍ଟୋବର 2014) ଯେ, ରାଜକୋଷୀୟ ବ୍ୟୟର ଦାୟିତ୍ୱ ଭାର ଏବଂ ଆୟ ଓ ବ୍ୟୟର ନିୟନ୍ତ୍ରଣ ମାପକାଠି ହେତୁ ଜଳସଂପଦ ମନ୍ତ୍ରାଳୟ ଦ୍ୱାରା ଓଡ଼ିଶା ପାଇଁ 2013-14 ରେ ଦାବି ହୋଇଥିବା କେନ୍ଦ୍ରୀୟ ଅନୁଦାନ ସହାୟତା ଅର୍ଥମନ୍ତ୍ରାଳୟ ଦ୍ୱାରା ମିଳିପାରିଲା ନାହିଁ । ସରକାର ଆହୁରି କହିଲେ ଯେ ଭବିଷ୍ୟତରେ ଦାବି ଉପସ୍ଥାପନ କରିବାରେ କୌଣସି ତ୍ରୁଟି ରହିବ ନାହିଁ କିମ୍ବା ବିଳମ୍ବ ହେବ ନାହିଁ ।

### *2.1.7.3 କେନ୍ଦ୍ରୀୟ ସହାୟତା ଉପଲବ୍ଧ ନ ହେବା*

ଏ.ଆଇ.ବି.ପି ନିର୍ଦ୍ଦେଶାବଳୀ ଅନୁସାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଦୁଇବର୍ଷ ମଧ୍ୟରେ ସମାପ୍ତି ହେବା କଥା । ଯଦି ସମୟ ମଧରେ କାର୍ଯ୍ୟ ଶେଷ ନ ହୁଏ ତେବେ ଅବଶିଷ୍ଟ କାର୍ଯ୍ୟ ଶେଷ କରିବା ପାଇଁ କୌଣସି କେନ୍ଦ୍ରୀୟ ସହାୟତା ମିଳିବାର ବ୍ୟବସ୍ଥା ନାହିଁ । ଅନୁଚ୍ଛେଦ 2.1.2.5 ରେ ବର୍ଣ୍ଣିତ ହୋଇଥିବା 57 ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ 2 ବର୍ଷ ସମୟ ମଧ୍ୟରେ ଶେଷ ହୋଇପାରିଲା ନାହିଁ । ଏହି 57 ଟି ପ୍ରକଳ୍ପ ମଧ୍ୟରୁ 18 ଟି ପ୍ରକଳ୍ପର କାର୍ଯ୍ୟ 2010 ମସିହା ଭିତରେ ଶେଷ ହେବା ପାଇଁ ସ୍ଥିର ହୋଇଥିଲା ଏବଂ ଅବଶିଷ୍ଟ 39 ଟି ପ୍ରକଳ୍ପ 2011 ମସିହାରେ ଶେଷ ହେବାର ଥିଲା । ଯାହାହେଉ ଅଡିଟ୍ ହେବା ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶେଷ ହୋଇନାହିଁ । ଯେହେତୁ ପ୍ରକଳ୍ପ ଶେଷ ହାବାର ଅବଧି ଦୁଇ ବର୍ଷରୁ ଅଧିକ ବିଳମ୍ବ ହେଲା । ଜଳ ସଂପଦ ବିବାଗ ମୋଟ 68.16 କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ପାଇବାରୁ ବଞ୍ଚିତ ହେଲେ ଏବଂ ପ୍ରକଳ୍ପଗୁଡିକର ବଳକା କାର୍ଯ୍ୟ ଶେଷ କରିବା ପାଇଁ ବିଭାଗକୁ ନିଜ ସମ୍ବଳ ବିନିଯୋଗ କରିବା ପାଇଁ ପଡିବ ।

### *2.1.7.4 ଅତିରିକ୍ତ ପ୍ରତିଷ୍ଠାନ ବାବଦ ବ୍ୟୟ*

ଏ.ଆଇ.ବି.ପି ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତିଷ୍ଠାନ ବାବଦକୁ ବ୍ୟୟ ପ୍ରକଳ୍ପର ମୁଖ୍ୟ ଅଂଶ ପାଇଁ ହେଉଥିବା ବ୍ୟୟର (ଜମି କିଣା ବାବଦ ବ୍ୟୟକୁ ଛାଡି) ଆଠ ପ୍ରତିଶତ ଏବଂ ଜଳ ଯୋଗାଣ ବାବଦ ବ୍ୟୟର ଦଶ ପ୍ରତିଶତ ରେ ସୀମିତ ରହିବ । ସାତ ଟି ମୁଖ୍ୟ /ମଧ୍ୟମ ଜଳସେଚନ ପ୍ରକଳ୍ପର ନଥି ଅନୁଧ୍ୟାନରୁ ଜଣାଯାଏ ଯେ ମୋଟ 1,394.16 କୋଟି ଟଙ୍କା (ଜମି ବାବଦ ଖର୍ଚ୍ଚ କୁ ଛାଡି) 2009 ମସିହା ଠାରୁ 2014 ମସିହା ମଧ୍ୟରେ ବିଭାଗ ଦ୍ୱାରା ଖର୍ଚ୍ଚ ହୋଇଛି । ପ୍ରକଳ୍ପର ନିୟମ ସମୂହ ଅନୁସାରେ ପ୍ରତିଷ୍ଠାନ ବାବଦକୁ ଦେୟ 125.47 କୋଟି ଟଙ୍କାରେ ସିମିତ ହେବା କଥା କିନ୍ତୁ ବିଭାଗ ପ୍ରତିଷଦଠାନ ବାବଦକୁ 289.69 କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଫଳରେ ମୋଟ 164.22 କୋଟି ଟଙ୍କା ପ୍ରତିଷ୍ଠାନ ବାବଦକୁ ଖର୍ଚ୍ଚ କରାଗଲା । ଯାହା ରାଜ୍ୟ ସରକାର ଙ୍କୁ ବହନ କରିବା ପାଇଁ ପଡିବ ।

### *2.1.7.5 ତ୍ୱରାନ୍ୱିତ ଜଳସେଚନ ସୁବିଧାର ଅର୍ଥ ଅନ୍ୟତ୍ର ଉପଯୋଗ*

ମୁଖ୍ୟ ଯନ୍ତ୍ରୀ ଏବଂ ଅବବାହିକା ପରିଚାଳକ(ବୈତରଣୀ, ସୁବର୍ଣ୍ଣରେଖା ଏବଂ ବୁଢାବଳଙ୍ଗ ଅବବାହିକା 2009 ମସିହା ଠାରୁ 2014 ମସିହା ମଧରେ 20.65 କୋଟି ଟଙ୍କା ଏ.ଆଇ.ବି.ପି ଅର୍ଥ ଯାହା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବାବଦକୁ ପ୍ରାପ୍ତ ହୋଇଥିଲେ । ସେହି ଅର୍ଥକୁ ତିନୋଟି ଡ୍ରେନେଜ ଡିଭିଜନ ଏବଂ ଗୋଟିଏ ଡ୍ରେନେଜ ସର୍କଲର ବେତନ ବାବଦକୁ ଖର୍ଚ୍ଚ କଲେ । ଯେହେତୁ ଡ୍ରେନେଜ ଡିଭିଜନ ଗୁଡିକ ଏ.ଅଇ.ବି.ପି ଅନ୍ତର୍ଭୁକ୍ତ କାର୍ଯ୍ୟମାନ କରୁନାହାନ୍ତି । ଏ.ଆଇ.ବି.ପି ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ଡ୍ରେନେଜ କାର୍ଯ୍ୟରେ ଲଗାଇବା ଅନିୟମିତ ଅଟେ ।

ଏହି ତଥ୍ୟ ଉପରେ ସରକାର କହନ୍ତି ଯେ ଉପରୋକ୍ତ ଅର୍ଥ ରାଶି ଏ.ଆଇ.ବି.ପି ପାଇଁ ଉଦ୍ଦିଷ୍ଟ ଅର୍ଥରୁ ବ୍ୟୟ କରାଯାଇ ନାହିଁ । କିନ୍ତୁ ପ୍ରକଳ୍ପ ମୂଲ୍ୟ ସମପରିମାଣରେ ବୃଦ୍ଧି ଘଟିଥିଲା ।

### 2.1.7.6 *ପ୍ରଶାସନିକ ଅନୁମୋଦନ ଠାରୁ ଅଧିକ ଖର୍ଚ୍ଚ କରିବା*

ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.2.4 ର ସଂକ୍ଷିପ୍ତ ବିବରଣୀ ସଂଖ୍ୟା-(i) ଅନୁସାରେ ପ୍ରଶାସନିକ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା କାର୍ଯ୍ୟର ବ୍ୟୟ ଠାରୁ 15 ପ୍ରତିଶତ ଅଧିକ ବ୍ୟୟ କିମ୍ବା ଦେୟ ସୃଷ୍ଟି କରାଯିବ ନାହିଁ କିମ୍ବା କୌଣସି କାର୍ଯ୍ୟ କରାଯିବ ନାହିଁ । ଏହା ପରିଦୃଷ୍ଟ ହେଲା ଯେ ନିର୍ବାହୀ ଯନ୍ତ୍ରୀ 13 ଟି ନିମ୍ନ ଜଳ ସେଚନ ପ୍ରକଳ୍ପ[13]ରେ 50.02 କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯାହାର ଗ୍ରହଣୀୟ ରାଶି ହେଉଛି 36.87 କୋଟି ଟଙ୍କା ଏବଂ ଅନୁମୋଦିତ ରାଶି ହେଉଛି 32.07 କୋଟି ଟଙ୍କା । ଫଳସ୍ୱରୂପ 13.15 କୋଟି ଟଙ୍କା ଅନିୟମିତ ଖର୍ଚ୍ଚ ହେଲା । ଯଦିଓ ଅତିରିକ୍ତ ଖର୍ଚ୍ଚ 22 ରୁ 144 ପ୍ରତିଶତ ମଧ୍ୟରେ ହେଲା ସେଥିପାଇଁ ମୁଖ୍ୟ ଯନ୍ତ୍ରୀଙ୍କର(ନିମ୍ନ ଜଳସେଚନ) ସଂଶୋଧିତ ଅନୁମୋଦି ନିଆଗଲା ନାହିଁ ।

ସରକାର କହିଲେ (ନଭେମ୍ବର 2014) ଯେ, ସଂଶୋଧିତ ଅଟକଳ ଫିଲ୍ଡ ଅଫିସ ଗୁଡିକ ତିଆରି କରିଛନ୍ତି, ଯାହା ଖୁବ୍ ଶୀଘ୍ର ମଞ୍ଜୁରୀ ଦିଆଯିବ । କିନ୍ତୁ ବିଭାଗ ପ୍ରଶାସନ ଅନୁମୋଦନ ଠାରୁ ଅଧିକ ଖର୍ଚ୍ଚ କରିପାରିଛନ୍ତି ।

### 2.1.7.7 *ସରକାରୀ ଜମାଖାତାରେ ରାଜସ୍ୱ ଜମା ଦିଆ ନହେବା*

ରାଜ୍ୟ ସରକାରଙ୍କର ରାଜସ୍ୱ ଏବଂ ଅବକାରୀ ବିଭାଗର ପ୍ରଶାସନିକ ଆଦେଶ(ସେପ୍ଟେମ୍ବର 1998) ଅନୁସାରେ ଅଗ୍ରୀମ ସହାୟତା ରାଶି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରୀ ବିଭାଗରୁ ପ୍ରାପ୍ତ ହୋଇଥିବା ରାଶି ସରକାରୀ ଜମାଖାତାରେ "ମେଜର ହେଡ-8443-ସିଭିଲ୍ ଡିପୋଜିଟ-III-ଅନ୍ୟାନ୍ୟ ବିଭାଗୀୟ ଜମା" ଜମା ହେବ । ଯେତେବେଳେ ସହାୟତା ରାଶିର ଖର୍ଚ୍ଚ ପାଇଁ ଆବଶ୍ୟକ ହେବ ଏହି ରାଶିକୁ ଉପରୋକ୍ତ ସରକାରୀ ଜମାଖାତାରୁ ଉଠାଣ କରି ଖର୍ଚ୍ଚ କରାଯିବ । ପୁନଶ୍ଚ ସାଧାରଣ ବିତ୍ତୀୟ ନିୟମ ଅନୁଚ୍ଛେଦ 3 ରେ ବର୍ଣ୍ଣିତ ନିୟମ 25 ଅନୁସାରେ ଯେକୌଣସି ରାଜସ୍ୱ ଆୟକୁ ସରକାରୀ ଜମାଖାତାରେ ଜମା ଦେବା ଉଚିତ୍ ।

ନଥି ଅନୁଧାନରୁ ଜଣାଗଲା ଯେ ପ୍ରଶାସନିକ ଆଦେଶକୁ ଉଲ୍ଲଙ୍ଘନ କରି ଏ.ଆଇ.ବି.ପି ଅଧିନରେ ଥିବା ଅର୍ଥ 357.20 କୋଟି ଟଙ୍କାକୁ ପ୍ରକଳ୍ପ ନିର୍ଦ୍ଦେଶକ, ଆରଆର ଏବଂ ପୁନଃ ବସତି ସଂଚୟ ଜମାଖାତାରେ ରଖିଲେ । ଏହାଛଡା ଯଦିଓ ବିଭାଗ ସୁଧ ଆକାରରେ ପାଇଥିବା ଅର୍ଥ 40.22 କୋଟି ଟଙ୍କାକୁ ନିଜ କ୍ୟାସ୍ ବହିରେ ଦର୍ଶାଇଥିଲେ, ସେହି ଅର୍ଥକୁ ମାର୍ଚ୍ଚ 2014 ସୁଦ୍ଧା ସରକାରୀ ଖାତାରେ ଜମା ଦେଇ ନାହାନ୍ତି ।

ସରକାର କହିଲେ (ଅକ୍ଟୋବର 2014) ଯେ, ପ୍ରାପ୍ତ ହୋଇଥିବା ସୁଧ ନିୟମିତ ଭାବରେ ସରକାରୀ ଖାତାରେ ଜମା ହେଉଛି । ଯାହାହେଉ, 40.22 କୋଟି ଟଙ୍କା ଏପର୍ଯ୍ୟନ୍ତ ସରକାରୀ ଖାତାରେ ଜମା ହୋଇନାହିଁ ।

### 2.1.7.8 *ବିନିଯୋଗ ପ୍ରମାଣ ପତ୍ର ଉପସ୍ଥାପନ ନ ହେବା*

ବିଭାଗ ଦ୍ୱାରା 45.64 କୋଟି ଟଙ୍କା ଏ.ଆଇ.ବି.ପି ପାଣ୍ଠିରୁ 2009 ମସିହା ଠାରୁ 2014 ମସିହା ମଧ୍ୟରେ ଉଚ୍ଚମାନର ସେତୁ, ରାସ୍ତା, ରେଲୱେ କ୍ରସିଂ ନିର୍ମାଣ ଏବଂ 132 କେଭି ଲାଇନର ଉଚ୍ଚତା ବୃଦ୍ଧି କରିବା ପାଇଁ ଅର୍ଥ ନିର୍ବାହୀ ଯନ୍ତ୍ରୀ (ଗୃହ ଏବଂ ରାସ୍ତା ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ ଏବଂ ଓଡିଶା ପାୱାର ଟ୍ରାନସମିଶନ କର୍ପୋରେସନଙ୍କ ପାଖରେ ଜମା ଦିଆଯାଇଥିଲା । ସେଥିମଧ୍ୟରୁ ନିର୍ବାହୀ ଯନ୍ତ୍ରୀ(ଗୃହ ଏବଂ ରାସ୍ତା ନିର୍ମାଣ) କଣ୍ଟାବାଞ୍ଜି ଡିଭିଜନ ମାତ୍ର 10.48 କୋଟି ଟଙ୍କାର ବିନିଯୋଗ ପତ୍ର ଉପସ୍ଥାପନ କରିଛନ୍ତି ।

---

[13] ନଗପଡା, ଆଙ୍କମରା, ବ୍ରାହ୍ମଣିଯୋର, ଦବଲାଯୋର, କରଞ୍ଜିଆନଳା, କଙ୍କୁବାଡି, ଜାଗମଗୁଡା, ବଡଟେମା, ତୁନପାର, ବାଘରି, ଜଟାଖଲିଆ, ଦୋବେଞ୍ଚୋବାରନଳା ଏବଂ ତାଲିଜୋର

ସରକାର କହିଲେ (ଅକ୍ଟୋବର 2014) ଯେ, ଉପରୋକ୍ତ କାର୍ଯ୍ୟ ଗୁଡିକ କରିବା ସଂପୂର୍ଣ୍ଣ ପାଇଁ ଏବଂ ଅର୍ଥ ବିନିଯୋଗ ପତ୍ର ଦେବା ପାଇଁ ଅନୁସରଣ କରୁଛନ୍ତି ।

### 2.1.7.9 *ଅତିରିକ୍ତ ମୂଲ୍ୟ ପ୍ରଦାନ*

ଜମି ଅଧିଗ୍ରହଣ ନିୟମ 1984 ଏବଂ ସମୟ ସମୟକୁ ସଂଶୋଧିତ ହେଉଥିବା ନିୟମ ଅନୁସାରେ ଯଦି ଜମି ଗ୍ରହଣ କରିବା ପାଇଁ ଜାରି ହୋଇଥିବା ପ୍ରାଥମିକ ବିଜ୍ଞପ୍ତିର ପ୍ରଥମ ବର୍ଷ ପରେ ଜମି ଅଧିଗ୍ରହଣ ବାବଦକୁ ଅର୍ଥ ପ୍ରଦାନ କରାଯାଏ । ନିର୍ଦ୍ଧାରିତ ଜମିର ମୂଲ୍ୟ ସହିତ ବାର୍ଷିକ 12 ପ୍ରତିଶତ ଅଧିକ ଅର୍ଥ ସହାୟତା ରାଶି ରୂପେ ଜମି ମାଲିକଙ୍କୁ ପ୍ରଦାନ କରାଯିବ ।

ଜାନୁୟାରୀ 2007 ମସିହା ଠାରୁ ଜୁଲାଇ 2013 ମସିହା ମଧ୍ୟରେ ଜଳସଂପଦ ବିଭାଗ ଦୁଇଟି ପ୍ରକଳ୍ପ[14] ପାଇଁ 68 ଟି ଗ୍ରାମର ଏ 6464.805 ଏକର ଜମି ଅଧିଗ୍ରହଣ ପାଇଁ 292.52 କୋଟି ଟଙ୍କା ମଞ୍ଜୁର କରିଥିଲେ । ଯାହାର ସବିସେହ ବିବରଣୀ ***ପରିଶିଷ୍ଟ 2.1.1*** ରେ ଦର୍ଶାଯାଇଛି । ଜଳ ସଂପଦ ବିଭାଗ ଅଧିନସ୍ଥ ପ୍ରକଳ୍ପ ମାନଙ୍କର ବିଶେଷ ଜମି ଗ୍ରହଣ ଅଧିକାରୀ ମାନେ ସହାୟତା ରାଶିକୁ ଜମି ମାଲିକମାନଙ୍କୁ ଏକ ବର୍ଷ ମଧ୍ୟରେ ପ୍ରଦାନ କରି ନପାରିବାରୁ ସଂଶୋଧିତ ଅଟକଳ ଯାହାକି ବାର୍ଷିକ 12 ପ୍ରତିଶତ ଅତିରିକ୍ତ ସୁଧ ଆକାରରେ ମଞ୍ଜୁରୀ କରିବା ପାଇଁ ପଡିଛି ଯାହାର ମୂଲ୍ୟ ହେଉଛି 389.88 କୋଟି ।

ତେଣୁ ବିଶେଷ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ସହାୟତା ରାସିର ପ୍ରଦାନ କରିବାରେ ବିଳମ୍ବ ହେତୁ ଅତିରିକ୍ତ ବ୍ୟୟ ବାବଦକୁ 27.36 କୋଟି ଟଙ୍କା ଖର୍ଚ୍ଚ କରାଗଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଅଟକଳଗୁଡିକ ସଂଶୋଧିତ ହୋଇ ବ୍ୟୟ କରାଯାଇଛି ।

### 2.1.7.10 *ଅନାଦେୟ ସରକାରୀ ପ୍ରାପ୍ୟ*

ସରକାରୀ ନଥି ଅନୁଧ୍ୟାନରୁ ଜଣାଗଲା ଯେ ସରକାରଙ୍କୁ ମିଳୁଥିବା ରାଜସ୍ୱ ଯଥା ରୟାଲିଟ ଏବଂ ସେସ ଆଦିର ପ୍ରାପ୍ୟକୁ ଆଦାୟ ନ କରି ପ୍ରକଳ୍ପ କାର୍ଯ୍ୟ ସଂପାଦନା କରା୍ଇଛି । ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

- ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ସର୍କୁଲାର (2104) ଅନୁସାରେ, ମାଟି କାମ ପାଇଁ ଖୋଳାଯାଇଥିବା ମାଟି ବାବଦକୁ ପ୍ରତି ଘନମିଟରକୁ 10 ଟଙ୍କା ହିସାବରେ ରୟାଲିଟି ଆଦାୟ ହେବ ଏବଂ ତିନି ବର୍ଷ ଅବଧି ପରେ ଏହି ରୟାଲିଟି 40 ପ୍ରତିଶତ ବୃଦ୍ଧି କରାଯିବ ।

  ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଏବଂ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପର କେନାଲ ନିର୍ମାଣ ପାଇଁ ବିଭାଗ 2007-08 ମସିହା ଠାରୁ 2010-11 ମଧ୍ୟରେ 19 ଟି କାର୍ଯ୍ୟ କରିବା ପାଇଁ କାର୍ଯ୍ୟ ମଞ୍ଜୁରୀ କରିଥିଲେ । କେନାଲ ବନ୍ଧ ନିର୍ମାଣ ପାଇଁ ଠିକାଦାର 81.29 ଲକ୍ଷ ଘନମିଟର ମାଟି ଖୋଳାଯାଇଥିବା ସ୍ଥାନରୁ ଆଣିଥିଲେ । ଏହି 81.29 ଲକ୍ଷ ଘନମିଟର ମାଟିକୁ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ରୟାଲିଟି ବାବଦକୁ ଦେୟ 15.93 କୋଟି ଟଙ୍କା ଠିକାଦାରମାନଙ୍କ ଠାରୁ ଅନାଦେୟ ରହିଲା । ଫଳରେ ସରକାରଙ୍କୁ ମିଳିବାକୁ ଥିବା ରାଜସ୍ୱ ହାନି ହେଲା ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦିଆଗଲା ।

ସରକାର କହିଲେ ଯେ (ଅକ୍ଟୋବର 2014) ମାଟିର ଆନୁପାତିକତାକୁ ଅଟକଳ ସମୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ରୟାଲିଟି ଆଦାୟ ହୋଇ ପାରିଲା ନାହିଁ । କିନ୍ତୁ ଠିକାଦାର ଦର ସ୍ଥିର ସମୟରେ ସମସ୍ତ ଟିକସ ଏବଂ ଶୁଳ୍କ ପ୍ରଦାନ ପାଇଁ ଅଙ୍ଗୀକୃତ ହୋଇଥିଲା ।

---

14 କାନୁପୁର ଜଳସେଚନ ପ୍ରକଳ୍ପ ଏବଂ କ୍ଷୁଦ୍ର ସୁକଟେଲ ଜଳସେଜନ ପ୍ରକଳ୍ପ ।

- ସବିଶେଷ ଠିକା ପ୍ରସ୍ତାବ ଡାକିବା ବିଜ୍ଞାପନର ସର୍ତ୍ତ 9 (ସି) ଅନୁସାରେ ସରକାରୀ ଭାବେ ସମୟ ଅନୁସାରେ ଧାର୍ଯ୍ୟ ହୋଇଥିବା ରୟାଲିଟିକୁ ଠିକାଦାରମାନଙ୍କ ବିଲରୁ କଟାଯିବ । ଠିକାଦାରମାନେ ନିର୍ଦ୍ଧାରଣ କରିଥିବା ଦର ଗୁଡିକୁ ଧରାଯିବ ଯେ ନିର୍ଦ୍ଧାରିତ ଦର ମାନଙ୍କରେ ସମସ୍ତ ପ୍ରକାର ଟିକସ ଏବଂ ଶୁଳ୍କ ଅନ୍ତର୍ଭୁକ୍ତ ହୋଇଛି । ପ୍ରକଳର ତିନୋଟି ପ୍ୟାକେଜକୁ ଅନୁଧ୍ୟାନ କରି ଜଣାଗଲା ଯେ ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିରୁ ପ୍ରତୀୟମାନ ହୁଏ ଯେ ରୟାଲିଟି ପ୍ରଚଳିତ ଦରରେ ଆଦାୟ ହେବ ଏବଂ ଯଦି ରୟାଲିଟିରେ ପରିବର୍ତ୍ତ୍ନ ହୁଏ, ତେବେ ପୃଥକ ଭାବେ ବର୍ଦ୍ଧିତ ରୟାଲିଟିର ଦେୟ ଠିକାଦାରଙ୍କୁ ଫେରସ୍ତ କରା୍ବ । ତେଣୁ ଏହି ଅନୁସାରେ 3.01 କୋଟି ଠିକାଦାରଙ୍କୁ ଫେରସ୍ତ ଦିଆଗଲା । ଚୁକ୍ତିରେ ତୃଟିପୂର୍ଣ୍ଣ ସର୍ତ୍ତ ଥିବାରୁ ଠିକାଦାରଙ୍କୁ ଉପରୋକ୍ତ ଅର୍ଥ ଫେରସ୍ତ ହେଲା ।

ସରକାର କହିଲେ (ଅକ୍ଟୋବର 2014) ଚୁକ୍ତିରେ ଥିବା ବିଶେଷ ସର୍ତ୍ତ ଅନୁସାରେ ଠିକାଦାରଙ୍କୁ ଅର୍ଥ ଫେରସ୍ତ କରାଗଲା । କିନ୍ତୁ ଏହି ସର୍ତ୍ତ ସବିଶେଷ ଠିକା ପ୍ରସ୍ତାବ ଡାକିବା ବିଜ୍ଞାପନର ବିରୁଦ୍ଧାଚରଣ କରୁଛି ।

ଓଡିଶା ସରକାରଙ୍କ ସରକାରୀ ଇସ୍ତାହାର ପତ୍ରିକା ଅନୁସାରେ (ଡିସେମ୍ବର 2008), କାର୍ଯ୍ୟ ମୂଲ୍ୟର ଏକ ପ୍ରତିଶତ ଯାହା ମୁଲିଆମାନଙ୍କ କଲ୍ୟାଣ ସେସ ଭାବରେ ଠିକାଦାରଙ୍କ ବିଲରୁ କଟାଯିବାର ଥିଲା । ଯାହାହେଉ ଛଅଟି[15] କେସରେ ଅନୁଧ୍ୟାନରୁ ଜଣାଯାଏ 1.34 କୋଟି ସେସ ବାଦକୁ ଠିକାଦାରଙ୍କ ଠାରେ ଅନାଦେୟ ରହିଲା । ଠିକାଦାରଙ୍କ ବିଲରୁ ଆଦାୟ ହୋଇଥିବା 2.78 କୋଟିଟଙ୍କା କୋଣସି ସଠିକ କାରଣ ନ ଥାଇ ଠିକାଦାରଙ୍କୁ ଫେରସ୍ତ ଦିଆଗଲା ।

ସରକାର କହିଲେ (ଅକ୍ଟୋବର 2014) ଯେ, ଯେହେତୁ ଅନୁମୋଦିତ ଅଟକଲରେ ସେସ ଅନ୍ତର୍ଭୁକ୍ତ ହୋଇ ନଥିଲା । ତେଣୁ ଠିକାଦାରମାନଙ୍କ ଠାରୁ ସେସ ଆଦାୟ ହେଲା ନାହିଁ । କିନ୍ତୁ ଅଣଦେୟ ସେସ୍ ସରକାରଙ୍କ 2008 ଆଦେଶନାମାଗକୁ ବିରୁଦ୍ଧାଚରଣ କରୁଛି ।

### *2.1.7. 11 କାର୍ଯ୍ୟ ସଂପାଦନ କରିବାରେ ବିଳମ୍ବ ହେତୁ କ୍ଷତିପୂରଣର ଅନାଦେୟ*

ଚୁକ୍ତିର ସର୍ତ୍ତ ଅନୁସାରେ ଯଦି ଠିକାଦାର ମାନେ କାର୍ଯ୍ୟ ସଂପାଦନରେ ବିଳମ୍ବ କରନ୍ତି ତେବେ କାର୍ଯ୍ୟ ମୂଲ୍ୟର 0.05 ପ୍ରତିଶତ ପ୍ରତିଦିନ ହିସାବରେ ବା ଚୁକ୍ତି ମୂଲ୍ୟର ସର୍ବାଧିକ 10 ପ୍ରତିଶତ ହିସାବରେ ଠିକାଦାରମାନେ କ୍ଷତିପୂରଣ ଦେବେ ଜୁଲାଇ 2003 ମସିହା ଠାରୁ ଅକ୍ଟୋବର 2011 ମଧ୍ୟରେ ବିଭାଗ ତିନୋଟି[16] ମୁଖ୍ୟ/ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ଖୋଳା କାମର 15 ଟି କାର୍ଯ୍ୟ ବିଭିନ୍ନ ଠିକାଦାରମାନଙ୍କ ଦ୍ୱାରା 152.44 କୋଟି ବ୍ୟୟରେ କରିବା ପାଇଁ ଅନୁମୋଦନ କରୁଥିଲେ ଯାହାର କାର୍ଯ୍ୟ ଶେଷ ହେବାର ଅବଧି ଥିଲା ଅକ୍ଟୋବର 2004 ମସିହା ଠାରୁ ଅପ୍ରେଲ 2013 ମଧ୍ୟରେ । ଯଦିଓ ଠିକାଦାରମାନେ ନିର୍ଦ୍ଧାରିତ ସମୟ/ପରିବର୍ଦ୍ଦ୍ଧିତ ସମୟରେ କାର୍ଯ୍ୟ ସଂପାଦନ କରିପାରିଲେ ନାହିଁ, ସର୍ତ୍ତ ଅନୁସାରେ ନିୟମ ଭଙ୍ଗ ବାବଦକୁ ଦଣ୍ଡ ଯାହା ଚୁକ୍ତି ମୁଲ୍ୟର 10 ପ୍ରତିଶତ ଯାହା 15.24 କୋଟି ଟଙ୍କା ଅଟେ ତାହାକୁ ଠିକାଦାରଙ୍କ ଉପରେ ଧାର୍ଯ୍ୟ କରାଗଲା ନାହିଁ । ଫଳରେ ଠିକାଦାର ଙ୍କୁ ଅତିରିକ୍ତ ଆର୍ଥିକ ଅନୁକମ୍ପା ଦିଆଗଲା । ସେହିପରି ଅନୁଚ୍ଛେଦ 2.1.9.3 (ଭି) ରେ ଆଲୋଚିତ ହୋଇଥିବ । କାର୍ଯ୍ୟମାନ ଏପରିକି ପରିବର୍ଦ୍ଧିତ ସମୟରେ ପରିସମାପ୍ତି ହୋଇ ମଧ୍ୟ କାର୍ଯ୍ୟ ଶେଷ ହୋଇ ନାହିଁ ଯାହା 24 ମାସରୁ 112 ମାସ ମଧ୍ୟରେ ବିଳମ୍ବ ହୋଇଛି । କାର୍ଯ୍ୟ ସଂପାଦନର ତୃଟିସ ଦ୍ବେ ଚୁକ୍ତି ମୂଲ୍ୟ 443.37 କୋଟି ଟଙ୍କର 10 ପ୍ରତିଶତ ଯାହା 44.34 କୋଟି ଟଙ୍କା ନିୟମ ଭଙ୍ଗ ଜନିତ ଦଣ୍ଡ ଆଦାୟ କରିବା କିମ୍ବା ତାହା ଆଦାୟ ହେଲା ନାହିଁ ।

ସରକାର କହିଲେ (ଅକ୍ଟୋବର 2014) ଯେ, କହନ୍ତି ଯେ ନିୟମ ଅନୁସାରେ କାର୍ଯ୍ୟ ସଂପାଦନ ନ କରିଥିବା ପାଇଁ ନିୟମ ଭଙ୍ଗ ଜନିତ ଦଣ୍ଡର ବ୍ୟବସ୍ଥା କରାଯାଉଛି ।

---

15 ଏସଆଇପି ମୁଖ୍ୟ କେନାଲ ଏବଂ ଜମ୍ବିରା ବାମ ମୁଖ୍ୟ କେନାଲ(ଦୁଇଟି କାର୍ଯ୍ୟ), ରେଟ ଜଳସେଚନ ବନ୍ଧ ପ୍ରକଳ୍ପ ଏବଂ କାନପୁର ବନ୍ଧ (ଦୁଇଟି କାର୍ଯ୍ୟ) ।

16 ଏସଆଇପି, ଏଲଆଇଆଇପି ଏବଂ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ।

### 2.1.7.12 *ଅନ୍ତରୀଣ ବିବରଣୀ ତନଖୀ ନ କରି ଦେୟ ପ୍ରଦାନ କରିବା*

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧିନସ୍ଥ ସାଳନ୍ଦି ବାମ ପାର୍ଶ୍ୱ ମୁଖ୍ୟ କେନାଲ ଦ୍ୱାରା ମୁଖ୍ୟ ଅଞ୍ଚଳର ବିସ୍ତୃତ ଜଳସେଚନ ବ୍ୟବସ୍ଥା ପାଇଁ ଜମି ଅଧିଗ୍ରହଣ କରିବାର ପରୀକ୍ଷା, ଯୋଜନା ରୂପାନ୍ତର ଏବଂ କାର୍ଯ୍ୟଧାରା ଆଦିର କାର୍ଯ୍ୟ ସଂପାଦନ ପାଇଁ ତିନିଜଣ ଠିକାଦାରଙ୍କୁ 2.48 କୋଟି ବ୍ୟୟର କାର୍ଯ୍ୟାନୁମତି (ମେ 2007) ଦିଆଯାଇଥିଲା । ଯାହା ଛଅ ମାସ ମଧ୍ୟରେ ଶେଷ ହେବାର ଥିଲା ।ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକାଦାର ମାନଙ୍କର କୌଣସି ଭାଗର କାର୍ଯ୍ୟ ସଂପାଦନ ହୋଇ ପାରିଲା ନାହିଁ ଏବଂ ମଧ୍ୟବର୍ତ୍ତୀ କାଳୀନ ବିବରଣୀ ଠିକାଦାରମାନଙ୍କ ଦ୍ୱାରା ଉପସ୍ଥାପନ କରାଗଲା ।

ନଥି ଅନୁଧ୍ୟାନରୁ ଜଣାଗଲା ଯେ ଅନ୍ତରୀଣ ବିବରଣୀକୁ ଅନୁଧ୍ୟାନ ନ କରି ନିର୍ବାହି ଯନ୍ତ୍ରୀ, ସାଳନ୍ଦି କେନାଲ ଡିବିଜନ 1.90 କୋଟି ଟଙ୍କା ଠିକାଦାରଙ୍କୁ ଦେୟ ପ୍ରଦାନ କରିଛନ୍ତି । ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏହି ବିବରଣୀକୁ ପରୀକ୍ଷା କରି ଅନୁଭବ କରନ୍ତି ଯେ ଠିକାଦାରଙ୍କୁ ଦେୟ ପ୍ରଦାନ ପୁର୍ବରୁ କନିଷ୍ଠ/ସହାୟକ ଯନ୍ତ୍ରୀ ମାନେ କେନାଲର ସ୍ତର ଏବଂ ଧାଡିର ସଠିକତାକୁ ତର୍ଜମା କରିନାହାଁନ୍ତି । ଠିକାଦାର ମଧ୍ୟ ଏହି କାର୍ଯ୍ୟର ଅନ୍ତିମ ବିବରଣୀ ଏ ପର୍ଯ୍ୟନ୍ତ ପ୍ରଦାନ କରିନ ଥିଲେ ଏବଂ ଏଥିପାଇଁ ଠିକାଦାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ପୁନଶ୍ଚ ପରୀକ୍ଷାର ବିବରଣୀ ଉପସ୍ଥାପନ ନ କରିବାରୁ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟ ବିଳମ୍ବିତ ହେଲା । ଫଳସ୍ୱରୂପ 64.08 ଏକର ଜମି ଅଧିଗ୍ରହଣ ପାଇଁ ଅତ୍ୟଧିକ 2.53 କୋଟି ଟଙ୍କା ଖର୍ଚ୍ଚ ହେଲା । ଏହା ବ୍ୟତୀତ ଠିକାଦାର ଠାରୁ ପରୀକ୍ଷା ବିବରଣୀ ଠିକ ସମୟରେ ଉପସ୍ଥାପନ ନ କରିବା ଦଣ୍ଡ ସ୍ୱରୂପ 0.25 କୋଟି ଟଙ୍କା ଅନାଦେୟ ହେଲା ।

ଏହି ତଥ୍ୟକୁ ଗ୍ରହଣ କରି ସରକାର କହିଲେ (ଅକ୍ଟୋବର 2014) ଯେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଠିକାଦାରଙ୍କ ବିରୁଦ୍ଧରେ ଖୁବ୍ ଶୀଘ୍ର ନିଆଯିବ ଏବଂ ଆବଶ୍ୟକୀୟ ଦଣ୍ଡ ସହିତ ହୋଇଥିବା ଚୁକ୍ତି କୁ ପରିସମାପ୍ତି କରାଯିବ ।

### 2.1.7.13 *ଅର୍ଥ ଜମା କରି ହେବାକୁ ଥିବା କାର୍ଯ୍ୟ ଶେଷ ନ ହେବା*

2006 ମସିହାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧିନସ୍ଥ ଜଳଗ୍ରାହୀ କ୍ଷେତ୍ରରେ ଜଳ ପରିପୂର୍ଣ୍ଣ ପୂର୍ବରୁ ଏହି କ୍ଷେତ୍ରକୁ ପରିଷ୍କାର କରିବା ଏବଂ ପଟୁ ହେବାରୁ ପ୍ରତିରୋଧ କରିବା ପାଇଁ ବନଖଣ୍ଡ ଅଧିକାରୀ, ଖରିଆଙ୍କ ପାଖରେ 13.70 କୋଟି ଟଙ୍କା ଜମା ଦିଆଯାଇଥିଲା । ଯାହାର କାର୍ଯ୍ୟ ସରକାର ଅବଦି 2008-09 ମସିହା ମଧ୍ୟରେ ଶେଷ ହେବାର ଥିଲା । ମେ 2014 ମସିହା ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ସ୍ଥିର ହୋଇଥିବା ଏହି କାର୍ଯ୍ୟ କରାଗଲା ନାହିଁ ଏବଂ ଏହି କାର୍ଯ୍ୟ କରିବା ପାଇଁ ବନଖଣ୍ଡ ଅଧିକାରୀ ଖରୀଆରଙ୍କ ସହ ଯୋଗାଯୋଗ କରାଗଲା ନାହିଁ ।

ସେହିପରି 5.28 କୋଟି ଟଙ୍କା କେନାଲ କୂଳର ବନିକରଣ, ହିଂସ୍ରଜନ୍ତୁ ପରିଚାଳନା ବ୍ୟବସ୍ଥା ଏବଂ କ୍ଷତି ପ୍ରତିପୂରକ ବନିକରଣ ଆଦି କାର୍ଯ୍ୟ ପାଇଁ ବନଖଣ୍ଡ ଅଧିକାରୀଙ୍କ ପାଖରେ ଜିମା ଦିଆଯାଇଥିଲା । ଯଦିଓ ଏହି ଅର୍ଥ ଦୀର୍ଘ ଆଠ ବର୍ଷହେବ ବନଖଣ୍ଡ ଅଧିକାରୀଙ୍କ ପାଖରେ ଜମା ଦିଆଯାଇଛି । ସେହି କାର୍ଯ୍ୟ ଆଦ୍ୟାବଧି (ଜୁଲାଇ 2014) କରାଯାଇ ନାହିଁ ।

ସରକାର କହିଲେ (ଅକ୍ଟୋବର 2014) ଯେ, ଉପରୋକ୍ତ କାର୍ଯ୍ୟ କରିବା ପାଇଁ ବନଖଣ୍ଡ ଅଧିକାରୀ , ଖରିଆରଙ୍କ ସହିତ ଯୋଗାଯୋଗ କରାଯାଇଛି ।

### 2.1.7.14 *ଗଛ କଟା କାର୍ଯ୍ୟ ଶେଷ ନ ହେବା*

ଜଳାଶୟ ସ୍ଥାନରୁ 28025ଟି ଗଛ କାଟି ଏବଂ ସେଗୁଡିକୁ ପରିବହନ କରି ଅନ୍ୟତ୍ର ନେବା ପାଇଁ ଅଗଷ୍ଟ ୨୦୦୬ ମସିହା ଠାରୁ ଅଗଷ୍ଟ 2010 ମସିହା ମଧ୍ୟରେ 2.45 କୋଟି ଟଙ୍କା ଓଡିଶା ବନ ଉନ୍ନୟନ ନିଗମଙ୍କୁ ଜମା ଦିଆଯାଇ ଥିଲା । ସେଥି ମଧ୍ୟରୁ ବନ ଉନ୍ନୟନ ନିଗମ ମାତ୍ର 11,681 ଟି ଗଛ କୁ ଜଳାଶୟ ସ୍ଥାନରୁ

କାଟିଥିଲା । ବଳକା ଗଚ କଟା ନ ହେବା ବାବଦକୁ ବନ ଉନ୍ନୟନ ନିଗମଙ୍କ ପାଖରେ 1.43 କୋଟି ଟଙ୍କା ଜମା ଅଛି ଯାହା ନିଗମ ଅଧ୍ୟାବଧି ଫେରସ୍ତ ଦେଇ ନାହାଁନ୍ତି । ଏହି ବଳକା ଅର୍ଥ ଫେରି ପାଇବା ପାଇଁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା୍ଯାଇନାହିଁ ।

ସରକାର କହିଲେ (ଅକ୍ଟୋବର 2014) ଯେ, କହନ୍ତି ଯେ ଅବଶିଷ୍ଟ କାର୍ଯ୍ୟ ଶେଷ କରିବା ପାଇଁ ବନ ଉନ୍ନୟନ ନିଗମଙ୍କ ସହିତ ଯୋଗାଯୋଗ ଚାଲିଛି ।

### 2.1.7.15 *ଅନାବଶ୍ୟକ ଦେୟ ପ୍ରଦାନ*

ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗଙ୍କ ଦ୍ୱାରା ଲୋୟର ସୁକ ତେଲ ଜଳସେଚନ ପ୍ରକଳ୍ପ ପାଇଁ ଚୁଡାପାଲି ଗ୍ରାମର ବିଭିନ୍ନ କିସମର ଏ 476.90 ଡି ଜମି[17] ଅଧିଗ୍ରହଣ କରିବା ପାଇଁ ଜାନୁୟାରି 2004 ମସିହାରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ସେପ୍ଟେମ୍ବର 2006 ମସିହାରେ ଏହାର ଅଟକଳ ମୂଲ୍ୟ 12.88 କୋଟି ଟଙ୍କାକୁ ଅନୁମୋଦିତ କରାଯାଇଥିଲା । ଯେହେତୁ ଠିକ ସମୟରେ ବିଶେଷ ଜମିଗ୍ରହଣ ଅଧିକାରୀ ଜମି ଅଧିଗ୍ରହଣ କରିପାରିଲେ ନାହିଁ । ଫଳ ସ୍ୱରୁପ 15.41 କୋଟି ଟଙ୍କାର ସଂଶୋଧିତ ଅଟକଳ ବିଶେଷ ଜମି ଗ୍ରହଣ ଅଧିକାରୀଙ୍କ ଦ୍ୱାରା(ଜାନୁୟାରୀ 2010) ଅନୁମୋଦିତ ହେଲା । ପୁନଶ୍ଚ ଏହି ସଂଶୋଧିତ ଅଟକଳ ଅନୁଧ୍ୟାନରୁ ଜଣାଗଲା ଯେ ଅଟକଲ ତିଆରି ସମୟରେ ବିଶେଷ ଜମି ଗ୍ରହଣ ଅଧିକାରୀ ଏ 9.56 ଡି ଜମି ଯାହାର କିସମ ହେଉଛି ବରନ ମାମୁଲି ତାହା ଘରବାରୀ କିସମ ରୂପେ ଅଟକଲରେ ପରିବର୍ତ୍ତିତ କରିଛନ୍ତି । ଫଳରେ ଏହି ଜମିର ମୂଲ୍ୟ 2.53 କୋଟି ଟଙ୍କାକୁ ବୃଦ୍ଧି ଘଟିଚି ତାହା ଜଳ ସଂପଦ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇନାହିଁ ।

ସରକାର ନଭେମ୍ବର 2014 ରେ କହିଲେ ଯେ ସାଧାରଣତଃ ଜିଲ୍ଲାପାଳଙ୍କ ଅନୁମତି ବିନା 4(i) ବିଜ୍ଞପ୍ତି ପରେ ଜମିର କିସମ ପରିବର୍ତ୍ତନ ଅନୁମୋଦିତ ନୁହେଁ । ଉପରୋକ୍ତ ଘଟଣାରେ ବରନ ମାମୁଲିରୁ ଘରବାରି ପରି ପରିବର୍ତ୍ତନ ମଧ ନିୟମ ଭିତରେ ନାହିଁ । ଘଡଣିତିକୁ ତଦନ୍ତ କରାଯାଉଅଛି ।

### 2.1.7.16 *ପୁନଃ ବସତି ଏବଂ ଥଇଥାନ ପ୍ରାପ୍ୟ ପ୍ରଦାନ ସତ୍ତ୍ୱେ ଲୋକମାନଙ୍କୁ କାର୍ଯ୍ୟ କ୍ଷେତ୍ରରୁ ସ୍ଥାନଚ୍ୟୁତ ନ କରିବା ଦ୍ୱାରା କାର୍ଯ୍ୟ ଶେଷ ହେଲା ନାହିଁ*

ସରକାରଙ୍କ ପୁନଃ ବସତି ଏବଂ ଥଇଥାନ ନୀତି 1994 ଅନୁସାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ 2,937 ପରିବାରଙ୍କୁ 2006 ମସିହା ପୂର୍ବରୁ ପୁନଃବସତି ଓ ଥଇଥାନ ସହାୟତା ପ୍ରଦାନ କରାଯାଇଥିଲା । ଯେ୍ହେତୁ ଏହି ପରିବାରଗୁଡିକୁ ସହାୟତା ଦିଆଯିବା ସତ୍ୱେ ସ୍ଥାନାନ୍ତର କରାଯାଇପାରିଲା ନାହିଁ । ଜଳ ସଂପଦ ବିଭାଗ ପ୍ରତି ପରିବାରକୁ 2 ଲକ୍ଷ ହିସାବରେ 58.74 କୋଟି ଟଙ୍କା ସାନୁଗ୍ରହ ଭାବରେ ଅନୁମୋଦନ କଲେ । ସେହିପରି ଟିଟିଲାଗଡ ଜଳସେଚନ ପ୍ରକଳ୍ପରେ 250ଟି ପରିବାରକୁ 5 କୋଟି ଟଙ୍କା ସାନୁଗ୍ରହ ଦିଆଗଲା । ଏହା ସତ୍ୱେ ଉପରୋକ୍ତ ପରିବାରଗୁଡିକ ଜଳାଶୟ ସ୍ଥାନରୁ ଏପର୍ଯ୍ୟନ୍ତ ଅବସ୍ଥାନ କରୁଛନ୍ତି ।

ମାର୍ଚ୍ଚ 2014 ମସିହା ସୁଦ୍ଧା ସ୍ଥାନାନ୍ତର ହେବା ପାଇଁ ଥିବା ପରିବାର ସଂଖ୍ୟା 9,412 କୁ ବର୍ଦ୍ଧିତ ହୋଇଛି । ବିଭାଗ 2008 ଠାରୁ 2014 ମସିହା ମଧ୍ୟରେ ଏହି ବାବଦକୁ 297.10 କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଅନୁଧ୍ୟାନ ସମୟରେ ଦୃଷ୍ଟିକୁ ଆସିଥିବା ପୁନଃ ଥଇଥାନ ରାଶିର ହୋଇଥିବା ଅନିୟମିତତା ନିମନରେ ପ୍ରଦାନ କରାଯାଇଛି ।

- ପ୍ରକଳ୍ପ ନିର୍ଦ୍ଦେଶକ ,ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧିନସ୍ଥ 207 ଟି ପରିବାର ପାଇଂ ଥିବା ପୁନଃବସତି ଏବଂ ଥଇଥାନ ସହାୟତା ରାସିର ପ୍ରସ୍ତାବ ଅନୁମୋଦନ ପାଇଁ (ଜାନୁୟାରୀ 2012)

[17] କିସମ କହିଲେ ଜମିର ପ୍ରକାରକୁ ବୁଝାଯାଏ ।

ଜଳ ସଂପଦ ବିଭାଗ ପାଖରେ ପ୍ରସ୍ତାବ ରଖିଲେ । ସେଥି ମଧ୍ୟରୁ ଜଳ ସଂପଦ ବିଭାଗ (ଫେବୃୟାରୀ 2012) 145 ଟି ପରିବାର ପାଇଁ 10.76 କୋଟି ଟଙ୍କା ସହାୟତା ରାଶି ।ନୁମୋଦନ କଲେ ।

ଉପରୋକ୍ତ ସହାୟତା ରାଶିରେ ଦେୟ ପ୍ରଦାନ ନଥିକୁ ଅନୁଧ୍ୟାନ କରି ଜଣାଗଲା (ଜୁଲାଇ 2014) ଯେ ବିଭାଗ ଦୁଇଟି ଅନୁପଯୁକ୍ତ ପରିବାର ଦାବି କରିଥିବା ସହାୟତା ରାଶିକୁ ଅଗ୍ରାହ୍ୟ କରିଥିବା ସତ୍ୱେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ସେମାନଙ୍କୁ ପୁନଃ ଥଇଥାନ ରାଶି 10.94 ଲକ୍ଷ ଟଙ୍କା ମେ ଏବଂ ଅଗଷ୍ଟ 2012 ମସିହା ମଧ୍ୟରେ ପ୍ରଦାନ କରାଯାଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ, ଏହି ଅର୍ଥର ପୁନଃ ଫେରସ୍ତ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

- ବିଭାଗ ଦୁଇଟି ଗ୍ରାମର 33ଟି ପରିବାରଙ୍କର ଥଇଥାନ ଏବଂ ପୁନଃ ବସତିର ସହାୟତା ରାଶି ପାଇଁ 1.31 କୋଟି ଟଙ୍କା ଅନୁମୋଦନ କଲେ । ଏହି ସହାୟତା ରାଶିର ଦେୟ ପ୍ରଦାନ ପୂର୍ବରୁ ପ୍ରକଳ୍ପ ନିର୍ଦ୍ଦେଶକ ଅନୁଧାନରୁ (ଜୁଲାଇ 2014) ଜାଣିଲେ ସମସ୍ତ ପରିବାର ଗୁଡିକ ସହାୟତା ରାଶି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି । ଏହି ତଥ୍ୟ ଜାଣିବା ସତ୍ତ୍ୱେ ଅନୁମୋଦନ ହୋଇଥିବା ରାଶି ମୁଖ୍ୟଯନ୍ତ୍ରୀଙ୍କୁ ଫେରସ୍ତ ହୋଇନାହିଁ ଏବଂ ଅନୁମୋଦିତ ହୋଇଥିବା ରାଶିର ଅନୁମୋଦନକୁ ବାତିଲ୍ କରାଯାଇନାହିଁ ।

ସରକାର କହିଲେ (ଅକ୍ଟୋବର 2014) ଯେ ଅନୁମୋଦନ ଆଦେଶର ବାତିଲ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

- ଦୁଇଟି ଗ୍ରାମର 11 ଟି ପରିବାରଙ୍କୁ ସହୟତା ରାଶି 23.50 ଲକ୍ଷ ଟଙ୍କା ମେ 2011 ମସିହା ଠାରୁ ସେପ୍ଟେମ୍ବର 2011 ମସିହା ମଧରେ ସହାୟତା ପ୍ରଦାନ କରାଗଲା । ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅନୁଧାନରୁ ଜଣାଗଲା ଯେ ସହାୟତା ରାଶି ଦିଆଯାଇଥିବା ପରିବାର ଗୁଡିକ ସହାୟତା ପାଇବା ପାଇଁ ଯୋଗ୍ୟ ନୁହଁନ୍ତି ଏବଂ ସେମାନଙ୍କୁ ଏହି ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦିଓ ଏପର୍ଯ୍ୟନ୍ତ (ଜୁଲାଇ 2014) ସେମାନଙ୍କଠାରୁ 7.00 ଲକ୍ଷ ଟଙ୍କା ସହାୟତା ରାଶି ଫେରସ୍ତ ଅଣାଯାଇଅଛି ଅବଶିଷ୍ଟ 16.50 ଲକ୍ଷ ଟଙ୍କା ସହାୟତା ରାଶି ଫେରସ୍ତ ପାଇବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

- ଥଇଥାନ ଏବଂ ପୁନଃବସତି ସହାୟତା ପାଇ ସାରିଲା ପରେ ବାସଚ୍ୟୁତ ପରିବାର ଜଳମଗ୍ନ ଇଲାକାକୁ ଛାଡିବା ଉଚିତ୍ । ଠିକ୍ ସମୟରେ ବାସଚ୍ୟୁତ ହୋଇ ନଥିବାରୁ ପରିବାରର ଚାରୋଟି ନାତୁଣୀ ଯାହାଙ୍କର ବୟସ 30 ବର୍ଷ ହେବା ପରେ ସହାୟତା ରାଶି ପାଇବା ପାଇଁ ଯୋଗ୍ୟ ହେଲେ ଏବଂ ସେମାନଙ୍କୁ 24.40 ଲକ୍ଷି ଟଙ୍କା ସହାୟତା ରାଶି 2012 ମସିହାରେ ପ୍ରଦାନ କରାଗଲା । ଯଦିଓ ସେମାନଙ୍କର ପରିବିର ଲୋକେ ସହାୟତା ରାଶି ଅଗଷ୍ଟ 2009 ମସିହାରେ ପାଇ ସାରିଥିଲେ ।

ସରକାର କହିଲେ (ଅକ୍ଟୋବର 2014) ଯେ ଏହି ବିଷୟରେ ତଦନ୍ତ ଚାଲିଛି ।

## 2.1.8 ପ୍ରକଳ୍ପର କାର୍ଯ୍ୟାନ୍ୱୟନ

ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନଥିପତ୍ରର ସର୍ବେକ୍ଷଣରୁ ଦେଖାଗଲା ଯେ ବର୍ଦ୍ଧିତ ଅଟକଳ ନମୁନା ଗୁଡିକ ଯାହା ଉଚ୍ଚାଦରରେ ଉଦ୍ଧୃତ କରିବା, ଠିକା ପ୍ରସ୍ତାବ ପ୍ରକ୍ରିୟାରେ ତୃଟି କରିବା ଏବଂ ଠିକାଦାରଙ୍କୁ ଅତିରିକ୍ତ ଦେୟ ପ୍ରଦାନ ପାଇଁ ବାଟ ଦେଖାଯାଉଛି । ସେଗୁଡିକର ବିଶେଷ ଆଲୋଚନା ନିମ୍ନ ଅନୁଚ୍ଛେଦରେ କରାଗଲା ।

### 2.1.8.1 ତ୍ରୁଟିରହିତ ଅଟକଳରେ କାର୍ଯ୍ୟ ସଂପାଦନ ହେବାରୁ କାର୍ଯ୍ୟରେ ଅତିରିକ୍ତ ବ୍ୟୟ ହେବା

ଓଡିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.4.10 ର ବ୍ୟବସ୍ଥା ଅନୁସାରେ ଅଟକଳ ପ୍ରସ୍ତୁତି ସବୁବେଳେ ଖୁବ୍ ମିତବ୍ୟୟୀ ହେବା ଉଚିତ୍ । ପୂର୍ତ୍ତ ବିଭାଗ ଦ୍ୱାରା ପ୍ରସ୍ତୁତ ଦର ତାଲିକା ସମସ୍ତ ବିଭାଗ ସହିତ ଜଳ ସଂପଦ ବିଭାଗ ସହିତ ଅନ୍ୟ ସମସ୍ତ ବିଭାଗ ଦର ତାଲିକା ଅନୁସାରେ ଅଟକଳ ପ୍ରସ୍ତୁତ କରିବା ଦରକାର । ଆଠଟି ପ୍ରକଳ୍ପର ଅଟକଳରେ ସୂଚିତ ହୋଇଥିବା ଦର ସୂଚୀରେ ନିର୍ଦ୍ଧାରିତ ଦରକୁ ଗ୍ରହଣ କରାଯାଇ ନଥିଲା । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଟକଳ ପ୍ରସ୍ତୁତି ସମୟରେ କାର୍ଯ୍ୟରେ ବ୍ୟବହୃତ ଦ୍ରବ୍ୟ ଅଧିକ ପରିମାଣରେ ଅନ୍ତର୍ଭୁକ୍ତ କରିବା । ଦ୍ରବ୍ୟର ପରିବହନ ପାଇଁ ଅତ୍ୟଧିକ ଦୂରତ୍ୱର ବ୍ୟବସ୍ଥା କରିବା ଦ୍ୱାରା ଅତିରିକ୍ତ ଖର୍ଚ୍ଚର 148.70 କୋଟି ଟଙ୍କା ହେଲା ଯାହା ***ପରିଶିଷ୍ଟ 2.1.2*** ରେ ଆଲୋଚିତ ହୋଇଛି ।

ବାସ୍ତବିକ ତଥ୍ୟକୁ ଗ୍ରହଣ କରି ସରକାର କହିଲେ (ନଭେମ୍ବର 2014) ଯେ ଭବିଷ୍ୟତରେ ଏସଓଆର/ ଏଓଆର ରୁ ନିର୍ଦ୍ଦିଷ୍ଟ ବିଚ୍ୟୁତି ପାଇଁ କାରଣ ପୂର୍ଣ୍ଣ ପ୍ରାଧିକାରୀଙ୍କ ଠାରୁ ଅନୁମୋଦନ ନିଆଯିବ ।

### 2.1.9 ଟେଣ୍ଡର ପ୍ରକ୍ରିୟାରେ ଭିନ୍ନତା

ନଥିପତ୍ରର ଯାଞ୍ଚରୁ ପ୍ରକଟିତ ହେଲା ଯେ ଟେଣ୍ଡର ପ୍ରକ୍ରିୟାରେ ଭିନ୍‌ନତା ହେତୁରୁ ଅତିରିକ୍ତ ବ୍ୟୟ ହୋଇଥିଲା ତାହା ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଗଲା ।

### 2.1.9.1 ପୁନଃ ଟେଣ୍ଡରରେ ଅତିରିକ୍ତ ଖର୍ଚ୍ଚ

- ଉପର କୋଲାବ ପ୍ରକଳ୍ପ(ୟୁକେପି) ରେ ସିସିଇ ତେଲେଙ୍ଗିରି ମୁଖ୍ୟ କେନାଲର ତିନୋଟି ରିଚ୍‌ର ଖୋଳାପାଇଁ ମାର୍ଚ୍ଚ 2012 ରେ ଯୋଡା ଲଫାପା ପଦ୍ଧତିରେ ଇ-ସଂଗ୍ରହଣ ଦ୍ୱାରା ଚିଜ ଦର ନିଲାମ ଗୁଡିକର ଅନଲାଇନରେ ଆମନ୍ତ୍ରଣ କରିଥିଲେ । ଏହି କାର୍ଯ୍ୟର ତିନୋଟି ରିଚ୍‌ଗୁଡିକର ଆକଳିତ ମୂଲ୍ୟ 23.51 କୋଟି ଟଙ୍କା ଥିଲା । ନିଲାମ ଯୋଗ୍ୟତା ପୂର୍ବର ସର୍ତ୍ତ ଅନୁସାରେ ମିଳିତ ମୂଲ୍ୟ ନିରୂପଣ ମାନଦଣ୍ଡ ନିଲାମ ଦସ୍ତାବିଜ୍‌ଗୁଡିକରେ ଅନ୍ତର୍ଭୁକ୍ତ ହୋଇ ନଥିଲା । ତେଣୁ ନିଲାମଗୁଡିକ ଗ୍ରହଣ କରିବା ପରେ ଟେଣ୍ଡର କମିଟି ଯାନ୍ତ୍ରିକ ନିଲାମଗୁଡିକୁ ରଦ୍ଦ କରିଥିଲେ(ଜୁନ୍ 2012) । ପରବର୍ତ୍ତୀ କାଳରେ ମିଳିତ ମୂଲ୍ୟ ନିରୂପଣ ମାନଦଣ୍ଡକୁ ଅନ୍ତର୍ଭୁକ୍ତ କରି ପରିବର୍ତ୍ତିତ ଆକଳିତ 26.34 କୋଟି ଟଙ୍କା ମୂଲ୍ୟ ସହିତ ସିସିଇ ଆଉଥରେ ଅକ୍ଟୋବର 2012 ରେ ନିଲାମ ଗୁଡିକୁ ଆମନ୍ତ୍ରଣ କରିଥିଲେ । ଏସଓଆରର ପରିବର୍ତ୍ତନ କାରଣରୁ ମୂଲ୍ୟରେ ବୃଦ୍ଧି ହୋଇଥିଲା । ତେଣୁ, ପ୍ରାଥମିକ ଟେଣ୍ଡରରେ ମିଳିତ ମୂଲ୍ୟ ନିରୂପଣ ମାନଦଣ୍ଡ ନିଲାମ ଦସ୍ତାବିଜରେ ୟୁକେପିର ସିସିଇ ଅନ୍ତର୍ଭୁକ୍ତ କରି ନଥିବା କାରଣରୁ ଟେଣ୍ଡର ସମୟରେ 2.83 କୋଟି ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଟେଣ୍ଡର କମିଟି ଦ୍ୱାରା ଟେଣ୍ଡରଗୁଡିକ ରଦ୍ଦ କରାଯାଇଥିଲା ଏବଂ ଶେଷତମ ପରିବର୍ତ୍ତିତ ମୂଲ୍ୟ ଅନୁସାରେ ଆକଳନ ଗୁଡିକର ପରିବର୍ତ୍ତନ କାରଣରୁ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

- ଏଲଆଇପିର ବାମ ମୁଖ୍ୟ କେନାଲର ତିନୋଟି ଶାଖା ପ୍ରବାହର କେନାଲ ଖୋଳା ପାଇଁ 15.23 କୋଟି ଟଙ୍କା ଆକଳିତ ମୂଲ୍ୟରେ ସେପ୍ଟେମ୍ବର 2010 ରେ ଏଲଆଇ ଆଣ୍ଡ ଏଲଏସ ଜଳସେଚନ ପ୍ରକଳ୍ପର ସିଇ ଅନଲାଇନ୍ ଟେଣ୍ଡର ନିମନ୍ତ୍ରଣ କରିଥିଲେ । ଦୁଇଟି କ୍ଷେତ୍ରରେ ଏକକ ନିଲାମ ଡାକ ଏବଂ ମାତ୍ର ଗୋଟିଏ କ୍ଷେତ୍ରରେ ଦୁଇଟି ନିଲାମ ଡାକ ଗ୍ରହଣ କରିଥିବା କାରଣରୁ ଟେଣ୍ଡର କମିଟିଙ୍କ ଦ୍ୱାରା ଏହି ଟେଣ୍ଡରଗୁଡିକ ରଦ୍ଦ କରାଯାଇଥିଲା(ମାର୍ଚ୍ଚ 2011) । ଏହାର 19 ରୁ 31 ମାସ ଅତିକ୍ରମ ପରେ ଯାହାକି ନଭେମ୍ବର 2012 ଏବଂ ନଭେମ୍ବର 2013 ମଧ୍ୟରେ 19.83 କୋଟି ଟଙ୍କା ପରିବର୍ତ୍ତିତ ଆକଳିତ ମୂଲ୍ୟରେ ପୁନଃ ଟେଣ୍ଡର ଗୁଡିକ ଆମନ୍ତ୍ରଣ କରାଯାଇଥିଲା ଏବଂ କାର୍ଯ୍ୟଗୁଡିକ

18.94 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । ତେଣୁ ନିଲାମ ଗୁଡିକ ଚୂଡାନ୍ତରେ ବିଳମ୍ବ ପାଇଁ ଏସଓଆର ପରିବର୍ତ୍ତନ ଫଳରେ 3.71 କୋଟି[18] ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଜମି ଅଧିଗ୍ରହଣ ହୋଇ ନପାରିବା ଏବଂ ମୂଳ ଦସ୍ତାବିଜ ନ ଦେଇ ପାରିବା କାରଣରୁ ଟେଣ୍ଡର କମିଟିଙ୍କ ଦ୍ୱାରା ଟେଣ୍ଡରଗୁଡିକ ରଦ୍ଦ କରାଯାଇଥିଲା । କିନ୍ତୁ ଟେଣ୍ଡରଗୁଡିକୁ ରଦ୍ଦ କରିବା ପାଇଁ ଟେଣ୍ଡର କମିଟିଙ୍କ ଦ୍ୱାରା ଏକକ/ଦୁଇ ଜବାବ କାରଣରୁ ରଦ୍ଦ କରିବା ପାଇଁ ଆଲୋପ କରାଯାଇଥିଲା ।

### 2.1.9.2 ବଳକା କାର୍ଯ୍ୟଗୁଡିକର କାର୍ଯ୍ୟନିର୍ବାହରେ ଅତିରିକ୍ତ ଖର୍ଚ୍ଚ

ଏଲଆଇଆଇପିର ଦାମ ମୁଖ୍ୟ କେନାଲରେ ଆରଡି 29.01 କିମିରୁ ଆରଡି 36 କିମି ପର୍ଯ୍ୟନ୍ତ ଖୋଳିବା ପାଇଁ 15.83 କୋଟି ଟଙ୍କାରେ ଫେବୃଆରୀ 2009 ରେ ପ୍ରଦାନ କରାଯାଇଥିଲା ଯାହାକି ଅଗଷ୍ଟ 2011 ରେ ସମାପ୍ତ ହୋଇଥାନ୍ତା । କାର୍ଯ୍ୟନିର୍ବାହ ସମୟରେ, ସିମେଣ୍ଟ କଂକ୍ରିଟ୍, ମାଟି କାର୍ଯ୍ୟ ଏବଂ ଅନିୟତ ଖଣ୍ଡ ପଥର ପରିମାଣରେ ପରିବର୍ତ୍ତନ ହୋଇଥିଲା । ପ୍ରାଥମିକ ସ୍ତରରେ ଅପ୍ରଚୁର ସର୍ବେକ୍ଷଣ ଏବଂ ଅନୁସନ୍ଧାନ ଥିଲା ଏହାର ମୁଖ୍ୟ କାରଣ । ଏହି କାରଣରୁ କାର୍ଯ୍ୟଗୁଡିକର 18.48 କୋଟି ଟଙ୍କା ମୂଲ୍ୟର ନିର୍ବାହ କରିସାରିବା ପରେ ଠିକାଦାର କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ ନ କରିପାରିବା ହେତୁ ତାଙ୍କର ଚୁକ୍ତିକୁ ଜାନୁୟାରୀ 2012 ରେ ବନ୍ଦ କରି ଦିଆଯାଇଥିଲା । ଅବଶିଷ୍ଟ କାର୍ଯ୍ୟଗୁଡିକୁ ଦୁଇ ବର୍ଷରୁ ଅଧିକ ବିଳମ୍ବରେ 27.16 କୋଟି ଟଙ୍କା ଆକଳିତ ମୂଲ୍ୟରେ ମାର୍ଚ୍ଚ 2014 ରେ 23.34 କୋଟି ଟଙ୍କାରେ ଅନ୍ୟ ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ ଓ ଅନୁସନ୍ଧାନ ପରେ 18.29 କୋଟି ଟଙ୍କା ମୂଳ ଚୁକ୍ତିର ରାଜିନାମାର ଦର ହିସାବରେ କାର୍ଯ୍ୟକୁ ପ୍ରଦାନ କରାଯାଇ ଥିବା ଫଳରେ 5.05 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା (23.34 କୋଟ - 18.29 କୋଟି ଟଙ୍କା) ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଉଚ୍ଚ ପଦସ୍ଥ ଅଧିକାରୀମାନେ ନୀରିକ୍ଷଣ ସମୟରେ ଅତିରିକ୍ତ ଗଢଣଗୁଡିକୁ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ତଦନୁଯାୟୀ ଅବଶିଷ୍ଟ କାର୍ଯ୍ୟକୁ ଅନ୍ୟ ଜଣେ ଠିକାଦାରଙ୍କୁ ପ୍ରଦାନ କରାଗଲା ।

### 2.1.9.3 ଓଡିଶା ନିର୍ମାଣ ନିଗମ (ଓସସି) କୁ କାର୍ଯ୍ୟଗୁଡିକର ପ୍ରଦାନରେ ଅତିରିକ୍ତ ଖର୍ଚ୍ଚ

- ଏଲ୍ଏସଆଇପି ପ୍ରକଳ୍ପର ମାଟି ବନ୍ଧ ଏବଂ ଜଳ ନିର୍ଗମ ପଥ କାର୍ଯ୍ୟ ପାଇଁ ଓସିସି ଦେଇଥିବା ଦର ହିସାବରେ ଯଥାକ୍ରମେ 140.73 କୋଟି ଏବଂ 5.90 କୋଟି ଟଙ୍କାରେ ଡିସେମ୍ବର 2011 ଏବଂ ଏପ୍ରିଲ୍ 2013 ରେ ଓସିସିକୁ ପ୍ରଦାନ କରାଯାଇଥିଲା । ମୂଲିଆ ଓ ସାମଗ୍ରୀଗୁଡିକର ବର୍ଦ୍ଧିତ ମୂଲ୍ୟ ସହିତ ପ୍ରଚଳିତ ଏସଓଆର ଅନୁସାରେ କାର୍ଯ୍ୟଗୁଡିକ ପାଇଁ ଆକଳନଗୁଡିକର ପ୍ରସ୍ତୁତି ହୋଇଥିଲା । ତେଣୁ ସାମଗ୍ରୀଗୁଡିକର ଦର ଯାହାକି ପଥର, ଗୋଡି ଏବଂ ବାଲି ଏସଓଆର ମୂଲ୍ୟ ସହିତ ଭିନ୍ନ ହେଉଥିବା ଆବଶ୍ୟକ ।

  ଓସିସିର ଅର୍ପଣ କରିଥିବା ଦରକୁ ଯାଞ୍ଚ କରିବାରୁ ପ୍ରକଟିତ ହେଲା ଯେ ପଥର, ଗୋଡି ଏବଂ ବାଲିର ଦର ବିଭାଗୀୟ ଦରଠାରୁ ଅଧିକ ଥିଲା । ସାମଗ୍ରୀଗୁଡିକର ମୂଲ୍ୟ ବିଭାଗୀୟ ମୂଲ୍ୟଠାରୁ ଅଧିକ ଦରରେ ଗ୍ରହଣ କରିବା ଏବଂ ଏହା ବିଭାଗ ଦ୍ୱାରା ଗ୍ରହଣ କରିବା ଫଳରେ 12.76 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ଏବଂ ଓସିସିକୁ ଅନୁଚିତ୍ ଫାଇଦା ହୋଇଥିଲା ।

---

18 18.94 କୋଟି ଟଙ୍କା- 15.23 କୋଟି ଟଙ୍କା ।

ସରକାର କହିଲେ (ଅକ୍ଟୋବର 2014) ଯେ ବଜାର ଦର ହିସାବରେ ଟେଣ୍ଡର କମିଟିଙ୍କ ଦ୍ୱାରା କାର୍ଯ୍ୟଟି ମଞ୍ଜୁରୀ ହୋଇଥିଲା । ଦର ବୋର୍ଡ ଦ୍ୱାରା ଧାର୍ଯ୍ୟ ଦର ଠାରୁ ଅଧିକ ଦରରେ ଗ୍ରହଣ କରିବାର କୌଣସି ଯଥାର୍ଥତା ପ୍ରତିପାଦନ ନଥିଭୁକ୍ତ ନଥିଲା ।

- ଜଳ ନିର୍ଗମ ପଥର ଗେଟର ଫାବ୍ରିକେସନ, ନିର୍ମାଣ ଏବଂ ପରିବହନ ପାଇଁ ୟୁକେପିର ସିସିଇଙ୍କ ଅନୁରୋଧ(ଫେବୃଆରୀ 2010) ଦ୍ୱାରା ଓସିସି 20.38 କୋଟି ଟଙ୍କା ଅର୍ପଣ ଦର ଦେଇଥିଲେ(ମେ 2010) । ନକସା ଏବଂ ଚିତ୍ରାଙ୍କନ ଦେୟ ଏହି ଅର୍ପଣ ଦରରେ ଅନ୍ତର୍ଭୁକ୍ତ ଥିଲା । ଏହାକୁ ସିଇଙ୍କ ଦ୍ୱାରା ଗ୍ରହଣ କରାଯାଇ ନଥିଲା । ପରବର୍ତ୍ତୀ କାଳରେ ନକସା ଏବଂ ଚିତ୍ରାଙ୍କନ ଦେୟକୁ ବାଦ୍ ଦେବାରୁ ଫେବୃୟାରୀ 2012 ରେ 22.88 କୋଟି ଟଙ୍କା ଓସିସି ଅର୍ପଣ କରିଥିଲା ଯାହାକି ଗ୍ରହଣ ହୋଇଥିଲା । ଅର୍ପଣ ଦୁଇଟି ଆଗାମୀ ଦିନରେ ଗ୍ରହଣ କରାଯିବାରୁ 2.50 କୋଟି ଟଙ୍କା ଅଧିକ ଖର୍ଚ୍ଚ ହେଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ନକ୍ସା ଏବଂ ଚିତ୍ରାଙ୍କନକୁ ବିଲୋପ କରାଯିବା କାରଣରୁ ସରକାରଙ୍କୁ ସଞ୍ଚୟ ହୋଇଥିଲା । ଅଧିକ ମୂଲ୍ୟ ଅନ୍ତର୍ଭୁକ୍ତ ଥାଇ ମୂଳ ଅର୍ପଣର ରଦ୍ଦକରଣ ପାଇଁ ଯଥାର୍ଥତା ତେବେ ବି ଉପଲବ୍ଧ ହୋଇ ନଥିଲା ।

- କେଆଇପି ଏବଂ ଆନ୍ଦପୁର ଆନିକଟ ପ୍ରକଳ୍ପର ରେଡିଆଲ ଗେଟର ଫାବ୍ରିକସେନ, ନିର୍ମାଣ ଏବଂ ପରିବହନ କାର୍ଯ୍ୟ ପାଇଁ ଓସିସିକୁ ତାର ଅର୍ପଣ ଦରରେ ମାର୍ଚ୍ଚ 2010 ରେ ପ୍ରଦାନ କରାଗଲା । ଏହି କାର୍ଯ୍ୟରେ 8,524 ମେଟ୍ରିକଟନ ଓଜନର ଜଳ ନିର୍ଗମ ଗେଟର ପରିବହନ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା । କ୍ରେନ୍ ପାଇଁ ଭଡା ବାବଦରେ ଏସଓଆରରେ ଘଣ୍ଟାପ୍ରତି 825 ଟଙ୍କା ବଦଳରେ ଓସିସି ଘଣ୍ଟାପ୍ରତି 3200 ଟଙ୍କା ହିସାବରେ ଅର୍ପଣ ଦରକୁ ଗ୍ରହଣ କରିଥିଲେ । ଏହାକୁ ବିନା କଥାବାର୍ତ୍ତା ସହିତ ବିଭାଗ ଗ୍ରହଣ କରିଥିଲେ । ତେଣୁ, ଏସଓଆର ଠାରୁ ଅଧିକ ଭଡା ବାବଦରେ ଗ୍ରହଣ କରିବା ଫଳରେ 2.40 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଏସଓଆର ଅନୁସାରେ ପରିବହନ ଖର୍ଚ୍ଚ ବାବଦରେ ଘଣ୍ଟାପ୍ରତି 825 ଟଙ୍କା ଥିଲା । କିନ୍ତୁ ଘଣ୍ଟାପ୍ରତି 3,200 ଟଙ୍କା ବାସ୍ତବରେ ଅନୁମାନ କରାଯାଇଥିଲା । କିନ୍ତୁ ରେଟ ବୋର୍ଡ ଦ୍ୱାରା ସ୍ଥିର କରାଯାଇଥିବା ଭଡା ଠାରୁ ଅଧିକ ଭଡା ଗ୍ରହଣ କରିବାର ଯଥାର୍ଥତା ନଥିଭୁକ୍ତ ନଥିଲା ।

- କେ.ଆଇ.ପି ଏବଂ ଏ.ବି ପ୍ରକଳ୍ପର ଜଳ ନିର୍ଗମ ପାଇଁ ରାଡିଏଲ ଗେଟର ଫେବ୍ରିକେସନ, ନିର୍ମାଣ, ନକ୍ସା, ଯୋଗାଣ ଏବଂ ପରିବହନ ପାଇଁ ବିଭାଗ ଓସିସିର 149.72 କୋଟି ଟଙ୍କା ଅର୍ପଣ ଦରକୁ ମାର୍ଚ୍ଚ 2010 ରେ ଗ୍ରହଣ କରିଥିଲେ ଯାହାକି ମାର୍ଚ୍ଚ 2013 ରେ ସମାପ୍ତ ହେବାର ଥିଲା । ନକ୍ସା ଏବଂ ଚିତ୍ରାଙ୍କନ ଦେୟ ବାବଦରେ ଏକ ପ୍ରତିଶତ ଓସିସିର ଅର୍ପଣ ଦରରେ ଅନ୍ତର୍ଭୁକ୍ତ ଥିଲା । ନକ୍ସା ଏବଂ ଚିତ୍ରାଙ୍କନ ଦେୟ ଅନ୍ତର୍ଭୁକ୍ତ କାରଣରୁ ତେଲେଙ୍ଗିର ଜଳସେଚନ ପ୍ରକଳ୍ପର ଓସିସି ଦେଇଥିବା ଅର୍ପଣ ଦରକୁ ଗ୍ରହଣ କରି ନଥିଲେ । ଓସିସିର ଏହି ଅର୍ପଣ ଦରରେ ନକ୍ସା ଓ ଚିତ୍ରାଙ୍କନ ଦେୟ ବାଦ ନକରିବା ଫଳରେ, ଓସିସିର 15 ପ୍ରତିଶତ ଉପରିଦେୟ ଅନ୍ତର୍ଭୁକ୍ତ ସହିତ 1.72 କୋଟି ଟଙ୍କା ଅଧିକ ଦେୟ କରାଗଲା ।

ସରକାର ଜଣାଇଲେ ଯେ ନକ୍ସା ଏବଂ ଚିତ୍ରାଙ୍କନ ଦେୟ ଅରପଣ ଦରରେ ଅନ୍ତର୍ଭୁକ୍ତ ଥିଲା ଯାହାକି ଟେଣ୍ଡର କମିଟି ଦ୍ୱାରା ମଞ୍ଜୁରୀ ହୋଇଥିଲା । କିନ୍ତୁ, ନକ୍ସା ଓ ଚିତ୍ରାଙ୍କନର ଅନ୍ତର୍ଭୁକ୍ତର ଯଥାର୍ଥତା ଉପଲବ୍ଧ ନଥିଲା ।

- ଡିଓଡବ୍ଲୁଆର, ଓସିସିକୁ ନଭେମ୍ବର 2001 ରୁ ମାର୍ଚ୍ଚ 2012 ମଧ୍ୟରେ 443.37 କୋଟି ଟଙ୍କାରେ 10 ଟି କାର୍ଯ୍ୟ ଆବଣ୍ଟନ କରିଥିଲେ ଏବଂ ମାର୍ଚ୍ଚ 2005 ରୁ ମାର୍ଚ୍ଚ 2013 ମଧ୍ୟରେ ସୁଧ ବିହନ କାର୍ଯ୍ୟ ଅଗ୍ରୀମ ପ୍ରଦାନ କରିଥିଲେ । କିନ୍ତୁ ଓସିସି କାର୍ଯ୍ୟ ସମ୍ପାଦନ କରିପାରି ନଥିଲେ ଏବଂ 56

କୋଟି ଟଙ୍କାର କାର୍ଯ୍ୟ କରି ସମଯୋଜନ ପାଇଁ ଉପସ୍ଥାପନ କରିଥିଲେ । ଅବଶିଷ୍ଟ 124.76 କୋଟି ଟଙ୍କାର ପରିମାଣ ସମ୍ମୋଜନ ନ ହୋଇ ଓସିସି ଠାରେ ବାକି ରହିଥିଲା (ମାର୍ଚ୍ଚ 2014) ।

ସରକାର କହିଲେ (ଅକ୍ଟୋବର 2014) ଯେ ଓସିସିକୁ ଦିଆଯାଇଥିବା ଅଗ୍ରୀମକୁ ଡିଓଡବ୍ଲୁଆରର ମାର୍ଗଦର୍ଶୀ ନୀତି ଦ୍ୱାରା ନିୟନ୍ତ୍ରିତ ହେଉଛି । କିନ୍ତୁ ସମୟ ଅନୁସୂଚିତ ଅନୁସାରେ ଓସିସିକୁ ଦିଆଯାଇଥିବା ଅଗ୍ରୀମ ପରିମାଣକୁ ବ୍ୟବହାର ହୋଇପାରିନାହିଁ ଏବଂ କାର୍ଯ୍ୟଗୁଡିକ ମଧ୍ୟ ସମାପ୍ତ ହୋଇପାରିଲା ନାହିଁ ।

### 2.1.10 *ବର୍ଦ୍ଧିତ ଖର୍ଚ୍ଚର ଅଗ୍ରହଣୀୟ ଦେୟ ପ୍ରଦାନ*

ବର୍ଦ୍ଧିତ ରାଶି ପ୍ରଦାନ ପାଇଁ ଚୁକ୍ତିନାମାରେ ନିବେଶିତ ବିଭିନ୍ନ ଅଂଶର ହାର ସ୍ଥିରୀକୃତ ହୋଇଥାଏ ଏବଂ ଅଂଶ ମିଶି ଶତ ପ୍ରତିଶତ ହେବା ଉଚିତ୍ । ଠିକାଦାରଙ୍କୁ ଉପରୋକ୍ତ ବ୍ୟବସ୍ଥା ଅନୁସାରେ ବର୍ଦ୍ଧିତ ରାଶି ପ୍ରଦାନ କରାଯାଇଥାଏ । ଆନନ୍ଦପୁର ବ୍ୟାରେଜ୍ ଡିଭିଜନ ବର୍ଦ୍ଧିତ ରାଶି ପ୍ରଦାନ ପାଇଁ ଯଥା ସିମେଣ୍ଟ ଓ ଷ୍ଟିଲ୍ 57 ପ୍ରତିଶତ ଅନ୍ୟାନ୍ୟ ଜିନିଷ 23 ପ୍ରତିଶତ, ଶ୍ରମିକ 12 ପ୍ରତିଶତ ଏବଂ ପିଓଏଲ ଆଠ ପ୍ରତିଶତ ହାରରେ ବ୍ୟବସ୍ଥା ଥିଲା ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ସିମେଣ୍ଟ ଏବଂ ଷ୍ଟିଲ୍ 57 ପ୍ରତିଶତ ବଦଳରେ 68 ପ୍ରତିଶତ ନିର୍ବାହୀ ଯନ୍ତ୍ରୀ ଦେଇଛନ୍ତି । ଯଦ୍ୱାରାକି ନିର୍ବାହୀ ଯନ୍ତ୍ରୀ ଭୁଲବଶତଃ ବିଭିନ୍ନ ଅଂଶର ଦେୟ ପ୍ରଦାନ କରିଛନ୍ତି । ତେଣୁ, ପ୍ରତିଶତ ନିର୍ଦ୍ଧାରଣରେ ଅହେତୁକ ଅନୁକମ୍ପା ଯୋଗୁଁ ସିମେଣ୍ଟ ଏବଂ ଷ୍ଟିଲ୍ 57 ପ୍ରତିଶତ ବଦଳରେ 68 ପ୍ରତିଶତ ହୋଇ ଠିକାଦାରଙ୍କୁ 3.59 କୋଟି ଟଙ୍କାର ଅନୁକମ୍ପା ରାଶି ମିଳିଛି ।

ସରକାର କହିଲେ (ଅକ୍ଟୋବର 2014) ଯେ, ବାସ୍ତବ ପ୍ରତିଶତ ଚୁକ୍ତିନାମା ଅନୁମୋଦନ ଅନୁଯାୟୀ ହୋଇଅଛି । କିନ୍ତୁ ଏହା ଷ୍ଟିଲ୍ ଏବଂ ସିମେଣ୍ଟ ପାଇଁ ଠିକ୍ ହୋଇନଥିଲା ।

### 2.1.11 *ଠିକାଦାରଙ୍କୁ ଅଧିକ ଦେୟ ପ୍ରଦାନ*

***(i)*** ଚୁକ୍ତିନାମାର ବୈଷୟିକ ନିର୍ଦ୍ଦିଷ୍ଟିକରଣ ଅନୁସାରେ ଲମ୍ବକୃତ ଚିମନୀ ଖୋଳା ପାଇଁ ଯନ୍ତ୍ରପାତି ଦ୍ୱାରା କାର୍ଯ୍ୟ କରିବା ଉଚିତ୍ । ଚାରୋଟି ପ୍ରକଳ୍ପ[19]ର ମାଟି ବନ୍ଧ ନିର୍ମାଣ ପାଇଁ ଲମ୍ବିକୃତ ଚିମନୀ ଲୋକମାନଙ୍କ ଦ୍ୱାରା ଖୋଳିବା ପାଇଁ ମୂଲ୍ୟ ଦର ବିଶ୍ଳେଷଣ ହୋଇଅଛି ।



ଯନ୍ତ୍ରପାତି ଦ୍ୱାରା ଲମ୍ବିକୃତ ଚିମନୀ ଖନନ

ନଥିପତ୍ର ଅନୁଧ୍ୟାନରୁ ଜଣାପଡିଲା ଯେ ଯନ୍ତ୍ରଦ୍ୱାରା ଖୋଳା ହୋଇଥିବା କାମର ମୂଲ୍ୟ ଲୋକମାନଙ୍କ ଦ୍ୱାରା ହେଉଥିବା କାମର ମୂଲ୍ୟଠାରୁ ଅଧିକ ଅଟେ । ଠିକାଦାରମାନେ ଲମ୍ବିକୃତ ଚିମିନି ଖୋଳିବା ପାଇଁ ଯାନ୍ତ୍ରିକ ପଦ୍ଧତି ଅବଲମ୍ବନ କରିଥିଲେ । ଅଟକଳ, ଯାନ୍ତ୍ରିକ ପଦ୍ଧତି ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦିଆଯାଇଛି । ଯଦିଓ ଚୁକ୍ତିନାମାର ଯାନ୍ତ୍ରିକ ପଦ୍ଧତିରେ କରିବା ପାଇଁ ବ୍ୟବସ୍ଥା ଅଛି, ଅଟକଳ ଲୋକଙ୍କ ଦ୍ୱାରା କରିବା ଦ୍ୱାରା 5.36 ଲକ୍ଷ ଘ.ମି ମାଟି ଖନନ ବାବଦରେ 1.12 କୋଟି ଟଙ୍କା ଅଧିକ ବ୍ୟୟ ହୋଇଛି ଏବଂ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦିଆହୋଇଛି ।

ସରକାର କହିଲେ (ଅକ୍ଟୋବର 2014) ଯେ, ବିଓରେ ମାନୁଆଲ କିମ୍ବା ଯାନ୍ତ୍ରିକ ପଦ୍ଧତିରେ ଲମ୍ବିକୃତ ଚିମିନି ମାଟି ଖୋଳିବାର ବ୍ୟବସ୍ଥା ଅଛି ।

---

19 ଏସଆଇପି, କେଆଇପି, ରୁକୁରା ଏବଂ ରେଟ ଜଳସେଚନ ପ୍ରକଳ୍ପ ।

***(ii)*** ଚାରୋଟି ଗଠନ ମୂଳକ କାମ[20] କରିବାକୁ ଫେବୃୟାରୀ 2009 ଏବଂ ଡିସେମ୍ବର 2010 ମଧ୍ୟରେ 102.34 କୋଟି ଟଙ୍କାର ପ୍ରଦାନ କରାଯାଇଥିଲା । ଚୁକ୍ତିଗୁଡିକ ମୂଳ ମୂଲ୍ୟର 4.59 ଏବଂ 22.22 ପ୍ରତିଶତ କମ୍ ବିମା କିସ୍ତିରେ ଥିଲା ।

ନଥିପତ୍ର ଅନୁସନ୍ଧାନରୁ ଜଣାଗଲା ଯେ କାର୍ଯ୍ୟ ଗୁଡିକ ଚାଲୁଥିବା ସମୟରେ ନିର୍ବାହୀ ଯନ୍ତ୍ରୀ ପରିପୂରକ ଚୁକ୍ତି କରି ଅତିରିକ୍ତ କାର୍ଯ୍ୟଗୁଡିକୁ ବର୍ତ୍ତମାନର ମୂଲ୍ୟ ନିର୍ଦ୍ଧାରଣ ପୁସ୍ତିକା ଅନୁସାରେ କରାଇଥିଲେ । ଏହି କାର୍ଯ୍ୟଗୁଡିକ ଯଦି ମୂଳ ଚୁକ୍ତିର ପ୍ରାରମ୍ଭରୁ ରଖାଯାଇଥାନ୍ତା ଏବଂ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରି ପ୍ରଦତ୍ତ କରାଯାଇଥାନ୍ତା । ଅତିରିକ୍ତ କାର୍ଯ୍ୟଗୁଡିକ 12.65 କୋଟି ଟଙ୍କା ମୂଳ ଚୁକ୍ତିରେ ମିଶାଯାଇଥାନ୍ତା ଏବଂ ଏହି କାର୍ଯ୍ୟଗୁଡିକ କମ୍ ଦରରେ ଚୁକ୍ତି ଅନୁସାରେ 10.92 କୋଟି ଟଙ୍କାରେ ହୋଇପାରିଥାନ୍ତା । ତେଣୁ କାର୍ଯ୍ୟଗୁଡିକ ପରିପୂରକ ଚୁକ୍ତିରେ କରିବାରୁ 1.73 କୋଟି ଟଙ୍କା (12.65 କୋଟି ଟଙ୍କା – 10.92 କୋଟି ଟଙ୍କା) ଅତିରିକ୍ତ ଖର୍ଚ୍ଚ ହେଲା ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ଅଟକଳ ଗୁଡିକ ପରୀକ୍ଷାମୂଳକ ଗର୍ତ୍ତ ପରିସଂଖ୍ୟାନ ଅନୁସାରେ ପ୍ରସ୍ତୁତ ହୋଇଥିଲା । କିନ୍ତୁ କାର୍ଯ୍ୟନିର୍ବାହ ସମୟରେ ଶ୍ରେଣୀବିଭାଗର ପରିବର୍ତ୍ତନ କରାଗଲା ।

### 2.1.12 *ଅତ୍ୟଧିକ ଦୂରତା ଏବଂ ପରିବହନ ଖର୍ଚ୍ଚର ବ୍ୟବସ୍ଥା*

ଓପିଡବ୍ଲୁଡି ସଂହିତା ଅନୁଯାୟୀ କାର୍ଯ୍ୟ ସଂପାଦନରେ ମିତବ୍ୟୟିତା ଅବଲମ୍ବନ କରିବା ଆବଶ୍ୟକ, ଯେଉଁଥିରେ ନିର୍ମାଣ ପାଇଁ ଆବଶ୍ୟକ ବସ୍ତୁର ସଂଗ୍ରହ କମ୍ ଓ ସିଧା ରାସ୍ତାରେ ଆଣିବା ଏବଂ ଅଦରକାରୀ ଉତଖନିତ ବସ୍ତୁଗୁଡିକୁ ନିକଟରେ ଉପଲବ୍ଧ ଅଦରକାରୀ ଯାଗାରେ ପକାଇବା ଅନ୍ତର୍ଭୁକ୍ତ । ଉପରୋକ୍ତ ବ୍ୟବସ୍ଥାଗୁଡିକର ଅନୁପାଳନ ନହେବା ଦେଖିବାକୁ ମିଳିଥିଲା ଯେଉଁଥି ପାଇଁ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଦିଆଯାଇଅଛି ।

***(i)*** ତିନିଗୋଟି ପ୍ରକଳ୍ପ[21]ର ବନ୍ଧ/ କେନାଲଗୁଡିକର ନିର୍ମାଣ ପାଇଁ ପ୍ରସ୍ତୁତ ଅଟକଳରେ 34.84 ଲକ୍ଷ ଘନମିଟର ମାଟି ନିକଟସ୍ଥ ବରୋ ଏରିଆ 5 ଏବଂ 10 କିଲୋମିଟର ଦୂରତାରୁ ଆଣିବାକୁ ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରକଳ୍ପର ଅନ୍ୟ ଭାଗ ଗୁଡିକର ଅଟକଳରେ ଦେଖିବାକୁ ମିଳିଲା ଯେ ଏକରୁ ପାଞ୍ଚ କିମି ଦୂରତା ମଧ୍ୟରେ ବରୋ ଏରିଆ ଉପଲବ୍ଧ ଥିଲା । ବରୋ ଏରିଆ ଏକରୁ ପାଞ୍ଚ କିମି ମଧ୍ୟରେ ଉପଲବ୍ଧ ଥିବା ସତ୍ତ୍ୱେ ବିଭାଗ ଚାରିରୁ ପାଞ୍ଚ କିମି ଅଧିକ ଦୂରତାର ବ୍ୟବସ୍ଥା କରିଥିଲା । ତେଣୁ ଅଧିକ ଦୂରତାର ବ୍ୟବସ୍ଥା କାରଣରୁ 34.84 ଲକ୍ଷ ଘନମିଟର ମାଟିର ପରିବହନ ବାବଦକୁ 1.37 କୋଟି ଟଙ୍କାର କେବଳ ପ୍ରକଳ୍ପ ଅଟକଳରେ ବୃଦ୍ଧି ଘଟି ନଥିଲା, ଆହୁରି ମଧ 31.09 ଲକ୍ଷ ଘନମିଟର ବରୋ ଆର୍ଥ ପରିବହନ ବାବଦକୁ 13.09 କୋଟି ଟଙ୍କାର ଅହେତୁକ ଅନୁକମ୍ପା ରାଶି ଠିକାଦାରଙ୍କୁ ଦିଆଯାଇସାରିଲାଣି ।

***(ii)*** ତିନିଗୋଟି ପ୍ରକଳ୍ପ[22] ର ଡ୍ୟାମ୍ /ସ୍ପିଲୱେ ନିର୍ମାଣ ଅଟକଳର ଅନୁଯାୟୀ ମାଟିବନ୍ଧର କଟ୍ ଅଫ୍ ଟେଞ୍ଚ ଓ ସ୍ପିଲୱେ ଖନନରୁ ମିଳିଥିବା 11.46 ଲକ୍ଷ ଘନ ମିଟର ମାଟି ଏକରୁ ତିନି କିମି ଦୂରତା ମଧ୍ୟରେ ଥିବା ସ୍ୱଏଲ ବ୍ୟାଙ୍କ୍ / ଡମ୍ପିଂ ୟାଡରେ ନିକାସର ବ୍ୟବସ୍ଥା କରାଯାଇଥିଲା । ବିଭାଜନର ଅନ୍ୟ କାର୍ଯ୍ୟ ଗୁଡିକର ଅଟକଳରୁ ଦେଖିବାକୁ ମିଳିଲା ଯେ ସ୍ୱଏଲ୍ ବ୍ୟାଙ୍କ୍ ଏକରୁ ବ୍ୟବସ୍ଥା ହେବା ଦ୍ୱାରା ପରିବହନରେ ଘନମିଟର ପ୍ରତି 13.49 ଟଙ୍କାରୁ 22.97 ଟଙ୍କାର ଅଧିକ ଖର୍ଚ୍ଚ ଦିଆଗଲା । ତେଣୁ ସ୍ପିଲୱେ ଓ ମାଟି ବନ୍ଧର କଟ୍ ଅଫ୍ ଟେଞ୍ଚରେ ଖନନରୁ ମିଳିଥିବା 11.46 ଘନ ମିଟର ମାଟିର ନିକାସ ପାଇଁ ଅଟକଳରେ ଅଧିକ ଦୂରତାର ବ୍ୟବସ୍ଥା ହେବା ଦ୍ୱାରା ଅତିରିକ୍ତ ଖର୍ଚ୍ଚ 1.84 ଲକ୍ଷ୍ୟ ଟଙ୍କା ହେଲା ।

---

[20] କାନୁପୁର କେନାଲ ଆରଡି 39450 ରୁ 50790, ବଙ୍ଗୋମୁଣ୍ଡା ଶାଖା କେନାଲ, ଲୋୟର ଇନ୍ଦ୍ର ବାମ କେନାଲ ଆରଡି.29 କିମିରୁ ଆରଡି.36 କିମି ଏବଂ ରୁକୁରା ମାଟି ବନ୍ଧ ।

[21] ଏସଆଇପି, ରୁକୁରା ଏବଂ ଏଲଆଇଆଇପି ।

[22] କେଆଇପି, ରେଡ ଏବଂ ରୁକୁରା ।

***(iii)*** ନିର୍ମାଣର ଅଟକଳ ଅନୁଯାୟୀ, ତିନିଗୋଟି ପ୍ରକଳ୍ପ[23]ର ସ୍ପିଲୱେ/ କେନାଲ ଲାଇନିଂ/ ସର୍ଭିସ୍ ରାସ୍ତା ତିଆରି ପାଇଁ 8.50 ଲକ୍ଷ ଘନ ମିଟର ପଥର/ ଚିପସ୍/ ବାଲି 29 ରୁ 105 କିଲୋମିଟର ଦୂରତାରୁ ପରିବହନର ବ୍ୟବସ୍ଥା ଥିଲା । ଏହି ପ୍ରକଳ୍ପର ନିକଟସ୍ଥ ଭାଗ ଗୁଡିକରୁ ଦେଖାଗଲା ଯେ ଉପରୋକ୍ତ ଲଘୁ ଖଣିଜ ଦ୍ରବ୍ୟ ପାଞ୍ଚ ରୁ 42 କିଲୋମିଟର ଦୂରତା ମଧ୍ୟରେ ଉପଲବ୍ଧ ।

ତେଣୁ, 8.50 ଲକ୍ଷ ଘନ ମିଟର ବସ୍ତୁର ପରିବହନ ପାଇଁ ଅଧିକ ଦୂରତା ଅବଲମ୍ବନ କାରଣରୁ ଅଟକଳ ମୂଲ୍ୟରେ 11.15 କୋଟି ଟଙ୍କାର ବୃଦ୍ଧି ଘଟିଲା ଏବଂ ଠିକାଦାରଙ୍କୁ ଟେଣ୍ଡର ପ୍ରିମିୟମ ସହିତ 11.60 କୋଟି ଟଙ୍କାର ଅହେତୁକ ଅନୁକମ୍ପା ରାଶି ଦିଆଗଲା, ଯେଉଁଥିରୁ 4.07 ଲକ୍ଷ ଘନ ମିଟର ପଥର/ ଚିପ୍ସ/ ବାଲିର ପରିବହନ ବାବଦକୁ 6.40 କୋଟି ଟଙ୍କା ଠିକାଦାରଙ୍କୁ ଦିଆଯାଇ ସାରିଲାଣି ।

ସରକାର କହିଲେ (ନଭେମ୍ବର 2014) ଯେ ପରିବହନ ଦୂରତାର ଚିହ୍ନିତ କରିବା ଏବଂ ସତ୍ୟାପନକୁ ପୁନଃ ନିରୀକ୍ଷଣ କରାଯିବ ।

## *2.1.13 ପରିହାର୍ଯ୍ୟ ଖର୍ଚ୍ଚ*

ପ୍ରକଳ୍ପଗୁଡିକର କାର୍ଯ୍ୟଧାରାକୁ ସମୀକ୍ଷା କରିବା ସମୟରେ ପରିହାର୍ଯ୍ୟ ଖର୍ଚ୍ଚର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥିଲା । ବିସ୍ତୃତ ଭାବେ ଏଗୁଡିକ ନିମ୍ନ ଅନୁଚ୍ଛେଦ ଗୁଡିକରେ ଦିଆଯାଇଅଛି ।

***(i)*** ଚୁକ୍ତି ସର୍ତ୍ତାବଳୀ ଅନୁସାରେ କେନାଲ ଖୋଳାରୁ ସଂଗୃହୀତ ମାଟି ତଥା ଅନ୍ୟାନ୍ୟ ପଦାର୍ଥଗୁଡିକ କେନାଲ ବନ୍ଧ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେବା କଥା, କାର୍ଯ୍ୟସ୍ଥଳରୁ ଉପଲବ୍ଧ ପଦାର୍ଥର ବ୍ୟବହାର କରିସାରିଲା ପରେ ଅବଶିଷ୍ଟ କାମ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ମାଟି ବରୋ ଏରିଆରୁ ଆଣିବା କଥା । ତିନିଗୋଟି[24] ପ୍ରକଳ୍ପର କେନାଲ ଖୋଳା ପାଇଁ 15 ଗୋଟି କାର୍ଯ୍ୟକୁ ଆଠ ଜଣ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା, ଏହା ଦେଖିବାକୁ ମିଳିଲା ଯେ 53.27 ଲକ୍ଷ ଘନମିଟର ଆବଶ୍ୟକତା ଥିବା ସ୍ଥାନରେ ବିଭାଗ 49.53 ଲକ୍ଷ ଘନମିଟର ମାଟି ବରୋ ଏରିଆରୁ ଆଣିଥିଲା ଏବଂ କେନାଲ ଖୋଳାରୁ ସଂଗୃହୀତ 19.30 ଲକ୍ଷ ଘନମିଟର ମାଟିରୁ ମାତ୍ର 3.74 ଲକ୍ଷ ଘନ ମିଟର ମାଟି ବ୍ୟବହାର କରିଥିଲା । ବଳକା 15.56 ଲକ୍ଷ ଘନମିଟର ମାଟି ଅବ୍ୟବହୃତ ହୋଇ ପଡିରହିଲା । ତେଣୁ, କେନାଲ ଖୋଳାରୁ ଉପଲବ୍ଧ 15.56 ଘନମିଟର ମାଟିକୁ ବ୍ୟବହାର ନ କରିବା ହେତୁ 12.76 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା । ଏହି ତୁଳନାରେ ଠିକାଦାରମାନେ 18.41 ଲକ୍ଷ ଘନମିଟର ମାଟି କାର୍ଯ୍ୟ ସମ୍ପାଦନ କରି 3.74 ଲକ୍ଷ ଘନମିଟର ବ୍ୟବହାର କଲେ ଏବଂ 14.67 ଲକ୍ଷ ଘନମିଟର ମାଟି ଅବ୍ୟବହୃତ ହୋଇ ରହିଲା । ପରିମାଣ ସ୍ୱରୁପ 11.80 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ସାଧାରଣ ବଳକା ଉପଯୋଗୀ ମାଟି ବନ୍ଧ ନିର୍ମାଣରେ ବ୍ୟବହାର ହୋଇଥାଏ । ଗୁଣବତ୍ତା ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁସାରେ ଅନୁପଯୋଗୀ ବଳକା ମାଟିକୁ ସ୍ୱଏଲ୍ ବ୍ୟାଙ୍କ୍‌ରେ କୁଢେଇ ଦିଆଗଲା । କିନ୍ତୁ ବନ୍ଧ ନିର୍ମାଣରେ ବ୍ୟବହାର ପାଇଁ ଅନୁପଯୋଗୀ ଥିବାର କୌଣସି ଗୁଣବତ୍ତା ନିୟନ୍ତ୍ରଣ ରିପୋର୍ଟ ଅଡିଟକୁ ଦିଆଯାଇ ନଥିଲା ।

***(ii)*** ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର ଅଟକଳରେ ଏକ ଘନମିଟର (ସିସିଏମ$_{20}$[25] ପାଇଁ 80 କିଗ୍ରା ଇସ୍ପାତ୍ ଏବଂ ଏକ ଘନମିଟର ସିସିଏମ$_{25}$[26] ପାଇଁ 110 କିଗ୍ରା ଇସ୍ପାତ୍ ଆବଶ୍ୟକତା ଉଲ୍ଲେଖ ଥିଲା । ଠିକାଦାର 1.61 ଲକ୍ଷ ଘନମିଟର ସିସିଏମ ଏବଂ 0.01 ଘନମିଟର ସିସିଏମ$_{25}$ କାର୍ଯ୍ୟ ସମ୍ପାଦନ କରିଥିଲା ।

---

23 କେଆଇପି, ଏସଆଇପି ଏବଂ ରେଟ ।

24 ଏଲଆଇଆଇପି, କେଆଇପି ଏବଂ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ।

25 ଶକ୍ତିର ସିମେଣ୍ଟ କଂକ୍ରିଟ୍ ଏମ$_{20}$ ।

26 ଶକ୍ତିର ସିମେଣ୍ଟ କଂକ୍ରିଟ୍ ଏମ$_{25}$ ।

ଅଟକଳ ବ୍ୟବସ୍ଥା ଅନୁସାରେ ଇସ୍ପାତ୍‌ର ମୋଟ ଆବଶ୍ୟକତା 1.30 ଲକ୍ଷ କ୍ୱିଣ୍ଟାଲ୍ ଥିଲା । ଏହି ତୁଳନାରେ ବିଭାଗ 1.47 ଲକ୍ଷ କ୍ୱିଣ୍ଟାଲ୍ ପାଇଁ ଅର୍ଥ ପ୍ରଦାନ କରିଥିଲା । ଏହା ଫଳରେ 9.55 କୋଟି[27] ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଅଟକଳରେ ବ୍ୟବସ୍ଥା ଥିବା ପରିମାଣ ଚୂଡାନ୍ତ ନୁହେଁ । ଯାହାହେଉ, ଅଧିକ ଅର୍ଥ ପ୍ରଦାନ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇ ନଥିଲା ।

### 2.1.14 ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଏ.ଆଇ.ବି.ପି ପ୍ରକଳ୍ପ ଏବଂ ଅନ୍ୟ ଚାଲୁ ରହିଥିବା ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକର ଦ୍ରୁତ ସମ୍ପାଦନ ଉଦ୍ଦେଶ୍ୟରେ ପର୍ଯ୍ୟାଲୋଚନା କାର୍ଯ୍ୟ ପ୍ରଣାଳୀକୁ ମଜବୁତ୍ କରିବା ଲକ୍ଷ୍ୟ ନେଇ ଜଳସମ୍ପଦ ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଜୁନ୍ 2005 ରେ ଏକ ରାଜ୍ୟ ସ୍ତରୀୟ ପ୍ରକଳ୍ପ ପର୍ଯ୍ୟାଲୋଚନା କମିଟି ଗଠନ କରାଯାଇଥିଲା ।

କମିଟି ପାଇଁ ବିଚାର୍ଯ୍ୟ ବିଷୟ ନିମ୍ନମତେ ଥିଲା ।

(i) କମିଟି ସମୀକ୍ଷା କରିବ

- କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସହିତ ପ୍ରକଳ୍ପ ଗୁଡିକର ବିଭିନ୍ନ ଉପାଦାନଗୁଡିକର ପ୍ରଗତି ଯଥା-ବସ୍ତୁଗତ, ଆର୍ଥିକ ଇତ୍ୟାଦି ।
- ସଂପୃକ୍ତ ପ୍ରକଳ୍ପଗୁଡିକର ଆବଶ୍ୟକତାକୁ ନେଇ ବୈଷୟିକ ଏବଂ ସହାୟକ ପଦବୀ ସୃଷ୍ଟି ଏବଂ ମୁତୟନ ।

(ii) କମିଟି ସରକାରକୁ ବିଭିନ୍ନ ପ୍ରକାର ପ୍ରତିବନ୍ଧ ଦୂର କରିବା କ୍ଷେତ୍ରର ତୁରନ୍ତ ନିଷ୍ପତ୍ତି ନେବା ପାଇଁ ପରାମର୍ଶ/ ସୁପାରିଶ କରିବ । ଆନ୍ତ ବିଭାଗୀୟ ବାଦ୍ ବିଷୟ ଗୁଡିକ ଉପରେ କମିଟିର ସୁପାରିଶ ସଂପୃକ୍ତ ଜଳସେଚନ ପ୍ରକଳ୍ପର ଆନ୍ତ ବିଭାଗୀୟ ସମସ୍ୟା ପାଇଁ ରାଜ୍ୟ ସ୍ତରୀୟ କମିଟି ସମ୍ମୁଖରେ ଉପସ୍ଥାପନ କରାଯିବ । କମିଟି ତ୍ରୈମାସିକ ବୈଠକରେ ମିଳିତ ହେବ ଏବଂ ପ୍ରକଳ୍ପ ସ୍ତରୀୟ କମିଟି(ପି.ଏଲ.ସି)କୁ ଉପଯୋଗୀ ପରାମର୍ଶ ପ୍ରତ୍ୟର୍ପଣ କରିବ ଏବଂ ଜାତୀୟ ସ୍ତରରେ ଥିବା ବୈଷୟିକ କମକିଟିକୁ ଏହାର ରିପୋର୍ଟ ପ୍ରେରଣ କରିବ;

(iii) କମିଟି କିମ୍ବା କମିଟି ଦ୍ୱାରା ପ୍ରାଧିକୃତ ଏକ ଉପ-ସମିତି ବର୍ଷକୁ ଅନ୍ୟୁନ ଦୁଇଥର ପ୍ରତ୍ୟେକ ପ୍ରକଳ୍ପକୁ ପରିଦର୍ଶନରେ ଯିବା;

(iv) କମିଟି ବିଭିନ୍ନ ସମୟରେ ଅନ୍ୟାନ୍ୟ ବିଷୟ ଯାହାକୁ ଗୁରୁତ୍ୱପୂର୍ଣ୍ଣ ଅନୁଭବ କରିବ ତାହାର ସମୀକ୍ଷା କରିବ ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଏସଏଲସି କୌଣସି ପ୍ରକଳ୍ପ ସ୍ଥାନକୁ ପରିଦର୍ଶନରେ ଯାଇ ନଥିଲା । ମାର୍ଗଦର୍ଶିକା ଅନୁସାରେ 2009-14 ମଧ୍ୟରେ କମିଟି ଚବିଶ ଥର ବସି ପି.ଏଲ.ସି କୁ ପରାମର୍ଶ ପ୍ରତ୍ୟର୍ପଣ ଏବଂ ଜାତୀୟ ସ୍ତରର ବୈଷୟିକ କମିଟିକୁ ରିପୋର୍ଟ ପଠାଇବା କଥା । କିନ୍ତୁ ଏହା ଦେଖିବାକୁ ମିଳିଲା ଯେ କମିଟି ଦ୍ୱାରା ଥରେ ମାତ୍ର ସଭା ହୋଇଥିଲା (ଅକ୍ଟୋବର 2011) । ଯାହାହେଉ, କମିଟି ଦ୍ୱାରା ଦିଆଯାଇଥିବା ସୁପାରିଶଗୁଡିକ ଉପରେ ଜଳସମ୍ପଦ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ରାଜ୍ୟ ସ୍ତରୀୟ ପ୍ରକଳ୍ପ ପର୍ଯ୍ୟାଲୋଚନା କମିଟି ପ୍ରକଳ୍ପଗୁଡିକର ପରିଦର୍ଶନ କରି ନଥିଲେ ଏବଂ ତ୍ରୈମାସିକ ସଭା ଅନୁଷ୍ଠିତ ହୋଇ ନଥିଲା ।

[27] {147112.148 - (161077.774 x 0.80+1379.462 x 1.10)} x (₹ 5708.40 କୁଇଣ୍ଟାଲ ପ୍ରତି) ।

### 2.1.14.1 ତ୍ରୁଟିଯୁକ୍ତ ରିପୋର୍ଟ

ମୁଖ୍ୟଯନ୍ତ୍ରୀ(ଏମ୍.ଆଇ)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାରେ 25 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା । ପୁନଶ୍ଚ ବିଭାଗର 2012-13 ବାର୍ଷିକ ରିପୋର୍ଟରେ 23 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା । ବିଭାଜନ କାର୍ଯ୍ୟାଳୟ ଗୁଡିକର ନଥିପତ୍ର ଅନୁସାରେ କେବଳ ତିନିଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାର ଦେଖିବାକୁ ମିଳିଥିଲା । ଏହା ସୂଚାଉଅଛି ଯେ ପ୍ରକୃତ ସମ୍ପୂର୍ଣ୍ଣ ହୋଇଥିବା ଏବଂ ରିପୋର୍ଟର ସମ୍ପୂର୍ଣ୍ଣ ହେବା ଦର୍ଶାଯାଇଥିବା ପ୍ରକଳ୍ପ ମଧ୍ୟରେ ତାଳମେଳ ନଥିଲା ।

ବାସ୍ତବିକ ସ୍ଥିତିକୁ ଗ୍ରହଣ କରି ସରକାର କହିଲେ(ନଭେମ୍ବର 2014) ଯେ ତ୍ରୁଟିପୂର୍ଣ୍ଣ ଭାବରେ 25 ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବାର୍ଷିକ ରିପୋର୍ଟରେ ଦର୍ଶାଯାଇଥିଲା ।

### 2.1.15 ଉପସଂହାର

କାର୍ଯ୍ୟ ସଂପାଦନା ସମୀକ୍ଷାରୁ ଦେଖିବାକୁ ମିଳିଲା ଯେ ପରିଯୋଜନାର କାର୍ଯ୍ୟାନ୍ୱୟନରେ ଥିବା ତ୍ରୁଟି ବିଚ୍ୟୁତିକୁ ପୂର୍ବରୁ ଦର୍ଶାଯାଇଥିବା ସତ୍ତ୍ୱେ ବିଭାଗ ଦ୍ୱାରା ଫଳପ୍ରଦ ପଦକ୍ଷେପ ଏବଂ ପର୍ଯ୍ୟାପ୍ତ ପ୍ରତିକାରାତ୍ମକ ଉପାୟ ଗ୍ରହଣ କରାଯାଇ ନଥିଲା । ଫଳସ୍ୱରୁପ, ଜମି ଅଧିଗ୍ରହଣରେ ବିଳମ୍ବ, ଥଇଥାନ ଓ ପୁନର୍ବସତି ସହାୟତା ପ୍ରଦାନ ପରେ ମଧ୍ୟ ପ୍ରକଳ୍ପ କ୍ଷେତ୍ରରୁ ଲୋକମାନଙ୍କୁ ଦଖଲ ଚ୍ୟୁତି କରିବାରେ ଶିଥିଳତା କାରଣରୁ ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟନିର୍ବାହକୁ ତ୍ୱରାନ୍ୱିତ ଓ ସମ୍ପୂର୍ଣ୍ଣ କରିବାରେ ଭାରତ ସରକାରଙ୍କର ଉଦ୍ଦେଶ୍ୟ ବହୁପରିମାଣରେ ଅପୂରଣୀୟ ହୋଇରହିଲା । ବିଭାଗର ଖର୍ଚ୍ଚ କରିବା ଦକ୍ଷତାର ଉନ୍ନତି ପ୍ରୟୋଜନ, ଯେହେତୁ ଅବ୍ୟବହୃତ ପାଣିର ପ୍ରତିଶତ 13 ରୁ 27 ଶ୍ରେଣୀର ଥିଲା ।

ପ୍ରକଳ୍ପଗୁଡିକର ବିଭିନ୍ନ ଅଂଶର ନକ୍ସାରେ ତ୍ରୁଟି ଓ ଚୂଡାନ୍ତରେ ବିଳମ୍ବ, ଅଟକଳ ପ୍ରସ୍ତୁତିରେ ନିର୍ଦ୍ଧାରିତ ଦରରୁ ବିଚ୍ୟୁତି ଏବଂ ଟେଣ୍ଡର ପ୍ରକ୍ରିୟାରେ ତ୍ରୁଟିଗୁଡିକ ଏଥି ପୂର୍ବରୁ ପ୍ରକଳ୍ପଗୁଡିକର ମୂଲ୍ୟକୁ ପରିବର୍ଦ୍ଧିତ କରିସାରିଥିଲା । ଚୁକ୍ତି ପରିଚାଳନା ଫଳପ୍ରଦ ନଥିଲା ଯେଉଁଥିପାଇଁ ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ କରିବାକୁ ପଡିଥିଲା ।

ପ୍ରକଳ୍ପ କାର୍ଯ୍ୟ କାରିତାରେ ବିଳମ୍ବ ଯୋଗୁଁ ପରିକଳ୍ପିତ ଫାଇଦା ପାଇବାରୁ କୃଷକମାନେ ବଞ୍ଚିତ ହୋଇଥିଲେ । ବିସିଆର ଗଣନା ବଳବତ୍ତର ନରହିବା ପ୍ରକଳ୍ପ ଗୁଡିକର ଜୀବନ କ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପର୍ଯ୍ୟାପ୍ତ ନଥିଲା କାରଣ ଏସ.ଏଲ.ସି କିମ୍ବା ଏସ.ଏଲ.ସି ଦ୍ୱାରା ନିଯୁକ୍ତ ସବ କମିଟି ପ୍ରକଳ୍ପ ସ୍ଥାନକୁ ପରିଦର୍ଶନ କରି ନଥିଲେ । ପ୍ରକଳ୍ପଗୁଡିକରେ ଅଧିକ ସମୟ ଓ ଅଧିକ ଖର୍ଚ୍ଚ ଫଳପ୍ରଦ ପର୍ଯ୍ୟାଲୋଚନାର ଅଭାବକୁ ଦର୍ଶାଉଅଛି ।

### 2.1.16 ସୁପାରିଶ ଗୁଡ଼ିକ

- ପ୍ରକଳ୍ପ ଗୁଡ଼ିକ ପାଇଁ ବି.ସି.ଆର ହିସାବରେ ପ୍ରତୀକ ମାପଦଣ୍ଡ ହୁଏତ ବିଚାର କରିବେ ।
- ପର୍ଯ୍ୟାଲୋଚନା ଏବଂ ମୂଲ୍ୟାୟନ ମାଧ୍ୟମରେ ପ୍ରକଳ୍ପଗୁଡିକର କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ସୁନିଶ୍ଚିତ କରିବା ପାଇଁ ଏସ.ଏଲ.ସି ଇତ୍ୟାଦିର ସଭାଗୁଡିକ ଏବଂ ପ୍ରକଳ୍ପ ସ୍ଥାନ ପରିଦର୍ଶନ ନିୟମିତ ଭାବେ ହୁଏତ ଅନୁଷ୍ଠିତ ହେବ ।

# ଜଙ୍ଗଲ ଓ ପରିବେଶ ବିଭାଗ

## *ଓଡିଶାରେ ବାୟୁ ଓ ଜଳ ପ୍ରଦୂଷଣର ପରିବେଶ ସମୀକ୍ଷା*


### *କାର୍ଯ୍ୟନିର୍ବାହୀ ସାରାଂଶ*

*ପରିବେଶ ଅଧଃପତନରେ ବାୟୁ ଓ ଜଳ ପ୍ରଦୂଷଣର ବିଶ୍ୱବ୍ୟାପୀ ତାତ୍ପର୍ଯ୍ୟ ରହିଛି । ଜନ ଜୀବନ, ଉଦ୍ଭିଦ ଜଗତ, ପ୍ରାଣୀ ଜଗତ ଓ ଜଳବାୟୁ ପରିବର୍ତ୍ତନ ଉପରେ ବାୟୁ ପ୍ରଦୂଷଣ ଅନେକାଂଶରେ ପ୍ରଭାବ ପକାଇଥାଏ । ଶିଳ୍ପାୟନ ଓ ନଗରୀକରଣ ଯୋଗୁଁ ପରିବେଶ ସଂଦୁଷିତ ଓ ଧ୍ୱସ୍ତ ହେବା ସହିତ ଅନେକ କ୍ଷତି ପହଞ୍ଚାଇଥାଏ, ଯାହାକି ସମସ୍ତ ଜୀବମାନଙ୍କର ଜୀବନ ଧାରଣର ଗୁଣବତ୍ତା ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଏ ।*

*ଅନୁଗୁଳ-ତାଳଚେର, ଇବ୍ ଉପତ୍ୟକା ଏବଂ ଝାରସୁଗୁଡାଠାରେ ବ୍ୟାପକ ପରିବେଶ ପ୍ରଦୂଷଣ ସୂଚକାଙ୍କ ସଙ୍କଟମୟ ସ୍ତରରେ ରହୁଥିବା ଅବଲୋକନ କରାଯାଇଥିଲା । ପ୍ରସ୍ତର ପେଷଣ ୟୁନିଟ୍ ଗୁଡିକ ପ୍ରତିଷ୍ଠା କରିବା ସମ୍ମତି/ ଚାଲୁ କରିବା ସମ୍ମତି ବିନା ଚାଳନା କରିବା ଏବଂ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ଗୁଡିକ ଷ୍ଟକ ଏମିସନର ବାଞ୍ଛିତ ରୀତି ହାସଲ କରିବା ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଗୁଡିକର ପାହ୍ୟା ବୃଦ୍ଧିରେ ବିଳମ୍ବ କରିବା ପରିଲକ୍ଷିତ ହୋଇଥିଲା । ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମଧ୍ୟ ଯାନବାହନ ଯୋଗୁଁ ହେଉଥିବା ପ୍ରଦୂଷଣ ରୋକିବାରେ ଅସଫଳ ହେବା ଲକ୍ଷ୍ୟ କରାଯାଇଥିଲା ।*

*ଜଳର ଗୁଣବତ୍ତା ପର୍ଯ୍ୟାଲୋଚନା କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା । ମଳ ବିଶୋଧନାଗାରର ଅନୁପସ୍ଥିତି ଯୋଗୁଁ ଶିଳ୍ପ ସଂସ୍ଥାଗୁଡିକର ଅଣବିଶୋଧିତ ମଳ ଏବଂ ତତ୍ ସହିତ ରାଜ୍ୟ ପୌର ପାଳିକା ଗୁଡିକର ଅଣ ବିଶୋଧିତ ମଇଳା ପାଣି  ନିକଟସ୍ଥ ଜଳ ନିକାୟଗୁଡିକୁ ଖଲାସ କରାଯାଇଛି । କଟକ ନିକଟସ୍ଥ ମହାନଦୀର ତିନୋଟି ଉପନଦୀ ଏବଂ ଭୁବନେଶ୍ୱରରୁ ସଂଗ୍ରହ କରାଯାଇଥିବା ଜଳ ନମୁନା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରୟୋଗଶାଳାରେ ପରୀକ୍ଷଣ କରାଯାଇଥିଲା ଏବଂ ଏହା ବାୟୋ-କେମିକାଲ ଅକ୍ସିଜେନ୍ ଡିମାଣ୍ଡ (ବିଓଡି) ଦ୍ରବୀଭୂତ ଅମ୍ଳଜାନ (ଡିଓ) ଏବଂ ଟୋଟାଲ କଲିଫର୍ମ (ଟିସି) କ୍ଷେତ୍ରରେ ମାନାଦର୍ଶର ଅନୁପାଳନ ନ କରିବା ଦର୍ଶାଇଥିଲା । ଏତଦ୍ ବ୍ୟତୀତ, ସମ୍ମତି ପ୍ରଶାସନର ମାନାଦର୍ଶନରେ କୋହଳତା, କଣ୍ଟିନ୍ୟୁୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଙ୍ଗ୍ ଷ୍ଟେସନ୍ସ (ସିଏଏକ୍ୟୁଏମଏସ) ଏବଂ ଅନଲାଇନ ଏମିସନ ମନିଟରିଂ ସିଷ୍ଟମ (ଓଇଏମଏସ) କାର୍ଯ୍ୟାନ୍ୱୟନ ନ କରିବା କ୍ଷେତ୍ର ଗୁଡିକରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଆହୁରି ଉନ୍ନତି ଆଣିବା ଦରକାର । ପରିବେଶର ଗୁଣବତ୍ତା ବୃଦ୍ଧି ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ / ପ୍ରକଳ୍ପ ବାବଦରେ କୌଣସି ପରିମାଣ ବ୍ୟୟ କରାଯାଇ ନଥିଲା । ଏହା ବ୍ୟତୀତ ପ୍ରଦୂଷଣର ଉତ୍ସ ସମ୍ବନ୍ଧରେ ସଂପୂର୍ଣ୍ଣ ତଥ୍ୟାବଳୀର ଅଭାବ, ତାହାର ସମୟୋଚିତ ପର୍ଯ୍ୟାଲୋଚନା ଏବଂ ସର୍ବମୂଳକ ସମ୍ମତି ଜାରି କରିବା ଫଳରେ ଏବାବଦରେ ଅଧିକ ପ୍ରଚେଷ୍ଟାର ଆବଶ୍ୟକତା ପଡୁଅଛି ।*


### 2.2 ଉପକ୍ରମ

ଜାତୀୟ ପରିବେଶ ନୀତି (ଏନଇପି) 2006 ଏକ ସ୍ୱଚ୍ଛ ପରିବେଶର ପ୍ରତିଶ୍ରୁତି ବ୍ୟକ୍ତ କରେ । ଜାତୀୟ ପରିବେଶ ନୀତିର ପ୍ରମୁଖ ଉଦ୍ଦେଶ୍ୟ ମଧ୍ୟରେ ସଂକଟମୟ ପରିବେଶ ସମ୍ବଳର ସଂରକ୍ଷଣ ଏବଂ ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ପରିବେଶ ବ୍ୟାପାର, ନୀତି ଏବଂ ପ୍ରକଳ୍ପର ଏକୀକରଣ ଅନ୍ତର୍ଭୁକ୍ତ । ପୁନଶ୍ଚ, ଏହି ନୀତିର ଏକ ମୂଳତତ୍ତ୍ୱ ସ୍ପଷ୍ଟ ଭାବରେ ବ୍ୟକ୍ତ କରେ ଯେ ପରିବେଶ ସୁରକ୍ଷା ଅବିରତ ବିକାଶ ହାସଲ କରିବା ନିମନ୍ତେ ବିକାଶ ପ୍ରକ୍ରିୟାର ଏକ ଅଭିନ୍ନ ଅଂଗ ଏବଂ ଏହାକୁ ଅଲଗା ଭାବରେ ବିଚାର କରାଯାଇପାରିବ ନାହିଁ ।

ଭାରତ ସରକାରଙ୍କର ପ୍ରଶାସନିକ ସଂରଚନାରେ, ପରିବେଶ ଏବଂ ଜଙ୍ଗଲ କାର୍ଯ୍ୟକ୍ରମର ଯୋଜନା, ପ୍ରୋତ୍ସାହନ, ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନର ଉପଦର୍ଶନ ନିମନ୍ତେ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ନୋଡାଲ ଏଜେନ୍ସି

ଅଟେ । ଓଡିଶାର ପରିବେଶ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱିତ କରିବା ନିମନ୍ତେ, ଜଳ (ନିବାରଣ ଓ ନିୟନ୍ତ୍ରଣ) ଅଧିନିୟମ, 1974 ର ଧାରା (4) ର ଉପଧାରା (1) ଅନୁସାରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ସ୍ଥାପନ କରାଯାଇଥିଲା (15 ଜୁଲାଇ 1983)।

ଓଡିଶାରେ ପରିବେଶ ନିୟନ୍ତ୍ରଣ ନିମନ୍ତେ ସାଂଗଠନିକ ଗଢଣର ରୂପରେଖ ନିମ୍ନରେ ପ୍ରଦାନ କରାଗଲା ।




### 2.2.1 *ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକା*

ପରିବେଶ ନିୟମର କାର୍ଯ୍ୟାନ୍ୱୟନ ସମେତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ (ଏମଓଇଏଫ) ଏବଂ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଦ୍ୱାରା ସମୟ ସମୟରେ ଜାରି କରାଯାଉଥିବା ନୀତି ଓ ଅନୁଦେଶ ପାଳନ କରିବା ଦାୟିତ୍ୱ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଉପରେ ନ୍ୟସ୍ତ କରାଯାଇଛି । ଏସପିସିବି ଏହାର ମୁଖ୍ୟ କାର୍ଯ୍ୟାଳୟ ଏବଂ 12 ଟି ଆଞ୍ଚଳିକ କାର୍ଯ୍ୟାଳୟ[28] ଜରିଆରେ ନାନାବିଧ ଶିଳ୍ପ ସଂସ୍ଥା/ ସଂଗଠନ/ ୟୁନିଟ୍ ଗୁଡିକୁ ସମ୍ମତି ପ୍ରଶାସନ ପ୍ରତିଷ୍ଠା କରିବା ନିମନ୍ତେ ସମ୍ମତି (ସିଟିଇ) ଏବଂ ଚାଲୁକରିବା ପାଇଁ ସମ୍ମତି (ସିଟିଓ) ଦ୍ୱାରା ଅନୁଧ୍ୟାନ କରିଥାଏ । ଯେଉଁ ଶିଳ୍ପ ସଂସ୍ଥା / ୟୁନିଟ୍‌ଗୁଡିକୁ ସମ୍ମତି ପ୍ରଶାସନ ଦ୍ୱାରା ଅନୁଧ୍ୟାନ କରାଯାଉଛି, ସେଗୁଡିକୁ ସେମାନଙ୍କର ନିଃସରଣ ସ୍ତର ଅନୁସାରେ ତିନୋଟି ବର୍ଗରେ ବିଭକ୍ତ କରାଯାଇଛି । ଯଥା ଲାଲ, କମଳା ଓ ସବୁଜ, ଲାଲ ବର୍ଗ ଯାହା ମଧ୍ୟରେ 17 ବର୍ଗର ଶିଳ୍ପସଂସ୍ଥା[29] ଅନ୍ତର୍ଭୁକ୍ତ ଅତ୍ୟଧିକ କରୁଥିବା ଶିଳ୍ପ ସଂସ୍ଥା ଅଟେ, କମଳା ବର୍ଗ ଅପେକ୍ଷାକୃତ କମ୍ କରୁଥିବା ସଂସ୍ଥା ଏବଂ ସବୁଜ ବର୍ଗ ନିମ୍ନ ସ୍ତରରେ କରୁଥିବା ଶିଳ୍ପ ସଂସ୍ଥା ଅଟନ୍ତି । ମୁଖ୍ୟ କାର୍ଯ୍ୟାଳୟ 17 ଟି ବର୍ଗରେ ଥିବା ଶିଳ୍ପ ସଂସ୍ଥା, ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟ, ଖଣି ଏବଂ 50 କୋଟି ଟଙ୍କାରୁ ଅଧିକ ପୁଞ୍ଜିଲଗାଣ କରାଯାଇଥିବା ଶିଳ୍ପସଂସ୍ଥା ଗୁଡିକୁ

28 ଅନୁଗୁଳ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଝାରସୁଗୁଡା, କଳିଙ୍ଗନଗର, କେନ୍ଦୁଝର, ପାରାଦୀପ, ରାଉରକେଲା, ରାୟଗଡା ଏବଂ ସମ୍ବଲପୁର ।

29 1. ଆଲିମିନିୟମ ସ୍ମେଲ୍ଟର, 2. ସିମେଣ୍ଟ 3. କ୍ଲୋର ଆଲକଲି, 4. କପର ସ୍ମେଲ୍ଟର, 5. ଡିଷ୍ଟିଲେରୀ ଫର୍ମେଣ୍ଟେସନ ଶିଳ୍ପ ସହିତ, 6. ଡାଏଜ ଏବଂ ଡାଏଜ ଇଣ୍ଟରମିଡିଏଟସ 7. ସାର, 8.ଲୁହା ଏବଂ ଷ୍ଟୀଲ, 9. ଅଏଲ ରିଫାଇନାରୀ, 10. କୀଟନାଶକ, 11. ପେଟ୍ରୋକେମିକାଲ୍ସ, 12. ଫାର୍ମାସ୍ୟୁଟିକାଲ, 13. ପଲ୍ପ ଏବଂ ପେପର, 14. ଚିନି, 15. ଟେନାରିଜ୍, 16. ଥର୍ମାଲ ପାୱାର ପ୍ଲାଣ୍ଟ ଏବଂ 17. ଜିଙ୍କ ସ୍ମେଲ୍ଟର।

ଅନୁଧାନ କରୁଥିବା ବେଳେ, ଆଞ୍ଚଳିକ କାର୍ଯ୍ୟାଳୟଗୁଡିକ 50 କୋଟି ଟଙ୍କାରୁ କମ୍ ପୁଞ୍ଜିଲଗାଣ କରାଯାଇଥିବା ଶିଳ୍ପ ସଂସ୍ଥାଗୁଡିକୁ ଅନୁଧ୍ୟାନ କରନ୍ତି ।

### 2.2.2 କାର୍ଯ୍ୟ ସମ୍ପାଦନ ସମୀକ୍ଷା ବଛାଯିବାର ଯଥାର୍ଥତା

ବାୟୁ ସମ୍ବନ୍ଧରେ କୁହାଯାଇପାରେ ଯେ କେନ୍ଦ୍ରୀଭୂତ ହେଉଥିବା ପାର୍ଟିକୁଲେଟ ମ୍ୟାଟର (ପିଏମ) ର ହାରାହାରି ଉଭୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଭାରତୀୟ ମାନକ ତୁଳନାରେ ଅତ୍ୟଧିକ ହୋଇଥିବା ଯୋଗୁଁ, ଆମ ଦେଶରେ 24 ଟି ମୁଖ୍ୟ ଶିଳ୍ପଜାତ ଜାଗା ମଧ୍ୟରେ ଓଡିଶାକୁ ଚିହ୍ନଟ[30] କରାଯାଇଛି । ସେହିପରି ଜଳ ପ୍ରଦୂଷଣ ସମ୍ବନ୍ଧରେ[31] କୁହାଯାଇପାରେ ଯେ, ଶିଳ୍ପସଂସ୍ଥା, କୃଷିକ୍ଷେତ୍ର ସମେତ ପୌର ପାଳିକା ଗୁଡିକରୁ ନିର୍ଗତ କରାଯାଉଥିବା ମଳ ରାଜ୍ୟର ନଦୀ ଗୁଡିକୁ ପ୍ରଦୂଷିତ କରିବା ସହ ଉଭୟ ମାବନ ଏବଂ ଜଳଜୀବ ମାନଙ୍କ ପାଇଁ ଶୋଚନୀୟ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରୁଅଛି ।

ତେଣୁ, ପରିବେଶ ନିୟମର ବିଭିନ୍ନ ବ୍ୟବସ୍ଥାଗୁଡିକୁ ପରୀକ୍ଷା କରିବା ସହ ଓଡିଶାରେ ବାୟୁ ଏବଂ ଜଳ ପ୍ରଦୂଷଣର ନିବାରଣ, ନିୟନ୍ତ୍ରଣ ଓ କମାଇବା ଦିଗରେ ରାଜ୍ୟ ନିୟନ୍ତ୍ରଣ ବୋର୍ଡର ଭୂମିକା ବିଷୟରେ ସମୀକ୍ଷା କରିବା ପ୍ରାସଙ୍ଗିକ ମନେ କରାଗଲା ।

### 2.2.3 ସମୀକ୍ଷାର ଉଦ୍ଦେଶ୍ୟ

ନିମ୍ନୋକ୍ତ ବିଷୟଗୁଡିକର ନିର୍ଦ୍ଧାରଣ ନିମନ୍ତେ କାର୍ଯ୍ୟ ସଂପାଦନ ସମୀକ୍ଷା କରାଯାଇଥିଲା ।

- ଜଳ ଏବଂ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ପରିବେଶ ନିୟମର ଅନୁପାଳନ ନିମନ୍ତେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯିବା;
- ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ନିର୍ଦ୍ଧାରଣ କରିବା ନିମନ୍ତେ ଉଚିତ୍ ମ୍ୟାନେଜମେଣ୍ଟ ଇନଫରମେସନ ସିଷ୍ଟମ (ଏମ.ଆଇ.ଏସ୍) ବିକାଶ କରିବା;
- ପ୍ରଦୂଷଣ ଉତ୍ସର ସମୟୋଚିତ ଚିହ୍ନଟ ଏବଂ ପ୍ରତିକାର ନିମନ୍ତେ ଫଳପ୍ରଦ ପର୍ଯ୍ୟାଲୋଚନା ପ୍ରଣାଳୀ ଗଠନ କରିବା;
- ଭିତ୍ତିଭୂମି ଏବଂ ପାଣ୍ଠି ବ୍ୟବସ୍ଥାର ପର୍ଯ୍ୟାପ୍ତତା ।

### 2.2.4 ସମୀକ୍ଷା ମାନଦଣ୍ଡ

ସମୀକ୍ଷାର ସଫଳତା ନିର୍ଦ୍ଧାରଣ କରିବା ନିମନ୍ତେ ସମୀକ୍ଷା ମାନଦଣ୍ଡର ଉତ୍ସ ନିମ୍ନୋକ୍ତ ବିଷୟଗୁଡିକ ଥିଲା ।

- ବାୟୁ ଓ ଜଳ ପ୍ରଦୂଷଣର ନିବାରଣ, ନିୟନ୍ତ୍ରଣ ଏବଂ କମାଇବା ସମ୍ପର୍କିତ ଅଧିନିୟମ ଓ ନିୟମ[32];
- ଭାରତ ସରକାର/ ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜାତୀୟ/ ରାଜ୍ୟ ଜଳ ନୀତି;

---

30 ଆନ୍ତର୍ଜାତୀୟ ପରିବେଶ ସମୀକ୍ଷା ଓ ପୋଷଣୀୟ ଧାରଣର କେନ୍ଦ୍ର ଦ୍ୱାରା ପ୍ରକାଶିତ ଖବର ପତ୍ର (ଆଇସିଇଡି) ଡିସେମ୍ବର 2013 ତ୍ରୈମାସିକ ଶେଷ ସୁଦ୍ଧା ।

31 ଅନ୍ୟ ପ୍ରଦୂଷକ ଯଥା- ସଲଫର ଡାଇଅକସାଇଡ (ଏସଓ$_2$), ନାଇଟ୍ରୋଜେନ ଡାଇଅକସାଇଡ (ଏନଓ$_2$), ଓଜୋନ (ଓ$_3$), ଲିଡ୍ (ପିବି), କାର୍ବନ ମନୋକସାଇଡ (ସିଓ), ଆମୋନିଆ (ଏନଏଚ$_3$), ବେଞ୍ଜିନ (ସି$_6$ ଏଚ$_6$), ବେଞ୍ଜୋ (ଏ) ପାଇରିନ୍ (ବି$_a$ ପି), ଆର୍ସେନିକ (ଏଏସ୍) ଏବଂ ନିକେଲ (ଏନଆଇ) ଭଳି ପାର୍ଟିକୁଲେଟ ମ୍ୟାଟର ଏକ ବାୟୁ ପ୍ରଦୂଷକ ଯାହାପାଇଁ ଭାରତ ସରକାରଙ୍କ ଦ୍ୱାରା ମାନକ ସ୍ଥିରୀକୃତ କରାଯାଇଛି ।

32 ଜଳ (ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ 1974, ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ 1981, ଜଳ (ନିବାରଣ ଏବଂ ନିୟନ୍ତ୍ରଣ) ଉପକର ଅଧିନିୟମ 1981, ପରିବେଶ (ସୁରକ୍ଷା) ଅଧିନିୟମ, 1986 ।

- ଜାତୀୟ ପରିବେଶ ନୀତି, 2006;
- ଜାତୀୟ ସବୁଜ ନ୍ୟାୟାଧିକରଣ ଅଧିନିୟମ 2010;
- ବାୟୁ ଓ ଜଳ ପ୍ରଦୂଷଣ ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ;
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଠକରେ କାର୍ଯ୍ୟ ବିବରଣୀ ଏବଂ କାର୍ଯ୍ୟ ସୂଚୀର ସଂବୀକ୍ଷା;
- ରାଜ୍ୟ ନିୟନ୍ତ୍ରଣ ବୋର୍ଡ ଏବଂ ବିଭିନ୍ନ ବିଭାଗ ଯଥା ଜଙ୍ଗଲ ଓ ପରିବେଶ ବିଭାଗ (ଡିଓଏଫଇ), ଜଳ ସଂପଦ ବିଭାଗ (ଡିଓଡବ୍ଲୁଆର) ପରିବଗନ ବିଭାଗ (ଟିଡ଼ି), କୃଷି ବିଭାଗ (ଏଡି) ଏବଂ ଗୃହ ଓ ନଗର ବିକାଶ ବିଭାଗ (ଏଚ ଆଣ୍ଡ ୟୁଡିଡି) ର ନଥିପତ୍ରର ପରୀକ୍ଷା;
- ବାୟୁ ଓ ଜଳ ସମ୍ବନ୍ଧୀୟ ସଂବାଦପତ୍ର ବିବୃତି;
- କେନ୍ଦ୍ରୀୟ ନିୟନ୍ତ୍ରଣ ବୋର୍ଡ/ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅନ୍ୟ ବୈଷୟିକ ଅନୁଷ୍ଠାନ ଯଥା ଭାରତୀୟ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ(ଆଇଆଇଟି), ଜାତୀୟ ପରିବେଶ ଯାନ୍ତ୍ରିକ ଗବେଷଣା ଅନୁଷ୍ଠାନ (ଏନଇଇଆରଆଇ) ଇତ୍ୟାଦି ଦ୍ୱାରା ପ୍ରସ୍ତୁତ ଅଧ୍ୟୟନ ବିବୃତି ।

### 2.2.5 *ସମୀକ୍ଷାର ପରିସର ଓ ପଦ୍ଧତି*

ରାଜ୍ୟ ନିୟନ୍ତ୍ରଣ ବୋର୍ଡ ସମେତ ଏହା ଅଧୀନରେ ଥିବା 12 ଟି ଆଞ୍ଚଳିକ କାର୍ଯ୍ୟାଳୟ ମଧ୍ୟରୁ ଚାରୋଟି[33] ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା ପାଞ୍ଚ ବର୍ଷର(2009-14) ନଥିପତ୍ରର ପରିବେଶ ସମୀକ୍ଷା ମେ ରୁ ଅଗଷ୍ଟ 2014 ମଧ୍ୟରେ କରାଯାଇଥିଲା । ଏତଦ୍ ବ୍ୟତୀତ ସମୀକ୍ଷା ପରିସରକୁ ନିଆଯାଇଥିବା ଚାରୋଟି ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଥିବା ଲାଲ ଓ କମଳା ବର୍ଗର ଶିଳ୍ପ ସଂସ୍ଥା ମାନଙ୍କ ମଧ୍ୟରୁ ବିକ୍ଷିପ୍ତ ଚୟନ ପ୍ରକ୍ରିୟା ଦ୍ୱାରା ବଛାଯାଇଥିବା ଶିଳ୍ପସଂସ୍ଥା ସମେତ 17ଟି ବର୍ଗରେ ଥିବା ଏବଂ 50 କୋଟିରୁ ଅଧିକ ପୁଞ୍ଜିଲଗାଣ ହୋଇଥିବା ସମସ୍ତ ଶିଳ୍ପସଂସ୍ଥାର ନଥିପତ୍ର ଯାଞ୍ଚ୍ କରାଯାଇଥିଲା । ତଦନୁସାରେ, ରାଜ୍ୟ ନିୟନ୍ତ୍ରଣ ବୋର୍ଡର ଚାରୋଟି ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଥିବା 36ଟି ଶିଳ୍ପସଂସ୍ଥା ଏବଂ ମୁଖ୍ୟ କାର୍ଯ୍ୟାଳୟ ଅଧିନରେ ଥିବା 74 ଟି ଶିଳ୍ପସଂସ୍ଥାକୁ ନଥିପତ୍ର ଯାଞ୍ଚ୍ ପାଇଁ ବଛାଯାଇଥିଲା । ସମୀକ୍ଷା ପଦ୍ଧତି ମଧ୍ୟରେ ଦସ୍ତାବିଜ ବିଶ୍ଳେଷଣ ଦ୍ୱାରା ତଥ୍ୟ ସମୀକ୍ଷା ପ୍ରଶ୍ନାବଳୀର ଜବାବ, ମିଳିତ ବସ୍ତୁଗତ ସତ୍ୟାପନ, ଜଳ ନମୁନା ସଂଗ୍ରହ ସମେତ ଫଟୋଚିତ୍ର ପ୍ରମାଣ ଅନ୍ତର୍ଭୁକ୍ତ । ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଏବଂ ଅନ୍ୟାନ୍ୟ ବିଭାଗ ଯଥା ବୟନ, ଶିଳ୍ପ, ଶକ୍ତି, ଜଳ ସଂପଦ, ପରିବହନ ଏବଂ ଲୌହ ଓ ଖଣିର ପ୍ରତିନିଧି ମାନଙ୍କ ସହ ଏକ ପ୍ରବେଶ ସମ୍ମିଳନୀ ଅପ୍ରେଲ 2014 ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ ସହ ପରିସର ଓ ପଦ୍ଧତି ଆଲୋଚନା କରାଯାଇଥିଲା ।

ପରବର୍ତ୍ତୀ କାଳରେ, ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସମୀକ୍ଷାର ସିଦ୍ଧାନ୍ତ ଗୁଡିକ ଉପରେ ସେପ୍ଟେମ୍ବର 2014 ରେ ଏକ ବିବୃତି ପ୍ରଦାନ କରାଯାଇଥିଲା ଏବଂ ନଭେମ୍ବର 2014 ରେ ଅନୁଷ୍ଠିତ ହୋଇଥିବା ପ୍ରସ୍ଥାନ ସମ୍ମାଳନୀର ସିଦ୍ଧାନ୍ତ ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ଏହି ପ୍ରତିବେଦନ ଚୂଡାନ୍ତ କରିବା ସମୟରେ ସେମାନଙ୍କ ଦ୍ୱାରା ବ୍ୟକ୍ତ ମତାମତକୁ ବିଚାରକୁ ନିଆଯାଇଥିଲା ।

33 ଅନୁଗୁଳ, ଝାରସୁଗୁଡା, କେନ୍ଦୁଝର ଏବଂ ପାରାଦୀପ ।

## ସମୀକ୍ଷା ସିଦ୍ଧାନ୍ତ

### ବାୟୁ ପ୍ରଦୂଷଣ

### 2.2.6 ବାୟୁ ପ୍ରଦୂଷଣର ନିର୍ଦ୍ଧାରଣ

### 2.2.6.1 କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସଂକଟମୟ/ ଅତ୍ୟଧିକ ପ୍ରଦୂଷିତ ଶିଳ୍ପ ପୁଞ୍ଜି ଗୁଡିକର ଚିହ୍ନଟ

ଭାରତୀୟ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ (ଆଇ.ଆଇ.ଟି), ନୂଆ ଦିଲ୍ଲୀ, ସହଯୋଗରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବ୍ୟାପକ ପରିବେଶ ସମ୍ବନ୍ଧୀୟ ପ୍ରଦୂଷଣ ସୂଚକ (ସିଇପିଆଇ) କୁ ଆଧାର କରି ସମଗ୍ର ଦେଶରେ ଶିଳ୍ପପୁଞ୍ଜି ମାନଙ୍କର ଏକ ପରିବେଶ ସମ୍ବନ୍ଧୀୟ ଆକଳନ କରିଥିଲା (ଡିସେମ୍ବର 2009) । ସିଇପିଆଇ ଅନୁସାରେ 70 ରୁ ଅଧିକ ପ୍ରାପ୍ତାଙ୍କ ଥିବା ଶିଳ୍ପ ପୁଞ୍ଜି ଗୁଡିକୁ ସଂକଟପୂର୍ଣ୍ଣ ପ୍ରଦୂଷିତ ଏବଂ 60 ରୁ 70 ମଧ୍ୟରେ ପ୍ରାପ୍ତାଙ୍କ ଥିବା ଶିଳ୍ପ ପୁଞ୍ଜିଗୁଡିକୁ ଅତ୍ୟଧିକ ପ୍ରଦୂଷିତ ଭାବରେ ଚିହ୍ନଟ କରାଗଲା । ସମଗ୍ର ଭାରତ ବର୍ଷରେ ମୋଟ 88 ଟି ଶିଳ୍ପ ପୁଞ୍ଜିକୁ ଚିହ୍ନଟ କରାଗଲା, ଯାହା ମଧ୍ୟରେ କି 43 ଟି ସଂକଟପୂର୍ଣ୍ଣ ପ୍ରଦୂଷିତ ଅଂଚଳ ଏବଂ 32 ଟି ଅତ୍ୟଧିକ ପ୍ରଦୂଷିତ ଅଂଚଳ ଥିଲା । ଓଡିଶାରେ ଦୁଇଟି ଶିଳ୍ପପୁଞ୍ଜି ଯଥା - ଅନୁଗୁଳ-ତାଳଚେର ଏବଂ ଇବ୍ ଉପତ୍ୟକା ଝାରସୁଗୁଡା, ୪୩ଟି ସଂକଟପୂର୍ଣ୍ଣ ପ୍ରଦୂଷିତ ଅଂଚଳ ମଧ୍ୟରେ ସ୍ଥାନ ପାଇଥିଲା । ଚିହ୍ନଟ କରାଯାଇଥିବା ଏହି 43 ଟି ଶିଳ୍ପ ପୁଞ୍ଜି/ଶିଳ୍ପାଞ୍ଚଳ ଗୁଡିକରେ ପରିବେଶ ସମ୍ବନ୍ଧୀୟ ଗୁଣବତ୍ତାର ଉନ୍ନତି ଆଣିବା ନିମନ୍ତେ ଏକ ସମୟାବଦ୍ଧ କାର୍ଯ୍ୟ ଯୋଜନା(ଏ.ପି) ଉପସ୍ଥାପନ କରିବା ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉଭୟ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ନିୟନ୍ତ୍ରଣ ବୋର୍ଡ ଗୁଡିକୁ ଉପଦେଶ ଦେଇଥିଲା (ଜାନୁୟାରୀ 2010) ଏବଂ ଏହି ସମୟରେ ପରିବେଶ ମଞ୍ଜୁରୀ (ଇସି) ଦରକାର କରୁଥିବା ସମସ୍ତ ପ୍ରକଳ୍ପଗୁଡିକ ଉପରେ କଟକଣା ଜାରି କରାଯାଇଥିଲା ।

ତଦନୁସାରେ ଏହି ଦୁଇଟି ସଂକଟପୂର୍ଣ୍ଣ ପ୍ରଦୂଷିତ ଅଞ୍ଚଳରେ କମାଇବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କଲେ(ଡିସେମ୍ବର 2010) ଏବଂ ଏହା କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ଅନୁମୋଦନ ପାଇବା ପରେ ଏହି ଦୁଇ ଅଞ୍ଚଳରୁ ସ୍ଥଗିତାବସ୍ଥା ଉଠାଯାଇଥିଲା (ମାର୍ଚ୍ଚ-ଜୁଲାଇ 2011) । ତେବେ ବି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଦୁଇଟି ସଂକଟ ପୂର୍ଣ୍ଣ ପ୍ରଦୂଷିତ ଅଂଚଳରେ, ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ନେବା ନିମନ୍ତେ କାର୍ଯ୍ୟ ଯୋଜନାରେ ଧାର୍ଯ୍ୟ କରାଯାଇଥିବା ସମସ୍ତ ସୀମାକୁ କଡାକଡି ପାଳନ କରିବା ପାଇଁ ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲା ଯାହାକି ନିମ୍ନୋକ୍ତ ପାରା 2.2.6.2, 2.2.7.6, 2.2.7.8, ଏବଂ 2.2.7.12 ରେ ଆଲୋଚନା କରାଯାଇଛି । ଏହି 43 ଟି ସଂକଟମୟ ପ୍ରଦୂଷିତ ଅଂଚଳର ପରବର୍ତ୍ତୀ ଅନୁଧ୍ୟାନ ସମୟରେ (ଫେବୃଆରୀ-ଅପ୍ରେଲ 2013) କେନ୍ଦ୍ରୀୟ  ନିୟନ୍ତ୍ରଣ ବୋର୍ଡ ସୂଚନା ଦେଲେ ଯେ ଝାରସୁଗୁଡା ସମେତ ଆଠଟି ଅଞ୍ଚଳରେ ସିଇପିଆଇ ପ୍ରାପ୍ତାଙ୍କକୁ ବୃଦ୍ଧି ଧାରା ପରିଲକ୍ଷିତ କରାଗଲା ଏବଂ ତଦନୁସାରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରାଗଲା (ସେପ୍ଟେମ୍ବର 2013) । ସ୍ଥଗିତାଦେଶ ପୁନଃଜାରି ଉପରେ ନିଷ୍ପତ୍ତି ନେବା ପାଇଁ ଏହି ସବୁ 43 ଟି ସଂକଟମୟ ପ୍ରଦୂଷିତ ଅଞ୍ଚଳରେ ସିଇପିଆଇ ପ୍ରାପ୍ତଙ୍କକୁ ପୁନଃ ନିର୍ଦ୍ଧାରଣ କରିବା ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଲେ (ଜୁନ୍ 2014) ।

### 2.2.6.2 ପାର୍ଟିକୁଲେଟ ମ୍ୟାଟର ନିଃସରଣ ବାବଦରେ ବିହିତ ମାନାଦର୍ଶ ପ୍ରତି ଆନୁଗତ୍ୟକୁ ସୁନିଶ୍ଚିତ ନକରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚାଲୁ କରିବା ସମ୍ମତି ଜାରି କରିବା

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପରିବେଶ ସୁରକ୍ଷାରେ ନିଗମ ଦାୟିତ୍ୱ (ସିଆରଇପି) ନାମରେ ଏକ ସାନନ୍ଦ ଜାରି କରିଥିଲା (ମାର୍ଚ୍ଚ 2003), ଯେଉଁଥିରେ କି ତାପଜ ବିଦ୍ୟୁତ ପ୍ଲାଣ୍ଟ (ଟିପିପି) ଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ

ବାବଦରେ ନେବାକୁ ଥିବା କେତେକ କାର୍ଯ୍ୟାନୁଷ୍ଠାନ ତାଲିକାଭୁକ୍ତ କରାଯାଇଥିଲା । ନିୟନ୍ତ୍ରଣ ଯନ୍ତ୍ରପାତି ସଂସ୍ଥାପନ କରି ସମସ୍ତ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ଗୁଡିକ ପାର୍ଟିକୁଲେଟ ମ୍ୟାଟର (ପିଏମ୍)ର ନିଃସରଣକୁ 31 ଡିସେମ୍ବର 2005 ସୁଦ୍ଧା 100 ମିଗ୍ରା/ଏନଏମ$^3$ କୁ କମାଇବା ପାଇଁ ଏହି ସିଆରଇପି ରେ ଉଲ୍ଲେଖ ଥିଲା । ପୁନଶ୍ଚ ଅନୁଗୁଳ-ତାଳଚେର ଏବଂ ଇବ ଉପତ୍ୟକା-ଝାରସୁଗୁଡା ଅଂଚଳ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଯୋଜନା (ଡିସେମ୍ବର 2010) ଅନୁସାରେ ଅହି ଅଂଚଳରେ ଅବସ୍ଥିତ ତାପଜ ବିଦ୍ୟୁତ ପ୍ଲାଣ୍ଟ ଗୁଡିକ ପାଇଁ ପାର୍ଟିକୁଲେଟ ମ୍ୟାଟର ନିଃସରଣର ମାନକ 31 ମାର୍ଚ୍ଚ 2012 ସୁଦ୍ଧା 50 ମି.ଗ୍ରା./ ଏନଏମ$^3$ ହାସଲ କରିବା ପାଇଁ ପୁନରୀକ୍ଷଣ କରାଗଲା । କିନ୍ତୁ ବିହିତ ମାନାଦର୍ଶୀ ହାସଲ କରିବା ପାଇଁ ସମୟୋଚିତ ନିର୍ଦ୍ଦେଶନା ଜାରି କରିବାରେ ରାଜ୍ୟ  ନିୟନ୍ତ୍ରଣ ବୋର୍ଡର ବିଫଳତା ଯୋଗୁଁ ନିମ୍ନଲିଖିତ କ୍ଷେତ୍ରରେ ଉପରୋକ୍ତ ମାନକ ହାସଲ କରାଯାଇ ପାରିନାହିଁ ।

- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନାସନାଲ୍ ଆଲୁନିୟମ କମ୍ପାନୀ ଲିମିଟେଡ (ନାଲକୋ)[34]କୁ ମଞ୍ଜୁରୀ କରିଥିବା (ଅପ୍ରେଲ୍ 2007) ଚାଲୁ କରିବା ସମ୍ମତିରେ 150 ମିଗ୍ରା/ ଏନଏମ$^3$ ନିଃସରଣ ମାନାଦର୍ଶ ହାସଲ କରିବା ପାଇଁ ଏକ ସର୍ତ୍ତ ଥିଲା, ଯଦିଓ ସିଆରଇପିରେ ବିହିତ ମାନାଦର୍ଶ ଅନୁସାରେ ଏହା 100 ମିଗ୍ରା/ ଏନଏମ$^3$ ହାସଲ କରିବା କଥା । ଏହି ସମ୍ମତି 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ବୈଧ ଥିଲା । ପରବର୍ତ୍ତୀ କାଳରେ 2013-14 ପାଇଁ ଚାଲୁ କରିବା ସମ୍ମତି[35] ମଞ୍ଜୁରୀ କରିବା ସମୟରେ ରାଜ୍ୟ ନିୟନନ୍ତରଣ ବୋର୍ଡ ନିଃସରଣ ମାନାଦର୍ଶକୁ 80 ରୁ 100 ମିଗ୍ରା/ ଏନଏମ$^3$ ମଧ୍ୟରେ ଧାର୍ଯ୍ୟ କରିଥିଲା  ଯଦିଓ କାର୍ଯ୍ୟ ଯୋଜନା ଅନୁସାରେ ମାନକ 50 ମିଗ୍ରା/ଏନଏମ$^3$ ଥିଲା । ତେବେ, ବିହିତ ମାନକ ସିଆରଇପି ଅନୁସାରେ 80 ରୁ 100 ମିଗ୍ରା/ ଏନଏମ$^3$ ଏବଂ କାର୍ଯ୍ୟ ଯୋଜନା (ଏପି) ଅନୁସାରେ 50 ମିଗ୍ରା/ଏନଏମ୩ ଥିବା ବେଳେ, ସମୀକ୍ଷାରେ ଅବଲୋକନ କରାଗଲା ଯେ ବାସ୍ତବ ନିଃସରଣ 2009-12 ରେ ୟୁନିଟ୍ 1 ରୁ 8 ରେ 114 ରୁ 576 ମି.ଗ୍ରା./ ଏନଏମ$^3$ ଏବଂ 2012-14 ରେ 54 ରୁ 274 ମି.ଗ୍ରା./ ଏନଏମ$^3$ ମଧ୍ୟରେ ଥିଲା । ଏହା ମଧ୍ୟ ଅବଲୋକନ କରାଗଲା ଯେ ଚାଲୁକରିବା ସମ୍ମତି ନଥାଇ ମଧ୍ୟ ନାଲକୋ ଦୁଇବର୍ଷ (ଅପ୍ରେଲ 2011 ରୁ ଅପ୍ରେଲ 2013) ସମସ୍ତ ୟୁନିଟକୁ ଚାଲୁ ରଖିଥିଲା ।

  ସରକାର ଜଣାଇଲେ (ଅକ୍ଟୋବର 2014) ଯେ ସିଆରଇପି ନିର୍ଦ୍ଦେଶାବଳୀ ଗୁଡିକ ନୀଗମ ମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ଅନୁପାଳନ ପାଇଁ ଉଦ୍ଦିଷ୍ଟ ଏବଂ ଲଭ୍ୟ ସମୟକୁ ବିଚାରକୁ ନେଲେ ଏହିଭଳି ରିଟ୍ରୋଫିଟିଙ୍ଗ ପାଇଁ କାର୍ଯ୍ୟ ଯୋଜନାରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅତ୍ୟନ୍ତ ଉଚ୍ଚାଭିଳାଷୀ ଥିଲା । କିନ୍ତୁ ନିୟନ୍ତ୍ରକ ମାନାଦର୍ଶ ଅନୁପାଳନରୁ ଉର୍ଦ୍ଧ୍ୱରେ ଯାଇ ଏକ ପାରସ୍ପରିକ ସମ୍ମତି କ୍ରମେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ରମ ଅନୁସରଣ କରି ଶୁଦ୍ଧ ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବା ପାଇଁ ପରିବେଶ ଓ ଜଙ୍ଗଲ ମନନ୍ତରଣାଳୟ ଅତ୍ୟଧିକ ପ୍ରଦୂଷଣ କରୁଥିବା ଶିଳ୍ପସଂସ୍ଥାମାନଙ୍କ ପାଇଁ ସିଆରଇପି ନିର୍ଦ୍ଦେଶାବଳୀ ପ୍ରଣୟନ କରିଥିଲା । ପୁନଶ୍ଚ, ସଂପୃକ୍ତ ସର୍ତ୍ତଗୁଡିକ ଉଲ୍ଲେଖି କରାଯାଇଥିବା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ହାସଲ ଦିଗରେ ସୁନିଶ୍ଚିତ କରି ପରିବେଶ ଗୁଣବତ୍ତାରେ ଉନ୍ନତି ଆଣିବା ନିମନ୍ତେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁଦେଶରେ (ଜାନୁୟାରୀ 2010) ରେ ରାଜ୍ୟ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲା ।

---

34 ନାଲକୋ ହେଉଛି ଓଡିଶାର ଅନୁଗୁଳ ଜିଲ୍ଲାରେ ଅବସ୍ଥିତି ଏକ ସରକାରୀ ଆଲୁମିନିୟମ ଉତ୍ପାଦନ କମ୍ପାନୀ ଯାହାକି 120 ଏମଡବ୍ଲୁ ବିଶିଷ୍ଟ 10 ଟି ନିଜସ୍ୱ ଶକ୍ତି ପ୍ଲାଣ୍ଟ ଅଛି ।

35 11.04.2013 ରେ ଦିଆଯାଇଥିବା ସମ୍ମତି ଯାହାକି 30 ସେପ୍ଟେମ୍ବର 2013 ପର୍ଯ୍ୟନ୍ତ ବୈଧ ଥିଲା, 28 ସପ୍ଟେମ୍ବର 2013 ରେ ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ ବୈଧ ଥିଲା ଏବଂ 04 ଅପ୍ରେଲ 2014 ରେ ଦିଆଯାଇଥିବା ସମ୍ମତି ଯାହାକି 30 ଜୁନ 2014 ପର୍ଯ୍ୟନ୍ତ ବୈଧ ଥିଲା ।

- 150 ମିଗ୍ରା/ଏମଏମ$^3$ ନିଃସରଣ ମାନାଦର୍ଶ ହାସଲ କରିବା ସର୍ତ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ବୈଧ ଥିବା ଚାଲୁ କରିବା ସମ୍ମତି[36] ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର(ଟିଟିପିଏସ)[37] ସପକ୍ଷରେ ମଞ୍ଜୁରୀ କରିଥିଲା ଯଦିଓ ସିଆରଇପିରେ ବିହିତ ମାନାଦର୍ଶ ଅନୁସାରେ ଏହା 100 ମିଗ୍ରା/ ଏମଏମ$^3$ ହାସଲ କରିବା କଥା । ପରବର୍ତ୍ତୀ କାଳରେ 2012-14 ପାଇଁ ଚାଲୁ କରିବା ସମ୍ମତି[38] ପ୍ରଦାନ କରିବା ସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଃସରଣ ମାନାଦର୍ଶକୁ 100 ମିଗ୍ରା / ଏମଏମ$^3$ ଧାର୍ଯ୍ୟ କରିଥିଲା ଯଦିଓ କାର୍ଯ୍ୟ ଯୋଜନା ଅନୁସାରେ ମାନକ 50 ମିଗ୍ରା / ଏମଏମ$^3$ ଥିଲା । ତେବେ ସିଆରଇପିରେ ବିହିତ ମାନ (100 ମିଗ୍ରା/ ଏନଏମ$^3$) ଏବଂ କାର୍ଯ୍ୟ ଯୋଜନାରେ (50 ମିଗ୍ରା/ଏନଏମ$^3$) ଥିବାବେଳେ, ସମୀକ୍ଷାରେ ଅବଲୋକନ କରାଗଲା ଯେ ବାସ୍ତବ ନିଃସରଣ 2009-12 ରେ 108 ରୁ 291 ମିଗ୍ରା/ଏମଏମ$^3$) ଏବଂ (2012-14 ରେ 64 ରୁ 291 ମିଗ୍ରା / ଏମଏମ $^3$ ଏବଂ) 2012-14 ରେ 64 ରୁ 291 ମିଗ୍ରା / ଏମଏମ$^3$ ଥିଲା । ପୁନଶ୍ଚ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ଚାଲୁ କରିବା ସମ୍ମତି ହାସଲ ନ କରି ମଧ ଟିଟିପିଏସ ୟୁନିଟ୍ 5 ରୁ 6 କୁ 01 ଅପ୍ରେଲ୍ 2009 ରୁ 09 ଫେବୃଆରୀ 2010 ଏବଂ ୟୁନିଟ୍ 1 ଓ 6 କୁ 01 ଅପ୍ରେଲ୍ 2011 ରୁ 29 ମେ 2012 ପର୍ଯ୍ୟନ୍ତ ଚାଲୁ କରିଥିଲା ।

  ସରକାର ଜଣାଇଲେ (ଅକ୍ଟୋବର 2014) ଯେ ନିମ୍ନ ପାଉଁଶ ପରିମାଣ ଥିବା ଉଚ୍ଚ ଗୁଣବତ୍ତା ସମ୍ପନ୍ନ କୋଇଲା ନ ମିଳିବା, ମୂଲ୍ୟାୟନ କରାଯାଇଥିବା ଦକ୍ଷତାରେ ପ୍ଲାଣ୍ଟ ନିରବଚ୍ଛିନ ଭାବରେ ଚାଲୁ ରହିବା ଏବଂ ପୁରାତନ ହୋଇଥିବା ୟୁନିଟ୍ ଗୁଡିକ ଧୂଳି ଦ୍ୱାରା ଅତି ବୋଝେଇ ହୋଇ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିର ଦକ୍ଷତା ଉପରେ ପ୍ରଭାବ ପକାଇବା ଯୋଗୁଁ ୟୁନିଟ୍ 1 ରୁ 4 ରେ ଅତ୍ୟଧିକ ନିଃସରଣ ଘଟିଲା । ସରକାର ଆହୁରି ମଧ ଜଣାଇଲେ ଯେ ନିଃସରଣର ମାନାଦର୍ଶ 50 ମିଗ୍ରା/ଏନଏମ$^3$ ହାସଲ କରିବା ନିମନ୍ତେ ୟୁନିଟ୍ 5 ଓ 6 ର ରିଟ୍ରୋଫିଟିଙ୍ଗ୍ କାର୍ଯ୍ୟ ଡିସେମ୍ବର 2015 ସୁଦ୍ଧା ସମାପ୍ତ ହୋଇଯିବ । କିନ୍ତୁ ଉଚ୍ଚତର ନିଃସରଣର ଉପରୋକ୍ତ କାରଣଗୁଡିକୁ ବିଚାର କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୟୁନିଟ୍ 1 ଓ 4 ରେ ସଂଯୋଗ କରାଯାଇଥିବା ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିର ସମୟୋଚିତ ପାହ୍ୟା ବୃଦ୍ଧି ସୁନିଶ୍ଚିତ କରିବାର ଥିଲା । ପୁନଶ୍ଚ ୟୁନିଟ୍ 5 ଓ 6 ର ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିର ରିଟ୍ରୋଫିଟିଙ୍ଗ କାର୍ଯ୍ୟ ଧାର୍ଯ୍ୟ କରାଯାଇଥିବା ତାରିଖ 31 ମାର୍ଚ୍ଚ 2012 ମଧରେ ସମାପ୍ତ କରାଯାଇପାରିଲା ନାହିଁ ।

- ଇବ ଉପତ୍ୟକା - ଝାରସୁଗୁଡା ଅଂଚଳ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ପ୍ରସ୍ତୁତ କରାଯାଇଥିବା (ଡିସେମ୍ବର 2010) କାର୍ଯ୍ୟ ଯୋଜନା ଅନୁସାରେ ଝାରସୁଗୁଡାଠାରେ ଅବସ୍ଥିତ ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ (ଓପିଜିସି)[39] 31 ମାର୍ଚ୍ଚ 2012 ସୁଦ୍ଧା 50 ମିଗ୍ରା / ଏନଏମ$^3$ ନିଃସରଣ ମାନାଦର୍ଶ ହାସଲ କରିବାର ଥିଲା । ତେବେବି ନିଃସରଣ ମାନକ 100 ମିଗ୍ରା/ ଏନଏମ$^3$ ହାସଲ କରିବା ସର୍ତ୍ତରେ ରାଜ୍ୟ ନିୟନ୍ତ୍ରଣ ବୋର୍ଡ ଶକ୍ତି ଉତ୍ପାଦନ ନିଗମ ଲିମିଟେଡକୁ ଚାଲୁ କରିବା ସମ୍ମତି

---

36 ୟୁନିଟ୍ 1 ରୁ 4 – 12 ଜାନୁୟାରୀ 2007 ରେ ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ବୈଧ ଥିଲା । ୟୁନିଟ୍ 5 ରୁ 6- 07 ଜୁଲାଇ 2008 ରେ ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2009 ପର୍ଯ୍ୟନ୍ତ ବୈଧ ଥିଲା ଏବଂ 10 ଫେବୃଆରୀ 2010 ରେ ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ବୈଧ ଥିଲା ।

37 ଓଡିଶାର ଅନୁଗୁଳ ଜିଲ୍ଲାରେ ଥିବା ଟିଟିପିଏସ ହେଉଛି ଏନଟିପିସି (ଏକ ସରକାରୀ କମ୍ପାନୀ) ଦ୍ୱାରା ମାଲିକାନା ଥିବା ଏକ କମ୍ପାନୀ ଯାହାର କି ସର୍ବମୋଟ 460 ଏମଡବ୍ଲୁ କ୍ଷମତା ବିଶିଷ୍ଟ 6 ୟୁନିଟ୍ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ରହିଛି ।

38 ୟୁନିଟ୍ 1 ରୁ 6 30 ମେ 2012 ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2013 ପର୍ଯ୍ୟନ୍ତ ବୈଧ ଥିଲା, 25 ଅପ୍ରେଲ 2013 ରେ ଦିଆଯାଇଥିବା ସମ୍ମତି ଯାହାକି 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ ବୈଧ ଥିଲା, 31 ମାର୍ଚ୍ଚ 2014 ରେ ଦିଆଯାଇାବା ସମ୍ମତି ଯାହାକି 30 ଜୁନ୍ 2014 ପର୍ଯ୍ୟନ୍ତ ବୈଧ ଥିଲା ।

39 ଓଡିଶାର ଝାରସୁଗୁଡା ଜିଲ୍ଲାରେ ଅବସ୍ଥିତ ଓପିଜିସି ଏକ ସରକାରୀ କମ୍ପାନୀ ଯାହାର କି ପ୍ରତିଟି 210 ଏମଡବ୍ଲୁ ହିସାବରେ ଦୁଇଟି ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ଅଛି ।

ମଞ୍ଜୁର କରିଥିଲା । ସମୀକ୍ଷା ଅବଲୋକନ କରିଥିଲା ଯେ 2012-14 ମଧ୍ୟରେ ଓପିଜିସିର ତାପଜ ବିଦ୍ୟୁତ ପ୍ଲାଣ୍ଟରୁ ବାସ୍ତବ ନିଃସରଣ 92 ରୁ 140 ମିଗ୍ରା/ ଏନଏମ$^3$ ମଧ୍ୟରେ ଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ବିଦ୍ୟମାନ ପ୍ଲାଣ୍ଟ ଗୁଡିକରେ ନିୟନ୍ତ୍ରଣ ଯନ୍ତ୍ରପାତିର ପାହ୍ୟା ବୃଦ୍ଧିକରଣ/ ରିଟ୍ରୋଫିଟିଙ୍ଗ ଏକ କଠିନ କାର୍ଯ୍ୟ ହୋଇଥିବାରୁ ଏହାକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମାପ୍ତ କରାଯାଇ ପାରିଲା ନାହିଁ । ଏହି ଜବାବ ଗ୍ରହଣୀୟ ନୁହେଁ ଯେହେତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା(ଫେବୃଆରୀ 2011) ଠାରୁ ଯଥାକ୍ରମେ ଦୁଇ ବର୍ଷ ଓ ତିନି ବର୍ଷ ବିଳମ୍ବରେ ୟୁନିଟ୍ 1(ଅଗଷ୍ଟ 2013) ଏବଂ ୟୁନିଟ୍ 2(ଜୁଲାଇ 2014) ର ପାହ୍ୟା ବୃଦ୍ଧି କାର୍ଯ୍ୟ ଆରମ୍ଭ କରାଗଲା ଏବଂ 50 ମିଗ୍ରା /ଏନଏମ$^3$ ନିଃସରଣ ମାନାଦର୍ଶ ହାସଲ କରିବା ଦିଗରେ ଓ.ପି.ଜି.ସି ଦ୍ୱାରା ସମୟୋଚିତ ଅନୁପାଳନ ସୁନିଶ୍ଚିତ କରିବାରେ ରାଜ୍ୟ ନିୟନ୍ତ୍ରଣ ବୋର୍ଡ ବିଫଳ ହୋଇଥିଲା ।

### 2.2.6.3 *ନିଃସରଣ ମାନଙ୍କର ଲକ୍ଷ୍ୟ ସ୍ଥିରୀକରଣରେ ଏକରୁପତାରେ ଅଭାବ*

ଭୂଷଣ ଶକ୍ତି ଏବଂ ଇସ୍ପାତ ଲିମିଟେଡ (ବିପିଏସଏଲ), ସମ୍ବଲପୁର ଏବଂ ଭୂଷଣ ଇସ୍ପାତ ଲିମିଟେଡ (ବିଏସଏଲ), ଢେଙ୍କାନାଳ ହେଉଛନ୍ତି ଦୁଇଟି ପୂର୍ଣ୍ଣାଙ୍ଗ ଇସ୍ପାତ କାରଖାନା ଯାହାକି 30 ଜୁନ 2014 ପର୍ଯ୍ୟନ୍ତ ଚାଲୁ କରିବା ସମ୍ମତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ହାସଲ କରିଥିଲା । ଉଭୟ ଇସ୍ପାତ କାରଖାନାର ପ୍ରତ୍ୟେକ ଦିନ 500 ଟନ ସ୍ପଞ୍ଜ ଲୁହା ଉତ୍ପାଦନ କରିବାରେ କ୍ଷମତା ଥିଲା । ତେବେ ବି, ଶକ୍ତି କାରଖାନାରେ ସଂଯୋଗ କରାଯାଇଥିବା ନିୟନ୍ତ୍ରଣ ଯନ୍ତ୍ରପାତି ସମ୍ବନ୍ଧରେ ବିପିଏସଏଲ (50 ମିଗ୍ରା/ଏନଏମ୩) ବିଏସଏଲ (100 ମିଗ୍ରା/ଏନଏମ୩) କ୍ଷେତ୍ରରେ ବିଭିନ୍ନ ନିଃସରଣ ମାନକ ଧାର୍ଯ୍ୟ କରାଯାଇଥିଲା । ପରବର୍ତ୍ତୀ କାଳରେ ବିଏସଏଲ କୁ ଜାରି କରିଥିବା (ଜୁନ 2014) ଚାଲୁ କରିବା ସମ୍ମତିରେ ରାଜ୍ୟ ପ୍ରର୍ଦୂଷଣ ନିୟନ୍ତ୍ରଣ ବୋର୍ଡ 100 ଏମଜି/ଏନଏମ$^3$ ନିଃସରଣ ମାନକ ଜାରି କରିଥିଲା ଯାହାକି 31 ମାର୍ଚ୍ଚ 2015 ପର୍ଯ୍ୟନ୍ତ ବୈଧ ଅଟେ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଅନବଧାନତା ଯୋଗୁଁ ବିଏସଏଲର ସମ୍ମତି ଆଦେଶରେ ଡିଆରଆଇ ଭାଟିଗୁଡିକର ଚିମିନିରୁ ନିଃସରଣ ମାନକ ପରିବର୍ତ୍ତନ କରାଯାଇ ପାରି ନାହିଁ ।

### 2.2.6.4 *ଚିମିନି ଉଚ୍ଚତା ବୃଦ୍ଧି ନ କରାଯିବା ହେତୁ ବାୟୁ ପ୍ରର୍ଦୂଷଣ*

କେନ୍ଦ୍ରୀୟ ନିୟନ୍ତ୍ରଣ ବୋର୍ଡର ସୁପାରିଶ (ଜୁଲାଇ 2007) ଅନୁସାରେ, କାଜୁ ବିହନ ପ୍ରକ୍ରିୟା କରଣ ଶିଳ୍ପ କ୍ଷେତ୍ରରେ ପ୍ରର୍ଦୂଷକ ଗୁଡିକର ଜଳ ବାୟୁ ମଧ୍ୟକୁ ଉନ୍ନତ ବିକ୍ଷେପଣ ଫଳତଃ ଭୂପୃଷ୍ଠ ସ୍ତରରେ ନ୍ୟୁନତମ ସମ୍ଭାବ୍ୟ ଗାଢତା ନିମନ୍ତେ ନ୍ୟୁନତମ ଚିମିନି ଉଚ୍ଚତା 20 ମିଟର ହେବା କଥା । ତେବେବି କେଉଁଝର ଆଞ୍ଚଳିକ କାର୍ଯ୍ୟାଳୟ ଅଧିନରେ ଥିବା ଏକ କାଜୁ ପ୍ରକ୍ରିୟା କରଣ ଶିଳ୍ପର ନଥି ପତ୍ର ଯାଞ୍ଚରୁ ଦେଖାଗଲା ଯେ ଏହି ୟୁନିଟର ଚିମିନି ଉଚ୍ଚତା ଭୂପୃଷ୍ଠ ସ୍ତରରୁ 11 ମିଟର ଥିଲା ।

ଏହି ତଥ୍ୟକୁ ଗ୍ରହଣ କରି ସରକାର ଜଣାଇଲେ (ଅକ୍ଟୋବର 2014) ଯେ 15 ଡିସେମ୍ବର 2014 ସୁଦ୍ଧା ଚିମିନି ଉଚ୍ଚତାକୁ 20 ମିଟରକୁ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନା ରାଜ୍ୟ ପ୍ରର୍ଦୂଷଣ ବୋର୍ଡ ଦ୍ୱାରା ଉକ୍ତ ୟୁନିଟକୁ ଜାରି କରାଯାଇଛି ।

### 2.2.6.5 *ଯାନବାହନ ପ୍ରର୍ଦୂଷଣର ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଙ୍କ ଦ୍ୱାରା ଅପ୍ରଭାବୀ ପର୍ଯ୍ୟାଲୋଚନା*

ବାୟୁ ପ୍ରର୍ଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ (ପିସିପି) ଅଧିନିୟମ 1981 ର ଧାରା 20, ସ୍ୱୟଂଚଳ ଯାନର ନିଃସରଣ ମାନକ ସୁନିଶ୍ଚିତ କରିବା ନିମନ୍ତେ ବିହିତ କରେ । ରାସ୍ତାରେ ଯାନବାହନ ଚଳାଚଳ ନିମନ୍ତେ କେନ୍ଦ୍ରୀୟ ମୋଟର ଯାନନିୟମାବଳୀ 1989 ର ଧାରା 115 (7) ଏବଂ 116 ଅନୁଯାୟୀ ରାଜ୍ୟ ସରକାର ଏହି

ଉଦ୍ଦେଶ୍ୟରେ ପ୍ରାଧିକୃତ କରିଥିବା ଏଜେନସି ମାନଙ୍କ ଦ୍ୱାରା ପ୍ରତି 6 ମାସରେ ଜାରି କରାଯାଇଥିବା ଏକ ବୈଧ ପ୍ରଦୂଷଣ ନିୟନ୍ତ୍ରଣାଧୀନ (ପିୟୁସି) ପ୍ରମାଣ ପତ୍ର ସମ୍ବନ୍ଧରେ ବ୍ୟବସ୍ଥା କରାଯାଇଛି ଏବଂ ଏହାର ଯାଞ୍ଚ କରିବା ଦାୟିତ୍ୱ ପୋଲିସ /ପରିବହନ ବିଭାଗ ହାତରେ ନ୍ୟସ୍ତ ଥିଲା ।

ମାର୍ଚ୍ଚ 2013 ସୁଦ୍ଧା ରାଜ୍ୟରେ 42.23 ଲକ୍ଷ ପରିବହନ ଏବଂ ଅଣପରିବହନ ଯାନ ଚଳାଚଳ କରୁଥିଲା । 15 ବର୍ଷରୁ ଅଧିକ ଚଳାଚଳ କରୁଥିବା ଯାନଗୁଡିକୁ ଭିଣ୍ଟେଜ ତଥା ଅଧିକ ପ୍ରଦୂଷଣକାରୀ ବୋଲି ବିଚାର କରାଉଥିଲା । 31 ମାର୍ଚ୍ଚ 2013 ସୁଦ୍ଧା ଏହିଭଳି ଯାନଗୁଡିକର ସଂଖ୍ୟା ସମଗ୍ର ଯାନ ସଂଖ୍ୟାର 20 ପ୍ରତିଶତ ଥିଲା । 31 ମାର୍ଚ୍ଚ 2014 ସୁଦ୍ଧା 73 ସେଟ୍ ଯାଞ୍ଚ କରିବା ଯନ୍ତ୍ରପାତି (ପିଟିଇ) ମୁତୟନ କରି 49ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)/ଚେକ୍‌ଗେଟ୍ ଏବଂ ତତ ସହିତ 24 ଟି ଫାର୍ମ/ବ୍ୟକ୍ତି ସମୁହଙ୍କ ଦ୍ୱାରା ଯାନର ପ୍ରଦୂଷଣ ମାନକ ଯାଞ୍ଚ କରିବା ଏବଂ ପିୟୁସି ଜାରି କରିବାରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସକ୍ଷମ ହୋଇଥିଲେ । ଏତଦ ବ୍ୟତୀତ 87 ଟି ବେସରକାରି ଯାଞ୍ଚ କେନ୍ଦ୍ର (ପିଟିସି) ମଧ୍ୟ ଏହି ଉଦ୍ଦେଶ୍ୟରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାଧିକୃତ ହୋଇଥିଲା । ସମୀକ୍ଷା ସମୟରେ ଏହା ଦେଖାଗଲା ଯେ, 31 ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମଧ୍ୟରୁ ଆଠଟି[40]ରେ ପିଟିସି ବ୍ୟବସ୍ଥା ନ ଥିଲା ଏବଂ 16 ଟି[41] ଚେକ ଗେଟ୍ ପିଟିଇ ଗ୍ରହଣ କରିବାକୁ ବାକି ଥିଲା । ପରିବହନ ବିଭାଗ ଯାନମାନଙ୍କର ପ୍ରଦୂଷଣ ମାନକ ଯାଞ୍ଚ କରିବା ନିମନ୍ତେ କୌଣସି ଲକ୍ଷ୍ୟ ସ୍ଥିର କରି ନଥିଲା କିମ୍ବା 49 ଟି ଆରଟିଓ /ଚେକଗେଟ୍ ଏବଂ 24 ଟି ଫାର୍ମ/ବ୍ୟକ୍ତି ସମୁହରେ ପିୟୁସି ଜାରି କରିବା ବାବଦରେ କୌଣସି ନଟିପତ୍ର ରଖି ନଥିଲେ । ବେସରକାରୀ ପ୍ରାଧିକୃତ ଏଜେନସି ମାନଙ୍କ ଦ୍ୱାରା ଜାରି କରାଯାଇତିବା ପିୟୁସି ପ୍ରମାଣପତ୍ରର ସଂଖ୍ୟା ମଧ୍ୟ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପର୍ଯ୍ୟାଲୋଚନା କରାଯାଉ ନ ଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଏସପିସିବି ଆବଶ୍ୟକତା ଅନୁସାରେ ପୋଲିସ କର୍ମଚାରୀମାନଙ୍କୁ ଯାନବାହନ ଜନିତ ନିଃସରଣ ଏବଂ କୋଳାହଳ ପର୍ଯ୍ୟାଲୋଚନା ସମ୍ବନ୍ଧରେ ପ୍ରଶିକ୍ଷଣ ବିଦିତ କରେ ଏବଂ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପର୍ଯ୍ୟାଲୋଚନା ଯନ୍ତ୍ରପାତି ସଂଗ୍ରହଣ ଧାରାରେ ବୈଷୟିକ ପ୍ରବୀଣ ଭାବରେ ମଧ୍ୟ ଅଂଶଗ୍ରହଣ କରେ । କିନ୍ତୁ ପ୍ରବର୍ତ୍ତନ ଅଧିକାରୀମାନଙ୍କର ଉତ୍କଟ ଅଭାବକୁ କାରଣ ଭାବରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦର୍ଶାଯାଇଛି ।

## ଜଳ ପ୍ରଦୂଷଣ

### 2.2.7. *ଜଳ ପ୍ରଦୂଷଣର ନିର୍ଦ୍ଧାରଣ*

ପ୍ରଦୂଷଣର ନିବାରଣ ଏବଂ ନିୟନ୍ତ୍ରଣ ଦ୍ୱରା ଜାତୀୟ ଜଳଚର ସଂପଦମାନଙ୍କର ପୌଷ୍ଟିକତା ବଜାୟ ରଖିବା ଏବଂ ପୁନରୁଦ୍ଧାର କରିବା ଜଳ (ପିସିପି) ଅଧିନିୟମ 1974 ର ମୌଳିକ ଉଦ୍ଦେଶ୍ୟ ଅଟେ । କେନ୍ଦ୍ରୀୟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ବିକାଶ କରାଯାଇଥିବା ବ୍ୟବହାର ଭିତ୍ତିକ ଶ୍ରେଣୀକରଣ ପଦ୍ଧତିର ଏକ ସଂକ୍ଷିପ୍ତସାର ***ପରିଶିଷ୍ଟ 2.2.1*** ରେ ଦିଆଯାଇଛି । ସମିକ୍ଷାର ଅବଲୋକନ ନିମ୍ନରେ ଦିଆଗଲା ।

### 2.2.7.1 *ଜାତୀୟ ଜଳ ଗୁଣବତା ପର୍ଯ୍ୟାଲୋଚନା କାଯ୍ୟକ୍ରମ (ଏନ୍‌ଡବ୍ଲ୍ୟୁଏମ୍‌ପି)*

ବିଶ୍ୱବ୍ୟାପୀ ପରିବେଶ ପର୍ଯ୍ୟାଲୋଚନା ପଦ୍ଧତି (ଜିଇଏମଏସ) ଅଧିନରେ ଜଳଚର ସଂପଦ ଉପରେ ପର୍ଯ୍ୟାଲୋଚନା କେନ୍ଦ୍ର ର ନେଟ୍‌ୱାର୍କ 1977-78 ରୁ ସମଗ୍ର ଦେଶରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

---

[40] ବୌଦ, ଦେଓଗଡ, ମାଲକାନଗିରି, ରାଇରଙ୍ଗପୁର, ଯାଜପୁର, ତାଳଚେର, ଭୁବନେଶ୍ୱର-II ଏବଂ ଭଞ୍ଜନାଗର ।

[41] ଚିକିଟିବଳରାମପୁର, ସୁରୁଳା, ଉପରଜୋଙ୍କ, ବିଲେଇପଡା, ନାଲଦା, ଚମ୍ପୁଆ, ବୋରିଗୁମ୍ମା, ଚଟୱା, ରାଇଘର, ବହଳଦା, ଚକାଶୁଳିପଦା, ସମର୍ଦ୍ଦରା, ତପରିଆ, ତପରିଆ (କ), ତେଲିଝର ଏବଂ ଲକ୍ଷ୍ମୀଡୁଙ୍ଗୁରି ।

ପ୍ରତିଷ୍ଠା କରିଥିଲା । ଓଡିଶାର ନଅଟି[42] ମୁଖ୍ୟ ନଦୀ ଅବବାହିକାରେ ଜଳ ଗୁଣବତ୍ତା ର ପର୍ଯ୍ୟାଲୋଚନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 92 ଟି[43] ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା କେନ୍ଦ୍ର ଜରିଆରେ କରିଥାଏ ଯାହାକି ***ପରିଶିଷ୍ଟ 2.2.2*** ରେ ବିଶଦ ଭାବରେ ଦିଆଯାଇଛି ।

ଉପରୋକ୍ତ ସ୍ଥାନମାନଙ୍କରେ ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା ସମ୍ବନ୍ଧରେ ସମିକ୍ଷାରେ ଅବଲୋକନ କରାଯାଇଥିବା ଅଭାବ ଗୁଡିକ ନିମ୍ନଲିଖିତ ପାରାଗୁଡିକରେ ଆଲୋଚନା କରାଯାଇଛି ।

### 2.2.7.2 *ଅପ୍ରର୍ଯ୍ୟାପ୍ତ ପର୍ଯ୍ୟାଲୋଚନା କେନ୍ଦ୍ର*

ଏଗାରଟି ନଦୀ ଅବବାହିକା ମଧ୍ୟରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନଅ ଟି ନଦୀ ଅବବାହିକାରେ ଜଳ ଗୁନବତ୍ତାର ପର୍ଯ୍ୟାଲୋଚନା କରିଥିଲା । ଉପ ନଦି ଏବଂ ଧାରାଗୁଡିକର ଜଳ ଗୁଣବତ୍ତାର ପର୍ଯ୍ୟାଲୋଚନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କରି ନଥିଲା । ଯଦିଓ ଏକ ବହିଃସ୍ରୋତର ପ୍ରଭାବର ବ୍ୟାପ୍ତି ନିର୍ଦ୍ଧାରଣ କରିବା ଏବଂ ପତିତ ସ୍ଥାନ ଠାବ କରିବା ନିମନ୍ତେ କେନ୍ଦ୍ରୀୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡଜଳ ଗୁଣବତ୍ତା ପର୍ଯ୍ୟାଲୋଚନା ନିର୍ଦ୍ଦେଶାବଳୀ ଅତିରିକ୍ତ ଅନୁକୂଳ ସ୍ରୋତ କେନ୍ଦ୍ର ବିଷୟରେ ମନନ କରିଥିଲା, ସମିକ୍ଷାରେ ଅବଲୋକନ କରାଗଲା ଯେ ପର୍ଯ୍ୟାଲୋଚନା କେନ୍ଦ୍ରଗୁଡିକ ମଧ୍ୟରେ ଦୁରତା 144 କି.ମି (ବୈତରଣୀ ନଦୀରେ ଯୋଡା ଠାରୁ ଆନନ୍ଦପୁର) ଏବଂ 80 କି.ମି (ବ୍ରାହ୍ମଣୀ ନଦୀରେ ବଣାଇଗଡ ଠାରୁ ରେଙ୍ଗାଲୀ) ପର୍ଯ୍ୟନ୍ତ ଥିଲା । ଯେହେତୁ ଯୋଡାଠାରୁ ଆନନ୍ଦପୁର ମଧରେ ରାଜ୍ୟର ମୁଖ୍ୟ ଲୌହ ଓ ମାଙ୍ଗାନିଜ୍ ଗଛିତ ଅଛି ଏବଂ ବଣାଇଗଡ ଠାରୁ ରେଙ୍ଗାଲି ମଧରେ ରାଉରକେଲା ଇସ୍ପାତ କାରଖାନାର ଶିଳ୍ପଜାତ କାର୍ଯ୍ୟ କଳାପର ପ୍ରବାବ ଓ ନଦୀ ମଧକୁ ରାଉରକେଲାର ଘରୋଇ ମଇଳା ପାଣି ଖଲାସ କରିବା ଫଳରେ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁସାରେ ଏଠାରେ ଅତିରିକ୍ତ କେନ୍ଦ୍ର ଦରକାର ଥିଲା । ବିଦ୍ୟମାନ କେନ୍ଦ୍ର ଗୁଡିକର ଅଯଥେଷ୍ଟତାକୁ ବିଚାରକୁ ନେଇ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅତିରିକ୍ତ 50 ଟି ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା କେନ୍ଦ୍ର(ଡବ୍ଲୁକ୍ୟୁଏମଏସ) ସମ୍ବନ୍ଧରେ ପ୍ରସ୍ତାବ ଉପସ୍ଥାପନ କରିବା ନିମନ୍ତେ ରାଜ୍ୟ ନିୟନ୍ତ୍ରଣ ବୋର୍ଡକୁ କହିଥିଲା (ମାର୍ଚ୍ଚ 2011) । ତେବେବି ଏଭଳି କୌଣସି ପ୍ରସ୍ତାବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଉପସ୍ଥାପନ କରାଯାଇ ନଥିଲା, ଯାହାର କି କାରଣ ନଥିପତ୍ରରେ ଲଭ୍ୟ ନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ପ୍ରସ୍ତାବ ଉପସ୍ଥାପନ ହୋଇଥିବା (ଡିସେମ୍ବର 2007) 42 ଟି କେନ୍ଦ୍ର ମଧରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 25 ଟି କେନ୍ଦ୍ରକୁ ମଞ୍ଜୁରୀ ପ୍ରଦାନ କରିଥିଲା (ଜାନୁୟାରୀ 2009) । ଯେହେତୁ 17 ଟି କେନ୍ଦର ପ୍ରସ୍ତାବ ବିଚାର କରାଯାଇନଥିଲା, 2011 ରେ ଅତିରିକ୍ତ କେନ୍ଦଗୁଡ଼ିକର ପ୍ରସ୍ତାବ ଉପସ୍ଥାପନ ହୋଇନଥିଲା ।

### 2.2.7.3 *ଶତଚାଳିସଟି ମୁଖ୍ୟ ଗାଡିଆର ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା କରା ନଯିବା*

ଜଳ ଅଧିନିୟମ 1974 ଅଧିନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜଳ ଗୁଣବତ୍ତା ଅବନତିର ପର୍ଯ୍ୟାଲୋଚନା ସହ ପ୍ରଧାନତଃ ସଂପୃକ୍ତ ଏବଂ ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ମଧ ଦାୟୀ ଅଟେ । ଏହା ଅବଲୋକନ କରାଗଲା ଯେ ଯଦିଓ ରାଜ୍ୟ ପ୍ରଦୂଷଣ ବୋର୍ଡ ସେମାନଙ୍କର ବ୍ୟବହାରିକ ଏବଂ ଗୁରୁତ୍ୱକୁ ଭିତ୍ତି କରି ରାଜ୍ୟର 50 ଟି ମୂଖ୍ୟ ଗାଡିଆକୁ ଜଳର ଗୁଣବତ୍ତା ନିର୍ଦ୍ଧାରଣ କରିବା ନିମନ୍ତେ ଚିହ୍ନଟ କରିଥିଲା (1993), କେବଳ ତିନିଟି (ଦୁଇଟି ପୁରୀରେ ଏବଂ ଗୋଟିଏ ଭୁବନେଶ୍ୱରରେ) ଗାଡିଆର ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା କରାଯାଇଥିଲା । ଏଣୁ ଜୁଲାଇ 2014 ସୁଦ୍ଧା ଚିହ୍ନଟ କରାଯାଇଥିବା ବଳକା 47ଟି ଗାଡିଆର ଜଳ ଗୁଣବତ୍ତାର ପର୍ଯ୍ୟାଲୋଚନା କରାଯାଇପାରିଲା ନାହିଁ । ଏହିପରି ସେହି ଗାଡିଆଗୁଡିକର ଜଳର ବ୍ୟବହାର ପାଇଁ ଉପଯୁକ୍ତ ନିରୂପଣ କରାଯାଇପାରିଲା ନାହିଁ ।

---

42 ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, କୋଲାପ ଏବଂ ବଂଶଧରା ।

43 75 ଟି କେନ୍ଦ୍ର ଜାତୀୟ ଜଳ ପର୍ଯ୍ୟାଲୋଚନା କାର୍ଯ୍ୟକ୍ରମ (ଏନଡବ୍ଲୁଏମପି) ଅଧିନରେ ଏବଂ 4 ଟି ରାଜ୍ୟ ଜଳ ପର୍ଯ୍ୟାଲୋଚନା କାର୍ଯ୍ୟକ୍ରମ (ଏସଡବ୍ଲୁଏମପି) ଅଧିନରେ ।

ସରକାର ଜଣାଇଲେ ଯେ (ଅକ୍ଟୋବର 2014) ଯେ ପ୍ରାଧାନ୍ୟତା ଏବଂ ଆକାରକୁ ବିଚାର କରି ଉପରୋକ୍ତ ତିନୋଟି ଗାଡିଆର ଜଳ ଗୁଣବତ୍ତାର ପର୍ଯ୍ୟାଲୋଚନା ଦାୟିତ୍ୱ ନିଆଯାଇଥିଲା ।

### 2.2.7.4 *ରାଜ୍ୟ ଆର୍ଦ୍ରଭୂମି ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବା ପ୍ରଣାଳୀ*

ସଂପୃକ୍ତ ରାଜ୍ୟ ସରକାରଙ୍କ ସହଯୋଗରେ, ଭାରତ ସରକାର ଜାତୀୟ ଆର୍ଦ୍ରଭୂମି ସଂରକ୍ଷଣ କାର୍ଯ୍ୟକ୍ରମ (ଏନ୍‌ଡବ୍ଲ୍ୟୁସିପି) ଚାଲୁ କରିଥିଲେ (1985-86) । ଏନ୍‌ଡବ୍ଲ୍ୟୁସିପି ଅଧିନରେ ଆର୍ଦ୍ରଭୂମିର ସଂରକ୍ଷଣ ଓ ପରିଚାଳନାର ମୌଳିକ ଦାୟିତ୍ୱ ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳରେ ଯିଏକି ଉକ୍ତ ଅଞ୍ଚଳର ଅଭିରକ୍ଷକ ଅଟନ୍ତି । ଏହି କାର୍ଯ୍ୟକ୍ରମ ଅଧିନରେ ଆର୍ଦ୍ରଭୂମି ଗୁଡିକୁ ଚିହ୍ନଟ କରାଯିବା ପରେ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳଗୁଡିକ 3 ରୁ 5 ବର୍ଷ ପାଇ ଅଗ୍ରାଧିକାର ଭିତ୍ତିରେ ଭାରତ ସରକାରଙ୍କ ପଞ୍ଚବାର୍ଷିକ ଯୋଜନା କାଳକୁ ମେଳ ଖୁଆଇ ପାଞ୍ଚ ବର୍ଷ ପାଇଁ ଏକ ଦୀର୍ଘ ମିଆଦି ବ୍ୟାପକ ପରିଚାଳନା କାର୍ଯ୍ୟ ଯୋଜନା (ଏମଏପି) ଉପସ୍ଥାପନ କରିବା ଦରକାର ଥିଲା ।

ରାଜ୍ୟରେ ଆଦ୍ରଭୂମି ଗୁଡିକର ସଂରକ୍ଷଣ ଏବଂ ପରିଚାଳନାକୁ ସହଜ କରିବା ନିମନ୍ତେ ସମିତି ରେଜିଷ୍ଟ୍ରୀକରଣ ଅଧିନିୟମ 1980 ଅଧିନରେ ଓଡିଶା ଆର୍ଦ୍ରଭୂମି ଉନ୍ନୟନ କର୍ତ୍ତୃପକ୍ଷ (ଓଡବ୍ଲ୍ୟୁଡିଏ) ସଂସ୍ଥାପିତ ହୋଇଥିଲା (ସେପ୍ଟେମ୍ବର 2010) । ଜଳଗୃହ କ୍ଷେତ୍ରର ଉପଚାର,ସୁରକ୍ଷା ପଦକ୍ଷେପ, ଅନାବନା ତୃଣ ନିୟନ୍ତ୍ରଣ ଏବଂ ପ୍ରଦୁଷଣ କମାଇବା ଓଡବ୍ଲ୍ୟୁଡିଏ ର ଉଦ୍ଦେଶ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଜଙ୍ଗଲ ଓ ପରିବେଶ ସୁରକ୍ଷା ବିଭାଗ ଦ୍ୱାରା ପଦତ୍ତ (ଅଗଷ୍ଟ 2014) ସୁଚନା ଅନୁଯାୟୀ ଯଦିଓ ଚିହ୍ନଟ[44] କରାଯାଇଥିବା ସମସ୍ତ ଆର୍ଦ୍ରଭୂମି ସମ୍ବନ୍ଧରେ ଓଡବ୍ଲ୍ୟୁଡିଓ ଦ୍ୱାରା ଏମଏପି ପ୍ରସ୍ତୁତ କରାଯାଇଥିଲା, କୋଣସି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଆଜି ପର୍ଯ୍ୟନ୍ତ କରାଯାଇନାହିଁ ।

### 2.2.7.5 *ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ*

ଓଡିଶାର ଦ୍ୱିତୀୟ ବୃହତ ନଦୀ ବ୍ରାହ୍ମଣୀ ,ସୁନ୍ଦରଗଡ ଜିଲ୍ଲାର ରାଉରକେଲା ନିକଟବର୍ତ୍ତୀ ବେଦବ୍ୟାସ ଠାରେ ଦକ୍ଷିଣ କୋଏଲ ଏବଂ ଶଙ୍ଖ ନଦୀରେ ମିଳିତ ଜଳରେ ଗଠିତ । 22,516 ବର୍ଗ କି.ମି ଅବବାହିକା କ୍ଷେତ୍ର ବିଶିଷ୍ଟ ଏହି ନଦି ରାଜ୍ୟର ନଅଟି ଜିଲ୍ଲା[45]ର 461 କି.ମି ପରିଧି ମଧ୍ୟରେ 51.11 ଲକ୍ଷ ଲୋକଙ୍କ ପାଇଁ ଜୀବନ ରେଖା ସଦୃଶ ହୋଇଛି । ଏହାର 14 ଟି ଉପନଦୀ[46] ଏବଂ 14,011 ମିଲିୟନ ଘନତା ବିଶିଷ୍ଟ ଏକ ନିର୍ଭର ଯୋଗ୍ୟ ଜଳ ସଂପଦ ରହିଛି । ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ମୁଖ୍ୟ ସହର ଗୁଡିକ ହେଲା ରାଉରକେଲା, ଅନଗୁଳ ଏବଂ ତାଳଚେର ।

କାର୍ଯ୍ୟ ଯୋଜନା ଅନୁସାରେ ତାଳଚେର ସହର ପ୍ରତିଦିନ ପ୍ରାୟତଃ 10 ମିଲିୟନ ଲିଟର ମଳ ସୃଷ୍ଟି କରେ । ପୁନଶ୍ଚ ତାଳଚେର ସହରର ମଳ ବିଶୋଧନାଗାର (ଏସଟିପି ) ସମାପ୍ତି ପାଇଁ 31 ଡିସେମ୍ବର 2012 କୁ ଧାର୍ଯ୍ୟ ତାରିଖ ବୋଲି କାର୍ଯ୍ୟ ଯୋଜନା (ଏ.ପି)ସ୍ଥିର କରିଥିଲା । କିନ୍ତୁ ତାହା ଏହି ତାରିଖ ପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ । ବ୍ରାହ୍ମଣୀ ନଦୀକୁ ଖଲାସ କରାଯାଉଥିବା ଅଣ ବିଶୋଧିତ ମଳ ମଧ୍ୟରେ ଅତ୍ୟଧିକ ପରିମାଣର ସସ୍‌ପେଣ୍ଡେଡ ସଲିଡ 160 ମିଗ୍ରା/ଲି (ମାନକ 100 ମିଗ୍ରା/ଲି) ଏବଂ ବିଓଡି 52 ମିଗ୍ରା/ଲି (ମାନକ 30 ମିଗ୍ରା/ଲି) ଅନ୍ତର୍ଭୁକ୍ତ । ତାଳଚେର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମେ 2011 ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ କାରଣ ଦର୍ଶାଅ ନୋଟିସ (ଏସ୍‌ସିଏନ) ଜାରି କରିଥିଲା । କିନ୍ତୁ ଜୁଲାଇ 2014 ସୁଦ୍ଧା କୌଣସି ଅଧିକତର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ନଥିଲା ।

---

44 ଚିଲିକା, କଆଁରିଆ, କାଞ୍ଜିଆ, ଦହା ଏବଂ ଅଂଶୁପା ।

45 ସୁନ୍ଦରଗଡ, ଦେବଗଡ, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା ଏବଂ କଟକ ।

46 କୋଏଲ, କୁରାଡି, ମନକରା, ସମାକୋଲ, ରାମଲାଲା, କାରୋ, ଶଙ୍ଖ, ରୁକୁରା, ଗୋହିରା, ଟିକିରା, ଶିଙ୍ଗଡାଜୋର, ନିଗ୍ରା, ବଡଜୋର ଏବଂ ନନ୍ଦିରା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ବ୍ରାହ୍ମଣୀ ନଦୀର ପ୍ରଦୂଷଣ ସ୍ତର କମାଇବା ପାଇଁ ସମୁଚିତ ପ୍ରତିକାର ପଦକ୍ଷେପ ନେବା ପାଇଁ ତାଳଚେର ପୌର ପରିଷଦକୁ ପତ୍ର ଜାରି କରାଯାଇଛି (ମେ 2012/ଜୁନ୍ 2013) । କିନ୍ତୁ ଏହା ସତ୍ତ୍ୱେ ନଭେମ୍ବର 2014 ସୁଦ୍ଧା ଏଭଳି କୌଣସି ପଦକ୍ଷେପ ତାଳଚେର ପୌର ପରିଷଦ ଦ୍ୱାରା ଗ୍ରହଣ କରାଯାଇ ନଥିଲା ।

### 2.2.7.6 *କ୍ରୋମାଇଟ୍ ଖଣି କ୍ଷେତ୍ରରେ ବ୍ୟକ୍ତିଗତ ଇଟିପିର ପାହ୍ୟା ବୃଦ୍ଧିକରଣରେ ବିଳମ୍ବ*

ସୁକିନ୍ଦା ଉପତ୍ୟକା ଅଞ୍ଚଳରେ କ୍ରୋମାଇଟ୍ ଖଣି କାର୍ଯ୍ୟ ଦ୍ୱାରା ହେଉଥିବା ପ୍ରଦୂଷଣ ଉପରେ ମତ ଉପସ୍ଥାପନ କରିବା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଦେଶ ଦେଇଥିଲା । ତଦନୁସାରେ ରାଜ୍ୟ ପ୍ରର୍ଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ ଅଧ୍ୟୟନ କରିଥିଲା(ଜାନୁୟାରୀ 2008) ଏବଂ ହେକ୍ସାଭାଲେଣ୍ଟ କ୍ରୋମିୟମ (ସିଆର$^{+6}$) ଧାରଣ କରିଥିବା ଭାରାକ୍ରାନ୍ତ ଅଂଚଳ ଓ ଖଣିର ଅନ୍ୟାନ୍ୟ ଅଂଚଳରେ ଅନୁଚିତ୍ ପୃଷ୍ଠ ପ୍ରବାହ ପରିଚାଳନା ଏବଂ ଉଦ୍ଧୃତ ଅଂଚଳ ଗୁଡିକରେ ଇଟିପି ଗୁଡିକର ଅନୁଚିତ ଚାଳନାକୁ ଚିହ୍ନଟ କରିଥିଲା । ସୁକିନ୍ଦା ଉପତ୍ୟକାରେ ଏକ ଇଟିପି ପ୍ରତିଷ୍ଠା କରିବା ନିମନ୍ତେ ସାଧ୍ୟତା ଅଧ୍ୟୟନ କରିବା ନିମନ୍ତେ ଆଇଆଇଟି, ଖଡଗପୁରକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟରେ ଲାଗଇଲା (ସେପ୍ଟେମ୍ବର 2010) । ଆଇଆଇଟିର ସୁପାରିଶ (ଜାନୁୟାରୀ 2012) କୁ ଭିତ୍ତିକରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ କ୍ରୋମାଇଟ୍ ଖଣି ମାଲିକମାନଙ୍କୁ ନିଜ ବ୍ୟକ୍ତିଗତ ଇଟିପିର ପାହ୍ୟାବୃଦ୍ଧି କରିବା ନିମନ୍ତେ ଏକ ସମୟାବଦ୍ଧ କାର୍ଯ୍ୟ ଯୋଜନା ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଲେ(ମାର୍ଚ୍ଚ 2012) । ତଦନୁସାରେ 11ଟି କାର୍ଯ୍ୟରତ କ୍ରୋମାଇଟ୍ ଖଣି ମଧ୍ୟରୁ 9ଟି ଖଣିର ମାଲିକମାନେ ସେମାନଙ୍କର ଇଟିପିର ପାହ୍ୟା ବୃଦ୍ଧି ସେପ୍ଟେମ୍ବର 2013 ରୁ ଜୁନ୍ 2014 ମଧ୍ୟରେ କରିବା ପାଇଁ ରାଜି ହେଲେ(ମେ 2013) । ତେବେ ବି ସେପ୍ଟେମ୍ବର 2014 ସୁଦ୍ଧା ନଅ ଜଣଙ୍କ ମଧ୍ୟରୁ କେବଳ ଚାରିଜଣ ସେମାନଙ୍କର ଇଟିପିରେ ପାହ୍ୟା ବୃଦ୍ଧି କରିଥିଲେ ।

ରାଜ୍ୟ ପ୍ରର୍ଦୂଷଣ ନିୟନ୍ତ୍ରଣ ବୋର୍ଡର ବିଶ୍ଳେଷଣ ବିବୃତି ଦର୍ଶାଇଲା (ଅପ୍ରେଲ୍ 2014) ଯେ, ନଅଟି କାର୍ଯ୍ୟରତ ଖଣିର ଇଟିପିର ନିର୍ଗମ ପଥରେ, ଡମଶାଳା ନଳାର ଉପରିଭାଗ ଜଳରେ ଏବଂ ସୁକିନ୍ଦା ଉପତ୍ୟାକାର ଭୂତଳ ଜଳରେ ସିଆର$^{+6}$ ର ଉପସ୍ଥିତି ବିହିତ ମାନକ 0.001 ମିଗ୍ରା/ଲି ତୁଳନାରେ ଯଥାକ୍ରମେ 0.002 ରୁ 0.01 ମିଗ୍ରା/ ଲି 0.05 ମିଗ୍ରା/ଲି ଏବଂ 0.01 ରୁ 0.304 ମିଗ୍ରା/ଲି ମଧ୍ୟରେ ଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ, ବଳକା ପାଞ୍ଚୋଟି ଖଣି କ୍ଷେତ୍ରରେ ଇଟିପିର ପାହ୍ୟା ବୃଦ୍ଧି କରଣ ଡିସେମ୍ବର 2014 ଏବଂ ସେପ୍ଟେମ୍ବର 2015 ମଧ୍ୟରେ ଆଶା କରାଯାଉଛି ।

### 2.2.7.7 *ଇବ୍ ନଦୀର ପ୍ରର୍ଦୂଷଣ*

ଝାରସୁଗୁଡା ଏବଂ ବ୍ରଜରାଜନଗର ସହର ଇବ୍ ନଦୀ କୂଳରେ ଅବସ୍ଥିତ ଯାହାକି ମହାନଦୀର ଏକ ଉପନଦୀ । ଓଡିଶାରେ ଅତିରିକ୍ତ ପ୍ରର୍ଦୂଷିତ ଶିଳ୍ପପୁଞ୍ଜ (ସିପିଆଇସି) ମଧ୍ୟରେ ଏହି ଅଂଚଳ ଅନ୍ୟତମ । ଏହି ଦୁଇ ପୌରାଞ୍ଚଳରୁ ଯଥାକ୍ରମେ 10 ଏମଏଲଡି ଏବଂ ଆଠ ଏମଏଲଡି ମଳ ସୃଷ୍ଟି ହେବା ଏବଂ ଏହି ଅଣବିଶୋଧିତ ମଳ ନଦୀ ମଧ୍ୟକୁ ନିର୍ଗତ ହେବା, ଇବ ନଦୀ ପ୍ରଦୂଷଣର ଏକ କାରଣ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟ ଯୋଜନାରେ କଳନା କରିଥିଲେ । ତଦନୁସାରେ ଆବର୍ଜନା ନଦୀ ଏବଂ ଏସଟିପି ନିର୍ମାଣ କରିବା ପାଇଁ 31 ଡିସେମ୍ବର 2012 କୁ ଧାର୍ଯ୍ୟ ତାରିଖ ଭାବରେ ସ୍ଥିର କରାଗଲା । ତେବେବି ସମୀକ୍ଷାରେ ଅବଲୋକନ କରାଗଲା ଯେ ସେହି କାର୍ଯ୍ୟ ସମୀକ୍ଷା କରାଯାଇଥିବା ତାରିଖ ପର୍ଯ୍ୟନ୍ତ ହାତକୁ ନିଆଯାଇ ନଥିଲା । ଏକ ମଳ ପ୍ରଣାଳୀର ଅନୁପସ୍ଥିତି ଏବଂ ଏସଟିପି ବସାଇବାରେ ବିଳମ୍ବ ଯୋଗୁଁ ଅଣ ବିଶୋଧିତ ମଳ ଇବ୍ ନଦୀ ମଧ୍ୟକୁ ନିର୍ଗତ କରାଯାଉଛି ଏବଂ ତଦ୍ୱାରା ଜଳ ପ୍ରଦୂଷଣ ଘଟୁଅଛି ।

ତଥ୍ୟ ଗୁଡିକୁ ଗ୍ରହଣ କରି ଆଞ୍ଚଳିକ ଅଧିକାରୀ, ଝାରସୁଗୁଡା ଜଣାଇଲେ ଯେ ଓଡିଶା ଜଳ ଯୋଗାଣ ଏବଂ ପରିମଳ ବୋର୍ଡ (ଓଡବ୍ଲୁଏସଏସବି) ବିକେନ୍ଦ୍ରୀତ ମଳ ପ୍ରଣାଳୀ ଏବଂ ବ୍ୟାପକ ବର୍ଷା ପାଣି ଜଳ ନିକାସ ପ୍ରଣାଳୀ ନିମନ୍ତେ ଏକ ପୁଙ୍ଖାନୁପୁଙ୍ଖ ପ୍ରକଳ୍ପ ବିବୃତି ପ୍ରସ୍ତୁତ କରୁଅଛି ।

### 2.2.7.8 *ନାଗାବଳୀ ନଦୀର ପ୍ରଦୂଷଣ*

ଏନଡବ୍ଲୁପି 2007 ଅନୁସାରେ ମଳ ଗୁଡିକ ପ୍ରାକୃତିକ ପ୍ରବାହ ମଧ୍ୟକୁ ନିର୍ଗତ ହେବା ପୂର୍ବରୁ ଗ୍ରହଣୀୟ ସ୍ତର ଏବଂ ମାନକ ପର୍ଯ୍ୟନ୍ତ ବିଶୋଧିତ ହେବା ଦରକାର । ପରିବେଶର ରକ୍ଷଣାବେକ୍ଷଣ ଏବଂ ସାମାଜିକ ବିଚାର ଦୃଷ୍ଟିରୁ ବାରମାସୀ ଧାରାଗୁଡିକରେ ନ୍ୟୁନତମ ପ୍ରବାହ ସୁନିଶ୍ଚିତ କରାଯିବା କଥା । ପ୍ରଦୂଷିତ ଜଳ ପରିଚାଳନା କ୍ଷେତ୍ରରେ ପ୍ରଦୂଷକ ପରିଶୋଧ କରିବା ନୀତି ଅନୁସରଣ କରାଯିବା କଥା ।

ସମୀକ୍ଷାରେ ଅବଲୋକନ କରାଗଲା ଯେ, 2007 ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଚିହ୍ନଟ କରାଯାଇଥିବା ପତଳା ପ୍ରବାହ ସତ୍ତ୍ୱେ, ଗୋଟିଏ କାଗଜ ଶିଳ୍ପ ସଂସ୍ଥାକୁ ନାଗାବଳୀ ନଦୀରୁ 31,960 ଘନ ମିଟର ଜଳ ପ୍ରତିଦିନ ଟାଣିବା ପାଇଁ ଅନୁମତି ଦିଆଯାଇଥିଲା ଏବଂ ଏହା ବିରୋଧରେ ଏହି ସଂସ୍ଥା ପ୍ରାୟତଃ 37,000 ଘନ ମିଟର ଜଳ ପ୍ରତିଦିନ ବ୍ୟୟ କରୁଥିଲା ଯାହାକି ସମ୍ମତି ସୀମାକୁ ଅତିକ୍ରମ କରିଯାଇଥିଲା । ପୁନଶ୍ଚ, ପ୍ରତିଦିନ 23,800 ଘନ ମିଟର ଅପଚୟ ଜଳ ନଦୀକୁ ନିର୍ଗତ କରିବା ପାଇଁ ଅନୁମତି ଦିଆଯାଇଥିବା ବେଳେ, ସେହି ଶିଳ୍ପ ସଂସ୍ଥା ସମ୍ମତି ସର୍ତ୍ତର ଉଲ୍ଲଂଘନ କରି ପ୍ରତିଦିନ 36,000 ଘନ ମିଟର ଅପଚୟ ଜଳ ନିର୍ଗତ କରୁଥିଲା । ଏହିପରି ପତଳା ପ୍ରବାହ ଯୋଗୁଁ କାଗଜ କଳରୁ ନିର୍ଗତ କରାଯାଉଥିବା ମଳର ପର୍ଯ୍ୟାପ୍ତ ପରିମାଣରେ ଲଘୁକ୍ରିୟା ହୋଇପାରୁ ନଥିଲା ।

ଏହି ସମସ୍ୟାର ସମାଧାନ ପାଇଁ, ଏସଟିପିର ପାହ୍ୟା ବୃଦ୍ଧି କରିବା ଏବଂ ଧାରଣା ପୋଖରୀ ମଧ୍ୟରେ ମଳକୁ ରଖି ବିହିତ ମାନକ ହାସଲ କରିବା ପରେ ବିଶୋଧିତ ମଳକୁ ଜଳସେଚନ ଏବଂ ନିଜ ପରିସର ମଧ୍ୟରେ ବୃକ୍ଷ ରୋପଣ ନିମନ୍ତେ ନିର୍ଗତ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଉକ୍ତ କାରଖାନାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁନଶ୍ଚ, ଅନୁଦେଶ ଜାରି କରାଯାଇଥିଲା (2007-10) ଯେ ମଳକୁ କେବଳ ରାତି ସମୟରେ ନିର୍ଗତ କରାଯିବ ଯାହା ଫଳରେ ସ୍ଥାନୀୟ ଅଧିବାସୀମାନେ ଦିନ ମଧ୍ୟରେ ନଦୀ ଜଳକୁ ବ୍ୟବହାର କରିପାରିବେ । ତେବେବି ସେହି ଶିଳ୍ପ ସଂସ୍ଥା ପାଣି ସଂକଟର ବାହାନା ଦେଖାଇ ଏସଟିପି ସଂସ୍ଥାପନ କରିବା ପାଇଁ ମନା କଲା ଏବଂ ଅଧିକ ଉତ୍ପାଦନ କରିବା ପାଇଁ ଅଧିକ ଜଳ ବ୍ୟବହାର କରିବା ଯାହା ମଧ୍ୟରେ ଅଧିକ ଆୟତନର ମଳ ନିର୍ଗମନ ଜଡିତ ଅଛି ଏବଂ ଏସଟିପି ସଂସ୍ଥାପନ ଛାଡ କରିବା ପାଇଁ ଅନୁମତି ଲୋଡିଲା । ଏସପିସିବିର ସଦସ୍ୟ ସଚିବ ତାଙ୍କର ମଞ୍ଜୁରୀ ଆଦେଶରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀର ସମାପନ ଉଦ୍ଦେଶ୍ୟରେ ବ୍ୟାଙ୍କ୍ ପ୍ରତ୍ୟାଭୂତି ପାଇବା ପରେ ସର୍ତ୍ତମୂଳକ ସମ୍ମତି ଜାରି କରିଥିଲେ ।

ଏହିପରି ଏନଡବ୍ଲୁପିର ଜନାଦେଶ ବିରୋଧରେ ଏହି କାରଖାନା ଜଳର ସ୍ୱଭାବିକ ପ୍ରବାହରେ ବିଘ୍ନ ଘଟାଇଲା ଏବଂ ନଦୀ ଜଳକୁ ପ୍ରଦୂଷିତ କରି ଅନୁକୂଳ ସ୍ରୋତରେ ଥିବା ନିବାସୀ ମାନଙ୍କର ନଈକୂଳିଆ ଅଧିକାର ଉପରେ ପ୍ରଭାବ ପକାଉଛି ।

ସରକାର ଜଣାଇଲେ (ଅକ୍ଟୋବର 2014) ନାଗାବଳୀ ନଦୀର ଜଳ ଗୁଣବତ୍ତାରେ ଅଧଃପତନକୁ ନିବାରଣ କରିବା ପାଇଁ ସେହି ଶିଳ୍ପ ସଂସ୍ଥା ବିଶୋଧିତ ମଳକୁ ଜଳସେଚନ ଉଦ୍ଦେଶ୍ୟରେ ଗତି ପରିବର୍ତ୍ତନ କରିପାରିଥାନ୍ତା କିନ୍ତୁ ଜଳ ସଂପଦ ବିଭାଗ ଏବଂ ସେହି ଶିଳ୍ପ ସଂସ୍ଥାର ପ୍ରଚେଷ୍ଟାର ଅଭାବ ଯୋଗୁଁ ତାହା ସଫଳତାର ସହ କାର୍ଯ୍ୟାନ୍ୱିତ କରାଯାଇପାରିଲା ନାହିଁ ।

### 2.2.7.9 କୁଆଖାଇ କାଠଯୋଡି ଏବଂ ଦୟାନଦୀର ପ୍ରଦୂଷଣ

ସମୀକ୍ଷା ଦଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତିନିଧିଙ୍କ ସହ କୁଆଖାଇ, କାଠଯୋଡି ଏବଂ ଦୟାନଦୀର ଦୈତ ବସ୍ତୁଗତ ଯାଞ୍ଚ କରିଥିଲେ (ଜୁଲାଇ 2014) । ସହର ପୂର୍ବରୁ ଏବଂ ଯେଉଁଠାରେ ସହରର ନର୍ଦ୍ଦମା ଜଳ ନିଷ୍କାସନ ହୋଇ ନଦୀର ନିମ୍ନ ଶଯ୍ୟାରେ ମିଶିଥାଏ ସେଠାରୁ ବିଓଡି ବିହିତ ମାନ ମୁତାବକ ଦଳର ନମୁନା ସଂଗ୍ରହ କରି ସେଥିରେ ଦ୍ରବୀଭୂତ ଅମ୍ଳଜାନ, ସଂପୂର୍ଣ୍ଣ କୋଲିଫର୍ମ ଯାହାକି ନଦୀର ଦୈନିକ ପ୍ରଦୂଷଣର ମାତ୍ରାକୁ ସୂଚିତ କରିଥାଏ ଏବଂ ସେହି ଜଳ ଦଳୀୟ ଜୀବନଧାରଣ ପାଇଁ ଉପଯୁକ୍ତ କି ନୁହଁ ଏବଂ କ୍ଷତିକାରକ ଫେକାଲ ଜୀବାଣୁ, ଭୂତାଣୁ ଏବଂ ଏକକୋଷୀ ଜୀବର ଉପସ୍ଥିତି ଯାହା ଅସ୍ୱାସ୍ଥ୍ୟକର ହୋଇଥାଏ ତାହାର ପରୀକ୍ଷଣ କରିଥିଲେ ।



କଟକ ସହରର ନର୍ଦ୍ଦମାଜଳ ନିଷ୍କାସନ ହୋଇ କାଠଯୋଡି, ଖାନନଗରଠାରେ ମିଶୁଛି

ସମୀକ୍ଷାରୁ ଦେଖାଗଲା ଯେ ଦୁଇଟି ପ୍ରାକୃତିକ ନାଳ ଯଥା ମ୍ଚେଶ୍ୱର ବଡୁନାଳ ଏବଂ ସାମନ୍ତରାପୁରରେ ଥିବା ଗଂଗୁଆ ନାଳ ନର୍ଦ୍ଦମାରେ ପରିବର୍ତ୍ତିତ ହୋଇ ଭୁବନେଶ୍ୱର ସହରର ଅଶୋଧିତ ନର୍ଦ୍ଦମା ଜଳ ଯଥାକ୍ରମେ କୁଆଖାଇ ଏବଂ ଦୟା ନଦୀରେ ନିଷ୍କାସିତ ହୋଇଥାଏ । ଏହା ଦେଖାଗଲା ଯେ କଟକ ସହରର ନର୍ଦ୍ଦମା ଜଳ ପ୍ରତ୍ୟକ୍ଷଭାବେ କାଠଯୋଡି ନଦୀରେ ବିଶୋଧିତ ନ ହୋଇ ନିଷ୍କାସିତ ହେଉଥିଲା । ଏହି ନଦୀରେ ଜଳର ଗୁଣାତ୍ମକମାନ ସହରରୁ ନିଷ୍କାସିତ ହେବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାନକ ହିସାବରେ 'ଖ' ଶ୍ରେଣୀ ବିଭାଗ (ଶ୍ରେଣୀ ମାନକ) ହେବା ଉଚିତ୍ । ପରୀକ୍ଷାଗାରରେ ଜଳର ନମୁନା ସଂଗ୍ରହ ଏବଂ ପରୀକ୍ଷଣରୁ ଜଣାଗଲା ଯେ ଏହା ବିଓଡି, ଦ୍ରବୀଭୂତ ଅମ୍ଳଜାନ ଏବଂ ଟିସି ଅଧିକ ପରିମାଣରେ ଥିଲା ଯାହା ***ପରିଶିଷ୍ଟ 2.2.3*** ରେ ପ୍ରଦର୍ଶିତ କରାଗଲା ।



ଭୁବନେଶ୍ୱର ସହରର ନର୍ଦ୍ଦମା ଜଳ ଗଙ୍ଗୁଆ ନଳାରେ ଆସି ଦୟାନଦୀରେ ମିଶୁଛି

ସରକାର କହିଲେ ଯେ (ଅକ୍ଟୋବର 2014 ) ନର୍ଦ୍ଦମାଜଳ ନିଷ୍କାସନ ବ୍ୟବସ୍ଥାର ପ୍ରତିଷ୍ଠା ଏବଂ ପ୍ରଦୂଷିତ ଜଳ ବିଶୋଧନ ବ୍ୟବସ୍ଥା କଟକ ଏବଂ ଭୁବନେଶ୍ୱର ସହରରେ ଚାଲୁରହିଛି ଯେଉଁଥିରେ ପ୍ରଦୂଷିତ ଜଳ ସଂଗ୍ରହ ଏବଂ ବିଶୋଧନର ବ୍ୟବସ୍ଥା ରହିଛି ।

### 2.2.7.10 ନାଲକୋ ପ୍ରଗଳନରୁ ମାତ୍ରାଧିକ ଫ୍ଲୋରାଇଡ୍ ନିର୍ଗମନ ହେତୁ କିସିନ୍ଦା ଝୋରାର ପ୍ରଦୂଷଣ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଶସ୍ୟ ହାନୀ

ନାଲକୋର ଆଲିମିନିୟମ ପ୍ରଗଳନ ଫ୍ଲୋରାଇଡ୍ ନିର୍ଗମନର ପ୍ରମୁଖ କାରଣ ଯାହା ବିଶେଷ କରି ବିଶୋଧନ ଏବଂ ପୃଷ୍ଠ ରନଅଫ୍ ଏବଂ ଫ୍ଲୋର ୱାସିଙ୍ଗ୍ ଯୋଗୁଁ ହୋଇଥାଏ । ସିଆରଇପି (ମାର୍ଚ୍ଚ 2003) ମୁତାବକ ଫ୍ଲୋରାଇଡର ବ୍ୟବହାର ଡିସେମ୍ବର 2005 ସୁଦ୍ଧା ପ୍ରତି ଟନ୍ ଆଲିମିନିୟମ ଉତ୍ପାଦନ ପିଛା 10 କିଗ୍ରା କରିବା ଧାର୍ଯ୍ୟ ଥିଲା । ଏପି ମଧ୍ୟ ଆଲିମିନିୟମ ଶିଳ୍ପକୁ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସୁପାରିଶ କରିଥିଲେ ଯେଉଁଥିରେ ଫ୍ଲୋରାଇଡ୍ ବିଶୋଧନ କାରଖାନାର ପୁନରୁଦ୍ଧାର ଏବଂ ସୁରକ୍ଷିତ ଯାନ୍ତ୍ରିକ ଲ୍ୟାଣ୍ଡଫିଲ୍ ଯାହା 31 ମାର୍ଚ୍ଚ 2012 ସୁଦ୍ଧା ସଂପାଦନ କରିବାର ଥିଲା ।

ଏହି ସମୟ ମଧ୍ୟରେ କ୍ରମାଗତ ଭାବେ ନାଲକୋ ପ୍ରଗଳନ ଦ୍ୱାରା ପାର୍ଶ୍ୱବର୍ତ୍ତୀ ଶସ୍ୟ କ୍ଷେତ୍ରରେ ଶସ୍ୟହାନି ହେତୁ ଓଡିଶା ସରକାର ପରିବେଶ ସୁରକ୍ଷା ପ୍ରଶିକ୍ଷଣ ଏବଂ ଅନୁଧ୍ୟାନ ପ୍ରତିଷ୍ଠାନ (ଇପିଟିଆରଆଇ) ହାଇଦ୍ରାବାଦକୁ (ଜୁଲାଇ 2006) ରେ ଶସ୍ୟ ହାନିର କାରଣ ଅନୁଧ୍ୟାନ ପାଇଁ ନ୍ୟସ୍ତ କରିଥିଲେ । ଏହି ଅନୁଧାନ ଦର୍ଶାଇଥିଲା ଯେ ଅଧିକ ମାତ୍ରାର ବାୟୁ, ଜଳ ଏବଂ ଉଦ୍ଭିଦରେ ଫ୍ଲୋରାଇଡର ପରିମାଣ ହେତୁ ଶସ୍ୟ ହାନୀ ଘଟୁଥିଲା ଏବଂ ବାୟୁ ଭୂପୃଷ୍ଠ ଏବଂ ଭୂତଳ ଜଳରେ ଫ୍ଲୋରାଇଡ ସଂକ୍ରମଣକୁ କମ୍ କରିବା ପାଇଁ ନିର୍ଗମନ ସ୍ଥାନରେ ନିଷ୍କାସନ ପରିଚାଳନା ପାଇଁ ସଠିକ୍ କାର୍ଯ୍ୟସୂଚୀ ପାଇଁ ସୁପାରିଶ କରିଥିଲେ ଏବଂ ଏପି ଦ୍ୱାରା ଫ୍ଲୋରାଇଡ ନିର୍ଗମନ ହ୍ରାସ କରିବା ପାଇଁ ପ୍ରଦର୍ଶିତ ସମୟ ସୀମାରେ ନିମ୍ନୋକ୍ତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲା ।

- ଯଦିଓ ସିଆରଇପିର ଧାର୍ଯ୍ୟ ସମୟ ସୀମା (ଡିସେମ୍ବର 2005) ଠାରୁ ଆଠ ବର୍ଷ ବିତିଯାଇଥିଲେ ସୁଦ୍ଧା ନାଲକୋ ଫ୍ଲୋରାଇଡ ବ୍ୟବହାରର ମାନ 10 କିଗ୍ରା/ 1 ମେଟ୍ରିକ୍ ଟନ୍ ଆଲିମିନିୟମ ଉତ୍ପାଦନ କରି ପାରିନାହିଁ । 2012-13 ରେ ପ୍ରତି ମେଟ୍ରିକ୍ ଟନ୍ ଆଲିମିନିୟମ ଉତ୍ପାଦନ ହିସାବରେ ଫ୍ଲୋରାଇଡର ବ୍ୟବହାର 12.90 କିଗ୍ରା ଥିଲା ।

- ବେକ୍ ଓଭନ୍ ଏବଂ ପଟ୍ ରୁମରୁ ଫ୍ଲୋରାଇଡ ନିର୍ଗମନର ମାନ ଯଥାକ୍ରମେ ପ୍ରତି ଟନ୍ ଆଲିମିନିୟମ ଉତ୍ପାଦନ ପିଛା 0.10 କିଗ୍ରା ଏବଂ 0.30 କିଗ୍ରା ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିଲା କିନ୍ତୁ ବହୁଳ ନିର୍ଗମନରେ ମାତ୍ରା ପ୍ରତି ମେଟ୍ରିକ୍ ଟନ୍ ଆଲୁମିନିୟମ ଉତ୍ପାଦନ ପିଛା ଯଥାକ୍ରମେ 0.11 ରୁ 0.16 କିଗ୍ରା ରୁ ଏବଂ 0.36 ରୁ 0.49 କିଗ୍ରା ମଧ୍ୟରେ ଥିଲା (2009-14) ।

- ଯଦିଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏପ୍ରିଲ୍ 2009) ନାଲକୋକୁ ବେକ୍ ଓଭନ 1 ରେ 31 ମାର୍ଚ୍ଚ 2010 ସୁଦ୍ଧା ବାଷ୍ପ ବିଶୋଧନ କ୍ଷେତ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ତାହା ଚାରି ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ସ୍ଥାପନା ହୋଇ ନଥିଲା ।

- ନାଲକୋ 40,000 ଟନ୍‌ର ବ୍ୟବହାର ପଟ୍ ଲାଇନ୍‌କୁ (ଏସପିଏଲ[47]) ନିଷ୍କାସନ କରିବା ପାଇଁ ନିଅଣ୍ଟିଆ କ୍ଷମତାର ଲ୍ୟାଣ୍ଡ ଫିଲ୍ ଏବଂ 50,000 ଟନର ବ୍ୟବହୃତ ପଟଲାଇନ୍ ନିର୍ମାଣାଧିନ ଅବସ୍ଥାରେ ଅଛି ଯଦିଓ ଏପି 31 ମାର୍ଚ୍ଚ 2011 ସୁଦ୍ଧା ସୁରକ୍ଷିତ ବୈଷୟିକ ଲ୍ୟାଣ୍ଡ ଫିଲ୍‌ଡ ନିର୍ମାଣ କରିବାକୁ ସମୟ ସୀମା ଧାର୍ଯ୍ୟ କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଦ୍ୟାବଧି (ଅଗଷ୍ଟ 2014) ସୁଦ୍ଧା ଆବଶ୍ୟକ ମୁତାବକ ବ୍ୟବହୃତ ପଟଲାଇନ୍ ପାଇଁ ଆବଶ୍ୟକ କ୍ଷମତାର ଆକଳନ କରିପାରି ନଥିଲା ।

ଯଦିଓ ନାଲକୋ ଶୂନ୍ୟ ନିଷ୍କାସନ ଭିତ୍ତିରେ ନିର୍ମିତ ହୋଇଥିଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏପ୍ରିଲ୍ 2009 ପରଠାରୁ କିସିନ୍ଦା ଝୋରାରେ ବର୍ଷା ଋତୁରେ 2640 କେଏଲଡି ଆବର୍ଜନା ନିଷ୍କାସନ ପାଇଁ ଅନୁମତି ପ୍ରଦାନ କରିଥିଲେ । ତା ସତ୍ତ୍ୱେ ପରିମାଣ ମାପକ ଯନ୍ତ୍ର ଅଭାବରୁ ପ୍ରକୃତ ପରିମାଣର ନିଷ୍କାସନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଉପଲବ୍ଧ ନଥିଲା । ନାଲକୋ ବହୁଳ ପୃଷ୍ଠ ପ୍ରବାହ ରୋକିବା ପାଇଁ ସଠିକ୍ ପୃଷ୍ଠ ପ୍ରବାହ ପରିଚାଳନା ବ୍ୟବସ୍ଥା ଏବଂ ଫ୍ଲୋରାଇଡ୍ ବିଶୋଧନ କାରଖାନାର କ୍ଷମତା ବୃଦ୍ଧି କରି ନଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଶ୍ଳେଷଣ ଅନୁସାରେ ଆବର୍ଜନାରେ ଫ୍ଲୋରାଇଡର ମାତ୍ରା 4.20 ରୁ 8.00 ମିଗ୍ରା/ଲି(ମାନ -2 ମିଗ୍ରା/ଲି) ଥିଲା । ସେହିପରି ଫ୍ଲୋରାଇଡ୍ ବିଶୋଧନ କାରକାନାର ପ୍ରବେଶ ସ୍ଥାନରେ ଏହା 6.3 ରୁ 22 ମିଗ୍ରା/ଲି ଥିଲା । ତାବାଦ୍ ପିଏମର ବେକ୍ ଓଭନ ରୁ ନିର୍ଗମନ 50.55 -146 ମିଗ୍ରା/ଏନଏମ$^3$ ଥିଲା ଯାହାକି ଡିସେମ୍ବର 2005 ସୁଦ୍ଧା ଧାର୍ଯ୍ୟ କରାଯାଇଥିବା ନିର୍ଦ୍ଧାରିତ ସୀମା 50 ମିଗ୍ରା/ଏନଏମ$^3$ ଠାରୁ ଅଧିକ ଥିଲା ।

47 ଏସପିଏଲ ଏକ ଗ୍ରାଫାଇଟ୍ ସେରାମିକ୍ ମିଶ୍ରିତ ଆବର୍ଜନା ଯାହା ଆଲୁମିନିୟମ ଉତ୍ପାଦନ ସମୟରେ ନିର୍ଗତ ହୁଏ । ଏହି ଆବର୍ଜନା ବହୁଳ କ୍ଷତିକାରକ ରୂପେ ପରିଗଣିତ କାରଣ ଏଥିରେ ସିଆନାଇଡ ଏବଂ ଫ୍ଲୋରାଇଡ ରହିଥାଏ । ଏହା ବାୟୁର ଆଦ୍ରତା ଉପସ୍ଥିତିରେ ବିଶାକ୍ତ ଏବଂ ଦହନଶୀଳ ବାଷ୍ପ ନିର୍ଗତ କରେ । ଏହା ସ୍ୱଳ୍ପ କାଳୀନ ଏବଂ ଦୀର୍ଘ କାଳୀନ ସଂରକ୍ଷଣ ସମୟରେ ମାଟି ଏବଂ ଭୂତଳ ଜଳରେ ମିଶିଯାଏ ଏବଂ ପିଇବା ପାଣିର ଉତ୍ସକୁ ପ୍ରଦୂଷିତ କରିଥାଏ ।

ଯେହେତୁ ନାଲକୋ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରତିକାରଗୁଡ଼ିକ ସଂପାଦିତ କରିବାରେ ବିଫଳ ହୋଇଥିଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଅଗଷ୍ଟ 2011/ ଏପ୍ରିଲ୍ 2014) ରେ ବିଭିନ୍ନ ପ୍ରସ୍ତାବିତ ପ୍ରତିକାରର ଅବଜ୍ଞା ପାଇଁ ଏସସିଏନ ଜାରି କରିଥିଲେ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବ୍ୟବସ୍ଥାର ବିଫଳତାରେ କାର୍ଯ୍ୟ ସଂପାଦନ ବନ୍ଦ କରିବାର ସର୍ତ୍ତ ଥିବା ସତ୍ତ୍ୱେ ନାଲକୋ କାରଖାନାକୁ ଚାଲୁରଖି ଫ୍ଲୋରାଇଡ୍ ବିଶୋଧନ କାରଖାନା ସ୍ଥାପନା ନ କରି ଅବିଶୋଧିତ ଆବର୍ଜନାକୁ କିସିନ୍ଦା ନାଳରେ ନିଷ୍କାସନ କରୁଥିଲା ଯଦ୍ୱାରା ଶସ୍ୟ ହାନୀ ଘଟୁଥିଲା ଯାହାକି ଇପିଟିଆରଆଇ ହାଇଦ୍ରାବାଦ୍ ଦ୍ୱାରା ପୃଷ୍ଟ ହୋଇଥିଲା ।

ନାଲକୋର କାର୍ଯ୍ୟାନୁଷ୍ଠାନରେ ସନ୍ତୁଷ୍ଟ ନ ହୋଇ ଓଡିଶା ସରକାର ଉତ୍ତରରେ କହିଲେ (ଅକ୍ଟୋବର 2014) ଫ୍ଲୋରାଇଡ ବିଶୋଧନ କାରଖାନା ସ୍ଥାପନାକୁ ଦୃଢ କରିବା ପାଇଁ ଏବଂ ଯଥାକ୍ରମେ ଡିସେମ୍ବର 2014 ଏବଂ ମେ 2017 ରେ ଏସଆରଏମଏସକୁ ସଂପାଦିତ କରିବା ପାଇଁ ବ୍ୟାଙ୍କ୍ ଗ୍ୟାରେଣ୍ଟି ରଖା ଯାଇଛି । କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଳମ୍ବରେ 2014-15 ରେ ବ୍ୟାଙ୍କ୍ ଗ୍ୟାରେଣ୍ଟି ପ୍ରାପ୍ତ କରିଥିଲା ଯାହାକି ସଠିକ୍ ସମୟରେ ବିଧାନ କରିବା ପାଇଁ କର୍ତ୍ତବ୍ୟ ପାଳନରେ ତ୍ରୁଟି କରିଥିବା କାରଖାନା ଠାରୁ ମାର୍ଚ୍ଚ 2003 ରେ ପ୍ରାପ୍ତ କରିବାର ଥିଲା ।

### *2.2.7.11 ଟିଟିପିଏସର ଆବର୍ଜନା ନନ୍ଦିରା ନାଳରେ ନିଷ୍କାସନ*

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଟିଟିପିଏସକୁ (ଜୁନ୍ 2005) ରେ ଏବଂ ସଂଶୋଧିତ ଭାବେ(ଫେବୃଆରୀ 2009) ରେ ସର୍ତ୍ତ ସହିତ ସମ୍ପୂର୍ଣ୍ଣ ପାଉଁଶ ପାଣିକୁ ଏମସିଏଲର ମେସର୍ସ ବଳନ୍ଦା କୋଇଲା ଖଣିର ଅବ୍ୟବହୃତ ଗର୍ତ୍ତର ନିଷ୍କାସନ କରିବାକୁ ଅନୁମତି ଦେଇଥିଲା ଏବଂ କାରଖାନାକୁ ପାଉଁଶ ପାଣି ସଂରକ୍ଷଣ ଏବଂ ପୁନଃ ସଂଚାଳନ ବ୍ୟବସ୍ଥା ଖଣି ଗର୍ତ୍ତର ଶେଷ ଭାଗରେ ଆବର୍ଜନାକୁ ନିର୍ଦ୍ଦିଷ୍ଟ ପାଇପ ଲାଇନ୍ ସାହାଯ୍ୟରେ ନିଗାଡି ଆବର୍ଜନାର ସଂପୂର୍ଣ୍ଣ ପୁନଃସଂଚାଳ କରିବ ।

ଏପି ମୁତାବକ ସମସ୍ତ ତାପଜ ଶକ୍ତି କେନ୍ଦ୍ର ଗୁଡିକ 31 ମାର୍ଚ୍ଚ 2012 ସୁଦ୍ଧା ଶୂନ୍ୟ ନିଷ୍କାସନ ଅନୁସରଣ କରିବାର ଥିଲା । ତାସତ୍ତ୍ୱେ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିଷ୍କାସିତ ଆବର୍ଜନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକୁ ଅବମାନନା କରି ବାହାରେ ନିଷ୍କାସନ କରୁଥିଲା ଯାହା ନିମ୍ନରେ ଉଲ୍ଲେଖିତ କରାଗଲା ।

- ***ପାଉଁଶ ପୋଖରୀର ଅତ୍ୟଧିକ ପ୍ଲାବନ***

ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ଖଣି ଗର୍ତ୍ତ ଶେଷ ଭାଗରେ ଏଡବ୍ଲ୍ୟୁଆରଏସ ସ୍ଥାପନ କରି ନଥିଲା ଯଦ୍ୱାରା ପ୍ରତିଦିନ1200 ଘନ ମିଟରର ପ୍ରଦୂଷିତ ଜଳ ନଳା ଦ୍ୱାରା ନିଷ୍କାସିତ ହେଉଥିଲା ।

- ***ଶିଳ୍ପ ଆବର୍ଜନା***

ଜଗନ୍ନାଥ ଗ୍ରାମ ପାର୍ଶ୍ୱରୁ ଏକ ନାଳ ଏବଂ କୋଇଲା ପରିବହନକାରୀ ଫିତା ତଳୁ ଅନ୍ୟ ଏକ ନାଳ କାରଖାନା ମଧରେ ଶିଳ୍ପ ଆବର୍ଜନା ନାଳକୁ ସଂଯୋଗ କରୁଥିଲା । ସେଠାରେ ମଧ ଏହି ଦୁଇ ନାଳ ବ୍ୟତୀତ ଇ ଏବଂ ଏଫ୍ ବିଭାଗ ଘର ଠାରୁ ନିଷ୍କାସିତ ଅନ୍ୟ ଏକ ନର୍ଦ୍ଦମା ଥିଲା । ଏହି ନିଷ୍କାସିତ ଜଳ ଏବଂ ଏସଟିପି ଦ୍ୱାରା ପ୍ରକ୍ରିୟାକରଣ ହୋଇଥିବା ଜଳ ନନ୍ଦିରା ନାଳରେ ନିଷ୍କାସିତ ହେଉଥିଲା । ପୁନଶ୍ଚ, ବର୍ଷା ଋତୁରେ ଏସଟିପି ପାର୍ଶ୍ୱବର୍ତ୍ତୀ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ପାଖାପାଖି 2,000 କେଏଲଡି ଆବର୍ଜନା ଏହି ନାଳରେ ନିଷ୍କାସିତ ହେଉଥିଲା । ଯଦିଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜଗନ୍ନାଥପୁର ଗ୍ରାମର ନାଳକୁ କାରଖାନା ପରିସୀମା ବାହାରେ ପୃଥକ କରିବାକୁ ସୁପାରିଶ କରିଥିଲା (ମେ 2012) ତାହା ବର୍ତ୍ତମାନ ସୁଦ୍ଧା ସଂପାଦିତ ହୋଇ ପାରି ନଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ବିଷୟରେ ପୁନଶ୍ଚ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା । ଏହା ବ୍ୟତୀତ ସେଠାରେ କାରଖାନା ପରିସୀମା ପାର୍ଶ୍ୱରେ ଚାରୋଟି ଅନନୁମୋଦିତ ନାଳ ଥିଲା ଯାହା କାରଖାନାର ଆବର୍ଜନା ନନ୍ଦିରା ନାଳରେ ନିଷ୍କାସିତ କରୁଥିଲା ।

ଏସଏସ, ବିଓଡି ଏବଂ ଅଏଲ ଓ ଗ୍ରୀଜ୍ (ଓ ଆଣ୍ଡ ଜି) କ୍ଷେତ୍ରରେ ବିହିତ ମାନକ ଯଥାକ୍ରମେ 100 ମିଗ୍ରା /l, 30 ମିଗ୍ରା /l ଏବଂ 10 ମିଗ୍ରା /l ଥିଲାବେଳେ ଏହି ଆବର୍ଜନାରେ ମାନକ 128-532 ମିଗ୍ରା/ଲି 31-44 ମିଗ୍ରା/ଲି ଏବଂ 12.40-18 ମିଗ୍ରା/ଲି ପରିଲକ୍ଷିତ ହୋଇଥିଲା ।

ଓଡିଶା ସରକାର ଉତ୍ତରରେ କହିଲେ (ଅକ୍ଟୋବର 2014) ଯେ ଏଡବ୍ଲୁଆରଏସ ସ୍ଥାପନା ଏବଂ ପ୍ରସ୍ତୁତ କରାଯାଇଥିଲା କିନ୍ତୁ ପ୍ରତ୍ୟାବର୍ତ୍ତୀ ଜଳ ସଂରକ୍ଷଣ କ୍ଷମତା ପର୍ଯ୍ୟାପ୍ତ ନଥିବାରୁ କାର୍ଯ୍ୟକ୍ଷମ କରାଯାଇ ପାରି ନଥିଲା ଏବଂ ଉତ୍ତରରେ ଏହା ମଧ କହିଥିଲା ଯେ ଅନନୁମୋଦିତ ନାଳ ବିଶେଷତଃ ଗୃହ ଆବର୍ଜନାଥିଲା ଯାହାର ଗୁରୁତ୍ୱ ସ୍ୱଳ୍ପ ଥିଲା । କିନ୍ତୁ ଅନନୁମୋଦିତ ନାଳରୁ ବାସ୍ତବ ପରିମାଣ ଏବଂ ବାସ୍ତବ ଗୁଣବତ୍ତା ମାପ କରିବାର ବ୍ୟବସ୍ଥା ଅବାବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱଳ୍ପ ଗୁରୁତ୍ୱ ଯୁକ୍ତି ପ୍ରଥମ ଦୃଷ୍ଟିରେ ଗ୍ରହଣୀୟ ନଥିଲା ଯେତେବେଳେ ଏପି ମୁତାବକ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ଶୂନ୍ୟ ନିଷ୍କାସନ ପାଇଁ 31 ମାର୍ଚ୍ଚ 2012 ସୁଦ୍ଧା ପ୍ରତିବଦ୍ଧ ଥିଲା ।

ବିଭିନ୍ନ କାରଖାନାର ଆବର୍ଜନିତ ପାଣି ବା ଆବର୍ଜନାର ନିର୍ଗମନ ଏବଂ ପ୍ରକ୍ରିୟାକରଣ ଓ ନିଷ୍କାସିତ ଆବର୍ଜନାର ତଥ୍ୟ ଯଦିଓ ସମୀକ୍ଷାରେ ମପା ଯାଇଥିଲା ତାହା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ବର୍ତ୍ତମାନ ସୁଦ୍ଧା ଉପଲବ୍ଧ କରାଯାଇ ପାରି ନଥିଲା ।

### 2.2.7.12 *ମହାନଦୀରେ ଫ୍ଲୋରାଇଡ ଏବଂ ପାଉଁଶ ମିଶ୍ରିତ ଜଳର ନିଷ୍କାସନ*

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସେପ୍ଟେମ୍ବର 2007) ଅନୁଧ୍ୟାନ କଲେ ଯେ ପାରାଦୀପ କାରଖାନାର ଆବର୍ଜନା ନିଷ୍କାସନ ପରିଚାଳନା ନିମ୍ନମାନର ଥିଲା ଏବଂ ସୁରକ୍ଷା ପୋଖରୀରୁ ପାଣି ଝରିବାକୁ ନିୟନ୍ତ୍ରଣ କରିବାର ଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେ 2013, ଜୁଲାଇ 2013 ଏବଂ ମାର୍ଚ୍ଚ 2014 ଅନୁଧ୍ୟାନ ବିବରଣୀରୁ ଦେଖାଗଲା ଯେ କାରଖାନା ପରିସରରୁ ସମସ୍ତ ବିଭାଗ ଦ୍ୱାରା ଆଭ୍ୟନ୍ତରୀଣ ନାଳ ଦ୍ୱାରା ପ୍ରଦୂଷିତ ଜଳ ଏକ ମାଟି ପୋଖରୀରେ ପଡୁଥିଲା ଏବଂ ସେଥିରୁ ଉଛୁଳୁଥିବା ପାଣି ମହାନଦୀରେ ନିଷ୍କାସିତ ହେବାର ପ୍ରାବଧାନ ଥିଲା । ଜଳର ମାନ ଅମ୍ଳୀୟ ଥିଲା ଏବଂ ଉଚ୍ଚ ସ୍ତରର ଫ୍ଲୋରାଇଡ ଯାହା ନିର୍ଦ୍ଧାରିତ ମାନକ 2 ମିଗ୍ରା/ ଲି ବିରୁଦ୍ଧରେ 33.6 ରୁ 1140.0 ମିଗ୍ରା/ଲି ଥିଲା । ଏହା ମହାନଦୀକୁ ନିଷ୍କାସିତ ହେଉଥିବା ଉଛୁଳା ପାଣିକୁ ବିଶୋଧିତ ବା ନାଳର ପ୍ରଦୂଷିତ ପାଣି ମାଟି ପୋଖରୀକୁ ପ୍ରବେଶ କରିବା ବେଳେ କୌଣସି ବିଶୋଧନ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରି ନଥିଲା ।

ଏତଦ୍ ବ୍ୟତୀତ କାରକାନା ଚାଲୁ ରଖିବାକୁ ସମ୍ମତି ପ୍ରଦାନ କଲାବେଳେ(ଜୁନ୍ 2008) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦର୍ଶାଇଥିଲେ ଯେ ଟିପିପି ରୁ ନିର୍ଗତ ପାଉଁଶ ଗୁଣ୍ଡକୁ ଉପଯୁକ୍ତ ଭାବେ ନିଷ୍କାସନ କରିବା ଉଚିତ୍ ଏବଂ ପାଉଁଶ ନିଷ୍କାସନ ପାଇଁ ସଂପୂର୍ଣ୍ଣ କାର୍ଯ୍ୟ ଯୋଜନା ଉପସ୍ଥାପିତ କରିବାର ଥିଲା ପରନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିରୀକ୍ଷଣ (ଜୁଲାଇ 2013) ଏହା ଦେଖାଗଲା ଯେ ଏହି କେନ୍ଦ୍ର ପ୍ରଚୁର ପରିମାଣର ପାଉଁଶ ଗୁଣ୍ଡ ମହାନଦୀର ଅବବାହିକାରେ କୌଣସି ପ୍ରାଚୀର ଏବଂ ନାଳ ବା ଗଦାର ପ୍ରାବଧାନ ନରଖି ନିଷ୍କାସିତ କରୁଥିଲା । ଯଦ୍ୱାରା ଗଦା ଧୋଇ ହୋଇଯାଇ ମହାନଦୀ ପାଣିକୁ ପ୍ରଦୂଷିତ କରୁଥିଲା । ଏହି କାରଖାନା ସଠିକ୍ ପାଉଁଶ ନିଷ୍କାସନ ପାଇଁ କୌଣସି କାର୍ଯ୍ୟକାରୀ ଯୋଜନା ଉତଥାପନ କରି ନଥିଲା । ଏହି ତଥ୍ୟ ସମୀକ୍ଷାଦଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ମଚାରୀଙ୍କ ଦୈତ ଯାଞ୍ଚ୍ ସମୟରେ ( ଜୁଲାଇ 2017) ସୃଷ୍ଟି ହୋଇଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଶିଳ୍ପଟି ଆବଶ୍ୟକୀୟ ଦୂଷିତ ନିରାକରଣ ପ୍ରତିକାର ପାଇଁ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିଅଛି ।

### 2.2.7.13 *ପାରଦ ମିଶ୍ରିତ ଜଳକୁ ଋଷିକୁଲ୍ୟା ନଦୀରେ ନିଷ୍କାସନ*

ଓଡିଶାରେ ତରଳ କ୍ଲୋରିନ୍ ଏବଂ କଷ୍ଟିକ ସୋଡା ପାରଦ କୋଷ ବୈଷୟିକ ପଦ୍ଧତିରେ ଉତ୍ପାଦନ 1967 ମସିହାରୁ ହୋଇ ଆସୁଛି । ଉତ୍ପାଦନ ପ୍ରକ୍ରିୟାରେ ବର୍ଜିତ ଜଳ ଋଷିକୁଲ୍ୟା ଅବବାହିକାରେ ଏକ ମାଟି

ପୋଖରୀକୁ ନିଷ୍କାସିତ ହୁଏ ଯାହାକୁ ସୁରକ୍ଷା କୁଣ୍ଡ କହନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରକାନା ଚଳାଇବାର ଅନୁମତି ଦେଲା ବେଳେ ସର୍ତ୍ତ ରଖିଥିଲେ ଯେ ସମସ୍ତ ପାରଦ ମିଶ୍ରିତ ଆବର୍ଜନା ସମ୍ପୂର୍ଣ୍ଣ ବାବେ ପୁନଃ ପ୍ରକ୍ରିୟାକରଣ ହେବ ଏବଂ କୌଣସି ପରିସ୍ଥିତିରେ ନିଷ୍କାସିତ ଆବର୍ଜନା ଋଷି କୁଲ୍ୟା ନଦୀର ଅନ୍ୟ କୌଣସି ଜଳ ଉତ୍ସରେ ନିଷ୍କାସିତ ହେବ ନାହିଁ । ପାରଦ ପାଇଁ ସାଧାରଣ ମାନକ 0.01 ମିଗ୍ରା/ ଲି ଧାର୍ଯ୍ୟ କରାଯାଇଥିଲା ପରନ୍ତୁ ପରିବେଶ କାର୍ଯ୍ୟକ୍ରମ ଅନୁସାରେ ବିସ୍ମୟ ଯାଞ୍ଚରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଫେବୃୟାରୀ 2008) ଦେଖିଲେ ଯେ କାରଖାନା ପାଖାପାଖି ଜଳ ଉତ୍ସ ବିଶେଷ କରି ଋଷିକୁଲ୍ୟା ଏବଂ କାରଖାନା ମଧବର୍ତ୍ତୀ ଅଞ୍ଚଳରେ ପାରଦ ମିଶ୍ରଣ 0.018 ମିଗ୍ରା/ଲି ଏବଂ 0.052 ମିଗ୍ରା/ଲି ମଧ୍ୟରେ ଥିଲା । ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ ସମୟ ଭିତ୍ତିକ କାର୍ଯ୍ୟକାରୀ ଯୋଜନା ଚାଲୁରହିଥିବା ପାରଦ କୋଷ ପ୍ରକ୍ରିୟାରୁ ପାରଦ ମେମ୍ବରାନ୍ସ ସେଲ୍ ପଦ୍ଧତିକୁ ଅନୁସରଣ କରିବା ଉତ୍ଥାପନ କରିବାର ଥିଲା । କାରଖାନା କର୍ତ୍ତୃପକ୍ଷ କହିଲେ (ଜାନୁୟାରୀ 2011) ପାରଦ କୋଷ ବୈଷୟିକ ପଦ୍ଧତି ସ୍ଥାୟୀ ବାବରେ ଡିସେମ୍ବର 2010 ଠାରୁ ବନ୍ଦ କରାଯାଇଛି । ପରନ୍ତୁ ଏହା ଦେଖାଗଲା ଯେ ପାରଦର ମାତ୍ରା ଇଟିପି ନିର୍ଗମଦ୍ୱାରରେ 0.72 ମିଗ୍ରା / ଲି । ପୋଖରୀ ପାଣିରେ 0.72 ମିଗ୍ରା/ଲି ଏବଂ ନଳକୂପ ଜଳରେ 0.11 ମିଗ୍ରା/ଲି ଥିଲା । ପୁନଶ୍ଚ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମୀକ୍ଷା ସେଷ ସୁଦ୍ଧା କାରଖାନାର ପ୍ରଦୂଷିତ ସ୍ଥଳକୁ ପ୍ରତିରୋଧ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳ ପାଇଁ ଚିଠା ପ୍ରକଳ୍ପ ବିବରଣ ପ୍ରସ୍ତୁତ କରି ନଥିଲା ।

ଉତ୍ତରରେ ଓଡିଶା ସରକାର କହିଲେ (ଅକ୍ଟୋବର 2014) ଯେ ନିରୀକ୍ଷଣ ସମୟରେ(ସେପ୍ଟେମ୍ବର 2014) ଅନୁପାଳନ କରିବାର ଦେଖାଯାଇଥିଲା ଏବଂ ସେହି ଅନୁସାରେ ବନ୍ଦ କରିବାକୁ ନିର୍ଦ୍ଦେଶ ଏବଂ ଅନୁଗୁଳ ଜିଲ୍ଲାପାଳଙ୍କୁ ବନ୍ଦ କରିାବ ପୁଷ୍ଟି କରିବାକୁ ଅନୁରୋଧ କରିଥିଲେ । କିନ୍ତୁ କାରଖାନା ଚଳାଇବାର ଅନୁମତି ନଥିଲେ ସୁଦ୍ଧା ବହୁଳ ମାତ୍ରାରେ ଫ୍ଲୋରାଇଡ ନିର୍ଗମନ ସହ ଏପ୍ରିଲ୍ 2003 ରୁ ଚାଲୁ ରହିଛି । ଯେହେତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲା ।

### *2.2.7.14 ଫ୍ଲୋରାଇଡ ସଂଦୂଷିତ ଜଳର ନିଷ୍କାସନ*

ଅନୁଗୁଳରେ ଗୋଟିଏ ଶିଳ୍ପ ସଂସ୍ଥା 31 ମାର୍ଚ୍ଚ 2003 ପର୍ଯ୍ୟନ୍ତ ବୈଧ ଥିବା ସମ୍ମତି ମଧ୍ୟରେ ଚାଲୁ ଥିଲା ଏବଂ ଅଣ ବିଶୋଧିତ ଅପଚୟ ଜଳକୁ ବାହ୍ୟ ନଳା ମଧ୍ୟକୁ ନିଷ୍କାସନ କରୁଥିବାରୁ ପରବର୍ତ୍ତୀ ସମ୍ମତି ମଞ୍ଜୁରୀ କରାଯାଇ ନଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଏହା ଦେଖାଗଲା (ନଭେମ୍ବର 2006) ଯେ 2 ମିଗ୍ରା/ଲି ମାନକ ତୁଳନାରେ ଫ୍ଲୋରାଇଡର ମାତ୍ରା 117 ଗୁଣ ଅଧିକ ଥିଲା ।

2006-11 ବର୍ଷ ନିମନ୍ତେ ଚାଲୁ କରିବାର ସମ୍ମତି ଜାରି କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପୁନର୍ବାର ଅଗ୍ରାହ୍ୟ କଲେ (ଡିସେମ୍ବର 2008) ଏବଂ ଏହି ଶିଳ୍ପ ସଂସ୍ଥାକୁ ବନ୍ଦ କରିବା ନିମନ୍ତେ ଯଥାଯୋଗ୍ୟ ପଦକ୍ଷେପ ନେବା ପାଇଁ ଅନୁଗୁଳ ଜିଲ୍ଲାମାନଙ୍କୁ ଅନୁରୋଧ କଲେ । ତେବେବି, ଏହି ଶିଳ୍ପସଂସ୍ଥାର ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ସହ ଅନୁସରଣ କରିବା ପରିବର୍ତ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମୟ ସମୟରେ ଏସସିଏନ୍ ଜାରି କରୁଥିଲେ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ନିରୀକ୍ଷଣ (ସେପ୍ଟେମ୍ବର 2014) ସମୟରେ ଅନନୁପାଳନ ଅବଲୋକନ କରାଗଲା ଏବଂ ତଦନୁସାରେ ଏହାଗକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶନା ଜାରି କରାଗଲା ଓ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅନୁଗୁଳଙ୍କୁ ଏହାର ବନ୍ଦ ସୁନିଶ୍ଚିତ କରିବା ପାଇଁ ଅନୁରୋଧ କରାଗଲା । କିନ୍ତୁ ଏହି ଶିଳ୍ପସଂସ୍ଥା ଅପ୍ରେଲ୍ 2003 ରୁ ଚାଲୁ କରିବା ସମ୍ମତି ପ୍ରାପ୍ତ ନ କରି ମଧ ଅଧିକ ନିଃସରଣ ସହ ଚାଲୁ ରଖିଥିଲା ଯେହେତୁ ବହୁ ପୂର୍ବରୁ ଯଥାଯୋଗ୍ୟ ପଦକ୍ଷେପ ନେବାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଫଳ ହୋଇଥିଲା ।

### 2.2.7.15 ସ୍ଥାନୀୟ ସହର ସଂସ୍ଥା ଦ୍ୱାରା ଜଳ ପ୍ରଦୂଷଣ

ଜାତୀୟ ନଦୀ ସଂରକ୍ଷଣ ନିର୍ଦ୍ଦେଶାଳୟ (ଏନଆରସିଡି) ଅନୁସାରେ ବିଭିନ୍ନ ସ୍ଥାନରେ ନଦୀରେ ହେଉଥିବା ପ୍ରଦୂଷଣର 75 ପ୍ରତିଶତ ନଦୀ ଅବବାହିକାରେ ଅବସ୍ଥିତ ସହରର ଆବର୍ଜନା ଯୋଗୁଁ ହୋଇଥାଏ ଏବଂ ବାକି 25 ପ୍ରତିଶତ ଶିଳ୍ପ ଆବର୍ଜନାରୁ ହୋଇଥାଏ । ଓଡିଶାରେ 109 ଟି ସ୍ଥାନୀୟ ସହର ସଂସ୍ଥା ଅଛନ୍ତି । ସମୀକ୍ଷା ସର୍ବେକ୍ଷଣରୁ ନିମ୍ନୋକ୍ତ ବିଷୟ ଦେଖାଗଲା ।

- ନର୍ଦ୍ଦମା ବ୍ୟବସ୍ଥାରେ ଉନ୍ନତି ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଜାତୀୟ ନଦୀ ସଂରକ୍ଷଣ ବୋର୍ଡ ଜାତୀୟ ନଦୀ ସଂରକ୍ଷଣ ଯୋଜନା ଭିତ୍ତିରେ ପୁରୀ ସହରର ନିଷ୍କାସନ ବ୍ୟବସ୍ଥା / ଉନ୍ନତି ପାଇଁ ଅନୁଦାନ ପ୍ରଦାନ କରିଥିଲେ । ତଦନୁଯାୟୀ ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ ଦ୍ୱାରା ପ୍ରଶାସନିକ ଅନୁମୋଦନ ସହିତ 80.45 କୋଟି ଟଙ୍କା ପାଣ୍ଠିର ପ୍ରାବଧାନ (ଅକ୍ଟୋବର 2002) କରିଥିଲେ ଏବଂ ଏହା ମାର୍ଚ୍ଚ 2012 ସୁଦ୍ଧା ସମାପ୍ତ ହେବାର ଥିଲା । 134.29 କିମି ର ଆବର୍ଜନା ନାଳରୁ 123.07 କିମି (ଜୁନ 2014) ସୁଦ୍ଧା ଏବଂ 15 ଏମଏଲଡି କ୍ଷମତା ବିଶିଷ୍ଟ ଏସଟିପି 2013 ସୁଦ୍ଧା ନିର୍ବାହ ହୋଇଥିଲା । ପରନ୍ତୁ ଆବର୍ଜନା ପମ୍ପିଙ୍ଗ୍ ବ୍ୟବସ୍ଥା ଅଭାବରୁ ଜୁନ୍ 2014 ସୁଦ୍ଧା କାର୍ଯ୍ୟକାରୀ ହୋଇ ପାରି ନଥିଲା ।

- କଟକ ମତଗଜପୁରରେ 33 ଏମଏଲଡି କ୍ଷମତା ବିଶିଷ୍ଟ (ଜାନୁୟାରୀ 2007) ଏସଟିପି ନିର୍ବାହ ହୋଇଥିଲେ ସୁଦ୍ଧା ରକ୍ଷଣାବେକ୍ଷଣର ଅଭାବ ହେତୁ ପର୍ଯ୍ୟାପ୍ତ ଆବର୍ଜନା ପ୍ରବାହ ହୋଇପାରୁ ନଥିଲା ଯଦ୍ୱାରା ଅବିଶୋଧିତ ଆବର୍ଜନା ମହାନଦୀରେ ନିଷ୍କାସିତ ହେଉଥିଲା ସହରର ଚିଠା ଆବର୍ଜନା ନିଷ୍କାସନ ଯୋଜନା ଅନୁସାରେ 2014 ରେ 92.13 ଏମଏଲଡି କ୍ଷମତାର ଏସଟିପି ବର୍ଜ୍ୟ ପାଣିକୁ ବିଶୋଧନ କରିବା ପାଇଁ ପର୍ଯ୍ୟାପ୍ତ ନଥିଲା ।



ମତଗଜପୁର, କଟକଠାରେ ଖରାପ ଆବର୍ଜନା ନିଷ୍କାସନ ହେତୁ

- ଭୁବନେଶ୍ୱର ସହରରେ ଏକତ୍ରୀତ ଆବର୍ଜନା ନିଷ୍କାସନ ବ୍ୟବସ୍ଥା ପାଇଁ 754.23 କୋଟି ଟଙ୍କା ଆକଳନ ସହିତ 412.20 କି.ମି ଆବର୍ଜନା ନିଷ୍କାସନ ନାଳ ଏବଂ 190.7 ଏମଏଲଡି କ୍ଷମତା ବିଶିଷ୍ଟ 6 ଟି ଏସଟିପି କରିବାର ଥିଲା । ଫେବୃୟାରୀ 2008 ରେ କାମ ନିଆଯାଇ ମାର୍ଚ୍ଚ 2012 ସୁଦ୍ଧା ସଂପୂର୍ଣ୍ଣ ହେବାର ସ୍ଥିରୀକୃତ ହୋଇଥିଲା । ପରନ୍ତୁ 412.20 କି.ମି ଆବର୍ଜନା ନିଷ୍କାସନ ନାଳ ମଧ୍ୟରୁ 167.52 କି.ମି ର ନାଳ ଏବଂ 6ଟି ଏସଟିପି ମଧ୍ୟରୁ ଗୋଟିଏ ମଧ୍ୟ ଜୁନ 2014 ସୁଦ୍ଧା ନିର୍ମାଣ କରାଯାଇ ନଥିଲା ।

- ରାଉରକେଲା ଓ ସମ୍ବଲପୁର ସହରରେ ଏସଟିପିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିଲା । ଯଦିଓ 582.66 କୋଟି ଟଙ୍କା ଏବଂ 448,33 କୋଟି ଟଙ୍କାର ଆକଳନ ଚିଠା ପ୍ରକଳ୍ପ ବିବରଣରେ କରାଯାଇ ଥିଲା ।

- ଅଗଷ୍ଟ 2012 ରେ ଓଡିଶା ସରକାର 13 ଟି ସହର[48]ର ଚିଠା ପ୍ରକଳ୍ପ ବିବରଣ ପାଇଁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ଜୁଲାଇ 2014 ସୁଦ୍ଧା ଗୋଟିଏ ଚିଠା ପ୍ରକଳ୍ପ ବିବରଣ ପ୍ରସ୍ତୁତ ହୋଇନ ଥିଲା ।

48 ଯାଜପୁର, ବାଲେଶ୍ୱର, ବାରିପଦା, ଯୋଡା, କେଉଁଝର, ସୋନପୁର, ସୋନପୁର, ଫୁଲବାଣୀ, କୋରାପୁଟ, ରାୟଗଡା, ଭବାନୀପାଟଣା, ଝାରସୁଗୁଡା, ବଲାଙ୍ଗିର ଏବଂ କେନ୍ଦ୍ରାପଡା ।

- ବାକି 91 ଟି ସ୍ଥାନୀୟ ସହର ସଂସ୍ଥାର ନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ତେଣୁ ପ୍ରଦୂଷଣ ରୋକିବା ପାଇଁ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଏବଂ ଏସଟିପିର କାର୍ଯ୍ୟକାରୀ କୌଣସି ସ୍ଥାନୀୟ ସହର ସଂସ୍ଥାରେ ପ୍ରଭାବି ନ ଥିଲା ।

ଓଡିଶା ସରକାର ଉପରୋକ୍ତ ତଥ୍ୟକୁ ମାନି କହିଲେ ଯେ (ଅକ୍ଟୋବର 2014) ନିୟମିତ ଭାବେ ସ୍ଥାନୀୟ ସହର ସଂସ୍ଥା କର୍ତ୍ତୃପକ୍ଷ ଏବଂ ଗୃହ ଏବଂ ସହର ବିକାଶ ବିଭାଗ ଦ୍ଵାରା ଯାଞ୍ଚ ସମ୍ମିଳନୀ କରାଯାଇ ଏସଟିପିର ପ୍ରତିଷ୍ଠା ଏବଂ ଜଳ ଉତ୍ସକୁ ଆବର୍ଜନା ନିଷ୍କାସନ ସମୟରେ ସଠିକ ସଂଶୋଧନ କରିବା ପ୍ରକ୍ରିୟାକୁ ତ୍ଵରାନିତ କରାଯାଉଛି । ତେଣୁ ସ୍ଥାନୀୟ ସହର ସଂସ୍ଥାର ଏସଟିପି ର ଅଭାବ ହେତୁ ଅବିଶୋଧିତ ଆବର୍ଜନାକୁ ଜଳ ଉତ୍ସରେ ନିଷ୍କାସନ କରାଯାଉଛି । ଯଦ୍ଵାରା ଜଳ ପ୍ରଦୂଷଣ ଘଟୁଛି ।

## 2.2.7.16 *ହୋଟେଲମାନଙ୍କ ଦ୍ଵାରା ଜଳ ପ୍ରଦୂଷଣ*

ଜଳ ନିୟମ (ପିସିପି) ର 1974 ଧାରା 25 ମୁତାବକ କୋଣସି ବ୍ୟକ୍ତି ରା.ପ୍ର.ନି.ର୍ବୋ ର ପୂର୍ବ ସମ୍ମତି ବିନା କୋଣସି ଶିଳ୍ପର ପ୍ରତିଷ୍ଠା, କାର୍ଯ୍ୟ ନିର୍ବାହ ବା ନିଷ୍କାସନ ବ୍ୟବସ୍ଥାର ବିଶୋଧନ ପ୍ରକ୍ରିୟା ଏବଂ ସେଥିରେ କୌଣସି ଯୋଗ ବା ସଂପ୍ରସାରଣ କରିପାରିବେ ନାହିଁ । ଯାହାକି ବ୍ୟବସାୟିକ ଆବର୍ଜନାକୁ ନାଳ/କୂଅ/ଭୂକମିରେ ନିଷ୍କାସିତ ହେବ । ପରିବେଶ ପ୍ରଦୂଷଣ ନିୟମ 1986 ରେ ହୋଟେଲ ଗୁଡିକ ବାହାରେ ଆବର୍ଜନା ନିଷ୍କାସନ କରିବା ସମୟରେ ମାନିବା ମାନକଗୁଡିକର ପ୍ରାବଧାନ ରହିଛି ।

ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ଵରର ସୂଚନା ଅନୁସାରେ ପୁରୀ ସହରର 300 ଟି ହୋଟେଲ ସେମାନଙ୍କ ଆବର୍ଜନାକୁ ବିଶୋଧନ ନ କରି ନିଷ୍କାସନ କରୁଥିଲେ ଯେଉଁଥିପାଇଁ ମଇ ରୁ ଅଗଷ୍ଟ 2014 ମଧ୍ୟରେ ତତ୍‌କ୍ଷଣାତ ବନ୍ଦ ବିଜ୍ଞପ୍ତି ଜାରି କରାଯାଇଥିଲା ।ଏତଦ ବ୍ୟତୀତ ଭୁବନେଶ୍ଵରରେ 35 ଟି ହୋଟେଲରେ ଏସଟିପି ନ ଥିଲା ।

ସିଟିଓ ନଥିପତ୍ରରୁ ଦେଖାଗଲା ଯେ ପୁରିରେ ଥିବା ଏକ ହୋଟେଲକୁ ଆବର୍ଜନା ବିଶୋଧନ ସୁବିଧା ପର୍ଯ୍ୟାପ୍ତ ନ ଥିବା ହେତୁ ତତ୍‌କ୍ଷଣାତ ବନ୍ଦ ବିଜ୍ଞପ୍ତି ଜାରି କରାଯାଇଥିଲା । ତା ପରେ ନଭେମ୍ବର 2006 ଏବଂ ମାର୍ଚ୍ଚ 2008 ରେ ଦୁଇଥର ବନ୍ଦ କରିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ତେବେବି ନିରୀକ୍ଷଣ ସମୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଅବଲୋକନ କରିଥିଲା ଯେ ଗତ ଆଠ ବର୍ଷ ଧରି ବନ୍ଦ ବିଜ୍ଞପ୍ତିକୁ ଉଲଙ୍ଘନ କରି ହୋଟେଲଟି ଚାଲୁ ରହିଥିଲା । ସମୀକ୍ଷାରେ ଦେଖାଗଲା ଯେ ପୂର୍ବରୁ ଜାରି କରାଯାଇଥିବା ବନ୍ଦ ନିର୍ଦ୍ଦେଶନାର ଆବଶ୍ୟକୀୟ ଅନୁପାଳନ ସମ୍ବନ୍ଧରେ ସୁନିଶ୍ଚିତ ନ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତିଷ୍ଠା କରିବା ସମ୍ମତି/ ଚାଲୁ କରାବା ସମ୍ମତି ପାଇଂ ଆବେଦନ କରିବା ନିମନ୍ତେ ନିର୍ଦ୍ଦେଶନା ଜାରି କରିଥିଲେ(ମେ 2014) ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଓଡିଶାରେ ଚାଲୁ ରହିଥିବା 556 ଟି ହୋଟେଲ ମଧ୍ୟରୁ 485 ଟି ହୋଟେଲ ଚାଲୁ କରିବା ସମ୍ମତି ବିନା/ସମ୍ମତି ପ୍ରଶାସନ ମଧ୍ୟକୁ ଅଣା ନ ଯାଇ ଚାଲୁଅଛି ।

## 2.2.7.17 *ଚିକିତ୍ସାଳୟ ଗୁଡିକ ଦ୍ଵାରା ଜଳ ପ୍ରଦୂଷଣ*

ଜୈବ ଆବର୍ଜନା (ପରିଚାଳନା ଏବଂ ହ୍ୟାଣ୍ଡଲିଂ) ନିୟମ 1998 ଅନୁସାରେ ପ୍ରତି ମାସରେ ଏକ ହଜାରରୁ କମ୍ ରୋଗିଙ୍କୁ ଚିକିତ୍ସା / ସେବା ଯୋଗାଇଥିବା ଅନୁଷ୍ଠାନକୁ ଛାଡି, କୌଣସି ପ୍ରକାର ଜୈବ ଆବର୍ଜନା ହସ୍ତଗତ କରୁଥିବା ସ୍ଵାସ୍ଥ୍ୟ ସେବା ପ୍ରତିଷ୍ଠାନ(ଏଚସିଇ) ଗୁଡିକ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କଠାରୁ ପ୍ରାଧିକରଣ ହାସଲ କରିବେ । ଏହା ଆହୁରି ମଧ୍ୟ କହିଲା ଯେ, ରୋଗ ନିଦାନ ଚିକିତ୍ସା ମାନବ ବା ପଶୁମାନଙ୍କୁ ପ୍ରତିରୋଧିତ କରିବା ସମୟରେ ବା ସେ ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟରେ ଉତ୍ପନ ହେଉଥିବା ତରଳ ଆବର୍ଜନା, ଜୈବ

ଆବର୍ଜନାର ଏକ ବର୍ଗ ହୋଇଥିବାରୁ ଏହାର ବିଶୋଧନ ଏବଂ ନିଷ୍କାସନ ଏଭଳି ଉପାୟରେ କରାଯିବ ଯାହାକି କଥିତ ନିୟମରେ ବିହିତମାନକକୁ ଅନୁପାଳନ କରିବ ।

100 ବା ତଦୁର୍ଦ୍ଧ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନଗୁଡିକୁ ଅପଚୟ ଜଳ ନିକାସ ନିମନ୍ତେ ସମ୍ମତି ହାସଲ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉପଦେଶ ଦେଲେ (ମାର୍ଚ୍ଚ 2014) । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ଓଡିଶାରେ ଶଯ୍ୟା କ୍ଷମତା 100 ରୁ 1707 ମଧ୍ୟରେ ଥିବା 75 ଟି ଚିକିତ୍ସାଳୟ ମଧ୍ୟରୁ କେବଳ ଦୁଇଟି ବୈଧ ସମ୍ମତି ମଧ୍ୟରେ ଚାଲୁଅଛି ତଥା ତରଳ ଆବର୍ଜନା ବିଶୋଧନ ନିମନ୍ତେ ଇଟିପି ଅଛି । ପୁନଶ୍ଚ ସମ୍ମତି ମଞ୍ଜୁରୀ ଜରିଆରେ ତରଳ ଆବର୍ଜନା ନିକାସର ପର୍ଯ୍ୟାଲୋଚନା କରିବା ନିମନ୍ତେ ପ୍ରତି ମାସରେ ଏକ ହଜାରରୁ ଅଧିକ ରୋଗିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ପ୍ରତିଷ୍ଠାନ ଗୁଡିକର ସୂଚୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ, ଡାକ୍ତରଖାନାଗୁଡିକୁ ପ୍ରଦୂଷଣ ନିବାରଣ ପ୍ରତିକାର ନେବା ପାଇଁ ସମ୍ମତି ପରିଚାଳନା ନିର୍ଦ୍ଦେଶନାମା ପ୍ରଦାନ କରାଯାଇଥିଲା ।

### *2.2.7.18 କଂସେଇଖାନା/ମାଂସ ପ୍ରକ୍ରିୟା କରଣ ଶିଳ୍ପ ଦ୍ୱାରା ଆବର୍ଜନାର ନିକାସ*

କଂସେଇଖାନା (ଏଏସଏଚ) ମାଂସ ପ୍ରକ୍ରିୟା କରଣ ଶିଳ୍ପ (ଏମ୍‌ପିଆଇ) ଗୁଡିକୁ ଇଟିପି ସଂସ୍ଥାପନ ସମ୍ବନ୍ଧୀୟ ନିର୍ଦ୍ଦେଶନା ଜାରି କରିବା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡମାନଙ୍କୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଦେସ ଦେଇଥିଲେ (ଜୁଲାଇ 2002) । କଥିତ ନିର୍ଦ୍ଦେଶନାର ଅନୁପାଳନ ଯୋଗୁଁ ଏଏମଏଚ/ ଏମପିଆଇ ଗୁଡିକର ଅବସ୍ଥା ସମେତ ସଂସ୍ଥାପିତ ହୋଇସାରିବା ଇଟିପି ସମ୍ବନ୍ଧରେ ସଂପୂର୍ଣ୍ଣ ତଥ୍ୟ ଉପଲବଧ କରାଇବା ପାଇଁ ଏବଂ ସମସ୍ତ ଏ.ଏସ.ଏଚ ମାନଙ୍କୁ ସମ୍ମତି ପ୍ରଶାସନ ମଧ୍ୟକୁ ଆଣିବା ପାଇଁ କାର୍ଯ୍ୟ ଯୋଜନା ସମ୍ବନ୍ଧରେ ପ୍ରସ୍ତାବ ଦେବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପୁନର୍ବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଲେ (ଅପ୍ରେଲ 2011) ଜବାବରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହିଲେ (ମେ 2011) ଯେ ଏହିଶିଳ୍ପ ଗୁଡିକ ସଂଖ୍ୟାରେ ଅତି ନଗଣ୍ୟ ଏବଂ ଅସଂଗଠିତ ଭାବରେ ଚାଲୁଅଛି ଯାହା ଫଳରେ ସେଗୁଡିକ ସମ୍ମତ ପ୍ରଶାସନ ମଧ୍ୟକୁ ଆସି ପାରି ନାହିଁ ।

ଓଡିଶା ସରକାର (i) ସମସ୍ତ ଏ.ଏସ.ଏଚ/ ଏମ.ପି.ଆଇ ଗୁଡିକୁ ଚିହ୍ନଟ କରି ଏକ ସୂଚୀ ପ୍ରସ୍ତୁତ କରିବା ପାଇଁ (ii) କଠିନ ଆବର୍ଜନା ଏବଂ ଜଳ/ବାୟୁ ପ୍ରଦୂଷଣ ସମ୍ବନ୍ଧରେ ସମୁଚିତ ପଦକ୍ଷେପ ସୁପାରିଶ କରିବା, (iii) ଏ.ଏସ.ଏଚ/ଏମପିଆଇ ଗୁଡିକର ଅତର୍କିତ ଏବଂ ଅନିୟତ ନିରୀକ୍ଷଣ କରିବା ଏବଂ (iv) ଯେତେ ଛୋଟ ହେଲେ ବି ଅଣ ଲାଇସେନ୍‌ସ ପ୍ରାପ୍ତ କଂସେଇଖାନା ଗୁଡିକୁ ଚିହ୍ନଟ କରିବା ଏବଂ ସେଗୁଡିକୁ ବନ୍ଦ କରିବା ନିମନ୍ତେ କଂସେଇଖାନା ପାଇଂ ରାଜ୍ୟ କମିଟି (ଏସ୍‌ସିଏସ୍‌ଏଚ) ନାମରେ ଏକ କମିଟି ଗଠନ କରିଥିଲେ (ଅକ୍ଟୋବର 2012) । ଏହି କମିଟି ଡିସେମ୍ବର 2013 ସୁଦ୍ଧା ଦୁଇଟି ସଭା ସଂଚାଳନ କରିଥିଲେ, କିନ୍ତୁ ଏ,ଏସ,ଏଚ/ଏମପିଆଇ ଗୁଡିକ ଚିହ୍ନଟ କରାଯାଇପାରି ନଥିଲା । କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ମତି ପ୍ରଶାସନ ମଧ୍ୟକୁ ଅଣାଯାଇ ପାରି ନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ରାଜ୍ୟରେ କୌଣସି ଏଏସ୍‌ଏଚ ଏବଂ ଏମପିଆଇ ୟୁନିଟ ଚାଲୁ ହୋଇ ନାହିଁ । ରାଜ୍ୟର ସମସ୍ତ ସହରାଞ୍ଚଳଗୁଡିକରେ ବିକ୍ରି ଅଞ୍ଚଳ ଅଛି ଯେଉଁଠାରେ ମାଂସ /ଆମିଷ ଖାଦ୍ୟ ବିକ୍ରି କରାଯାଏ । ଏବଂ ଏହିଠାରେ ଇଟିପିର ସଂସ୍ଥାପନ ଏବଂ ଚାଳନା କାର୍ଯ୍ୟକୁ ସାଧ୍ୟ ହୋଇ ନପାରେ । ଆହୁରି ମଧ୍ୟ କୁହାଗଲା ଯେ ସମୁଚିତ ଭିତ୍ତିଭୂମିର ବିକାଶ କରି ସେହି ଶିଳ୍ପଗୁଡିକୁ ସଂଗଠିତ ଉପାୟରେ କରା ନଯାଏ ତେବେ ଏହିପରି ଗତିବିଧି ଦ୍ୱାରା ହେଉଥିବା ଜଳ ପ୍ରଦୂଷଣକୁ ପ୍ରଭାବି ଢଙ୍ଗରେ ସମାଧାନ କରାଯାଇ ପାରିବ ନାହିଁ ।

## 2.2.8 ଓଡିଶାରେ ପରିବେଶ ଆଇନର ଅନୁପାଳନ

### *2.2.8.1 ଖଣି ଉଦ୍ୟୋଗମାନଙ୍କର ପରିବେଶ (ସୁରକ୍ଷା) ନିୟମର ଅବମାନନା*

ଖଣି ଉଦ୍ୟୋଗମାନଙ୍କର ପରିବେଶ (ସୁରକ୍ଷା) ନିୟମ 1986 ବ୍ୟବସ୍ଥାନୁସାରେ କେନ୍ଦ୍ର ସରକାର ପରିବେଶ ପ୍ରଭାବ ନିର୍ଦ୍ଧାରଣ ବିଜ୍ଞପ୍ତି (ଜାନୁୟାରୀ 1994)ମାଧ୍ୟମରେ ପ୍ରଦୂଷଣ ଜନିତ ବୋଝ ଥିବା ପ୍ରକଳ୍ପଗୁଡିକର ବିନିର୍ଦ୍ଦିଷ୍ଟ ଚିଠା ପ୍ରକାଶ କରିଥିଲା । ଯେଉଁମାନଙ୍କୁ ପରିବେଶ ସଂକ୍ରାନ୍ତୀୟ ପୂର୍ବ ଅନୁମୋଦିତ ହୋଇଥିବା ଦରକାର । ଏହି ବିଜ୍ଞପ୍ତି ଅନୁସାରେ 5 ହେକ୍ଟର କିମ୍ବା ତଦୂର୍ଦ୍ଧ କ୍ଷେତ୍ରଫଳ ଥିବା ଖଣି ପ୍ରକଳ୍ପଗୁଡିକୁ କେନ୍ଦ୍ର ସରକାରଙ୍କ ଠାରୁ ପରିବେଶ ସଂକ୍ରାନ୍ତୀୟ ପୂର୍ବ ଅନୁମୋଦନ ଆବଶ୍ୟକ ଅଟେ ।

ଏହା ଦେଖାଗଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାର 71 ତମ (ସେପ୍ଟେମ୍ବର 2002) ବୋର୍ଡ ସଭାରେ ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ଗୁଡିକର ନିରୀକ୍ଷଣ ନିମିତ ସର୍ବନିମ୍ନ ସମୟ ଅନ୍ତରରେ ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ଖଣି ଉଦ୍ୟୋଗଗୁଡିକୁ ପ୍ରଶାସନ ସମ୍ମତି ଅନ୍ତର୍ଭୁକ୍ତ କରି ନଥିଲା । ଏହା ଫଳରେ 2010 ମସିହାରୁ 2010 ମଧ୍ୟରେ 198 ଟି ଖଣି ଉଦ୍ୟୋଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିଷ୍ଠା କରିବା ସମ୍ମତି/ଚାଲୁ କରିବା ସମ୍ମତି ଏବଂ କେନ୍ଦ୍ର ସରକାରଙ୍କର ପରିବେଶ ସଂକ୍ରାନ୍ତୀୟ ଅନୁମୋଦନ ନଥାଇ ଚାଲୁ ରହିଥିଲା । ଯେତେବେଳେ ଓଡିଶା ସରକାରଙ୍କର ଲୌହ ଏବଂ ଖଣିଜ ବିଭାଗ ଏହି ସଂସ୍ଥାମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡକୁ (ଜୁଲାଇ 2011) ନିର୍ଦ୍ଦେଶ ଦେଲେ 180 ଗୋଟି ଖଣିଉଦ୍ୟୋଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର 3.29 କୋଟି ଟଙ୍କାର ପ୍ରଦୂଷଣ ଦେୟ ଲେଭି କରିଥିଲେ ମଧ୍ୟ ପରିବେଶ ପ୍ରତି ଉପୁଜୁଥିବା ପ୍ରଦୂଷଣର ମାତ୍ରା ଅଣ ଦେଖା ରହିଯାଇଥିଲା। ଖଣି ଉଦ୍ୟୋଗଗୁଡିକର ସମୟାନୁଯାୟୀ ନିରୀକ୍ଷଣ କରିବାର ଗୁରୁତ୍ୱ ହୃଦୟଙ୍ଗମ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଗୁଡିକୁ ତ୍ରୈମାସିକ ନିରୀକ୍ଷଣ ନିମନ୍ତେ ନିଷ୍ପତ୍ତି ଗ୍ରହଣ କଲା (ଫେବୃୟାରୀ 2014) । ଏହିପରି ଭାବରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଖଣିଜ ଉଦ୍ୟୋଗଗୁଡିକର ସମୟାନୁଯାୟୀ ନିରୀକ୍ଷଣ ଏବଂ ପର୍ଯ୍ୟାଲୋଚନା ଫଳରେ ପରିବେଶ ପ୍ରତି ଉପୁଜୁଥିବା ପ୍ରଦୂଷଣର ମାତ୍ରା ଫେବୃୟାରୀ 2014 ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇପାରି ନଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଖଣିଜ ଉଦ୍ୟୋଗଗୁଡିକୁ ଜଳ (ନିବାରଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ) ନିୟମ, 1974 ଏବଂ ବାୟୁ (ନିବାରଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ) ନିୟମ 1981 ଅନୁସାରେ ପ୍ରତିଷ୍ଠା କରିବା ସମ୍ମତି/ଚାଲୁ କରିବା ସମ୍ମତି ପ୍ରଦାନ କରୁଥିଲେ ମଧ୍ୟ ପରିବେଶ (ସୁରକ୍ଷା) ନିୟମ 1986 ଦ୍ୱାରା ନିର୍ଦ୍ଧାରିତ ବୈଧାନିକ ଆବଶ୍ୟକତା ନିରୀକ୍ଷଣ କରିପାରି ନ ଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଜନ ଶକ୍ତିର ପ୍ରଚଣ୍ଡ ଅଭାବ ହେତୁ ଖଣିଜ ଉଦ୍ୟୋଗଗୁଡିକର ଲକ୍ଷ୍ୟ ଅନୁସାରେ ନିରୀକ୍ଷଣ କରିବା କଠିନ ଥିଲା । ସରକାର ଏହା ମଧ୍ୟ କହିଲେ ଯେ ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରେ ଜନଶକ୍ତି ଅବସ୍ଥାନର ବିକାଶ ହେବା ପରେ ଖଣି ଉଦ୍ୟୋଗଗୁଡିକୁ ତ୍ରୈମାସିକ ନିରୀକ୍ଷଣ ନିମନ୍ତେ ନିଷ୍ପତ୍ତି ନିଆଗଲା ।

### *2.2.8.2 ଜାତୀୟ ସବୁଜ ନ୍ୟାୟାଧିକରଣ ନିର୍ଦ୍ଦେଶନାମାକୁ ଅବମାନନା*

ପରିବେଶ ସୁରକ୍ଷା, ଜଙ୍ଗଲ ଓ ଅନ୍ୟ ପ୍ରାକୃତିକ ସଂପଦଗୁଡିକର ସଂରକ୍ଷଣ ଏବଂ ସୁରକ୍ଷା, ପରିବେଶ ଜନିତ ବୈଧିକ ଅଧିକାର ଏବଂ ଧନଜନ କ୍ଷୟକ୍ଷତି ସହିତ ସଂପୃକ୍ତ ବା ତାହାକୁ ଉପଶମ ଏବଂ କ୍ଷତିପୂରଣ ଦେବା ନିମନ୍ତେ ରାଜ୍ୟ ସବୁଜ ନ୍ୟାୟାଧୀକରଣ (ଏନଜିଟି) ନିୟମ ଗୃହୀତ (ଜୁନ 2010) ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡିକୁ କାର୍ଯ୍ୟଦକ୍ଷ କ୍ଷମତାପନ୍ନ ପ୍ରାଧିକାରୀଙ୍କ ସମ୍ମତି ବିନା ଚାଲୁ ରହିଥିବା ଉଦ୍ୟେଗଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜାତୀୟ ସବୁଜ ନ୍ୟାୟାଧିକରଣ ଆଦେଶ (ମେ 2013) ଜାରି କରିଥିଲା । ଯେହେତୁ ସେଗୁଡିକ ବୈଧିକ ବାଧ୍ୟତାର ବ୍ୟାପକ ଅବହେଳା କରୁଥିବା ବୋଲି ଗଣ୍ୟ କରାଯା୍ଉଥିଲା ।

କିନ୍ତୁ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ଦିଆଯାଇଥିବା ସୁଚନା (ସେପ୍ଟେମ୍ବର 2014) ଅନୁସାରେ ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟମାନଙ୍କରେ 2116 ଗୋଟ[49] ଉଦ୍ୟୋଗ କାର୍ଯ୍ୟ ଚାଲୁ କରିବା ସମ୍ମତି ବିନା ଚାଲୁ ରହିଥିଲା ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ଖିଲାପକାରୀ ଉଦ୍ୟୋଗ ସଂସ୍ଥାଗୁଡିକ ବିରୋଧରେ କାରଣ ଦର୍ଶାଅ ନୋଟିସ, ବନ୍ଦ କରିବା ନିର୍ଦ୍ଦେଶ ଏବଂ ଉପଯୁକ୍ତ ବୈଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

### *2.2.8.3 ପାଉଁଶର ବ୍ୟବହାର*

ପରିବେଶ ସୁରକ୍ଷା,ଉପର ମୃତ୍ତିକାର ସଂରକ୍ଷଣ ଏବଂ କୋଇଲା ବା ଲିଗନାଇଟ୍ ବୟବହୃତ ହେଉଥିବା ତାପଜ ବିଦ୍ୟୁତ୍ କାରଖାନା ମାନଙ୍କରୁ ନିର୍ଗତ ହେଉଥିବା ପାଉଁଶ ଗଦାକୁ ରୋକିବା ପାଇଁ କେନ୍ଦ୍ର ସରକାର ପାଉଁଶର ଶତ ପ୍ରତିଶତ ବ୍ୟବହାର କରିବା ନିମନ୍ତେ ବିଜ୍ଞପ୍ତି ଜାରି କରିଥିଲେ (ନଭେମ୍ବର 2014) ଯେଉଁଥିରେ କି ବିଜ୍ଞପ୍ତି ଜାରି ହେବା ପୂର୍ବରୁ ଥିବା ତାପଜ ବିଦ୍ୟୁତ କାରଖାନା ଗୁଡିକୁ 5 ବର୍ଷ ମଧ୍ୟରେ ଏବଂ ବିଜ୍ଞପ୍ତି ଜାରି ହେବା ପରେ କାର୍ଯ୍ୟ ଆରମ୍ଭ କରିଥିବା ତାପଜ ବିଦ୍ୟୁତ କାରଖାନାଗୁଡିକ ଚାରି ବର୍ଷ ମଧ୍ୟରେ କାରଖାନାର ନିର୍ଗହେଉଥିବା ପାଉଁଶର ଶତ ପ୍ରତିଶତ ବ୍ୟବହାର କରିବା ପାଇଁ ଢର୍ଦ୍ଦେଶ ଥିଲା ।

ତେବେ ବି ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଦେଇଥିବା ସୁଚନାନୁସାରେ 2005-06 ର 2008-09 ମଧ୍ୟରେ ନିଟ ଜମା ହୋଇଥିବା ପାଉଁଶ 36.77 ଲକ୍ଷ ମେଟ୍ରିକ ଟନ ଥିଲା ଯାହାକି 2009-10 ରୁ 2013-14 ମଧ୍ୟରେ 52.21 ଲକ୍ଷ ମେଟ୍ରିକ ଟନ ବୃଦ୍ଧି ପାଇ ମୋଟ ଜମାକୁ 59.2 ଲକ୍ଷ ମେଟ୍ରିକ ଟନ ରେ ପହଞ୍ଚାଇ ଥିଲା ।ଯଦ୍ୟପି ବ୍ୟବହୃତ ହୋଇଥିବା ପାଉଁଶ 2009-10 ରେ ଶତକଡା 43.93 ପ୍ରତିଶତରୁ ବୃଦ୍ଧି ପାଇ 2013-14 ମସିହାରେ ଶତକଡା 61.3 ପ୍ରତିଶତରେ ପହଞ୍ଚିଥିଲା । ପାଉଁଶର ହାରାହାରି ବାର୍ଷିକ ଜମା ପରିମାଣକୁ ଅପରିବର୍ତ୍ତିତ ରଖିଥିଲା (9.44 ମେଟ୍ରିକ ଟନ୍‌ରୁ 10.75 ଲକ୍ଷ ମେଟ୍ରିକ ଟନ୍) ।

ସମୀକ୍ଷାରେ ଅବଲୋକନ କରାଗଲା ଯେ 33 ଗୋଟି ତାପଜ ବିଦ୍ୟୁତ କାରଖାନା ମଧ୍ୟରୁ କେବଳ 14 ଗୋଟି କାରଖାନା ନିର୍ଗତ ହେଉଥିବା ପାଉଁଶର ଶତ ପ୍ରତିଶତ ବ୍ୟବହାର କରିଥିଲେ । ଏହା ମଧ ଦେଖାଗଲା ଓଡିଶା ଶକ୍ତି ଉତ୍ପାଦନ ନିଗମ 2013-14 ରେ କାରଖାନାରୁ ନିର୍ଗତ ହୋଇଥିବା 10.5 ଲକ୍ଷ ମେଟ୍ରିକ୍ ଟନ୍ ପାଉଁଶ ବ୍ୟବହାର କରିଥିଲା ଯାହାକି ମୋଟ ଉତ୍ପାଦନର ଶତକଡା 16 ପ୍ରତିଶତ ଥିଲା । ଏହିପରି ଭାବରେ ତାପଜ କାରଖାନା ଗୁଡିକ କାରଖାନାରୁ ନିର୍ଗତ ହେଉଥିବା ପାଉଁଶର ବ୍ୟବହାର କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶାନୁସାରେ ହାସଲ କରିପାରି ନଥିଲେ ।

ସତ୍ୟତା ସ୍ୱୀକାର କରିବା ସମୟରେ ସରକାର (ନଭେମ୍ବର 2014) ଜଣାଇଲେ ଯେ ରାଜ୍ୟ ପ୍ରଦୂଷଣ ବୋର୍ଡର ଅତ୍ୟାଗ୍ରହ ଅନୁସାରେ ପାଉଁଶକୁ ରାଜ୍ୟ ସରକାରଙ୍କର ନିର୍ମାଣ ବିଭାଗ ଦ୍ୱାରା ଅନୁସୂଚିତ ଦର ମଧରେ ଅନ୍ତର୍ଭୁକ୍ତ କରାଯାଇଅଛି (ନଭେମ୍ବର 2014) ଏବଂ ରାଜ୍ୟ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ସଭା ବୈଠକରେ ପାଉଁଶକୁ କେନାଲ ଅସ୍ତର ଏବଂ ରାସ୍ତା କାମରେ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ମଧ ନିଆଯାଇଥିଲା ।

### *2.2.8.4 ରାଜ୍ୟ ପ୍ରଦୂଷଣ ବୋର୍ଡର ସର୍ତ୍ତଜନିତ ଚାଲୁକରିବା ସମ୍ମତି ପ୍ରଦାନ*

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ନିର୍ଦ୍ଦେଶ (ଜୁନ୍ 1993) ଦେଲା ଯେ କୌଣସି ଉଦ୍ୟୋଗକୁ ଚାଲୁକରିବା ସମ୍ମତି କେବଳ ପରିବେଶ ନିୟନ୍ତ୍ରଣ ସ୍ଲାବଗୁଡିକ ସ୍ଥାପନ କରିବା ପରେ ଦିଆଯିବ ଏବଂ କୌଣସି ପ୍ରକାର ସର୍ତ୍ତମୂଳକ ସମ୍ମତି ଦିଆଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କର ଜାରୀ 16 ଜାନୁୟାରୀ 1991 ଓ 12 ଫେବୃୟାରୀ 1992 ବିଜ୍ଞପ୍ତିରେ ଉଲ୍ଲେଖ ଥିଲା । ଫେବୃୟାରୀ 2000 ରେ ମଧ

[49] ବାଲେଶ୍ୱର-141, ବ୍ରହ୍ମପୁର-317, ଭୁବନେଶ୍ୱର-175, କଳିଙ୍ଗନଗର-395, କେଉଁଝର-265, ପାରାଦୀପ-56, ସମ୍ବଲପୁର-767

କେନ୍ଦ୍ର ପ୍ରଦୂଷଣ ବୋର୍ଡ ଏହାକୁ ସୁନିଶ୍ଚିତ କରିବା ପାଇଁ ଦୋହରାଇଥିଲେ । ସମୀକ୍ଷାର ଅବଲୋକନରେ ଜଣାପଡିଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ଉଦ୍ୟୋଗ/ ପ୍ରକଳ୍ପଗୁଡିକ ସର୍ତ୍ତଭିତ୍ତିକ ଚାଲୁକରିବା ସମ୍ମତି କେନ୍ଦ୍ର ସରକାର / କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶକୁ ଅବମାନନା କରି ଦେଇଥିଲା ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଲ୍ଲଙ୍ଘନ କରୁଥିବା ଉଦ୍ୟୋଗଗୁଡିକୁ କଠିନତର ରୀତି ଅନୁପାଳନ କରିବା ନିମନ୍ତେ ସେମାନଙ୍କଠାରୁ ବ୍ୟାଙ୍କ୍ ଗ୍ୟାରେଣ୍ଟି କିମ୍ବା ପ୍ରଶାସନ ସମ୍ମତି ନିର୍ଦ୍ଦେଶ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟ ଚାଲୁ ରଖିବା ପାଇଁ ଆଦେଶ ଦେଇଥିଲା । କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଲ୍ଲଙ୍ଘନ କରୁଥିବା ଉଦ୍ୟୋଗମାନଙ୍କ ଠାରୁ ବ୍ୟାଙ୍କ୍ ଗ୍ୟାରେଣ୍ଟି ନେବା ପାଇଁ ସ୍ଥିର କରିଥିଲେ (ମାର୍ଚ୍ଚ 2003) କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ (ଫେବୃୟାରୀ 2014) ପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରି ନଥିଲେ ।

### 2.2.9 ରାଜ୍ୟ ପ୍ରଦୂଷଣ ବୋର୍ଡର କାର୍ଯ୍ୟ ସଂପାଦନ

### 2.2.9.1 ଅଣବିକଶିତ ପରିଚାଳନା ତଥ୍ୟ ପଦ୍ଧତି

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 516 ଗୋଟି ଉଦ୍ୟୋଗଗୁଡିକୁ ସିଧାସଳଖ ଏବଂ 6999 ଉଦ୍ୟୋଗଗୁଡିକୁ ଆଞ୍ଚଳିକ କାର୍ଯ୍ୟାଳୟ ମାଧମରେ ପରିଚାଳନା କରିଥାଏ । କମ୍ପ୍ୟୁଟର ଭିତ୍ତିକ ପରିଚାଳନା ତଥ୍ୟ ପଦ୍ଧତିର ଅନୁପସ୍ଥିତିରେ କେତେ ସଂଖ୍ୟାର ଉଦ୍ୟୋଗ ସତ୍ୟାପନ ପାଇଁ ବାକି ଅଛି, କେତେ ସଂଖ୍ୟକ ଉଦ୍ୟୋଗ ସତ୍ୟାପିତ ହୋଇଛନ୍ତି, କେତେ ସଂଖ୍ୟକ ସଂସ୍ଥା ପ୍ରତିଷ୍ଠା / ଚାଲୁକରିବା ସମ୍ମତି ନଥାଇ ଚାଲୁ ରହିଛନ୍ତି ତଥା କେତେ ସଂଖ୍ୟକ ସଂସ୍ଥାମାନଙ୍କ ଉପରେ ଜଳ ଦେୟ ବକେୟା ଅଛି ତାହାର ସତ୍ୟାପନ କରାଯାଇ ପାରି ନଥିଲା ।

ଆଞ୍ଚଳିକ କାର୍ଯ୍ୟାଳୟ ଅନୁଗୁଳରେ 1180 ଗୋଟି ବିଭିନ୍ନ ପ୍ରକାରର ଉଦ୍ୟୋଗଗୁଡିକ ଯଥା ପ୍ରସ୍ତର ପେଷଣ ସଂସ୍ଥା (ଏସସିୟୁଏସ), ହଟ ମିକ୍ସ(ଆରଏସ) ତଥା ଆଲୁମିନିୟମ କାରଖାନାଗୁଡିକ ରାଜ୍ୟ ପ୍ରଦୂଷଣ ବୋର୍ଡର ସମ୍ମତି ପ୍ରଶାସନ ଦ୍ୱାରା 31 ମାର୍ଚ୍ଚ 2014 ସୁଧା ଚାଲୁ ରହିଥିଲା । ତେବେବି, ସବୁ ଉଦ୍ୟୋଗଗୁଡିକର ବର୍ତ୍ତମାନର ଅବସ୍ଥା ସମୀକ୍ଷା ନିମନ୍ତେ ପରିବେଷଣ କରାଯାଇ ନଥିଲା ।

ସତ୍ୟତା ସ୍ୱୀକାର କରି ସରକାର ଜଣାଇଲେ(ଅକ୍ଟୋବର 2014) ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାନବ ସମ୍ବଳରେ ସ୍ଥାପନା ଯାହାକି ବର୍ତ୍ତମାନ ଆରମ୍ଭ ହୋଇଯାଇଅଛି । ବିନିଯୋଗ କରି ବହୁଶୀଘ୍ର ପରିଚାଳନା ତଥ୍ୟ ପଦ୍ଧତିର ସଫ୍‌ଟୱାର ବିକାଶ କରିବ ।

### 2.2.9.2 ପ୍ରତିଷ୍ଠା / ଚାଲୁ କରିବା ସମ୍ମତି ନଥାଇ ଉଦ୍ୟୋଗ/ ୟୁନିଟ୍ ଗୁଡିକୁ ଚାଲୁ ରଖିବା

ବଛାଯାଇଥିବା ଆଞ୍ଚଳିକ କାର୍ଯ୍ୟାଳୟଗୁଡିକର ନଥିପତ୍ର ଯାଞ୍ଚ୍ କରିବା ଦ୍ୱାରା ଦେଖାଗଲା ଯେ ନିମ୍ନଦର୍ଶିତ ଉଦ୍ୟୋଗଗୁଡିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିଷ୍ଠା କରିବା/ ଚାଲୁ କରିବା ସମ୍ମତି ନଥାଇ ଚାଲୁ ରହିଥିଲା ।

- ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା 12 ଗୋଟି ହଟ୍ ମିକ୍ସ କାରଖାନା(ଏଚଏମପିସ) ମଧ୍ୟରୁ ଚାରିଗୋଟିରେ ପ୍ରତିଷ୍ଠା କରିବା / ଚାଲୁ କରିବା ସମ୍ମତି ଥାଇ ଚାଲୁଥିଲା । ବାକି ଆଠ ଗୋଟି କାରଖାନାର କୌଣସି ସୂଚନା ଉପଲବ୍ଧ ନଥିଲା । ହଟ୍ ମିକ୍ସ କାରଖାନାଗୁଡିକର ଅବସ୍ଥା ଜାଣିବା ପାଇଁ ସମୀକ୍ଷା ଦଳ ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟରେ ଏକକ ଅଧିକାରୀଙ୍କ ଉପସ୍ଥିତିରେ ବଡକେରା, ଅନୁଗୁଲ ଠାରେ ଥିବା ଏକ ହଟ୍ ମିକସ କାରଖାନାର 05 ଜୁଲାଇ 2014 ଦିନ ଯୁଗ୍ମ ନିରୀକ୍ଷଣ କରିଥିଲେ । ଯଦିଓ ସେହି କାରଖାନାଟିକୁ ଆଞ୍ଚଳିକ ଅଧିକାରୀ 42 ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଯୋଗୁଁ ପ୍ରତିଷ୍ଠା କରିବା ସମ୍ମତି ଦେବା ପାଇଁ ମନା କରିଥିଲେ(ଜୁନ୍ 2014) ଏହା ଦେଖାଗଲା ଯେ କାରଖାନାଟି ଆପାତତଃ ଚାଲୁ ରହିଥିଲା କାରଣ ପିଚୁ ଏବଂ ଗୋଡି ଭଳି ସାମଗ୍ରୀ କାରଖାନା ପରିସର ମଧ୍ୟରେ ଜମା ହୋଇଥିଲା ।

ଉତ୍ତରରେ ସରକାର ଜଣାଇଲେ (ଅକ୍ଟୋବର 2014) ଯେ, ଆଠଗୋଟି ହଟ୍ ମିକ୍ସ କାରଖାନା ମଧ୍ୟରୁ ଛଅ ଗୋଟି ବହୁଦିନ ଧରି କାର୍ଯ୍ୟ କରୁନଥିଲା, ଗୋଟିଏ କାରଖାନା ଭାଙ୍ଗି ଯାଇଅଛି ଏବଂ ବଡକେରା, ଅନୁଗୁଳଠାରେ ଥିବା କାରଖାନାଟିକୁ ପୁଣି ଥରେ ସ୍ଥାନାନ୍ତରଣ ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ।

- ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା 28 ଗୋଟି ମିନେରାଲ ଷ୍ଟାକ୍ ୟାର୍ଡ (ଏମଏସ୍‌ୱାଇ) ମଧ୍ୟରୁ 15 ଗୋଟି ପ୍ରତିଷ୍ଠା କରିବା / ଚାଲୁକରିବା ସମ୍ମତି ବିନା ଚାଲୁ ରହିଥିଲା । ପୁନଶ୍ଚ, ପ୍ରତିଷ୍ଠା କରିବା ସମ୍ମତିରେ ବଗିଗୁଡିକରେ ସାମଗ୍ରୀ ପରିବହନ କରିବା ସମୟରେ ଟାରପଲିନ୍ ଚଦର ଘୋଡାଇ ପରିବହନ କରିବାର ନିର୍ଦ୍ଦିଷ୍ଟ ସର୍ତ୍ତ ଥିବା ସତ୍ତ୍ୱେ ମଞ୍ଚେଶ୍ୱର ରେଳ ଷ୍ଟେସନର ବସ୍ତୁଗତ ସତ୍ୟାପନ ଦ୍ୱାରା ଦେଖାଗଲା ଯେ ବଗିଗୁଡିକୁ ଚଦରରେ ଆଚ୍ଛାଦିତ ନକରି ପରିବହନ କରାଯାଉଥିଲା ଯାହା ଦ୍ୱାରାକି ବାୟୁ ପ୍ରଦୂଷିତ ହେଉଥିଲା ।


ମଞ୍ଚେଶ୍ୱର ରେଳ ଷ୍ଟେସନ, ଭୁବନେଶ୍ୱରଠାରେ ଖୋଲା ରେଲୱେବଗିରେ ଖଣିଜଦ୍ରବ୍ୟ ପରିବହନ

  ସରକାର ଉତ୍ତରରେ କହିଲେ (ଅକ୍ଟୋବର 2014) ଯେ, 28 ଗୋଟି ମିନେରାଲ ଷ୍ଟାକ୍ ୟାର୍ଡ ମଧ୍ୟରୁ 22 ଗୋଟି କାର୍ଯ୍ୟ କରୁ ନଥିଲା । କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ସବୁ ମିନେରାଲ ଷ୍ଟାକ୍ ୟାର୍ଡଗୁଡିକରେ କ୍ଷତିକାରକ ସାମଗ୍ରୀ ଥିବା ଯୋଗୁଁ ସମ୍ଭାବିତ ପରିବେଶ ଅବନ୍ନତିକୁ ଏଡାଇବା ନିମନ୍ତେ ଜିଲ୍ଲା ପ୍ରଶାସକଙ୍କ ସାହାଯ୍ୟ ନେଇ ବନ୍ଦ କରି ନଥିଲେ ।

- ଯେଉଁସବୁ ପ୍ରସ୍ତର ପେଷଣ ୟୁନିଟ୍ ଗୁଡିକ (ଏସ୍‌ସିୟୁ) ପ୍ରଚଳିତ ମାନଦଣ୍ଡକୁ ପାଳନ ନକରି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ମତି ନଥାଇ ଚାଲୁ ରହିଥିଲା , ସେହି ସବୁ ୟୁନିଟ୍‌ଗୁଡିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ (ଜୁନ୍ 2010) । ଉକ୍ତ ନିର୍ଦ୍ଦେଶନାମାରେ ଜିଲ୍ଲା ପ୍ରଶାସନର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସହଯୋଗ କରି ପ୍ରସ୍ତର ପେଷଣ ୟୁନିଟ୍ ଗୁଡିକୁ ବନ୍ଦ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଥିଲା । ନଥିପତ୍ରର ଯାଞ୍ଚ୍ କରିବା ଦ୍ୱାରା ଜଣାପଡିଲା ଯେ 1932 ପ୍ରସ୍ତର ପେଷଣ ୟୁନିଟ୍ ମଧ୍ୟରୁ 744 ଗୋଟିକୁ ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇଥିଲା । ତେବେବି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏପ୍ରିଲ 2014 ସୁଦ୍ଧା 159 ଗୋଟି ପ୍ରସ୍ତର ପେଷଣ ୟୁନିଟକୁ ବନ୍ଦ କରିଥିଲା ଏବଂ ବାକି 585 ୟୁନିଟ୍ କାର୍ଯ୍ୟ ଚାଲୁ ରଖିଥିଲା 03 ଜୁଲାଇ 2014ରେ । ସମୀକ୍ଷା ଦ୍ୱାରା ଅନୁଗୁଳ ଆଞ୍ଚଳିକ କାର୍ଯ୍ୟାଳୟର ଏକକ ପ୍ରତିନିଧି ସହିତ ହୋଇଥିବା ଯୁଗ୍ମ ନିରୀକ୍ଷଣ ଦ୍ୱାରା ଚାରିଗୋଟି ମୁଦ ହୋଇଥିବା ପ୍ରସ୍ତର ପେଷଣ ୟୁନିଟ୍ ମଧ୍ୟରୁ ଦୁଇଗୋଟି ମୁଦ ହୋଇଥିବାର ଜଣାପଡିଲା । ତୃତୀୟ ମୁଦ ହୋଇଥିବା ପ୍ରସ୍ତର ପେଷଣ ୟୁନିଟଟି ରାଜ୍ୟ ପ୍ରଦୂଷଣ ବୋର୍ଡର ପ୍ରତିଷ୍ଠା କରିବା ସମ୍ମତି ବିନା ଏକ ହଟ୍ ମିକ୍ସ କାରଖାନା ଚାଲୁରଖିଥିଲା । ଚତୁର୍ଥ ପ୍ରସ୍ତର ପେଷଣ ୟୁନିଟଟି ଚାଲୁ ରହିଥିବାର ଦେଖାଗଲା, ଯେହେତୁ ଏହାର ମୁଦ ଭଙ୍ଗାଯାଇଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଏହି ସବୁ ୟୁନିଟଗୁଡିକୁ ବନ୍ଦ କରିବାରେ ଜିଲ୍ଲା ପ୍ରଶାସନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

- ଅନୁଗୁଳରେ ଥିବା ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) କୁ ଏକ ନିର୍ଦ୍ଦିଷ୍ଟ ସର୍ତ୍ତ ରଖି ଓ ଡିସେମ୍ବର 2002 ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ଯଥା- ଇନସିନେଟର/ ଅଟୋକ୍ଲେଭ୍ / ମାଇକ୍ରୋ ୱେଭ୍ ପଦ୍ଧତି ବ୍ୟବହାର କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ ବର୍ଷ ପାଇଁ ପ୍ରତିଷ୍ଠା କରିବା ସମ୍ମତି ପ୍ରଦାନ କରିଥିଲା , ତେବେବି ସ୍ୱାସ୍ଥ୍ୟକେନ୍ଦ୍ରର ଅପ୍ରଚୁର ଜୈବ ବସ୍ତୁ ଅପଚୟ ପରିଚାଳନା କାର୍ଯ୍ୟପଦ୍ଧତି କାରଣରୁ ଚାଲୁ କରିବା ସମ୍ମତିର ପ୍ରଦାନ / ନବୀକରଣକୁ ବିଚାରଭୁକ୍ତ କରାଯାଇ ପାରି ନଥିଲା । ଏହା ସତ୍ତ୍ୱେ ବି ସ୍ୱାସ୍ଥ୍ୟ କେନ୍ଦ୍ରଟି ଚାଲୁ କରିବା ସମ୍ମତି ବିନା 12 ବର୍ଷରୁ ଉର୍ଦ୍ଧ କାଳ ଚାଲୁ

ରହିଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ଛଡା ଅନ୍ୟ କୌଣସି ପଦକ୍ଷେପ ନେଇପାରି ନଥିଲା ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ଏହି ୟୁନିଟକୁ ପ୍ରାଧିକରଣର ପ୍ରତ୍ୟାଖ୍ୟାନ ଯୋଗୁଁ ସେପ୍ଟେମ୍ବର 2014 ରେ କାରଣ ଦର୍ଶାଅ ନୋଟିସ ଜାରୀ କରିଯାଇଅଛି ।

### 2.2.9.3 ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉଦ୍ୟୋଗ / ୟୁନିଟ୍ ବନ୍ଦ କରିବା ନିର୍ଦ୍ଦେଶ ଜାରି କରିବା ସତ୍ତ୍ୱେ ମଧ୍ୟ ବନ୍ଦ କରିବାରେ ବିଫଳତା

- ଗୋଟିଏ ୟୁନିଟକୁ ବାର୍ଷିକ 11,200 ମେଟ୍ରିକ୍ ଟନ୍ ଫେଲାମାଙ୍ଗାନିଜ୍ ନିର୍ମାଣ / ଉତ୍ପାଦନ କରିବା ପାଇଁ ପ୍ରତିଷ୍ଠା କରିବା ସମ୍ମତି ପ୍ରଦାନ କରିଥିଲା (ଜୁଲାଇ 2007) ଏବଂ ପରବର୍ତ୍ତୀ କାଳରେ ଚାଲୁ କରିବା ସମ୍ମତି(ନଭେମ୍ବର 2009) ପ୍ରଦାନ କରିଥିଲା ଯାହାକି 31 ମାର୍ଚ୍ଚ 2010 ପର୍ଯ୍ୟନ୍ତ ବିଧିମାନ୍ୟ ଥିଲା । ଏହି ୟୁନିଟ୍ ଚାଲୁ କରିବା ସମ୍ମତିକୁ 31 ମାର୍ଚ୍ଚ 2011 ପର୍ଯ୍ୟନ୍ତ ନବୀକରଣ କରିବା ପାଇଁ ଦରଖାସ୍ତ କରିଥିଲା (ମାର୍ଚ୍ଚ 2010) । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ୟୁନିଟର ନବୀକରଣ ନିମନ୍ତେ ନିରୀକ୍ଷଣ କଲା (ଅକ୍ଟୋବର 2010) ଏବଂ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଲା (ମେଇ 2011) ଏହି ସମୟରେ ୟୁନିଟ୍ ଚାଲୁ କରିବା ସମ୍ମତିର 31 ମାର୍ଚ୍ଚ ପର୍ଯ୍ୟନ୍ତ ନବୀକରଣ ନିମନ୍ତେ ପୁଣି ଥରେ ଦରଖାସ୍ତ କଲା (ମାର୍ଚ୍ଚ 2011) । ଯାହାକୁ କି ବନ୍ଦ କରିବା ନିର୍ଦ୍ଦେଶ ସତ୍ତ୍ୱେ 31 ମାର୍ଚ୍ଚ 2012 ପର୍ଯ୍ୟନ୍ତ ମଞ୍ଜୁରୀ (ଜୁନ୍ 2011) ଦିଆଯାଇଥିଲା । ଏହି ମଧ୍ୟବର୍ତ୍ତୀ ସମୟରେ ୟୁନିଟଟି 2010-11 ମଧ୍ୟରେ ଚାଲୁ କରିବା ସମ୍ମତି ନଥାଇ କାର୍ଯ୍ୟ ଚାଲୁରଖିଥିଲା ଏବଂ ଶେଷ ନିରିକ୍ଷଣ (ଏପ୍ରିଲ୍ 2012) ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ବର୍ଷ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ପ୍ରକାରର ଅଧିକର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ସୂତ୍ରପାତ ହୋଇନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଏହି ୟୁନିଟ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚାଲୁ କରିବା ସମ୍ମତି ବିନା କାର୍ଯ୍ୟ ଆରମ୍ଭ ନକରିବା ପାଇଁ ନିର୍ଦ୍ଦେଶ (ଅକ୍ଟୋବର 2014) ଦିଆଯାଇଅଛି ।

- ଗୋଟିଏ ୟୁନିଟକୁ ବାଣିଜ୍ୟିକ ଉତ୍ପାଦନ କରିବାର ତିନିମାସ ପୂର୍ବରୁ ଚାଲୁ କରିବାର ସମ୍ମତି ଆବେଦକ କରିବାର ସର୍ତ୍ତ ରଖି ଦିନକୁ 10,000 ଗୋଟି ଭାଟି ପୋଡା ଇଟା ନିର୍ମାଣ/ ଉତ୍ପାଦନ କରିବା ପାଇଁ ପ୍ରତିଷ୍ଠା କରିବା ସମ୍ମତି( ଏପ୍ରିଲ୍ 2007) ଦିଆଯାଇଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିରୀକ୍ଷଣ କରିବା ସମୟରେ (ଡିସେମ୍ବର 2013) ଦେଖିଲା ଯେ ଏହି ୟୁନିଟଟି ଚାଲୁକରିବା ସମ୍ମତି ବିନା ଚାଲୁ ରହିଥିଲା ଏବଂ ଏଥିପାଇଁ ବନ୍ଦ କରିବା ନିର୍ଦ୍ଦେଶ ଦେଇଥିଲା । ତେବେବି, ଏହି ୟୁନିଟ୍ ସମୀକ୍ଷା ହୋଇଥିବା ତାରିଖ ସୁଦ୍ଧା ବନ୍ଦ କରାଯାଇ ନଥିଲା ।

ରାଜ୍ୟ ସରକାର କହିଲେ (ଅକ୍ଟୋବର 2014) ଯେ ଅନୁଗୁଳ ଜିଲ୍ଲାପାଳଙ୍କୁ ଏହି ୟୁନିଟକୁ ବନ୍ଦ କରିବା ପାଇଁ ଏକ ଅନୁସ୍ମାରକ ଦିଆଯାଇଅଛି (ସେପ୍ଟେମ୍ବର 2014) ।

### 2.2.9.4 ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅପ୍ରଚୁର ସଂଖ୍ୟକ ବୋର୍ଡ ସଭାର ଆୟୋଜନ

ଜଳ (ପିସିପି) ଅଧିନିୟମ, 1974 ର ଧାରା 8 ଏବଂ ବାୟୁ(ପିସିପି) ଅଧିନିୟମ 1981 ର ଧାରା 10 ଅନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତି ତିନି ମାସକୁ ଥରେ ଭେଟିବା ଏବଂ କାର୍ଯ୍ୟ ସଂପାଦନ ବିଷୟରେ ବିହିତ ହୋଇଥିବା ସମସ୍ତ ନିୟମାବଳୀକୁ ପାଳନ କରିବା କଥା ।

ଏହା ଅବଲୋକନ କରାଗଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନ୍ୟୁନତମ 20 ଟି ବୋର୍ଡ ସଭା ବୈଠକ ସଞ୍ଚାଳନ କରିବା ପରିବର୍ତ୍ତେ 10 ଗୋଟି ସଭା ବୈଠକ ଆୟୋଜିତ କରିଥିଲା । ପୁନଶ୍ଚ, ମୋଟ 17 ଜଣ ବୋର୍ଡ ସଦସ୍ୟମାନଙ୍କ ମଧ୍ୟରୁ 5 ରୁ 11 ଅଣ ସଦସ୍ୟ ପ୍ରତି ବୋର୍ଡ ସଭାରେ ଅନୁପସ୍ଥିତ ରହିଥିଲେ ।

ଯେହେତୁ ନାନାବିଧ ବିଷୟ ଯଥା ଉଦ୍ୟୋଗଗୁଡିକର ସମୟାନୁସାରେ ମନିଟର କରିବା, ବିଭିନ୍ନ ଉଦ୍ୟୋଗ ବା ୟୁନିଟ୍ ଗୁଡିକୁ ସମ୍ମତି ପ୍ରଶାସନ ଅନ୍ତର୍ଭୁକ୍ତ କରିବା ଏବଂ ବିଭିନ୍ନ ବୈଧାନିକ ଏଜେନସିମାନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପ୍ରଦୂଷଣ ରୀତିକୁ ଅବମାନନା ଉପରେ ଆଲୋଚନା କରିବା ଜରୁରୀ ଅଟେ । ସେଥିପାଇଁ ଦରକାର ସଂଖ୍ୟକ ବୋର୍ଡ ସଭା ବୈଠକର ଆୟୋଜନ ଆବଶ୍ୟକ ଅଟେ ।

ସତ୍ୟତା ସ୍ୱୀକାର କରି ରାଜ୍ୟ ସରକାର ଦର୍ଶାଇଲେ(ଅକ୍ଟୋବର 2014) ଯେ ଉପରୋକ୍ତ ବିଷୟଗୁଡିକ ଉପରେ ବୋର୍ଡ ସଭାର 107 ତମ ବୈଠକରେ ସମସ୍ତ ସଦସ୍ୟମାନଙ୍କୁ ପରବର୍ତ୍ତୀ ସଭା ବୈଠକଗୁଡିକରେ ଉପସ୍ଥିତ ସୁନିଶ୍ଚିତ କରିବା ନିମନ୍ତେ ଦର୍ଶାଯାଇଥିଲା ଉତ୍ତର କିନ୍ତୁ ଜଳ (ପିସିପି) ଅଧିନିୟମ, 1974 ଏବଂ ବାୟୁ(ପିସିପି) ଅଧିନିୟମ 1981 ଦ୍ୱାରା ଧାର୍ଯ୍ୟ ସଂଖ୍ୟକ ବୋର୍ଡ ସଭା ବୈଠକର ଆୟୋଜନ ନକରିବା ଉପରେ ନୀରବ ଥିଲା ।

## 2.2.10 ଅନୁଦାନ ଏବଂ ଅନ୍ୟ ପାଣ୍ଠି ଗୁଡିକର ଉପଯୋଗ

### 2.2.10.1 ଜଳ ଉପକରର ନିର୍ଦ୍ଧାରଣ

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାନଙ୍କର ସମ୍ବଳକୁ ବୃଦ୍ଧି କରିବା ତଥା ଜଳ ପ୍ରଦୂଷଣର ନିବାରଣ ଏବଂ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଉଦ୍ୟୋଗଗୁଡିକର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କରେ ବ୍ୟବହାର ହେଉଥିବା ଜଳ ଉପରେ କର ବସାଇବା ଏବଂ ତାହାକୁ ଅସୁଲ କରିବା ପାଇଁ ଜଳ (ପିସିପି) ଉପକର ଅଧିନିୟମ, 1977 ର ବିଦ୍ୟମାନ୍ୟତା ହୋଇଥିଲା । ଏହି ଅଧିନିୟମର ଧାରା 3 କୁ ଧାରା 6(4) ସହିତ ପଢି ଏବଂ ଧାରା 8 ଅନୁସାରେ ରାଜ୍ୟ ସରକାର ଯେଉଁ ବ୍ୟକ୍ତିମାନେ ଜଳ ଉପକର ଦେବା ପାଇଁ ଦାୟୀ ଅଟନ୍ତି ସେମାନଙ୍କଠାରୁ କର ଅସୁଲ କରି ଏହାକୁ ଭାରତର ଏକତ୍ରୀକୃତ ପାଣ୍ଠିରେ ଜମା କରିବା କଥା । ଜନାଦେଶ ଅନୁସାରେ ପ୍ରଦୂଷଣ କମାଇବା କାର୍ଯ୍ୟକ୍ରମ ପାଇଁ ଜଳ ଉପକରର ସମୟାବଦ୍ଧ ନିର୍ଦ୍ଧାରଣ ଏବଂ ଅସୁଲ ଦରକାରୀ ଅଟେ ।

ନଥିପତ୍ରର ଯାଞ୍ଚ ପରେ ଜଣାପଡିଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ ଉଦ୍ୟୋଗମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଜଳ ପରିମାଣର ତଥ୍ୟ ସାରଣୀ ଅନୁରକ୍ଷଣ କରି ନଥିଲା । ଫଳରେ ଉଦ୍ୟୋଗ/ ୟୁନିଟ୍ ଗୁଡିକର ବସ୍ତୁଗତ ସତ୍ୟାପନ ପରେ ଜଳ ଉପକର ବସାଯାଇଥିଲା । ପୁନଶ୍ଚ ଅଧିନିୟମ ଅନୁସାରେ ଜଳ ଉପକର ବିବରଣୀର ଉପସ୍ଥାପନାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମନିଟର କରାଯାଉ ନଥିଲା । 2009-14 ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 25.91 କୋଟି ଟଙ୍କା ଜଳ ଉପକର ନିର୍ଦ୍ଧାରିତ କରିଥିଲା ଏବଂ 25.14 କୋଟି ଟଙ୍କା ଅସୁଲ କରିଥିଲା । ପୁନଶ୍ଚ, ଏକ ଉଦ୍ୟୋଗର ନଥିପତ୍ର ଯାଞ୍ଚ କଲା ପରେ ଜଣାପଡିଲା ଯେ ଉଦ୍ୟୋଗଟି ପ୍ରାରମ୍ଭରୁ ହିଁ ଜଳ ଉପକରର ବିବରଣୀ ଉପସ୍ଥାପନ କରି ନଥିଲା, ଯାହାଦ୍ୱାରା ଜଣାପଡିଲା ଯେ ଉଦ୍ୟୋଗଟି ଆଦୌ ଜଳ ଉପକର ଦେଇ ନଥିଲା ।

ସରକାର ୟୁନିଟ୍ ଗୁଡିକ ବ୍ୟବହାର କରୁଥିବା ଜଳ ପରିମାଣ ଉପରେ ନିର୍ଦ୍ଧାରିତ ଏବଂ ଅସୁଲ ହୋଇଥିବା ଜଳ କରର ବିସ୍ତାରିତ ବିବରଣୀ ସାରଣୀର ଅନୁପସ୍ଥିତ ତଥ୍ୟକୁ ସ୍ୱୀକାର କରି ଦର୍ଶାଇଲେ (ନଭେମ୍ବର 2014) ଯେ ନିର୍ଦ୍ଧାରିତ ଏବଂ ଅସୁଲ ଜଳ କରର ଶିଘ୍ର ସମ୍ବନ୍ଧିତ ସୂଚନା ଖୁବ୍ ଶୀଘ୍ର ଉପଲବ୍ଧ ହେବ ।

### 2.2.10.2 ଓଡିଶା ପରିବେଶ ପରିଚାଳନା ପାଣ୍ଠିର ଉପଯୋଗ

ଅବିରତ ଭାବରେ ପରିବେଶର ଉନ୍ନତି କରିବାଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଶା ପରିବେଶ ପରିଚାଳନା ପାଣ୍ଠି (ଓଇଏମଏଫ୍) ନାମରେ ଏକ ସଂଗୃହୀତ ପାଣ୍ଠି ସୃଷ୍ଟି କରାଗଲା (ଡିସେମ୍ବର 2006) । ଏହି ଓଇଏମଏଫ୍ ପାଣ୍ଠିର ପରିଚାଳନା ଦାୟିତ୍ୱର ଜଙ୍ଗଲ ଓ ପରିବେଶ ବିଭାଗର ମୁଖ୍ୟ ଭୂମିକା ଥିଲା ।

ନଥିପତ୍ରଗୁଡିକ ଯାଞ୍ଚ କରିବା ଦ୍ୱାରା ଜଣାପଡିଲା ଯେ ବିଭିନ୍ନ ଉଦ୍ୟୋଗ/ ୟୁନିଟ୍ ଗୁଡିକରୁ 31 ମାର୍ଚ୍ଚ 2014 ସୁଦ୍ଧା ପ୍ରାପ୍ତି ହୋଇଥିବା ମୋଟ 44.87 କୋଟି ଟଙ୍କା ପାଣ୍ଠି ମଧ୍ୟରୁ 2010-11 ପର୍ଯ୍ୟନ୍ତ କେବଳ 4.60

କୋଟି ଟଙ୍କା ବୃକ୍ଷରୋପଣ କାର୍ଯ୍ୟରେ ଖର୍ଚ୍ଚ ହୋଇଥିଲା । ତେବେବି ଜଙ୍ଗଲ ଓ ପରିବେଶ ବିଭାଗ ପ୍ରଦୂଷଣ ହ୍ରାସ କରିବା ପାଇଁ 2011-12 ଠାରୁ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲା ଯାହାକି ଓଡିଶା ପରିବେଶ ପରିଚାଳନା ପାଣ୍ଠିର ସୃଷ୍ଟି ହେବାର ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

ଉତ୍ତରରେ ସରକାର ଦର୍ଶାଇଲେ (ନଭେମ୍ବର 2014) ଯେ ପ୍ରର୍ଦ୍ଦୂଷଣ ହ୍ରାସ କରିବା ପାଇଁ ଯଥା ଛୋଟ ସହରଗୁଡିକର ପୌରସଂସ୍ଥା ଗୁଡିକରେ ଏସଟିପି ଗୁଡିକର ପାହ୍ୟା ବୃଦ୍ଧିକରଣ / ସ୍ଥାପନା ନିମନ୍ତେ ଏବେ ନିଷ୍ପତ୍ତି ନିଆଗଲା ।

## *2.2.11 ଭିତ୍ତିଭୂମିର ଯଥେଷ୍ଟତା*

### *2.2.11.1 କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିହ୍ନଟ କରିଥିବା କାର୍ଯ୍ୟ/ ପ୍ରକଳ୍ପ ଗୁଡିକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରଶାସନ ସମ୍ମତି ମଧକୁ ଆଣିବାରେ ବିଫଳତା*

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଉଦ୍ୟୋଗଗୁଡିକୁ ସମ୍ମତି ପ୍ରଦାନ ଏବଂ ତାଲିକାଭୁକ୍ତ କରିବା ସହିତ ଶ୍ରେଣୀଭୁକ୍ତ ସମାନତା ରକ୍ଷାକରିବାକୁ ନିର୍ଦ୍ଦେଶ ଦେଇଥିଲା ଏବଂ ସୁଲଭତା ଥିବା ପୁରୁଣା ତାଲିକାକୁ ପରିବର୍ତ୍ତନ କରିବା ପାଇଁ ଲାଲ (85), କମଳା(73) ଓ ସବୁଜ (86) ଶ୍ରେଣୀର ଉଦ୍ୟୋଗଗୁଡିକର ଏକ ଆଂଶିକ ପରିବର୍ତ୍ତିତ ତାଲିକା ଯୋଗାଇ ଦେଇଥିଲା । ତଥାପି ସମୀକ୍ଷା ଅବଲୋକନରେ ଜଣା ପଡିଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 124 ଗୋଟ[50] ଉଦ୍ୟୋଗଗୁଡିକୁ ସମ୍ମତି ପ୍ରଶାସନ ମଧ୍ୟରେ ଅନ୍ତର୍ଭୁକ୍ତ କରି ନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ଵାରା ଗଠିତ (ଫେବୃଆରୀ 2014) କାର୍ଯ୍ୟକାରୀ ଗୋଷ୍ଠୀଙ୍କ ଦ୍ଵାରା ବୈଜ୍ଞାନିକ ପଦ୍ଧତିରେ ଆଉଥରେ ସମୀକ୍ଷା କରି ଶ୍ରେଣୀଭୁକ୍ତ କରାଯାଇଥିବା ଚୂଡାନ୍ତ ବିବରଣୀକୁ ଅପେକ୍ଷା କରିଅଛି ।

### *2.2.11.2 ଗୃହ ନିର୍ମାଣ ଜନିତ ପ୍ରକଳ୍ପଗୁଡିକୁ ପ୍ରଶାସନ ସମ୍ମତି ପରିସରଭୁକ୍ତ ନକରିବା*

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରିଥିଲା (ସେପ୍ଟେମ୍ବର 2006) ଯାହାକି ପରିବେଶ ପ୍ରଭାବ ମୂଲ୍ୟ ନିର୍ଦ୍ଧାରଣ (ଇଆଇଏ) ବିଜ୍ଞପ୍ତି 2006 ନାମରେ ନାମିତ ହୋଇଥିଲା । ଯେଉଁଥିଲେ 20,000 ମିଟର$^2$ କିମ୍ବା ତଦୁର୍ଦ୍ଧ ପରିପୂର୍ଣ୍ଣ ଅଞ୍ଚଳରେ ଗୃହ ନିର୍ମାଣ ଜନିତ ପ୍ରକଳ୍ପ ଏବଂ 50 ହେକ୍ଟର କିମ୍ବା ତଦୁର୍ଦ୍ଧ ପରିପୂର୍ଣ୍ଣ ଅଞ୍ଚଳରେ ଥିବା ଛୋଟ ସହରଗୁଡିକୁ ପରିବେଶ ମଞ୍ଜୁରୀର ଆବଶ୍ୟକତା ଥିଲା । ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାର ୯୮ ତମ ବୋର୍ଡ ସଭାରେ  ପ୍ରକଳ୍ପଗୁଡିକୁ ସମ୍ମତି ପ୍ରଶାସନ ମଧରୁ ନେବା ପାଇଁ ସ୍ଥିର କରିବା ସହିତ ନିୟନ୍ତ୍ରଣ କରିବା ପାଇଁ ନୀତି ଓ ନିୟମର ସୂତ୍ରବଦ୍ଧ କରିଥିଲା ।

ଏହା ଦେଖାଗଲା ଯେ ଗୃହ ନିର୍ମାଣଜନିତ ପ୍ରକଳ୍ପଗୁଡିକୁ ପରିବେଶ ମଞ୍ଜୁରୀ ଦେବା ବେଳେ ବିଭିନ୍ନ ସର୍ତ୍ତ ଯଥା - (i) ପ୍ରକଳ୍ପଗୁଡିକର ଚାଲୁ କରିବା ପାଇଁ ପ୍ରାଧିକୃତ ହେବା ପୂର୍ବରୁ ଏସଟିପି ଗୁଡିକର ସଂସ୍ଥାପନ ସୁନିଶ୍ଚିତ କରିବା (ii) 20 ପ୍ରତିଶତ ଖୋଲା ଅଞ୍ଚଳରେ ସବୁଜୀକରଣ ଏବଂ ବୃକ୍ଷରୋପଣ କରିବା ଦରକାର । ଯଦିଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ଗୃହ ନିର୍ମାଣ ପ୍ରକଳ୍ପଗୁଡିକୁ ପ୍ରତିଷ୍ଠା କରିବା ସମ୍ମତି ଜାରୀ କରୁଥିଲା, ଚାଲୁ କରିବା ସମ୍ମତି ନିମନ୍ତେ ପାଉଣାର ସଂରଚନା ହୋଇ ନଥିବା ଯୋଗୁ ଚାଲୁ କରିବା ସମ୍ମତି ଜାରୀ କରି ପାରୁ ନଥିଲା (ଜୁଲାଇ 2014) ।

ସରକାର କହିଲେ (ଅକ୍ଟୋବର 2014) ଯେ ଏହି ସବୁ ପ୍ରକଳ୍ପଗୁଡିକୁ ପ୍ରଶାସନ ସମ୍ମତି ପ୍ରଦାନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସକ୍ରିୟ ଭାବରେ ବର୍ତ୍ତମାନ ବିଚାରଭୁକ୍ତ କରିଅଛି ।

---

50 13 ଟି ଲାଲ୍, 53 ଟି କମଳା ଏବଂ 58 ଟି ସବୁଜ ଶ୍ରେଣୀର ।

### 2.2.11.3 ଉତ୍ପାଦନ ପଦ୍ଧତି ସହିତ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣଗୁଡିକୁ ସଲଗ୍ନ କରିବା

ରାଜ୍ୟରେ ଥିବା ସମସ୍ତ ଉଦ୍ୟୋଗଗୁଡିକର ଉତ୍ପାଦନ ପଦ୍ଧତି ସହିତ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣଗୁଡିକୁ ସଲଗ୍ନକରିବା ଏବଂ ଉତ୍ପାଦନ ସମ୍ବନ୍ଧୀୟ ଉପକରଣଗୁଡିକ ଦ୍ୱାରା ଖର୍ଚ୍ଚ ହେଉଥିବା ବିଦ୍ୟୁତ୍ ଶକ୍ତି ପାଇଁ ପୃଥକ ପରିମାପକ ଯନ୍ତ୍ର ସ୍ଥାପନା ବନ୍ଦୋବସ୍ତ କରାଯାଇ ଏହି ଉପକରଣଗୁଡିକର କାର୍ଯ୍ୟକାରିତା ବିଷୟରେ ତଥ୍ୟ ଦେବା ପାଇଁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲା (23 ଜୁନ୍ 1999) ।

ଏହା ଦେଖାଗଲା ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଆଦେଶକୁ ଉଦ୍ୟୋଗମାନଙ୍କୁ ଜାରି କରିନଥିଲା । ପୁନଶ୍ଚ, କାର୍ଯ୍ୟ ଚାଲୁକରିବା ସମ୍ମତିରେ ବିଜୁଳି ପରିମାନକ ଯନ୍ତ୍ରର ସ୍ଥାପନା ଏବଂ ତାହାର ରକ୍ଷଣାବେକ୍ଷଣ କରିବାର ବ୍ୟବସ୍ଥା ଥାଇ ମଧ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ସହି ଦିଗଗୁଡିକ ନିରୀକ୍ଷଣ ବିବରଣୀରେ ଦର୍ଶାଇ ନଥିଲା ।

ଉତ୍ତରରେ ସରକାର କହିଲେ (ଅକ୍ଟୋବର 2014) ଯେ, ବୃହତ୍ ଶିଳ୍ପାନୁଷ୍ଠାନଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିଗୁଡିକୁ ଉଦ୍ଦେଶ୍ୟମୂଳକ ଭାବରେ କାର୍ଯ୍ୟରେ ବ୍ୟବହାର ନକରି କାର୍ଯ୍ୟ ଚାଲୁରଖିବା କ୍ୱଚିତ୍ ଦେଖିବାକୁ ମିଳିଥିଲା ଏବଂ ଏହି କାରଣରୁ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିଗୁଡିକର ଉତ୍ପାଦନ ଉପକରଣ ସହିତ ସଲଗ୍ନ କରିବାର ସର୍ତ୍ତ ଧିରେ ଧିରେ ଏହାର ପ୍ରାସଙ୍ଗିକତା ହରାଉଅଛି । ଏହା ମଧ ଦର୍ଶାଗଲା ଯେ ବିଜୁଳି ଶକ୍ତି ପରିମାନକ ଯନ୍ତ୍ରଗୁଡିକ ହସ୍ତକ୍ଷେପ ଦ୍ୱାରା ବଦଳା ଯାଇ ପାରୁ ନଥିବା ପ୍ରମାଣିତ ନଥିବା ଯୋଗୁଁ ଓ ପରିମାପକ ଯନ୍ତ୍ରର ପଠନ କରି ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତିଗୁଡିକ କରୁଥିବା ନିର୍ଣ୍ଣୟ କରିବା ସଂଭାବ୍ୟ ନଥିଲା ଏବଂ ପରିମାପକ ଯନ୍ତ୍ରପାତିଗୁଡିକର ବିପୁଳ ତଥ୍ୟଗୁଡିକୁ ଜେରା କରିବା ମଧ ସମ୍ଭବ ନଥିଲା । ସରକାର ମଧ ନିଶ୍ଚିତ କହିଥିଲେ ଯେ 31 ମାର୍ଚ୍ଚ 2015 ସୁଦ୍ଧା ଧାର୍ଯ୍ୟ ହୋଇଥିବା ସମୟ ସୀମା ମଧରେ ଅତ୍ୟଧିକ ପ୍ରଦୂଷଣ କରୁଥିବା ଉଦ୍ୟୋଗଗୁଡିକର ଅନଲାଇନ୍ ଷ୍ଟାକ୍ ପରିଚାଳନା ପଦ୍ଧତିର ସ୍ଥାପନା କଲା ପରେ ଏହି ସମସ୍ୟାର ସମାଧାନ ହୋଇଯିବ ।

### 2.2.11.4 ନିୟମିତ ପରିବେଶ ବାୟୁ ଗୁଣବତ୍ତା ପର୍ଯ୍ୟାଲୋଚନା କେନ୍ଦ୍ର ଏବଂ ପ୍ରତ୍ୟକ୍ଷ ଭାବେ ନିୟନ୍ତ୍ରିତ ନିର୍ଗମନ ପର୍ଯ୍ୟାଲୋଚନା ବ୍ୟବସ୍ଥାର ସଂପାଦନା ନ କରିବା

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ(ଜୁଲାଇ 2009) ପ୍ରତିଷ୍ଠା କରିବା ସମ୍ମତି/ କାର୍ଯ୍ୟ ଚାଲୁକରିବା ସମ୍ମତି ଦେଲା ବେଳେ (i) ବାୟୁ ଏବଂ ଜଳର ଗୁଣବତ୍ତା ପର୍ଯ୍ୟାଲୋଚନା କେନ୍ଦ୍ର ସହିତ ସଂପୂର୍ଣ୍ଣ ପରିକ୍ଷାଗାରର ସୁବିଧା (ii) ଇଆଇଏ 2006 ବିଜ୍ଞପ୍ତି ମୁତାବକ ଏ ବିଭାଗରେ ପର୍ଯ୍ୟାୟଭୁକ୍ତ ହେଉଥିବା ଶିଳ୍ପ କେନ୍ଦ୍ରକୁ ସ୍ଥାନୀୟ ପରିବେଶରେ ବାୟୁ/ ଜଳରେ ମୁଖ୍ୟ ଉପାଦାନ ଯଥା ଜଟିଳ ପ୍ରଦୂଷକ ବିଷୟରେ ତଥ୍ୟଗୁଡିକୁ ୱେବସାଇଟରେ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ । ପୁନଶ୍ଚ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧମ ଏବଂ ବୃହତ୍ତ ଶିଳ୍ପ ଯେଉଁଗୁଡିକ ଚିହ୍ନଟ କରାଯାଉଥିବା ବହୁଳ ପ୍ରଦୂଷଣ ସ୍ଥାନରେ ଅବସ୍ଥିତ ଥିଲେ ବା ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା 17 ଟି ଶିଳ୍ପ ଭିତରେ ଅନ୍ତର୍ଭୁକ୍ତ ଥିଲେ ସେହିଶିଳ୍ପକୁ ମାର୍ଚ୍ଚ 2011 ସୁଦ୍ଧା ନିୟମିତ ଚିମିନି ନିର୍ଗମନ / ଆବର୍ଜନା ଗୁଣବତ୍ତା ପର୍ଯ୍ୟାଲୋଚନା ବ୍ୟବସ୍ଥା ସହ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରର୍ଦୂଷଣ ନିୟନ୍ତ୍ରଣ ବୋର୍ଡ ପୋର୍ଟାଲ୍ ପ୍ରଦାନ କରିବା ନିର୍ଦ୍ଦେଶ ଦେଉଥିଲେ ।

ସରକାର ଉତ୍ତରରେ କହିଲେ ଯେ (ଅକ୍ଟୋବର 2014) କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସାଂପ୍ରତିକ ନିର୍ଦ୍ଦେଶ ଭିତ୍ତିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ 17 ଟି ଶିଳ୍ପ ସଂସ୍ଥାରୁ 31 ମାର୍ଚ୍ଚ 2015 ସୁଦ୍ଧା ସେହି ଅନଲାଇନ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କ୍ ଗ୍ୟାରେଣ୍ଟି ପ୍ରାପ୍ତ କରାଯାଇଛି ।

### 2.2.11.5 ଅନଲାଇନ୍ ସମ୍ମତି ପରିଚାଳନା ଏବଂ ପର୍ଯ୍ୟାଲୋଚନା ପଦ୍ଧତି ଚାଲୁ କରିବାରେ ମାତ୍ରାତିରିକ୍ତ ବିଳମ୍ବ

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅନଲାଇନ୍ ସମ୍ମତି ପରିଚାଳନା ଏବଂ ପର୍ଯ୍ୟାଲୋଚନା ପଦ୍ଧତି(ଓସିଏମଏମଏସ) ପ୍ରକଳ୍ପଟି ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନଆଇସି)କୁ ପ୍ରଦାନ କରାଯାଇଥିଲା ଏବଂ ଏହା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା କାର୍ଯ୍ୟାନ୍ୱିତ ହେବାର ଥିଲା । ଏହି ପ୍ରକଳ୍ପଟି ଜଳ ଏବଂ ବାୟୁ ଆଇନ୍ ପରିସର ମଧ୍ୟରେ ଥିବା ସମସ୍ତ ବର୍ଗର ଶିଳ୍ପ/ବିଦ୍ୟମାନ ବସ୍ତୁ/ କାର୍ଯ୍ୟପ୍ରଣାଳୀ ଦ୍ୱାରା ସିଟିଇ/ସିଟିଓ ଦରଖାସ୍ତଗୁଡିକର ଅନଲାଇନ୍ ପ୍ରକ୍ରିୟାକରଣ ପାଇଁ ଉଦ୍ଦିଷ୍ଟ ଥିଲା । ତଦନୁସାରେ କଥିତ ପ୍ରକଳ୍ପ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନଆଇସି ସହ ଏକ ଚୁକ୍ତି କରିଥିଲା । ପ୍ରକଳ୍ପଟିର ପୂର୍ଣ୍ଣ ପରିଚାଳନା ପାଇଁ ଆକଳନ ସମୟ ଚାରି ମାସ ଥିଲା ।

ଏହି ପଦ୍ଧତିକୁ କାର୍ଯ୍ୟାନ୍ୱିତ କରିବା ସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନାନାବିଧ କଟକଣାର ସମ୍ମୁଖୀନ ହେଲା ଯଥା ଦରକାସ୍ତ ସହ ଆନୁଷଙ୍ଗିକ ନଥିର ଅପଲୋଡିଂ କରିବା, ସମକାଳିନ ଭାବରେ ଉଭୟ ବାୟୁ ଓ ଜଳ ସମ୍ମତ ଦରଖାସ୍ତର ପ୍ରକ୍ରିୟା କରଣ ନହେବା, ସ୍ୱତନ୍ତ୍ର ଲିପି(<,>,@, #, $, .ଇତ୍ୟାଦି) ଏବଂ ସାରଣୀ ସ୍ୱୀକୃତ ନହେବା । ଏହି ବିଷୟଗୁଡିକର ସମାଧାନ ନିମନ୍ତେ ଏବଂ ବର୍ଷ ମଧ୍ୟରେ ପଦ୍ଧତିର ଅତିରିକ୍ତ ପାହ୍ୟା ବୃଦ୍ଧିକରଣ ପାଇଁ ଏନଆଇସି ପ୍ରସ୍ତାବ ଦେଲା(ଫେବୃୟାରୀ 2014) ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା କମ୍ପ୍ୟୁଟର ଭିତ୍ତିଭୂମି, ଜନଶକ୍ତି ପ୍ରଶିକ୍ଷଣ ଏବଂ ବ୍ୟବହାରକାରୀ ଅବଗତର ଉନ୍ନତି କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଅଛି ।

### 2.2.12 ଉପସଂହାର

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୁଳ-ତାଳଚେର ଏବଂ ଇବ୍ ଉପତ୍ୟକା-ଝାରସୁଗୁଡା ଅଂଚଳକୁ ଅତିରିକ୍ତ ପ୍ରଦୂଷିତ ଅଂଚଳ ଭାବରେ ଚିହ୍ନଟ କରିଥିଲେ ଏବଂ ଏଠାରେ ପରିବେଶ ଗୁଣବତ୍ତାର ଉନ୍ନତି ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଏକ ସମୟାବଦ୍ଧ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅବଲୋକନ କରିଥିଲେ ଯେ ଏହି ଅଂଚଳରେ ବାୟୁ / ଜଳ ଗୁଣବତ୍ତାରେ ଉନ୍ନତି ଅଣାଯାଇପାରି ନାହିଁ । ପିସିଇ ଗୁଡିକର ସମୟୋଚିତ ସଂସ୍ଥାପନ ସୁନିଶ୍ଚିତ କରିବାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଫଳ ହୋଇଥିଲା ଏବଂ ଯାନବାହନଜନିତ ପ୍ରଦୂଷଣ ଯୋଗୁଁ ହେଉଥିବା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅନେକ ଢ଼ିଲା କରିଥିଲେ । ସେହିପରି ବିଭିନ୍ନ ଜଳ ନିକାୟ ଗୁଡିକର ଜଳ ପ୍ରଦୂଷଣ ବୃଦ୍ଧିରେ ପୌରାଞ୍ଚଳ/ ହୋଟେଲ/ ଚିକିତ୍ସାଳୟ/ ଶିଳ୍ପସଂସ୍ଥା ଇତ୍ୟାଦି ମାନଙ୍କ ଦ୍ୱାରା ଏସଟିପି/ଇଟିପିର ସଂସ୍ଥାପନ କରା ନଯିବା ଏକ ବୃହତ୍ ଅଂଶ ଗ୍ରହଣ କରେ । ପୁନଶ୍ଚ ପ୍ରଦୂଷଣର ସମସ୍ତ ଉତ୍ସ ସମ୍ବନ୍ଧରେ ସଂପୂର୍ଣ୍ଣ ତଥ୍ୟ ସାରଣୀ ଏବଂ ଉଚିତ୍ ଏମଆଇଏସ ଅଭାବରେ ପ୍ରଦୂଷଣ କମାଇବା ପାଇଁ ଯଥାଯୋଗ୍ୟ ପଦକ୍ଷେପ ନେବାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜର ଭୂମିକା ଫଳପ୍ରଦ ଭାବରେ ତୁଲାଇ ପାରି ନଥିଲା ଏବଂ କିଛି ଶିଳ୍ପ ସଂସ୍ଥା / ୟୁନିଟ୍ ସିଟିଇ/ସିଟିଓ ବିନା ଚାଲୁଥିବା ଦେଖାଗଲା । ଯଦିଓ ପ୍ରଦୂଷଣ କମାଇବା ପଦକ୍ଷେପ ନେବା ନିମନ୍ତେ ଏକ ପାଣ୍ଠି ସୃଷ୍ଟି କରାଯାଇଥିଲା, ତାହାର ବ୍ୟବହାର କରାଯାଇପାରିନାହିଁ ।

### 2.2.13 ସୁପାରିଶ ଗୁଡ଼ିକ

ସମୀକ୍ଷା ସୁପାରିଶ କରେ ସମନ୍ୱିତ କାର୍ଯ୍ୟପନ୍ଥା ସୁନିଶ୍ଚିତ କରିବା ପାଇଁ:

- ପ୍ରଦୂଷଣର ସମସ୍ତ ଉତ୍ସକୁ ସମ୍ମତି ପ୍ରଶାସନ ମଧ୍ୟକୁ ଆଣି ଫଳପ୍ରଦ ପର୍ଯ୍ୟାଲୋଚନା ପାଇଁ ସେ ସମ୍ବନ୍ଧରେ ସଂପୂର୍ଣ୍ଣ ଏବଂ ଅଦ୍ୟତିତ ତଥ୍ୟସାରଣୀର ବିକାଶ; ଏବଂ
- ପ୍ରକୃତ ସମୟ ଭିତ୍ତିକ ବାୟୁ ଗୁଣବତ୍ତା ଏବଂ ଜଳ ଗୁଣବତ୍ତା ପର୍ଯ୍ୟାଲୋଚନା କେନ୍ଦ୍ରର କାର୍ଯ୍ୟାନ୍ୱୟନ ।

# ଅଧ୍ୟାୟ 3

# ଅନୁପାଳନ ସମୀକ୍ଷା


| ପରିଚ୍ଛେଦ ସଂଖ୍ୟା | ବିବରଣୀ | ପୃଷ୍ଠା |
|---|---|---|
| 3.1 | ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା | 69-80 |
| 3.2 | ନିରର୍ଥକ ପୁଞ୍ଜି ଲଗାଣ | 80-81 |
| 3.3 | ଠିକାଦାରଙ୍କୁ ଅନୁଚିତ୍ ଫାଇଦା | 81-82 |
| 3.4 | ସରକାରୀ ଘରୋଇ ସହଭାଗିତା (ପିପିପି) ରେ ଶିଳ୍ପ ତାଲିମ କେନ୍ଦ୍ରଗୁଡିକର ପାହ୍ୟା ବୃଦ୍ଧି ଏବଂ ନୂତନ ପଲିଟେକନିକ ଗୁଡିକର ପ୍ରତିଷ୍ଠା | 82-95 |
| 3.5 | ବୃକ୍ଷରୋପଣର କାର୍ଯ୍ୟାନ୍ୱୟନ ଓ ପ୍ରଭାବ | 95-103 |
| 3.6 | ବାସ୍ତବିକ ବର୍ତ୍ତମାନ ମୂଲ୍ୟର ଅଣ ଆଦାୟ | 103 |
| 3.7 | ଗଡିକାଠ ଗୁଡିକର ଅଣ ନିକାଶ | 104 |
| 3.8 | ଶିଳ୍ପ ନୀତି ସଂକଳ୍ପ 2007 ଅଧିନରେ ଏକକ ଝରକା ବ୍ୟବସ୍ଥା ଏବଂ ଆର୍ଥିକ ପ୍ରୋତ୍ସାହନର କାର୍ଯ୍ୟାନ୍ୱୟନ | 104-118 |
| 3.9 | ଅଟକଳରେ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ଅଧିକ ବ୍ୟୟ | 118-119 |
| 3.10 | ଖିଲାପ୍ ଠିକାଦାରଙ୍କ ଠାରୁ ସରକାରୀ ପାଉଣାର ଅଣ ଅସୁଲି | 119-120 |
| 3.11 | ବୈଧତା ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କରଣ ନ ହେବାରୁ ଅଧିକ ବ୍ୟୟ | 120-121 |
| 3.12 | ବୈଧତା ଅବଧି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନ ହେବାରୁ ଅଧିକ ବ୍ୟୟ | 121-122 |
| 3.13 | ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ | 122-123 |
| 3.14 | ଅଡିଟକୁ ପ୍ରତିଜବାବ | 123-125 |

# ଅଧ୍ୟାୟ 3

# ଅନୁପାଳନ ସମୀକ୍ଷା

ସରକାରଙ୍କ ବିଭିନ୍ନ ବିଭାଗ, କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡିକରେ ଅନୁପାଳନ ସମୀକ୍ଷା ସମୟରେ ସମ୍ବଳ ପରିଚାଳନା କ୍ଷେତ୍ରରେ ତ୍ରୁଟି ଏବଂ ବ୍ୟୟର ନିୟମିତତା ଓ ଔଚିତ୍ୟରେ ଅସଫଳତା ଏବଂ ଉତ୍ତମ ଶାସନ ରୀତିର ଅଭାବର ଅନେକ ଦୃଷ୍ଟାନ୍ତ ଆସିଥିଲା । ଏହି ବିଷୟ ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ଆଲୋଚିତ ହୋଇଅଛି ।

## କୃଷି ବିଭାଗ

## 3.1 *ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା*

### 3.1.1 *ଉପକ୍ରମ*

କୃଷି ଓ ଏଥି ସମ୍ବନ୍ଧିତ କ୍ଷେତ୍ରରେ ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ ଶିକ୍ଷା କାର୍ଯ୍ୟକ୍ରମକୁ ଅଖଣ୍ଡ ଭାବେ ସଂପାଦନ କରିବା ନିମନ୍ତେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) 1961 ମସିହା ଓଡିଶା ଅଧିନିୟମ 20 ଅନୁଯାୟୀ ଭୁବନେଶ୍ୱରଠାରେ ଅଗଷ୍ଟ 1962 ରେ ପ୍ରତିଷ୍ଠିତ ହୋଇଥିଲା । ରାଜ୍ୟର ରାଜ୍ୟପାଳ, ବିଶ୍ୱବିଦ୍ୟାଳୟର କୁଳାଧିପତି ଓ ପରିଚାଳନା ମଣ୍ଡଳୀ (ବିଓଏମ)ର ସମ୍ମାନିକ ସଭାପତି ଅଟନ୍ତି । ମୁଖ୍ୟ ନିର୍ବାହୀ ଓ ଶିକ୍ଷା ସମ୍ବନ୍ଧିତ ଅଧିକାରୀ ବିଶ୍ୱବିଦ୍ୟାଳୟର କୁଳପତି ଅଟନ୍ତି ।

2009 ରୁ 2014 ମଧ୍ୟରେ ଓୟୁଏଟି କାର୍ଯ୍ୟ ସଂପାଦନ ସମୀକ୍ଷା ଅନ୍ତର୍ଭୁକ୍ତ ଥିଲା ଏବଂ ଛଅଟି ନିୟନ୍ତ୍ରକ କାର୍ଯ୍ୟାଳୟ[51] ନଥିପତ୍ରର ପରୀକ୍ଷାମୂଳକ ଯାଞ୍ଚ କରାଯାଇଥିଲା । ଏହାଛଡା ବିଭିନ୍ନ ଜିଲ୍ଲାରେ ଅବସ୍ଥିତ 10ଟି ପାଠ୍ୟକ୍ରମ ମହାବିଦ୍ୟାଳୟ ମଧ୍ୟରୁ ଚାରି[52]ଟି, 14ଟି ଆଞ୍ଚଳିକ ବୈଷୟିକ ଗବେଷଣା ଟ୍ରାନସଫର ଷ୍ଟେସନ/ ସବଷ୍ଟେସନ (ଆର.ଆର.ଟି.ଏସ) ମଧ୍ୟରୁ ଚାରି[53]ଟି ଏବଂ 31 ଟି କୃଷି ବିଜ୍ଞାନ କେନ୍ଦ୍ର (କେ.ଭି.କେ) ମଧ୍ୟରୁ 10ଟି[54]ର ମଧ୍ୟ ପରୀକ୍ଷାମୂଳକ ଯାଞ୍ଚ କରଯାଇଥିଲା । 2009 ରୁ 2014 ମଧ୍ୟରେ ହୋଇଥିବା ବାର୍ଷିକ ଖର୍ଚ୍ଚକୁ ଆଧାର କରି ଷ୍ଟ୍ରାଟିଫାଏଡ୍ ରାନ୍‌ଡମ ସାମ୍ପଲିଂ ପ୍ରଣାଳୀରେ ନମୁନା ୟୁନିଟ୍ ଗୁଡିକୁ ଚୟନ କରାଯାଇଥିଲା ।

ଶିକ୍ଷା ସଂପ୍ରସାରଣ, ଗବେଷଣା କାର୍ଯ୍ୟକଳାପ ଏବଂ ଆର୍ଥିକ ପରିଚାଳନାର ଫଳପ୍ରଦତାକୁ ନିର୍ଦ୍ଧାରଣ କରିବା ସମୀକ୍ଷାର ଉଦ୍ଦେଶ୍ୟ ଥିଲା ।

## *ସମୀକ୍ଷାର ନିଷ୍କର୍ଷ*

### 3.1.2 *ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ*

#### 3.1.2.1 *ଅପର୍ଯ୍ୟାପ୍ତ ଶିକ୍ଷକ ସଂଖ୍ୟା*

ଓୟୁଏଟିର କୃଷି ମହାବିଦ୍ୟାଳୟ ନିମନ୍ତେ ଶିକ୍ଷକ ଓ ଛାତ୍ର ଅନୁପାତ 1: 8 ରହିବାକୁ ଏବଂ ବାର୍ଷିକ 60 ଛାତ୍ର ପ୍ରବେଶ ହାରରେ ପଶୁ ଚିକିତ୍ସା ପଶୁପାଳନ ବିଦ୍ୟାଳୟରେ 107 ଶିକ୍ଷା କର୍ମଚାରୀ ରହିବାକୁ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଏବଂ ଭାରତୀୟ ଉପରୋକ୍ତ ମାନକ ବ୍ୟତିକ୍ରମରେ ପଶୁଚିକିତ୍ସା ପରିଷଦ

---

51 ନିବନ୍ଧକ, ଲେଖା ନିୟନ୍ତ୍ରକ, ପ୍ରାଧାନାଚାର୍ଯ୍ୟ ଗବେଷଣା, ପ୍ରାଧାନାଚାର୍ଯ୍ୟ ସମ୍ପ୍ରସାରଣ ଓ ଶିକ୍ଷା(ଡିଇଇ), ନିର୍ଦ୍ଦେଶକ ଫିଜିକାଲ ପ୍ଲାଣ୍ଟ ଏବଂ ପ୍ରାଧାନାଚାର୍ଯ୍ୟ ଛାତ୍ର କଲ୍ୟାଣ ।

52 କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ ଚିପିଲିମା, ଭବାନୀପାଟଣା କୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡା ମତ୍ସ୍ୟ ମହାବିଦ୍ୟାଳୟ ଏବଂ ଭୁବନେଶ୍ୱର ପଶୁଚିକିତ୍ସା ଓ ପଶୁ ପାଳନ ମହାବିଦ୍ୟାଳୟ ।

53 ଭୁବନେଶ୍ୱର, ସିମିଳିଗୁଡା, ଚିପିଲିମା ଏବଂ ଜୟପୁର ।

54 ଢେଙ୍କାନାଳ, କେନ୍ଦୁଝର, ଗଞ୍ଜାମ- I, ସିମିଳିଗୁଡା, ଗଜପତି, ବରଗଡ, କଳାହାଣ୍ଡି, ନୂଆପଡା, କନ୍ଧମାଳ ଏବଂ ସମ୍ବଲପୁର ।

(ଭି.ସି.ଆଇ) ବିହିତ କରିଥାଏ । ସମୀକ୍ଷାରୁ ଏହା ଦେଖାଗଲା ଯେ, ଭବାନୀପାଟଣ କୃଷି ମହାବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ର ଅନୁପାତ 1:11 ଥିଲା ଏବଂ ଭୁବନେଶ୍ୱର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟରେ ମାର୍ଚ୍ଚ 2014 ସୁଦ୍ଧା ହାରାହାରି ଛାତ୍ର ସଂଖ୍ୟା 60 ରୁ 77 କୁ ବୃଦ୍ଧି ସତ୍ତ୍ୱେ ଶିକ୍ଷକ ସଂଖ୍ୟା 72 ଥିଲା । ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର 2009 ରୁ 2014 ମଧ୍ୟରେ ଶିକ୍ଷକ ସଂଖ୍ୟା 53 ର 62 ମଧ୍ୟରେ ଥିଲା । ଯଦି ମଞ୍ଜୁରି ପ୍ରାପ୍ତ ସଂଖ୍ୟାର ବୃଦ୍ଧି ନ ଘଟେ ତେବେ ମହାବିଦ୍ୟାଳୟ ସ୍ୱୀକୃତିକୁ ଖାରଜ କରିବାର ସମ୍ଭାବନାକୁ ଯଦିଓ ଭିସିଆଇ ପ୍ରକାଶ କରିଥିଲା, ମଞ୍ଜୁରୀ ପ୍ରାପ୍ତ ପଦବୀ ଗୁଡିକର ବୃଦ୍ଧି ହୋଇ ନଥିଲା ବା ଖାଲି ଥିବା ପଦବୀଗୁଡିକ ପୁରଣ କରାଯାଇ ନଥିଲା ।

ଏହା ମଧ୍ୟ ଦେଖାଯାଇଥିଲା ଯେ  ଯଦିଓ ଭିନ୍ନ ଭିନ୍ନ ବର୍ଗର ଶିକ୍ଷକ ସକାଶେ 841 ଟି ପଦବୀ ଆଇ.ସିଏ.ଆର, ଭିସିଆଇ ଏବଂ ଓଡିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲ, ମାତ୍ର 576ଟି ପଦବୀ 31 ମାର୍ଚ୍ଚ 2014 ସୁଦ୍ଧା ପୂରଣ କରାଯାଇଥିଲା ଓ ଅବଶିଷ୍ଟ 265 (32 ପ୍ରତିଶତ) ଶିକ୍ଷକଙ୍କର ଅଭାବ ଥିଲା, ଯାହା ***ପରିଶିଷ୍ଟ 3.1.1*** ରେ ବିଶଦ ଭାବେ ବିବୃତ ହୋଇଛି ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ନିଯୁକ୍ତ ବ୍ୟକ୍ତିମାନଙ୍କର ପଦବୀ ପରିତ୍ୟାଗ ଓ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ପ୍ରାର୍ଥୀ ଚୟନ ସକାଶେ ଉପଲବ୍ଧ ନ ହେବା ଯୋଗୁଁ ଶିକ୍ଷକ ପଦବୀଗୁଡିକର ଶୂନ୍ୟତା ସୃଷ୍ଟି ହୋଇଥିଲା । ପାଣ୍ଠିର ଉପଲବ୍ଧି ସତ୍ତ୍ୱେ ବିଭିନ୍ନ ପଦବୀରେ ଶୂନ୍ୟତା ପୂରଣ ନ ହେବାର ଫଳସ୍ୱରୂପ କେନ୍ଦ୍ରୀୟ ସହାୟତାର ବିନିଯୋଗ ହୋଇପାରି ନଥିଲା, ଯାହା ପରିଚ୍ଛେଦ 3.1.6.2 ରେ ବିବୃତ ହୋଇଅଛି ।

### *3.1.2.2 ଛାତ୍ରମାନଙ୍କର ସ୍ଥାନାପନ୍ନ*

ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ନିୟୋଜନ ସୁଯୋଗ ଯୋଗାଇବା ଓ ପର୍ଯ୍ୟାଲୋଚନା କରିବା ପାଇଁ ବିଶ୍ୱବିଦ୍ୟାଳୟ ଜୁନ 2010ରେ ଏକ ସ୍ଥାନାପନ୍ନ ଅଧିକାରୀ ନିଯୁକ୍ତି କରିଥିଲା । ନିଯୁକ୍ତି ନିମନ୍ତେ ବିଭିନ୍ନ ସରକାରି ତଥା ବେସରକାରୀ ଉଦ୍ୟୋଗ, ନିଗମିତ ସଦନ, ଭେଷଜ ଶିକ୍ଷାନୁଷ୍ଠାନ, ଆଇ.ଟି ଶିକ୍ଷାନୁଷ୍ଠାନ, କୃଷି ଶିକ୍ଷାନୁଷ୍ଠାନ, ରାଷ୍ଟ୍ରୀୟ ବ୍ୟାଙ୍କ ଏବଂ ଅନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହିତ ଯୋଗାଯୋଗ କରି ଛାତ୍ରମାନଙ୍କର ସାକ୍ଷାତକାରର ବ୍ୟବସ୍ଥା କରିବା ଏହି ଅଧିକାରୀଙ୍କର ଦାୟିତ୍ୱ ଅନ୍ତର୍ଭୁକ୍ତ ଅଟେ । ନଥିପତ୍ର ଯାଞ୍ଚରୁ ଏହା ଦେଖାଗଲା ଯେ 2009-14ରେ ଏମସିଏ,ଏମଏସି ଜୈବ ସୂଚନା, ଏମଏସି ଅଣୁଜୀବ ବିଜ୍ଞାନ ଏବଂ ଏବିଏମ ପାଠ୍ୟକ୍ରମରେ ଛାତ୍ରମାନଙ୍କର ସ୍ଥାନାପନ୍ନ 46 ରୁ 23 ପ୍ରତିଶତ ହାରରେ ହ୍ରାସ ଆଡକୁ ମୁହାଁଇ ଥିଲା । 2012-14 ରେ ଗୋଟିଏ ଖସଡା (ଏମଏସି ଅଣୁଜୀବ ବିଜ୍ଞାନ) ରେ ଆଦୌ ସ୍ଥାନାପନ୍ନ ହୋଇ ନଥିଲା । ଯଦିଓ ବାର୍ଷିକ 100 ଟଙ୍କା ହାରରେ ସ୍ଥାନାପନ୍ନ ଫି ପ୍ରତି ମହାବିଦ୍ୟାଳୟରେ ପ୍ରତ୍ୟେକ ଛାତ୍ରଙ୍କ ଠାରୁ ଆଦାୟ କରାଯାଇଥିଲା, ଅନ୍ୟ ପାଠ୍ୟକ୍ରମ[55]ର ଛାତ୍ରମାନଙ୍କର 2009-14 ରେ ଆଦୌ ସ୍ଥାନାପନ୍ନ ହୋଇ ନଥିଲା ।

ନିୟନ୍ତ୍ରକ ଜଣାଇଲେ (ଜୁଲାଇ 2014) ଯେ ଓୟୁଏଟି ଏକ ସରକାରୀ ସଂସ୍ଥା ହୋଇଥିବାରୁ ଛାତ୍ରଙ୍କର ସ୍ଥାନାପନ୍ନ ନିମନ୍ତେ ଖର୍ଚ୍ଚ କରେ । କମ୍ପାନି ମାନଙ୍କୁ ଆଣିବାରେ ଏହା ବେସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିପାରୁ ନ ଥିଲା । ପରନ୍ତୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଛାତ୍ରମାନଙ୍କର ସ୍ଥାନାପନ୍ନ ସୁଯୋଗକୁ ପର୍ଯ୍ୟାଲୋଚନା କରିବାକୁ ଏକ ସ୍ଥାନାପନ୍ନ ଅଧିକାରୀ ଓ.ୟୁ.ଏ.ଟି ଦ୍ୱାରା ନିଯୁକ୍ତି ହୋଇଥିଲେ ଏବଂ ସୁସ୍ପଷ୍ଟ ରୂପେ ଅଧିକ ପ୍ରଚେଷ୍ଟାର ଆବଶ୍ୟକ ଥିଲା ।

### *3.1.2.3 ଅପର୍ଯ୍ୟାପ୍ତ ଛାତ୍ରାବାସ ସୁବିଧା*

ଓୟୁଟିରେ ପ୍ରବେଶ କରୁଥିବା ସମସ୍ତ ଛାତ୍ରମାନଙ୍କ ସକାଶେ ଛାତ୍ରାବାସ ସୁବିଧା ବାଧ୍ୟତାମୂଳକ ଅଟେ । ଏହା ଦେଖାଯାଇଥିଲା ଯେ ତିନିଟି  ଛାତ୍ରୀ ନିବାସ[56] ଓ ଗୋଟିଏ ଛାତ୍ର ନିବାସର ଧାରଣ କ୍ଷମତା ଠାରୁ ଅଧିକ

55 କୃଷି, ଯାନ୍ତ୍ରିକ କୃଷି, ପଶୁଚିକିତ୍ସା ବିଜ୍ଞାନ, ମତ୍ସ୍ୟ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଓ ଗୃହ ବିଜ୍ଞାନରେ ସ୍ନାତକୋତ୍ତର କାର୍ଯ୍ୟକ୍ରମ ।

56 ଚିପିଲିମା ଉଦ୍ୟାନ କୃଷି ମହାବିଦ୍ୟାଳୟ, ଚିପିଲିମ କୃଷି ମହାବିଦ୍ୟାଳୟ, ଲଙ୍ଗେଇଲୁଣ୍ଡ ମତ୍ସ୍ୟ ମହାବିଦ୍ୟାଳୟ ଏବଂ ଭବାନୀପାଟଣା କୃଷି ମହାବିଦ୍ୟାଳୟ ।

ଛାତ୍ରମାନଙ୍କୁ ରଖାଯାଇଥିଲା। ମାତ୍ରାଧିକର ହାର 38 ରୁ 42 ପ୍ରତିଶତ ଚିପିଲିମା ଉଦ୍ୟାନ କୃଷି ମହାବିଦ୍ୟାଳୟ, ଏକରୁ 37 ପ୍ରତିଶତ ଚିପିଲିମା କୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡା ମତ୍ସ୍ୟ ମହାବିଦ୍ୟାଳୟରେ 24 ରୁ 106 ପ୍ରତିଶତ ଏବଂ ଭବାନୀ ପାଟଣା କୃଷି ମହାବିଦ୍ୟାଳୟରେ 10 ରୁ 17 ପ୍ରତିଶତ ଥିଲା ଯାହା ***ପରିଶିଷ୍ଟ 3.1.2*** ରେ ବିବୃତ ହୋଇଛି । ଯଦିଓ ଉକ୍ତ ମହାବିଦ୍ୟାଳୟ ଗୁଡିକରେ ପ୍ରକୃତ ଦାଖଲ ସଂଖ୍ୟାରେ ବୃଦ୍ଧି ଘଟିଥିଲା ମାତ୍ର ଛାତ୍ରାବାସଗୁଡିକରେ ଧାରଣ କ୍ଷମତାରେ ବୃଦ୍ଧି ନ ଘଟିବାର ଫଳସ୍ୱରୂପ ଲୋକାରଣ୍ୟ ଘଟିଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ, ମୁଖ୍ୟତଃ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଓ ରାଜ୍ୟର ବାହାରୁ ଛାତ୍ରମାନେ ଆସୁଥିବାରୁ, ଛାତ୍ରାବାସଗୁଡିକର ଏମାନଙ୍କୁ ରଖିବା ଆବଶ୍ୟକ ଥିଲା । ଉତ୍ତରଟି ପ୍ରବେଶ ବିବରଣି ପୁସ୍ତିକାରେ ପରିକଳ୍ପିତ ସମସ୍ତ ଛାତ୍ରଙ୍କୁ ଛାତ୍ରାବାସର ସୁବିଧା ଯୋଗାଇବାରେ ଓୟୁଏଟିର ଅସଫଳତା ଯାହା ସମୀକ୍ଷାର ମୁଖ୍ୟ ଅବଲୋକନକୁ ଖଣ୍ଡନ କରୁ ନଥିଲା ।

### *3.1.2.4 କୃଷି ବହୁବୃତ୍ତି କେନ୍ଦ୍ରର ପ୍ରାରମ୍ଭ*

ରାଜ୍ୟର ବିଭିନ୍ନ କୃଷି ଜଳବାୟୁ ଭିତ୍ତିକ ମଣ୍ଡଳରେ କୃଷି ଓ ଏଥି ସମ୍ବନ୍ଧିତ ବିଜ୍ଞାନରେ ଦୁଇ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ଏବଂ ବଜାରର ଚାହିଦା ଓ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଛଅମାସ / ଏକ ବର୍ଷ ଅବଧିର ନିୟମିତ ପ୍ରମାଣପତ୍ର ପାଠ୍ୟକ୍ରମ ଦେବା ସକାଶେ ଓଡିଶା ସରକାର ଦଶଟି କୃଷି ବହୁବୃତ୍ତି କେନ୍ଦ୍ର[57](ଏପିସି) ଓୟୁଏଟିର ପ୍ରଶାସନିକ ନିୟନ୍ତ୍ରଣରେ ପ୍ରତିଷ୍ଠା କରିଥିଲେ । କୃଷି ଓ ଏଥି ସମ୍ବନ୍ଧିତ କାର୍ଯ୍ୟକ୍ରମକୁ ଜୀବିକା ଭାବେ ଗ୍ରହଣ କରିବାକୁ ଆକାଂକ୍ଷା କରିଥିବା ଗ୍ରାମୀଣ ଯୁବାମାନଙ୍କୁ ବୃତ୍ତିଗତ ଶିକ୍ଷା(ଡିପ୍ଲୋମା ପାଠ୍ୟକ୍ରମ) ଯୋଗାଇ ଦେବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା । ଏହି କେନ୍ଦ୍ରଗୁଡିକ ସେପ୍ଟେମ୍ବର 2012 ରୁ କାର୍ଯକ୍ଷମ ହୋଇଥିଲା ଏବଂ 2014 ସୁଦ୍ଧା 200 ଛାତ୍ର (ପ୍ରତ୍ୟେକ କେନ୍ଦ୍ରରେ 20 ଜଣ) ପ୍ରବେଶ କରିସାରିଥିଲେ ।

ନଥିପତ୍ର ଯାଞ୍ଚ (ମେ ଓ ଜୁନ୍ 2014) ରୁ ଏହା ଦେଖାଗଲା ଯେ, ଯଦିଓ ଏହି କେନ୍ଦ୍ରଗୁଡିକ ସେପ୍ଟେମ୍ବର 2012 ରୁ ଆରମ୍ଭ ହୋଇଥିଲା, ବଜେଟ୍ ବ୍ୟବସ୍ଥା ନଥିବାରୁ ସେମାନେ ନିୟମିତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ, ପାଠାଗାର, କାର୍ଯ୍ୟାଳୟ ଗୃହ, ଶ୍ରେଣୀଗୃହ, ଆବଶ୍ୟକୀୟ ସରଞ୍ଜାମ, ପ୍ରୟୋଗଶାଳା ଓ ଛାତ୍ରାବାସ ଇତ୍ୟାଦି ମୌଳିକ ଆବଶ୍ୟକତାର ଅଭାବରେ ଗତି କରୁଥିଲେ । ଶିକ୍ଷକ ଓ ଅନ୍ୟ ଭିତ୍ତିଭୂମିର ଅଭାବ ଯୋଗୁଁ କେ.ଭି.କେ ଗୁଡିକ କୃଷି ବହୁବୃତ୍ତି କାର୍ଯ୍ୟକ୍ରମଗୁଡିକୁ ସମ୍ପାଦନ କରୁଥିଲେ ଯାହା ଆଇସିଏଆର୍ ମାର୍ଗଦର୍ଶିକା ଅନୁସାରେ ଅନୁମତି ଯୋଗ୍ୟ ନଥିଲା ।

ଏହା ମଧ୍ୟ ଦେଖାଗଲା ଯେ 68.65 କୋଟି ଟଙ୍କାର ପାଞ୍ଚ ବାର୍ଷିକ ବଜେଟ୍ ପ୍ରସ୍ତାବରୁ 46.35 କୋଟି ଟଙ୍କା (ପ୍ରଥମରୁ ଚତୁର୍ଥ ବର୍ଷ ନିମନ୍ତେ) ଓଡିଶା ସରକାର ଅନୁମୋଦନ କରିଥିଲେ । ପ୍ରଥମ ବର୍ଷରେ ଭିତ୍ତିଭୂମି, ସରଞ୍ଜାମ ଓ ପ୍ରତିଷ୍ଠାନ ଖର୍ଚ୍ଚ ନିମନ୍ତେ ଉଦ୍ଦିଷ୍ଟ ଥିବା 33.64 କୋଟି ଟଙ୍କାରୁ ଓଡିଶା ସରକାର ମାତ୍ର 3.28 କୋଟି ଟଙ୍କା (9.80 ପ୍ରତିଶତ) 2013-14ରେ ପଠାଇଥିଲେ । ଫଳସ୍ୱରୁପ 2013-14 ଶିକ୍ଷା ବର୍ଷରେ ଦଶଟି ଏପିସି ରେ ଆଦୌ ଛାତ୍ର ପ୍ରବେଶ ହୋଇନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଅପର୍ଯ୍ୟାପ୍ତ ବଜେଟ୍ ବ୍ୟବସ୍ଥା ଯୋଗୁଁ କୃଷି ବହୁବୃତ୍ତି କେନ୍ଦ୍ର ଗୁଡିକରେ କର୍ମଚାରୀ ମୁତୟନ ଓ ଆବଶ୍ୟକୀୟ ଭିତ୍ତିଭୂମିର ବ୍ୟବସ୍ଥା ହୋଇପାରି ନଥିଲା ଏବଂ ସମ୍ବନ୍ଧିତ କୃଷି ବହୁବୃତ୍ତି କେନ୍ଦ୍ରରେ ପଦବୀଗୁଡିକୁ ପୂରଣ କରିବାକୁ ଓୟୁଏଟି ପଦକ୍ଷେପ ନେଉଅଛି । ଏଣୁ କୃଷି ଓ ଏଥି

57 ମତ୍ସ୍ୟ ବିଜ୍ଞାନ – (ମତ୍ସ୍ୟ ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡା), କୃଷି ବିଜ୍ଞାନ(କେଭିକେ ଢେଙ୍କାନାଳ) ଉଦ୍ୟାନ କୃଷି ବିଜ୍ଞାନ(କେଭିକେ, କେନ୍ଦୁଝର), କୃଷି ବିଜ୍ଞାନ(କେଭିକେ ଭଦ୍ରଖ), ଉଦ୍ୟାନ କୃଷି ବିଜ୍ଞାନ(କେଭିକେ, କୋରାପୁଟ), କୃଷି ବିଜ୍ଞାନ(କେଭିକେ ଦେଓଗଡ), ପ୍ରାଣୀ ବିଜ୍ଞାନ(କେଭିକେ, ସମ୍ବଲପୁର) କୃଷି ବିଜ୍ଞାନ(କେଭିକେ, ବୌଦ୍ଧ), କୃଷି ବିଜ୍ଞାନ(କେଭିକେ, ସୁନ୍ଦରଗଡ) ଏବଂ କୃଷି ବିଜ୍ଞାନ(କେଭିକେ, ବଲାଙ୍ଗିର) ।

ସମନ୍ୱିତ କାର୍ଯ୍ୟକ୍ରମକୁ ଜୀବିକା ଭାବେ ଗ୍ରହଣ କରିବାକୁ ଆକାଂକ୍ଷା କରିଥିବା ଗ୍ରାମୀଣ ଯୁବାବର୍ଗଙ୍କୁ ବୃତ୍ତିଗତ ଶିକ୍ଷା (ଡିପ୍ଲୋମା ପାଠ୍ୟକ୍ରମ) ଯୋଗାଇବା ପ୍ରକଳ୍ପର ଉଦ୍ଦେଶ୍ୟଟି ବ୍ୟାପକ ବିଫଳ ହୋଇଥିଲା ।

### *3.1.3 ସମ୍ପ୍ରସାରଣ କାର୍ଯ୍ୟକ୍ରମ*

କୃଷକ ଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନର ଅନ୍ତରଣ ନିମନ୍ତେ ଜିଲ୍ଲାସ୍ତରୀୟ ଅନୁଷ୍ଠାନ ଭାବେ କେ.ଭି.କେ ଗୁଡିକ ଗଠିତ ହୋଇଛି । କୃଷକମାନଙ୍କର କ୍ଷମତାର ଗଠନ, କ୍ଷେତ୍ର ପରୀକ୍ଷା, ବିହନ ଉତ୍ପାଦନ, ଆଗ ଧାଡି ପ୍ରଦର୍ଶନ ଏବଂ କୃଷି ପୁସ୍ତକ ପ୍ରକାଶ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ କେଭିକେ ସମ୍ପାଦନ କରିଥାଏ ।

#### *3.1.3.1 କେଭିକେ ନିମନ୍ତେ ଭୂମି ଅଧିଗ୍ରହଣ*

ଆଇସିଏଆର ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ କାର୍ଯ୍ୟକ୍ରମ କୃଷିକ୍ଷେତ୍ର ଏବଂ ଫସଲର ପ୍ରଦର୍ଶନ ନିମନ୍ତେ ଭିତ୍ତିଭୂମି ଓ ଅନୁଦେଶାତ୍ମକ ୟୁନିଟ୍ ବନ୍ଦୋବସ୍ତ ପାଇଁ ନ୍ୟୁନତମ ବନ୍ଦୋବସ୍ତ ପାଇଁ 20 ହେକ୍ଟର ସମତଳ କୃଷିପୋଯୋଗୀ ଭୂମି ପ୍ରତ୍ୟେକ କେଭିକେର ଆବଶ୍ୟକ ଅଟେ । ଏହା ଦେଖାଗଲା ଯେ 31 ଟି କେଭିକେ ମଧ୍ୟରୁ 18 ଟିରେ ଆବଶ୍ୟକ ନ୍ୟୁନତମ 20 ହେକ୍ଟର କୃଷିପୋଯୋଗୀ ଜମି ଥିଲା ଏବଂ ଅନ୍ୟ 13 ଟି[58] କେଭିକେର ଦଖଲରେ କମ୍ ଜମିଥିଲା ଯାହାର ପରିସର ଚାରିରୁ 72 ପ୍ରତିଶତ ମଧ୍ୟରେ ଥିଲା । ଦଶଟି ମଧ୍ୟରୁ ଯାଞ୍ଚ କରାଯାଇଥିବା ଦୁଇଟି[59]ରେ ସ୍ୱଳ୍ପତାର ପରିସର ନଅରୁ 33 ପ୍ରତିଶତ ମଧ୍ୟରେ ଥିଲା । ଏହି ଆବଶ୍ୟକୀୟ ଜମିର ଅଭାବରେ ସମ୍ମୁଖ ଭାଗ ପ୍ରଦର୍ଶନ (ଏଫଏଲଡି) କ୍ଷେତ୍ର ପରୀକ୍ଷା (ଓଏଫଟି) ଓ ବିହନ ଉତ୍ପାଦନ ପରି କାର୍ଯ୍ୟକ୍ରମ ଗୁଡିକରେ ବାଧା ଘଟୁଥିଲା । ବାର୍ଷିକ 1950 ଟି ଏଫଏଲଡି ଲକ୍ଷ୍ୟରୁ ସ୍ୱଳ୍ପତାର ପରିସର 79 ରୁ 87 ପ୍ରତିଶତ ଓ ବାର୍ଷିକ 312 ଟି ଓଏଫଟି[60] ଲକ୍ଷ୍ୟରୁ ସ୍ୱଳ୍ପତାର ପରିସର 37 ରୁ 66 ପ୍ରତିଶତ ମଧ୍ୟରେ ଥିଲା । 2009 ରୁ 2013 ରେ ଉତ୍ପାଦନ କ୍ଷେତ୍ରରେ ହେକ୍ଟର ପ୍ରତି ଧାର୍ଯ୍ୟ 30 କ୍ୱିଣ୍ଟାଲ୍ ବିହନରୁ ସ୍ୱଳ୍ପତାର ପରିସର ଛଅ ଏବଂ 30 ପ୍ରତିଶତ ମଧ୍ୟରେ ଉକ୍ତ 13ଟି କେଭିକେରେ ଥିଲା ।

ଏହାଛଡା କେଭିକେର କାର୍ଯ୍ୟାନ୍ୱୟନରେ ନିମ୍ନ ଅଭାବଗୁଡିକ ମଧ୍ୟ ଦୃଷ୍ଟିଗୋଚର ହୋଇଥିଲା । ଆଇ.ସି.ଏ.ଆର ମାର୍ଗଦର୍ଶିକା ଅନୁସାରେ କୃଷି କ୍ଷେତ୍ରକୁ ସ୍ଥାୟୀ ଜଳ ଯୋଗାଣର ଏବଂ ଏହା ଉପଯୁକ୍ତ ଭାବେ ନିଷ୍କାସିତ ହେବା ଆବଶ୍ୟକ ଅଟେ ।

- ପାଞ୍ଚଟି କେଭିକେର[61] ଭୂମିକୁ ସ୍ଥାୟୀ ଜଳ ଯୋଗାଣର ଉତ୍ସ ନଥିବାରୁ ଶସ୍ୟ ପ୍ରଦର୍ଶନ କେବଳ ଖରିଫ୍ ଋତୁକୁ ସୀମିତ ଥିଲା ।

- ମାର୍ଚ୍ଚ 2014 ସୁଦ୍ଧା ଚାରିଟି କେଭିକେ[62] ନିଷ୍କାସନ ପ୍ରଣାଳୀ କରି ନଥିବାରୁ ବର୍ଷା ଋତୁରେ ଜଳାର୍ଣ୍ଣବ ଅସୁବିଧାର ସମ୍ମୁଖୀନ ହେଉଥିଲେ ଓ ଏହା ଶସ୍ୟର କ୍ଷତି ଘଟାଉଥିଲା ।

ସରକାର ଜଣାଇଲେ(ଅକ୍ଟୋବର 2014) ଯେ କୃଷି ବିଭାଗ ସେମାନଙ୍କ ନିକଟରେ ଉପଲବ୍ଧ ଥିବା ଜମିକୁ ଯୋଗାଇଥିଲେ ଏବଂ ଏହା ଆଇସିଏଆରର ନିଯୁକ୍ତ କ୍ଷେତ୍ର ଚୟନ କମିଟିଦ୍ୱାରା ଗୃହୀତ ହୋଇଥିଲା । ଓୟୁଏଟି କ୍ଷେତ୍ର ଚୟନରେ ସଂପୃକ୍ତ ନଥିଲା ଯେହେତୁ କ୍ଷେତ୍ରଚୟନ, କମିଟିର ନିଷ୍ପତ୍ତି ଉପରେ ନିର୍ଭର ଥିଲା । କିନ୍ତୁ ଆଇସିଏଆର ମାର୍ଗଦର୍ଶିକା ଅନୁଯାୟୀ ସଂପୃକ୍ତ ରାଜ୍ୟର କୃଷି ବିଶ୍ୱବଦ୍ୟାଳୟର ପ୍ରତିନିଧି, କୃଷିବିଭାଗ ଏବଂ

---

58 ଅନୁଗୁଳ-16 ହେକ୍ଟର, ବାଲେଶ୍ୱର -7.92 ହେକ୍ଟର, ବଲାଙ୍ଗିର -16 ହେକ୍ଟର, ବୌଦ୍ଧ -17.9 ହେକ୍ଟର, ଜଗତସିଂହପୁର -13.22 ହେକ୍ଟର, ଝାରସୁଗୁଡା - 5.7 ହେକ୍ଟର, କନ୍ଧମାଳ 18.14 ହେକ୍ଟର, କେନ୍ଦ୍ରାପଡା 16 ହେକ୍ଟର, ନୂଆପଡା -13.36 ହେକ୍ଟର, ପୁରୀ -15.2 ହେକ୍ଟର, ରାୟଗଡା -12.5 ହେକ୍ଟର, ସୋନପୁର - 15.45 ha ଏବଂ ସୁନ୍ଦରଗଡ –II - 19.12 ହେକ୍ଟର ।

59 ନୂଆପଡା (13.36 ହେକ୍ଟର), କନ୍ଧମାଳ (18.14 ହେକ୍ଟର) ।

60 ଆସିଏଆର୍ ନିୟମ ଅନୁଯାୟୀ ପ୍ରତି କେଭିକେର ୬ ଜଣ ବୈଜ୍ଞାନିକ ରହିବା ଉଚିତ ଏବଂ ପ୍ରତି ବୈଜ୍ଞାନିକ ଦୁଇଟି ଲେଖାଏଁ କ୍ଷେତ୍ର ପରୀକ୍ଷା(ଓଏଫଟି) ଖରିଫ୍ ଓ ରବିରେ କରିବାର ଥିଲା ।

61 କୋରାପୁଟ, କେନ୍ଦ୍ରାପଡା, ଢେଙ୍କାନାଳ, ବୌଦ୍ଧ ଏବଂ ଦେବଗଡ ।

62 ବଲାଙ୍ଗିର, ରାୟଗଡା, ବାଲେଶ୍ୱର ଏବଂ ଯାଜପୁର ।

ମଣ୍ଡଳୀୟ ସମନ୍ୱୟକାରୀ ଓ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ପ୍ରାଧାନାଚାର୍ଯ୍ୟ ସମ୍ପ୍ରସାରଣ ଶିକ୍ଷା ମାନଙ୍କୁ ନେଇ ଗଠିତ କମିଟି ଦ୍ୱାରା କେଭିକେ ସକାଶେ ଜମିର ଚୟନ କରାଯାଇଥାଏ । ଉପରୋକ୍ତ 13ଟି କେଭିକେକୁ ଆବଶ୍ୟକୀୟ ଜମି ଯୋଗାଇବାକୁ ସରକାର କୌଣସି ପରବର୍ତ୍ତୀ ପଦକ୍ଷେପ ନେଇ ନଥିଲେ ।

### 3.1.3.2 ମୃତ୍ତିକା ଓ ଜଳ ପରୀକ୍ଷା ପ୍ରୟୋଗଶାଳା

ଆଇସିଏଆର ମାର୍ଗଦର୍ଶିକା ଅନୁଯାୟୀ ସମ୍ମୁଖ ଭାଗ ପ୍ରଦର୍ଶନ ପୂର୍ବରୁ ମୃତ୍ତିକା ବିଶ୍ଲେଷଣ କରିବାକୁ ପ୍ରତ୍ୟେକ କେଭିକେକୁ ଗୋଟିଏ ମୃତ୍ତିକା ଓ ଜଳ ପରୀକ୍ଷା ପ୍ରୟୋଗଶାଳା ଯୋଗାଇବା ଆବଶ୍ୟକ । ଓୟୁଏଟିର ଡିଇଇଙ୍କ ନଥିପତ୍ର ଯାଞ୍ଚରୁ ନିମ୍ନୋକ୍ତ ଅଭାବ ଦୃଷ୍ଟିଗୋଚର ହୋଇଥିଲା ।

- 31ଟି କେଭିକେ ମଧ୍ୟରୁ 18 ଟିରେ ମୃତ୍ତିକା ପରୀକ୍ଷା ପ୍ରୟୋଗଶାଳା ନଥିଲା । ଯଦିଓ 13ଟି କେଭିକେ[63]ରେ ମୃତ୍ତିକା ପରୀକ୍ଷା ପ୍ରୟୋଗଶାଳା ଥିଲା, ଏଥିମଧ୍ୟରୁ ପାଞ୍ଚଟି କେଭିକେ[64]ରେ ମୃତ୍ତିକା ବିଜ୍ଞାନୀ ନଥିବାରୁ ପ୍ରୟୋଗଶାଳା ଉପକରଣଗୁଡିକ ନିଷ୍ଫଳ ହୋଇଥିଲା । ମୃତ୍ତିକା ପରୀକ୍ଷା ବିଶ୍ଲେଷଣ ଅଭାବରେ, କୃଷକମାନଙ୍କ ବୈଷୟିକ ବିଦ୍ୟା/ ଶସ୍ୟର ଉପଯୋଗିତା ସମ୍ବନ୍ଧରେ ସୁପାରିଶକୁ ସୁନିଶ୍ଚିତ କରାଯାଇପାରିନଥିଲା ।
- ଗଞ୍ଜାମ II କେଭିକେରେ ମୃତ୍ତିକା ପରୀକ୍ଷା ପ୍ରୟୋଗଶାଳା ଆଦୌ ନଥିବା ସତ୍ତ୍ୱେ ଜଣେ ମୃତ୍ତିକା ବିଜ୍ଞାନୀଙ୍କୁ ନିଯୁକ୍ତ କରାଯାଇଥିଲା ଯାହା ଅଯୌକ୍ତିକ କର୍ମଚାରୀ ଅବସ୍ଥାପନକୁ ସୂଚାଉ ଥିଲା ।

### 3.1.3.3 ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟାନ୍ୱୟନ

ଆଇସିଏଆର ମାର୍ଗଦର୍ଶିକା ଅନୁସାରେ କୃଷକମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ କେଭିକେ ଗୁଡିକ ପାଞ୍ଚ ବର୍ଷର (2007-12) ପରିପ୍ରେକ୍ଷଣ ଯୋଜନା (ପିପି) ଏବଂ ପ୍ରତିବର୍ଷ ବାର୍ଷିକ କାର୍ଯ୍ୟାନୁଷ୍ଠାନ ଯୋଜନା (ଏଏପି) ମଧ୍ୟ ପ୍ରସ୍ତୁତ କରିଥିଲେ ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ନିମ୍ନୋକ୍ତ ଅବଲୋକନ ହୋଇଥିଲା ।

- ପ୍ରତ୍ୟେକ କେଭିକେ ବର୍ଷକୁ 150 ଟି ଏଫ୍ଏଲଡି କରିବା କଥା ଯାହାଦ୍ୱାରା କୃଷକମାନେ ନୂତନ ଭାବେ ପ୍ରବର୍ତ୍ତିତ ଅଧିକ ଅମଳକ୍ଷମ ଶସ୍ୟର କିସମ ଓ ବୈଷୟିକ ବିଦ୍ୟାର ଲାଭ ସମ୍ପର୍କରେ ଅବଗତ ହୋଇପାରିବେ । 2009-13 ରେ 31ଟି କେଭିକେରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ସ୍ୱଳ୍ପତାର ପରିସର 80 ଏବଂ 87 ପ୍ରତିଶତ ମଧ୍ୟରେ ଥିଲା । ପରୀକ୍ଷାମୂଳକ ଯାଞ୍ଚ୍ କରାଯାଇଥିବା 10ଟି କେଭିକେରେ ସ୍ୱଳ୍ପତାର ପରିସର 83 ଏବଂ 87 ପ୍ରତିଶତ ମଧ୍ୟରେ ଥିଲା । କେଭିକେର କାର୍ଯ୍ୟକ୍ରମ ନିୟନ୍ତ୍ରକମାନେ ବୈଜ୍ଞାନିକ ଏବଂ କର୍ମଚାରୀଙ୍କର ଅଭାବ ଯୋଗୁଁ ଲକ୍ଷ୍ୟ ହ୍ରାସ ହୋଇଥିବାର ଆରୋପ କରିଥିଲେ । ଏଫଏଲଡିର ସ୍ୱଳ୍ପତା ଉନ୍ନତ ଶସ୍ୟ ଓ ବୈଷୟିକ ବିଦ୍ୟାର ପ୍ରବେଶାଧିକାରରୁ କୃଷକମାନଙ୍କୁ ବଞ୍ଚିତ କରିଥିଲା ।
- ଏଫଏଲଡିରେ କେବଳ ନୂତନ କିସମର ଶସ୍ୟ/ ବୈଷୟିକ ବିଦ୍ୟାର ପ୍ରଦର୍ଶନ ବିଧେୟ ଅଟେ । 2009-14 ରେ ଯାଞ୍ଚ୍ କରାଯାଇଥିବା ଦଶଟି କେଭିକେରେ 1992 ରୁ 2009 ମଧ୍ୟରେ ମୁକ୍ତିଲାଭ କରିଥିବା ଶସ୍ୟ ରକମ ଯଥା - ରାଜଲକ୍ଷ୍ମୀ, ମନସ୍ୱିନୀ (ଧାନ), ସୂର୍ଯ୍ୟମୁଖୀ, ତାରିଣୀ (ବାଇଗଣ) ଦେବୀ (ଚିନାବାଦାମ) ଇତ୍ୟାଦିର ପ୍ରଦର୍ଶନ କରାଯାଇଥିଲା । କେଭିକେ ଗୁଡିକର ପ୍ରକଳ୍ପ ସମନ୍ୱୟକାରୀ

63 ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, ଢେଙ୍କାନାଳ, ଗଞ୍ଜାମ- I କଳାହାଣ୍ଡି, କେନ୍ଦୁଝର, କେନ୍ଦ୍ରାପଡା, କୋରାପୁଟ, ନବରଙ୍ଗପୁର ଏବଂ ଯାଜପୁର ।

64 ଅନୁଗୁଳ, ବରଗଡ, ଗଞ୍ଜାମ- I , କେନ୍ଦ୍ରାପଡା ଏବଂ କୋରାପୁଟ ।

ଜଣାଇଲେ ଯେ ନୂତନ ରକମ ଉପଲବ୍ଧ ନ ହେବାରୁ କେତେକ ପୁରାତନ ରକମକୁ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯାଇଥିଲା ।

### 3.1.3.4 କେଭିକେ ଗୁଡିକର ପର୍ଯ୍ୟାଲୋଚନା ଓ ମୂଲ୍ୟାଙ୍କନ

କେଭିକେ ସ୍ତରରେ 23 ଜଣ ବାଧ୍ୟତାମୂଳକ ସଦସ୍ୟଙ୍କୁ[65] ନେଇ ଗଠିତ ବିଜ୍ଞାନ ଉପଦେଷ୍ଟା କମିଟି (ଏସ.ଏ.ସି) ଦ୍ୱାରା କାର୍ଯ୍ୟକ୍ରମ ଗୁଡିକର ପର୍ଯ୍ୟାଲୋଚିତ ହେବା ଏବଂ ବର୍ଷକୁ ଦୁଇଥର ବୈଠକ ହେବା ଜରୁରୀ ଅଟେ । ସମୀକ୍ଷାରେ ଏହା ଅବଲୋକନ ହୋଇଥିଲା ଯେ:

- ଏସଏସି ବର୍ଷକୁ ଦୁଇଥର ବୈଠକ କରିବା ଆବଶ୍ୟକ ଥିବା ସ୍ଥଳେ ମାତ୍ର ଗୋଟିଏ ବୈଠକ 31ଟି କେଭିକେରେ ହୋଇଥିଲା ଏବଂ ବଲାଙ୍ଗିର କେଭିକେରେ କୌଣସି ବୈଠକ 2009-10 ରେ ହୋଇ ନଥିଲା । ଏହାଫଳରେ 2009-13 ରେ ସ୍ୱଳ୍ପତା 50 ପ୍ରତିଶତ ଥିଲା ।

- କେଭିକେମାନେ ଗ୍ରହଣ ହୋଇଥିବା ଗ୍ରାମଗୁଡିକର କୃଷକମାନଙ୍କୁ ବୈଷୟିକ ବିଦ୍ୟା ଅନ୍ତରଣ ଏଫଏଲଡି ଓ ଓଏଫଟି ମାଧ୍ୟମରେ କରିଥାନ୍ତି । ଆଇସିଏଆର ମାର୍ଗଦର୍ଶିକା ଅନୁସାରେ ଶସ୍ୟ ଉତ୍ପାଦନ କ୍ଷମତା, ଅତିରିକ୍ତ ଆୟ ଉପରେ ଏହାର ପ୍ରଭାବକୁ ଏକ ସ୍ୱାଧୀନ ଏଜେନସୀ ଦ୍ୱାରା ନିର୍ଦ୍ଧାରଣ କରିବା ଆବଶ୍ୟକ ଅଟେ । ରାଜ୍ୟରେ ସେପରି କୌଣସି ନିର୍ଦ୍ଧାରଣ ଆଦୌ ହୋଇ ନଥିଲା ।

### 3.1.4 ଗବେଷଣା କାର୍ଯ୍ୟକ୍ରମ

ସାରା ରାଜ୍ୟରେ କୃଷି ଓ ଏଥି ସମ୍ବନ୍ଧିତ ବିଜ୍ଞାନ ସମ୍ପର୍କିତ ସମସ୍ତ ଗବେଷଣା କାର୍ଯ୍ୟକ୍ରମ ସକାଶେ ଓୟୁଏଟିର 14ଟି ଆଞ୍ଚଳିକ ଗବେଷଣା ଏବଂ ବୈଷୟିକ କୌଶଳ ଅନ୍ତରଣ ଷ୍ଟେସନ (ଆରଆରଟିଟିଏସ/ ଆର୍‌ଆର୍‌ଟିଟିଏସ୍‌ଏସ୍) ଅଛି ।

### 3.1.4.1 ଶସ୍ୟ ଉତ୍ପାଦନ କାର୍ଯ୍ୟକ୍ରମ

ବିଶ୍ୱବିଦ୍ୟାଳୟ ଅଧିକ ଅମଳକ୍ଷମ ଧାନ, ସୋରିଷ ଓ ଅଳସି କିସମ 2009 ରୁ 2013 ମଧ୍ୟରେ ବାହାର କରିଥିଲା । 2009-10 ତୁଳନାରେ ହେକ୍ଟର ପ୍ରତି ଧାନଶସ୍ୟର ହାରାହାରି ଅମଳ 2012-13ରେ କମିଥିଲା ଏବଂ 2010-11 ତୁଳନାରେ ସୋରିଷ ଓ ଅଳସିର ଅମଳ 2011-12 ରେ କମ୍ ଥିଲା ।

**ସାରଣୀ ସଂଖ୍ୟା 3.1 ହେକ୍ଟର ପ୍ରତି ହାରାହାରି ଅମଳ**

(କ୍ୱିଣ୍ଟାଲରେ)

| ଶସ୍ୟର ନାମ | ବର୍ଷ | ପରିମାଣ | ବର୍ଷ | ପରିମାଣ | ବର୍ଷ | ପରିମାଣ | ବର୍ଷ | ପରିମାଣ |
|---|---|---|---|---|---|---|---|---|
| ଧାନ | 2009-10 | 27.07 | 2010-11 | 19.98 | 2011-12 | 23.12 | 2012-13 | 25.09 |
| ସୋରିଷ | 2009-10 | 1.66 | 2010-11 | 3.48 | 2011-12 | 3.30 | 2012-13 | 2.04 |
| ଅଳସି | 2009-10 | ନିଆଯାଇନାହିଁ | 2010-11 | 3.75 | 2011-12 | 1.56 | 2012-13 | 2.95 |

*ଉତ୍ସ : ଓୟୁଏଟି ଦ୍ୱାରା ପ୍ରଦତ୍ତ ସୂଚନା*

ସରକାର ଜବାବ୍‌ରେ ଜଣାଇଥିଲେ (ଅକ୍ଟୋବର 2014) ଯେ ସୁନିଶ୍ଚିତ ସେଚନ ସୁବିଧା, ବୁଲାପଶୁଙ୍କ ଠାରୁ ରକ୍ଷାନିମନ୍ତେ ଉପଯୁକ୍ତ ବାଡର ଅଭାବ, କାଳକ୍ରମେ ଜମିର ଅଧଃପତନ ଏବଂ ଅବିଶ୍ରାନ୍ତ ବୃଷ୍ଟି ସମୟରେ

65 ଅନୁଷ୍ଠାନର ମୁଖ୍ୟ, ସମ୍ପ୍ରସାରଣ ନିର୍ଦ୍ଦେଶକ, ମଣ୍ଡଳର ମଣ୍ଡଳୀୟ ନିୟନ୍ତ୍ରକ, ଆଇସିଏଆରର ପ୍ରତିନିଧି, ଗବେଷଣାର ସହଯୋଗୀ ନିର୍ଦ୍ଦେଶକ, ଲାଇନ ବିଭାଗର ଜିଲ୍ଲା ଅଧିକାରୀ, କୃଷି, ଉଦ୍ୟାନକୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ସାମାଜିକ/କୃଷି ଜଙ୍ଗଲବିଦ୍ୟା, ରେଶମଚାଷ, ମତ୍ସ୍ୟ, ସେଚନ, ସମାଜମଙ୍ଗଳ, କ୍ଷୁଦ୍ରଶିଳ୍ପ, ଜିଲ୍ଲା ଭୂମିବ୍ୟାଙ୍କର ପ୍ରତିନିଧି, କେଭିକେ ଅବସ୍ଥିତ ଜମିର ବେତାର ଅଧିକାରୀ, ଦୁଇଜଣ କୃଷକ ପ୍ରତିନିଧି, ଦୁଇଜଣ ମହିଳା କୃଷକ ପ୍ରତିନିଧି ଏବଂ କେଭିକେର ପ୍ରଶିକ୍ଷଣ ସଂଗଠକ ।

ନିଷ୍କାସନ ସୁବିଧାର ଅଭାବରେ ଶସ୍ୟ ଉତ୍ପାଦନରେ ହ୍ରାସ ଘଟିଥିଲା । କିନ୍ତୁ ଉପରୋକ୍ତ ପ୍ରୟୋଜନତାକୁ ସୁନିଶ୍ଚିତ କରା ନଯାଇ ଶସ୍ୟ ଉତ୍ପାଦନ କାର୍ଯ୍ୟକ୍ରମ ଗ୍ରହଣ ହୋଇଥିଲା ।

### 3.1.4.2 ବିହନକୁ ଅଣ-ବିହନ ଭାବେ ବିକ୍ରୟ ଯୋଗୁଁ କ୍ଷତି

ଗବେଷଣା କେନ୍ଦ୍ରଗୁଡିକ ଅଧିକ ଅମଳକ୍ଷମ ବିହନ କିସମ ଉତ୍ପାଦନ କରିବା ଆବଶ୍ୟକ ଅଟେ, ଯାହା ଓଡିଶା ରାଜ୍ୟ ବିହନ ନିଗମ(ଓଏସଏସସି) ମାଧ୍ୟମରେ କୃଷକମାନଙ୍କୁ ବିକ୍ରୟ କରାଯାଇଥାଏ । ଏହା ଦେଖାଗଲା ଯେ ଗବେଷଣା ଷ୍ଟେସନ୍ ମାନଙ୍କରେ 2009-14 ରେ ଉତ୍ପାଦିତ 8,222.08 କ୍ୱିଣ୍ଟାଲ୍ ବିହନରୁ 3,109.01 କ୍ୱିଣ୍ଟାଲ୍ ବିହନ ଓଏସଏସସି ଦ୍ୱାରା ଉଠାଯାଇନଥିଲା । ଅନୁକୂଳ ଭଣ୍ଡାର ଘର ଅଭାବରେ ଉତ୍ପାଦିତ ବିହନକୁ ଗୋଦାମରେ ମାତ୍ରାଧିକ କାଳ ରଖାଯାଇଥିଲା, ଯାହା ଯୋଗୁଁ ଅଙ୍କୁରିତ ହେବାରେ ଏହା ବିଫଳ ହୋଇଥିଲା । ଫଳସ୍ୱରୂପ 3,109.01 କ୍ୱିଣ୍ଟାଲ୍ ବିହନ ଅଣ-ବିହନ ଭାବେ ବିକ୍ରୟ ହୋଇଥିଲା ଏବଂ ସେଥିଯୋଗୁଁ ଓୟୁଏଟି 35 ଲକ୍ଷ ଟଙ୍କାର କ୍ଷତି କରିଥିଲା ଯାହା ***ପରିଶିଷ୍ଟ 3.1.3*** ରେ ବିସ୍ତୃତ ହୋଇଅଛି ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ବିଷୟଟିକୁ ଓୟୁଏଟି ସୁନିଶ୍ଚିତ କରିବା କଥା ଓ ଆବଶ୍ୟକ ସ୍ଥଳେ ସରକାରଙ୍କ ଦୃଷ୍ଟିକୁ ଆଣିବା କଥା । ଏହା ମଧ୍ୟ ଜଣାଇଲେ ଯେ ଓଏସଏସସି ବିହନକୁ ନ ଉଠାଇବା କାରଣରୁ ମାତ୍ରାଧିକ କାଳ ମହଜୁଦ ରଖାଗଲା ଯାହା ଯୋଗୁଁ ବିହନର ଗୁଣବତ୍ତାର ଅଧଃପତନ ହୋଇଥିଲା ଓ ବିଶ୍ୱ ବିଦ୍ୟାଳୟ କ୍ଷତି ଭରଣା କରିଥିବା ଓୟୁଏଟିର ବାହାନା ଗ୍ରହଣୀୟ ନୁହେଁ । କ୍ଷତି ଛଡା କୃଷକମାନେ ମଧ୍ୟ ସେହିପରିମାଣର ଉନ୍ନତ ଅମଳକ୍ଷମ ବିହନରୁ ବଞ୍ଚିତ ହୋଇଥିଲେ ।

### 3.1.5 ଯାନ୍ତ୍ରିକ ବିଭାଗ କାର୍ଯ୍ୟକଳାପ

ବିଭିନ୍ନ ଗୃହ ଓ ରାସ୍ତାର ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ବାସ୍ତବ ସଂଯନ୍ତ୍ର ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ 11 ଜଣ ଯନ୍ତ୍ରୀଙ୍କ ସହାୟତାରେ ଗଠିତ ଏକ ଯାନ୍ତ୍ରିକ ବିଭାଗ ବିଶ୍ୱବିଦ୍ୟାଳୟରେ ଅଛି । ନିର୍ମାଣ କାର୍ଯ୍ୟର ଯୋଜନା ଓ କାର୍ଯ୍ୟାନ୍ୱୟନ ଉପରେ ନଥିପତ୍ର ପର୍ଯ୍ୟାଲୋଚନାରୁ ନିମ୍ନୋକ୍ତ ଅଭାବ ଗୁଡିକ ଉନ୍ମୋଚନ ହୋଇଥିଲା ।

### 3.1.5.1 ପଶୁ ଚିକିତ୍ସାକେନ୍ଦ୍ର ଓ ଚିକିତ୍ସାଳୟର ନିର୍ମାଣ

ଭୂକମ୍ପ ପ୍ରତିରୋଧକ ବ୍ୟବସ୍ଥା ଥାଇ ପଶୁ ଚିକିତ୍ସାକେନ୍ଦ୍ର ଓ ଚିକିତ୍ସାଳୟର ନିର୍ମାଣ ବାବଦକୁ 3.58 କୋଟି ଟଙ୍କାର ଅଟକଳ ବାସ୍ତବ ସଂଯନ୍ତ୍ର ନିର୍ଦ୍ଦେଶକ (ଡିପିପି) ରାଜ୍ୟ ମୂଲ୍ୟସୂଚୀ 2007 ଆଧାରରେ କରିଥିଲେ । କାର୍ଯ୍ୟଟିକୁ ଡିପିପି ନିର୍ବାହ କରିବା ପରିବର୍ତ୍ତେ ସିପିଡବ୍ଲୁଡିକୁ ସେମାନଙ୍କ ନିଜସ୍ୱ ଅଟକଳ ଆଧାରରେ 6.45 କୋଟି ଟଙ୍କାରେ ଜମା କାର୍ଯ୍ୟଭାବେ ନ୍ୟସ୍ତ (ଜୁନ୍ 2008) କରିଥିଲେ । ଯାହାର ଫଳସ୍ୱରୂପ 2.87 କୋଟି ଟଙ୍କାର ଅତିରିକ୍ତ ମୂଲ୍ୟ ହୋଇଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଉପରୋକ୍ତ କାର୍ଯ୍ୟପାଇଁ ଡିଜାଇନ୍ ଓ ଯୋଜନାରେ ବିଶେଷଜ୍ଞତା ଥିବା ପର୍ଯ୍ୟାପ୍ତ ଯନ୍ତ୍ରୀ ଡିପିପି ପାଖରେ ଉପଲବ୍ଧ ନଥିଲେ । ଯାହାଯୋଗୁଁ ସିପିଡବ୍ଲୁଡିକୁ ସେମାନଙ୍କ ଅଟକଳରେ କାର୍ଯ୍ୟଟି ନ୍ୟସ୍ତକରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପରନ୍ତୁ ଓୟୁଏଟିର ବିଭିନ୍ନ ଅନୁଷ୍ଠାନ ପାଇଁ ସଦୃଶ କାର୍ଯ୍ୟ ଡିପିପି ନିର୍ବାହ କରିସାରିଥିଲା ।

### 3.1.5.2 ସଂହିତା ବ୍ୟବସ୍ଥାର ଉଲ୍ଲଂଘନରେ ବିଖଣ୍ଡିତ କାର୍ଯ୍ୟ

ଓପିଡବ୍ଲୁଡି ସଂହିତା, ଖଣ୍ଡ - II ପରିଶିଷ୍ଟ VII ଅନୁଯାୟୀ 50 ହଜାର ଟଙ୍କାରୁ ଅଧିକ ସମସ୍ତ କାର୍ଯ୍ୟ ପାଇଁ ନିଲାମ ଡାକିବା ବିଧେୟ ଅଟେ । ଜରୁରୀ ପରିସ୍ଥିତିରେ ଯେପରି ସାହାଯ୍ୟ କାମ, ବନ୍ୟା କ୍ଷତିର ଆବଶ୍ୟକୀୟ

ରକ୍ଷଣାବେକ୍ଷଣ ଏବଂ ରାସ୍ତା ବନ୍ଧର ଘାଇକୁ ବନ୍ଦ କରିବା ପାଇଁ ଜନସାଧାରଣଙ୍କ ହିତରେ କାର୍ଯ୍ୟଟିକୁ ସୁଚାରୁ ରୂପେ ଓ ତ୍ୱରାନ୍ୱିତ ଭାବେ ନିର୍ବାହ କରିବାକୁ ବିଖଣ୍ଡିତ କରାଯାଇଥାଏ ।

ଏହା ଦେଖାଗଲା ଯେ ଓପିଡବ୍ଲୁଡି ସଂହିତାକୁ ଉଲ୍ଲଂଘନ କରି 2009-14 ମଧ୍ୟରେ 25.02 କୋଟି ଟଙ୍କାର 743 ଟି ନିର୍ମାଣ/ ବିଶେଷ ମରାମତି ଗୃହର ଅଭିବୃଦ୍ଧି କାର୍ଯ୍ୟକୁ 5,223 ଏଫଟୁ[66] ଚୁକ୍ତିନାମାରେ ଭାଙ୍ଗି ପ୍ରତ୍ୟେକ ଚୁକ୍ତିନାମାର ମୂଲ୍ୟକୁ 50 ହଜାର ଟଙ୍କାରେ ସୀମିତ ରଖିଥିଲେ ଯାହାର ପରିମାଣରେ ଉଚ୍ଚତମ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତାକୁ ଦୂର କରିଯାଇପାରିଥିଲା ଏବଂ ନିଲାମ ଡାକର ବିସ୍ତୃତ ବିଜ୍ଞାପନ ସ୍ଥାନ ପାଇ ପାରି ନଥିଲା । ପରିଣାମସ୍ୱରୂପ ଏହି କାର୍ଯ୍ୟଗୁଡିକର ପ୍ରତିଯୋଗିତାମୂଳକ ମୂଲ୍ୟ ସୁନିଶ୍ଚିତ ହୋଇପାରିନଥିଲା । 2009-14 ମଧ୍ୟରେ ହୋଇଥିବା ବିଖଣ୍ଡିତ ଚୁକ୍ତିନାମାର ପରିସର ସମଗ୍ର ଚୁକ୍ତିନାମା ତୁଳନାରେ 44 ଓ 70 ପ୍ରତିଶତ ମଧ୍ୟରେ ଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ସାଧାରଣତଃ ଆଇସିଏଆର ଠାରୁ ପାଣ୍ଠିର ମୁଖ୍ୟ ଅଂଶ ଆର୍ଥିକ ବର୍ଷର ଶେଷ ଭାଗରେ ପ୍ରାପ୍ତି ହୋଇଥାଏ ଏବଂ ଏହା ସେହି ବର୍ଷରେ ଉପଯୋଗ ହୋଇ ୟୁସି ପଠାଇବାକୁ ଦରକାର ଥାଏ । ତେଣୁ କେତେକ ପାଞ୍ଚ ଲକ୍ଷ ଟଙ୍କାରୁ କମ୍ ସୂଚୀର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.5.24 ବ୍ୟବସ୍ଥା ଅନୁସାରେ ଭିସିଙ୍କର ଯଥାରୀତି ଅନୁମୋଦନରେ ପାଣ୍ଠିର ତ୍ୱରାନ୍ୱିତ ବିନିଯୋଗ ନିମନ୍ତେ ବିଖଣ୍ଡିତ ରୂପେ ନିର୍ବାହ କରାଯାଇଥିଲା । ପରନ୍ତୁ ଆର୍ଥିକ ବର୍ଷର ପ୍ରାରମ୍ଭରେ ଆଇସିଏଆର ଠାରୁ ପାଣ୍ଠିର ବ୍ୟବସ୍ଥା ନିମନ୍ତେ ଓୟୁଏଟି କୌଣସି ପଦକ୍ଷେପ ନେଇ ନଥିଲା ।

## 3.1.6 ଆର୍ଥିକ ପରିଚାଳନା

### 3.1.6.1 ରାଜ୍ୟ ସେକ୍ଟରରେ ନିଅଣ୍ଟିଆ ବଜେଟ ବ୍ୟବସ୍ଥା

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ଆର୍ଥିକ ସହାୟତା କେନ୍ଦ୍ର ସରକାର, ରାଜ୍ୟ ସରକାର, ଆଇସିଏଆର ଠାରୁ ଯୋଜନା ଓ ଅଣ ଯୋଜନା ବାବଦ ଅନୁଦାନ ଏବଂ ଛାତ୍ରଛାତ୍ରୀମାନଙ୍କ ଆଦାୟ ଫି ଓ ଫାଇନ, ପାଠପଢା ଉପକରଣର ମୁଦ୍ରଣ, ବିକ୍ରି ଅର୍ଥ ଓ ଭଡାସୂତ୍ରରୁ ଆଦାୟ ନିଜସ୍ୱ ପାଣ୍ଠିରୁ ଯୋଗାଇଦିଆଯାଇଥିଲା । 2009-10 ରୁ 2013-14 ମସିହା ପର୍ଯ୍ୟନ୍ତ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ତ ହୋଇଛି ।

***ସାରଣୀ ସଂଖ୍ୟା 3.2*** ***2009-10 ରୁ 2013-14 ମୋଟ ଆୟ ଏବଂ ବ୍ୟୟ***

***(କୋଟି ଟଙ୍କାରେ)***

| ପ୍ରକଳ୍ପର ନାମ | ବର୍ଷ | ପ୍ରାରମ୍ଭିକ ଜମା | ପାଣ୍ଠିର ମୋଟ ଆୟ | | | ବ୍ୟୟ | ଅବଶେଷ ଜମା |
|---|---|---|---|---|---|---|---|
| | | | ଅନୁଦାନ | ଅନ୍ୟାନ୍ୟ ଆୟ/ସୁଧ | ମୋଟ ପାଣ୍ଠି ଆଦାୟ | | |
| ରାଜ୍ୟ କ୍ଷେତ୍ର | 2009-14 | -2.03 | 431.17 | 57.19 | 486.33 | 499.24 | -12.91 |
| ଆରକେଭିୱାଇ | 2009-14 | 0.92 | 40.36 | 0 | 41.28 | 34.67 | 6.61 |
| କେନ୍ଦ୍ରିୟ ଯୋଜନା ଆଇସିଏଆର/ ଭାରତ ସରକାରଙ୍କ ପ୍ରକଳ୍ପ | 2009-14 | 13.82 | 301.14 | 0 | 314.96 | 309.73 | 5.23 |
| ଅନ୍ୟାନ୍ୟ-ନିଜ ଅର୍ଥ ପ୍ରକଳ୍ପ | 2009-14 | 9.36 | 2.51 | 22.77 | 34.64 | 22.33 | 12.31 |
| **ସମୁଦାୟ** | | **22.07** | **775.18** | **79.96** | **877.21** | **865.97** | **11.24** |

***ଉତ୍ସ: 2013-14 ବର୍ଷ ପାଇଁ ଅଙ୍କ ଅନନ୍ତିମ ଅଟେ***

66 ଏଫଟୁ ଚୁକ୍ତିନାମା ଓପିଡବ୍ଲୁଡି ସଂହିତା ଅନୁଯାୟୀ ମାନକ ପତ୍ର ।

ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା ଓ ଅଣ ଶିକ୍ଷା କର୍ମଚାରୀଙ୍କ ଦରମା ଖର୍ଚ୍ଚ ବାବଦରେ ନିଅଣ୍ଟିଆ ବଜେଟ ବ୍ୟବସ୍ଥା ହେତୁ ଉପରେ ବର୍ଣ୍ଣିତ ନିଅଣ୍ଟ ରାଜ୍ୟ ସେକ୍ଟରରେ ହୋଇଥିଲା । ଯାହା ଆଭ୍ୟନ୍ତରୀଣ ପାଣ୍ଠି ଓ ଆବର୍ତ୍ତ ପାଣ୍ଠିରୁ ସାମୟିକ ଋଣ ଦ୍ୱାରା ଭରଣା କରା ଯାଇଥିଲା, ଯାହାଯୋଗୁଁ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ରରେ ଭିନ୍ନଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ ଓୟୁଏଟି ଆଇସିଏଆର/ ଭାରତ ସରକାରଙ୍କ ଉଦ୍ଦିଷ୍ଟ ଅର୍ଥ ଉପରେ ନିର୍ଭର କରୁଥିଲା । ପ୍ରତ୍ୟେକ ବର୍ଷ ଭାରତ ସରକାରଙ୍କ ଯୋଜନା, ଆଇସିଏଆର/ଆରକେଭିଓ୍ୱାଇ ଏବଂ ନିଜସ୍ୱ ଆର୍ଥିକ ଯୋଜନା ଅଧିନରେ ପ୍ରାପ୍ତ ହୋଇଥିବା ଅର୍ଥର ବଳକା ଆସନ୍ତା ଆର୍ଥିକ ବର୍ଷ ହିସାବକୁ ନିଆଯାଉଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଓୟୁଏଟି ଯୋଜନା ଓ ଅଣଯାଜନାର ଦରମା ଅର୍ଥ ପ୍ରଦାନ ନିମିତ୍ତ ବଜେଟ୍‌ର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲା ।

### 3.1.6.2 *କେନ୍ଦ୍ରୀୟ ସହାୟତାର ଅନୁପଯୋଗିତା*

ଆଇସିଏଆର ର ମଞ୍ଜୁରୀ ଆଦେଶ ଅନୁଯାୟୀ ବାର୍ଷିକ ମିଳିଥିବା ଅନୁଦାନ ରାଶି ସେହି ବର୍ଷ କର୍ମଚାରୀଙ୍କ ଦରମା ଏବଂ ଗବେଷଣା ଓ ଉନ୍ନତିମୂଳକ କାର୍ଯ୍ୟକଳାପରେ ବିନିଯୋଗ ହେବାର ଥିଲା ଏବଂ କୌଣସି ବଳକା ରାଶି ଫେରିଯିବାର ଅଥବା ପରବର୍ତ୍ତୀ ବର୍ଷର ଅନୁଦାନ ବାବଦରେ ବ୍ୟବସ୍ଥିତ ହେବାର ଥିଲା । ଏହା ଦେଖାଗଲା ଯେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଗବେଷଣାକେନ୍ଦ୍ରଗୁଡିକରେ ବୈଜ୍ଞାନିକ, ଅଧ୍ୟାପକ, ସହ ଅଧ୍ୟାପକ ଓ ସହାୟକ ଅଧ୍ୟାପକ ପଦବୀ ପୂରଣ ନ ହେବା ହେତୁ ଆଇସିଏଆର 2009 ରୁ 2014 ମଧ୍ୟରେ ବଳକା 59.26 କୋଟି ଟଙ୍କାର ବନ୍ଦୋବସ୍ତ କରିଥିଲା ଯାହାକି ଅନୁଚ୍ଛେଦ 3.1.2.1 ରେ ବର୍ଣ୍ଣିତ ହୋଇଅଛି । ଅର୍ଥ ଉପଲବ୍ଧ ସତ୍ତ୍ୱେ ଓୟୁଏଟି ମାର୍ଚ୍ଚ 2014 ପର୍ଯ୍ୟନ୍ତ ଖାଲିସ୍ଥାନ ପୂରଣ କରିବାରେ ପଦକ୍ଷେପ ନେଇ ନଥିଲା । ଫଳସ୍ୱରୂପ କେନ୍ଦ୍ରିୟ ସହାୟତାର ଅନୁପଯୋଗ ବ୍ୟତୀତ ଛାତ୍ରମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ ହୋଇପାରି ନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଅଧ୍ୟାପକ, ସହାୟକ ଅଧ୍ୟାପକ ଓ ସମତୁଲ୍ୟ ଏବଂ ବୈଜ୍ଞାନିକ ପଦବୀର ଖାଲି ହେତୁ ଆଇସିଏଆର/ ଭାରତ ସରକାରଙ୍କ ଅନୁଦାନର ବିନିଯୋଗ ହୋଇପାରିନଥିଲା ।

### 3.1.6.3 *ରାଜ୍ୟ ସରକାରଙ୍କ ଦ୍ୱାରା ଅନୁରୂପ ଭାଗ ପ୍ରଦାନ ହୋଇ ନଥିଲା*

ଓୟୁଏଟି ଓ ଆଇସିଏଆର ମଧ୍ୟରେ ହୋଇଥିବା ବୁଝାମଣା ସ୍ମାରକପତ୍ର ଅନୁଯାୟୀ, ସର୍ବଭାରତୀୟ ଗବେଷଣା ସହଭାଗିତା କାର୍ଯ୍ୟକ୍ରମଗୁଡିକ (ଏଆଇଆରସିପି) ଭାରତ ସରକାର ଓ ଓଡିଶା ସରକାରଙ୍କ ମଧ୍ୟରେ (75:25) ମୂଲ୍ୟ ଭାଗିଦାରିତା ମାଧ୍ୟମରେ କାର୍ଯ୍ୟକ୍ଷମ ହେଉଅଛି । ଏହା ଦେଖାଗଲା ଯେ ଆଇସିଏଆର ଠାରୁ ଦରମା ଓ ଗବେଷଣା କାର୍ଯ୍ୟକଳାପଗୁଡିକ ପାଇଁ 2009 ରୁ 2014 ମସିହା ମଧ୍ୟରେ 81.69 କୋଟି ଟଙ୍କାର ଅନୁଦାନ ପ୍ରାପ୍ତ ହୋଇଥିଲା କିନ୍ତୁ ରାଜ୍ୟ ସରକାର ତାଙ୍କର ଅନୁରୂପ ଭାଗ ହିସାବରେ 27.23 କୋଟି ଟଙ୍କା ପ୍ରଦାନ କରି ନଥିଲେ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ରାଜ୍ୟ ସରକାରଙ୍କ ଅନୁରୂପ ଭାଗର ନିଅଣ୍ଟ ସ୍ଥଳେ, ଓୟୁଏଟି ଆବଶ୍ୟକ ହେଉଥିବା ଅର୍ଥ ପ୍ରସ୍ତାବ କରିବାରେ ପ୍ରେରଣ ଦେଖାଇବାର ଥିଲା ।

### 3.1.6.4 *ଆବର୍ତ୍ତୀ ଅର୍ଥର ପରିବର୍ତ୍ତନ*

ଆଇସିଏଆର ନିୟମାବଳୀ ଅନୁଯାୟୀ କୃଷି ବିଜ୍ଞାନକେନ୍ଦ୍ରଗୁଡିକ ଆବର୍ତ୍ତୀ ଅର୍ଥର ଜମା ଉଦ୍ଦେଶ୍ୟରେ ଏବଂ ସେହି ଜମାଖାତାରୁ ହେଉଥିବା ଲାଭଗୁଡିକ ବିଭିନ୍ନ ପ୍ରକାର ଶିକ୍ଷାନୁଭିତ୍ତିକ କାର୍ଯ୍ୟକ୍ରମଗୁଡିକ ଯଥା କୃଷି ଉପକରଣର ଉତ୍ପାଦନ/ଯୋଗାଣ, କୃଷି କାର୍ଯ୍ୟକଳାପ ପାଇଁ ମଞ୍ଜୁରୀ ଇତ୍ୟାଦିରେ ବିନିଯୋଗ କରିବା ନିମିତ୍ତ ଏକ ପୃଥକ ବ୍ୟାଙ୍କ୍ ଜମାଖାତା ଖୋଲିବାର ଥିଲା । ସେହିପରି ଫସଲ ଓ ଅନ୍ୟାନ୍ୟ ଚାଷ ଦ୍ରବ୍ୟଗୁଡିକର ବିକ୍ରିଅର୍ଥ ମଧ୍ୟ ସେହି ଜମାଖାତାରେ ଜମା କରିବାର ଥିଲା । ଉପର ଲିଖିତ ନିୟମାବଳୀର ଉଲ୍ଲଂଘନ ହୋଇ, 28 ଟି କୃଷି ବିଜ୍ଞାନକେନ୍ଦ୍ରରୁ 2009 ରୁ 2014 ମଧ୍ୟରେ ବିକ୍ରିରୁ ପ୍ରାପ୍ତ 1.26 କୋଟି ଟଙ୍କା (ତନ୍ମଧ୍ୟରୁ 10ଟି କୃଷି ବିଜ୍ଞାନ

କେନ୍ଦ୍ରର ପରୀକ୍ଷାମୂଳକ ଯାଞ୍ଚ୍ ମଧ୍ୟରେ 0.51 କୋଟି ଟଙ୍କା ଅନ୍ତର୍ଭୁକ୍ତ) ପ୍ରାଧାନାଚାର୍ଯ୍ୟ ସମ୍ପ୍ରସାରଣ ଶିକ୍ଷା[67] (ଡିଇଇ) ଏକ ଚାଲୁ ଜମାଖାତାରେ ରଖିଥିଲେ । ଆଇସିଏଆର ନିୟମାବଳୀର ଉଲ୍ଲଂଘନ କରି ଏହି ଅର୍ଥ ମଧ୍ୟରୁ ଡିଇଇ ଜୁଲାଇ 2010 ରୁ ମାର୍ଚ୍ଚ 2014 ମଧ୍ୟରେ ନିୟନ୍ତ୍ରକଙ୍କୁ 0.60 କୋଟି ଟଙ୍କା ପ୍ରଦାନ କରିଥିଲେ ।

### 3.1.6.5 *ଯୋଜନା ଅର୍ଥ ବିନିଯୋଗରେ ବିଳମ୍ବତା*

ନିର୍ଦ୍ଦେଶକ, ଶାରିରୀକ ଉଦ୍ଭିଦ (ଡିପିପି) 2009 ରୁ 2014 ମଧ୍ୟରେ ରାଷ୍ଟ୍ରିୟ କୃଷି ବିକାଶ ଯୋଜନା(ଆରକେଭିୱାଇ) ଅଧିନରେ ବିଭିନ୍ନ ଜିଲ୍ଲାରେ ଅବସ୍ଥିତ ଗବେଷଣା କେନ୍ଦ୍ରଗୁଡିକ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ମହାବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମି ନିର୍ମାଣ ପାଇଁ ଓୟୁଏଟିଠାରୁ 30.44 କୋଟି[68] ଟଙ୍କା ପ୍ରାପ୍ତ କରିଥିଲା । ଡିପିପି ଜଣାଇଲା ଯେ 30.44 କୋଟି ଟଙ୍କା ମଧ୍ୟରୁ 19.18 କୋଟି ଟଙ୍କା ଖର୍ଚ୍ଚ ହେଲା ଏବଂ 9.98 କୋଟି[69] ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ମାର୍ଚ୍ଚ 2014 ସୁଦ୍ଧା ଦିଆଯାଇଥିଲା । ଏହା ମଧ ଦେଖାଗଲା ଯେ 2013-14 ମସିହାରେ ପ୍ରାପ୍ତ 11.99 କୋଟି ଟଙ୍କା ମଧ୍ୟରୁ ସାତ କୋଟି ଟଙ୍କା ଯାହାକି ଜାନୁୟାରୀରୁ ମାର୍ଚ୍ଚ 2014 ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରଗୁଡିକର ସୀମା ପାଚେରୀ ନିର୍ମାଣ ପାଇଁ ପ୍ରାପ୍ତ ହୋଇଥିଲା । ପୁନଶ୍ଚ, ଏହା ଦେଖାଗଲା ଯେ 2013-14 ପୁରାକାଳ ମଧ୍ୟରେ 1.73 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ନିୟନ୍ତ୍ରକ ଏପ୍ରିଲ୍ 2014ରେ ଚାରି କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଓଡିଶା ସରକାରଙ୍କୁ ଉପସ୍ଥାପନ କରିଥିଲେ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଆରକେଭିୱାଇ ଅଧିନରେ 2013-14 ମସିହା ପାଇଁ ଅନୁଦାନ ଅର୍ଥ ଫେବୃଆରୀ ଏବଂ ମାର୍ଚ୍ଚ 2014 ମଧ୍ୟରେ ହସ୍ତଗତ ହୋଇଥିଲା । ଯଦିଓ ମାର୍ଚ୍ଚ 2014 ରେ କାର୍ଯ୍ୟାଦେଶ ଦିଆଯାଇଥିଲା, ସାଧାରଣ ନିର୍ବାଚନ 2014 ପାଇଁ ଆଚରଣ ବିଧିର ଲାଗୁ ହେତୁ କାର୍ଯ୍ୟ ସମ୍ପୂର୍ଣ୍ଣରେ ବିଳମ୍ବ ଘଟିଥିଲା । ଯାହାହେଉ, ବିନିଯୋଗ ପ୍ରମାଣ ପତ୍ର ଗୁଡିକରେ ଅଙ୍କଗୁଡିକର ଅମେଳକ ନେଇ ଉତ୍ତର ନୀରବ ଅଛି ।

### 3.1.6.6 *ଅନିୟମିତ ନିଯୁକ୍ତି ଏବଂ ଅଗ୍ରାହ୍ୟ ଅର୍ଥ ପ୍ରଦାନ*

ଓଡିଶା ସରକାର ପ୍ରଚଳିତ କୃଷି ବିଜ୍ଞାନକେନ୍ଦ୍ରଗୁଡିକରେ 27 ଗୋଟି କାର୍ଯ୍ୟକ୍ରମ ସଂଯୋଜକ, 162 ଗୋଟି ବିଷୟବସ୍ତୁ ବିଶେଷଜ୍ଞ ଓ 81 ଗୋଟି କାର୍ଯ୍ୟକ୍ରମ ସହାୟକ ପଦବୀ ସୃଷ୍ଟିକୁ ଏହି ସର୍ତ୍ତରେ ଅନୁମୋଦନ କରିଥିଲେ ଯେ ପଦବୀଧାରୀମାନେ ଯେଉଁମାନେ କି ଚୁକ୍ତିଭିତ୍ତିକ ଆଧାରରେ ନିୟମିତ ଦରମାହାର କିନ୍ତୁ ବିନା ବେତନ ବୃଦ୍ଧି ଓ ଅନ୍ୟ ସରକାରୀ ସୁବିଧାରେ କାର୍ଯ୍ୟକରିଆସୁଛନ୍ତି । ସେମାନେ ଚୁକ୍ତିଭିତ୍ତିକ ନିଯୁକ୍ତିଠାରୁ ଛଅ ବର୍ଷ ପୂରଣ ପର୍ଯ୍ୟନ୍ତ ପରିବୀକ୍ଷା ଭାବେ କାର୍ଯ୍ୟଚାଲୁ ରଖିବେ । ଛଅ ବର୍ଷ ପୁରିବା ପରେ ପଦବୀଧାରୀମାନେ ନୂଆକରି ସୃଷ୍ଟି ହୋଇଥିବା ପଦବୀରେ ଅନୁରୂପ ସମୟ ଦରମା ହାରକୁ(ଟାଇମ୍ ସ୍କେଲ୍) ଚାଲିଯିବେ ଏବଂ ସେମାନଙ୍କ କାର୍ଯ୍ୟକାଳ ସମୟ କୌଣସି ସରକାରୀ ଫାଇଦା ସହିତ ଅନ୍ତିମ ଫାଇଦା ଉଦ୍ଦେଶ୍ୟରେ ହିସାବ/ ବିବେଚନା କରାଯିବ ନାହିଁ । ଯେହେତୁ ସମସ୍ତ ପଦବୀ ଓ ନିଯୁକ୍ତି ପ୍ରତ୍ୟାଶିତ ଥିଲା । ଏହା ଦେଖାଗଲା ଯେ ଚୁକ୍ତିଭିତ୍ତିକ ସର୍ତ୍ତର ଉଲ୍ଲଙ୍ଘନ କରି ଓୟୁଏଟି 128 ଜଣ ଠିକା କର୍ମଚାରୀ ଯଥା 84 ଜଣ ବିଷୟ ବସ୍ତୁ ବିଶେଷଜ୍ଞ (ଡିସେମ୍ବର 2010) ଏବଂ 44 ଜଣ କାର୍ଯ୍ୟକ୍ରମ ସହାୟକଙ୍କୁ (ଡିସେମ୍ବର 2010) ସେମାନଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ଦିନ ଠାରୁ ବେତନ ସୁରକ୍ଷା ଓ ଅନ୍ୟ ସରକାରୀ ଫାଇଦା ସହିତ ପିଛିଲାଠାରୁ ଲାଗୁକରି

67 ପ୍ରାଧାନାଚାର୍ଯ୍ୟ ସମ୍ପ୍ରସାରଣ ଶିକ୍ଷା(ଡିଇଇ)- 31ଟି କୃଷି ବିଜ୍ଞାନ କେନ୍ଦ୍ର ଡିଇଇଙ୍କ ପ୍ରତ୍ୟେକ୍ଷ ନିୟନ୍ତ୍ରଣରେ କାର୍ଯ୍ୟକରନ୍ତି ଏବଂ ଓୟୁଏଟି ଅଧିନରେ କାର୍ଯ୍ୟକରୁଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡିକର ନିୟନ୍ତ୍ରଣ, ପର୍ଯ୍ୟାଲୋଚନା, ପର୍ଯ୍ୟବେକ୍ଷଣ ଏବଂ ସମ୍ପ୍ରସାରଣ କାର୍ଯ୍ୟକଳାପଗୁଡିକ ପାଇଁ ସେ ମୁଖ୍ୟ ନିୟନ୍ତ୍ରକ ଭାବେ ଘୋଷିତ ହୋଇଛନ୍ତି ।

68 2009-10 1.30 କୋଟି ଟଙ୍କା, 2010-11 6.04 କୋଟି ଟଙ୍କା, 2011-12 6.78 କୋଟି ଟଙ୍କା, 2012-13 4.33 କୋଟି ଟଙ୍କା ଏବଂ 2013-14 11.99 କୋଟି ଟଙ୍କା ।

69 2010-11 1.75 କୋଟି ଟଙ୍କା, 2012-13 4.23 କୋଟି ଟଙ୍କା ଏବଂ 2013-14 4 କୋଟି ଟଙ୍କା ।

ନିୟମିତ କରିଥିଲା । ଏହା ଫଳରେ ଚୁକ୍ତିଭିତ୍ତିକ କାଳରେ ବକେୟା ବେତନ ଓ ଭତ୍ତା ଦେୟ ବାବଦରେ 70 ଲକ୍ଷ ଟଙ୍କାର ଅଗ୍ରାହ୍ୟ ଅର୍ଥ ପ୍ରଦାନ ହେଲା । ଯଦିଓ ଅର୍ଥ ବିଭାଗ ଏହି ସମ୍ବନ୍ଧରେ ଆବଶ୍ୟକ ସଂଶୋଧନ କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲା (ଜୁଲାଇ 2011) କୃଷି ବିଭାଗ କିମ୍ବା ଓୟୁଏଟି ଅର୍ଥ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଆବଶ୍ୟକ ସଂଶୋଧନ କରି ନଥିଲେ ଏବଂ ପଦବୀଧାରୀମାନଙ୍କୁ ସେମାନଙ୍କ ବେତନ ଓ ଭତ୍ତା ନିୟମିତ ଦରମା ହାରରେ ଉଠାଇବାକୁ ଅନୁମତି ଦେଇଥିଲେ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ, କୃଷି ବିଭାଗର ପତ୍ରାଳାପ ଅନୁଯାୟୀ କୃଷି ବିଜ୍ଞାନକେନ୍ଦ୍ରଗୁଡିକର ଠିକା କର୍ମଚାରୀମାନେ ଅକ୍ଟୋବର 2010ରେ ନିୟମିତ ହୋଇଥିଲେ । ପରନ୍ତୁ ଅର୍ଥ ବିଭାଗର ନିର୍ଦ୍ଦେଶକୁ ଅବମାନନା କରି ଅର୍ଥ ପ୍ରଦାନ ହୋଇଥିଲା ଏବଂ ଏହାର ସଂଶୋଧନ ପାଇଁ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇ ନଥିବାର ସତ୍ୟତା ଜାରି ରହିଥିଲା ।

### 3.1.6.7 *କେଭିକେ କର୍ମଚାରୀଙ୍କୁ ଅଧିକା ବକେୟା ଅର୍ଥ ପ୍ରଦାନ*

ଆଇସିଏଆର (ନଭେମ୍ବର 2010) ନିୟମ ଅନୁଯାୟୀ କେନ୍ଦ୍ରିୟ ଷଷ୍ଠ ବେତନ କମିଶନର ସଂଶୋଧନ ହେତୁ ବକେୟା ଅର୍ଥ ରାଶି ପ୍ରଦାନ ବାବଦରେ ଓୟୁଏଟି କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ ଓ ଏହି ଯୋଜନାରେ ଅନ୍ତର୍ଭୁକ୍ତ ନଥିବା ଅନ୍ୟ କୌଣସି କର୍ମଚାରୀଙ୍କୁ ବକେୟା ଅର୍ଥ ପ୍ରଦାନ କରିବ ନାହିଁ । ଏହି ମଞ୍ଜୁରୀ ସର୍ତ୍ତାବଳୀ ସପକ୍ଷେ ମଧ ଥିଲା ଯେ ବକେୟା ଅର୍ଥ ପ୍ରଦାନର ଦାୟିତ୍ୱ କେବଳ ସେହି ପଦବୀଗୁଡିକ ପାଇଁ ସୀମିତ ଥିଲା । ଯେଉଁଗୁଡିକ 1 ଜାନୁୟାରୀ 2006 ମସିହା ପୂର୍ବରୁ ପୂରଣ ହୋଇଥିବ । ଏଣୁ 1 ଜାନୁୟାରୀ 2006 ମସିହା ପରେ ପୂରଣ ହୋଇଥିବା ପଦବୀଗୁଡିକ ପାଇଁ ବକେୟା ଅର୍ଥ ରାଶି ପ୍ରଦାନ ଅଗ୍ରାହ୍ୟ ଅଟେ ।

ଏହା ଦେଖାଗଲା ଯେ କୃଷି ବିଜ୍ଞାନ କେନ୍ଦ୍ରର 89 ଜଣ କର୍ମଚାରୀମାନଙ୍କୁ ବକେୟା ବାବଦରେ 2.21 କୋଟି ଟଙ୍କା ପ୍ରଦାନ କରାଗଲା । ଯଦିଓ ସେହି ପଦବୀଗୁଡିକ 1 ଜାନୁୟାରୀ 2006 ମସିହା ପରେ ପୂରଣ ହୋଇଥିଲା ।

ସରକାର ଜଣାଇଲେ ଯେ (ଅକ୍ଟୋବର 2014) ଯାହା ମଣ୍ଡଳୀୟ ପ୍ରକଳ୍ପ ନିର୍ଦ୍ଦେଶକ ଜେ,ଏନ,କେ,ବି,ବି ଜବଲପୁର ମାର୍ଚ୍ଚ 2011 ରେ ଜଣାଇଥିଲେ ଯେ ବୁଝାମଣା ସ୍ମାରକପତ୍ର ଅନୁଯାୟୀ ଓୟୁଏଟିର ଅଣ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ମିଳୁଥିବା ବିଶେଷାଧିକାର, ସୁଖ ସୁବିଧା ଓ ସୁବିଧା ସୁଯୋଗ ଭଳି ସମାନ ସୁବିଧା ଓ ସୁଯୋଗ ଓୟୁଏଟି କୃଷି ବିଜ୍ଞାନ କର୍ମଚାରୀମାନଙ୍କୁ ଦେଇପାରେ । ଯେହେତୁ କୃଷି ବିଜ୍ଞାନ କେନ୍ଦ୍ରକୁ ଆଇସିଏଆର ଦ୍ୱାରା ଶତ ପ୍ରତିଶତ ଅନୁଦାନ ମିଳୁଅଛି । ରାଜ୍ୟ ସରକାରଙ୍କ ବିନା ବୋଝ ଦାୟିତ୍ୱରେ ସମସ୍ତ କୃଷି ବିଜ୍ଞାନ କର୍ମଚାରୀମାନଙ୍କୁ ସମ ପରିମାଣର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ତାହା ସତ୍ତ୍ୱେ ବୁଝାମଣା ସ୍ମାରକ ପତ୍ର ଅନୁଯାୟୀ, କୃଷି ବିଜ୍ଞାନ କର୍ମଚାରୀମାନଙ୍କ ବେତନ ହାର ଆଇସିଏଆର ଅନୁମୋଦିତ ବେତନ ହାର ଠାରୁ ଅଧିକା ହେବା ଉଚିତ ନୁହେଁ ଏବଂ ଯେହେତୁ ସେହି କର୍ମଚାରୀମାନେ 1 ଜାନୁୟାରୀ 2006 ମସିହା ପରେ କାର୍ଯ୍ୟରେ ଯୋଗ ଦେଇଥିଲେ, କୃଷି ବିଜ୍ଞାନ କର୍ମଚାରୀମାନଙ୍କୁ ବକେୟା ବାବଦ ଅର୍ଥରାଶି ପ୍ରଦାନ ଗ୍ରହଣଯୋଗ୍ୟ ନଥିଲା ।

### 3.1.6.8 *ମୁଖ୍ୟ ରୋକଡ଼ ବହିର ଅନୁଚିତ୍ ରକ୍ଷଣାବେକ୍ଷଣ*

ଓୟୁଏଟିର ଆର୍ଥିକ ଓ ହିସାବ ପ୍ରକରଣ ପୁସ୍ତିକା ଅନୁଯାୟୀ ରୋକଡ ପୁସ୍ତିକା ଓୟୁଏଟିର ଫର୍ମ ନଂ-1 ଅନୁସାରେ ସଠିକ୍ ଭାବେ ଲେଖାଯିବ । ବ୍ୟାଙ୍କ କିମ୍ବା ନଗଦ ଟଙ୍କାର ସମସ୍ତ କାରବାର କ୍ୟାସ୍ ବହିରେ ଅନ୍ତର୍ଭୁକ୍ତ ହେବ ଏବଂ ବଳକା ରାଶିର ହିସାବ ହୋଇ ପ୍ରତ୍ୟେକ ଦିନ ବନ୍ଦ ହେବ । ଏହା ବ୍ୟତୀତ ପୁନରାବୃତ୍ତିର ପରିହାର କରିବାକୁ ପ୍ରତ୍ୟେକ ଦିନ ସହାୟକ ରୋକଡ ପୁସ୍ତିକାର ହୋଇଥିବା ନଗଦ ଟଙ୍କା କାରବାରର ମୋଟ ରାଶି ମୁଖ୍ୟ ରୋକଡ ପୁସ୍ତିକାରେ ଲେଖାଯିବା ଉଚିତ । ଯଦି ପ୍ରକୃତ ବ୍ୟାଙ୍କ୍ ଗଚ୍ଛିତ ରାଶି ଓ ରୋକଡ ପୁସ୍ତିକାରେ ଦେଖାଯାଇଥିବା ବ୍ୟାଙ୍କ୍ ଗଚ୍ଛିତ ରାଶିର କୌଣସି ଅସମାନତା ରହିଥାଏ ତେବେ ପ୍ରତ୍ୟେକ ସପ୍ତାହର ଶେଷରେ

ବ୍ୟାଙ୍କ୍ ସହ ମେଳକ ବିବରଣୀ ଲିପିବଦ୍ଧ ହେବା ଉଚିତ୍ ଏବଂ ଏହା ଦିନ ଓ ଅସମାନତାକୁ ଦର୍ଶାଇ କ୍ୟାସ୍ ବହିରେ ସଂଲଗ୍ନ ହେବ । ଏହା ଦେଖାଗଲା ଯେ –

- ଉପର ଲିଖିତ ଆର୍ଥିକ ଓ ହିସାବ ପ୍ରକରଣ ବହି ବ୍ୟବସ୍ଥାର ଉଲ୍ଲଙ୍ଘନ କରି ସମୀକ୍ଷା ଦିନ ସୁଦ୍ଧା (ଜୁଲାଇ 2014) ନିୟନ୍ତ୍ରକଙ୍କ ମୁଖ୍ୟ ପୁସ୍ତିକା ବହି ମାର୍ଚ୍ଚ 2013 ପର୍ଯ୍ୟନ୍ତ ଲେଖାହୋଇ ବନ୍ଦ ରହିଥିଲା ।

- ପ୍ରତ୍ୟେକ ସପ୍ତାହ କିମ୍ବା ମାସ ଶେଷରେ ବ୍ୟାଙ୍କ୍ ବିବରଣୀ ସହ ମେଳକ ତିଆରି ହୋଇ ନଥିଲା ଏବଂ ମୁଖ୍ୟ ରୋକଡ ପୁସ୍ତିକାର 5ଟି ବ୍ୟାଙ୍କ୍ ହିସାବ ଖାତାରେ ମାର୍ଚ୍ଚ 2013 ଶେଷ ସୁଦ୍ଧା 22.86 କୋଟି ଟଙ୍କାର ଅସମାନତା ଥିବାର ଦେଖାଯାଇଥିଲା ।

- ଆଭ୍ୟନ୍ତରୀଣ ସମୀକ୍ଷା ବିଭାଗ ରୋକଡ଼ର ପ୍ରତ୍ୟକ୍ଷ ଯାଞ୍ଚ କରିନଥିଲେ ଯେଉଁଥିପାଇଁ ମୁଖ୍ୟ ରୋକଡ ବହି ଏପ୍ରିଲ 2013 ସୁଦ୍ଧା ସମାପ୍ତ ହୋଇନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ରୋକଡ ବହି ଗୁଡିକର ବ୍ୟାଙ୍କ୍ ଜମାରାଶି ସଙ୍ଗେ ମେଳ କରିବା ପାଇଁ ପଦକ୍ଷେପ ନିଆଯାଇଅଛି ।

କିନ୍ତୁ, ଯେହେତୁ ରୋକଡ ବହିଗୁଡିକ ନିୟମିତ ଲେଖାଯାଇ ନଥିଲା ଏବଂ ବ୍ୟାଙ୍କ୍ ଜମାରାଶି ସଙ୍ଗେ ମେଳ ବହୁତ ଦିନରୁ ବାକି ଥିଲା, ଅର୍ଥ ରାଶିର ଆତ୍ମସାତ୍ ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନପାରେ ।

### *3.1.7 ଉପସଂହାର*

ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରଗୁଡିକରେ ଶିକ୍ଷକ ପଦବୀ ପୂରଣ ନ ହେବା ଫଳରେ କେନ୍ଦ୍ରିୟ ସହାୟତା ବିନିଯୋଗ ହୋଇ ନଥିଲା । ଏତଦ୍ ବ୍ୟତୀତ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ପ୍ରଦାନ ହୋଇପାରୁ ନଥିଲା । ଶିକ୍ଷକ ଓ ମୌଳିକ ଉପକରଣର ସୁନିଶ୍ଚିତ କରା ନଯାଇ 10ଟି କୃଷି ବହୁବୃତ୍ତି କେନ୍ଦ୍ର ଖୋଲିଥିଲା । ଯାହାଫଳରେ ଆଇ.ସି.ଏ.ଆର ନିୟମାବଳୀର ଉଲ୍ଲଙ୍ଘନ କରି କୃଷି ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠାନ ଓ ଭିତ୍ତିଭୂମି କୃଷି ବହୁବୃତ୍ତି କେନ୍ଦ୍ର ପାଇଁ ବ୍ୟବହାର ହେଉଥିଲା । କୃଷି ବିଜ୍ଞାନ କେନ୍ଦ୍ରଗୁଡିକ ପାଇଁ ଆବଶ୍ୟକ ହେଉଥିବା ଅବଶେଷ ଜମି ପ୍ରଦାନ ନ ହେବା ଫଳରେ କୃଷି ବିଜ୍ଞାନ କେନ୍ଦ୍ରର ଲକ୍ଷ୍ୟସାଧନ ହୋଇପାରୁ ନଥିଲା ।

## ଜଳ ସମ୍ପଦ ବିଭାଗ

### *3.2 ନିରର୍ଥକ ପୁଞ୍ଜି ଲଗାଣ*

**କେନାଲ ବଣ୍ଟନ ବ୍ୟବସ୍ଥା ପାଇଁ ବିନା ଜମି ଅଧିଗ୍ରହଣରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ଶୀର୍ଷ କାର୍ଯ୍ୟ ନିର୍ବାହକ ଯୋଗୁଁ 5.50 କୋଟି ଟଙ୍କାର ନିରର୍ଥକ ପୁଞ୍ଜିଲଗାଣ**

ଓଡିଶା ପୂର୍ତ୍ତ ବିଭାଗ ସଂହିତା ପାରା 3.2.1 ଅନୁସାରେ, ସାର୍ବଜନିନ କାର୍ଯ୍ୟ ପ୍ରାରମ୍ଭ ପାଇଁ ତିନୋଟି ପ୍ରାକ୍ ଆବଶ୍ୟକତା ଜରୁରୀ ହୋଇଥାଏ । ସେଗୁଡିକ (i) ପ୍ରଶାସନିକ ମଞ୍ଜୁରୀ (ii) ବୈଷୟିକ ମଞ୍ଜୁରୀ ଏବଂ (iii) ପାଣ୍ଠି ଆବଣ୍ଟନ । ପ୍ରଶାସନିକ ମଞ୍ଜୁରୀ ପାଇଁ ସବିଶେଷ ପ୍ରକଳ୍ପ ବିବରଣ(ଡିପିଆର) ପ୍ରସ୍ତୁତ କରିବାକୁ ହୁଏ । ସେହି ଅନୁସାରେ ଜମି ଅଧିଗ୍ରହଣ ଜଙ୍ଗଲ ଅନୁମତି, ସବିଶେଷ ନକସା ଏବଂ ଅଟକଳ ପାଇଁ ପଦକ୍ଷେପ ନେବା ଉଚିତ୍ । ଜମି ଅଧିଗ୍ରହଣ ନିୟମ ଅନୁସାରେ ଜମି ଆବଶ୍ୟକ କରୁଥିବା ପ୍ରକଳ୍ପ, ବିଭାଗୀୟ ଅଧିକାରୀ, କ୍ଷମତାପନ୍ନ ରାଜସ୍ୱ ଅଧିକାରୀଙ୍କୁ ଉପସ୍ଥାପନ କରିବା ଉଚିତ୍ ଏବଂ କେବଳ ସମ୍ଭାବ୍ୟ ଆକଳିତ ଜମିର ମୂଲ୍ୟ ମଞ୍ଜୁରୀ ପାଇବା ଉଚିତ୍ ।

ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଜନ, ଭବାନୀପାଟଣାର ନଥିପତ୍ର ଯାଞ୍ଚରୁ ପ୍ରତୀୟମାନ ହେଲା ଯେ, ପାଞ୍ଚଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ 2007-08 ଏବଂ 2008-09 ରେ ନାବାର୍ଡ ସହାୟତାରେ ଜାତୀୟ ଅନ୍ତନିର୍ମାଣ ବିକାଶ ପାଣ୍ଠି XVIII ଏବଂ XIV ଅଧୀନରେ 8.45 କୋଟି ଟଙ୍କା ପାଣ୍ଠିରେ, 752 ହେକ୍ଟର ଜଳସେଚନ ସୁବିଧା ଦେବା ପାଇଁ ମଞ୍ଜୁର ହୋଇଥିଲା  ମାତ୍ର କେନାଲ ବଣ୍ଟନ ବ୍ୟବସ୍ଥା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା 2011-12, 2012-13 ଏବଂ 2013-14 ରେ ଆରମ୍ଭ ହେଇଥିଲା ଯାହାର ସବିଶେଷ ***ପରିଶିଷ୍ଟ 3.2.1*** ରେ ଦିଆଗଲା । ଏହା ମଧ ଦେଖାଗଲା ଯେ ଜୁନ୍ 2014 ସୁଦ୍ଧା ଉପରୋକ୍ତ ଜମି ଅଧିଗ୍ରହଣ ନିୟମ 1894ର ପ୍ରାରମ୍ଭିକ 4(i) ଅଧିସୂଚନା ସ୍ତରରେ ଥିଲା । ଉପରୋକ୍ତ ପାଞ୍ଚଟି କାମରେ ଶୀର୍ଷ କାର୍ଯ୍ୟଗୁଡିକ ଅଗଷ୍ଟ 2009 ଏବଂ ଜାନୁଆରୀ 2011 ମଧରେ 5.50 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିଲା । ଜମି ଅଧିଗ୍ରହଣ ଅଭାବରୁ କେନାଲ ବଣ୍ଟନ ବ୍ୟବସ୍ଥା ଅସମାପନ ଯୋଗୁଁ ତିନି ବର୍ଷ ଉପରେ ମଧ ଶୀର୍ଷ କାର୍ଯ୍ୟଗୁଡିକ ହିତକାରୀ  ବ୍ୟବହାରରେ ନିୟୋଜନ ହୋଇ ପାରିଲା ନାହିଁ । ଏଣୁ ପ୍ରକଳ୍ପ କାର୍ଯ୍ୟ ପ୍ରାରମ୍ଭରୁ କେନାଲ ବଣ୍ଟନ ବ୍ୟବସ୍ଥା ପାଇଁ ଜମି ଅଧିଗ୍ରହଣ ନିଶ୍ଚିତ କରିବାରେ ନିର୍ବାହୀ ଯନ୍ତ୍ରୀ ବିଫଳ ହେବାରୁ ପାଞ୍ଚଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଶୀର୍ଷ କାର୍ଯ୍ୟ ଯୋଗୁଁ 5.50 କୋଟି ଟଙ୍କା ନିରର୍ଥକ ପୁଞ୍ଜି ଲଗାଣ ହେଲା ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ପ୍ରକଳ୍ପ ଗୁଡିକ ଶୀର୍ଷ କାର୍ଯ୍ୟ ସବୁରକମର ସରିଛି ଏବଂ ଜମି ଅଧିଗ୍ରହଣର ଅଗ୍ରଗତି ଅନ୍ୟ ବିଭାଗର ସହଯୋଗ ଉପରେ ନିର୍ଭର କରେ । ଜମି ଅଧିଗ୍ରହଣ ଗୁଡିକ ଚୂଡାନ୍ତ କରିବା ପାଇଁ  ତ୍ୱରାନ୍ୱିତ ପଦକ୍ଷେପ ମାନ ନିଆଯାଇଛି ଏବଂ, ପ୍ରକଳ୍ପ ଗୁଡିକ ଅଳ୍ପ ସମୟରେ ଶେଷ କରି ଏବଂ ଧାର୍ଯ୍ୟ ଜଳସେଚନ ହାସଲ ପାଇଁ ।

### *3.3 ଠିକାଦାରଙ୍କୁ ଅନୁଚିତ୍ ଫାଇଦା*

**ଯାନ୍ତ୍ରିକ ଖନନ ପରିବର୍ତ୍ତେ ଅଯୌକ୍ତିକ ହସ୍ତ ଖନନ ବ୍ୟବସ୍ଥା ଦ୍ୱାରା 1.79 କୋଟି ଟଙ୍କା ଠିକାଦାରଙ୍କୁ ଅନୁଚିତ୍ ଫାଇଦା**

ଓଡିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.4.10 (i) ଅନୁସାରେ ଦର ଖସଡା ଆଧାରରେ ବ୍ୟୟ ଅଟକଳ ଏବଂ ବ୍ୟୟ ଅଟକଳରେ ଚିଜଦରର ବ୍ୟବସ୍ଥା ମିତବ୍ୟୟିତା ସହକାରେ ପ୍ରସ୍ତୁତ କରିବା ଉଚିତ । ତାଳଦଣ୍ଡା କେନାଲର ଆରଡି 41.935 ରୁ 79.020 କି.ମି.ର ଥଇଥାନ, ସମ୍ପ୍ରସାରଣ ଏବଂ ଆଧୁନିକୀକରଣ (ଦୁଇଟି ରିଚ୍) ଏବଂ ସୁରୁଆ ବାମ ବନ୍ଧର ଆର୍ ଡି 00 ରୁ 16.00 କି.ମି.ର ଉନ୍ନତିକରଣ ଏବଂ ବନ୍ୟା ନିୟନ୍ତ୍ରଣ କାମର ବ୍ୟୟ ଅଟକଳକୁ ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ, ନିମ୍ନ ମହାନଦୀ ଅବବାହିକା ପାଇଁ 21.10 କୋଟି ଟଙ୍କାରେ ଅନୁମୋଦନ (ସେପ୍ଟେମ୍ବର 2010 ଏବଂ ମେ 2012) କରିଥିଲେ ***(ପରିଶିଷ୍ଟ 3.3.1)*** । ପ୍ରକଳ୍ପ ଗୁଡିକ ଯଥାକ୍ରମେ ଏସିୟ ଉନ୍ନୟନ ବ୍ୟାଙ୍କ (ଏଡିବି) ଓ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ଜାତୀୟ ବ୍ୟାଙ୍କ (ନାବାର୍ଡ)ର ପାଣ୍ଠି ଦ୍ୱାରା ସମ୍ପାଦନ କରିବାର ଥିଲା । ଉପରୋକ୍ତ ଦୁଇଟି କାର୍ଯ୍ୟ ଦୁଇ ଜଣ ଠିକାଦାରଙ୍କୁ 25.81 କୋଟି ଟଙ୍କାରେ ଜାନୁୟାରୀ  2014 ଏବଂ ଅଗଷ୍ଟ 2014 ମଧରେ ସଂପୂର୍ଣ୍ଣ କରିବା ପାଇଁ (ଡିସେମ୍ବର 2012 ଏବଂ ଜାନୁୟାରୀ 2014 ମଧରେ) ପ୍ରଦାନ କରାଯାଇଥିଲା । 10.13 କୋଟି ଟଙ୍କା ଖର୍ଚ୍ଚ ସହିତ କାମ ଗୁଡିକ ଚାଲୁ ରହିଛି (ନଭେମ୍ବର 2013) ।

ନିର୍ବାହୀ ଯନ୍ତ୍ରୀ (ଇଇ) ମହାନଦୀ ଦକ୍ଷିଣ ବିଭାଜନ, କଟକ ଙ୍କର ନଥିପତ୍ର ଯାଞ୍ଚରୁ(ଡିସେମ୍ବର 2013) ଜଣାଗଲା ଯେ ଉପରୋକ୍ତ କାମ ଗୁଡିକର ବ୍ୟୟ ଅଟକଳରେ ଖୋଦନ ସ୍ଥାନର ଅନୁମୋଦିତ ମାଟି ଖନନ କରିବାର (ଆଇଟମ୍) ଚିଜ ଥିଲା । ଚିଜର ସ୍ପଷ୍ଟିକରଣ ଅନୁସାରେ ଉଭୟ ମାଟିର ଖନନ ଓ ପରିବହନ ଯାନ୍ତ୍ରିକ ସହାୟତାରେ ହେବା କଥା ଏବଂ ଠିକାଦାର ତାର ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ଖୋଦନ ସ୍ଥାନ ଯୋଗାଡ କରିବା କଥା । କିନ୍ତୁ ବ୍ୟୟ ଅଟକଳରେ ଆଇଟମ୍‌ର ଦର ବିଶ୍ଳେଷଣରୁ ଜଣାଗଲା ଯେ ଖନନର ଚିଜ ଦର ଶ୍ରମିକ ମାନଙ୍କର ଖନନ ଓ ଯାନ୍ତ୍ରୀକ ପରିବହନର ମୂଲ୍ୟକୁ ନେଇ କରାଯାଇଛି । ନିର୍ବାହୀ ଯନ୍ତ୍ରୀ ହସ୍ତ ଖନନର ମୂଲ୍ୟ

33.48 ରୁ 43.77 ଟଙ୍କା ପ୍ରତି ଘ. ମି. ଗ୍ରହଣ କରିଥିବା ବେଳେ ଦର ଖସଡା ଅନୁସାରେ ଯାନ୍ତ୍ରୀକ ଖନନର ମୂଲ୍ୟ 15.38 ଟଙ୍କା ପ୍ରତି ଘ.ମି । ଅଯୌକ୍ତିକ ହସ୍ତ ଖନନ ବ୍ୟବସ୍ଥା ଦ୍ୱାରା ସମୁଦାୟ 5.76 ଲକ୍ଷ ଘ.ମି ପରିମାଣ ମାଟି ପାଇଁ ତିନି ଗୋଟି ବ୍ୟୟ ଅଟକଳରେ ବର୍ଦ୍ଧିତ ଚିଜ ଦର ପ୍ରତି ଘନ ମିଟରକୁ 18.10 ରୁ 28.39 ଟଙ୍କା ବ୍ୟୟ କରାଯାଇଥିଲା । ଚିଜ ଦରରେ ବର୍ଦ୍ଧିତ ଦର ପାଇଁ ସମୁଦାୟ ଅତିରିକ୍ତ ବ୍ୟୟ 1.79 କୋଟି ଟଙ୍କା ଯାହା ଠିକାଦାରଙ୍କୁ ଅନୁଚିତ୍ ଫାଇଦା ହେଲା । ଡିସେମ୍ବର 2013 ସୁଦ୍ଧା 3,62,393.17 ଘ.ମି ମାଟି ଖନନ ପାଇଁ 1.11 କୋଟି ଟଙ୍କା ଠିକାଦାରଙ୍କୁ ଦିଆ ସରିଲାଣି ।

ସରକାର ଜଣାଇଲେ (ଅଗଷ୍ଟ 2014) ଯେ ପାଖରେ ସରକାରୀ ଜମି ନ ଥିବାରୁ ଖୋଦନ ସ୍ଥାନ ଚିହ୍ନଟ କରାଯାଇ ପାରି ନଥିଲା ଏବଂ ସେଥିପାଇଁ ମାଟି ହସ୍ତ ଖନନ ଦ୍ୱାରା ଓ ପରିବହନ ଯାନ୍ତ୍ରୀକ ସହାୟତାରେ କରିବା ପାଇଁ ଅଟକଳର ଦର ବିଶ୍ଳେଷଣରେ ବ୍ୟବସ୍ଥା କରାଯାଇଥିଲା । ପୁନଶ୍ଚ ଚାଷ ଜମିରୁ ମାଟି ଆଣିବା ଦରକାର ପଡିଲା ଏବଂ ଚାଷୀମାନେ ମେସିନ୍ ଦ୍ୱାରା ଗଭୀର ମାଟି ଖୋଳିବାକୁ ମନା କଲେ । ଉପରୋକ୍ତ ଅସୁବିଧା ପାଇଁ ବ୍ୟୟ ଅଟକଳରେ ହସ୍ତ ଖନନର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଠିକାଦାରମାନେ ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ଖୋଦନ ସ୍ଥାନ ବ୍ୟବସ୍ଥା କରିବା କଥା ।

## ନିୟୋଜନ ଏବଂ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ

### *3.4 ସରକାରୀ ଘରୋଇ ସହଭାଗିତା (ପିପିପି) ରେ ଶିଳ୍ପ ତାଲିମ କେନ୍ଦ୍ରଗୁଡିକର ପାହ୍ୟା ବୃଦ୍ଧି ଏବଂ ନୂତନ ପଲିଟେକନିକ ଗୁଡିକର ପ୍ରତିଷ୍ଠା*

### *3.4.1 ଉପକ୍ରମ*

ଭାରତ ସରକାରଙ୍କ ପ୍ରୟୋଜନାରେ 2004-05 ରେ ଏକ ପରିକଳ୍ପନା କରାଯାଇଥିଲା ତାହା ହେଲା ବିଶ୍ୱସ୍ତରୀୟ ମାନର ବହୁ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା ପାଇଁ ବର୍ତ୍ତମାନ ଚାଲୁ ରହିଥିବା ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଗୁଡିକୁ ଉତ୍କର୍ଷର କେନ୍ଦ୍ର ଭାବେ ପାହ୍ୟା ବୃଦ୍ଧି କରିବା, ଚାହିଦା ମୁତାବକ ତାଲିମ ପ୍ରଦାନ କରିବା ଏବଂ ସାରା ଭାରତରେ ସରକାରୀ ଘରୋଇ ସହଭାଗିତାରେ ଧନ୍ଦାମୂଳକ ତାଲିମ ପ୍ରଣାଳୀ (ଭିଟିଏସ)ର ସ୍ନାତକମାନଙ୍କର ନିୟୋଜନ ଅଭିବୃଦ୍ଧି କରିବା । ଓଡିଶାରେ 30ଟି ଆଇଟିଆଇ ମଧ୍ୟରୁ 11ଟି ଆଇଟିଆଇ (2004-05) ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଭାରତ ସରକାର ଓ ଓଡିଶା ସରକାର 75:25 ଅନୁପାତରେ ପ୍ରତି ଆଇଟିଆଇକୁ 1.60 କୋଟି ଟଙ୍କା ପ୍ରଦାନ କରିବାର ଥିଲା । ସେହିପରି 14ଟି ଆଇଟିଆଇ(2007-08) ବିନା ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଭାରତ ସରକାର ସରକାରୀ - ଘରୋଇ ସହଭାଗିତାରେ 2.50 କୋଟି ଟଙ୍କା ପ୍ରତି ଆଇଟିଆଇକୁ ପ୍ରଦାନ କରିବାର ଥିଲା । ଧନ୍ଦାମୂଳକ ଶିକ୍ଷା ଓ ପରିକଳ୍ପନା ଉନ୍ନୟନ ମିଶନ ଅଗଷ୍ଟ 2007 ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଯେଉଁଥିରେ ଚାରୋଟି ଲକ୍ଷ୍ୟ ସ୍ଥିରୀକୃତ ହୋଇଥିଲା ଏବଂ ସେଥି ମଧ୍ୟରୁ ନୂତନ ପଲିଟେକନିକ୍ ଗୁଡିକର ପ୍ରତିଷ୍ଠା ଗୋଟିଏ ଥିଲା । ଏଥିରେ ସାରା ରାଜ୍ୟରେ 22 ଗୋଟି ନୂତନ ପଲିଟେକନିକ୍ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।

ରାଜ୍ୟରେ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାର ପ୍ରୋତ୍ସାହନ ପାଇଁ ବିଭିନ୍ନ ପରିକଳ୍ପନା ନିୟୋଜନ ଓ ବୈଷୟିକ ଶିକ୍ଷା ଓ ତାଲିମ (ଇଟିଇଟି) ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) କାର୍ଯ୍ୟୋନ୍ୱିତ କରିଥାଏ ।

ଆଇଟିଆଇ ଗୁଡିକରେ ପିପିପି ଦ୍ୱାରା ପାହ୍ୟା ବୃଦ୍ଧି ଏବଂ ନୂତନ ପଲିଟେକନିକ୍‌ଗୁଡିକର ପ୍ରତିଷ୍ଠାର ଏକ ପାଞ୍ଚ ବର୍ଷିଆ ଶେଷ (2013-14) ସମୀକ୍ଷାର ଏପ୍ରିଲ୍ ରୁ ଜୁନ୍ 2014 ମଧ୍ୟରେ କରାଯାଇଥିଲା । ଏଥିରେ ଅନୁଷ୍ଠାନ ଉନ୍ନୟନ ଯୋଜନା (ଆଇଡିପି) ଅନୁଯାୟୀ ଟ୍ରେଡଗୁଡିକର ପାହ୍ୟା ବୃଦ୍ଧି/ ପ୍ରବର୍ତ୍ତନ/ ଉଚ୍ଛେଦ ହୋଇଛି କି

ନାହିଁ, ପାଣ୍ଠିର ଅନୁକୂଳତମ ବିନିଯୋଗ ହୋଇଛି କି ନାହିଁ, ଭିଟିଏସ ସ୍ନାତକମାନଙ୍କର ନିଯୁକ୍ତି ହୋଇଛି କି ନାହିଁ ତଥା ଯଥେଷ୍ଟ ପର୍ଯ୍ୟାଲୋଚନା ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀ ରହିଥିଲା କି ନାହିଁ ନିର୍ଦ୍ଧାରଣ କରାଯାଇଥିଲା । ଏହା ବ୍ୟତୀତ, ଇଟିଇଟି ବିଭାଗ ଓ ଡିଟିଇଟି, 30ଟି ଆଇଟିଆଇ ମଧ୍ୟରୁ 25ଟି ଏବଂ 22ଟି ପଲିଟେକନିକର ଅଭିଲେଖ ନମୁନା ଯାଞ୍ଚ କରାଯାଇଥିଲା ।

## *ସମୀକ୍ଷା ସିଦ୍ଧାନ୍ତ*

### *3.4.2 ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଆଇଟିଆଇଗୁଡିକର ପାହ୍ୟା ବୃଦ୍ଧି*

ଚାଲୁରହିଥିବା ଆଇଟିଆଇଗୁଡିକୁ ଉତ୍କର୍ଷର କେନ୍ଦ୍ର ଭାବେ ପାହ୍ୟା ବୃଦ୍ଧି କରି ବିଶ୍ୱ ସ୍ତରର ବହୁକୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା ଏ ପରିକଳ୍ପନାର ଉଦ୍ଦେଶ୍ୟ ଥିଲା । ଏଥିପାଇଁ ବ୍ରଡ ବେସଡ୍ ବେସିକ୍ ତାଲିମ (ବିବିବିଟି) ଭଳି ଏକ ବର୍ଷିଆ ପାଠ୍ୟକ୍ରମ କରାଯାଇଥିଲା । ଏହାପରେ ଏକ ବହୁ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ଥିବା ଆଡଭାନସଡ୍/ ସ୍ପେସିଆଲାଇଜଡ୍ ମଡ୍ୟୁଲାର ପାଠ୍ୟକ୍ରମ ଶିଳ୍ପପୁଞ୍ଜି ସହଯୋଗରେ କରାଯାଇଥିଲା ଏବଂ ଶିଳ୍ପ ସଂସ୍ଥା ମାନଙ୍କର ମହତ୍ୱପୂର୍ଣ୍ଣ ଓ ସକ୍ରିୟ ସମ୍ପୃକ୍ତି ପାଇଁ ଅନୁଷ୍ଠାନ ପରିଚାଳନା କମିଟି(ଆଇଏମ୍‌ସିସ) ଗଠନ କରି ପ୍ରଯତ୍ନ କରାଯାଇଥିଲା । ଘରୋଇ ପାଣ୍ଠି ଓ ବିଶ୍ୱ ବ୍ୟାଙ୍କ ସହାୟତାରେ ଆଇଟିଆଇଗୁଡିକୁ ଉତ୍କର୍ଷର କେନ୍ଦ୍ର(ସିଓଇ)ରେ ପରିଣତ କରିବାରେ ପରିକଳ୍ପନା ବିଭିନ୍ନ ବହୁକୁଶଳୀ ଶିଳ୍ପ ସେକ୍ଟରରେ ରାଜ୍ୟର 30 ରୁ 11ଟି ଆଇଟିଆଇରେ 2005-10 ମଧ୍ୟରେ କାର୍ଯ୍ୟୋନ୍ୱିତ ହୋଇଥିଲା ।

### *3.4.2.1 ଯୋଜନା*

ଯେଉଁ ଆଇଟିଆଇଗୁଡିକ ସ୍ୱାକ୍ଷରିତ ବୁଝାମଣା ପତ୍ର ଅନୁଯାୟୀ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ଓ ସିଓଇ ପାହ୍ୟାବୃଦ୍ଧି ପାଇଁ ବଛାଯାଇଥିଲେ, ସେଗୁଡିକ ଆଇଡିପି ଉପସ୍ଥାପନ କରିବା ଦରକାର ଥିଲା । ଏଗୁଡିକ ନିଜ ନିଜ ଆଇଏମସି ଦ୍ୱାରା ବିଭିନ୍ନ ଅଂଶୀଦାର ଯଥା–ଲୋକାଲ ବିଜିନେସ ଚାମ୍ବର, ପ୍ରଶିକ୍ଷକ, ଛାତ୍ର ଓ ଗୋଷ୍ଠୀଙ୍କ ପରାମର୍ଶରେ ବିକାଶ କରାଯାଇଥିଲା । ସଂସ୍ଥାର ଦୀର୍ଘମିଆଦି ଲକ୍ଷ୍ୟ, ସଂସ୍ଥା ସମ୍ମୁଖୀନ ହେଉଥିବା ଇସ୍ୟୁ ଓ ଚ୍ୟାଲେଞ୍ଜ ଏବଂ ସେଗୁଡିକର ସମାଧାନ ପ୍ରତ୍ୟେକ ଆଇଡିପିରେ ନିର୍ଦ୍ଧାରିତ କରାଯାଇଥିଲା । ଅନୁଷ୍ଠାନର ଅଭିବୃଦ୍ଧି, ସଂପାଦନ ସଂକେତକ ଓ ଆର୍ଥିକ ଆବଶ୍ୟକତାର ବିଶଦ ବିବରଣ ବାବଦରେ ଆଇଡିପିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଭାରତ ସରକାରଙ୍କ ନିୟୋଜନ ଓ ତାଲିମ ମହାନିର୍ଦ୍ଦେଶକ (ଡିଜିଇଟି) ଙ୍କ ଦ୍ୱାରା ଅନୁମୋଦିତ ଆଇଡିପି ଅନୁଯାୟୀ 11 ଟି ମଧ୍ୟରୁ 9 ଗୋଟି ଆଇଟିଆଇରେ 40 ଟି ଚାଲୁ ରହିଥିବା ଟ୍ରେଡର ପାହ୍ୟାବୃଦ୍ଧି କରିବା ଏବଂ 17 ଟି ଟ୍ରେଡ ପ୍ରବର୍ତ୍ତନ କରିବା ନିମିତ୍ତ 2005-10 ମଧ୍ୟରେ ବଛାଯାଇଥିଲା ଯାହାର ବିଶଦ ବିବରଣ ***ପରିଶିଷ୍ଟ 3.4.1*** ରେ ଦିଆଯାଇଛି ।

ଯେଉଁ 40 ଟ୍ରେଡର ପାହ୍ୟାବୃଦ୍ଧି କରିବାକୁ ଯୋଜନା କରାଯାଇଥିଲା, ସେଥିରୁ 22 ଟି ଟ୍ରେଡ 7 ରୁ 43 ମାସ ବିଳମ୍ବରେ ପାହ୍ୟାବୃଦ୍ଧି କରାଯାଇଥିଲା ଏବଂ 18 ଟି ଟ୍ରେଡର (43 ପ୍ରତିଶତ) ଏ ପର୍ଯ୍ୟନ୍ତ ପାହ୍ୟା ବୃଦ୍ଧି କରାଯାଇ ନଥିଲା । ପ୍ରବର୍ତ୍ତନ କରାଯିବାକୁ ଥିବା 17 ଟି ଟ୍ରେଡ ମଧ୍ୟରୁ କେବଳ 9 ଟି ଟ୍ରେଡ ଏକରୁ 36 ମାସ ପର୍ଯ୍ୟନ୍ତ ବିଳମ୍ବରେ ପ୍ରବର୍ତ୍ତନ କରାଯାଇଥିଲା ଏବଂ 8 ଟି ଟ୍ରେଡ (47 ପ୍ରତିଶତ) ମାର୍ଚ୍ଚ 2014 ସୁଦ୍ଧା ପ୍ରବର୍ତ୍ତନ କରାଯାଇ ପାରିନଥିଲା । ସିଭିଲ କାର୍ଯ୍ୟ ସଂପୂର୍ଣ୍ଣ ନହେବା ଓ ଡିଜିଇଟି ଦ୍ୱାରା ଟ୍ରେଡ ଗୁଡିକ ଦରଖାସ୍ତ ନ ପାଇବା ଯୋଗୁଁ ଲକ୍ଷ୍ୟ ହାସଲରେ ବିଳମ୍ବ ହୋଇଥିଲା ଯାହାକି **ପରିଚ୍ଛେଦ 3.4.2.3** ଓ **3.4.2.5** ରେ ଆଲୋଚନା କରାଯାଇଛି ।

ଡିଟିଇଟି ପ୍ରକାଶ କରିଥିଲେ (ଅକ୍ଟୋବର 2014) ଯେ, କିଛି ଟ୍ରେଡ ଯାହାକି ଆଇଡିପିରେ ପ୍ରସ୍ତାବିତ ନ ଥିଲା, ତାହା ସ୍ଥାନୀୟ ଅଞ୍ଚଳର ଦାବି ଅନୁସାରେ ପ୍ରବର୍ତ୍ତନ/ପାହ୍ୟା ବୃଦ୍ଧି କରାଯାଇଥିଲା, କିନ୍ତୁ ଆଇଟିଆଇଗୁଡିକର ପ୍ରସ୍ତାବିତ ବା ଯୋଜନା କରାଯାଇଥିବା ଟ୍ରେଡଗୁଡିକର ଲକ୍ଷ୍ୟ ହାସଲ ନ କରିବା ବିଷୟରେ ପ୍ରତ୍ୟୁତ୍ତରଟି ନିରବ ଥିଲା ।

### 3.4.2.2 ଆର୍ଥିକ ପରିଚାଳନା

ଡିଜିଇଟି ଆବଶ୍ୟକ ପାଣ୍ଠିର 75 ପ୍ରତିଶତ ପ୍ରଦାନ କରିଥିଲେ ଓ 25 ପ୍ରତିଶତ ଅନୁରୂପ ଅନୁଦାନ ଓଡିଶା ସରକାର ପ୍ରଦାନ କରିଥିଲେ । ଡି.ଟି.ଇ.ଟି ଅଧିନରେ ଥିବା ରାଜ୍ୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍ (ଏସ.ପି.ଆଇ.ୟୁ) ଅର୍ଥ ଉଠାଇଲେ ଓ ପବ୍ଲିକ୍ ୱାର୍କସ୍ ସମ୍ପର୍କିତ ରୋଡ ଓ ବିଲଡିଙ୍ଗ୍ (ଆର ଆଣ୍ଡ ବି)କୁ ସିଭିଲ୍ କାର୍ଯ୍ୟ ପାଇଁ ପ୍ରଦାନ କଲେ ଏବଂ ସାଜସରଞ୍ଜାମ (ଇକୁଇପମେଣ୍ଟ) ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍(ଓଏସଆଇସି) ଦ୍ୱାରା ସଂଗ୍ରହ କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା ଯୋଗାଣ ଓ ବିନିଯୋଗର ବିଶଦ ବିବରଣ ***ପରିଶିଷ୍ଟ 3.4.2*** ରେ ଦର୍ଶାଯାଇଛି ।

ସିଭିଲ୍ କାର୍ଯ୍ୟ ପାଇଁ 7.55 କୋଟି ଟଙ୍କା, ସାଜ ସରଞ୍ଜାମ ପାଇଁ 26.07 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଦେୟ ବାବଦକୁ 9.69 କୋଟି ବଣ୍ଟନ କରାଯାଇଥିବା ବେଳେ, ଭାରତ ଓ ଓଡିଶା ସରକାର ମିଳିତ ଭାବେ ଯଥାକ୍ରମେ 7.55 କୋଟି ଟଙ୍କା, 26.13 କୋଟି ଟଙ୍କା ଓ 6.61 କୋଟି ଟଙ୍କା ଏହି ଉଦ୍ଦେଶ୍ୟରେ ମାର୍ଚ୍ଚ 2014 ସୁଦ୍ଧା ପ୍ରଦାନ କରିଥିଲେ । ଏଥି ମଧ୍ୟରୁ 7.35 କୋଟି ଟଙ୍କା (97 ପ୍ରତିଶତ) ସିଭିଲ୍ କାର୍ଯ୍ୟ ପାଇଁ, 17.97 କୋଟି ଟଙ୍କା (69 ପ୍ରତିଶତ) ସାଜ ସରଞ୍ଜାମ ପାଇଁ ଏବଂ 5.64 କୋଟି ଟଙ୍କା (85 ପ୍ରତିଶତ) ଅନ୍ୟାନ୍ୟ ଦେୟ ବାବଦରେ ବିନିଯୋଗ କରାଯାଇଥିଲା । ବଲାଙ୍ଗିର ଆଇ.ଟି.ଆଇରେ ଇନଷ୍ଟ୍ରୁମେଣ୍ଟ ମେକାନିକ୍ ଟ୍ରେଡ୍ ପ୍ରବର୍ତ୍ତନ କରିବା ପାଇଁ 1.02 କୋଟି ଟଙ୍କାର ସାଧନ ଓ ସାଜସରଞ୍ଜାମ କ୍ରୟ କରାଯାଇଥିଲା ଯାହାକି ଆଇଡିପି ଅନୁଯାୟୀ ଆଫିଲିଏସନ ନ ପାଇବାରୁ 2011 ପର୍ଯ୍ୟନ୍ତ ବିନିଯୋଗ ହୋଇପାରି ନଥିଲା । ଏହାଫଳରେ ପାଣ୍ଠି ଅବରୋଧ ହୋଇ ରହିଥିଲା । ଏସପିଆଇୟୁ ବିନିଯୋଗ ପ୍ରମାଣପତ୍ର (ୟୁସି) ଉପସ୍ଥାପନ ନ କରିବାରୁ ବଣ୍ଟନ 43.31 କୋଟି ଟଙ୍କାରୁ 3.02 କୋଟି ଟଙ୍କା କମ୍ ପ୍ରଦାନ କରାଯାଇଥିଲା ।

ଡିଟିଇଟି ପ୍ରକାଶ କଲେଯେ (ଅକ୍ଟୋବର 2014) ଲଭ୍ୟ ପାଣ୍ଠିର ନଭେମ୍ବର 2014 ସୁଦ୍ଧା ବିନିଯୋଗ ହେବ ।

### 3.4.2.3 ସିଭିଲ୍ କାର୍ଯ୍ୟ

ଯଦିଓ ଏସପିଆଇୟୁ 2005-06 ରୁ 2009-10 ମଧ୍ୟରେ ପାଣ୍ଠି ଯୋଗାଇ ଦେଇଥିଲେ । କର୍ମଶାଳା ପ୍ରକୋଷ୍ଠ, ଶ୍ରେଣୀଗୃହ ଏବଂ ପାଠାଗାର ସହ ପଠନ ଗୃହ ଆଦିର ସିଭିଲ କାର୍ଯ୍ୟ ପାଇଁ ଫୁଲବାଣୀ ଆର ଆଣ୍ଡ ବି ଡିଭିଜନକୁ 20 ମାସ ବିଳମ୍ବରେ ପାଣ୍ଠି ପ୍ରଦାନ କରାଯାଇଥିଲା । ଏଡଭାନ୍ସଡ ମଡ୍ୟୁଲ ପାଇଁ ସିଓଇ ଏବଂ ଟ୍ରେଡର ପାଠ୍ୟାବୃଦ୍ଧି ପାଇଁ ଆଇଆଇଟି ଭୁବନେଶ୍ୱରରେ ହେବାକୁ ଥିବା ସିଭିଲ କାର୍ଯ୍ୟ ପାଇଁ ପାଣ୍ଠି ପ୍ରଦାନ (ଡିସେମ୍ବର 2009) କରିବାର 51 ମାସ ପରେ ମଧ୍ୟ ସଂପୂର୍ଣ୍ଣ ହୋଇପାରି ନାହିଁ (ମାର୍ଚ୍ଚ 2014) । ପୁନଶ୍ଚ ଛଅଟି ଆଇଟିଆଇର ଆଇଡିପିରେ ପ୍ରସ୍ତାବିତ 17 ଟି ସିଭିଲ କାର୍ଯ୍ୟ ଯଥା–ଛାତ୍ରାବାସ ନିର୍ମାଣ, ଟ୍ରାଫିକ ସିଗନାଲ ସହ ଡ୍ରାଇଭିଂ ଫିଲଡ, ପାଠାଗାର ସହ ପଠନ ଗୃହ, ସମ୍ମିଳନୀ କକ୍ଷ, ପ୍ରେକ୍ଷାଳୟ, ଅଡିଓ-ଭିଜୁଆଲ ସମ୍ମିଳନୀ କକ୍ଷ ଇତ୍ୟାଦି ପରିକଳ୍ପନାର ବଳକା ରାଶି କିମ୍ବା ରାଜ୍ୟ ପାଣ୍ଠିରୁ ମାର୍ଚ୍ଚ 2014 ସୁଦ୍ଧା ଆରମ୍ଭ କରାଯାଇ ନଥିବାରୁ ପ୍ରଶିକ୍ଷାର୍ଥୀମାନେ ଉପଯୁକ୍ତ ଭିତ୍ତିଭୂମି ପାଇବାରୁ ବଞ୍ଚିତ ହେଲେ ।

ଡିଟିଇଟି ଫୁଲବାଣୀ ଆଇଟିଆଇ ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ପାଣ୍ଠି ପ୍ରଦାନରେ ବିଳମ୍ବ ହୋଇ ନଥିଲା ବୋଲି ଡିଟିଇଟି ପ୍ରତ୍ୟୁତ୍ତର ଦେଇଥିଲେ (ଅକ୍ଟୋବର 2014) । ଭୁବନେଶ୍ୱର ଆଇଟିଆଇ କ୍ଷେତ୍ରରେ ଡିଟିଇଟି ଦିଆଯାଇଥିବା ତଥ୍ୟକୁ ସ୍ୱୀକାର କରି କହିଥିଲେ ଯେ ସିଭିଲ୍ କାର୍ଯ୍ୟ ଏନପିଆଇୟୁ ଦ୍ୱାରା ସ୍ୱୀକୃତ ଆଇଡିପି ଅନୁଯାୟୀ କରାଯାଉଛି ।

### 3.4.2.4 ଆଇଟିଆଇ ଗୁଡିକର ଏକାଡେମିକ୍ ପରଫର୍ମାନ୍ସ

ତାଲିମ୍ ଡିଜାଇନ୍ ଓ ତାଲିମ୍ ପ୍ରଦାନକୁ ଦାବି ମୁତାବକ କରି ଭିଟିଏସ ସ୍ନାତକମାନଙ୍କର ନିଯୁକ୍ତି ବୃଦ୍ଧି କରିବା ପରିକଳ୍ପନାଟିର ଉଦ୍ଦେଶ୍ୟ ଥିଲା । ପରିକଳ୍ପନାର ଗୁରୁତ୍ୱପୂର୍ଣ୍ଣ ପରଫରମାନ୍ସ ଇଣ୍ଡିକେଟର (କେପିଆଇ) ଗୁଡିକ ହେଲା-

- ପାସ୍ ହାରକୁ ପାଞ୍ଚ ବର୍ଷ ମଧ୍ୟରେ 20 ପ୍ରତିଶତରୁ ବୃଦ୍ଧି କରି ବେସଲାଇନ୍ 61 (2006) ରୁ 73 ପ୍ରତିଶତକୁ ବଢାଇ ଆଭ୍ୟନ୍ତରୀଣ ଦକ୍ଷତା ବୃଦ୍ଧି; ଏବଂ
- ପାସ୍ ହେବାର ଏକ ବର୍ଷ ମଧ୍ୟରେ ହେଉଥିବା ନିଯୁକ୍ତିକୁ ପାଞ୍ଚ ବର୍ଷ ମଧ୍ୟରେ 56 ପ୍ରତିଶତ ବୃଦ୍ଧି କରି ଆଧାର ରେଖାକୁ 32 (2006)ରୁ 50 ପ୍ରତିଶତକୁ ବଢାଇ ବାହ୍ୟ ଦକ୍ଷତାକୁ ବଢାଇବା ।

ଏହା ଦେଖାଗଲା ଯେ ଆଠଟି ଆଇଟିଆଇ ପାଞ୍ଚ ବର୍ଷ ମଧ୍ୟରେ 73 ରୁ 100 ପ୍ରତିଶତ ପାସ୍ ହାର ହାସଲ କରିଥିଲେ । ଏକରୁ ଦୁଇ ବର୍ଷ ପର୍ଯ୍ୟନ୍ତ ତିନୋଟି ଆଇଟିଆଇ ପାସ୍ ହାର ହାସଲ କରି ନଥିଲେ ।

ସେହିପରି 2011-12 ସୁଦ୍ଧା 50 ପ୍ରତିଶତ ନିଯୁକ୍ତି ଲକ୍ଷ୍ୟ ରଖାଯାଇଥିଲା । ଛଅଟି ଆଇଟିଆଇ[70] ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ କରିପାରି ନଥିଲେ ଏବଂ ନିଅଣ୍ଟ 30 ରୁ 50 ପ୍ରତିଶତ ପର୍ଯ୍ୟନ୍ତ ଥିଲା । ତିନୋଟି ଆଇଟିଆଇ ଆଧାର ରେଖା ସଂଖ୍ୟା 32 ପ୍ରତିଶତ ହାସଲ କରିବାରେ ଚାରି ବର୍ଷ ପାଇଁ ବିଫଳ ହୋଇଥିବା ବେଳେ ଦୁଇଟି ଆଇଟିଆଇ ତିନି ବର୍ଷ ପାଇଁ ଏବଂ ଗୋଟିଏ ଆଇଟିଆଇ ଛଅ ବର୍ଷ ପାଇଁ ଅକୃତ କାର୍ଯ୍ୟ ହୋଇଥିଲେ, ଯାହାକି ପରଫର୍ମାନ୍ସ ବୃଦ୍ଧି ହୋଇ ନଥିଲା ବୋଲି ଦର୍ଶାଉଥିଲା । ଏହାର ବିଶଦ ବିବରଣୀ ନିମ୍ନରେ ଦିଆଗଲା ।

***ସାରଣୀ ସଖ୍ୟା – 3.3 ଧାର୍ଯ୍ୟ କରାଯାଇଥିବା ନିଯୁକ୍ତି ଲକ୍ଷ୍ୟକୁ ହାସଲ ନ କରିବାର ହାର***

***(ପ୍ରତିଶତରେ)***

| କ୍ର.ସଂ. | ଆଇଟିଆଇ ନାମ | 2006-07 | 2007-08 | 2008-09 | 2009-10 | 2010-11 | 2011-12 |
|---|---|---|---|---|---|---|---|
| 1. | ହୀରାକୁଦ | 22 | 27.47 | 42.17 | 29.51 | 42.16 | 20 |
| 2. | ବାଲେଶ୍ୱର | 21.88 | 32.61 | 51.16 | 18.39 | 24.14 | - |
| 3. | ଭୁବନେଶ୍ୱର | - | - | - | - | - | 14.71 |
| 4. | ରାଉରକେଲା | 6.41 | 10 | 17.05 | 24.66 | 16.22 | 12.90 |
| 5. | କଟକ | 39.47 | 26.88 | 18.18 | 32.29 | 7.95 | 5.32 |
| 6. | ଆମ୍ବଗୁଡା | - | - | 15.91 | 24.35 | 18.44 | 18.90 |

***ଉତ୍ସ: ଆଇଟିଆଇ ଦ୍ୱାରା ପ୍ରଦତ୍ତ ସୂଚନା***

ତେଣୁ, ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଶିଳ୍ପ ସଂସ୍ଥାଗୁଡିକ ସକ୍ରିୟ ଓ ପ୍ରଭାବୀ ସହଯୋଗ ନ ଦେବାରୁ ପରିକଳ୍ପନା ନିର୍ଦ୍ଦେଶାବଳୀରେ ଥିବା ନିଯୁକ୍ତି ଲକ୍ଷ୍ୟ ହାସଲ କରାଯାଇପାରି ନଥିଲା ।

ବୃହତ୍ ଶିଳ୍ପ ସଂସ୍ଥାଗୁଡିକ ଚାଲୁ ହେବାରେ ବିଳମ୍ବ ଏବଂ ଚାଲୁ ରହିଥିବା ଶିଳ୍ପସଂସ୍ଥାରେ ବାହ୍ୟ ନିଯୁକ୍ତି (ଆଉଟ୍ ସୋର୍ସିଙ୍ଗ) କରାଯାଉଥିବାରୁ ନିଯୁକ୍ତି ହାରରେ ନିଅଣ୍ଟ ହେଲା ବୋଲି ଡିଟିଇଟି କହିଥିଲେ ।

### 3.4.2.5 ଆଫିଲିଏସନ୍ ସ୍ଥିତି

ଜାତୀୟ ଧନ୍ଦାମୂଳକ ତାଲିମ ପରିଷଦ (ଏନସିଭିଟି) ନିୟମାନୁସାରେ ନୂତନ ଟ୍ରେଡର ଆଫିଲିଏସନ୍ ଆବଶ୍ୟକ କରୁଥିବା ଆଇଟିଆଇରେ ଉପଯୁକ୍ତ ଭିତ୍ତିଭୂମି ଓ ପ୍ରଶିକ୍ଷକ ଉପଲବ୍ଧର ଥିବା ଦରକାର ।

ଏଗାରଟି ଆଇଟିଆଇରେ ବିବିବିଟି ଓ ଏଡଭାନଓଙ୍ଗ୍ ମଡ୍ୟୁଲ୍ (ଏଏମ) ପାଠ୍ୟକ୍ରମ, ଟ୍ରେଡର ପ୍ରାରମ୍ଭ ଏବଂ ଆଫିଲିଏସନର ଅଭିଲେଖ ସମୀକ୍ଷାରୁ ଜଣାଗଲା ଯେ ଯଦିଓ ହୀରାକୁଦ ଆଇଟିଆଇର ଏ.ଏମ ପାଠ୍ୟକ୍ରମ ଅଗଷ୍ଟ 2007 ରୁ ଆରମ୍ଭ ହୋଇଥିଲା, ଆଫିଲିଏସନ ମାର୍ଚ୍ଚ 2014 ପର୍ଯ୍ୟନ୍ତ ମିଳିପାରି ନଥିଲା । ଆଠଟି ଆଇଟିଆଇ[71] କ୍ଷେତ୍ରରେ ବିବିବିଟି ପାଠ୍ୟ କ୍ରମରେ ଆଫିଲିଏସନ ପାଇବାରେ 29 ରୁ 72 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ଏବଂ ଏଡଭାନ୍ସଡ ମଡ୍ୟୁଲ୍ ପାଠ୍ୟକ୍ରମ ପାଇଁ ସେମାନଙ୍କର ପ୍ରବର୍ତ୍ତନ ହୋଇଥିବା ବର୍ଷରୁ 24

70 ଆମ୍ବଗୁଡ଼ା, ଭୁବନେଶ୍ୱର, କଟକ, ହୀରାକୁଦ ଓ ରାଉରକେଲା ।

71 କଟକ, ରାଉରକେଲା, ବ୍ରହ୍ମପୁର, ଭବାନୀପାଟଣା, ତାଳଚେର, ବାଲେଶ୍ୱର, ଭୁବନେଶ୍ୱର ଏବଂ ହୀରାକୁଦ ।

ରୁ 60 ମାସ ବିଳମ୍ବ ହୋଇଥିଲା । ଫଳରେ ଉକ୍ତ ବର୍ଷଗୁଡିକରେ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀମାନେ ଏନସିଭିଟି ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହୋଇଥିଲେ ଯଦ୍ୱାରା ବାହାର ରାଜ୍ୟରେ ଉତ୍ତମ ନିଯୁକ୍ତି ସୁଯୋଗ ହରାଇଥିଲେ ।

ଡିଟିଇଟି ଉଲ୍ଲେଖ କଲେ ଯେ ପ୍ରଶିକ୍ଷାର୍ଥୀମାନଙ୍କୁ ଜାତୀୟ ଗ୍ରେଡ୍ ପ୍ରମାଣପତ୍ର ପ୍ରଦାନ କରିବା ବିଷୟରେ ଏସସିଟିଇ ଆଣ୍ଡ ଭିଟି, ଓଡିଶାକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି ।

### *3.4.3 ବିଶ୍ୱ ବ୍ୟାଙ୍କ୍ ସହାୟତା ବିନା ଆଇଟିଆଇଗୁଡିକର ପାହ୍ୟା ବୃଦ୍ଧି*

ଭାରତ ସରକାର ଘୋଷଣା (2007-08) ଅନୁସାରେ ରାଜ୍ୟ 14 ଟି ଆଇଟିଆଇ ବିନା ବିଶ୍ୱ ବ୍ୟାଙ୍କ୍ ସହାୟତାରେ ପିପିପି ଜରିଆରେ ସିଓଇକୁ ପାହ୍ୟା ବୃଦ୍ଧି କରିବାର ଥିଲା । ପରିକଳ୍ପନାର ମୁଖ୍ୟ ବୈଶିଷ୍ଟ୍ୟ ଶିଳ୍ପ ସହଯୋଗୀଙ୍କ ଦ୍ୱାରା ଆଇଏମସି ର ଗଠନ ଭାରତ ସରକାର ଓ ଶିଳ୍ପ ସହଯୋଗୀ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର, ଆଇଏମସିକୁ ଭାରତ ସରକାରଙ୍କ ଦ୍ୱାରା ବିନା ସୁଧରେ ଋଣ ପ୍ରଦାନ, ଆଇଟିଆଇ ଗୁଡିକର ମାନବ ସମ୍ବଳର ପରିଚାଳନା ଏବଂ ଉତ୍ତମ ନିଯୁକ୍ତି ପାଇଁ ଗୁଣାତ୍ମକ ତାଲିମ ପ୍ରଦାନ ଅନ୍ତର୍ଭୁକ୍ତ ଥିଲା ।

### *3.4.3.1 କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପରିଯୋଜନା*

ସଂସ୍କାର ଉନ୍ନତି, କେପିଆଇ ଓ ଆର୍ଥିକ ଆବଶ୍ୟକତା ବିଶଦ ବିବରଣୀ ନିମିତ୍ତ ପ୍ରତ୍ୟେକ ଆଇଡିପିରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ । ଡିଜିଇଟି ଦ୍ୱାରା ମଞ୍ଜୁର ହୋଇଥିବା ଆଇଡିପି ଅନୁସାରେ 14 ଆଇଟିଆଇ କ୍ଷେତ୍ରରେ 50 ଟି ଟ୍ରେଡର ପାହ୍ୟା ବୃଦ୍ଧି କରିବା ଏବଂ 56ଟି ନୂତନ ଟ୍ରେଡ୍ ପ୍ରବର୍ତ୍ତନ କରି 2007-14 ମଧ୍ୟରେ ଯୋଜନା କରାଯାଇଥିଲା, ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 3.4.3*** ରେ ଦିଆଗଲା ।

ଏହା ଦେଖାଗଲା ଯେ ପ୍ରସ୍ତାବିତ 50 ଟି ଟ୍ରେଡର ପାହ୍ୟାର ବୃଦ୍ଧି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ, 22 ଟି (44 ପ୍ରତିଶତ)ର ପାହ୍ୟା ବୃଦ୍ଧି ହୋଇଥିଲା ଏବଂ 56 ଟି ନୂତନ ଟ୍ରେଡରୁ କେବଳ 10ଟି ଟ୍ରେଡ (18 ପ୍ରତିଶତ) ପ୍ରବର୍ତ୍ତନ କରାଯାଇପାରିଥିଲା, ଯାହା ଫଳରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଲକ୍ଷ୍ୟ ହାସଲ ନ ହେବାର ମୁଖ୍ୟ କାରଣଗୁଡିକ ସିଭିଲ୍ କାର୍ଯ୍ୟର ସମାପନ ନ ହେବା, ଡିଜିଇଟି ଦ୍ୱାରା ଟ୍ରେଡ୍ ଗୁଡିକର ଆଫିଲିଏସନ ନ ହେବା ଯୋଗୁଁ ମୁଖ୍ୟତଃ ଥିଲା ।

ଡିଟିଇଟି ପ୍ରକାଶ କରିଥିଲେ (ଅକ୍ଟୋବର 2014) ଯେ, କିଛି ଟ୍ରେଡ୍ ଯାହାକି ଆଇଡିପିରେ ପ୍ରସ୍ତାବିତ ନଥିଲା ତାହା ସ୍ଥାନୀୟ ଅଞ୍ଚଳର ଦାବୀ ଅନୁସାରେ ପ୍ରବର୍ତ୍ତନ/ ପାହ୍ୟା ବୃଦ୍ଧି କରାଯାଇଥିଲା । କିନ୍ତୁ ଆଇଟିଆଇ ଗୁଡିକର ପ୍ରସ୍ତାବିତ ଟ୍ରେଡଗୁଡିକର ଲକ୍ଷ୍ୟ ହାସଲ କରିବା ବିଷୟରେ ପ୍ରତ୍ୟୁତ୍ତରଟି ନୀରବ ଥିଲା ।

### *3.4.3.2 ଆର୍ଥିକ ପରିଚାଳନା*

ଡିଜିଇଟି 14ଟି ଆଇଟିଆଇ ପାଇଁ ଶିଳ୍ପ ସହଯୋଗୀ, ଓଡିଶା ସରକାର ଓ ଭାରତ ସରକାରଙ୍କ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ପତ୍ର ଭିତ୍ତିରେ 2.50 କୋଟି ଲେଖାଏଁ ବିନା ସୁଧ ଋଣ ଆଇଏମସିକୁ ଇଲେକ୍ଟ୍ରୋନିକ୍ ଜରିଆରେ ସିଧାସଳଖ ପ୍ରଦାନ କଲେ(ଫେବୃଆରୀ 2008 ରୁ ଜୁନ୍ 2011) । ଏହି ପାଣ୍ଠିରୁ ସିଭିଲ୍ କାମ ପାଇଁ 25 ପ୍ରତିଶତ କୌଣସି ଜାତୀୟକରଣ ବ୍ୟାଙ୍କରେ ଦୀର୍ଘ ମିଆଦୀ ଜମା ହିସାବରେ ସୁଧ ଉପାର୍ଜନ ପାଇଁ ରଖିବାର ଥିଲା । ମାର୍ଚ୍ଚ 2014 ସୁଦ୍ଧା ପାଣ୍ଠି ପ୍ରଦାନ ଓ ବିନିଯୋଗର ବିଶଦ ବିବରଣୀ ***ପରିଶିଷ୍ଟ 3.4.4*** ରେ ଦର୍ଶାଗଲା ।

ଏହା ଲକ୍ଷ୍ୟ କରାଗଲା ଯେ ସିଭିଲ୍ କାମ ଓ ସାଜସରଞ୍ଜାମ କ୍ରୟ ପାଇଁ 2007-12 ମଧ୍ୟରେ 17.50 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ମାର୍ଚ୍ଚ 2014 ସୁଦ୍ଧା ମାତ୍ର 11.06 କୋଟି ଟଙ୍କା (63 ପ୍ରତିଶତ) ବିନିଯୋଗ ହୋଇପାରିଥିଲା । ଏହା ମୁଖ୍ୟତଃ ଚାରୋଟି ଆଇଟିଆଇ[72]ରେ ସିଭିଲ୍ କାମର ଆରମ୍ଭ ନହେବାରୁ

---

72 ବାରିପଦା, ବୌଦ୍ଧ, ଉମରକୋଟ ଏବଂ ମାଲକାନଗିରି ।

ହୋଇଥିଲା । ପୁନଶ୍ଚ 17.50 କୋଟି ଟଙ୍କା ଯାହାକି ପ୍ରଦତ୍ତ ପାଣ୍ଠିର 50 ପ୍ରତିଶତ, 13 ଆଇଏମସିକୁ ପ୍ରଦାନ ହେବା ପରେ ଦୀର୍ଘ ମିଆଦୀ ଜମାରେ ବିନିଯୋଗ ହୋଇଥିଲା । ଜମାରେ 39 ରୁ 566 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ଏବଂ ଏହାଦ୍ୱାରା 0.48 କୋଟି ଟଙ୍କାର ସୁଧ ହାସଲ ହୋଇପାରି ନଥିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 3.4.5*** ରେ ଦିଆଗଲା ।

ସମୀକ୍ଷା ତଥ୍ୟକୁ ସ୍ୱୀକାର କରି ଡିଟିଇଟି ଉଲ୍ଲେଖ କଲା ଯେ ପରିକଳ୍ପନା କାର୍ଯ୍ୟାନ୍ୱୟନ ପାଇଁ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଡିଜିଇଟି ଦ୍ୱାରା ଜାରି କରାଯାଇଥିଲା (ଜୁଲାଇ 2014) ଯାହା କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରାଯାଇଥିଲା ।

### *3.4.3.3 ସିଭିଲ୍ କାର୍ଯ୍ୟ*

ଭାରତ ସରକାର ପ୍ରଥମ ଦୁଇ ବର୍ଷରେ ସିଭିଲ୍ କାର୍ଯ୍ୟ (ପ୍ରତ୍ୟେକ ପାଇଁ 62.5 ଲକ୍ଷ)ସମ୍ପୂର୍ଣ୍ଣ କରିବା ପାଇଁ 14 ଟି ଆଇଟିଆଇକୁ 8.73 କୋଟି ଟଙ୍କା ପ୍ରଦାନ କଲେ (2007-12) । ଏହି କାର୍ଯ୍ୟଗୁଡିକର ସମ୍ପୂର୍ଣ୍ଣ କରିବାରେ ବିଳମ୍ବର କାରଣ ନିମ୍ନରେ ପ୍ରଦାନ ହୋଇଅଛି ।

- ତିନୋଟି ଆଇଟିଆଇ[73] କ୍ଷେତ୍ରରେ ମାର୍ଚ୍ଚ 2009 ରୁ ଅକ୍ଟୋବର 2010 ମଧ୍ୟରେ 1.88 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହାକି 41 ରୁ 60 ମାସ ବିଳମ୍ବ ହେବା ସତ୍ତ୍ୱେ ସିଭିଲ୍ କାମ ପାଇଁ ଆର ଆଣ୍ଡ ବି ଡିଭିଜନକୁ ଦିଆଯାଇ ନଥିଲା ।

- ଆଠଟି ଆଇଟିଆଇ[74]କୁ ଫେବୃଆରୀ 2008 ରୁ ଜୁନ୍ 2011 ମଧ୍ୟରେ ପ୍ରଦାନ କରାଯାଇଥିବା ପାଣ୍ଠି ଆର ଆଣ୍ଡ ବି ଡିଭିଜନକୁ 14 ରୁ 71 ମାସ ପର୍ଯ୍ୟନ୍ତ ବିଳମ୍ବରେ ପ୍ରଦାନ କରାଯାଇଥିଲା ।

- ଯଦିଓ ଆର ଆଣ୍ଡ ବି ଡିଭିଜନକୁ ଜୁନ୍ 2010 ରୁ ଅକ୍ଟୋବର 2013 ମଧ୍ୟରେ ଆଇଏମସି ଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଇଥିଲା, ଚାରୋଟି ଆଇଟିଆଇ[75]ର ସିଭିଲ୍ କାମ ମାର୍ଚ୍ଚ 2014 ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନଥିଲା ଯଦିଓ ପାଞ୍ଚରୁ 45 ମାସ ପର୍ଯ୍ୟନ୍ତ ସମୟ ଅତିକ୍ରାନ୍ତ ହୋଇଯାଇଥିଲା ଯାହାକି ଆଇଏମସିଙ୍କ ଦ୍ୱାରା ସମନ୍ୱୟର ଅଭାବ ଯୋଗୁଁ ହୋଇଥିଲା ।

ଅତଏବ ଆଇଏମସି ଦ୍ୱାରା ପାଣ୍ଠିର ପ୍ରଦାନରେ ବିଳମ୍ବ ଏବଂ ଆର ଆଣ୍ଡ ବି ଡିଭିଜନ ଦ୍ୱାରା କାମ ସମ୍ପୂର୍ଣ୍ଣ ନ ହେବା ଯୋଗୁଁ ଟ୍ରେଡର ପାଠ୍ୟ ବୃଦ୍ଧି/ ପ୍ରବର୍ତ୍ତନ ସମୟାନୁସାରେ ହୋଇପାରି ନଥିଲା । ତାଲିମ୍ ଏବଂ କାର୍ଯ୍ୟକ୍ରମର ଉପଯୋଗିତା ଓ ଋଣ ପରିଶୋଧ ପାଇଁ ଆୟ ଉପାର୍ଜନ ଯାହାକି ଆଇଡିପି ଗୁଡିକରେ ଧାର୍ଯ୍ୟ କରାଯାଇଥିଲା, ସଫଳ ହୋଇପାରି ନଥିଲା ।

ଡିଟିଇଟି ଉଲ୍ଲେଖ କଲେ ଯେ ସିଭିଲ୍ କାମଗୁଡିକ ବିନା ବିଳମ୍ବରେ ସମ୍ପୂର୍ଣ୍ଣ କରିବା ପାଇଁ ଆଇଏମସିମାନଙ୍କୁ ଉପଯୁକ୍ତଧ୍ୟାନ ଦେବାକୁ କୁହାଯାଇଛି ।

### *3.4.3.4 ଆଇଟିଆଇ ଗୁଡିକର ଏକାଡେମିକ୍ ପରଫରମାନ୍ସ*

ଆଇଡିପି ଅନୁସାରେ ଉତ୍ତୀର୍ଣ୍ଣ ଏବଂ ନିଯୁକ୍ତି ହାର ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନୁସାରେ ହାସଲ କରିବାକୁ ଥିଲା ।

- ପାଞ୍ଚ ବର୍ଷ ପାଇଁ 75 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହାର ଲକ୍ଷ୍ୟ ରଖାଯାଇଥିବା ବେଳେ, ଛତ୍ରପୁର 19 ରୁ 98 ପ୍ରତିଶତ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ ହୋଇଥିଲା । କେବଳ ଛତ୍ରପୁର ଆଇଟିଆଇ 2008-09 ବର୍ଷରେ 100 ପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲା । ତିନୋଟି ଆଇଟିଆଇ ସମସ୍ତ ପାଞ୍ଚ

73 ବୌଦ୍ଧ, ମାଲକାନଗିରି ଏବଂ ପିସିଆଇଟିଆଇ ବାରିପଦା ।

74 ଉମରକୋଟ, ବଲାଙ୍ଗିର, ଆନନ୍ଦପୁର, ଖରିଆର ରୋଡ, ଢେଙ୍କାନାଳ, ବଡବିଲ ଏବଂ ତାକତପୁର ।

75 ଖରିଆର ରୋଡ, ତାକତପୁର, ଆନନ୍ଦପୁର ଏବଂ ବଲାଙ୍ଗିର ।

ବର୍ଷରେ ଉତ୍ତୀର୍ଣ୍ଣ ହାର ହାସଲ କରିବାକୁ ବିଫଳ ହୋଇଥିଲେ, ଚାରୋଟି ଆଇଟିଆଇ ଚାରି ବର୍ଷ ପାଇଁ ବିଫଳ ହୋଇଥିଲେ, ଚାରୋଟି ଆଇଟିଆଇ ତିନି ବର୍ଷ ପାଇଁ ଏବଂ ଗୋଟିଏ ଆଇଟିଆଇ ଏକ ବର୍ଷ ପାଇଁ ବିଫଳ ହୋଇଥିଲେ । ଯେଉଁଠିକି ଦୁଇଟି ଆଇଟିଆଇ ସମସ୍ତ ବର୍ଷ ପାଇଁ ଲକ୍ଷ୍ୟ ହାସଲ କରିଥିଲେ ।

- ନିଯୁକ୍ତି ହାରର ସଫଳତା ପାଞ୍ଚରୁ 94 ପ୍ରତିଶତ ମଧ୍ୟରେ ଥିଲା । ଯେତେବେଳେ କି ନିଯୁକ୍ତି ହାର ପାଞ୍ଚ ବର୍ଷ ପାଇଁ 40 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯେତେବେଳେ ତିନୋଟି ଆଇଟିଆଇ ସମସ୍ତ ପାଞ୍ଚ ବର୍ଷ ପାଇଁ ନିଯୁକ୍ତି ହାର ହାସଲ କରିବାରେ ବିଫଳ ହୋଇଥିଲେ, ତିନୋଟି ଆଇଟିଆଇ ଚାରି ବର୍ଷ ପାଇଁ ବିଫଳ ହୋଇଥିଲେ, ଚାରୋଟି ଆଇଟିଆଇ ତିନି ବର୍ଷ ପାଇଁ ବିଫଳ ହୋଇଥିଲେ ଏବଂ ତିନୋଟି ଆଇଟିଆଇ ଦୁଇ ବର୍ଷ ପାଇଁ ବିଫଳ ହୋଇଥିଲେ । ଯେଉଁଠିକି ଜିଆଇଟିଆଇ, ବଲାଙ୍ଗିର ସମସ୍ତ ବର୍ଷରେ ଲକ୍ଷ୍ୟ ହାସଲ କରିଥିଲା ।

ଡିଟିଇଟି ଜବାବରେ କହିଲେ ଯେ ନିଯୁକ୍ତି ହାରରେ ବିଫଳତା ମୁଖ୍ୟତଃ ବୃହତ୍ ଶିକ୍ଷାନୁଷ୍ଠାନ ଚାଲୁ ହେବାରେ ବିଳମ୍ବ ଏବଂ ଚାଲୁ ରହିଥିବା ଶିକ୍ଷାନୁଷ୍ଠାନ ଗୁଡିକରେ ଦ୍ୱାରା ବିଭିନ୍ନ କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍ ଯୋଗୁଁ ଥିଲା ।

- ଆଇଡିପି ଅନୁସାରେ 14ଟି ଆଇଟିଆଇର 74 ଟି ଟ୍ରେଡ୍ ଏନସିଭିଟି ଦ୍ୱାରା ଆଫିଲିଏଲନ (ସ୍ୱୀକୃତୀ) ଆବଶ୍ୟକୀୟ ସୁବିଧା ଯଥା - ସାଧନ ଓ ସାଜ ସରଞ୍ଜାମ, ଭିତ୍ତିଭୂମି ଇତ୍ୟାଦିର ଅଭାବରୁ ପାଇପାରି ନଥିଲା ।

ତେବେ, ପରିକଳ୍ପନାରେ ଅନ୍ତର୍ଭୁକ୍ତ ଆଇଟିଆଇଗୁଡିକ ନିର୍ଦ୍ଦିଷ୍ଟ କେ.ପି.ଆଇ ହାସଲ କରିବାରେ ବିଫଳ ହୋଇଥିଲେ । ଏହା ମୁଖ୍ୟତଃ ଆବଶ୍ୟକ ପ୍ରଶିକ୍ଷଣ ସାଧନ ଓ ସାଜ ସରଞ୍ଜାମ ଅଭାବରୁ ସଫଳ ଗୁଣାତ୍ମକ ତାଲିମ ଦିଆଯାଇପାରି ନଥିବାରୁ ହୋଇଥିଲା ଯାହାକି ପରବର୍ତ୍ତୀ ପାରାଗୁଡିକରେ ଆଲୋଚନା କରାଗଲା ।

### 3.4.4 *ସାଧନ ଓ ସାଜ ସରଞ୍ଜାମର ଅଭାବ*

ଏନ୍.ସି.ଭି.ଟି ଦ୍ୱାରା ପ୍ରଦତ୍ତ ମାନକ ସୂଚୀ ଅନୁସାରେ ଆବଶ୍ୟକ ସାଧନ ଓ ସାଜ ସରଞ୍ଜାମ ରଖିବାରେ ଥିଲା । ଏନସିଭିଟି ନିୟମ ଅନୁସାରେ ପ୍ରତି ଟ୍ରେଡ୍ ପାଇଁ 17ଟି ସାଧନ ଓ ସାଜସରଞ୍ଜାମ ସେଟ୍ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷକଙ୍କୁ ଯୋଗାଇଦେବାର ଥିଲା । ଏହା ଲକ୍ଷ୍ୟ କରାଗଲା ଯେ 4ଟି ଆଇଟିଆଇ[76]ରେ ସାଧନ ଓ ସାଜସରଞ୍ଜାମର ଅଭାବ 4 ରୁ 71 ପ୍ରତିଶତ ପର୍ଯ୍ୟନ୍ତ ଥିଲା । ଏହା ମୁଖ୍ୟତଃ ପାଣ୍ଠି ଥିବା ସତ୍ତ୍ୱେ ସାଧନ ଓ ସାଜସରଞ୍ଜାମ ନ କିଣିବାରୁ ହୋଇଥିଲା । ତେଣୁ ଆବଶ୍ୟକୀୟ ସାଧନ ଓ ସାଜସରଞ୍ଜାମ ବିନା ପ୍ରଶିକ୍ଷାର୍ଥୀମାନେ ସଫଳ ଗୁଣାତ୍ମକ ତାଲିମ୍ ପାଇପାରି ନଥିଲେ ଯାହାକି ସେମାନଙ୍କୁ ନିଯୁକ୍ତି ସୁଯୋଗରୁ ବଞ୍ଚିତ କରିଥିଲା ।

ଡିଟିଇଟି ସମୀକ୍ଷା ତଥ୍ୟକୁ ସ୍ୱୀକାର କରି କହିଥିଲେ ଯେ, ବିଭିନ୍ନ ଗ୍ରେଡ୍ ପାଇଁ ଏନସିଭିଟି ଦ୍ୱାରା ପ୍ରଦତ୍ତ ମାନକ ଅନୁସାରେ ସାଧନ ଓ ସରଞ୍ଜାମ କ୍ରୟ ପାଇଁ ପଦକ୍ଷେପ ନିଆଯାଇଅଛି ।

### 3.4.5 *ଟ୍ରେଡର ଉଚ୍ଛେଦ ନ ହେବା*

ଆଇଡିପି ଅନୁସାରେ 16ଟି ଲୋକପ୍ରିୟ ନଥିବା ଟ୍ରେଡର ଉଚ୍ଛେଦ ପାଇଁ 6 ଟି ଆଇଟିଆଇ[77] ପ୍ରସ୍ତାବ ଦେଇଥିବା ସତ୍ତ୍ୱେ 4ଟି ଆଇଟିଆଇ[78]ରେ ମାତ୍ର 6ଟି ଟ୍ରେଡ୍ ମାର୍ଚ୍ଚ 2014 ସୁଦ୍ଧା ଉଚ୍ଛେଦ ହୋଇଥିଲା ଏବଂ ଅବଶିଷ୍ଟ 10ଟି ଟ୍ରେଡ ଉଚ୍ଛେଦ ହୋଇ ପାରି ନଥିଲା । ଏହି ଆଇଟିଆଇଗୁଡିକରେ ସାଧନ ଓ ସାଜସରଞ୍ଜାମ ଗୁଡିକ ଅଧକ୍ଷଙ୍କ ଦ୍ୱାରା ନିକାଶ ଏବଂ ଉପରୋକ୍ତ ଟ୍ରେଡଗୁଡିକ ଥିବା ଆଇଟିଆଇଗୁଡିକୁ ହସ୍ତାନ୍ତର କରିବାର ପ୍ରଚେଷ୍ଟାର ଅଭାବ ଯୋଗୁଁ ବ୍ୟବହାର କରାଯାଇ ନଥିଲା, ଯାହାକି ***ପରିଶିଷ୍ଟ 3.4.6*** ରେ ବର୍ଣ୍ଣିତ କରାଗଲା ।

---

76 ବଲାଙ୍ଗିର, ଭବାନୀପାଟଣା, ଖରିଆର ରୋଡ ଏବଂ ମାଲକାନଗିରି ।

77 ତାଳଚେର, କଟକ, ଆନନ୍ଦପୁର, ପୁରୀ, ରାଉରକେଲା ଏବଂ ବରଗଡ ।

78 କଟକ, ପୁରୀ, ରାଉରକେଲା ଏବଂ ବରଗଡ ।

ସମୀକ୍ଷା ତଥ୍ୟକୁ ଗ୍ରହଣ କରନ୍ତେ ଡିଟିଇଟି ଉଲ୍ଲେଖ କଲେ ଯେ ନାମଲେଖା ଅନାବଶ୍ୟକ ଟ୍ରେଡଗୁଡିକରେ ନାମ ଲେଖା ସ୍ଥଗିତ ରଖିବାର ପଦକ୍ଷେପ ନିଆଯାଇଅଛି ।

### 3.4.6 ରାଜସ୍ୱ ଉପାର୍ଜନ

ପରିକଳ୍ପନାର ଉଦ୍ଦେଶ୍ୟଗୁଡିକୁ ସାକାର କରିବା ପାଇଁ ଆଇଏମସି ଗୁଡିକ ଉପଭୋଗ୍ୟ ଜିନିଷଗୁଡିକର କ୍ରୟ, ତାଲିମ୍ ପାଇଁ ସରଞ୍ଜାମ ଏବଂ ପାଇଥିବା ଋଣର ପରିଶୋଧ ପାଇଁ ଯଥେଷ୍ଟ ପାଣ୍ଠି ଉପାର୍ଜନ କରିବାର ଥିଲା । ରାଜସ୍ୱ ଉପାର୍ଜନର ମୁଖ୍ୟ ଉତ୍ସଗୁଡିକ ଉତ୍ପାଦନ ଏବଂ ନିଯୁକ୍ତି କାର୍ଯ୍ୟ, ଆତ୍ମ ନିଯୁକ୍ତି ଉପରେ ଆଧାରିତ ସ୍ୱଳ୍ପ ମିଆଦୀ ତାଲିମ, ଟର୍ଣ୍ଣକି ପ୍ରକଳ୍ପ ପାଇଁ ଦରଜୀ ତିଆରି/ କଷ୍ଟମାଇଜଡ୍ ତାଲିମ୍, ପରୀକ୍ଷା ଏବଂ ପ୍ରମାଣପତ୍ର ଦେୟ ଇତ୍ୟାଦି ଥିଲା ।

ସମୀକ୍ଷାରୁ ଦେଖାଗଲା ଯେ 14 ଟି ଆଇଟିଆଇ ବିଶ୍ୱ ବ୍ୟାଙ୍କ୍ ସହାୟତା ବିନା ପାଠ୍ୟା ବୃଦ୍ଧି ପାଇଁ ଭାରତ ସରକାରଙ୍କ ଠାରୁ 35.00 କୋଟି ଟଙ୍କାର ଋଣ ସାହାଯ୍ୟ ପାଇଥିବା ବେଳେ, 2007-14 ମଧ୍ୟରେ 6.74 କୋଟି ଟଙ୍କା ରାଜସ୍ୱ ଆୟ କରିଥିଲେ, ଯେଉଁଥିରୁ କି 6.52 କୋଟି ଟଙ୍କା ଆଇଟିଆଇ ଗୁଡିକର ପାଠ୍ୟା ବୃଦ୍ଧି ପାଇଁ ଉପଲବ୍ଧ ପାଣ୍ଠି ବିନିଯୋଗ କରି ସୁଧ ପାଇଥିଲେ । ଯେତେବେଳେ ସାତଟି ଆଇଟିଆଇ 22.83 ଲକ୍ଷ ଟଙ୍କା ରାଜସ୍ୱ ଉପାର୍ଜନ କରିଥିଲେ, ଅନ୍ୟ ସାତଟି ଆଇଟିଆଇ ଗୁଡ଼ିକରେ କୌଣସି ରାଜସ୍ୱ ଉପାର୍ଜନର କାର୍ଯ୍ୟକ୍ରମ ହାତକୁ ନେଇ ନଥିଲେ । ରାଜସ୍ୱ ଉପାର୍ଜନର ହ୍ରାସ ମୁଖ୍ୟତଃ ନୂତନ ଟ୍ରେଡର ପ୍ରବର୍ତ୍ତନ ନ କରିବା ଏବଂ ଆଇଡିପି ଅନୁସାରେ ଚାଲୁଥିବା ଟ୍ରେଡର ପାଠ୍ୟା ବୃଦ୍ଧି କରିବାରେ ବିଫଳତାରୁ ହୋଇଥିଲା, ଯାହାକି ପୂର୍ବବର୍ତ୍ତୀ ***ପରିଚ୍ଛେଦ 3.4.3.1*** ରେ ବର୍ଣ୍ଣିତ ହୋଇଛି । ଆଇଟିଆଇମାନଙ୍କର ରାଜସ୍ୱ ଉପାର୍ଜନରେ ହ୍ରାସକୁ ବିଚାରକୁ ନେଲେ ଋଣ ପରିଶୋଧର ସମୟ ଅତିକ୍ରାନ୍ତ ପରେ ପରିଶୋଧ କରିବାରେ ସମସ୍ୟା ସୃଷ୍ଟିକରିପାରେ ।

ସମୀକ୍ଷା ତଥ୍ୟକୁ ସ୍ୱୀକାର କରି ଡିଟିଇଟି ଉଲ୍ଲେଖ କଲେ ଯେ ଆଇଟିଆଇ ଗୁଡିକୁ ବିଭିନ୍ନ ସ୍ୱଳ୍ପ ମିଆଦୀ ଏମଇଏସ ପାଠ୍ୟକ୍ରମ ଚାଲୁ କରିବା, ଉତ୍ପାଦନ କାର୍ଯ୍ୟକ୍ରମ ଯଥା - ଡିଆଇସି ରେଜିଷ୍ଟ୍ରେସନ ଉତ୍ପାଦନ କେନ୍ଦ୍ର ଥିବା ତାଲିମ୍ ଆଦି କାର୍ଯ୍ୟ ହାତକୁ ନେବାର । ଉପଦେଶ ଦିଆଯାଇଥିଲା, ଯଦ୍ୱାରା ଋଣ ମିଆଦ ସରିବା ପରେ ଯଥେଷ୍ଟ ଆଭ୍ୟନ୍ତରୀଣ ରାଜସ୍ୱ ଉତ୍ପାଦନ ହୋଇପାରିବ ।

### 3.4.7 ମାନବ ସମ୍ବଳ

ପରିକଳ୍ପନା ଅନୁସାରେ ରାଜ୍ୟ ସରକାର ଆଇଟିଆଇମାନଙ୍କରେ ପ୍ରଶିକ୍ଷକଙ୍କର ମଞ୍ଜୁରୀ ପ୍ରାପ୍ତ ମାନବସମ୍ବଳ କ୍ଷମତାକୁ ନିଶ୍ଚିନ୍ତ କରିବାର ଥିଲା ଏବଂ କୌଣସି କ୍ଷେତ୍ରରେ ବା କୌଣସି ସମୟରେ ମାନବ ସମ୍ବଳର ଶୂନ୍ୟସ୍ଥାନ ମଞ୍ଜୁରୀ ପ୍ରାପ୍ତ କ୍ଷମତାର 10 ପ୍ରତିଶତରୁ ଅଧିକ ହେବାର ନଥିଲା ।

ସମୀକ୍ଷାରୁ ଜଣାଗଲା ଯେ 25 ଟି ଆଇଟିଆଇରେ ବୈଷୟିକ ଶ୍ରେଣୀରେ ଖାଲିଥିଲା ଯାହା ***ପରିଶିଷ୍ଟ 3.4.7*** ରେ ବର୍ଣ୍ଣିତ ହୋଇଅଛି । ଖାଲି ଥିବା ପ୍ରତିଶତ ବୈଷୟିକ ଶ୍ରେଣୀରେ 50 ରୁ 100 ଥିଲା । ବୈଷୟିକ ଶ୍ରେଣୀରେ ଶୂନ୍ୟସ୍ଥାନ ଗୁଣାତ୍ମକ ତାଲିମ୍ ଦେବା ଏବଂ କେପିଆଇ ସଫଳତା ହାସଲ କରିବାରେ ପ୍ରଭାବିତ କରିଥିଲା ଯାହା **ପରିଚ୍ଛେଦ 3.6.3.4** ରେ ବର୍ଣ୍ଣନା କରାଯାଇଅଛି ।

ଡିଟିଇ ଆଣ୍ଡ ଟି ଉଲ୍ଲେଖ କଲେ ଯେ ଏଟିଓ ପୋଷ୍ଟ (ଚୁକ୍ତିଭିତ୍ତିକ) ଭିଟିଆଇପି ଏବଂ ଅନ୍ୟ ଆଇଟିଆଇଗୁଡିକ ପାଇଁ ଓଏସଏସସି, ଭୁବନେଶ୍ୱର ଜରିଆରେ ଭର୍ତ୍ତି କରିବାର କାର୍ଯ୍ୟକ୍ରମ ଚାଲୁ କରାଯାଇଛି ।

### 3.4.8 ତଦାରଖ

ବିଶ୍ୱ ବ୍ୟାଙ୍କ୍ ସହାୟତା ପରିକଳ୍ପନା ଅନୁସାରେ ପ୍ରକଳ୍ପ ଗୁଡିକ ମୁଖ୍ୟ ସଚିବ/ ସଚିବ/ ଆୟୋଗଙ୍କ ନେତୃତ୍ୱରେ ଏବଂ ଶିଳ୍ପ ମାନଙ୍କର ଉଚ୍ଚ ପଦସ୍ଥ ପ୍ରତିନିଧିତ୍ୱରେ ଧନ୍ଦାମୂଳକ ତାଲିମ ପାଇଁ ଗଠିତ ଷ୍ଟେଟ୍ ଷ୍ଟିୟରିଂ କମିଟି(ଏସଏସସି)ଙ୍କ ଦ୍ୱାରା ପରିଚାଳିତ ହୁଏ ।

ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ଏସ.ଏସ.ସି ତଦାରଖ କରିବା । ଏସ.ଏସ.ସି ଯଥେଷ୍ଟ ପୂର୍ଣ୍ଣ ସମୟ କର୍ମଚାରୀ/ପରାମର୍ଶଦାତା ଏବଂ ସହାୟକ କର୍ମୀଙ୍କୁ ନେଇ ଗଠିତ ଏସ.ପି.ଆଇ.ୟୁ ର ସହାୟତା ନେଇଥାଏ । ଉକ୍ତ କମିଟି ବିଶ୍ୱବ୍ୟାଙ୍କ ବିନା ପରିକଳ୍ପନାଗୁଡିକ ଅତିରିକ୍ତ କର୍ତ୍ତବ୍ୟ ଓ ଉତ୍ତର ଦାୟିତ୍ୱ ସହିତ ତଦାରଖ କରିପାରେ । ବିଶ୍ୱବ୍ୟାଙ୍କ ସହାୟତା ପରିକଳ୍ପନା ଅନୁସାରେ ଓଡିଶା ସରକାର ପରିକଳ୍ପନାର ସ୍ଥିତି ଅନୁଧାନ କରିବାକୁ ତ୍ରୈମାସିକ ଏସଏସସି ସଭା କରିବା ଉଚିତ୍ । ବିନା ବିଶ୍ୱବ୍ୟାଙ୍କ ସହାୟତା ପ୍ରକଳ୍ପଗୁଡିକ ପାଇଁ ଓଡିଶା ସରକାର କମ୍ ବିନିଯୋଗ ଶିଳ୍ପ ସହଯୋଗୀ ଏବଂ ଅଧକ୍ଷଙ୍କ ସମନ୍ୱୟ, ଖାଲିସ୍ଥାନ ଏବଂ ଏମଓଏ/ ଆଇଡିପି ଗୁଡିକରେ ନିର୍ଦ୍ଦିଷ୍ଟ ଥିବା କେପିଆଇ ବିଷୟରେ ଆଇଟିଆଇ ଗୁଡିକର କାର୍ଯ୍ୟ ଦକ୍ଷତା ତଦାରଖ ଆଦି ବିଷୟଗୁଡିକର ସ୍ଥିତି ଅନୁଧାନ କରିବା ପାଇଁ ଏସଏସ ସଭା ପ୍ରତି ଦୁଇ ମାସରେ କରିବା ଉଚିତ୍ । ପରିକଳ୍ପନା ତଦାରଖରେ ବିଭିନ୍ନ ଅଭାବ ସମୀକ୍ଷାରେ ଦେଖାଯାଇଥିଲା ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

- ପରିକଳ୍ପନା ପାଇଁ ଗଠିତ ହେବାକୁ ଥିବା ଏସଏସସି ଓଡିଶା ସରକାରଙ୍କ ଦ୍ୱାରା ମାର୍ଚ୍ଚ 2005 ରେ ଗଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଆଇଟିଆଇଗୁଡିକୁ ସିଓଇକୁ ପାହ୍ୟା ବୃଦ୍ଧି ପାଇଁ ଆବଶ୍ୟକ ହେବାରୁ ପୁନର୍ଗଠିତ ହୋଇଥିଲା (ଜୁଲାଇ 2007) । ଏସଏସସିର ପ୍ରଥମ ସଭା ମାର୍ଚ୍ଚ 2005 ରେ ଏବଂ ତାପରେ ଆଉ ଛଅଟି ସଭା (ଅକ୍ଟୋବର 2006, ଜୁଲାଇ 2007, ଅକ୍ଟୋବର 2008, ମେ 2009, ସେପ୍ଟେମ୍ବର 2010 ଏବଂ ମାର୍ଚ୍ଚ 2012) ହୋଇଥିଲା । ତେଣୁ କେବଳ ବିଶ୍ୱବ୍ୟାଙ୍କ ସହାୟତା ପରିକଳ୍ପନା ପାଇଁ ମାର୍ଚ୍ଚ 2014 ସୁଦ୍ଧା ଆବଶ୍ୟକ 36ଟି ସଭା ହେବାର ଥିବା ବେଳେ ମାତ୍ର ସାତଟି ସଭା ହୋଇଥିଲା । ସେହିପରି ବିଶ୍ୱବ୍ୟାଙ୍କ ବିନା ପରିକଳ୍ପନାରେ 42ଟି ସଭାର ଆବଶ୍ୟକ ଥିବା ବେଳେ ମାର୍ଚ୍ଚ 2014 ରେ ଚାରୋଟି ସଭା ହୋଇଥିଲା । ଏସଏସସି ର ନିୟମିତ ସଭା ଅଭାବରୁ ପରିକଳ୍ପନାର କାର୍ଯ୍ୟ ପ୍ରବାହର ତଦାରଖ ହୋଇପାରି ନଥିଲା ଫଳରେ କାର୍ଯ୍ୟାନ୍ୱୟନ ବିଳମ୍ବ ଏଡାଇବା ପାଇଁ ସମୟାନୁସାରେ ପଦକ୍ଷେପ ନିଆଯାଇପାରି ନଥିଲା ।

- ଓଡିଶା ସରକାର ଡିଟିଇଟି ଅଧିନରେ ଏସପିଆଇୟୁ (ନଭେମ୍ବର 2008) ଭାରତ ସରକାରଙ୍କର ବିଭିନ୍ନ ପରିକଳ୍ପନା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଜନା(ପିଆଇପି) ଅନୁସାରେ କାର୍ଯ୍ୟ କରିବାକୁ ଗଠନ କଲେ ଯାହାର କି ଅନ୍ୟାନ୍ୟ ଉଦ୍ଦେଶ୍ୟ ସହିତ ଅନୁଷ୍ଠାନ ମାନଙ୍କରେ ଭାରତ ସରକାରଙ୍କ ପରିକଳ୍ପନା ଗୁଡିକରେ କାର୍ଯ୍ୟାନ୍ୱୟନ ତଦାରଖ ଏବଂ ପ୍ରତିକାର ନେବା ଭାରତ ସରକାରଙ୍କ ଠାରୁ ଏବଂ ଅନ୍ୟ ଉତ୍ସରୁ ପାଣ୍ଠି ସଂଗ୍ରହ କରିବା ଉପଯୁକ୍ତ ହିସାବ ରଖିବା ଇତ୍ୟାଦି ଉଦ୍ଦେଶ୍ୟ ଥିଲା । ଏଥିପାଇ ଭାରତ ଓ ଓଡିଶା ସରକାର 46.40 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ମାତ୍ର 14.12 ଲକ୍ଷ ଟଙ୍କା ମାର୍ଚ୍ଚ 2014 ସୁଦ୍ଧା ବ୍ୟବହାର ହୋଇପାରିଥିଲା । ଯଥେଷ୍ଟ ତଦାରଖର ଅଭାବ ଯୋଗୁଁ ଟ୍ରେଡ୍ ଗୁଡିକର ପାହ୍ୟା ବୃଦ୍ଧି ଏବଂ ପ୍ରବର୍ତ୍ତନ ସମ୍ପୂର୍ଣ୍ଣ ଭାବେ ହୋଇପାରି ନଥିଲା ଓ ଏହି ଆଇଟିଆଇ ଗୁଡିକ ରାଜସ୍ୱ ଉପାର୍ଜନ କରିବାରେ ମଧ ବିଫଳ ହୋଇଥିଲେ ।

- ଏସପିଆଇୟୁର ଗଭର୍ଣ୍ଣିଙ୍ଗ ବଡି (ଜିବି)ଏବଂ କାର୍ଯ୍ୟନିର୍ବାହୀ କମିଟି (ଇସି) ଯଥାକ୍ରମେ ଅତିକମରେ ଛଅ ମାସରେ ଥରେ ଏବଂ ତିନି ମାସରେ ଥରେ ଅନୁଷ୍ଠାନ ଗୁଡିକରେ ପରିକଳ୍ପନା ଗୁଡିକର କାର୍ଯ୍ୟାନ୍ୱୟନ ତଦାରଖ କରିବାକୁ ଏବଂ ପ୍ରତିକାର ନେବାକୁ ସାକ୍ଷାତ ହେବାର ଥିଲା । ଏସପିଆଇୟୁ ଗଠନ କାଳରୁ ମାର୍ଚ୍ଚ 2014 ସୁଦ୍ଧା କୌଣସି ଜିବି ଏବଂ ଇସି ସଭା ଡକା ହୋଇ ନଥିଲା । ତେଣୁ ଭାରତ ସରକାରଙ୍କର ବିଭିନ୍ନ ପରିକଳ୍ପନାର ତଦାରଖ ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନ ପାଇଁ ଏସପିଆଇୟୁ ଗଠନ କରିବାର ଉଦ୍ଦେଶ୍ୟ ବିଫଳ ହୋଇଥିଲା ।

ଡିଟିଇଟି ସମୀକ୍ଷା ତଥ୍ୟକୁ ସ୍ୱୀକାର କରି ଉଲ୍ଲେଖ କଲେ ଯେ ସୋସାଇଟିର ଉପବିଧି ଅନୁସାରେ ନିୟମିତ ବ୍ୟବଧାନରେ ପରିଚାଳନା କମିଟି ଏବଂ ଏସପିଆଇୟୁ ସୋସାଇଟିର ଗଭର୍ଣ୍ଣି କମିଟି ସଭା କରିବାକୁ ପଦକ୍ଷେପ ନିଆଯାଇଅଛି ।

### 3.4.9 ପରିଚାଳନା ସୂଚନା ବ୍ୟବସ୍ଥା

ପରିଚାଳନା ସୂଚନା ବ୍ୟବସ୍ଥା (ଏମଆଇଏସ) ସମସ୍ତ ଆଇଟିଆଇ କେନ୍ଦ୍ରୀୟ ଅନୁଷ୍ଠାନ ରାଜ୍ୟ ସ୍ତରରେ ରାଜ୍ୟ ନିର୍ଦ୍ଦେଶାଳୟ ଏବଂ ଜାତୀୟ ସ୍ତରରେ ଏନପିଆଇୟୁ ଗୁଡିକୁ ସଂଶ୍ଲିଷ୍ଟ କରିବାର ଥିଲା । ବିଭିନ୍ନ ମଡ୍ୟୁଲ୍ ଯଥା- ଆଇଟିଆଇ, ଷ୍ଟେଟ୍ ଡାଇରେକ୍ଟୋରେଟ୍ ପ୍ଲେସମେଣ୍ଟ, ଆପ୍ରେଣ୍ଟିସିପ୍ ଟ୍ରେନିଂ, ଆଫିଲିଏସନ ସିଷ୍ଟମ, ଆଡମିନିଷ୍ଟ୍ରେସନ, ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁସନ ଏବଂ ଡିଜିଇଟି ଏମଆଇଏସର ଅଂଶୀଦାର ଥିଲେ ।

ଭାରତ ସରକାର ପ୍ରକଳ୍ପ ଏବଂ ଅଣ ପ୍ରକଳ୍ପ ଆଇଟିଆଇ ଗୁଡିକରେ ରାଜ୍ୟ ଏବଂ କେନ୍ଦ୍ରସରକାରଙ୍କ ଦ୍ୱାରା ବିଶ୍ୱବ୍ୟାଙ୍କ ସହାୟତା(ଭିଟିଆଇପି)ର ସଂସ୍କାର ଓ ଉନ୍ନତି ପାଇଁ ଏମଆଇଏସ ଆପ୍ଲିକେସନର କାର୍ଯ୍ୟାନ୍ୱୟନ ବାବଦକୁ 41.53 ଲକ୍ଷ ଟଙ୍କା ମାର୍ଚ୍ଚ 2011ରେ ମଞ୍ଜୁରୀ ଦେଇଥିଲେ । ଏସପିଆଇୟୁ ନିଜର ଏବଂ 27ଟି ଆଇଟିଆଇରେ ଏମଆଇଏସ ଆପ୍ଲିକେସନ କାର୍ଯ୍ୟାନ୍ୱୟନ ପାଇଁ କମ୍ପ୍ୟୁଟର ଓ ଏହାର ଆନୁସଙ୍ଗିକ ଉପକରଣ ପ୍ରୟୋଗ କରିବାକୁ ମେ 2011 ଏବଂ ଅକ୍ଟୋବର 2011 ରେ 34.14 ଲକ୍ଷ ଟଙ୍କା ଉଠାଇଥିଲେ ।

ସମୀକ୍ଷାରୁ ଦେଖାଗଲା ଯେ ଯଦିଓ କମ୍ପ୍ୟୁଟର ହାର୍ଡୱେର ବିଭିନ୍ନ ଆଇଟିଆଇରେ କ୍ରୟ ହୋଇ ଲଗାଯାଇଥିଲା ୱେବ ବେସଡ ପୋର୍ଟାଲ୍ ମାର୍ଚ୍ଚ 2014 ସୁଦ୍ଧା କାର୍ଯ୍ୟକାରୀ ହୋଇପାରି ନଥିଲା ଯାହାକି ପ୍ରକଳ୍ପଟିର ଉଦ୍ଦେଶ୍ୟକୁ ଖଣ୍ଡନ କରିଥିଲା ।

ଡିଟିଇଟି ସମୀକ୍ଷା ତଥ୍ୟକୁ ସ୍ୱୀକାର କରି ଉଲ୍ଲେଖ କଲେ ଯେ ଏମଆଇଏସ ଆପ୍ଲିକେସନ୍ କାର୍ଯ୍ୟାନ୍ୱୟନ ପାଇଁ ଏକ ନୋଡାଲ କମିଟି ଗଠନ କରାଯାଇଛି (ସେପ୍ଟେମ୍ବର 2014) । କିନ୍ତୁ ୱେବ ବେସଡ୍ ପୋର୍ଟାଲ୍ କାର୍ଯ୍ୟକାରୀ ନ ହୋଇଥିବାରୁ ଏମଆଇଏସର ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା ।

### 3.4.10 ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ପରିକଳ୍ପନାର ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତ୍ୟେକ ଆଇଟିଆଇ ପାଇଁ ଗଠିତ ଆଇଏମସି ପରିକଳ୍ପନାରେ କାର୍ଯ୍ୟାନ୍ୱୟନ ଉପରେ ଏମଏସସିକୁ ଏସଆଇସି (ଏସପିଆଇୟୁ) ଜରିଆରେ ତ୍ରୈମାସିକ ପ୍ରତିବେଦନ ଉପସ୍ଥାପନ କରିବାର ଥିଲା । ଯାହାକି ଏନ୍ଏସସି ପରିକଳ୍ପନାରେ ଅନ୍ତର୍ଭୁକ୍ତ ସମସ୍ତ ଆଇଟିଆଇ ପ୍ରତିବେଦନକୁ ଏକତ୍ରିତ କରି କନ୍ସୋଲିଡେଟେଡ୍ ପ୍ରତିବେଦନ ଏନଏସସିକୁ ଉପସ୍ଥାପନ କରିବାର ଥିଲା । କେପିଆଇ ହାସଲ କରିବାରେ ଯଦି ପରଫରମାନ୍ସ ସନ୍ତୋଷଜନକ ନ ହୁଏ, ଆଇଏମସି ଏହି ବିଷୟରେ ନୋଟିସ୍ ପାଇବାର 30 ଦିନ ଭିତରେ ବିଫଳତାର ସବିଶେଷ କାରଣ ଓ ଆବଶ୍ୟକ ପ୍ରତିକାର ନେବାର ପ୍ରତିବେଦନ ଏସଏସସିକୁ ଉପସ୍ଥାପନ କରିବାର ଥିଲା । ଏସଏସସି ଏହି ପ୍ରତିବେଦନକୁ ସ୍ୱ-ମନ୍ତବ୍ୟ ସହ ଏନଏସସି କୁ ପ୍ରେରଣ କରିବାର ଥିଲା । ଏନଏସସି ଏହି ବିଫଳତା ପାଇଁ ଉତ୍ତର ଦାୟିତ୍ୱ ଧାର୍ଯ୍ୟ କରିବାର ଥିଲା ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ନିଶ୍ଚିତ କରିବାର ଥିଲା । ଅତିରିକ୍ତ ନିର୍ଦ୍ଦେଶକ (ଏସପିଆଇୟୁ) ପୁନଶ୍ଚ ଆଇଟିଆଇ ଗୁଡିକର ଅଧକ୍ଷମାନଙ୍କୁ ତ୍ରୈମାସିକ ପ୍ରଗତି ପ୍ରତିବେଦନ ପରବର୍ତ୍ତୀ ମାସର ପାଞ୍ଚ ତାରିଖ ସୁଦ୍ଧା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2011) ।

ସମୀକ୍ଷାରେ ଦେଖାଗଲା ଯେ ସମସ୍ତ ନମୁନା ଯାଞ୍ଚ୍ ହୋଇଥିବା ଆଇଟିଆଇ ତ୍ରୈମାସିକ ପ୍ରଗତି ପ୍ରତିବେଦନ ଉପସ୍ଥାପନ କରିବାରେ ନିୟମିତ ନଥିଲେ ।

ଡିଟିଇଟି ସମୀକ୍ଷା ତଥ୍ୟ ସ୍ୱୀକାର କରିଥିଲେ ଏବଂ ଭବିଷ୍ୟତ ଦିଗ୍ଦର୍ଶନ ପାଇଁ ଏହାକୁ ଟିପ୍ପଣୀ କରିଥିଲେ ।

### 3.4.11 ନୂତନ ପଲିଟେକ୍ନିକଗୁଡିକର ପ୍ରତିଷ୍ଠା

ଭାରତ ସରକାର ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଦେଶର ପଲିଟେକନିକ୍ ନ ଥିବା ଏବଂ କମ୍ ପଲିଟେକନିକ ଥିବା ଜିଲ୍ଲାମାନଙ୍କରେ ପ୍ରତି ପଲିଟେକ୍ନିକ କୁ 12.30 କୋଟି ଟଙ୍କା ଆର୍ଥିକ ସହାୟତା

ସବମିଶନ ପଲିଟେକ୍‌ନିକର ଏକ ଉପାଦନ ଯଥା- ନୂତନ ପଲିଟେକନିକ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ । 12.30 କୋଟି ଟଙ୍କାରୁ ସିଭିଲ୍ କାର୍ଯ୍ୟ ପାଇଁ ଆଠ କୋଟି ଟଙ୍କା ଏବଂ ସାଜ ସରଞ୍ଜାମ, ଯନ୍ତ୍ରପାତି, ଆସବାବପତ୍ର, ଯାତାୟାତ ଏବଂ ଶିକ୍ଷା ଉପକରଣ ପାଇଁ 4.30 କୋଟି ଟଙ୍କା ଖର୍ଚ୍ଚ କରିବାର ଥିଲା । ପଲିଟେକନିକ୍ ଦ୍ୱାରା ନିଯୁକ୍ତି ଭିତ୍ତିକ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା ପରିକଳ୍ପନାର ଲକ୍ଷ୍ୟ ଥିଲା । ପ୍ରକଳ୍ପ ପାଇଁ ଉନ୍ନୟନ ଦେୟ ସହ ଆବଶ୍ୟକ ଜମି ଏବଂ 100 ପ୍ରତିଶତ ଆବର୍ତ୍ତୀ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାର ଥିଲା । ପଲିଟେକନିକରେ ଶିକ୍ଷକମାନଙ୍କର ମଞ୍ଜୁର ପ୍ରାପ୍ତ ମାନବ ସମ୍ବଳ କ୍ଷମତା ପୂରଣ କରିବାର ଥିଲା ଏବଂ ଖାଲି ସ୍ଥାନ କୌଣସି କ୍ଷେତ୍ରର ମଞ୍ଜୁରୀପ୍ରାପ୍ତ କ୍ଷମତାର ପାଞ୍ଚ ପ୍ରତିଶତରୁ ଅଧିକା ହେବାର ନ ଥିଲା ।

ଓଡିଶା ସରକାରଙ୍କ ପ୍ରସ୍ତାବ ଭିତ୍ତିରେ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍.ଏଚ.ଆର.ଡି) 2008-09 ରୁ 2009-10 ମଧ୍ୟରେ ତିନିଟି ପର୍ଯ୍ୟାୟରେ ଓଡିଶାର 22ଟି ପଲିଟେକ୍‌ନିକ ନ ଥିବା ଜିଲ୍ଲା[79]ରେ 22ଟି ପଲିଟେକନିକ କୁ ମଞ୍ଜୁର କରିଥିଲେ । ପ୍ରକଳ୍ପଗୁଡିକ ଡି.ଟିଇଟି ଜରିଆରେ କାର୍ଯ୍ୟକାରୀ ହେବାର ଥିଲା । ପ୍ରକଳ୍ପ ଅଟକଳ 270.60 କୋଟି ଟଙ୍କା ହୋଇଥିବାବେଳେ, ଭାରତ ସରକାର 181.47 କୋଟି ଟଙ୍କା ଓଡିଶା ସରକାରଙ୍କୁ ପ୍ରଦାନ କରିଥିଲେ (2010-14), ଯାହାକି ଓଡିଶା ସରକାର ପରବର୍ତ୍ତୀ ସମୟରେ ଡିଟିଇଟିକୁ ପ୍ରଦାନ କରିଥିଲେ (2010-14) । ମାର୍ଚ୍ଚ 2014 ସୁଦ୍ଧା ଡିଟିଇଟି 98.16 କୋଟି ସିଭିଲ୍ କାର୍ଯ୍ୟ ପାଇଁ ଏବଂ 5.30 କୋଟି ଟଙ୍କା ସାଜ ସରଞ୍ଜାମ କ୍ରୟ ପାଇଁ ବିନିଯୋଗ ପ୍ରମାଣପତ୍ର (ୟୁସି) ଉପସ୍ଥାପନ କରିଥିଲେ ଏବଂ 78.01 କୋଟି ଟଙ୍କାର ୟୁସି ଦେଇପାରି ନଥିଲେ । 22ଟି ନୂତନ ପଲିଟେକନିକରୁ 2013-14 ଶିକ୍ଷା ବର୍ଷରେ ଚାରି ଟ୍ରେଡ (ପ୍ରତି ଟ୍ରେଡରେ 60 ଜଣ ଲେଖାଏଁ ଛାତ୍ର) ବିଶିଷ୍ଟ ଆଠଟି ପଲିଟେକନିକ୍[80] କାର୍ଯ୍ୟକାରୀ ହୋଇପାରିଥିଲା । ଏହି ଆଠଟି ପଲିଟେକନିକରେ 1920 ଛାତ୍ର (ପ୍ରତି ପଲିଟେକନିକ ପାଇଁ 240 ଛାତ୍ର) ନାମ ଲେଖାଇବାର କ୍ଷମତା ଥିବାବେଳେ 1,413 ଜଣ ଛାତ୍ର ଉପରୋକ୍ତ ପଲିଟେକନିକର ବିଭିନ୍ନ ଟ୍ରେଡରେ ନାମ ଲେଖାଇଥିଲେ ଯାହାଫଳରେ ବିଭିନ୍ନ ଟ୍ରେଡରେ 6.67 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରମାନଙ୍କର ନାମ ଲେଖା ହୋଇପାରି ନଥିଲା ।

ଡିଟିଇଟି ତଥ୍ୟକୁ ସ୍ୱୀକାର କରି ଉଲ୍ଲେଖ କଲେ ଯେ, ଡିଇଟି ଆଶାବାଦୀ ଛାତ୍ରମାନଙ୍କ ମଧରେ ସଚେତନତା ଅଭାବରୁ କ୍ଷମତା ମୁତାବକ ନାମ ଲେଖା ହୋଇପାରି ନଥିଲା ।

### *3.4.11.1 ସିଭିଲ୍ କାର୍ଯ୍ୟ*

ଭାରତ ସରକାରଙ୍କ ଦ୍ୱାରା 22 ଟି ପଲିଟେକନିକର ସିଭିଲ୍ କାର୍ଯ୍ୟ ପାଇଁ 161.47 କୋଟି ଟଙ୍କା ପ୍ରଦାନ ହୋଇଥିବା ବେଳେ, ଡିଟିଇଟି ସର୍ବମୋଟ 152.47 କୋଟି ଟଙ୍କା କାର୍ଯ୍ୟନିର୍ବାହୀ ସଂସ୍ଥା (ଆର ଆଣ୍ଡ ବି) ଡିଭିଜନ, ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ କର୍ପୋରେସନ ଅଫ୍ ଓଡିଶା ଏବଂ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ) 2010-11 (138.72 କୋଟି ଟଙ୍କା), 2012-13 (11.25 କୋଟି ଟଙ୍କା) ଏବଂ 2013-14 (2.50 କୋଟି ଟଙ୍କା) ରେ ପ୍ରଦାନ କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା 54.31 କୋଟି ଟଙ୍କା ଏହି ସଂସ୍ଥାଗୁଡିକ ପାଖରେ ପଡିରହିଥିଲା ଏବଂ ନଅ କୋଟି ଡିଟିଇଟି ପାଖରେ ଥିଲା । ଏ ସମ୍ପର୍କରେ ସମୀକ୍ଷାରୁ ନିମ୍ନୋକ୍ତ ଅଭାବ ଗୁଡିକ ପରିଲକ୍ଷିତ କରାଗଲା ।

- ତିନୋଟି ପଲିଟେକନିକ[81]ରେ ସମ୍ପୃକ୍ତ ସଂସ୍ଥାଗୁଡିକୁ(ଓଏସଆଇସି ଓ ଆର ଆଣ୍ଡ ବି) ଜମି ହସ୍ତାନ୍ତର ହେବାର 15 ରୁ 34 ମାସ ଅତିକ୍ରାନ୍ତ ହେବା ସତ୍ତ୍ୱେ ଜୁନ୍ 2014 ସୁଦ୍ଧା କାର୍ଯ୍ୟ ଆରମ୍ଭ କରିପାରି

---

79 ଫେଜ୍-I: ଗଜପତି, ବୌଦ୍ଧ, ସମ୍ବଲପୁର ଏବଂ ମାଲକାନଗିରି ଚିଠି ନଂ ତାରିଖ 31.12.2008. ଫେଜ୍-II ଦେବଗଡ, ନବରଙ୍ଗପୁର, ଯାଜପୁର, ନୟାଗଡ, କଳାହାଣ୍ଡି, ନୂଆପଡା, ସୋନପୁର, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଚିଠି ନଂ ତା - 23.07.2009 ଫେଜ୍-II ଅନୁଗୁଳ, ବଲାଙ୍ଗିର, ମୟୁରଭଞ୍ଜ, ବରଗଡ, କୋରାପୁଟ, ଭଦ୍ରକ, ବାଲେଶ୍ୱର, କନ୍ଧମାଳ ଚିଠି ନମ୍ବର ତା-29.09.2009 ।

80 ସରକାରୀ ପଲିଟେକନିକ୍ସ- ବଲାଙ୍ଗିର, ବାଲେଶ୍ୱର, ଗଜପତି, କନ୍ଧମାଳ, କେନ୍ଦ୍ରାପଡା, ନବରଙ୍ଗପୁର, ସମ୍ବଲପୁର ଏବଂ ସୋନପୁର ।

81 ଭଦ୍ରକ, ଦେବଗଡ ଏବଂ ମୟୁରଭଞ୍ଜ ।

ନଥିଲେ । ଅନ୍ୟ 19 ଟି କ୍ଷେତ୍ରରେ ପାଣ୍ଠିର ବିନିଯୋଗ ଦୁଇରୁ 88 ପ୍ରତିଶତ ପର୍ଯ୍ୟନ୍ତ ଥିଲା, ଯାହା ***ପରିଶିଷ୍ଟ 3.4.8*** ରେ ବର୍ଣ୍ଣିତ ହୋଇଛି ।

ଡିଟିଇଟି ଜବାବରେ ଉଲ୍ଲେଖ କଲେ ଯେ ମୟୁରଭଞ୍ଜ ଓ ଦେବଗଡରେ ଜମି ଅଦାଲତରେ ଚାଲେଞ୍ଜ କରାଯାଇଛି ଏବଂ ଭଦ୍ରକରେ ଜମି ସ୍ଥାନୀୟ ଲୋକଙ୍କ କବଜାରେ ରହିଛି ।

- ଦେବଗଡ ଏବଂ ଜଗତସିଂହପୁରରେ ଜମିଗୁଡିକ ନିର୍ଦ୍ଧାରିତ ସମୟ ସୀମା (2011-12) ପରେ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡିକୁ ହସ୍ତାନ୍ତର ହୋଇଥିଲା (ମାର୍ଚ୍ଚ ଓ ମେ 2013) ।

  ଡିଟିଇଟି ଜବାବରେ କହିଲା ଯେ ଜମି ହସ୍ତାନ୍ତରୀକରଣ ଜଗତସିଂହପୁର କ୍ଷେତ୍ରରେ ବିଭିନ୍ନ ମହଲରୁ ବିଭିନ୍ନ ମତ ଯୋଗୁଁ ହୋଇପାରି ନଥିଲା ।

- 22 ଟି ପଲିଟେକନିକରୁ ନଅଟି[82] କ୍ଷେତ୍ରରେ 11.04 କୋଟି ଟଙ୍କା ଚଢାମୂଲ୍ୟରେ କାର୍ଯ୍ୟର ପରିସୀମାରେ ପରିବର୍ତ୍ତନ ଏବଂ ଟେଣ୍ଡର ପ୍ରିମିଅମ ଯୋଗୁଁ ଦିଆଯାଇଥିଲା ।

- 22 ଟି ପଲିଟେକନିକରୁ 11ଟିରେ ଡିଟିଇଟି ସିଭିଲ୍ କାର୍ଯ୍ୟ ପାଇଁ ଜମି ହସ୍ତାନ୍ତର ପୂର୍ବରୁ 2010 - 11 ମଧ୍ୟରେ 56 କୋଟି ଟଙ୍କା କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କୁ ପ୍ରଦାନ କରିଥିଲା ଯାହାର କି ଉକ୍ତ ସଂସ୍ଥାମାନେ ଅନୁଚିତ୍ ଫାଇଦା ଉଠାଇଥିଲେ ଯାହା ବିବରଣୀ ***ପରିଶିଷ୍ଟ 3.4.9*** ରେ ଦିଆଯାଇଛି ।

ଡିଟିଇଟି ଉଲ୍ଲେଖ କଲେ ଯେ ପାଣ୍ଠି ଚଳନ୍ତି ଜମାରେ ରଖିବାର ଥିଲା । ଯେଉଁଥିରେ କୌଣସି ସୁଧ ନଥିଲା । କିନ୍ତୁ ଜମି ହସ୍ତାନ୍ତର ପୂର୍ବରୁ ପାଣ୍ଠି ପ୍ରଦାନ ଉପରେ ଡିଟିଇଟିର କୌଣସି ମନ୍ତବ୍ୟ ନଥିଲା ।

### *3.4.11.2 ସାଜସରଞ୍ଜାମ କ୍ରୟ*

ଭାରତ ସରକାର 10 ଟି ପଲିଟେକନିକ୍[83] ପାଇଁ 20 କୋଟି ଟଙ୍କା ମାର୍ଚ୍ଚ 2014 ସୁଦ୍ଧା ପ୍ରଦାନ କରିଥିଲେ । 2013-14 ଶିକ୍ଷା ବର୍ଷରେ ଆଠଟି ପଲିଟେକନିକ[84]କୁ କାର୍ଯ୍ୟକାରୀ କରିବା ପାଇଁ ସାଜ ସରଞ୍ଜାମ କ୍ରୟ ପାଇଁ ଡିଟିଇଟି 2012-13 ଓ 2013-14 ମଧ୍ୟରେ 15.49 କୋଟି ଟଙ୍କାରେ କ୍ରୟ ଆଦେଶ ଜାରୀ କରିଥିଲା । କିନ୍ତୁ ଯଦିଓ 2013 ରୁ ଏହି ପଲିଟେକନିକଗୁଡିକ କାର୍ଯ୍ୟକାରୀ କରାଯାଇଥିଲା ମାର୍ଚ୍ଚ 2014 ସୁଦ୍ଧା 5.30 କୋଟି ଟଙ୍କାର ସାଜ ସରଞ୍ଜାମ କ୍ରୟ କରାଯାଇଥିଲା ।

ଡିଟିଇଟି ଉଲ୍ଲେଖ କରିଥିଲେ ଯେ ପ୍ରଥମ ବର୍ଷ ପାଇଁ ସାଜ ସରଞ୍ଜାମ କିଣାଯାଇଛି ଏବଂ ପରବର୍ତ୍ତୀ ବର୍ଷର ପାଠକ୍ରମ ପାଇଁ ସାଜ ସରଞ୍ଜାମ ପରେ କ୍ରୟ କରାଯାଇପାରିବ । କିନ୍ତୁ ପ୍ରକୃତ କ୍ଷେତ୍ରରେ ପାଠକ୍ରମ ଆରମ୍ଭ ହେବା ପୂର୍ବରୁ ସାଜ ସରଞ୍ଜାମ କ୍ରୟ ହୋଇପାରି ନଥିଲା, ଯଦ୍ୱାରା ଆବଶ୍ୟକ ସାଜ ସରଞ୍ଜାମ ବିନା ଛାତ୍ରମାନେ ତାଲିମ୍ ନେଇଥିଲେ ।

### *3.4.11.3 ମାନବ ସମ୍ବଳ*

ଆଠଟି କାର୍ଯ୍ୟକାରୀ ହୋଇଥିବା ପଲିଟେକନିକର ମଞ୍ଜୁର ପ୍ରାପ୍ତ ମାନବ ସମ୍ବଳ ଏବଂ ଉପଲବ୍ଧ ମାନବ ସମ୍ବଳର ସ୍ଥିତି ନିମ୍ନରେ ଦିଆଗଲା ।

---

82 ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, ଗଜପତି, କନ୍ଧମାଳ, ମାଲକିନିଗିରି,କେନ୍ଦ୍ରାପଡା, ନୟାଗଡ଼ ଏବଂ ପୁରୀ ।

83 ବାଲେଶ୍ୱର, ବଲାଙ୍ଗୀର, ଗଜପତି, ନୟାଗଡ଼, ନବରଙ୍ଗପୁର, ସୋନପୁର, କେନ୍ଦ୍ରାପଡା, କନ୍ଧମାଳ, ସମ୍ବଲପୁର ଏବଂ ମାଲକାନାଗିରି ।

84 ବଲାଙ୍ଗୀର, ବାଲେଶ୍ୱର, ଗଜପତି, କନ୍ଧମାଳ, କେନ୍ଦ୍ରାପଡା, ନବରଙ୍ଗପୁର, ସମ୍ବଲପୁର ଏବଂ ସୋନପୁର ।

***ସାରଣୀ ସଂଖ୍ୟା 3.4*** ପଲିଟେକନିକ ଗୁଡ଼ିକରେ ପଦବୀରେ

| *କ୍ର.ସଂ* | *ପଦବୀ ପ୍ରକାର* | *ମଞ୍ଜୁରୀ ପ୍ରାପ୍ତ ପଦବୀ* | *ଉପଲବ୍ଧ କର୍ମଚାରୀ* | *ଶୂନ୍ୟସ୍ଥାନ* | *ଶୂନ୍ୟ ପ୍ରତିଶତ* |
|---|---|---|---|---|---|
| 1 | ଅଧ୍ୟକ୍ଷ | 08 | 0 | 08 | 100 |
| 2 | ବରିଷ୍ଠ ଅଧ୍ୟାପକ | 56 | 18 | 38 | 68 |
| 3 | ଅଧ୍ୟାପକ | 120 | 28 | 92 | 77 |
| 5 | ବରିଷ୍ଠ କିରାଣି(ଚୁକ୍ତିଭିତ୍ତିକ) | 24 | 0 | 24 | 100 |
| 6 | କନିଷ୍ଠ କିରାଣି(ଚୁକ୍ତିଭିତ୍ତିକ) | 08 | 0 | 08 | 100 |
| 7 | ଲାବୋରେଟାରୀ ସହାୟକ(ଚୁକ୍ତିଭିତ୍ତିକ) | 56 | 0 | 56 | 100 |

*(ଉତ୍ସ: ଡିଟିଇଟି ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ବିଭିନ୍ନ ପଦବୀରେ ଶୂନ୍ୟ ସ୍ଥାନର ହାର 68 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଥିଲା, ଯାହାକି ଭାରତ ସରକାରଙ୍କର ନିର୍ଦ୍ଧାରିତ ମଞ୍ଜୁର ପ୍ରାପ୍ତ କ୍ଷମତାର ପାଞ୍ଚ ପ୍ରତିଶତରୁ ଅଧିକ ନ ହେବାକୁ ଉଲ୍ଲଙ୍ଘନ କରୁଥିଲା । ଏହା ସତ୍ତ୍ୱେ ରାଜ୍ୟ ସରକାର ଶୂନ୍ୟସ୍ଥାନ ପୂରଣ କରିବାକୁ କୌଣସି ପଦକ୍ଷେପ ନେଇ ନଥିଲେ ।

ଡିଟିଇଟି ଜବାବରେ କହିଲେ ଯେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ଅଧ୍ୟକ୍ଷମାନଙ୍କ ପଦବୀରେ ମୂତୟନ କରାଯାଇଛି ।

### *3.4.11.4 ତଦାରଖ*

ପ୍ରଭାବୀ ତଦାରଖ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏମଏଚଆରଡି ଦ୍ୱାରା ପରିକଳ୍ପନା ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତି ରାଜ୍ୟ ଏକ ରାଜ୍ୟ ସ୍ତରୀୟ ସମିତି ଗଠନ କରିବାକୁ ଥିଲା, ଯେଉଁଥିରେ ଡିଟିଇ ଅଧ୍ୟକ୍ଷ ଭାବରେ ସଚିବ(ବୈଷୟିକ ଶିକ୍ଷା), ଏମଏଚଆରଡି ଦ୍ୱାରା ନାମାଙ୍କିତ ଦୁଇଜଣ ପ୍ରବୀଣ ବ୍ୟକ୍ତି ଏବଂ(ଏମଏଚଆରଡିର ନିର୍ଦ୍ଦେଶକ/ଡିଇଏ(ଟି)) ସଦସ୍ୟ ହିସାବରେ ରହିବାର ଥିଲା । ଏହି ସମିତି ପରିଯୋଜନାର ତଦାରଖ ଏବଂ ଏମଏଚଆରଡି ଦ୍ୱାରା ମଞ୍ଜୁର ଅନୁଦାନର ସଦୁପଯୋଗ ପର୍ଯ୍ୟବେକ୍ଷଣ କରିବାର ଥିଲା । ଏହା ଦେଖାଗଲା ଯେ ଯଦିଓ 2008-09 ରୁ ପରିକଳ୍ପନାଟି କାର୍ଯ୍ୟକାରୀ ହୋଇଥିଲା, ଏପରି କୌଣସି ସମିତି ଜୁନ୍ 2014 ସୁଦ୍ଧା ଗଠନ କରାଯାଇ ନଥିଲା ।

ଡିଟିଇଟି ପ୍ରତ୍ୟୁତ୍ତରରେ କହିଲେ ଯେ, ଭାରତ ସରକାରଙ୍କ ଦ୍ୱାରା କୌଣସି ନିର୍ଦ୍ଦେଶାବଳୀ/ ନିର୍ଦ୍ଦେଶନାମା ଜାରି ହୋଇ ନଥିଲା । କିନ୍ତୁ ଭାରତ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ରାଜ୍ୟସ୍ତରୀୟ ସମିତି ଗଠନ ପାଇଁ ନିର୍ଦ୍ଧାରିତ କରିଥିଲା ।

# ଜଙ୍ଗଲ ଓ ପରିବେଶ ବିଭାଗ

## *3.5 ବୃକ୍ଷରୋପଣର କାର୍ଯ୍ୟାନ୍ୱୟନ ଓ ପ୍ରଭାବ*

### *3.5.1 ଉପକ୍ରମ*

ବିସ୍ତୃତ ବନୀକରଣ ଏବଂ ସାମାଜିକ ବନୀକରଣ ଯୋଜନାରେ ଖାସ୍ କରି ଅନାବୃତ, ଅଧଃପତିତ ଓ ଅନୁତ୍ପାଦକ ଜମିରେ ପ୍ରଚୁର ଭାବେ ଜଙ୍ଗଲ ବୃକ୍ଷ ଆବରଣ ବୃଦ୍ଧି ଜାତୀୟ ଜଙ୍ଗଲ ନୀତି 1988 ର ଗୋଟିଏ ମୂଳ ଉଦ୍ଦେଶ୍ୟ । ଭାରତ ରାଜ୍ୟ ଜଙ୍ଗଲ ରିପୋର୍ଟ 2013 ଆଧାରରେ ଓଡିଶାରେ 50,347 ବର୍ଗ କିଲୋମିଟର ବ୍ୟାପି 32 ପ୍ରତିଶତ ଭୌଗୋଳିକ ଅଞ୍ଚଳ ଜଙ୍ଗଲ ଥିଲା । ଜଙ୍ଗଲ ବିଭାଗ ବିଭିନ୍ନ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯଥା ମିତବ୍ୟୟୀ ବୃକ୍ଷରୋପଣ, ତ୍ରୟୋଦଶ ଅର୍ଥନୈତିକ ଅନୁଦାନ ଅଧିନରେ ବୃକ୍ଷରୋପଣ, ଟାଙ୍ଗର ପାହାଡରେ ବୃକ୍ଷରୋପଣ, ମାର୍ଗ ବୃକ୍ଷରୋପଣ, ସହରାଞ୍ଚଳ ବୃକ୍ଷରୋପଣ ବ୍ୟତୀତ ବିଭିନ୍ନ ଜମା ପରିକଳ୍ପନା ଅଧିନରେ

ବନୀକରଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । 50 ଗୋଟିରୁ 13 ଗୋଟି[85] ଜଙ୍ଗଲ ଡିଭିଜନ(ଏଫଡି)ର 2011-12 ରୁ 2013-14 ଅବଧିର ବୃକ୍ଷରୋପଣ କାର୍ଯ୍ୟକ୍ରମର ଯୋଜନାର ପ୍ରଭାବ, କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟାଲୋଚନାର ପରୀକ୍ଷଣ ସମୀକ୍ଷା ମଇ ରୁ ଜୁଲାଇ 2013ରେ କରିଥିଲା । ପ୍ରଦାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଓଡିଶା ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ନଥିପତ୍ରର ମଧ୍ୟ ନମୁନା ଯାଞ୍ଚ ହୋଇଥିଲା ।

## *ସମୀକ୍ଷା ସିଦ୍ଧାନ୍ତ*

### *3.5.2 ଯୋଜନା*

### *3.5.2.1 ବୃକ୍ଷରୋପଣ ଲକ୍ଷ୍ୟ*

ଜଙ୍ଗଲ ବୃକ୍ଷରୋପଣ ପ୍ରକରଣ ପୁସ୍ତିକା ନିୟମ 16 ଅନୁସାରେ କାର୍ଯ୍ୟକାରୀ ଯୋଜନା କିମ୍ବା ପରିକଳ୍ପନା ଅଞ୍ଚଳରେ ବୃକ୍ଷରୋପଣ ଉକ୍ତ ଯୋଜନା କିମ୍ବା ପରିକଳ୍ପନାର ବ୍ୟବସ୍ଥାନୁସାରେ କଡା କଡି ଭାବେ କରାଯିବା ନିୟମ 17 ଅନୁସାରେ କାର୍ଯ୍ୟକାରୀଯୋଜନା ଅଞ୍ଚଳ ବାହାରେ ବୃକ୍ଷରୋପଣ ହେଲେ କାର୍ଯ୍ୟକାରି ଯୋଜନା ବ୍ୟବସ୍ଥାର ବ୍ୟତିକ୍ରମ ନିମନ୍ତେ ସମୁଚିତ ପ୍ରାଧିକାରୀ ମଞ୍ଜୁରି ହାସଲ ହୋଇଥିବାଦରକାର । ଖଣ୍ଡିୟ ବନାଧିକାରୀ (ଡିଏଫଓ) ପରବର୍ତ୍ତ ବର୍ଷର ବୃକ୍ଷରୋପଣ କାର୍ଯ୍ୟର ନିଜ ଆୟବ୍ୟୟ ପତ୍ର ଏବଂ ଚାଲୁ ବର୍ଷର ଗୋଟିଏ ପୁନରିକ୍ଷିତ ଅଟକଳ ପ୍ରସ୍ତୁତ କରିବେ ଯାହା ମୁଖ୍ୟ ବନ ସଂରକ୍ଷକ ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକ (ଆରସିସିଏଫ୍)ଙ୍କ ଦ୍ୱାରା ପାଣ୍ଠିଖଲାସ ନିମନ୍ତେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ପ୍ରେରଣ ହେବ ।

ନଥିପତ୍ରର ସମ୍ୟକ୍ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ 2011-14 ମଧ୍ୟରେ କୌଣସି ବିନିର୍ଦ୍ଧିଷ୍ଟ ପ୍ରସ୍ତାବ କିମ୍ବା କାର୍ଯ୍ୟକାରିତା ରିପୋର୍ଟ ନ ପାଇ ପ୍ରଦାନ ମୁଖ୍ୟ ବନ ସଂରକ୍ଷକ ଖଣ୍ଡିୟ ବନାଞ୍ଚଳ ମାନଙ୍କର ବୃକ୍ଷରୋପଣ ଲକ୍ଷ୍ୟ ସ୍ଥିର କରିଥିଲେ । ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଉପଲବ୍ଧ ନ ଥିବାରୁ ଚାରିଗୋଟି[86] ଖଣ୍ଡିୟ ବନାଞ୍ଚଳ 2012-14 ମଧ୍ୟରେ ମିତବ୍ୟୟୀ ବୃକ୍ଷରୋପଣ କାର୍ଯ୍ୟକରିବାକୁ ଅସମର୍ଥ ପ୍ରକାଶ କରିଥିଲେ । ଏହା ସତ୍ତ୍ୱେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଖଣ୍ଡିୟ ବନାଞ୍ଚଳଗୁଡିକୁ ଲକ୍ଷ୍ୟ ହାସଲ କରିବାକୁ ଅନୁଦେଶ ଦେଇଥିଲେ । ଫଳରେ ଖଣ୍ଡିୟ ବନାଞ୍ଚଳଗୁଡିକ ଅନୁପଯୁକ୍ତ ସ୍ଥାନରେ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିଥିଲେ ।

ସମ୍ୟକ୍ ପରୀକ୍ଷିତ ଖଣ୍ଡିୟ ବନାଞ୍ଚଳଗୁଡିକର ନଥିପତ୍ରର ସମ୍ୟକ ପରୀକ୍ଷାରୁ ଦୃଷ୍ଟିଗୋଚର ହେଲା ଯେ -

- ସଂରକ୍ଷିତ ଜଙ୍ଗଲ(ଆରଏଫ) ରେ ମିତବ୍ୟୟୀ ବୃକ୍ଷରୋପଣ ହେବାକୁ ଥିଲା । ମାତ୍ର ତିନିଗୋଟି ଖଣ୍ଡି[87] ବନାଞ୍ଚଳରେ ସୁରକ୍ଷିତ ଜଙ୍ଗଲ (ପିଏଫ)ରେ ଏବଂ ସିମାଙ୍କିତ ସୁରକ୍ଷିତ ଜଙ୍ଗଲ (ଡିପିଏଫ) ରେ ବୃକ୍ଷରୋପଣ ହୋଇଥିଲା ।

- ତିନିଗୋଟି ଖଣ୍ଡିୟ[88] ବନାଞ୍ଚଳରେ ସହରାଞ୍ଚଳ ବୃକ୍ଷରୋପଣ ସହର ମଧ୍ୟରେ ଏବଂ ବାହାରେ ହେବାକୁ ଥିଲା । ମାତ୍ର ବୃକ୍ଷରୋପଣ ପାହାଡିଆ ଏବଂ ସଂରକ୍ଷିତ ଜଙ୍ଗଲରେ ହୋଇଥିଲା ।

- ସନ୍ନିହିତ ଖାଲି କ୍ଷୁଦ୍ର ଭୂଖଣ୍ଡ ଅଞ୍ଚଳରେ ସଂବର୍ଗ ବୃକ୍ଷରୋପଣ ହେବାକୁ ଥିଲା । ମାତ୍ର ଚାରିଗୋଟି ଖଣ୍ଡୟ[89] ବନାଞ୍ଚଳରେ ବିଦ୍ୟମାନ ପୁରାତନ ମୂଲ୍ୟବାନ ଜାତି ବୃକ୍ଷ ଥିବା ଅଞ୍ଚଳରେ ସଂବର୍ଗ ବୃକ୍ଷରୋପଣ[90] ହୋଇଥିଲା ।

---

85 ଆଠଗଡ, କଟକ, ଢେଙ୍କାନାଳ, ସୋନପୁର, ସମ୍ବଲପୁର(ଦକ୍ଷିଣ), ଝାରସୁଗୁଡା, ବ୍ରହ୍ମପୁର, ଘୁମୁସର(ଉତ୍ତର), ଫୁଲବାଣୀ, ବାଲିଗୁଡା, ରାୟଗଡା, କୋରାପୁଟ ଏବଂ ପୁରୀ(ବନ୍ୟ ଜୀବନ) ।

86 ରାଇରଙ୍ଗପୁର, ଭୁବନେଶ୍ୱର, ବାରିପଦା, ଘୁମସର(ଏସ୍)ଝାରସୁଗୁଡା ଏବଂ କଟକ ।

87 ବ୍ରହ୍ମପୁର, ଝାରସୁଗୁଡା ଏବଂ କଟକ ।

88 ବ୍ରହ୍ମପୁର, ରାୟଗଡା ଏବଂ କୋରାପୁଟ ।

89 ସମ୍ବଲପୁର, ଝାରସୁଗୁଡା, ଆଠଗଡ ଏବଂ ସୋନପୁର ।

90 1600 ଟି ଚାରା ଗୋଟିଏ ହେକ୍ଟରରେ ରୋପଣ ।

- ଜଙ୍ଗଲ ବୃକ୍ଷରୋପଣ ପ୍ରକରଣ ପୁସ୍ତିକା 1977 ନିୟମ 179 ଅନୁଯାୟୀ ନୂତନ ବୃକ୍ଷରୋପଣ ହୋଇଥିବା 25 ହେକ୍ଟର ଜମି ନିମନ୍ତେ ଜଣେ ବୃକ୍ଷ ରୋପଣ ପ୍ରହରୀର ବ୍ୟବସ୍ଥା ଅଛି । ଦୁଇଗୋଟି ଖଣ୍ଡି[91] ବନାଞ୍ଚଳର ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ସାମାନ୍ୟ ତିନିରୁ ଦଶ ହେକ୍ଟର ଏକର ଅଞ୍ଚଳରେ ବୃକ୍ଷରୋପଣ ହୋଇଥିଲା ଏବଂ କ୍ଷୁଦ୍ରତର ଆକାର ଅଞ୍ଚଳରେ ବୃକ୍ଷରୋପଣ ନିମନ୍ତେ ବର୍ଷସାରା ରକ୍ଷାପ୍ରହରୀ ବ୍ୟବସ୍ଥା ହୋଇ ନଥିଲା ।

ସରକାର ସମୀକ୍ଷା ମନ୍ତବ୍ୟ ଗ୍ରହଣ କରିବା ସମୟରେ କହିଲେ (ଅକ୍ଟୋବର 2014) ଯେ ସଂରକ୍ଷିତ ଜଙ୍ଗଲରେ ଖାଲି ସ୍ଥାନ ଅଭାବରୁ ମିତବ୍ୟୟୀ ବୃକ୍ଷରୋପଣର ଅବକାଶ ନଥିଲା । ତିନିଗୋଟି ଖଣ୍ଡିୟ ବନାଞ୍ଚଳ ମଧ୍ୟରୁ ବ୍ରହ୍ମପୁରରେ ସହରୀ ବୃକ୍ଷରୋପଣ ସଂବର୍ଗ ବୃକ୍ଷରୋପଣ ଢଙ୍ଗରେ ହୋଇଥିଲା । କୋରାପୁଟରେ ବିଜ୍ଞାପିତ ଅଞ୍ଚଳରେ ପରିଷଦ ଅଞ୍ଚଳରେ ଏବଂ ରାୟଗଡାରେ ବାରିଝୋଲା ସଂରକ୍ଷିତ ଜଙ୍ଗଲରେ କିଛି ଅଂଶରେ ବୃକ୍ଷରୋପଣ କରାଯାଇଥିଲା ଯାହା ରାୟଗଡା ପୌରପାଳିକା ଅଧିନରେ ଥିଲା । ସଂବର୍ଗ ବୃକ୍ଷରୋପଣ ଜଙ୍ଗଲ ଅଞ୍ଚଳର ଖାଲି ସ୍ଥାନରେ କରାଯାଇଥିଲା । ଯେହେତୁ ସନ୍ନିହିତ ଉପଯୁକ୍ତ ଜଙ୍ଗଲ ସ୍ଥାନ ଉପଲବ୍ଧ ନଥିଲା । ବୃକ୍ଷରୋପଣ କ୍ଷୁଦ୍ର ଭୂଖଣ୍ଡରେ ହୋଇଥିଲା ।

ମାତ୍ର ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ବୃକ୍ଷରୋପଣର ରୀତିନିୟମ ଉଲ୍ଲଂଘନ କରାଯାଇ ଅନୁପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରାଯାଇଥିଲା ।

### 3.5.3 ବୃକ୍ଷରୋପଣ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ

ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ବୃକ୍ଷରୋପଣ ପତ୍ରିକା ଏବଂ ମାସିକ ହିସାବ କିତାବ ସମୀକ୍ଷା ନିମ୍ନରେ ପ୍ରଦତ୍ତ ହେଲା ।

#### 3.5.3.1 ସଫଳତା ଲକ୍ଷ୍ୟ ହାସଲରେ ହ୍ରାସ

ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ମନନ ହୋଇଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ(ଏମଓଇଏଫ) ଜାତୀୟ ଜଙ୍ଗଲ ନୀତିରେ ରାଜ୍ୟ ଦ୍ୱାରା ଲକ୍ଷ୍ୟ ହାସଲ ସ୍ଥିର ହୋଇଅଛି । 2011-12 ରୁ 2013-14 ମଧ୍ୟରେ ବନୀକରଣର ସ୍ଥିର ହୋଇଥିବା ଲକ୍ଷ୍ୟ ଏବଂ ବାସ୍ତବିକ ଲକ୍ଷ୍ୟ ହାସଲର ସ୍ଥିତି ନିମ୍ନରେ ଦର୍ଶାଗଲା ।

***ସାରଣୀ ସଂଖ୍ୟା 3.5 ବନୀକରଣର ସ୍ଥିର ହୋଇଥିବା ଲକ୍ଷ୍ୟ ହାସଲରେ ହ୍ରାସ***

| ବର୍ଷ | ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଦ୍ୱାରା ବନୀକରଣ ପାଇଁ ସ୍ଥିର ହୋଇଥିବା ଲକ୍ଷ୍ୟ ହେକ୍ଟରରେ | ପ୍ରକୃତ ଲକ୍ଷ୍ୟ ହାସଲ(ହେକ୍ଟରରେ) | ହାସଲରେ କମତି | |
|---|---|---|---|---|
| | | | ହେକ୍ଟରରେ | କମତି ପ୍ରତିଶତରେ |
| 2011-12 | 215000 | 182186 | 32814 | 15 |
| 2012-13 | 173300 | 107287 | 66013 | 38 |
| 2013-14 | 172920 | 117667 | 55253 | 32 |

*ଉତ୍ସ: ଡିଓଏଫଇ ଦ୍ୱାରା ପ୍ରଦତ୍ତ ସୂଚନା*

ରାଜ୍ୟ ସରକାର 2011-12 ବର୍ଷରେ 85 ପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲେ । ପରବର୍ତ୍ତୀ ବର୍ଷମାନଙ୍କରେ ଏହା ହ୍ରାସ ହୋଇଥିଲା । ହ୍ରାସର କାରଣ ଉଲ୍ଲେଖିତ ହୋଇନଥିଲା । ଅଧିକନ୍ତୁ, ବିଭିନ୍ନ ପରିକଳ୍ପନା(କ୍ୟାମ୍ପା ବ୍ୟତୀତ)ରେ ଆବଣ୍ଟିତ ପାଣ୍ଠିର ପୂର୍ଣ୍ଣ ବିନିଯୋଗ ସତ୍ତ୍ୱେ ଲକ୍ଷ୍ୟ ହାସଲ ହୋଇପାରି ନଥିଲା ଯାହା **ଅନୁଚ୍ଛେଦ 3.5.4** ରେ ଆଲୋଚିତ ହୋଇଅଛି ।

---

91 ବାଲିଗୁଡା ଏବଂ ଫୁଲବାଣୀ ।

ସତ୍ୟତାକୁ ଗ୍ରହଣ କରିବା ସମୟରେ ସରକାର କହିଲେ (ଅକ୍ଟୋବର 2014) ଯେ ଲକ୍ଷ୍ୟ ହାସଲରେ ହ୍ରାସ ପ୍ରସ୍ତାବ ବିଳମ୍ବିତ ମଞ୍ଜୁରୀ ଏବଂ ପାଣ୍ଠି ଏବଂ ହାଜିରା ନାମାବଳୀ ଖଲାସ କରିବାରେ ବିଳମ୍ବ ଏବଂ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ରୋଜଗାର ଯୋଜନାରେ ଠିକା କାମ ପତ୍ର ଉପଲବ୍ଧ ନଥିବାରୁ ହୋଇଥିଲା ।

### 3.5.3.2 *ଅନୁଦାନ ସର୍ତ୍ତ ବ୍ୟତିକ୍ରମରେ ବୃକ୍ଷରୋପଣ*

ତ୍ରୟୋଦଶ ଅର୍ଥନୈତିକ କମିଶନ(ଏଫସି) ରୁ ପ୍ରାପ୍ତ ଅନୁଦାନରେ କୃତ୍ରିମ ପୁର୍ନଜନନ(ଏଆର) ବୃକ୍ଷରୋପଣ କାର୍ଯ୍ୟକ୍ରମରେ 2011-12 ରୁ 2014-15 ବର୍ଷରେ ପ୍ରତ୍ୟେକ ବର୍ଷ 5,500 ହେକ୍ଟରରେ ଜମିରେ ହେକ୍ଟର ପିଛା 1,600 ଗୋଟି ଚାରାଗଛ ରୋପଣ ହେବାକୁ ଥିଲା । ଏହିପରି 2011-14 ବର୍ଷ ମଧ୍ୟରେ 16,500 ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବାକୁ ଥିଲା । ବୃକ୍ଷରୋପଣ କେବଳ ବୃକ୍ଷରୋପଣ କାର୍ଯ୍ୟକାରୀ ମଣ୍ଡଳ(ପିଡବ୍ଲୁସି) ରେ କାର୍ଯ୍ୟାନ୍ୱୟନ ହେବା କଥା । ସମୀକ୍ଷା ସମୟରେ ନିମ୍ନଲିଖିତ ଅନିୟମିତତା ହୋଇଥିବା ଦେଖାଗଲା ।

- ଉପରୋକ୍ତ ସର୍ତ୍ତ ଉଲ୍ଲଘଂନ କରି 2011-14 ବର୍ଷ ମଧ୍ୟରେ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ଓଡିଶା ସଂବର୍ଗ ବୃକ୍ଷରୋପଣ ଏବଂ ଫାଙ୍କା ସ୍ଥାନରେ ବୃକ୍ଷରୋପଣର ଲକ୍ଷ୍ୟ ସ୍ଥିର କରିଥିଲେ ।
- ଖଣ୍ଡିୟ ବନାଧିକାରୀମାନେ(ଡିଏଫଓ) କୃତ୍ରିମ ପୁର୍ନଜନନ ବୃକ୍ଷରୋପଣ 10,587 ହେକ୍ଟର ଜମିରେ କରିଥିଲେ(ଯେଥା- ସଂବର୍ଗ ବୃକ୍ଷରୋପଣ ହେକ୍ଟର ପିଛା 1,600 ଚାରାଗଛ) ଏତଦ୍ ବ୍ୟତୀତ ଖଣ୍ଡିୟ ବନାଧିକାରୀମାନେ ଫାଙ୍କା ସ୍ଥାନରେ ହେକ୍ଟର ପିଛା 200 ଚାରାଗଛ ହିସାବର 9,242 ହେକ୍ଟର ସାହାଯ୍ୟପ୍ରାପ୍ତ ପ୍ରକୃତିକ ପୁନର୍ଜନନ(ଏଏନଆର) କରିଥିଲେ ।
- ପୁନଶ୍ଚ, କାର୍ଯ୍ୟକାରୀ ମଣ୍ଡଳରେ ବୃକ୍ଷରୋପଣ ପରିବର୍ତ୍ତେ ଥଇଥାନ କାର୍ଯ୍ୟକାରୀ ମଣ୍ଡଳରେ ରକ୍ଷଣାବେକ୍ଷଣ ଜନିତ ଫାଙ୍କ ସ୍ଥାନରେ ମଧ ବୃକ୍ଷରୋପଣ ହୋଇଥିଲା ।

ସତ୍ୟତା ସ୍ୱୀକାର ସମୟରେ ସରକାର କହିଲେ (ଅକ୍ଟୋବର 2014) ଯେ ଓଏଫଏସଡିପି ଏବଂ ମନେରେଗା ଅଧିନରେ ବ୍ୟାପକ ବୃକ୍ଷରୋପଣ ହୋଇଥିବାରୁ କାର୍ଯ୍ୟକାରୀ ଯୋଜନା ବ୍ୟବସ୍ଥାନୁଯାୟୀ ରୁଚିକର ଜଙ୍ଗଲ ଅଞ୍ଚଳ ଉପଲବ୍ଧ ହୋଇ ନଥିଲା । ଅତଏବ ତ୍ରୟୋଦଶ ଅର୍ଥନୈତିକ କମିଶନଙ୍କ ଅନୁଦାନ ଅଧିନରେ ବୃକ୍ଷରୋପଣକୁ 12,075 ହେକ୍ଟରକୁ ହ୍ରାସ କରାଯାଇଥିଲା ଏବଂ ଅବଶିଷ୍ଟ ବୃକ୍ଷରୋପଣ ଥଇଥାନ କାର୍ଯ୍ୟକାରୀ ମଣ୍ଡଳର ଅଧଃପତିତ ଜଙ୍ଗଲ ଅଞ୍ଚଳ ଏବଂ ପୋଡୁ ଥଇଥାନ କାର୍ଯ୍ୟକାରୀ ମଣ୍ଡଳରେ ସାହାଯ୍ୟପ୍ରାପ୍ତ ପ୍ରାକୃତିକ ପୁର୍ନଜନନ ଅଧିନରେ ହେକ୍ଟର ପିଛା 200 ଚାରାଗଛ ଫାଙ୍କ ସ୍ଥାନମାନଙ୍କରେ ରୋପଣ କରାଯାଇ ଲକ୍ଷ୍ୟ ପୂରଣ ହୋଇଥିଲା ।

### 3.5.3.3 *ଠିକାଦାରମାନଙ୍କ ଜରିଆରେ ବୃକ୍ଷରୋପଣ କାର୍ଯ୍ୟ ନିର୍ବାହ*

ଓଡିଶା ଜଙ୍ଗଲ ବିଭାଗ ସଂହିତା ନିୟମ 329(6)ରେ ଠିକା ଜରିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇନାହିଁ । ବୃକ୍ଷରୋପଣ କାର୍ଯ୍ୟକଳାପ ବିଭାଗ ଦ୍ୱାରା ଶ୍ରମିକମାନଙ୍କ ଦ୍ୱାରା ହେବ । ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ନମୁନାରେ ଯାଞ୍ଚ୍ ହୋଇଥିବା ବନଖଣ୍ଡ ମାନଙ୍କରେ ବୃକ୍ଷରୋପଣର ବିଭିନ୍ନ କାର୍ଯ୍ୟକଳାପ ଯଥା ନର୍ସରୀ ପ୍ରସ୍ତୁତି, ଧାଡି ସ୍ଥାପନ, ଗଦାମରା, ପଟାଳି ପ୍ରସ୍ତୁତି, ପାଣିଦେବା, ମୃତ୍ତିକା ଗୁଣ୍ଡ କରିବା, ଅନାବନା ଲତା ବାଛିବା, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ରକ୍ଷାପ୍ରହରୀ ମୁତୟନ ଠିକାଦାରମାନଙ୍କ ଜରିଆରେ ହୋଇଥିଲା ଏବଂ 2011-14 ବର୍ଷ ମଧ୍ୟରେ 4.34 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଯାହା ***ପରିଶିଷ୍ଟ 3.5.1*** ରେ ଦର୍ଶାଗଲା ।

ତଥ୍ୟ ଗ୍ରହଣ କରି ସରକାର କହିଲେ (ଅକ୍ଟୋବର 2014) ଯେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଏବଂ ଉତ୍କଟ ଶ୍ରମ ସମସ୍ୟା ହେତୁ କାର୍ଯ୍ୟ ନିର୍ବାହ ଗ୍ରାମର ଶ୍ରମିକ ମୁଖ୍ୟଙ୍କ ଜରିଆରେ ନିୟୋଜିତ ଶ୍ରମିକମାନଙ୍କ ଦ୍ୱାରା ହୋଇଥିଲା ଯେହେତୁ ସେମାନେ ଜଙ୍ଗଲ ବିଭାଗରେ ପଞ୍ଜିକୃତ ଠିକାଦାର ନ ଥିଲେ ।

### 3.5.3.4 ବୃକ୍ଷରୋପଣ କାର୍ଯ୍ୟକଳାପରେ ନିର୍ଦ୍ଧାରିତ ସମୟ ଅନୁସୃତ ନ ହେବା

ବୃକ୍ଷରୋପଣ ପ୍ରକରଣ ପୁସ୍ତିକାରେ ବୃକ୍ଷରୋପଣ କାର୍ଯ୍ୟକଳାପର ବିଭିନ୍ନ ଉପାଦାନ ଯଥା ସର୍ବେକ୍ଷଣ ଓ ସୀମାଙ୍କନ, ସ୍ଥାନ ପରିଷ୍କାର, ଧାଡି ସ୍ଥାପନ, ଗଦାମରା, ପଟାଳି ତିଆରି, ଖତ ଦେବା, ଅନାବନା ଲତା ସଫା, ମୃତ୍ତିକା ଗୁଣ୍ଡ କରିବା ଇତ୍ୟାଦିରେ ସମୟ ନିର୍ଦ୍ଧାରଣ ବିନିର୍ଦ୍ଦିଷ୍ଟ ହୋଇଅଛି । ନମୁନା ଯାଞ୍ଚ ହୋଇଥିବା 13 ଗୋଟି ବନ ଖଣ୍ଡରୁ ଆଠଗୋଟି[92]ରେ ନିମ୍ନଲିଖିତ ଅଭାବ ସମୀକ୍ଷାରେ ଦେଖାଗଲା ।

- ଛଅଗୋଟି ବନଖଣ୍ଡ[93]ର 27 ଗୋଟି ବୃକ୍ଷରୋପଣ ଅଞ୍ଚଳରେ ସର୍ବେକ୍ଷଣ, ସୀମାଙ୍କନ, ପଟାଳି ପ୍ରସ୍ତୁତି କାର୍ଯ୍ୟ 17 ଦିନରୁ ପାଞ୍ଚ ମାସ ପର୍ଯ୍ୟନ୍ତ ବିଳମ୍ବରେ ହୋଇଥିଲା ।

- ଚାରିଗୋଟି ବନଖଣ୍ଡ[94]ର 14 ଗୋଟି ବୃକ୍ଷରୋପଣ ଅଞ୍ଚଳରେ ଅନାବନା ଲତା ସଫା ଏବଂ ମୃତ୍ତିକା ଗୁଣ୍ଡ କାର୍ଯ୍ୟ ଏକ ମାସରୁ ଦୁଇ ମାସ ବିଳମ୍ବରେ ହୋଇଥିଲା ।

- ଜଙ୍ଗଲ ବୃକ୍ଷ ରୋପଣ ପ୍ରକରଣ ପୁସ୍ତିକାରେ ଥିବା ବ୍ୟବସ୍ଥାନୁସାରେ ମୃତ ବୃକ୍ଷଗୁଡିକର ପୁନଃ ସ୍ଥାପନ ବୃକ୍ଷରୋପଣର ପ୍ରଥମ ଓ ଦ୍ୱିତୀୟ ବର୍ଷ ମଧ୍ୟରେ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ଚିହ୍ନିଥିବା ବୃକ୍ଷର ସତ୍ୟାପନ ପୂର୍ବକ କରାଯାଏ ଏବଂ 10 ପ୍ରତିଶତ ପୁନଃ ସ୍ଥାପନରେ ମାନାଦର୍ଶ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ବ୍ୟବସ୍ଥିତ । ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ମୃତ ବୃକ୍ଷଗୁଡିକର ପୁନଃସ୍ଥାପନ ସମସ୍ତ ବୃକ୍ଷରୋପଣ ଅଞ୍ଚଳରେ 10 ପ୍ରତିଶତ ରହିଥିଲା ଏବଂ ନଥିପତ୍ରରେ ଚିହ୍ନିଥିବା ବୃକ୍ଷର ସତ୍ୟାପନର କୌଣସି ରେକର୍ଡ ନଥିଲା । ଏହା ସୂଚିତ କରୁଅଛି ଯେ କୌଣସି ସର୍ବେକ୍ଷଣ ନହୋଇ ପୁନଃସ୍ଥାପନ ହୋଇଥିଲା ।

- ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦ୍ୱାରା ବ୍ୟବସ୍ଥିତ ମାନାଦର୍ଶ ଅନୁସାରେ ପ୍ରଥମ ବର୍ଷରେ ଅକ୍ଟୋବରରୁ ମାର୍ଚ୍ଚ ଏବଂ ଦ୍ୱିତୀୟ ଓ ପରବର୍ତ୍ତୀ ବର୍ଷମାନଙ୍କରେ ବର୍ଷ ସାରା ରକ୍ଷା ପ୍ରହରୀ ମୁତୟନ ହେବେ । ଏହା ଦେଖାଗଲା ଯେ ଛଅଗୋଟି ବନଖଣ୍ଡ[95] ଅଧିନରେ 17 ଗୋଟି ବୃକ୍ଷରୋପଣ ଅଞ୍ଚଳରେ ବର୍ଷ ସାରା ରକ୍ଷପ୍ରହରୀ କର୍ମଚାରୀବର୍ଗ ମୁତୟନ ହୋଇ ନଥିଲେ । ଅଣ ମୁତୟନ କାଳ ଦୁଇରୁ ଛଅ ମାସ ରହିଥିଲା । 15 ଗୋଟି ବୃକ୍ଷରୋପଣ ଅଞ୍ଚଳରେ ପ୍ରଥମ ବର୍ଷର ଜୁଲାଇଠାରୁ ସେପ୍ଟେମ୍ବର ମଧ୍ୟରେ ରକ୍ଷାପ୍ରହରୀ ବ୍ୟବସ୍ଥା ହୋଇଥିଲା ଯାହା ଅନାବଶ୍ୟକ ଥିଲା ଯେହେତୁ ବୃକ୍ଷରୋପଣ କାର୍ଯ୍ୟକଳାପ ଚାଲୁ ରହିଥିଲା । ଫଳରେ ଖର୍ଚ୍ଚ ପ୍ରୟୋଜନ ନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ପରିକଳ୍ପନା ମଞ୍ଜୁରୀ ଓ ପାଣ୍ଠି ଖଲାସ ଜନିତ ବିଳମ୍ବରୁ ବୃକ୍ଷରୋପଣ କ୍ରିୟାକଳାପ ବିଳମ୍ବିତ ହୋଇଥିଲା । ମାତ୍ର ଯଥା ସମୟରେ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ପାଣ୍ଠି ନିମନ୍ତେ ଅନୁରୋଧ କରାଯାଇ ନଥିଲା । ଅଧିକନ୍ତୁ 10 ପ୍ରତିଶତ ମୃତ ବୃକ୍ଷଗୁଡିକର ପୁନଃ ସ୍ଥାପନ ପ୍ରତିପାଦନ କରିବାକୁ କୌଣସି ସର୍ବେକ୍ଷଣ ରିପୋର୍ଟ ନଥିପତ୍ରରେ ଉପଲବ୍ଧ ହୋଇ ନଥିଲା ।

### 3.5.3.5 ବୃକ୍ଷରୋପଣ କ୍ରିୟାକଳାପ ନିମନ୍ତେ ନିବେଶ କ୍ରୟ

ବୃକ୍ଷରୋପଣ ସଂହିତା ଅନୁଚ୍ଛେଦ 43 ଅନୁସାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ମଞ୍ଜି ବନଖଣ୍ଡ ଦ୍ୱାରା ଜଙ୍ଗଲରୁ ସଂଗୃହିତ ହେବ । ଯେହେତୁ ଗୁଣବତ୍ତା ମଞ୍ଜି ଓ ମୂଳଗଣ୍ଠି ଯେକୌଣସି ସଫଳ

[92] ଆଠଗଡ, ବ୍ରହ୍ମପୁର, କଟକ, ଢେଙ୍କାନାଳ, ଘୁମୁସର(ଉ), ଝାରସୁଗୁଡା, ସମ୍ବଲପୁର ଏବଂ ସୋନପୁର ।

[93] ଆଠଗଡ, ଢେଙ୍କାନାଳ, ଘୁମୁସର(ଉ), ଝାରସୁଗୁଡା, ସମ୍ବଲପୁର ଏବଂ ସୋନପୁର ।

[94] ବ୍ରହ୍ମପୁର, ଘୁମୁସର(ଉ), ଝାରସୁଗୁଡା ଏବଂ ସମ୍ବଲପୁର ।

[95] ବ୍ରହ୍ମପୁର, କଟକ, ଢେଙ୍କାନାଳ, ଝାରସୁଗୁଡା, ସମ୍ବଲପୁର ଏବଂ ସୋନପୁର ।

ବୃକ୍ଷରୋପଣରେ ମୌଳିକ ଆବଶ୍ୟକତା ଓଡିଶା ଜଙ୍ଗଲ ସଂହିତା ନିୟମ 198 ଅନୁସାରେ ସିଲଭିକଲଚର ଡିଭିଜନ (ଏସଡିଏସଇ) ମଧ ଗୁଣବତ୍ତା ମଞ୍ଜି ଏବଂ ମୂଳଗଣ୍ଡି ଯୋଗାଇ ଦେବା ଆବଶ୍ୟକ ।

ନଥିପତ୍ରର ସମ୍ୟକ ପରୀକ୍ଷାରୁ ପରିଲକ୍ଷିତ ହେଲା ଯେ ବଛାଯାଇଥିବା 13 ଗୋଟି ବନଖଣ୍ଡ ଗୁଡିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଆବଶ୍ୟକ ମୂଳଗଣ୍ଡି ଓ ମଞ୍ଜି ଜଙ୍ଗଲ ଅଞ୍ଚଳରେ ଉପଲବ୍ଧ ଥିଲେ ହେଁ ଗୁଣବତ୍ତା ସୁନିଶ୍ଚିତ ହେବାକୁ ସଂଗୃହିତ ହୋଇନଥିଲା କିମ୍ବା ସିଲଭିକଲଚର ବନଖଣ୍ଡରୁ ହାସଲ ହୋଇ ନଥିଲା । ମାତ୍ର ଗୁଣବତ୍ତାର ପରୀକ୍ଷା ନ ହୋଇ ଘରୋଇ ପକ୍ଷମାନଙ୍କଠାରୁ ସଂଗୃହୀତ ମୂଳଗଣ୍ଡି ଓ ମଞ୍ଜି ଦ୍ୱାରା ନର୍ସରୀ ପ୍ରସ୍ତୁତ ହୋଇଥିଲା ଏବଂ ଏହି ବାବଦରେ 2011-14 ବର୍ଷରେ 2.07 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ପୁନଶ୍ଚ, ନଥିପତ୍ରର ସମ୍ୟକ୍ ପରୀକ୍ଷାରୁ ଜଣାଗଲା ଯେ ନଅଗୋଟି ବନଖଣ୍ଡ[96]ରେ ବିଭାଗଦ୍ୱାରା ପ୍ରସ୍ତୁତ ଚାରାଗଛ ଯଦିଚ ସ୍ଥାୟୀ ନର୍ସରୀରେ ଏକ ବର୍ଷରୁ ଦୁଇ ବର୍ଷ ଧରି ଉପଲବ୍ଧ ଥିଲେ ହେଁ ବ୍ୟବହାର ହୋଇ ନଥିଲା । ଚାରିଗୋଟି ବନଖଣ୍ଡ[97] ସେମାନଙ୍କର ସ୍ଥାୟୀ ନର୍ସରୀରେ ଉତ୍ପାଦିତ ଓ ବିନିଯୋଗ ହୋଇଥିବା ଚାରାଗଛର ଆବଶ୍ୟକ ସୂଚନା ଉପଲବ୍ଧ କରାଇ ନଥିଲେ ।

ସରକାର କହିଲେ (ଅକ୍ଟୋବର 2014) ଯେ ସିଲଭିକଲଚରିଷ୍ଟ ଡିଭିଜନରେ ଗୁଣବତ୍ତାର ରୋପଣ ସାମଗ୍ରୀ (କ୍ୟୁପିଏମ) ପ୍ରସ୍ତୁତ ହୋଇଥିଲା ଏବଂ ଜଣାଇ ଦିଆଯାଇଥିବା ବୃକ୍ଷରୋପଣ ଲକ୍ଷ୍ୟ ଅନୁସାରେ ବନଖଣ୍ଡ ଅଧିକାରୀମାନେ ସେମାନଙ୍କର ଲକ୍ଷ୍ୟ ଉଦ୍ଦେଶ୍ୟରେ ଗୁଣବତ୍ତାର ରୋପଣ ସାମଗ୍ରୀ ବ୍ୟବହାର କରିଥିଲେ । ପୁନଶ୍ଚ ଯଦି ନିର୍ଦ୍ଦିଷ୍ଟ ପରିକଳ୍ପନାରେ ପାଣ୍ଠି ଖଲାସରେ ବିଳମ୍ବ ହେଲେ ମଧ୍ୟବର୍ତ୍ତୀ ସମାନ ଅଞ୍ଚଳରେ ବୃକ୍ଷରୋପଣରେ ବ୍ୟବହୃତ ହେବାକୁ ସ୍ଥାୟୀ/ କେନ୍ଦ୍ରୀୟ ନର୍ସରୀରେ ବିଭାଗୀୟ ଚାରାଗଛ ପ୍ରସ୍ତୁତି ହୋଇଥିଲା । କିନ୍ତୁ ଜଙ୍ଗଲ ଅଞ୍ଚଳରେ ମଞ୍ଜି ଉପଲବ୍ଧ ଥିବା ସତ୍ତ୍ୱେ ଗୁଣବତ୍ତା ପରୀକ୍ଷା ନ କରି ଘରୋଇ ପକ୍ଷମାନଙ୍କଠାରୁ ମୂଳଗଣ୍ଡି ଓ ମଞ୍ଜି ସଂଗ୍ରହ ବିଷୟରେ ଉତ୍ତର ନୀରବ ଥିଲା ।

### *3.5.4 ଆର୍ଥିକ ପରିଚାଳନା*

ଓଡିଶା ସରକାର ଏବଂ ଭାରତ ସରକାରଙ୍କଠାରୁ ବିଭିନ୍ନ ପରିକଳ୍ପନା ଅଧିନରେ, ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ ଏବଂ ରାଜ୍ୟ ପରିକଳ୍ପନା କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଯୋଜନା କର୍ତ୍ତୃପକ୍ଷ (ସିଏଏମପିଏ) ବିଭାଗ ପାଣ୍ଠି ପ୍ରାପ୍ତ ଯାହାର ବିବରଣୀ ନିମ୍ନରେ ଦର୍ଶାଗଲା ।

***ସାରଣୀ ସଂଖ୍ୟା 3.6 ବିଭିନ୍ନ ପରିକଳ୍ପନା ପାଣ୍ଠିର ଆୟ ଓ ବ୍ୟୟ***

*(କୋଟି ଟଙ୍କାରେ)*

| ବର୍ଷ | ପରିକଳ୍ପନାର ନାମ | ପ୍ରାପ୍ତ ପାଣ୍ଠି | ବ୍ୟୟ |
|---|---|---|---|
| 2011-12 | ତ୍ରୟୋଦଶ ଅର୍ଥ କମିଶନଙ୍କ ଅଧିନରେ | 36.17 | 36.11 |
| | ସହରାଞ୍ଚଳ ବୃକ୍ଷରୋପଣ | 6.82 | 6.82 |
| | ମିତବ୍ୟୟୀ ବୃକ୍ଷରୋପଣ | 6.05 | 6.05 |
| | ଟାଙ୍ଗରା ପାହାଡ ବୃକ୍ଷରୋପଣ | 5.43 | 5.43 |
| | କାମ୍ପା ଏ.ପି.ଓ 2011-12 | 18.56 | 10.64 |
| 2012-13 | ତ୍ରୟୋଦଶ ଅର୍ଥ କମିଶନଙ୍କ ଅଧିନରେ | 72.34 | 71.17 |
| | ସହରାଞ୍ଚଳ ବୃକ୍ଷରୋପଣ | 16.58 | 16.58 |
| | ମିତବ୍ୟୟୀ ବୃକ୍ଷରୋପଣ | 9.60 | 9.60 |
| | ଟାଙ୍ଗରା ପାହାଡ ବୃକ୍ଷରୋପଣ | 6.00 | 6.00 |

96 ଆଠଗଡ, ବ୍ରହ୍ମପୁର, ବାଲିଗୁଡା, ଢେଙ୍କାନାଳ, ଘୁମୁସର(ଉ),ଫୁଲବାଣୀ, ରାୟଗଡା, ସମ୍ବଲପୁର ଏବଂ ସୋନପୁର ।

97 କଟକ, କୋରାପୁଟ, ଝାରସୁଗୁଡା ଏବଂ ପୁରୀ (ଡବ୍ଲୁଏଲ) ।

| ବର୍ଷ | ପରିକଳ୍ପନାର ନାମ | ପ୍ରାପ୍ତ ପାଣ୍ଠି | ବ୍ୟୟ |
|---|---|---|---|
| 2013-14 | ତ୍ରୟୋଦଶ ଅର୍ଥ କମିଶନଙ୍କ ଅଧିନରେ | 81.46 | 81.42 |
| | ସହରାଞ୍ଚଳ ବୃକ୍ଷରୋପଣ | 36.29 | 36.29 |
| | ମିତବ୍ୟୟୀ ବୃକ୍ଷରୋପଣ | 11.75 | 11.75 |
| | ଟାଙ୍ଗରା ପାହାଡ ବୃକ୍ଷରୋପଣ | 11.10 | 11.10 |
| ମୋଟ | | **318.15** | **308.96** |

***ଉତ୍ସ: ପ୍ରଧାନ ମୁଖ୍ୟ ବନ ସଂରକ୍ଷକ***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ବିଭାଗ ବିଭିନ୍ନ ପରିକଳ୍ପନାରେ (କାମ୍ପା ବ୍ୟତୀତ) ଆବଣ୍ଟିତ ପାଣ୍ଠି ଉପଯୋଗ କରିଥିଲା । କିନ୍ତୁ ବସ୍ତୁଗତ ଲକ୍ଷ୍ୟ ପୂରଣରେ ବିଫଳ ହୋଇଥିଲା ଯାହା **ଅନୁଚ୍ଛେଦ 3.5.3.1** ରେ ଆଲୋଚିତ ହୋଇଅଛି । ପୁନଶ୍ଚ, 48.86 ଲକ୍ଷ ଟଙ୍କା ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇଥିଲା ଯାହା **ଅନୁଚ୍ଛେଦ 3.5.4.1** ରେ ଦର୍ଶାଯାଇଛି ।

### *3.5.4.1 ପାଣ୍ଠିର ଗତି ପରିବର୍ତ୍ତନ*

ପରିକଳ୍ପନା ମାର୍ଗଦର୍ଶିକାରେ ବିନିର୍ଦ୍ଦିଷ୍ଟ ଯେ, ବ୍ୟୟ କେବଳ ମଞ୍ଜୁରିତ ଉଦ୍ଦେଶ୍ୟରେ ବ୍ୟବହାର ହେବ । ନମୁନା ଯାଞ୍ଚ୍ ହୋଇଥିବା 13 ଗୋଟି ବନଖଣ୍ଡ ମଧ୍ୟରେ ଆଠଗୋଟି[98]ରେ ବୃକ୍ଷରୋପଣ ନିମନ୍ତେ ଚିହ୍ନିତ ହୋଇଥିବା ପାଣ୍ଠିରୁ ବୃକ୍ଷରୋପଣ ବ୍ୟତୀତ ଲିଖନ ସାମଗ୍ରୀ, ଟେଲିଫୋନ ଦେୟ, ଯାନବାହନ ଇନ୍ଧନ ଏବଂ ନର୍ସରୀରେ ପାଣି ଟାଙ୍କି/କାନ୍ଥ/ରାସ୍ତା ନିର୍ମାଣ ଇତ୍ୟାଦିରେ ଖର୍ଚ୍ଚ ହୋଇଥିବା ଜଣାଗଲା । ଏହିଭଳି ଅପ୍ରାଧିକୃତ ଖର୍ଚ୍ଚ 48.86 ଲକ୍ଷ ଟଙ୍କା ଥିଲା ଯାହା ***ପରିଶିଷ୍ଟ 3.5.2*** ରେ ଦର୍ଶାଗଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ଅନୁମୋଦିତ ବିଭିନ୍ନ ବୃକ୍ଷରୋପଣ ପ୍ରକଳ୍ପରେ ଗୋଟିଏ ଆକସ୍ମିକତା ଶୀର୍ଷ ଅଛି ଯେଉଁଥିରୁ ଅଦୃଷ୍ଟପୂର୍ବ ଖର୍ଚ୍ଚ ଯଥା ଲିଖନ ସାମଗ୍ରୀ, ଯୋଗାଯୋଗ ସହ ଇନ୍ଧନ ଖର୍ଚ୍ଚ ଏବଂ ନର୍ସରୀ ସମ୍ବନ୍ଧୀୟ କାର୍ଯ୍ୟ କଳାପର ଖର୍ଚ୍ଚ ହୋଇଥାଏ । କିନ୍ତୁ ପାଣି ଟାଙ୍କି/କାନ୍ଥ/ରାସ୍ତା ନିର୍ମାଣ ଖର୍ଚ୍ଚ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମର କୌଣସି ସମ୍ବନ୍ଧ ନାହିଁ ।

### *3.5.4.2 ମଜୁରୀ ପ୍ରଦାନରେ ଅଧିକ ଖର୍ଚ୍ଚ*

ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ଛଅ ଅକ୍ଟୋବର 2012 ଗେଜେଟ୍ ଅଧିସୂଚନା ଅନୁସାରେ କୃଷି କ୍ଷେତ୍ରରେ ହଳକରୁନଥିବା ଶ୍ରମିକଙ୍କ ଦୈନିକ ମଜୁରୀ 126 ଟଙ୍କା ଓ ହଳ କରୁଥିବା ଶ୍ରମିକଙ୍କ ମଜୁରୀ 150 ଟଙ୍କା ଅଟେ । କୃଷି କ୍ଷେତ୍ରରେ କୃଷି, ପଶୁପାଳନ, ମତ୍ସ୍ୟ ଏବଂ ଜଙ୍ଗଲ ଅନ୍ତର୍ଭୁକ୍ତ । ଯାହାହେଉ ବଛାଯାଇଥିବା ବନଖଣ୍ଡଗୁଡିକରେ ନଭେମ୍ବର 2012 ଠାରୁ 150 ଟଙ୍କା ହାରରେ ମଜୁରୀ ପ୍ରଦାନ ହୋଇଥିଲା । ଯେହେତୁ ବୃକ୍ଷରୋପଣ କ୍ରିୟାକଳାପ ଅଣହଳ ପ୍ରକାରର ଥିଲା । ହଳ ନିମନ୍ତେ ପ୍ରଯୁଜ୍ୟ ହାରରେ ମଜୁରୀ ପ୍ରଦାନ ଯଥାର୍ଥ ନଥିଲା ଏବଂ ଏହାଫଳରେ ତ୍ରୟୋଦଶ ଅର୍ଥନୈତିକ କମିଶନଙ୍କ ଅନୁଦାନରେ ମିତବ୍ୟୟୀ ବୃକ୍ଷରୋପଣ ସହରାଞ୍ଚଳ ବୃକ୍ଷରୋପଣ ଏବଂ ମାର୍ଗ ବୃକ୍ଷରୋପଣ ବାବଦରେ ମାର୍ଚ୍ଚ 2014 ସୁଦ୍ଧା ପ୍ରଦତ୍ତ 3.98 କୋଟି ଟଙ୍କାର ଅଧିକ ମଜୁରୀ ବ୍ୟୟ ହୋଇଥିଲା ଯାହା ***ପରିଶିଷ୍ଟ 3.5.3*** ରେ ଦର୍ଶାଗଲା ।

ସମୀକ୍ଷାରେ ଏହା ଦର୍ଶାଗଲା ପରେ ସରକାର କହିଲେ (ଅକ୍ଟୋବର 2014) ଯେ 150 ଟଙ୍କାର ମଜୁରୀ ବାଉଁଶ ଜଙ୍ଗଲ ସଂସ୍ଥା ନିମନ୍ତେ ବ୍ୟବସ୍ଥା ହୋଇଅଛି ଏବଂ କୃଷି ସେକ୍ଟରରେ ହଳ କରୁଥିବା ବର୍ଷ ପାଇଁ ଗ୍ରହଣ ହୋଇଅଛି ଏବଂ ମଜୁରୀ ହାର ଏକ କମିଟି ଦ୍ୱାରା ଚୂଡାନ୍ତ ହୋଇଅଛି । ଏହା ସତ୍ୟ ଯେ ଗ୍ରହଣ ହୋଇଥିବା ମଜୁରୀ ହାର ଜଙ୍ଗଲ କ୍ରିୟାକଳାପ ନିମନ୍ତେ ଯଥାର୍ଥ ନୁହେଁ ଯେହେତୁ ଏହା ଅଣ ହଳ ବର୍ଗର ଅଟେ । ଯାହାହେଉ

---

[98] ଆଠଗଡ, ବ୍ରହ୍ମପୁର, କଟକ, ଢେଙ୍କାନାଳ, ଘୁମୁସର(ଉ), ଝାରସୁଗୁଡା, ସମ୍ବଲପୁର ଏବଂ ସୋନପୁର ।

ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅଧିସୂଚନାର ବ୍ୟତିକ୍ରମ ନିମନ୍ତେ ଯଦି ଦରକାର ଏହା ତାଙ୍କର ଦୃଷ୍ଟିକୁ ଅଣାଯାଇ ଦରକାର ଥିଲେ ମାର୍ଜିତ କରାଯାଇ ଥାଆନ୍ତା ଯାହା ହୋଇ ନଥିଲା ।

### 3.5.5 *ଅନ୍ୟାନ୍ୟ ମନ୍ତବ୍ୟ*

ନମୁନା ଯାଞ୍ଚ୍ ହୋଇଥିବା ବନଖଣ୍ଡଗୁଡ଼ିକରେ ମାଗଣା ଚାରାଗଛ ବଣ୍ଟନରେ ଆନ୍ତଃ ନିୟନ୍ତ୍ରଣର ଅଭାବ ଓ ଅନିୟମିତତାର ଦୃଷ୍ଟାନ୍ତମାନ ନିମ୍ନରେ ଆଲୋଚିତ କରାଗଲା ।

- ଜଙ୍ଗଲ ବୃକ୍ଷରୋପଣ ପ୍ରକରଣ ପୁସ୍ତିକା ନିୟମ 197 ଅନୁସାରେ ଡିଭିଜନ ରେଞ୍ଜରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରି ନିର୍ଦ୍ଧାରିତ ଫର୍ମରେ ଗୋଟିଏ ସ୍ଥାୟୀ ରେଜିଷ୍ଟର ରକ୍ଷଣାବେକ୍ଷଣ କରିବ । ପରିକଳ୍ପନା କିମ୍ବା ଯୋଜନାର ପ୍ରସଙ୍ଗ ସହିତ ଯଥାଯଥ ସୀମା ଦର୍ଶାଯାଇଥିବା ବିହିତ ମାପକ୍ରମର ଗୋଟିଏ ନକ୍ସା ରେଜିଷ୍ଟରରେ ପ୍ରତ୍ୟେକ ଏଣ୍ଟ୍ରି ସହ ସଂଲଗ୍ନ ହେବ ମାତ୍ର ଏହା ଦେଖାଗଲା ଯେ ଚାରିଗୋଟି[99] ଏବଂ ଏହା ଅଧିନରେ ଥିବା ରେଞ୍ଜଗୁଡ଼ିକର ବୃକ୍ଷରୋପଣ ରକ୍ଷଣାବେକ୍ଷଣ ରେଜିଷ୍ଟର ହୋଇ ନଥିଲା । ପୁନଶ୍ଚ, ସାତଗୋଟି ଡିଭିଜନ[100]ରେ ସୀମା ଦର୍ଶାଯାଇଥିବା ନକ୍ସା ସହ ରକ୍ଷଣାବେକ୍ଷଣ ରେଜିଷ୍ଟର ହୋଇ ନଥିଲା ।

ସରକାର କହିଲେ (ଅକ୍ଟୋବର 2014) ଯେ ସମୀକ୍ଷା ମନ୍ତବ୍ୟ ଦୃଷ୍ଟେ ବନଖଣ୍ଡ ଅଧିକାରୀମାନଙ୍କୁ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିହିତ ବୃକ୍ଷରୋପଣ ରେଜିଷ୍ଟର ରକ୍ଷଣାବେକ୍ଷଣ ସହ କ୍ଷେତ୍ର ନିରୀକ୍ଷଣ ମନ୍ତବ୍ୟ ଲିପିବଦ୍ଧ କରିବାକୁ ଆଦେଶ ଦିଆଯାଇଅଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ କାର୍ଯ୍ୟାନୁଷ୍ଠାନ ଯୋଜନା ଅନୁସାରେ ନାମିତ ଜଙ୍ଗଲ ଅଞ୍ଚଳ ବାହାରେ ବୃକ୍ଷ ଆଚ୍ଛାଦନ ବୃଦ୍ଧି କରାଯାଇ ଜଙ୍ଗଲ ଉପରୁ ଚାପ ହ୍ରାସ କରାଯିବ । ପରିକଳ୍ପନାରେ ଚାରାଗଛ ପ୍ରସ୍ତୁତ କରାଯାଇ କୃଷିକ୍ଷେତ୍ର, ମାର୍ଗ ବୃକ୍ଷରୋପଣ, କେନାଲ ବନ୍ଧ ବୃକ୍ଷ ରୋପଣ ଏବଂ ଅନୁଷ୍ଠାନ ପରିସର ଇତ୍ୟାଦି ମଧ୍ୟରେ ବୃକ୍ଷରୋପଣ ନିମନ୍ତେ ମାଗଣା ଯୋଗାଇ ଦିଆଯିବ । 2011-14 ମଧ୍ୟରେ ଦୁଇକୋଟିରୁ ଅଧିକ ଚାରାଗଛ ମାଗଣାରେ ସର୍ବସାଧାରଣ ଏବଂ ଅନୁଷ୍ଠାନମାନଙ୍କୁ ବଣ୍ଟନ ହୋଇଥିଲା । ଏହିଭଳି ମାଗଣା ବଣ୍ଟନ ନିମନ୍ତେ ବନଖଣ୍ଡମାନଙ୍କ ଦ୍ୱାରା କୌଣସି ବ୍ୟାପକ ପ୍ରଚାର ହୋଇନଥିଲା । ସମୀକ୍ଷାରେ ଦେଖାଗଲା ଯେ ସର୍ବସାଧାରଣ ଏବଂ ଅନୁଷ୍ଠାନମାନଙ୍କୁ ବଣ୍ଟାଯାଇଥିବା ଚାରାଗଛ ପ୍ରକୃତ ରୋପଣ ସୁନିଶ୍ଚିତ କରିବାକୁ କୌଣସି ପର୍ଯ୍ୟାଲୋଚନା ହୋଇନଥିଲା ।

ସରକାର କହିଲେ(ଅକ୍ଟୋବର 2014) ଯେ ସର୍ବସାଧାରଣ ଏବଂ ଅନୁଷ୍ଠାନମାନଙ୍କୁ ଚାରାଗଛ ବଣ୍ଟନ ସମୟରେ ନର୍ସରୀ ସ୍ତରରେ ଗୋଟିଏ ରେଜିଷ୍ଟର ରକ୍ଷଣାବେକ୍ଷଣ ହୋଇଥିଲା ଯେଉଁଥିରେ ହିତାଧିକାରୀଙ୍କ ନାମ, ଠିକଣା, ଚିହ୍ନିତ ପ୍ରମାଣ ଏବଂ ବୃକ୍ଷରୋପଣ ସ୍ଥାନ ଦର୍ଶାଯାଇ ଅଛି ।

- ସମ୍ବଲପୁର ବନଖଣ୍ଡ ଅଧିନରେ 2012-13 ମଧ୍ୟରେ ବେହେରାମାଲ ସଂରକ୍ଷିତ ଜଙ୍ଗଲରେ 20 ହେକ୍ଟର ରେ ମିତବ୍ୟୟୀ ବୃକ୍ଷରୋପଣ ହୋଇଥିଲା । ପର୍ଯ୍ୟବେକ୍ଷଣ ଓ ପର୍ଯ୍ୟାଲୋଚନା ଅଭାବରୁ ବୃକ୍ଷଗୁଡ଼ିକ ଉପୁଡ଼ିଯାଇଥିଲା ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ହଟାଇ ନିଆଯାଇ ଥିଲା (ଜୁଲାଇ 2013) ।

---

[99] ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଏବଂ ସୋନପୁର ।

[100] ବ୍ରହ୍ମପୁର, ଢେଙ୍କାନାଳ, ଘୁମୁସର(ଉ), ଫୁଲବାଣୀ, ରାୟଗଡ଼ା,କୋରାପୁଟ ଏବଂ ବାଲିଗୁଡ଼ା ।

ସରକାର କହିଲେ (ଅକ୍ଟୋବର 2014) ଯେ ବନଖଣ୍ଡ ଅଧିକାରୀଙ୍କୁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୃକ୍ଷରୋପଣର ବିଫଳତା/ କ୍ଷତିର ରିପୋର୍ଟ ବିଶଦ ଅନୁସନ୍ଧାନ କରି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି ।

### 3.5.6 ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ

ବୃକ୍ଷରୋପଣ ପ୍ରକରଣ ସଂହିତା ନିୟମ 207 ଅନୁସାରେ ପ୍ରତ୍ୟେକ ବୃକ୍ଷରୋପଣ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଅକ୍ଟୋବର / ଜାନୁୟାରୀ / ଜୁନ୍ ମାସରେ ଥରେ ଲେଖାଏଁ ପରିଦର୍ଶନ ହୋଇ 5 ତାରିଖ ନଭେମ୍ବର/ ଫେବୃଆରୀ/ ଜୁଲାଇ ସୁଦ୍ଧା ବୃକ୍ଷରୋପଣର ଅବସ୍ଥା ଯଥା ସର୍ବୋଚ୍ଚ ଉଚ୍ଚତା, ବଞ୍ଚିଥିବା ବୃକ୍ଷମାନଙ୍କର ହାରାହାରି ଉଚ୍ଚତା, ବଞ୍ଚିଥିବା ବୃକ୍ଷର ଶତକଡା ହାର ଏବଂ ହତାହତର କାରଣ ଇତ୍ୟାଦିର ରିପୋର୍ଟ ଦାଖଲ ହେବ । ଯାହାହେଉ ନମୁନା ଯାଞ୍ଚ୍ ହୋଇଥିବା ସମସ୍ତ 13 ଗୋଟି ବନଖଣ୍ଡରେ ଦେଖାଗଲା ଯେ ଉପରୋକ୍ତ ରିପୋର୍ଟ ଆଦୌ ଦାଖଲ ହୋଇ ନଥିଲା ଏବଂ ଉପରିସ୍ଥ କର୍ତ୍ତୃପକ୍ଷମାନେ ଏହି ରିପୋର୍ଟ ନିମନ୍ତେ ବାଧ୍ୟ କରି ନଥିଲେ । ଅଧିକନ୍ତୁ ବଞ୍ଚିଥିବା ବୃକ୍ଷର ପ୍ରତିଶତ ହାର ସମ୍ବନ୍ଧରେ ସମୀକ୍ଷା ଜିଜ୍ଞାସାରେ ନଅଗୋଟି ବନଖଣ୍ଡ ଅଧିକାରୀ[101] ଜଣାଇଲେ ଯେ ବଞ୍ଚିବାର ପ୍ରତିଶତ 60 ରୁ 100 ମଧ୍ୟରେ ଥିଲା ମାତ୍ର ଏଥିଲାଗି କୌଣସି ତଥ୍ୟଗତ ପ୍ରମାଣ ନଥିଲା । ପ୍ରଭାବୀ ପର୍ଯ୍ୟାଲୋଚନା ଅଭାବରୁ ବୃକ୍ଷରୋପଣର ମୂଲ୍ୟାଙ୍କନ ବିଭାଗ ଦ୍ୱାରା ହୋଇ ନଥିଲା ।

ସରକାର ଜଣାଇଲେ(ଅକ୍ଟୋବର 2014) ଯେ ମାର୍ଗଦର୍ଶିକା ଅନୁସାରେ ଡିଭିଜନ ମଣ୍ଡଳ ଏବଂ ମୁଖ୍ୟ କାର୍ଯ୍ୟାଳୟ ସ୍ତରରେ ପର୍ଯ୍ୟାଲୋଚନା ଓ ମୂଲ୍ୟାଙ୍କନ ହେଉଅଛି । ମାତ୍ର ବୃକ୍ଷରୋପଣ ସ୍ଥାନ ପରିଦର୍ଶନ କରି ବନାଞ୍ଚଳ ଅଧିକାରୀମାନଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ରିପୋର୍ଟ ବିଷୟରେ କୌଣସି ସୂଚନା ନଥିଲା ।

### 3.5.7 ଉପସଂହାର

ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ସ୍ଥିର ହୋଇଥିବା ଲକ୍ଷ୍ୟ ଅନୁସାରେ ବିନା ଯାଞ୍ଚରେ ବନ ଖଣ୍ଡ ଦ୍ୱାରା ହୋଇଥିଲା । କେତେକ କ୍ଷେତ୍ରରେ ଆବଶ୍ୟକ ବୃକ୍ଷରୋପଣ ବିଭାଗ ଦ୍ୱାରା ନ ହୋଇ ଠିକାଦାରଙ୍କ ଦ୍ୱାରା ହୋଇଥିଲା । ଯଥା ସମୟରେ ପାଣି ବ୍ୟବସ୍ଥା ନ ହେବାରୁ କ୍ଷେତ୍ର ଅଧିକାରୀମାନେ ବୃକ୍ଷରୋପଣ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନରେ ବିଳମ୍ବ କରିଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ସମୟ ଅନୁସୃତ ହୋଇ ନଥିଲା । ମୂଳଗଣ୍ଡି ଓ ଚାରା ଗଛ ବିଭାଗ ଦ୍ୱାରା କିମ୍ବା ସିଲଭିକଲଚରିଷ୍ଟଙ୍କ ଦ୍ୱାରା ସଂଗୃହୀତ ନ ହୋଇ ଘରୋଇ ପକ୍ଷମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିଲା । ବନାଞ୍ଚଳ ଅଧିକାରୀ, ବନଖଣ୍ଡ ଅଧିକାରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୃକ୍ଷ ରୋପଣ ସୁନିଶ୍ଚିତ କରିବାକୁ ସାମୟିକ ପର୍ଯ୍ୟବେକ୍ଷଣ ହୋଇ ନଥିଲା ।

## 3.6 ବାସ୍ତବିକ ବର୍ତ୍ତମାନ ମୂଲ୍ୟର ଅଣ ଆଦାୟ

**ଜଙ୍ଗଲ ଜମିର ଅନ୍ୟତ୍ର ଉପଯୋଗ ପାଇଁ 1.22 କୋଟି ଟଙ୍କାର ବାସ୍ତବିକ ବର୍ତ୍ତମାନ ମୂଲ୍ୟର ଅଣ ଆଦାୟ**

ଜଙ୍ଗଲ (ସଂରକ୍ଷଣ) ନିୟମ 1980 ଅନୁସାରେ ଭାରତ ସରକାରଙ୍କ ଅନୁମୋଦନ ଥାଇ ବାସ୍ତବିକ ବର୍ତ୍ତମାନ ମୂଲ୍ୟ ପ୍ରଦାନ କରି ଜଙ୍ଗଲ ଜମିକୁ ଅଣବନ ବିନିଯୋଗ କରାଯାଇପାରେ ।

[101] ଆଠଗଡ, ବାଲିଗୁଡା, ବ୍ରହ୍ମପୁର, କଟକ, ଢେଙ୍କାନାଳ, ଘୁମୁସର(ଉ), ପୁରୀ, ସମ୍ବଲପୁର ଏବଂ ସୋନପୁର ।

ଅକ୍ଟୋବର 2006 ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁସାରେ ସଂସ୍ଥା ସମ୍ପନ୍ନ କରିବା ତାରିଖ ନିର୍ବିଶେଷରେ ଭାରତ ସରକାରଙ୍କ ଅନୁମୋଦନ ପ୍ରାପ୍ତ ସମସ୍ତ ବ୍ୟବହାରକାରୀ ସଂସ୍ଥା 30 ଅକ୍ଟୋବର 2002 ସୁଦ୍ଧା ବାସ୍ତବିକ ବର୍ତ୍ତମାନ ମୂଲ୍ୟ (ଏନ.ପି .ଭି) ପଇଠ କରିବା କଥା (30.10.2002 ପୂର୍ବରୁ ବା ପରେ ଦିଆଯାଇଥିବା ଅନୁମୋଦନ ପ୍ରାପ୍ତ ପ୍ରକଳ୍ପମାନଙ୍କ ଷ୍ଟେଜ -1 ନିକାଶ) । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନଭେମ୍ବର 2012 ଆଦେଶ ଅନୁସାରେ ବାସ୍ତବିକ ବର୍ତ୍ତମାନ ମୂଲ୍ୟ ଜଙ୍ଗଲର ସାନ୍ଦ୍ରତା ଅନୁସାରେ ଓଡିଶା ସରକାର ହେକଟର ପିଛା 5.80 ଲକ୍ଷ ଠାରୁ 9.20 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ଥିରୀକୃତ କଲେ । 28 ମାର୍ଚ୍ଚ 2008 ଠାରୁ ଏହି ମୂଲ୍ୟରେ ପରିବର୍ତ୍ତନ କରାଯାଇ ହେକ୍ଟର ପିଛା 6.26 ଲକ୍ଷ ଟଙ୍କା ଠାରୁ 10.43 ଲକ୍ଷ ଟଙ୍କା ସ୍ଥିର କରାଗଲା ।

ଦୁଇଜଣ ବନଖଣ୍ଡ ଅଧିକାରୀ[102] (ଡିଏଫଓ)ଙ୍କ ନଥିପତ୍ର ଯାଞ୍ଚ ବେଳେ ପ୍ରକଟିତ ହେଲା ଯେ (ମାର୍ଚ୍ଚ ଠାରୁ ଡିସେମ୍ବର 2013) 72.0572 ହେକ୍ଟର ପରିମାଣର ଜଙ୍ଗଲ ଜମି ନିର୍ଦ୍ଧାରିତ ହାର ବାସ୍ତବିକ ବର୍ତ୍ତମାନ ମୂଲ୍ୟ (ଏନପିଭି) ଗ୍ରହଣ କରା ନଯାଇ ଦୁଇଗୋଟି ବ୍ୟବହାରକାରୀ ସଂସ୍ଥାକୁ ଅଣ ବନ ବିନିଯୋଗ ପାଇଁ ପ୍ରଦାନ କରାଯାଇଅଛି । ନିର୍ଦ୍ଧାରିତ ଏନପିଭି 6 କୋଟି ପରିବର୍ତ୍ତେ ସଂପୃକ୍ତ ସଂସ୍ଥାମାନଙ୍କ ଠାରୁ 4.78 କୋଟି ଟଙ୍କା ଆଦାୟ କରାଯାଇଛି ଯାହା 1.22 କୋଟି କମ୍ (ସବିଶେଷ ବିବରଣୀ ***ପରିଶିଷ୍ଟ 3.6.1*** ରେ ପ୍ରଦତ୍ତ) । ଉକ୍ତ ଅନାଦେୟ ରାଶିକୁ (1.22 କୋଟି) ସଂପୃକ୍ତ ସଂସ୍ଥା ଜମା କରିନାହାଁନ୍ତି ବା ବନଖଣ୍ଡ ଅଧିକାରୀ ଅନାଦେୟ ରାଶି ପାଇଁ ତଲବ ନୋଟିସ ଜାରି କରିନାହାଁନ୍ତି ।

ଅକ୍ଟୋବର 2014 ରେ ସରକାର ଦର୍ଶାଇଲେ ଯେ ଉକ୍ତ ଭେଦାତ୍ମକ ରାଶିରୁ ଆଇଓସିଏଲ ଠାରୁ ନଭେମ୍ବର 2013 ରେ ରେଢାଖୋଲ ବନଅଧିକାରୀଙ୍କ ଦ୍ୱାରା 20.36 ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ (ଜୁଲାଇ 2014) ରେ ଦାବି ତଲବ କରିଛନ୍ତି ।

ଅନ୍ୟ ଏକ ଘଟଣା କ୍ରମରେ ରେଢାଖୋଲ ବନଖଣ୍ଡ ଅଧିକାରୀ (ଜୁଲାଇ 2014 ) ମଧ୍ୟରେ 99.99 ଲକ୍ଷ ଟଙ୍କାର ଭେଦାତ୍ମକ ରାଶୀ ଆଦାୟ ପାଇଁ ଦାବି ତଲବ କରିଚନ୍ତି ।

### *3.7 ଗଡିକାଠ ଗୁଡିକର ଅଣ ନିକାଶ*

**ଅନୁସନ୍ଧାନହୀନ ବନ ଅପରାଧ ମାମଲାରେ ଜବତ ଗଡିକାଠ ଓ ଖୁଣ୍ଟ ଗୁଡିକର ଅଣ ନିକାଶ**

ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅଗଷ୍ଟ 2005 ନିର୍ଦ୍ଦେଶାନୁସାରେ ଅନୁସନ୍ଧାନହୀନ ବନ ଅପରାଧ (ୟୁଡି) ମାମଲାରେ ଜବତ ଗଡିକାଠ ଖୁଣ୍ଟ ଗୁଡିକ ଜବତ ହେବା ଦିନ ଠାରୁ ଦୁଇମାସ ମଧ୍ୟରେ ଓଡିଶା ବନ ଉନ୍ନୟନ ନିଗମ ଲିଃ କୁ ତତ୍ପର ନିକାଶ ଅଥବା ସର୍ବ ସାଧାରଣରେ ନିଲାମ ହେବା କଥା । ଯଦ୍ୱାରା ଅଯଥାରେ ଦୀର୍ଘ ଦିନ ଧରି ପଡିରହିବା ଦ୍ୱାରା ସେଗୁଡିକର ଗୁଣାତ୍ମକ ମୂଲ୍ୟହ୍ରାସ ଜନିତ ରାଜସ୍ୱ ହାନୀକୁ ରୋକା ଯାଇ ପାରିବ ।

ଅକ୍ଟୋବର 2012 ଏବଂ ନଭେମ୍ବର 2013 ଅନୁଷ୍ଠିତ ମୁଖ୍ୟ ବନ ସଂରକ୍ଷକ ଓ ଓଡିଶା ବନ ଉନ୍ନୟନ ନିଗମରୁ ପରିଚାଳନା ନିର୍ଦ୍ଦେଶକଙ୍କ ମିଳିତ ବୈଠକରେ ଯଥାକ୍ରମେ 2012-13 ଏବଂ 2013-14 ପାଇଁ ଗଡିକାଠ ଓ ଅନ୍ୟ କାଠର ରୟାଲିଟି ହାର ଧାର୍ଯ୍ୟ କରାଯାଇଥିଲା ।

ଜାନୁଆରୀ 2013 ଠାରୁ ଫେବୃୟାରୀ 2014 ପର୍ଯ୍ୟନ୍ତ 24 ଗୋଟି ବନ ଖଣ୍ଡର ନଥିପତ୍ରର ନମୁନାଯାଞ୍ଚ କ୍ରମେ ଜଣାଗଲା ଯେ 2011-12 ଏବଂ 2012-13 ରେ 9,857 ସଂଖ୍ୟକ ଅନୁସନ୍ଧାନ ହୀନ ବନ ଅପରାଧ

[102] ଜିଲ୍ଲା ବନ ଅଧିକାରୀ, ଖୋର୍ଦ୍ଧା ଓ ରେଢାଖୋଲ ।

ମାମଲାରେ 39.25 ଲକ୍ଷ ଟଙ୍କା ମୂଲ୍ୟରେ ଗଡିକାଠ ଓ ଜଙ୍ଗଲ ଜାତ ଦ୍ରବ୍ୟ ଜବତ କରାଯାଇଥିଲା, ଯାହାର ସବିଶେଷ ବିବରଣୀ (***ପରିଶିଷ୍ଟ 3.7.1***) ରେ ପ୍ରଦର୍ଶିତ ଯାହାସବୁ ମାର୍ଚ୍ଚ 2014 ସୁଦ୍ଧା ଅନିକାଶିତ ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ବନ ଅପରାଧ ମାମଲାରେ ଜବତ ଗଡିକାଠ ଓ ଖୁଣ୍ଟ ଗୁଡିକର ନିକାସ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଶିଳ୍ପ ବିଭାଗ

### *3.8 ଶିଳ୍ପ ନୀତି ସଂକଳ୍ପ 2007 ଅଧିନରେ ଏକକ ଝରକା ବ୍ୟବସ୍ଥା ଏବଂ ଆର୍ଥିକ ପ୍ରୋତ୍ସାହନର କାର୍ଯ୍ୟାନ୍ୱୟନ*

### *3.8.1 ଉପକ୍ରମଣିକା*

ତ୍ୱରାନ୍ୱିତ ଓ ଏକ କୈନ୍ଦ୍ରିକ ପ୍ରକଳ୍ପ ନିକାସ ସହ ପ୍ରତ୍ୟାଶିତ ଶିଳ୍ପପତିମାନଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ପାଇଁ ଶିଳ୍ପ ନୀତି ସଂକଳ୍ପ (ଆଇପିଆର) 2001 ଅଧିନରେ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା ଆନୟନ କରାଗଲା । ଆଇପିଆର 2001 ର ଏହି ବ୍ୟବସ୍ଥାକୁ କାର୍ଯ୍ୟକାମ କରିବା ପାଇଁ ଓଡିଶା ଶିଳ୍ପସଂକ୍ରାନ୍ତ ସୁଗମକରଣ ଅଧିନିୟମ (ଓଆଇଏଫଏ) 2004ରେ ପ୍ରଣୟନ କରାଗଲା । ତତ୍ ସମ୍ବନ୍ଧୀୟ ନିୟମାବଳୀ ଯଥା ଓଡିଶା ଶିଳ୍ପସଂକ୍ରାନ୍ତ ସୁଗମକରଣ ନିୟମାବଳୀ ମାର୍ଚ୍ଚ 2005 ରେ ଅଧିସୂଚିତ କରାଗଲା । 2 ମାର୍ଚ୍ଚ 2007 ରୁ କାର୍ଯ୍ୟକ୍ଷମ ଆଇପିଆର 2007 ଶିଳ୍ପ ସ୍ଥାପନାରେ ସହାୟତା ପାଇଁ ଏକକ ଝରକା ବ୍ୟବସ୍ଥା ଓ ଶିଳ୍ପ ସଂସ୍ଥାମାନଙ୍କୁ ଆର୍ଥିକ ପ୍ରୋତ୍ସାହନର ସମ୍ପ୍ରସାରଣ ଅନ୍ତର୍ଭୁକ୍ତ ଅଟେ । ଓଆଇଏଫଏ ଅନୁସାରେ ଶିଳ୍ପ ବିଭାଗ ଇପିକଲକୁ ରାଜ୍ୟସ୍ତରୀୟ ନୋଡାଲ୍ ଏଜେନ୍‌ସୀ (ଏସଏଲଏନଏ) ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରକୁ (ଡିଆଇସି) ଜିଲ୍ଲା ସ୍ତରୀୟ ନୋଡାଲ୍ ଏଜେନସୀ (ଡିଏଲଏନଏ) ରୂପେ ନିଯୁକ୍ତ (ମାର୍ଚ୍ଚ 2005) କଲେ । ଏହା ମଧ ନିମ୍ନଲିଖିତ ତିନି କର୍ତ୍ତୃପକ୍ଷଙ୍କୁ ଗଠନ କଲେ ।

(i) 50 କୋଟି ଟଙ୍କାରୁ କମ୍ ପୁଞ୍ଜି ବିଶିଷ୍ଟ ପ୍ରସ୍ତାବଗୁଡିକୁ ନିରୀକ୍ଷା ଓ ବିଚାର କରିବା ପାଇଁ ଜିଲ୍ଲାପାଳ, ଚେୟାରମ୍ୟାନ୍ ରୂପେ ଓ 11 ଜଣ ଅନ୍ୟ ସଦସ୍ୟଙ୍କୁ ନେଇ ଗଠିତ ଜିଲ୍ଲାସ୍ତରୀୟ ଏକକ ଝରକା ବ୍ୟବସ୍ଥା କର୍ତ୍ତୃପକ୍ଷ (ଡିଏଲଏସଡବ୍ଲୁସିଏ) ।

(ii) 50 କୋଟି ଟଙ୍କା କିମ୍ବା ତତୋଧିକ କିନ୍ତୁ 1,000 କୋଟି ଟଙ୍କାରୁ କମ୍ ପୁଞ୍ଜି ବିଶିଷ୍ଟ ପ୍ରସ୍ତାବଗୁଡିକୁ ନିରୀକ୍ଷା ଓ ବିଚାର କରିବା ପାଇଁ ମୁଖ୍ୟ ସଂପାଦକ, ଓଡିଶା ଚେୟାରମ୍ୟାନ୍ ରୂପେ ଓ 16 ଜଣ ଅନ୍ୟ ସଦସ୍ୟଙ୍କୁ ନେଇ ଗଠିତ ରାଜ୍ୟସ୍ତରୀୟ ଏକକ ଝରକା ବ୍ୟବସ୍ଥା କର୍ତ୍ତୃପକ୍ଷ (ଡିଏଲଏସଡବ୍ଲୁସିଏ) ।

(iii) 1,000 କୋଟି ଟଙ୍କା କିମ୍ବା ତତୋଧିକ ପୁଞ୍ଜି ବିଶିଷ୍ଟ ପ୍ରସ୍ତାବଗୁଡିକୁ ନିରୀକ୍ଷା ଓ ବିଚାର କରିବା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଓ 12 ଜଣ ଅନ୍ୟ ସଦସ୍ୟଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ ନିକାସ କର୍ତ୍ତୃପକ୍ଷ (ଏଚଏଲସିଏ) ।

ଏହା ବ୍ୟତୀତ, ସୂଚନା ପ୍ରଯୁକ୍ତି, ସୂଚନା ପ୍ରଯୁକ୍ତି, ଜନିତ ସେବା ଓ ପର୍ଯ୍ୟଟନ ବିଭାଗ ଉନ୍ନତି ଏବଂ ବିକାଶ ପାଇଁ ଓଆଇଏଫଏ ମଧ ସ୍ୱତନ୍ତ୍ର ଏକକ ଝରକା ନିକାସ କମିଟି ଗଠନ ବ୍ୟବସ୍ଥା କଲା । 22 ବର୍ଗ ପର୍ଯ୍ୟନ୍ତ ଅନୁମୋଦନ/ନିକାସ/ ପଞ୍ଜିକରଣ ପ୍ରଦାନ ପାଇଁ ଓଆଇଏଫଆର୍ ସାତରୁ 120 ଦିନ ପର୍ଯ୍ୟନ୍ତ ସମୟ ସୀମା ନିର୍ଦ୍ଧାରଣ କରିଛି ।

ଶିଳ୍ପ ନୀତି ସଂକଳ୍ପ 2007 ଅଧିନରେ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା ଏବଂ ଆର୍ଥିକ ପ୍ରୋତ୍ସାହନର କାର୍ଯ୍ୟାନ୍ୱୟନ ସମୀକ୍ଷା ମେ ଏବଂ ଜୁନ୍ 2014 ମଧରେ 2007-14 ର କାର୍ଯ୍ୟକଳାପକୁ ନେଇ କରାଯାଇଥିଲା । ସମୀକ୍ଷାରେ ଶିଳ୍ପ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ (ଏମଏସଏମଇ), ଏମଏସଏମଇ ବିଭାଗର ଦୁଇ

ନିର୍ଦ୍ଦେଶାଳୟ[103] ମଧ୍ୟରୁ ଗୋଟିଏ ଏବଂ ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜି ନିବେଶ ନିଗମ ଲିମିଟେଡ (ଇପିକଲ) ରେ ଥିବା ନଥିପତ୍ରର ନମୁନା ଯାଞ୍ଚ କରାଯାଇଥିଲା । ଏହା ବ୍ୟତୀତ, ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା (ଡିଆଇ) ଅଧିନରେ ଥିବା 31 ଟି ଜିଲ୍ଲା / ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି) ମଧ୍ୟରୁ ଉତ୍ପାଦନ ଆରମ୍ଭ କରିଥିବା ଶିଳ୍ପ ସଂଖ୍ୟା ଓ ପୁଞ୍ଜି ବିନିଯୋଗ କ୍ରମରେ ଆଠ[104]ଟି କମ୍ ଓ ବେଶୀ ଶିଳ୍ପୋନ୍ନତ ଜିଲ୍ଲା ବଛାଯାଇଥିଲା । ଏହା ସହିତ ପୂର୍ବ ଆଇପିଆରରେ ଅନ୍ତର୍ଭୁକ୍ତ ଥିବା ଆର୍ଥିକ ପ୍ରୋତ୍ସାହନଗୁଡିକ ଆଇପିଆର 2007 ରେ ଚାଲୁ ରହିଥିବା ଯୋଗୁଁ ସେଗୁଡିକୁ ମଧ୍ୟ ଅନୁଶୀଳନ କରାଯାଇଥିଲା ।

କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ପ୍ରସ୍ତାବ ଗୁଡିକୁ ଆବଶ୍ୟକୀୟ ନିକାସର ଇପିକଲ / ଡିଆଇସି ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଆୟୋଜନ, ଶିଳ୍ପପତିମାନଙ୍କୁ ରାଜ୍ୟରେ ଶିଳ୍ପ ସ୍ଥାପନା ପାଇଁ ସହାୟତା, ଆର୍ଥିକ ପ୍ରୋତ୍ସାହନଦେବା ପାଇଁ ଶିଳ୍ପ ସଂସ୍ଥାଗୁଡିକର ଯୋଗ୍ୟତା ଆଇପିଆର ଭିତ୍ତିରେ ନିର୍ଦ୍ଧାରଣ, ସମୟ ମଧ୍ୟରେ ପ୍ରୋତ୍ସାହନ ବଣ୍ଟନ ଏବଂ ପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ଓ ପ୍ରଭାବଶାଳୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ- ଏହି ସବୁ ବିଷୟ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ସମୀକ୍ଷା କରାଯାଇଥିଲା ।

## ସମୀକ୍ଷା ଫଳାଫଳ

### 3.8.2 ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ

### 3.8.2.1 ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ରାଜ୍ୟ/ ଉଚ୍ଚ ସ୍ତରୀୟ କାର୍ଯ୍ୟାନ୍ୱୟନ

#### ଏଚ୍ଏଲ୍ସିଏର କାର୍ଯ୍ୟ ସମ୍ପାଦନ

ଆଇପିଆର 2007 ର ବାକ୍ୟାଂଶ 7.1 ଅନୁସାରେ ଶିଳ୍ପ ଉନ୍ନୟନର ବିଭିନ୍ନ ଦିଗ ଯଥା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶର ବିକାଶ, ପରିବେଶ ପରିଚାଳନା, ଭୂମି ନୀତି, ଆନୁସଙ୍ଗିକ ବିକାଶ, ଅନୁକୂଳ ଓ ସୀମାନ୍ତ ଶିଳ୍ପର ବିକାଶ ପାଇଁ ଏଚଏଲସିଏ ତିନିମାସରେ ଅନ୍ତତଃ ଥରେ ବସି ଆଇପିଆର 2007 ର କାର୍ଯ୍ୟାନ୍ୱୟନର ସମୀକ୍ଷା କରିବା ଉଚିତ୍ । ଟିମ୍ ଓଡିଶା[105] ଦ୍ୱାରା ଦିଆଯାଇଥିବା ଶିଳ୍ପ ବିକାଶର ସମସ୍ତ ନିର୍ଦ୍ଦେଶ ବ୍ୟତୀତ, ଏଚ୍ଏଲ୍ସିଏ ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନା ଦେଇପାରେ ।

ଏଚ୍ଏଲ୍ସିଏର କାର୍ଯ୍ୟ ସମ୍ପାଦନାରେ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରାଗଲା -

- ସେପ୍ଟେମ୍ବର 2012 ପରେ ମାର୍ଚ୍ଚ 2014 ପର୍ଯ୍ୟନ୍ତ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହା ଫଳରେ ଶିଳ୍ପସ୍ଥାପନା ପାଇଁ ଆସିଥିବା 59,491.64 କୋଟି ଟଙ୍କାର 11 ଟି ପ୍ରସ୍ତାବ ଏକ ରୁ 18 ମାସ ପର୍ଯ୍ୟନ୍ତ ବିଳମ୍ବ ହୋଇଛି । ଆହୁରି ଯେ ବୈଠକମାନଙ୍କର କାର୍ଯ୍ୟ ବିବରଣୀରେ ଶିଳ୍ପ ଉନ୍ନୟନର ବିଭିନ୍ନ ଦିଗ ଯଥା- ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶର ବିକାଶ, ପରିବେଶ ପରିଚାଳନା, ଭୂମି ନୀତି, ଆନୁସଙ୍ଗିକ ବିକାଶ, ଅନୁକୂଳ ଓ ସୀମାନ୍ତ ଶିଳ୍ପର ବିକାଶ ସ୍ଥାନ ପାଇ ନଥିଲା ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ ଏଚଏଲସିଏ ଆୟୋଜନ କରିବାର ତାରିଖ ବିଭିନ୍ନ ବିଷୟ ଉପରେ ନିର୍ଭର କରେ ଯଥା କମିଟିର ସୁବିଧା, ଯଥେଷ୍ଟ ସଂଖ୍ୟାର ପ୍ରସ୍ତାବ ।

- ଆଇପିଆର ବାକ୍ୟାଂଶ 7.2 ଅନୁସାରେ, ଯଦିଓ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶର ବିକାଶ, ପରିବେଶ ପରିଚାଳନା, ଭୂମି ନୀତି, ଆନୁସଙ୍ଗିକ ବିକାଶ, ଅନୁକୂଳ ଓ ସୀମାନ୍ତ ଶିଳ୍ପର ବିକାଶ ପାଇଁ ଡିଆଇ ସବ୍ କମିଟି/ ଏଚଏଲସିଏର ପ୍ରବୀଣ ବଡି ଗଠନ ପାଇଁ ଶିଳ୍ପ ବିଭାଗକୁ ପ୍ରସ୍ତାବ (ଅଗଷ୍ଟ

103 ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ରପ୍ତାନୀ ପ୍ରୋତ୍ସାହନ ଓ ବାଣିଜ୍ୟକ ନିର୍ଦ୍ଦେଶାଳୟ ।

104 କଟକ, ଦେବଗଡ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର(କେଳିଙ୍ଗନଗର), ଝାରସୁଗୁଡା, ଖୋର୍ଦ୍ଧା ଏବଂ ସୁନ୍ଦରଗଡ ।

105 ଟିମ୍ ଓଡିଶାମାନେ ସରକାରଙ୍କର ବିସ୍ତୃତ ସଂସ୍ଥାଗତ ପରିଧି ଯାହା ଅର୍ଥନୈତିକ ଉନ୍ନତିର ସମସ୍ତ ମୁଖ୍ୟ ବିଷୟରେ ଶିଳ୍ପ ସୁଗମକରଣ ଓ ଶିଳ୍ପ ପ୍ରୋତ୍ସାହନ ସହ ସଂପୃକ୍ତ ।

2007) ଦେଇଥିଲେ । ଏହା ଏଚଏଲସିଏରେ ଜଣାଇଲେ ନାହିଁ । ତେଣୁ, ଶିଳ୍ପ ବିକାଶରେ ବିଶେଷଜ୍ଞମାନଙ୍କର ମୂଲ୍ୟବାନ ଉପଦେଶ ମିଳିଲା ନାହିଁ ।

- ଆଇପିଆର 2007 ବାକ୍ୟାଂଶ 12.4 ଅନୁସାରେ, ଶିଳ୍ପ ପ୍ରତିଷ୍ଠା ଓ ପରବର୍ତ୍ତୀ ପରିଚାଳନା ଖର୍ଚ୍ଚକୁ କମାଇବା ପାଇଁ ଏସଏଲଏସଡବ୍ଲୁସିଏ/ଏଚଏଲସିଏ (i)ବିଭିନ୍ନ ନଥିପତ୍ର, ଅଭିଲେଖ ଓ ବିବରଣୀର ମିଶ୍ରଣ ଓ (ii)ନିୟାମକ ସଂସ୍ଥାମାନଙ୍କ ଦ୍ୱାରା ଦରକାର ହେଉଥିବା ଯୁଗ୍ମ ନିରୀକ୍ଷଣର ପ୍ରବର୍ତ୍ତନ ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାର ସମୀକ୍ଷା କରିବାର ଥିଲା । କିନ୍ତୁ ବୈଠକ କାର୍ଯ୍ୟବିବରଣୀମାନଙ୍କର ଅବଲୋକନରୁ ଏଚଏଲସିଏ ସେହିଭଳି ସମୀକ୍ଷା କରିବାର ଜଣାଗଲା ନାହିଁ ।

### *3.8.2.2 ଏସଏଲଏନଏ ର କାର୍ଯ୍ୟ ସଂପାଦନ ଓ ଏସଏଲଏସଡବ୍ଲ୍ୟୁସିଏ ଦ୍ୱାରା ପ୍ରକଳ୍ପ ପ୍ରସ୍ତାବର ନିକାସ*

ଓଆଇଏଫଏ ଅନୁସାରେ, ଯୁଗ୍ମ ଆବେଦନ ପତ୍ର(ସିଏଏଫ)ଶିଳ୍ପପତିମାନଙ୍କୁ ଦେବା ଓ ପାଇବା ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିଭାଗ କିମ୍ବା କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ନିକାସର ଆୟୋଜନ କରିବା, ପୁଞ୍ଜି ଲଗାଣ ପାଇଁ ରାଜ୍ୟର ପ୍ରତିଛବି ଗଠନ କରିବା ଓ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପପତିମାନଙ୍କୁ ଦିଗ୍‌ଦର୍ଶନ ଓ ସହାୟତା ଦେବା ଏସ୍‌ଏଲ୍‌ଏନ୍‌ଏ ର କାର୍ଯ୍ୟରେ ଅନ୍ତର୍ଭୁକ୍ତ । 2007-14 ମଧ୍ୟରେ ଇପିକଲ୍ ଏସ୍‌ଏଲଏନଏ ରୂପେ ଶିଳ୍ପ ସ୍ଥାପନ ପାଇଁ ବିଭିନ୍ନ ବର୍ଗରୁ 378 ପ୍ରସ୍ତାବ ପାଇଥିଲା । ବର୍ଷଓ୍ୱାରୀ ସିଏଫ୍ ପ୍ରାପ୍ତିର ସ୍ଥିତି ଏବଂ ଏସ୍‌ଏଲ୍‌ଏସ୍‌ଓଡବ୍ଲୁସିଏ / ଏଚ୍‌ଏଲ୍‌ସିଏ ଦ୍ୱାରା ପ୍ରକ୍ରିୟାକରଣ/ ଜଣାଣ/ଅନୁମୋଦନର ସ୍ଥିତି ***ପରିଶିଷ୍ଟ 3.8.1*** ରେ ଦିଆଗଲା । ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ/ ଏସ୍‌ଏଲ୍‌ଏନଏ ର କାର୍ଯ୍ୟ ଉପରେ ନିମ୍ନରେ ଅବଲୋକନ କରାଗଲା ।

- 2010-11 ପରଠାରୁ ସିଏଫ୍ ସଂଖ୍ୟାରେ କ୍ରମଶଃ ଅବନତି ଘଟିଛି । 2010-11 ରେ 87ଟି ସିଏଫ ପାଇଥିବାବେଳେ, ଏସଏଲଏନଏ 2011-12 ରେ 48ଟି, 2012-13 ରେ 20ଟି ଏବଂ 2013-14 ରେ 26ଟି ପାଇଥିଲା । ଆହୁରି 2013-14 ପର୍ଯ୍ୟନ୍ତ, 2,66,545 କୋଟି ଟଙ୍କର 52ଟି ପ୍ରସ୍ତାବ ଏସଏଲଏସଡବ୍ଲୁସିଏ ବିନା କାରଣ ଦର୍ଶାଇ ବିଳମ୍ବିତ କରିଛି ଏବଂ 54,541 କୋଟି ଟଙ୍କାର 62ଟି ପ୍ରସ୍ତାବ ପରବର୍ତ୍ତୀ ସୂଚନା ଅଭାବରୁ ଏକରୁ ଆଠ ବର୍ଷ ଉପରେ ମଧ ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏକୁ ପେସ୍ କରାଯାଇନାହିଁ ।

ସରକାର ତଥ୍ୟ ସ୍ୱୀକାର କରିବା ସହ ଜଣାଇଲେ ଯେ ଏସଏଲଏସଡବ୍ଲୁସିଏ ବିଳମ୍ବର କାରଣ ଜଣାଇ ନଥିଲେ ଏବଂ ନୀତିଗତ ନିଷ୍ପତ୍ତି, ପ୍ରସ୍ତାବର ବିଚାର ବିମର୍ଷ ପାଇଁ ସମୟର ଅଭାବ ଯୋଗୁଁ ଏହା ହେଲା ।

- ଓଡିଶା ଶିଳ୍ପ ସୁଗମକରଣ ନିୟମାବଳୀ, 2005 ର VI ଅନୁସୂଚୀ ଅନୁସାରେ, ଇଡକୋ ଜମି ପ୍ରତିଶ୍ରୁତି ସମୟ ସୀମା 30 ଦିନ ଏବଂ ସରକାରୀ ଜମି ଆବଣ୍ଟନ ପାଇଁ 65 ଦିନ । ପୁନଶ୍ଚ ଓଡିଶା ଶିଳ୍ପ ସୁଗମକରଣ ଅଧିନିୟମ, 2004 ଅନୁସାରେ ବିଭାଗ ବା କର୍ତ୍ତୃପକ୍ଷଙ୍କଠାରୁ ସମୟ ସୀମା ମଧ୍ୟରେ ନିକାସର ଆୟୋଜନ କରିବା ହେଉଛି ଏସଏଲଏନଏର ଦାୟିତ୍ୱ । ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ / ଏଚ୍‌ଏଲ୍‌ସିଏ ଦ୍ୱାରା ଅନୁମୋଦିତ 5,73,525 କୋଟି ଟଙ୍କାର ସମ୍ଭାବ୍ୟ 172ଟି ପ୍ରସ୍ତାବ ମଧ୍ୟରୁ କେବଳ 92,645 କୋଟି ଟଙ୍କାର 38 ଟି ପ୍ରସ୍ତାବ (22 ଶତକ) 2013-14 ପର୍ଯ୍ୟନ୍ତ ଉତ୍ପାଦନ କରିଛନ୍ତି । ପୁନଶ୍ଚ, 16ଟି ପ୍ରସ୍ତାବ ନିର୍ମାଣରତ ଏବଂ 55ଟି କ୍ଷେତ୍ରରେ 18 ରୁ 68 ମାସର ଅନୁମୋଦନ ପରେ ମଧ ସେମାନେ ଜମି ଅଧିଗ୍ରହଣ ସ୍ଥିତିରେ ଅଛି । 63 ଟି ପ୍ରସ୍ତାବ କ୍ଷେତ୍ରରେ ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା । କିନ୍ତୁ ପ୍ରସ୍ତାବଗୁଡିକର ନିକାସ ପରେ, ମୁଖ୍ୟ ବିଭାଗ ଓ ଅଧିକାରୀଙ୍କ ବରିଷ୍ଠ ସ୍ତରୀୟ ପ୍ରତିନିଧିମାନଙ୍କୁ ନେଇ ଟାସ୍କ ଫୋର୍ସ ଗଠନ କରି ନିୟମିତ ବ୍ୟବଧାନରେ ପ୍ରକଳ୍ପଗୁଡିକର ସମ୍ପାଦିତ ସ୍ଥିତି ସମୀକ୍ଷା ଓ ଅସୁବିଧା ଦୂରୀକରଣ ଦ୍ୱାରା ଏସଏଲଏନଏ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ସ୍ଥିତି ଅନୁଧାନ କରି ନଥିଲା ।

- ସିଏଫ୍ ପ୍ରାପ୍ତି ପରେ, ଏସ୍ଏଲ୍ଏନ୍ଏ ସିଏଫ୍ ନକଲ ଗୁଡିକୁ ଶିଳ୍ପ ସ୍ଥାପନ ପାଇଁ ନିକାସ ଉପରେ ତାଙ୍କର ମତାମତ ଦେବାକୁ ବିକାଶ ପ୍ରଦାନକାରୀ କର୍ତ୍ତୃପକ୍ଷ ଯଥା କାରଖାନା ଓ ବାଷ୍ପୀୟଯନ୍ତ୍ର ନିର୍ଦ୍ଦେଶାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଇଡକୋକୁ ପଠାଇଥାଏ । ଏସ୍ଏଲ୍ଏସ୍ଡବ୍ଲୁସିଏ/ଏଚ୍ଏଲ୍ସିଏ ପାଖରୁ ଅନୁମୋଦିତ ହେଲାପରେ ଏସ୍ଏଲ୍ଏନ୍ଏ ଅନୁମୋଦନର ସର୍ତ୍ତ ଉଦ୍ୟୋଗପତିମାନଙ୍କୁ ଜଣାଇଥାଏ । ସମୀକ୍ଷାରେ ଦେଖାଗଲା ଯେ ଏସ୍ଏଲ୍ଏନ୍ଏ ଆଇପିଆର 2007 ପ୍ରାବଧିତ ନିର୍ଦ୍ଦିଷ୍ଟ ବିଭାଗ ଠାରୁ ଦରକାରୀ ନିକାଶ ପାଇଁ କୌଣସି ପ୍ରାବଧାନ କରି ନଥିଲା । ତା ପରିବର୍ତ୍ତେ ଉଦ୍ୟୋଗକାରୀଙ୍କୁ ନିକାସ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ ଅନୁପାଳନ କରିବା ପାଇଁ ଆଦେଶ ଦେଇଥିଲା, ଯାହାଫଳରେ ଏକକ ଝରକା ବ୍ୟବସ୍ଥା ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ ।

ସରକାର ଉତ୍ତରରେ ଜଣାଇଲେ (ଅକ୍ଟୋବର 2014) ଯେ ଏସଏଲଏସଡବ୍ଲୁସିଏ /ଏଚଏଲସିଏ କେବଳ ନୀତିଗତ ଅନୁମୋଦନ କରେ ଯାହାମାନେ ବିସ୍ତୃତ ନିରୀକ୍ଷଣ ଓ ଔପଚାରିକ ଅନୁମୋଦନ ପାଇଁ ସଂପୃକ୍ତ ବିଭାଗ ବା ଏଜେନସୀଙ୍କୁ ଉଚିତ୍ ଆକାରରେ ବିସ୍ତାରିତ ପ୍ରସ୍ତାବକୁ ଦାଖଲ କରିବାକୁ ହେବ । କିନ୍ତୁ ଏସଏଲଏନଏ ଆରପିଆଇ 2007 ରେ ପ୍ରାବଧିତ ବିକାଶ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କଠାରୁ ଶିଳ୍ପ ସ୍ଥାପନା ପାଇଁ ସମୟଭିତ୍ତିକ ନିକାସର ଆୟୋଜନରେ ସାହାଯ୍ୟ କରିନଥିଲା ।

- ଆଇପିଆର 2007 ବାକ୍ୟାଂଶ 6.1 ଅନୁସାରେ ଇପିକଲ ଏସଏଲଏନଏ ରୂପେ ମଧ୍ୟମ ଓ ବୃହତ୍ତ ଶିଳ୍ପ ଉପରେ ଏକ ପେଶାଦାର ଏଜେନସୀ ସହାୟତାରେ ଏକ ବ୍ୟାପକ ଶିଳ୍ପ ତଥ୍ୟ ଭଣ୍ଡାର ଗଠନ କରିବ । ତେବେ ବି କୌଣସି ତଥ୍ୟ ଭଣ୍ଡାର ଗଠନ କରାଯାଇନାହିଁ ।

ସରକାର ଉତ୍ତରରେ ଜଣାଇଲେ (ଅକ୍ଟୋବର 2014) ଯେ ଇପିକଲ ଏକ ପେଶାଗତ ଏଜେନସୀକୁ ନିଯୁକ୍ତିକରି ଏକ ବ୍ୟାପକ ତଥ୍ୟ ଭଣ୍ଡାର ଗଠନ କରିବାରେ ନିୟୋଜିତ ଅଛି ।

- ଆଇପିଆର 2007 ବାକ୍ୟାଂଶ 6.4ରେ ପ୍ରାବଧାନ ଅଛି ଯେ ପୁଞ୍ଜି ପ୍ରସ୍ତାବଗୁଡିକରେ ସମୟାନୁଭିତ୍ତିକ ବିକାଶ, ସିଏଏଫଗୁଡିକର ଇଲୋକ୍ଟ୍ରୋନିକ ଜମା ଏବଂ ପ୍ରକ୍ରିୟାକରଣ ଫିସର ଇଲୋକ୍ଟ୍ରୋନିକ ଭୁକତାନ , ପୁଞ୍ଜିଲଗାଣକାରୀ ଓ ବିଭିନ୍ନ ନିକାସ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପ୍ରକୃତ ଏକକ ଝରକା ବ୍ୟବସ୍ଥା ସମ୍ପର୍କ ପାଇଁ ଇପିକଲ ଏକ ୱେବ ସମର୍ଥିତ ପରିଯୋଜନା ପର୍ଯ୍ୟାଲୋଚନା ଏବଂ ସୂଚନା ପଦ୍ଧତି(ପିଏମଆଇଏସ) ବିକାଶ ଓ କାର୍ଯ୍ୟାନ୍ବିତ କରିବା ପ୍ରାବଧାନ କରାଯାଇଛି । ଅଡିଟ୍ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟାନ୍ବିତ କରାଯାଇନାହିଁ । ପିଏମଆଇଏସର କାର୍ଯ୍ୟାନ୍ୱୟନ ନ କରିବା ଦ୍ୱାରା ପୁଞ୍ଜି ପ୍ରସ୍ତାବଗୁଡିକର ସମୟଭିତ୍ତିକ ଟିକସ ପାଇଁ ପୁଞ୍ଜିଲଗାଣକାରୀ ଓ ନୋଡାଲ ଏଜେନସୀମାନଙ୍କର ଅନଲାଇନ୍ ନିବେଶର ଉଦ୍ଦେଶ୍ୟ ସାଧିତ ହୋଇପାରିନାହିଁ ।

ସରକାର ଉତ୍ତରରେ ଜଣାଇଲେ (ଅକ୍ଟୋବର 2014) ଯେ ସିଏଏଫର ଅନଲାଇନ୍ ଫାଇଲିଙ୍ଗ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି ।

### 3.8.2.3 ଜିଲ୍ଲାସ୍ତରରେ ଏକକ ଝରକା ବ୍ୟବସ୍ଥା ର କାର୍ଯ୍ୟାନ୍ୱୟନ

#### ଜିଲ୍ଲାସ୍ତରୀୟ ନୋଡାଲ ଏଜେନସିର କାର୍ଯ୍ୟ ସଂପାଦନ

ଆଇପିଆର 2007 ରେ ପ୍ରାବଧିତ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କୁ କାର୍ଯ୍ୟାନ୍ବିତ କରିବା ପାଇଁ ଓଡିଶା ସରକାର (ଜିଓଓ) 'ଶିଳ୍ପ ନିର୍ଦ୍ଦେଶାଳୟ ଅଧିନରେ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥାର କାର୍ଯ୍ୟାନ୍ବିତ (8.09 କୋଟି ଟଙ୍କା), ଡିଆଇସି ମାନଙ୍କର ପୁର୍ନଗଠନ (1.83 କୋଟି ଟଙ୍କା) ଓ ଆରଆଇସି ମାନଙ୍କର ଗଠନ (2.33 କୋଟି ଟଙ୍କା) ବାବଦରେ 2007-14 ମଧ୍ୟରେ 12.25 କୋଟି ଟଙ୍କା ମଞ୍ଜୁର କଲେ । ଏହି ବାବଦରେ ଅଡିଟ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କଲା –

- ଡିଆଇସିଗୁଡିକୁ ଉନ୍ନୀତ କରି ପାଞ୍ଚୋଟି ଆରଆଇସି[106] ଗଠନ ପାଇଁ 2008-14 ମଧ୍ୟରେ ଓଡିଶା ସରକାର 2.33 କୋଟି ଟଙ୍କା ମଞ୍ଜୁର କଲେ ଏବଂ ସେହି ଟଙ୍କାରେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ପାଇଁ ଓଡିଶା ଶିଳ୍ପ ଭିତ୍ତି ବିକାଶ ନିଗମ (ଇଡକୋ), ଓଡିଶା ସରକାର ଏକ ସଂସ୍ଥାରେ ଜମା ଦେବା ପାଇଁ ଶିଳ୍ପ ନିର୍ଦ୍ଦେଶାଳୟକୁ ଆଦେଶ ଦେଲେ । ଯଦିଓ ସରକାର ପାଞ୍ଚୋଟି ଡିଆଇସିକୁ ଆଇଆରସିରେ ଉନ୍ନୀତ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ(ମାର୍ଚ୍ଚ 2011) ସରକାରଙ୍କ ଦ୍ୱାରା କାର୍ଯ୍ୟର ପଦ୍ଧତି ଓ ପରିସର ନିର୍ଦ୍ଧାରଣ ନ ହେବା ହେତୁ ଇଡକୋ ଅଡିଟ୍ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିପାରିଲା ନାହିଁ । ତେଣୁ ଆରଆରସିମାନଙ୍କ ପାଇଁ ଭିତ୍ତିଭୂମି ସୃଷ୍ଟିକରିବାର ମୁଖ୍ୟ ଉଦ୍ଦେଶ୍ୟ ଅପୂରଣୀୟ ରହିଲା ଓ ଏହା ଯୋଗୁଁ 2.33 କୋଟି ଟଙ୍କାର ଅନାବଶ୍ୟକ ଅବରୋଧ ହେଲା । ଆରଆଇସିଗୁଡିକୁ ଉନ୍ନୀତ କରିବା ପରେ ସେମାନଙ୍କର ଭୂମିକା ଓ ନିର୍ଦ୍ଦିଷ୍ଟ କାର୍ଯ୍ୟ ଏବେ ପର୍ଯ୍ୟନ୍ତ(ଜୁନ୍ 2014) ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇନାହିଁ ।

ଅବଲୋକନ ପରେ ଡିଆଇ ଉତ୍ତରରେ (ଅଗଷ୍ଟ 2014) ଜଣାଇଲେ ଯେ ଲଭ୍ୟ ଅର୍ଥରେ କାମଟିକୁ କରିବା ପାଇଁ ଇଡକୋ ସହିତ ପଦକ୍ଷେପ ନିଆଯାଇଛି ।

- 2009-14 ମଧ୍ୟରେ, ଡିଆଇସିମାନଙ୍କର ପୁର୍ନଗଠନ ସ୍କିମରେ 1.83 କୋଟି ଟଙ୍କାରୁ 1.55 କୋଟି ଟଙ୍କା 12ଟି ଡିଆଇସି ଓ ଡିଆଇର ଫେସ୍ ଲିଫ୍ଟିଙ୍ଗ୍ ଓ ବୈଠକ ଗୃହର ପୁନରୁଦ୍ଧାର, ଅନ୍ତସଜ୍ଜା ଇତ୍ୟାଦି ବାବଦରେ ଇଡକୋ ପାଖରେ ଜମା କରାଗଲା । ଏଥିମଧ୍ୟରୁ କେବଳ 0.10 କୋଟି ଟଙ୍କା (ଛଅ ପ୍ରତିଶତ)ର ପ୍ରଶାସନୀୟ ଅନୁମୋଦନ ଦିଆଯାଇଛି ଏବଂ ବଳକା କାର୍ଯ୍ୟ ପାଇଁ ଇଡ୍କୋ ଦ୍ୱାରା ଆଜି ପର୍ଯ୍ୟନ୍ତ କୌଣସି ଅଟକଳ ପ୍ରସ୍ତୁତ କରିନାହିଁ ।

ଅବଲୋକନ ପରେ, ଡିଆର ଉତ୍ତରରେ (ଅଗଷ୍ଟ 2014) ଜଣାଇଲେ ଯେ କେତେକ ସ୍ଥାନରେ କାର୍ଯ୍ୟ କରିବା ପାଇଁ ଇଡକୋ ଅନିଚ୍ଛା ପ୍ରକାଶ କଲା ଯେଉଁଗୁଡିକୁ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମକୁ (ଓଏସଆଇସି)ପୁର୍ନବଣ୍ଟନ କରାଯାଉଛି ।

- 2007-14 ମଧ୍ୟରେ ଡିଆଇ ଅଧିନରେ ଏକକ ଝରକା ବ୍ୟବସ୍ଥାର ସ୍କିମରେ 29 ଟି ଡିଆଇସିରେ ଅଟ୍ଟାଳିକାଗୁଡିକର ତିଆରି, ପୁନରୁଦ୍ଧାର ଓ ସୁଗମକରଣ କୋଠରୀ ତିଆରି ବାବଦରେ ଇଡ୍କୋକୁ 5.48 କୋଟି ଟଙ୍କା ଦିଆଯାଇଛି । ଏଥିମଧ୍ୟରୁ 3.84 କୋଟି ଟଙ୍କା 11ଟି ଡିଆଇସିର ଅଫିସ୍ ଅଟ୍ଟାଳିକା ତିଆରି ବାବଦରେ ଦିଆଯାଇଛି । ଏଥିମଧ୍ୟରୁ କେବଳ ଦୁଇଟି ଡିଆଇସି ଅଟ୍ଟାଳିକାର ନିର୍ମାଣ ସରିଛି । ବାକି ନଅଟି ଡିଆଇସିର 3.04 କୋଟି ଟଙ୍କାର କାମରେ କୌଣସି ବିଶେଷ ପ୍ରଗତି ହୋଇନାହିଁ । ସେହିଭଳି, ଯଦିଓ 18ଟି ଡିଆଇସିରେ ବ୍ୟବସାୟ ସୁଗମକରଣ କୋଠରୀ କାମ ସରିଛି, ସାତଟି ଡିଆଇସି/ ଆରଆଇଟିରେ ସରିନାହିଁ ।

ତଥ୍ୟ ଗୁଡିକ ଗ୍ରହଣ କରି ଉତ୍ତରରେ (ଅଗଷ୍ଟ 2014) ଡିଆଇ ଜଣାଇଲେ ଯେ ଯଦିଓ ନିୟମିତ ଭାବେ ପ୍ରଗତିର ସମୀକ୍ଷା କରାଯାଉଛି ଅଟ୍ଟାଳିକା ଓ ସୁଗମକରଣ କୋଠରୀର କାମ ସରିନାହିଁ ।

କାର୍ଯ୍ୟ ଶେଷ ନ ହେବା ବା ଆରମ୍ଭ ନହେବାର ମୁଖ୍ୟ କାରଣ ହେଉଛି ଯେ, କାର୍ଯ୍ୟ ପଦ୍ଧତି ଓ ପରିସରର ନିର୍ଦ୍ଧାରଣ ନ ହେବା, ଇଡ୍କୋ ଦ୍ୱାରା ଜମି ଅଧିଗ୍ରହଣ ଓ ଅଟକଳ ତିଆରିରେ ବିଳମ୍ବ, ଯାହାଫଳରେ ଆଇପିଆର କାର୍ଯ୍ୟାନ୍ୱିତ ହେବାର ସାତ ବର୍ଷ ପରେ ମଧ୍ୟ ଆଇଆଇଟି ଗଠନ, ଡିଆଇସିମାନଙ୍କର ପୁର୍ନଗଠନ ଓ ଏକକ ଝରକା କାର୍ଯ୍ୟାନ୍ୱୟନର ଆବଶ୍ୟକୀୟ ଭିତ୍ତିଭୂମି ଗଠନ ହୋଇ ପାରିଲା ନାହିଁ ।

[106] ଢେଙ୍କାନାଳ, ସମ୍ବଲପୁର, କଳିଙ୍ଗନଗର(ଯାଜପୁର), ରାୟଗଡା ଏବଂ ରାଉରକେଲା ।

### 3.8.2.4 ଜିଲ୍ଲା ସ୍ତରରେ ପ୍ରକଳ୍ପ ପ୍ରସ୍ତାବର ନିକାସ

ଶିଳ୍ପ ପ୍ରୋତ୍ସାହନ କାର୍ଯ୍ୟ ଓ ପୁଞ୍ଜିନିବେଶର ସହାୟତା କରିବା ପାଇଁ ଡିଆଇସି ଜିଲ୍ଲା ସ୍ତରରେ ନୋଡାଲ ଏଜେନସି ରୂପେ କାର୍ଯ୍ୟ କରେ । ଓଆଇଏଫଏ ର ଧାରା 5(4) ଅନୁସାରେ ଡିଏଲଏସଡବ୍ଲୁସିଏ ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଆସିଥିବା ପ୍ରସ୍ତାବ ଓ ଅନ୍ୟ ପ୍ରକଳ୍ପ ଗୁଡିକର ତନଖି କରେ ଓ ସମୟ ସୀମା ମଧ୍ୟରେ ଉଦ୍ୟୋଗପତିମାନଙ୍କୁ ଏହାର ନିଷ୍ପତ୍ତି ଜଣାଏ । ଆଠଟି ମନୋନୀତ ଡିଆଇସି ବା ଆରଆଇସି ମାନଙ୍କ ଦ୍ୱାରା 2007-14 ମଧ୍ୟରେ ପାଇଥିବା ସିଏଫମାନଙ୍କର ବର୍ଷଓ୍ୱାରୀ ସ୍ଥିତି ***ପରିଶିଷ୍ଟ 3.8.2*** ରେ ଦିଆଗଲା । ଆଠଟି ମନୋନୀତ ଡିଆଇସି ବା ଆରଆଇସିମାନଙ୍କରେ ଡିଏଲଏନଏ ମାନଙ୍କର କାର୍ଯ୍ୟଶୈଳୀ ଅନୁଧ୍ୟାନ କରି ଅଡିଟ୍ ନିମ୍ନ ଲିଖିତ ଅବଲୋକନ କଲା ।

- 2010-11 ପର ଠାରୁ ସିଏଫ ସଂଖ୍ୟାରେ କ୍ରମଶଃ ଅବନତି ଘଟିଛି । 2009-10 ରେ 214 ଟି ସିଏଫ ପାଇଥିବା ବେଳେ ଡିଏଲଏନଏ , 2010-11 ରେ 196 ଟି, 2011-12 ରେ 189 ଟି, 2012-13 ରେ 89 ଟି, ଏବଂ 2013-14 ରେ 84 ଟି ପାଇଥିଲା । ଆହୁରି 2009-10 ରୁ 2013-14 ପର୍ଯ୍ୟନ୍ତ ପାଇଥିବା 159.34 କୋଟି ଟଙ୍କାର 65 ଟି ପ୍ରସ୍ତାବ ବିନା ଲିଖିତ କାରଣରେ ବିଳମ୍ବିତ କରାଯାଇଛି । ଅଡିଟ ସମୟ ସୀମା ମଧ୍ୟରେ ପାଇଥିବା 1,087 ଟି ସିଏଏଫ ମଧ୍ୟରୁ କେବଳ 802 ଟି ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ଅନୁମୋଦିତ ପ୍ରସ୍ତାବମାନଙ୍କ ମଧ୍ୟରୁ ମନୋନୀତ ଡିଆଇସି ବା ଆରଆଇସିମାନଙ୍କ ଦ୍ୱାରା କେବଳ 90 ଟି ଶିଳ୍ପ ସଂସ୍ଥାକୁ ବାଣିଜ୍ୟିକ ଉତ୍ପାଦନ ପ୍ରମାଣପତ୍ର (ଏଣ୍ଟରପ୍ରାଇଜେସ୍ ମେମୋରେଣ୍ଡମ) (ଇଏମ-II) ଦିଆଯାଇଛି ।

- ପୁନଶ୍ଚ, ମନୋନୀତ ଆଠଟି ଡିଆଇସି ବା ଆରଆଇସିରେ ଡିଏଲଏନଏମାନେ ମାର୍ଚ୍ଚ 2014 ପର୍ଯ୍ୟନ୍ତ ପାଇଥିବା ପ୍ରସ୍ତାବରୁ ବିଭିନ୍ନ ପ୍ରକାର 1,440ଟି ନିକାସ ପାଇଥିଲେ ଯାହା ମଧ୍ୟରୁ 492 ଟି ନିକାସ ହୋଇଯାଇଛି । 609 ଟି ରଦ୍ଦ ହୋଇଛି ଏବଂ 339 ଟି ସ୍ଥଗିତ ଅଛି । ସ୍ଥଗିତ ଥିବା ମାମଲାରେ ସିଂହ ଭାଗ ହେଉଛି ଜମି ବଣ୍ଟନ ପ୍ରକ୍ରିୟା, ତାହାମାନେ ଇଡକୋ ଜମି (234 ଟି ମାମଲା) ଏବଂ ସରକାରୀ ଜମି (68 ଟି ମାମଲା) ।

- ଯଦିଓ ଓଡିଶା ସରକାର ଡିଏଲଏସଡବ୍ଲୁସିଏର ମାସିକ ବୈଠକ ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ, 2007-14 ମଧ୍ୟରେ ଧାର୍ଯ୍ୟ 84 ଟି ମଧ୍ୟରୁ ଡିଏଲଏସଡବ୍ଲୁସିଏର ଛଅ ରୁ 22 ଟି ବୈଠକ ଅନୁଷ୍ଠିତ ହୋଇଥିଲା । ନିୟମିତ ବ୍ୟବଧାନରେ ବୈଠକ ଅନୁଷ୍ଠିତ ନ କରିବା ଦ୍ୱାରା ଏକକ ଝରକା ବ୍ୟବସ୍ଥାର ଫଳପ୍ରଦ ବ୍ୟବସ୍ଥାକୁ ଦୁର୍ବଳ କରିଦେଲା ।

- ଡିଏଲଏସଡବ୍ଲୁସିଏ, ଯାଜପୁର[107] ଜମି ଆବଣ୍ଟନର 10 ଟି କେସ ମାର୍ଚ୍ଚ 2007ରେ ଓ 85 ଟି କେସ ମେ 2007ରେ ମଞ୍ଜୁର କଲେ ଏବଂ କଳିଙ୍ଗନଗର ଗ୍ରୋଥ ସେଣ୍ଟରରେ ଜମି ଆବଣ୍ଟନ ପାଇଁ ଇଡକୋକୁ ସୁପାରିଶ କଲେ ତା ମଧ୍ୟରୁ 76ଟି କେସରେ ଇଡ୍‌କୋ ସର୍ତ୍ତମୂଳକ ଆବଣ୍ଟନ ଚିଠି ନିର୍ଗମନ କଲେ । ଯାହାହେଉ, ଚାରି ବର୍ଷରେ ବିଳମ୍ବ ପରେ ଇଡକୋର ଜମି ଆବଣ୍ଟନ କମିଟି କଳିଙ୍ଗନଗରରେ ଥିବା ବୃହତ୍ତ ଶିଳ୍ପଗୁଡିକ ସହ ମୂଲ୍ୟଯୁକ୍ତ, ଅଗ୍ରଗାମୀ ଓ ଅନୁନ୍ନତ ଶିଳ୍ପମାନଙ୍କର ସଂଯୋଗ କରି ପୁର୍ନପରୀକ୍ଷା ପାଇଁ ଜିଲ୍ଲାପାଳ, ଯାଜପୁରକୁ ଏହି କେସଗୁଡିକୁ ଫେରସ୍ତ (ଜୁଲାଇ 2011) କରିବା ପାଇଁ ସ୍ଥିର (ଏପ୍ରିଲ 2011) କଲେ । ଏହି କେସର ନଥିପତ୍ରଗୁଡିକ ବିନା କାର୍ଯ୍ୟାନୁଷ୍ଠାନରେ ଯାଜପୁର ଜିଲ୍ଲାପାଳଙ୍କ ଠାରେ 23 ମାସ ଧରି ପଡିରହିଲା ଏବଂ ପରିଶେଷରେ ଆର୍.ଆଇ.ସି, କଳିଙ୍ଗନଗରକୁ ମାର୍ଚ୍ଚ 2013 ରେ ହସ୍ତାନ୍ତର କରାଗଲା । ଏହି ସବୁ କେସରେ ଏବେ ସୁଦ୍ଧା ଜମି ଆବଣ୍ଟନର ଫଇସଲା ହୋଇନାହିଁ । ଛଅ ବର୍ଷରୁ ଅଧିକ ଧରି 76ଟି କେସରେ ଜମି

[107] ଜଗତପୁରରରେ ଅବସ୍ଥିତ ।

ଆବଣ୍ଟନର ସମସ୍ତ ଚେଷ୍ଟା ଫଳପ୍ରଦ ହେଲା ନାହିଁ ଏବଂ ଏହି ପ୍ରସ୍ତାବଗୁଡିକର ତ୍ୱରାନ୍ୱିତ ନିକାସ ଉଦ୍ଦେଶ୍ୟରେ ଥିବା ଓ.ଆଇ.ଏଫ.ଏ ବିରୁଦ୍ଧାଚରଣ କଲା ।

ଉତ୍ତରରେ (ଅଗଷ୍ଟ 2014) ଡିଆଇ ଜଣାଇଲେ ଯେ, ଓ.ଆଇ.ଏଫ.ଏ 2004ର ସଂଶୋଧନ ପ୍ରକ୍ରିୟା ଚାଲୁ ରହିଛି ।

### 3.8.2.5 ବିଶେଷ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କମିଟିର ନିର୍ବାହ (ଏସ୍ଏସ୍‌ଡବ୍ଲୁସିସି)

ଓଡିଶା ଶିଳ୍ପ ସୁଗମକରଣ ଅଧିନିୟମ 2004 ଅନୁସାରେ କୌଣସି ନିର୍ଦ୍ଧିଷ୍ଟ ଉଦ୍ଦେଶ୍ୟ, ସ୍ଥାନ ଏବଂ ବର୍ଗ ପାଇଁ ସରକାର ବିଶେଷ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କମିଟି ଗଠନ କରିବାର ଥିଲା । ଦୁଇଟି କମିଟି ଯଥା ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କମିଟି ସୁଚନା ପ୍ରଯୁକ୍ତି ଏବଂ ସୂଚନା ପ୍ରଯୁକ୍ତି ସମ୍ବନ୍ଧୀୟ ସେବାରେ ପ୍ରୋତ୍ସାହନ ଏବଂ ବିକାସ ସକାଶେ ଏବଂ ପର୍ଯ୍ୟଟନର ପ୍ରୋତ୍ସାହନ ଓ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଦ୍ୱାରା ଓଡିଶା ସରକାର 2008 ରେ କମିଟି ଗଠନ କରିଥିଲେ । ତତ୍‌ପରେ ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ଏକକ ଝରକା ନିକାସ କମିଟିକୁ (ଜୁନ 2012 )ରେ ରଦ୍ଦ କରାଗଲା ଏବଂ ନୂତନ ବିଜ୍ଞପ୍ତି (ନଭେମ୍ବର 2012) ଜାରି କରାଗଲା । ଏହି ବିଜ୍ଞପ୍ତି ଅନୁସାରେ ସମସ୍ତ ପର୍ଯ୍ୟଟନ ସମ୍ବନ୍ଧୀୟ 5 କୋଟିରୁ ଉର୍ଦ୍ଧ ସମସ୍ତ ପ୍ରକଳ୍ପ ପ୍ରସ୍ତାବକୁ ଏସ୍ଏଲ୍ଏନ୍ଏ ମାଧ୍ୟମରେ ପ୍ରକ୍ରିୟା କରଣ କରି ସ୍ୱତନ୍ତ୍ର ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କମିଟି ଆଗରେ ପର୍ଯ୍ୟଟନ ଟାକ୍ସ ଫୋର୍ସ ମାଧ୍ୟମରେ ଉପସ୍ଥାପନ କରାଗଲା । ଓଡିଶା ସରକାର ନଭେମ୍ବର 2013 ଶେଷ ଆଡକୁ ପୁନଃ ପ୍ରତିଷ୍ଠା କରିଥିଲେ । ମାର୍ଚ୍ଚ 2014 ସୁଦ୍ଧା କୌଣସି ସମ୍ମେଳନ ଆବାହନ କରାଯାଇ ନ ଥିଲା । ଯଦ୍ୱାରା 584.35 କୋଟି ଟଙ୍କାରେ 14 ଟି ପ୍ରକଳ୍ପ ପ୍ରସ୍ତାବ ଜୁନ 2011 ସୁଦ୍ଧା ଅନୁମୋଦନ ପାଇଁ ସ୍ଥଗିତ ରହିଥିଲା ।

ସରକାର ଉତ୍ତରରେ କହିଲେ ଯେ ସ୍ୱତନ୍ତ୍ର ଏକକ ଝରକା ନିକାଶ କମିଟି ଟାସ୍କ ଫୋର୍ସର ସୁପାରିଶ ପରେ ସମ୍ମେଳନ ଆବାହନ କରାଯିବ ।

### 3.8.2.6 ବିବେଚିତ ଅନୁମୋଦନ

ଏକକ ଝରକା ବ୍ୟବସ୍ଥା ଅନୁସାରେ ସମୟାନୁଯାୟୀ ନିକାଶ ପ୍ରାପ୍ତିକୁ ଗୁରୁତ୍ୱ ଦେଇ ଓ.ଆର.ଏଫ.ଏ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ନିକାଶ ଦେବାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିଫଳତା ସ୍ଥଳେ ଉଦ୍ୟୋଗକାରୀଙ୍କୁ ବିବେଚିତ ଅନୁମୋଦନ ଭାବେ ନିକାଶ ପ୍ରଦାନରେ ପ୍ରାବଧାନ କରିଥିଲା ।

ଏସ.ଏଲଏନ.ଏ ରେ ପ୍ରକଳ୍ପ ପ୍ରସ୍ତାବ ନଥିପତ୍ର ସମୀକ୍ଷାରୁ ଜଣାଗଲା ଯେ ନିକାସ ପ୍ରଦାନରେ ବିଳମ୍ବର କୌଣସି ଲିଖିତ କାରଣ ଦର୍ଶାଯାଇ ନଥିଲା । ପୁନଶ୍ଚ ଦୁଇଟି ନିକାଶ ପ୍ରଦାନକାରୀ କର୍ତ୍ତୃପକ୍ଷ ଯଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ତାପଜ କାରାଖାନା ନିର୍ଦ୍ଦେଶକଙ୍କ ଯଥାକ୍ରମେ 45 ଏବଂ ପାଞ୍ଚଟି ପରିଯୋଜନା ନଥିପତ୍ର ଯାଞ୍ଚରୁ ଦେଖାଗଲା ଯେ ଧାର୍ଯ୍ୟ ସମୟ ସୀମା 120 ଦିନ ଏବଂ 30 ଦିନ ପରିବର୍ତ୍ତେ ଯଥାକ୍ରମେ ନିକାଶ ପ୍ରାପ୍ତିର ସମୟ 160 ଦିନରୁ 1,524 ଦିନ ଏବଂ 68 ଦିନରୁ 934 ଦିନ ମଧ୍ୟରେ ହୋଇଥିଲା । ଯଦିଓ ନିକାଶ ପ୍ରାପ୍ତିର ବିଳମ୍ବ ଘଟିଥିଲା ଏସ,ଏଲ,ଏନ.ଏ, ଓଆଇଏଫଏ ପ୍ରାବଧାନ ମୁତାବକ ବିବେଚିତ ନିକାଶ କୋଣସି ପ୍ରକଳ୍ପକୁ ପ୍ରଦାନ କରି ନଥିଲା ।

ସରକାର କହିଲେ ଯେ ନିର୍ଦ୍ଧିଷ୍ଟ ବିଭାଗ ଠାରୁ ନିକାଶ ନିମିତ୍ତ ନିର୍ଦ୍ଦିଷ୍ଟ ସୂଚନା, କ୍ରମୋନ୍ନତି ଦେୟ ଏବଂ ଆବଶ୍ୟକୀୟ ଜମି ଓ ଜଳର ଲବ୍ଧ ଥିବା ଜରୁରୀ, ଉଦ୍ୟୋଗକାରୀମାନଙ୍କୁ ନିର୍ଦ୍ଧିଷ୍ଟ ବିଭାଗ ପାଖର ସେ ସବୁ ପ୍ରାପ୍ତ କରିବା ପାଇଁ ଉପଦେଶ ଦିଆଯାଇଥିଲା । ତେଣୁ ପ୍ରାବଧାନ ଅନୁସାରେ ଉଦ୍ୟୋଗକାରୀଙ୍କୁ ଇପିକଲ ଦ୍ୱାରା ବିବେଚିତ ଅନୁମୋଦନ ଦେବା ସମ୍ଭବ ନ ଥିଲା ।

### 3.8.2.7 କ୍ରମୋନ୍ନତି ପାରିଶ୍ରମିକର ସଂଗ୍ରହ ଏବଂ ଉପଯୋଗ

ଓଡିଶା ଶିଳ୍ପସଂକ୍ରାନ୍ତ ସୁଗମକରଣ ନିୟମ , 2005 ଅନୁଯାୟୀ ପ୍ରତ୍ୟେକ ଦରଖାସ୍ତକାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ପରିଷ୍କରଣ ପାଇବାକୁ ଚେଷ୍ଟା କରୁଥିଲେ, ସଂଯୁକ୍ତ ଦରଖାସ୍ତ ପତ୍ର (ସିଏଏଫ) ମାଧ୍ୟମରେ ଆବେଦନ କରିବେ, ଦରକାରି ପାରିଶ୍ରମିକ ସହିତ 1000 ଟଙ୍କାରୁ 1 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରଖାସ୍ତର କ୍ରମୋନ୍ନତି ପାଇ । କ୍ରମୋନ୍ନତି ପାରିଶ୍ରମିକ ଯେହେତୁ ସରକାରଙ୍କର ରାଜସ୍ୱ, ନିର୍ଦ୍ଦିଷ୍ଟ ଭାବେ ଅନୁମତି ନ ଥିଲେ, ନିୟମ 6(1) ଓଡିଶା ରାଜକୋଷ ସଂହିତା (ଓଟିସି)ଗ୍ରନ୍ଥ ଖଣ୍ଡ -1 ଅନୁସାରେ ସରକାରୀ ଖାତାରେ ଜମା ହେବା ଉଚିତ୍ । ସମୀକ୍ଷଣ (ଅଡିଟରୁ) ନିମ୍ନଲିଖିତ କ୍ରମୋନ୍ନତି ପରିଶ୍ରମିକର ସଂଗ୍ରହ ଓ ଉପଯୋଗ ସମ୍ପର୍କିୟ ଅନିୟମିତତା ପର୍ଯ୍ୟବେକ୍ଷଣକୁ ଆସିଲା ।

- କ୍ରମୋନ୍ନତି ପାରିଶ୍ରମିକଙ୍କୁ 12 ଲକ୍ଷ ଟଙ୍କା ଯାହା ସିଏଏଫ୍ ମାଧ୍ୟମରେ 8ଟି ମନୋନୀତ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଅଇସି) । ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆରଆଇସି)ର 2007-14 ମଧ୍ୟରେ ସଂଗ୍ରହ ହୋଇଥିଲା ଉଠାଣ ଓ ବ୍ୟୟରେ କରଣ ଅଧିକାରୀ (ଡିଡିଓ) ଖାତାରେ ରଖାଯାଇଛି । ଏହା ସରକାରୀ ଟଙ୍କା ସରକାରଙ୍କର ଖାତା ବାହାରେ ଧାରଣ କରି ରଖିବା ଜନିତ ଅନିୟମିତତାକୁ ସୂଚାଉଛି ।

ଉତ୍ତରରେ ଡ଼ିଆଇ ଜଣାଇଲେ (ଅଗଷ୍ଟ 2014) ଯେ ରାଜ୍ୟ କୋଷାଗାରରେ କ୍ରମୋନ୍ନତି ପାରିଶ୍ରମିକର ଦାଖଲ କରିବା ପାଇଁ ପ୍ରସ୍ତାବ ଏମ୍ଏସ୍ଏମ୍ଇ/ଶିଳ୍ପ ବିଭାଗର ବିଚାରଧିନ ଅଛି ।

- ସେହିପରି ଭାବେ ଓଡିଶା ଶିଳ୍ପପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ (ଇପିକଲ) 2007-14 ମଧ୍ୟରେ 378 ଟି ସିଏଏଫ୍ ବାବଦକୁ କ୍ରମୋନ୍ନତି ପାରିଶ୍ରମିକ ପାଇଁ 3.20 କୋଟି ଟଙ୍କା ଗ୍ରହଣ କରିଥିଲା ଏବଂ ନିଜ ଖାତାକୁ ଆୟ ଆକାରରେ ନେଲା କୌଣସି ନିର୍ଦ୍ଦିଷ୍ଟ ସରକାରୀ ମଞ୍ଜୁରି ବିନା ଯାହା ଟିସି ଏବଂ ଆଇଏଫର ବିହିତ ବ୍ୟବସ୍ଥା ନ ମାନିବା ।

ସରକାର କହିଲେ କ୍ରମୋନ୍ନତି ପାରିଶ୍ରମିକ ପୁଞ୍ଜି କୌଣସି ନିର୍ଦ୍ଦିଷ୍ଟ ଖାତାରେ ରଖିବା ପାଇଁ କୌଣସି ପରାମର୍ଶ ଇପିକଲକୁ ଜାରି ହୋଇ ନାହିଁ, କିନ୍ତୁ ଉଦ୍ୟୋଗପତିଙ୍କଠାରୁ ସଂଗୃହିତ କ୍ରମୋନ୍ନତି ପାରିଶ୍ରମିକ ସରକାରୀ ରାଜସ୍ୱ ହୋଇଥିବାରୁ ନିୟମ 6(1) ଓଡିଶା ରାଜକୋଷ ସଂହିତା (ଓଟିସି) ଗ୍ରନ୍ଥ ଖଣ୍ଡ -1 ଅନୁସାରେ ସରକାରୀ ଖାତାରେ ଜମା ହେବା ଉଚିତ୍ ।

### 3.8.3 ଆର୍ଥିକ ପ୍ରୋତ୍ସାହନ

ଆଇପିଆର 2007ରେ ନୂଆ ଶିଳ୍ପଗୁଡିକୁ ପ୍ରୋତ୍ସାହନର ସଂପ୍ରସାରଣ, ରିହାତି ପ୍ରଶାସନୀୟ ବିଭାଗମାନଙ୍କ ଦ୍ୱାରା ସଂପୂର୍ଣ୍ଣ ନିର୍ଦ୍ଦେଶାବଳୀ ବୈଧାନିକ ଜ୍ଞାପନର ବର୍ହିଗମନ ଉପରେ ଯୋଗାଇବାର ବ୍ୟବସ୍ଥା ଅଛି । ଆୟ ବ୍ୟୟ ରେଖା ପ୍ରୋତ୍ସାହନ (ଭ୍ୟାଟ ପରିଶୋଧ, ସୁଧ ସରକାରୀ ଅର୍ଥ ସାହାର୍ଯ୍ୟ) ଗୁଡିକ ସାଧାରଣତ ଡିଆଇସି / ଆରଆଇସି ଏବଂ ଡିଆଇସି ସ୍ତରରେ କ୍ରମୋନ୍ନତି, ମଞ୍ଜୁରି ଏବଂ ବ୍ୟୟ କରାଯାଏ । ଯେପରିକି ପ୍ରୋତ୍ସାହନ ଜମି ପରିବର୍ତ୍ତନରେ ପାରିତୋଷିତ ରିହାତି, ସରକାରୀ ଷ୍ଟାମ୍ପ ଶୁଳକ, ବୈଦ୍ୟୁତିକ ଶୁଳ୍କ ଯାହା ବଜେଟ ଦ୍ୱାରା ଗତି କରେ ନାହିଁ, ଡିଆଇ ଏବଂ ଡିଆଇସିଜ/ ଆରଆଇସିଜ/ଇପିକଲ ଅବସ୍ଥା ଅନୁସାରେ ଶିଳ୍ପ ସଂସ୍ଥାକୁ ଯୋଗ୍ୟତା ଏବଂ ଯୋଗ୍ୟତା ପ୍ରମାଣପତ୍ର ସ୍ଥିର କରନ୍ତି । ଯୋଗ୍ୟତା ପ୍ରମାଣପତ୍ର ଅନୁସାରେ ଶିଳ୍ପ ସଂସ୍ଥାଗୁଡିକ ଅଧିକାରୀଙ୍କ ଠାରୁ ସୁବିଧା ଗ୍ରହଣ କରନ୍ତି । ଅଡିଟ ନିମ୍ନଲିକିତ ଅନିୟମିତତା ପର୍ଯ୍ୟବେକ୍ଷଣ କଲା ।

### 3.8.3.1 ଚାଷଜନିତ ଜମିକୁ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହାର ଜନିତ ପରିବର୍ତ୍ତନ ଉପରେ ଜମି ପାରିତୋଷିତ ଅର୍ଥ ପ୍ରଦାନ ରିହାତି

ଆଇପିଆର 2007 ବ୍ୟବସ୍ଥା ଅନୁସାରେ ନୂଆ ଶିଳ୍ପ ସଂସ୍ଥା ଏବଂ ଆଗରୁ ଥିବା ଶିଳ୍ପ ସଂସ୍ଥାଗୁଡିକ ଯିଏ ପ୍ରସାରଣ/ଆଧୁନିକୀକରଣ/ସ୍ଥାନାନ୍ତରଣ କରିବେ ସେମାନେ ଚାଷ ଜମିକୁ ଶିଳ୍ପ ପାଇଁ ବ୍ୟବହାର ଜନିତ ପରିବର୍ତ୍ତନ ଉପରେ ଡିଆଇଙ୍କ ଠାରୁ ବୃହତ୍ ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଏବଂ ଜିଏମ, ଡିଆଇସି ଅତି କ୍ଷୁଦ୍ର ଉଦ୍ୟୋଗ ପାଇଁ ପାରିତୋଷିତ ଅର୍ଥ ପ୍ରଦାନରେ 50 ରୁ 100 ପ୍ରତିଶତ ରିହାତି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କଲେ । । ଜିଓଓ (ମେ 2007)ରେ ଆଇପିଆରର ଏହି ବ୍ୟବସ୍ଥା ପାଇଁ ବିଜ୍ଞପ୍ତି ଜାରି କଲେ । ନୂଆ ଶିଳ୍ପ ସଂସ୍ଥା ଯାହା ଆଇପିଆର 2007 ରେ ବ୍ୟାଖ୍ୟା କରାଯାଇଛି ସିଏ ଯିଏ ତାର ପ୍ରଥମ ସ୍ଥାୟୀ ମୂଳଧନର ବିନିଯୋଗ ଆରମ୍ଭ କରିଥିବ, ଫଳପ୍ରଦ ତାରିଖ ଦିନ କିମ୍ବା ତା ପରେ ଏବଂ ବାଣିଜ୍ୟିକ ଉତ୍ପାଦନ ପ୍ରଥମ ସ୍ଥାୟୀ ମୂଳଧନର ବିନିଯୋଗ ଦିନଠାରୁ ଦୁଇ ବର୍ଷ ଭିତରେ ଅତିକ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଏବଂ ତିନି ବର୍ଷ ଅନ୍ୟ ଉଦ୍ୟୋଗ ପାଇଁ କରିଥିବ ।

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ ଡିଆଇ 2007 ରୁ 2014 ମଧ୍ୟରେ 27[108]ଟି ବୃହତ୍ ମଧ୍ୟମ ଶିଳ୍ପ ସଂସ୍ଥାକୁ959.880 ଏକର ଜମି ପାଇଁ ଯୋଗ୍ୟତା ପ୍ରମାଣପତ୍ର ଦେଇଛି । ସେହିପରି ଭାବେ ଆଠ ମନୋନୀତ ଡିଆଇସିଜ୍/ଆରଆଇସିସ୍ 106 ଶିଳ୍ପ ସଂସ୍ଥାକୁ 201.535 ଏକର ଜମି ପାଇଁ ଯୋଗ୍ୟତା ପ୍ରମାଣପତ୍ର ଦେଇଛନ୍ତି । ଆଇପିଆର ଅନୁସାରେ ଏହି ସଂସ୍ଥା ଗୁଡିକ ବାଣିଜ୍ୟିକ ଉତ୍ପାଦନ ଦୁଇ ବର୍ଷ ମଧ୍ୟରେ ଅତି କ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଏବଂ ତିନି ବର୍ଷ ଅନ୍ୟ ଉଦ୍ୟୋଗ କ୍ଷେତ୍ରରେ ପ୍ରଥମ ସ୍ଥିର ମୂଳଧନ ବିନିଯୋଗ ଦିନଠାରୁ ଆରମ୍ଭ ହୋଇଯିବା ଉଚିତ୍ । ପ୍ରଥମ ସ୍ଥିର ମୂଳଧନ ବିନିଯୋଗ ତାରିଖକୁ ବିଚାରକୁ ନେଲେ 108 ସଂସ୍ଥା (133 ସଂସ୍ଥା ମଧ୍ୟରୁ) ଯାହା ବିରୁଦ୍ଧରେ 830.645 ଏକର ଜମି ଉପରେ ରିହାତି ଦିଆଯାଇଛ. ପ୍ରୋତ୍ସାହନ ଯୋଗ୍ୟତା ପାଇଁ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଯିବା କଥା । ଅଥଚ ଏହି ଶିଳ୍ପ ସଂସ୍ଥା ମାନଙ୍କର ବାଣିଜ୍ୟିକ ଉତ୍ପାଦନର ସ୍ଥିତି ଅନୁସରଣ କରିବା ପାଇଁ ଯେ ସେମାନେ ପ୍ରୋତ୍ସାହନ ପାଇଁ ଯୋଗ୍ୟ ଥିଲେ ନିର୍ଦ୍ଧାରିତ କରାଯାଇନାହିଁ ।

ଉତ୍ତରରେ ଡିଆଇ କହିଲେ (ଅଗଷ୍ଟ 2014) ଯେ ସମସ୍ତ ଆରଆଇସିଜ/ ଡିଆଇସିଜ୍‌କୁ ଉପଦେଶ ଦିଆଯାଇଛି ସେହି ଶିଳ୍ପ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟ କରିବାକୁ ଯେଉଁମାନେ ତାଙ୍କର ବାଣିଜ୍ୟିକ ଉତ୍ପାଦନ ସ୍ଥିରିକୃତ ସମୟରେ ଆରମ୍ଭ କରିନାହାଁନ୍ତି ।

### 3.8.3.2 ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଅଂଶ କ୍ଷେତ୍ରରେ ସରକାରୀ ଷ୍ଟାମ୍ପ୍ ଶୁଳ୍କରେ ରିହାତି

ଆଇପିଆର-2007 ରେ ବ୍ୟବସ୍ଥା ଅଛି ଯେ ସରକାର ଏବଂ ଇଡକୋ ନୂଆ ଏବଂ ଆଗରୁ ଥିବା ଶିଳ୍ପ ସଂସ୍ଥାଗୁଡିକୁ ସଂପ୍ରସାରଣ/ଆଧୁନୀକିକରଣ ପାଇଁ ଜମି, ଚାଳିଘର ହସ୍ତାନ୍ତର ବେଳେ 25 ରୁ 100 ପ୍ରତିଶତ ରିହାତି ଦିଆଯିବାର ।

ଆଇପିଆରର ଏହି ବିହିତ ବ୍ୟବସ୍ଥାର କାର୍ଯ୍ୟକାରୀ ପାଇଁ ଜିଓଓ ମେ 2007 ରେ ବିଜ୍ଞପ୍ତି ଜାରି କଲେ । ବିଜ୍ଞପ୍ତି ଅନୁସାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ(ଜିଏମ) ଓ ପରିଚାଳକ ନିର୍ଦ୍ଦେଶକ, ଇପିକଲ କ୍ଷମତା ସମ୍ପୂର୍ଣ୍ଣ ଅଧିକାରୀ ଅଟନ୍ତି । ସରକାରୀ ଷ୍ଟାମ୍ପ୍ ଶୁଳ୍କ ରିହାତି ସୁପାରିଶ କରିବା ପାଇଁ ଲଘୁ/କ୍ଷୁଦ୍ର/ମଧ୍ୟମ/ଅଗ୍ରାଧିକାର/ଥ୍ରଷ୍ଟ ଅଂଶ ଏବଂ ବୃହତ୍ ଅଂଶ ଶିଳ୍ପ ସଂସ୍ଥା କ୍ରମ ଅନୁଯାୟୀ, 2007-14 ମଧ୍ୟରେ ଜିଏମଏସ 27ଟି ଶିଳ୍ପ ସଂସ୍ଥା ନାମରେ 72.287 ଏକର ଜମି ହସ୍ତାନ୍ତର ବେଳେ ସରକାରୀ ଷ୍ଟାମ୍ପ୍ ଶୁଳ୍କ ରିହାତି ପାଇଁ ଯୋଗ୍ୟ ବୋଲି ସୁପାରିଶ କଲେ । ଡିଆଇଙ୍କ ଦ୍ଵାରା ମେ 2009 ର ପ୍ରଚଳିତ କାର୍ଯ୍ୟବିଧି

[108] 2007-08 - 5 ଟି କେସ୍, 2008-09 - 5 ଟି କେସ୍ , 2009-10 - 4 ଟି କେସ୍, 2010-11 - 4 ଟି କେସ୍, 2011-12 - 6 ଟି କେସ୍, 2012-13 - 2 ଟି କେସ୍ ଏବଂ 2013-14 - ଗୋଟିଏ କେସ୍ ।

ଅନୁସାରେ ଯଦି ଲଘୁ/କ୍ଷୁଦ୍ର ଶିଳ୍ପ ଦୁଇ ବର୍ଷ ମଧ୍ୟରେ ଏବଂ ଅନ୍ୟ କ୍ଷେତ୍ରରେ ତିନି ବର୍ଷ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ନ କଲେ ରିହାତି ସରକାରୀ ଷ୍ଟାମ୍ପ୍ ଶୁଳ୍କ ସୁଧ ସହିତ ଫେରସ୍ତ ହେବ ।

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ ବ୍ୟତିକ୍ରମ ଶିଳ୍ପ ସଂସ୍ଥାମାନଙ୍କ ଠାରୁ ରିହାତି ଫେରସ୍ତ ପାଇଁ ପ୍ରକୃତ ବାଣିଜ୍ୟିକ ଉତ୍ପାଦନର ତାରିଖ ନିର୍ଦ୍ଧାରଣ କରାଯାଇ ନାହିଁ ।

ଉତ୍ତରରେ ଡିଆଇ କହିଲେ (ଅଗଷ୍ଟ 2014)ଯେ, ରିହାତି ଫେରସ୍ତ ପାଇଁ ଶିଳ୍ପ ସଂସ୍ଥାମାନଙ୍କର ପୁନଃବିଚାର ଏବଂ ସତର୍କକାରୀ କାର୍ଯ୍ୟକ୍ରମ ନିଆଯାଉଛି ।

### 3.8.3.3 *ବୃହତ୍ ଅଂଶ ଶିଳ୍ପ ସଂସ୍ଥା କ୍ଷେତ୍ରରେ ସରକାରୀ ଷ୍ଟାମ୍ପ୍ ଶୁଳ୍କକରେ ରିହାତି*

ବୃହତ୍ ଶିଳ୍ପ ସଂସ୍ଥାଙ୍କଠାରୁ ଦରଖାସ୍ତ ପାଇବା ପରେ ଏବଂ ଜମି ହସ୍ତାନ୍ତର ପାଇଁ ଇଜାରା ଦଲିଲ୍ ସମ୍ପାଦନ ପୂର୍ବରୁ ଇଡକୋ ଇପିକଲକୁ ସମ୍ପତ୍ତିର ହସ୍ତାନ୍ତରିକରଣ ଦଲିଲ୍ ଉପରେ ଅସଲି ପ୍ରମାଣ କରିବା ପାଇଁ ପଠାଏ । ଯଦିଓ ଇପିକଲ ସରକାରୀ ଷ୍ଟାମ୍ପ ଶୁଳ୍କ ରିହାତି ପାଇଁ ସୁପାରିଶ କରେ ଶିଳ୍ପ ସଂସ୍ଥା ଗୁଡିକର ସୂଚୀ ଯେଉଁମାନେ ସରକାରୀ ଷ୍ଟାମ୍ପ ଶୁଳ୍କକରେ ରିହାତି ପାଇଁ ସୁପାରିଶ ହେଲେ, ସେମାନଙ୍କର ପ୍ରଥମ ସ୍ଥିର ମୂଳଧନର ବିନିଯୋଗ ତାରିଖ ଏବଂ ବାଣିଜ୍ୟିକ ଉତ୍ପାଦନର ତାରିଖ ଇପିକଲ୍ ନଥିରେ ନାହିଁ । ଏହାର ଅନୁପସ୍ଥିତିରେ ଅଡିଟ୍ ଇପିକଲ୍ ଦ୍ୱାରା ସୁପାରିଶ ହୋଇଥିବା ତିନୋଟି ସରକାରୀ ଷ୍ଟାମ୍ପ ଶୁଳ୍କକରେ ରିହାତି କେସ୍‌ର ପରୀକ୍ଷା କଲା ଏବଂ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କଲା ।

- ଇପିକଲ୍ (ମାର୍ଚ୍ଚ 2009 ରୁ ଏପ୍ରିଲ୍ 2011) ମଧ୍ୟରେ ଦୁଇଟି ବୃହତ୍ ଅଂଶ ଶିଳ୍ପ ସଂସ୍ଥାକୁ 1191.27 ଏକରର ଜମି ଯାହାର ମୂଲ୍ୟ 61.86 କୋଟି, ସରକାରୀ ଷ୍ଟାମ୍ପ୍ ଶୁଳ୍କରେ ରିହାତି ପାଇଁ ସୁପାରିଶ କଲା । ଅଥଚ, ଶିଳ୍ପ ସଂସ୍ଥାଗୁଡିକ ସ୍ଥିରୀକୃତ ପ୍ରଥମ ସ୍ଥିର ମୂଳଧନର ବିନିଯୋଗର ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରି ପାରିଲେ ନାହିଁ । ତେଣୁ ଶିଳ୍ପ ସଂସ୍ଥାଗୁଡିକ ବିଭାଗର ତ୍ରୁଟି ପାଇଁ ସରକାରୀ ଷ୍ଟାମ୍ପ ଶୁଳ୍କରେ ରିହାତି ଯାହାକି ଜମି ହସ୍ତାନ୍ତର ମୂଲ୍ୟର ପାଞ୍ଚ ପ୍ରତିଶତରୁ 25 ପ୍ରତିଶତ ଯାହାର ମୂଲ୍ୟ 77 ଲକ୍ଷ ଟଙ୍କା ପାଇଁ ଯୋଗ୍ୟ ନଥିଲେ ।
- ଇପିକଲ (ସେପ୍ଟେମ୍ବର 2011) ରେ ଗୋଟିଏ ବୃହତ୍ ଶିଳ୍ପ ସଂସ୍ଥାକୁ 125.34 ଏକର ଜମି ଯାହାର ମୂଲ୍ୟ 5.37 କୋଟି ଟଙ୍କା ସରକାରୀ ଷ୍ଟାମ୍ପ୍ ଶୁଳ୍କରେ ରିହାତି ପାଇଁ ସୁପାରିଶ କରିଥିଲେ । କିନ୍ତୁ ସଂସ୍ଥାଟି ଆଇପିଆର 2007 ଅନୁସାରେ ସରକାରୀ ଷ୍ଟାମ୍ପ୍ ଶୁଳ୍କରେ ରିହାତି ପାଇଁ ଅଯୋଗ୍ୟ ଅଟେ ଯାହାର ମୂଲ୍ୟ ସାତ ଲକ୍ଷ ଯେହେତୁ ବାଣିଜ୍ୟିକ ଉତ୍ପାଦନ ସେପ୍ଟେମ୍ବର 2006ରେ ଆରମ୍ଭ ହୋଇଥିଲା ଯାହା (2 ମାର୍ଚ୍ଚ 2007) କାର୍ଯ୍ୟକାରୀ ତାରିଖ ପୂର୍ବରୁ ଥିଲା ।

ସରକାର ଉତ୍ତରରେ କହିଲେ ପ୍ରକଳ୍ପ ଗୁଡିକ ଯେଉଁମାନେ ପ୍ରଥମ ସ୍ଥିର ମୂଳଧନ ନିବେଶ ତାରିଖର ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ କରିବାରେ ବିଫଳ ହୋଇଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

### 3.8.3.4 *ମୂଲ୍ୟଯୁକ୍ତ କର ପରିଶୋଧ*

ଆଇପିଆର 2007 (ବାକ୍ୟାଂଶ 18.4) ରେ ବ୍ୟବସ୍ଥା ଅଛି ଯୋଗ୍ୟ ସଂସ୍ଥାଗୁଡିକ ବାଣିଜ୍ୟିକ ଉତ୍ପାଦନ ତାରିଖର ପାଞ୍ଚରୁ 10 ବର୍ଷ ମଧ୍ୟରେ ଯାହାକି ପ୍ରଥମ ସ୍ଥିର ମୂଳଧନ ବିନିଯୋଗର 100 ରୁ 200 ପ୍ରତିଶତ ମଧ୍ୟରେ ସୀମିତ ରହିବ ଭାଟ୍ ପ୍ରଦାନର 50 ରୁ 75 ପ୍ରତିଶତ ଫେରସ୍ତ ପାଇବେ । । ଓଡିଶା ସରକାର (ମାର୍ଚ୍ଚ 2010/ ମେ 2010) ଭାଟ୍ ଫେରସ୍ତ ସମ୍ବନ୍ଧୀୟ ସଂପୂର୍ଣ୍ଣ କାର୍ଯ୍ୟପ୍ରଣାଳୀ ପରାମର୍ଶ ଜାରି କଲେ ।

ନଥି ଗୁଡିକର ସମୀକ୍ଷାରୁ ଦୃଷ୍ଟିଗୋଚର ହେଲା ଯେ 2010-13 ବର୍ଷ ପାଇଁ ଜିଏମ୍, ଆର.ଆଇ.ସି ରାଉରକେଲା (ଫେବୃଆରୀ 2012 ରୁ ଜୁଲାଇ 2013) ମଧ୍ୟରେ 38.55 ଲକ୍ଷ ଟଙ୍କା ମେସର୍ସ ଜୟ ମାତା ଦି

ପ୍ଲାଷ୍ଟିକ୍ସ ପ୍ରାଇଭେଟ୍ ଲିଃ, ରାଉରକେଲା(ଜେଏମଡିପିପିଏଲ) ସପକ୍ଷରେ ଭାଟ୍ ଫେରସ୍ତ ପାଇଁ ମଞ୍ଜୁର କଲେ । ସେହି ଅନୁସାରେ 35.50 ଲକ୍ଷ ଟଙ୍କା (ଏପ୍ରିଲ୍ 2012 ରୁ ଜୁଲାଇ 2013 ମଧ୍ୟରେ) ଫେରସ୍ତ ହେଲା ।

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ ଶିଳ୍ପ ସଂସ୍ଥାଟି 10 ଡିସେମ୍ବର 2007 ରେ ତାର ପ୍ରଥମ ସ୍ଥିର ମୂଳଧନର ବିନିଯୋଗ କରିଛି । ଅଥଚ ସଂସ୍ଥାଟି 20 ଡିସେମ୍ବର 2010 ରେ ତାର ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କଲା । ଯେହେତୁ ଏହା ଏକ କ୍ଷୁଦ୍ର ଅଂଶ ସଂସ୍ଥା ଅଟେ ଏବଂ ଏହା ପ୍ରଥମ ସ୍ଥିର ମୂଳଧନ ବିନିଯୋଗ ତାରିଖର ଦୁଇ ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନାହିଁ ଏହା ଆଇପିଆର 2007 ଅନୁସାରେ ଏକ ନୂଆ ସଂସ୍ଥା ଭାଟ୍ ଫେରସ୍ତ ପାଇଁ ଯୋଗ୍ୟ ବିବେଚନା କରାଯାଇ ପାରିବ ନାହିଁ । ଯୋଗ୍ୟତାର ସଠିକ୍ ଭାବେ ସ୍ଥିରିକୃତ ହୋଇ ନଥିବାରୁ ଅତିରିକ୍ତ ମଞ୍ଜୁରୀ ବାଧତା 3.05 ଲକ୍ଷ ସହିତ 35.50 ଲକ୍ଷ ଭାଟ୍ ଫେରସ୍ତ କରିବାକୁ ପଡିଲା ।

ଉତ୍ତରରେ ଡିଆଇ କହିଲେ (ଅଗଷ୍ଟ 2014) ଯେ, 14.00 ଲକ୍ଷ ଟଙ୍କା ପୁନଃପ୍ରାପ୍ତି ହୋଇଛି ଏବଂ ବଳକା ପରିମାଣର ପୁନଃପ୍ରାପ୍ତି ପାଇଁ ପ୍ରକ୍ରିୟା ଚାଲିଛି ।

### *3.8.3.5 ସ୍ୱତନ୍ତ୍ର ଶିଳ୍ପ ସଂକ୍ରାନ୍ତ ଉନ୍ନୟନ ସାହାଯ୍ୟ (ଏସ୍ଆଇପିଏ)ରେ ଅହେତୁକ ଅନୁକମ୍ପା ସଂପ୍ରସାରଣ*

ଆଇପିଆର 2001 ଖଣ୍ଡ-4.2 (କ) ରେ ସ୍ୱତନ୍ତ୍ର ଅନୁକମ୍ପାର ବ୍ୟବସ୍ଥା ଅଛି ଯେ ନୂଆ ଅତି ବୃହତ୍ ଶିଳ୍ପ ପ୍ରକଳ୍ପ ଗୁଡିକୁ ସ୍ୱତନ୍ତ୍ର ପ୍ରୋତ୍ସାହନର ପ୍ୟାକେଜ୍ (ଏସଆଇପିଏ) ପୂର୍ବ ବର୍ଷର ତିଆରି ଜିନିଷର ବିକ୍ରି ଉପରେ ଭାଟ୍ ଦେୟ ଉପରେ 50 ପ୍ରତିଶତ ବିକ୍ରି କର ଦିଆଯିବ ।

ଡିଆଇ (30 ମାର୍ଚ୍ଚ 2006) ପାରାଦ୍ୱୀପର ଏକ ସଂସ୍ଥା ଏସଆଇପିଏ ପାଇଁ ଯୋଗ୍ୟ ବୋଲି ସୁପାରିଶ କଲେ ଏବଂ ଫେବୃଆରୀ 2008 ଏବଂ ଫେବୃଆରୀ 2013 ମଧ୍ୟରେ 2004-10 ବର୍ଷ ପାଇଁ 10.21 କୋଟି ଟଙ୍କା ଭାଟ୍ ଫେରସ୍ତ ପାଇଁ ମଞ୍ଜୁରୀ କଲେ । ଯାହା ମଧ୍ୟରୁ 9.70 କୋଟି ଟଙ୍କା ବଣ୍ଟା ହେଲା । ଅଡିଟ୍ ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କଲା ।

- ପଥ ପ୍ରଦର୍ଶକ ଅନୁଯାୟୀ ଭାଟ୍ର ଫେରସ୍ତ ସଂସ୍ଥାର ତିଆରି ଜନିଷର ବିକ୍ରି ଉପରେ ଦିଆଯିବା କଥା । ଯଦିଓ ପାରାଦ୍ୱୀପର ସଂସ୍ଥା ଉଭୟ ତିଆରି ଏବଂ ବାଣିଜ୍ୟ କାର୍ଯ୍ୟରେ ସଂପୃକ୍ତ । ଭାଟ୍ ଫେରସ୍ତ ତିଆରି ବସ୍ତୁର ବିକ୍ରି ମୂଲ୍ୟ ଉପରେ ନ ହୋଇ ବିକ୍ରି ମୂଲ୍ୟ ଯାହା ବାଣିଜ୍ୟ ବସ୍ତୁର ମୂଲ୍ୟ ଉପରେ ହୋଇଛି ।

- ଓଡିଶା ଭାଟ୍ ଆକ୍ଟ 2004 ଅନୁସାରେ ଯେହେତୁ ସଂସ୍ଥାଟି ପଞ୍ଜିକୃତ ବେପାରୀ ଉତ୍ପାଦନ କର ଦେୟ ବିରୁଦ୍ଧରେ ଅନ୍ତରଣ କର କ୍ରେଡିଟ୍ ପାଇଁ ଯୋଗ୍ୟ । ତେଣୁ ଭାଟ୍ର ଫେରସ୍ତ ନେଟ୍ କର ବାଧ୍ୟତାର 50 ପ୍ରତିଶତ ମଧ୍ୟରେ ସ୍ଥିର ହେବା ଉଚିତ୍ । ଡିଆଇ କିନ୍ତୁ 2008-11 ବର୍ଷ ପାଇଁ 1.35 କୋଟି ଟଙ୍କା ଅନ୍ତରଣ କର କ୍ରେଡିଟ୍କୁ ବିଚାରକୁ ନ ନେଇ 4.72 କୋଟି ଟଙ୍କା ମଞ୍ଜୁରୀ କଲେ 2008-11 ବର୍ଷ ପାଇଁ ସଂପୂର୍ଣ୍ଣ ଉତ୍ପାଦନ କରର 50 ପ୍ରତିଶତ ଫେରସ୍ତ, ତେଣୁ 0.67 କୋଟି ଟଙ୍କା (ଯାହା ଅନ୍ତରଣ କର କ୍ରେଡିଟ୍ 1.35 କୋଟି ଟଙ୍କାର 50 ପ୍ରତିଶତ) ଅଧିକ ଫେରସ୍ତକୁ ସୂଚାଉଛି ।

ଉତ୍ତରରେ ଡିଆଇ କହିଲେ (ଅଗଷ୍ଟ 2014) ଉପକାର ପ୍ରାପ୍ତ ସଂସ୍ଥାଗୁଡିକୁ ଉପଦେଶ ଦିଆଯାଇଛି । ଶିଳ୍ପ ସଂସ୍ଥାଗୁଡିକ ଭାଟ୍ ଦେୟର ଯାହା ତିଆରି ଜିନିଷର ବିକ୍ରି ମୂଲ୍ୟ କେବଳ ତିଆରି ଉପରେ ପର୍ଯ୍ୟବେଶିତ ଅତୀତ ସମୟ ଦାବି ଉପରେ ଭାଟ୍ ଅଡିଟ୍ ପାଇଁ କୁହାଯାଇଛି । ସେମାନେ ପୁଣି କହିଲେ ଯେ ପ୍ରୋତ୍ସାହନର ସଂପ୍ରସାରଣ ଘଟଣାର ସମାଧାନ ନ ହେବା ଯାଏ ବନ୍ଦ କରାଯାଇଛି ।

### 3.8.3.6 ନିଜସ୍ୱ ଶକ୍ତି ପ୍ଲାଣ୍ଟଗୁଡିକୁ ବୈଦ୍ୟୁତିକ ଶୁଳ୍କରେ ରିହାତି

ଆଇପିଆର 2007 ପାରା 20.2 ରେ ବ୍ୟବସ୍ଥା ଅଛି ଯେ ନୂଆ ଶିଳ୍ପ ସଂସ୍ଥା, ଯେଉଁମାନେ ନିଜସ୍ୱ ଶକ୍ତି ପ୍ଲାଣ୍ଟ (ସିପିପି) ସ୍ଥାପନ କରୁଛନ୍ତି ନିଜର ବ୍ୟବହାର ଉପରେ ପ୍ଲାଣ୍ଟର ସ୍ଥାପନ ତାରିଖରୁ 5 ବର୍ଷ ପାଇଁ ବୈଦ୍ୟୁତିକ ଶୁଳ୍କ(ଇଡି) ଉପରେ ରିହାତି ପାଇବେ । ଏଥିପାଇଁ ଓଡିଶା ସରକାର, ଶକ୍ତି ବିଭାଗ 8 ଅଗଷ୍ଟ 2008 ରେ ସଂପୂର୍ଣ୍ଣ କାର୍ଯ୍ୟ ପ୍ରଣାଳୀ ପରାମର୍ଶ ଜାରି କଲେ ।

2007-14 ମଧ୍ୟରେ ଆଇପିଆର 2007 ଅନୁଯାୟୀ ସିପିପି ଉପରେ ଇଡି ରିହାତି ପାଇଁ ତିନୋଟି ଦରଖାସ୍ତ ଗ୍ରହଣ କରିଥିଲେ ଏବଂ ଏହି ସମସ୍ତ ତିନୋଟି ଦରଖାସ୍ତ ଡିଆଇ ଓଡିଶା ସ୍ତରରେ ଅଗ୍ରଗତିରେ ଅଛି । ଏହି ସମୟ ମଧ୍ୟରେ ଡିଆଇ ନଥି, ନଅ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି)ର ପ୍ରସ୍ତାବ ଉପରେ ଆଇପିଆର 2001 ଅନୁସାରେ 24 ଶିଳ୍ପ ସଂସ୍ଥା ପାଇଁ ଇଡି ସୁପାରିଶ କରିଥିଲେ । 24ଟି ଘଟଣା ମଧ୍ୟରୁ 10 ଟିର ନମୁନା ଯାଞ୍ଚ କରିବାରୁ ଅଡିଟ୍ ନିମ୍ନଲିଖିତ ଇଡିରେ ରିହାତି ଯୋଗ୍ୟତା ସ୍ଥିରୀକୃତରେ ଅନିୟମିତତା ପର୍ଯ୍ୟାଲୋଚନା କଲା ।

- 2009-13 ମଧ୍ୟରେ ଚାରିଟି ସ୍ତରରେ ଗୋଟିଏ ଆଲୁମିନିୟମ ପ୍ଲାଣ୍ଟ୍‌ର[109] ନଅଟି ସିପିପି ୟୁନିଟ୍ ପ୍ରତ୍ୟେକ 135 ମେଗାୱାଟ୍ ପାଇଁ ଡିଆଇ ପ୍ରତ୍ୟେକ ଏକକର ସ୍ଥାପନ ତାରିଖଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନିଜସ୍ୱ ବ୍ୟବହାର ପାଇଁ ଇଡିରେ ରିହାତି ପାଇଁ ସୁପାରିଶ କରିଥିଲେ । ପ୍ରତ୍ୟେକ ଏକକର ପ୍ରଥମ ସ୍ଥିର ମୂଳଧନ ବିନିଯୋଗ ତାରିଖ ଠାରୁ ଇଡିରେ ରିହାତି ପାଇଁ ସମସ୍ତ ନଅଟି ଏକକ ଆଇପିଆର 2001 ରେ ଯୋଗ୍ୟତା ସ୍ଥିରୀକୃତ ହେଲା ।

  ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ 15 ଫେବୃଆରୀ 2007 ରେ ଇଡକୋ ଜମି ପାଇଁ ବିନିଯୋଗ ସହିତ ଆନୁମିନିୟମ ପ୍ଲାଣ୍ଟର ଆଇପିଆର 2001 ର ଅବଧି ଭିତରେ ସିପିପି ଅନ୍ତର୍ଭୁକ୍ତ ସହିତ ବର୍ଦ୍ଧିତ ସାମର୍ଥ୍ୟ 675 ମେଗାୱାଟ୍‌ରୁ 1,350 ମେଗାୱାଟ୍‌କୁ ସଂପ୍ରସାରଣ ପ୍ରସ୍ତାବ ଏସଏଲଏନଏ(ଇପିକଲ) କୁ 27 ନଭେମ୍ବର 2008 ରେ ଦିଆଯାଇଥିଲା । ଅଧିକନ୍ତୁ ଶିଳ୍ପ ସଂସ୍ଥାଟି ଓଡିଶା ସରକାରଙ୍କ ସହିତ 675 ମେଗାୱାଟ ସିପିପି ପ୍ରତିଷ୍ଠା ପାଇଁ ଏପ୍ରିଲ୍ 2007 ରେ ବୁଝାମଣା ସ୍ମାରକପତ୍ର(ଏମଓୟୁ) ଦସ୍ତଖତ କରିଥିଲେ । ତେଣୁ, ସଂସ୍ଥାଟିର ବର୍ଦ୍ଧିତ ସାମର୍ଥ୍ୟ ସିପିପି ସ୍ଥାପନର ଯୋଜନା ଆଇପିଆର 2001 ଫଳପ୍ରଦ ତାରିଖ ମଧ୍ୟରେ ନଥିଲା । ଏହି କାରଣରୁ ବର୍ଦ୍ଧିତ ସାମର୍ଥ୍ୟ ଆଇପିଆର 2001 ଏବଂ ଆଇପିଆର 2007 ଅନୁଯାୟୀ ଅଯୋଗ୍ୟ ଥିଲା ଯାହା 15720.03 ମିଲିୟନ ଏକକ ଉପରେ ଭୁଲ୍ ଇଡି ରିହାତି 314.40 କୋଟି ଟଙ୍କାକୁ ସୂଚାଉଛି ।

ଡିଆଇ ଉତ୍ତରରେ କହିଲେ (ଅଗଷ୍ଟ 2014) ଯେ ସଂସ୍ଥାଟି ଇଡକୋ ଜମି ପାଇଁ 15 ଫେବୃଆରୀ 2007ରେ ବିନିଯୋଗ କରିଛି ଯାହା ଆଇପିଆର 2001 ମଧ୍ୟରେ ଅଛି । ଏହି କାରଣରୁ ଇଡି ରିହାତିର ସୁପାରିଶ ଆଇପିଆରର ବିହିତ ବ୍ୟବସ୍ଥା ମଧ୍ୟରେ ଅଛି । କିନ୍ତୁ ଯେହେତୁ ସଂସ୍ଥାଟିର ସଂପ୍ରସାରଣ ସିପିପି ସାମର୍ଥ୍ୟ 1350 ମେଗାୱାଟ୍‌କୁ ପ୍ରସ୍ତାବ ଆଇପିଆର 2001 ରେ ନ ଥିଲା କାରଣ ଏମଓୟୁ ଓଡିଶା ସରକାରଙ୍କ ସହିତ ଏପ୍ରିଲ୍ 2007ରେ ଦସ୍ତଖତ ହୋଇଥିଲା ଏବଂ ପ୍ରକଳ୍ପ ପାଇଁ ସିଏଏଫ୍ ଏସଏଲଏନଏ (ଇପିକଲ) କୁ 27 ନଭେମ୍ବର 2008 ଦିଆଯାଇଥିଲା ଯାହା ଆଇପିଆର 2007 ର ଫଳପ୍ରଦ ତାରିଖ ବାହାରେ ।

- ଡିଆଇ ଗୋଟିଏ ଷ୍ଟିଲ୍ ପ୍ଲାଣ୍ଟ୍[110], ସମ୍ବଲପୁର ଛଅଟି ସିପିପି ୟୁନିଟ୍ ସମୁଦାୟ 376 ମେଗାୱାଟ୍ ପ୍ଲାଣ୍ଟ ସାମର୍ଥ୍ୟ ପାଇଁ 14 ଜୁନ୍ 2006 ରୁ 25 ଅକ୍ଟୋବର 2011 ମଧ୍ୟରେ ଚାରିଟି ସ୍ତରରେ ପାଞ୍ଚ ବର୍ଷ ପାଇଁ ପ୍ରତ୍ୟେକ ଏକକର ଆରମ୍ଭ ତାରିଖ ଠାରୁ ନିଜସ୍ୱ ବ୍ୟବହାର ପାଇଁ ଇଡି ରିହାତିରେ ସୁପାରିଶ କରିଥିଲେ ।

[109] ବେଦାନ୍ତ ଆଲୁମିନିୟମ ଲିମିଟେଡ ।

[110] ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍(ବିପିଏସଏଲ) ।

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ, ଯଦିଓ ବିପିଏସଏଲ ଓଡିଶା ସରକାରଙ୍କ ସହିତ (ମେ 2002) ଏମଓୟୁ ଅନୁଯାୟୀ ପ୍ରତ୍ୟେକ ଦୁଇଟି ସ୍ତରରେ 135 ମେଗାୱାଟ୍ ଲେଖାଏଁ 270 ମେଗାୱାଟ୍‌ର ସିପିପି ସ୍ଥାପନ କରିବାକୁ ଥିଲା । ଏହା 246 ମେଗାୱାଟର ସିପିପି ସ୍ଥାପନ କଲା(40 ମେଗାୱାଟ୍‌ର ପାଞ୍ଚଟି + 60 ମେଗାୱାଟ୍ + 2x8 ମେଗାୱାଟ୍ + 130 ମେଗାୱାଟ୍) ସେପ୍ଟେମ୍ବର 2009 ପର୍ଯ୍ୟନ୍ତ । ଅଥଚ ଏସଏଲଏସଡବ୍ଲୁସିଏ/ ଏଚଏଲସିଏ ଠାରୁ କୌଣସି ଅନୁମତି ବର୍ଦ୍ଧିତ ସାମର୍ଥ୍ୟ 130 ମେଗାୱାଟ୍ (376 ମେଗାୱାଟ୍ - 246 ମେଗାୱାଟ୍) ର ନିଆଯାଇ ନଥିଲା । ଅଧିକନ୍ତୁ ସଂପ୍ରସାରିତ ସିପିପି ସାମର୍ଥ୍ୟ ପାଇଁ ବିପିଏସଏଲ 29 ମାର୍ଚ୍ଚରେ 2007ରେ ପରିବେଶ ମଞ୍ଜୁରି ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ (ଏମଓଇଏଫ) ଠାରୁ ପାଇଥିଲା, ଯାହା ଏହି ଶିଳ୍ପ ପାଇଁ ପୂର୍ବ ସର୍ତ୍ତ ଥିଲା । ତେଣୁ ଡିଆଇ ଦ୍ୱାରା ସୁପାରିଶ ହୋଇଥିବା ଅତିରିକ୍ତ 130 ମେଗାୱାଟ୍ ଏକକର ଇଡି ରିହାତି ଯାହାପାଇଁ ଏମଓଇଏଫ୍ ଠାରୁ ଏନଓସି ଆଇପିଆର 2001 ର ଫଳପ୍ରଦ ତାରିଖ ବାହାରେ ମିଳିଥିଲା ତାହା ନିୟମ ଅନୁଯାୟୀ ନଥିଲା ।

ଏହି କାରଣରୁ, ବର୍ଦ୍ଧିତ ସାମର୍ଥ୍ୟ ଆଇପିଆର 2001 କିମ୍ବା ଆଇପିଆର 2007 ଅନୁସାରେ ପ୍ରୋତ୍ସାହନ ପାଇଁ ଅଯୋଗ୍ୟ ଥିଲେ ଯାହା 1927.74 ଏମୟୁ ବିଦ୍ୟୁତ୍ ବ୍ୟବହାର ଉପରେ 38.56 କୋଟି ଟଙ୍କାର ଭୁଲ୍ ଇଡି ରିହାତିକୁ ସୁଚାଉଛି ।

ଡିଆଇ ଉତ୍ତରରେ କହିଲେ(ଅଗଷ୍ଟ 2014) ଯେ ସମ୍ପୂର୍ଣ୍ଣ ପ୍ରକଳ୍ପ ପାଇଁ ପ୍ରଥମ ସ୍ଥିର ମୂଳଧନ ବିନିଯୋଗ 9 ଏପ୍ରିଲ୍ 2003 ରେ ଆରମ୍ଭ ହୋଇଥିଲା ଯାହା ଆଇପିଆର 2001 ମଧ୍ୟରେ ଅଛି ଏବଂ ସଂସ୍ଥାଟିକୁ ସ୍ତର ସ୍ତର ଦେଇ ସ୍ଥାପନ କରିବାକୁ କୌଣସି ନିଷେଧ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଜିଓଓ ସହିତ 270 ମେଗାୱାଟ୍ ପାଇଁ ଏମଓୟୁ ଦସ୍ତଖତ ହୋଇଥିଲା ଅଧିକନ୍ତୁ ଓଡିଶା ସରକାର ସାମର୍ଥ୍ୟ ପାଇଁ, ଏସଏଲଏନଏ କୁ କୌଣସି ପ୍ରସ୍ତାବ ଦିଆଯାଇ ନଥିଲା ଏବଂ ଏମଓଇଏଫ୍‌ଙ୍କ ଠାରୁ ଆଇପିଆର 2007 ର ଫଳପ୍ରଦ ତାରିଖ ମଧ୍ୟରେ ଦରକାରୀ ମଞ୍ଜୁରି ନିଆଯାଇ ନଥିଲା । ତେଣୁ ସଂସ୍ଥାଟି ଆଇପିଆର 2001 ପାଇଁ ଅଯୋଗ୍ୟ ଥିଲା ।

- ଡିଆଇ ଆଇପିଆର 2001 ଅଧିନରେ ଦୁଇଟି ସ୍ତରରେ ଗୋଟିଏ ପାୱାର ପ୍ଲାଣ୍ଟ୍[111], ଝାରସୁଗୁଡାକୁ ପାଞ୍ଚ ବର୍ଷ ପାଇଁ ସିପିପିର ଦୁଇଟି ୟୁନିଟ୍ (12 ମେଗାୱାଟ୍ + 25 ମେଗାୱାଟ୍) ପାଇଁ ଇଡି ଦେୟରେ ରିହାତି ପାଇଁ ସୁପାରିଶ କରିଥିଲେ ।

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ 25 ମେଗାୱାଟ୍ ସିପିପି ପାଇଁ ଯୋଗ୍ୟତା ସ୍ଥିର କରାହେଲା ପ୍ରଥମ ସ୍ଥିର ମୂଳଧନର ବିନିଯୋଗ ତାରିଖ 27 ଫେବୃଆରୀ 2007 କୁ ବିଚାରକୁ ନେଇ ଯାହା ପ୍ଲାଣ୍ଟ ଏବଂ ମେସିନାରୀ ପାଇଁ ଯୋଗାଣ ଅଧିକାରୀକୁ ଅଗ୍ରୀମ ଦେୟ ତାରିଖ ଥିଲା । ଅଧିକନ୍ତୁ, ସିପିପି ଏକକ ଏକ ଅତିରିକ୍ତ/ ପ୍ରସାରିତ ସାମର୍ଥ୍ୟ ଶିଳ୍ପ ଉଦ୍ୟୋଗୀ ସ୍ମାରକ ପତ୍ର ଆଇଇଏମ ଅନୁସାରେ (20 ଅକ୍ଟୋବର 2007) ଥିଲା ଏବଂ ସ୍ଥାପନ ପାଇଁ ସହମତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରକ ପରିଷଦ (ଏସପିସିବି) ଓଡିଶା 03 ଡିସେମ୍ବର 2008 ରେ ନିଆଯାଇଥିଲା, ଏହି କାରଣରୁ ଏହି ସିପିପି ପାଇଁ (25 ମେଗାୱାଟ୍) ଇଡି ରିହାତି ଯୋଗ୍ୟତା ସ୍ଥିର ମୂଳଧନର ବିନିଯୋଗ ଆରମ୍ଭ ଆଇପିଆର 2001 ର ଫଳପ୍ରଦ ତାରିଖ ମଧ୍ୟରେ ହୋଇଛି ବୋଲି କହିହେବ ନାହିଁ । ତେଣୁ, ଏଆଇପିପିଏଲ ସପକ୍ଷରେ ଇଡିରେ ରିହାତି ଏକ ଅନିୟମିତ ସୁପାରିଶ ଅଟେ ଯାହା 12.06 କୋଟି ଅହେତୁକ ଅନୁକମ୍ପାକୁ ସୁଚାଉଛି ।

[111] ଆକସନ ଇସ୍ପାତ୍ ଏବଂ ପାୱାର (ପି) ଲିମିଟେଡ୍(ଏଆଇପିପିଏଲ) ।

ଡିଆଇ ଉତ୍ତରରେ କହିଲେ (ଅଗଷ୍ଟ 2014) ଯେ ପ୍ରଥମ ସ୍ଥିର ମୂଳଧନର ବିନିଯୋଗ ଜମି ଆକାରରେ ଅଗଷ୍ଟ 2004 ରେ ହୋଇଛି । ତେଣୁ, ସଂସ୍ଥାଟି ଆଇପିଆର 2001 ଅଧିନରେ ରିହାତି ପାଇବା ପାଇଁ ଯୋଗ୍ୟ । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ସଂସ୍ଥାଟି ବର୍ଦ୍ଧିତ ସାମର୍ଥ୍ୟ ପାଇଁ ଆଇଇଏମ ଅକ୍ଟୋବର 2007 ରେ ପାଇଥିଲା ଏବଂ ସ୍ଥାପନ ପାଇଁ ସହମତି, ଏସପିସିବି ଠାରୁ ଡିସେମ୍ବର 2008 ରେ ପାଇଥିଲେ । ତେଣୁ ସଂସ୍ଥାଟି ଆଇପିଆର 2001 ଅଧିନରେ ଇଡି ରିହାତି ପାଇଁ ଅଯୋଗ୍ୟ ଅଟେ ।

### 3.8.4 *ପର୍ଯ୍ୟାଲୋଚନା ଏବଂ ଅଭ୍ୟନ୍ତରୀଣ ନିୟନ୍ତ୍ରଣ*

ଅଡିଟ୍ ପର୍ଯ୍ୟବେକ୍ଷଣରେ ପର୍ଯ୍ୟାଲୋଚନା ଓ ଆଭ୍ୟନ୍ତରୀଣ ନିୟନ୍ତ୍ରରେ ନିମ୍ନୋକ୍ତ ଅଭାବ ଗୁଡିକ ପରିଲକ୍ଷିତ ହେଲା ।

#### 3.8.4.1 *ପର୍ଯ୍ୟାଲୋଚନା*

ଓଡିଶା ଶିଳ୍ପ ସଂକ୍ରାନ୍ତ ସୁଗମକରଣ ଧାରା, 2004 ରେ ବ୍ୟବସ୍ଥା ଅଛି ଯେ ଇପିକଲ ମୁଖ୍ୟ ବିଭାଗ ଏବଂ ଅଧିକାରୀମାନଙ୍କ ପ୍ରତିନିଧିମାନଙ୍କୁ ନେଇ ଏକ କାର୍ଯ୍ୟ କ୍ଷମତା (ଟିଏଫ୍) ପ୍ରତିଷ୍ଠା କରିବ ଯିଏକି ପ୍ରକଳ୍ପ ଗୁଡିକର ସଂପାଦିତ ସ୍ଥିତି ନିୟମିତ ବ୍ୟବଧାନରେ ସମୀକ୍ଷା କରିବେ ଏବଂ ଅସୁବିଧା ଗୁଡିକୁ ଦୂର କରିବେ । ଧାରାରେ ଡିଏଲଏନଏ ଦ୍ୱାରା ଟିଏଫ୍ ଗଠନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ଅଛି ।

ଏହି ଧାରା ଅନୁସାରେ ଇପିକଲ ଅଗଷ୍ଟ 2005 ରେ ସିଏମଡି, ଇଡକୋଙ୍କ ଅଧକ୍ଷତାରେ ଏକ ଟିଏଫ୍ ଗଠନ କଲା । ଅଥଚ ଟିଏଫ୍ ଦ୍ୱାରା ସଭାଗୁଡିକର ସବିଶେଷ ନଥିରେ ନଥିଲା । ଅଧିକନ୍ତୁ ଓଡିଶା ସରକାର ନଭେମ୍ବର 2009 ରେ ଇଡକୋ ଠାରେ ଆଇଡି ବିଭାଗ ସରକାର ସଚିବଙ୍କ ଅଧକ୍ଷତା ଏବଂ ଅନ୍ୟ ନଅ ସଦସ୍ୟଙ୍କୁ ନେଇ ଏକ ଟିଏଫ୍ ଗଠନ କଲେ ଏବଂ ସିଏମଜି, ଇଡକୋ ସମିତି ଆବାହକ ହେଲେ । ଅଡିଟ୍ ନିମ୍ନୋକ୍ତ ପର୍ଯ୍ୟବେକ୍ଷଣ କଲେ ।

- ସେପ୍ଟେମ୍ବର 2009 ରୁ ଅଗଷ୍ଟ 2010 ମଧ୍ୟରେ 14ଟି ସଭା ଡକାହେଲା । ଅଥଚ କୌଣସି ସଭା ପରିଚାଳନା ହେଲା ନାହିଁ । ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା ପାଇଁ ଟିଏଫର ସଭାଗୁଡିକ ସେପ୍ଟେମ୍ବର 2010 ପରଠାରୁ ନ ହେବା ଦ୍ୱାରା ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷାରେ ବିଳମ୍ବ ଘଟିଲା ଯେହେତୁ 134 ଟି ପ୍ରକଳ୍ପ ଏସଏଲଏସଡବ୍ଲୁସିଏ/ ଏଚଏଲସିଏ ଦ୍ୱାରା ଅନୁମୋଦିତ ହୋଇଥିଲା, ମାର୍ଚ୍ଚ 2014 ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାରେ ବିଚାରାଧିନ ଥିଲା ।

ଜିଲ୍ଲାସ୍ତରୀୟ ଟି.ଏଫ୍ ଯାହା ଓଆଏଫ୍ଏ ଅନୁସାରେ ଗଠିତ ହେଲା ନାହିଁ ।

#### 3.8.4.2 *ମାସିକ ଅଗ୍ରଗତି ପ୍ରତିବେଦନ*

ଆରଆଇସି/ ଡିଆଇସିର ମହା ପ୍ରବନ୍ଧକମାନଙ୍କ ସମ୍ମିଳନୀ (24 ସେପ୍ଟେମ୍ବର 2011) ରେ ନିଷ୍ପତି ନିଆହେଲା ଯେ ,ଆଇଆଇସି/ଡିଆଇସି ଗୁଡିକ ସଂଶୋଧିତ ଫର୍ମାଟରେ ସିଙ୍ଗଲ ୱିଇଣ୍ଡୋ ବ୍ୟବସ୍ଥା ସଂପାଦନର ମାସିକ ପ୍ରତିବେଦନ ପ୍ରଦାନ କରିବାକୁ ଥିଲା । ମାର୍ଚ୍ଚ 2014 ସୁଦ୍ଧା ଛଅଟି ଆରଆଇସିଜ/ଡିଆଇସିଜ ମାସିକ ଅଗ୍ରଗତି ପ୍ରତିବେଦନ(ଏମପିଆର) ଡିସେମ୍ବର 2010 ପର ଠାରୁ ପ୍ରଦାନ କଲେ ନାହିଁ ଏବଂ 13 ଟି ଡିଆଇସିଜ/ ଆରଆଇସିଜ ମାସିକ ଅଗ୍ରଗତି ପ୍ରତିବେଦନ (ଏମପିଆର) 3 ରୁ 22 ମାସ ପର୍ଯ୍ୟନ୍ତ ଦେଲେ ନାହିଁ । ଏହି ଏମପିଆର ଗୁଡିକ ନ ଦେବା ସତ୍ତ୍ୱେ ଡିଆଇ, ଆରଆଇସି/ ଡିଆଇସିଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଲେ ନାହିଁ ।

### *3.8.5 ସିଙ୍ଗଲ ଓ୍ୱିଇଣ୍ଡୋ ବ୍ୟବସ୍ଥାରେ ୟୁସି ଜମା ନ ହେବା*

ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ 2007-14 ମଧ୍ୟରେ ଡିଆଇସି ସିଙ୍ଗଲ ଓ୍ୱିଇଣ୍ଡୋ ବ୍ୟବସ୍ଥା ସଂପାଦନ ସ୍କିମ ଅଧିନରେ ଇଣ୍ଟରନେଟ ସଂଯୋଗ ପାଇଁ ଓକାକ କୁ 43.37 ଲକ୍ଷ ଟଙ୍କା ଏବଂ ବିଭିନ୍ନ ଡିଆଇସି / ଆରଆଇସିମାନଙ୍କୁ 44.79 ଲକ୍ଷ ଟଙ୍କା ଦେଲା । ଯାହା ମଧ୍ୟରୁ 18.00 ଲକ୍ଷ ଟଙ୍କା ୟୁସିଜ ଆରଆଇସି/ଡିଆଇସି ମାନେ ଦେଲେ ।

### *3.8.6 ଉପସଂହାର*

ଶିଳ୍ପ ସଂକ୍ରାନ୍ତ ନୀତି ସଂକଳ୍ପ (ଆଇପିଆର), ରାଜ୍ୟରେ ଶିଳ୍ପ ସଂକ୍ରାନ୍ତ ଅଭ୍ୟୁଦୟ ଏବଂ ବିନିଯୋଗ ପ୍ରୋତ୍ସାହନ ପାଇଁ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କୌଶଳ ଅନ୍ତର୍ଭୁକ୍ତ ଏକ ନୀତି ଆଧାର ଅଟେ । 2 ମାର୍ଚ୍ଚ 2007 ଠାରୁ ଉପସ୍ଥାପନ ହେଲା ଯାହା ଶିଳ୍ପ ସଂସ୍ଥାଗୁଡିକୁ ଶିଳ୍ପ ସଂସ୍ଥାର ସ୍ଥାପନ ଏବଂ ଆର୍ଥିକ ପ୍ରୋତ୍ସାହନର ସଂପ୍ରସାରଣରେ ସାହାଯ୍ୟ କରେ । ସ୍କିମର ସଂପାଦନ ଅଡିଟରୁ ଏହା ପ୍ରକଟ ହେଲା ଯେ ବର୍ଷକୁ ବର୍ଷ ସିଏଏଫର ସଂଖ୍ୟା କମ୍ ହେଉଛି । ଅଧିକନ୍ତୁ ଏସଏଲଏସଡବ୍ଲୁସିଏ / ଏଚଏଲସିଏ/ ଡିଏଲଏସଡବ୍ଲ୍ୟୁସିଏର ସଭାଗୁଡିକ ହେଉ ନଥିବାରୁ 2007-14 ମଧ୍ୟରେ ଗ୍ରହଣ କରାଯାଇଥିବା ସିଏଏଫଗୁଡିକର ଫାଇନାଲ ଏବଂ ଇପିକଲ ଦ୍ୱାରା ପର୍ଯ୍ୟାଲୋଚନାରେ ବିଳମ୍ବ ହେତୁ ବିଳମ୍ବ ହେଲା । ଅଡିଟ୍ ଅଧିକନ୍ତୁ ଆଇପିଆର ରେ ପ୍ରସ୍ତାବ ଅନୁସାରେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ସ୍କିମରେ ଅଭାବ ଦୃଷ୍ଟିଗୋଚର କଲା, ଯେପରିକି ସରକାରୀ ଷ୍ଟାମ୍ପ ଶୁଳ୍କରେ ରିହାତି, ମୂଲ୍ୟଯୁକ୍ତ କରର ଫେରସ୍ତ, ବୈଦ୍ୟୁତିକ ଶୁଳକରେ ରିହାତି ଇତ୍ୟାଦି ଅଯୋଗ୍ୟ ସଂସ୍ଥାଗୁଡିକୁ ଦିଆଯାଇଛି । ପର୍ଯ୍ୟାଲୋଚନା ଏବଂ ଅଭ୍ୟନ୍ତରୀଣ ନିୟନ୍ତ୍ରଣରେ ଉନ୍ନତି ଦରକାର ।

## ପୂର୍ତ୍ତ ବିଭାଗ

### *3.9 ଅଟକଳରେ ବର୍ଦ୍ଧିତ ମୂଲ୍ୟ ଯୋଗୁଁ ଅଧିକ ବ୍ୟୟ*

**ଅଟକଳରେ ଅନାବଶ୍ୟକ ବ୍ୟତିକ୍ରମ ଯୋଗୁଁ 1.48 କୋଟିର ଅଧିକ ବ୍ୟୟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା**

ଓଡିଶା ପୂର୍ତ୍ତ ବିଭାଗ ସଂହିତା ଧାରା 3.4.10 ଅନୁଯାୟୀ ଅଟକଳଗୁଡିକ ନିର୍ଦ୍ଧାରିତ ମୂଲ୍ୟ ମଞ୍ଜୁରୀ ଏବଂ ଅତି ମିତବ୍ୟୟତା ପ୍ରଣାଳୀ ବ୍ୟବହାର କରି ପ୍ରସ୍ତୁତ ହେବା ଆବଶ୍ୟକ । ସଂକରଖୋଲ ଖଜୁରୀପଡା ଆରଡି ଠାରୁ 0/0 ରୁ 21/150 କିମି ଉନ୍ନତିକରଣ କାର୍ଯ୍ୟ ଶତକଡା (1.2 ପ୍ରତିଶତ କମ) ନିଲାମ ଆଧାରରେ 25.80 କୋଟି ରେ ଅଗଷ୍ଟ 2015 ରେ ସମାପ୍ତ ହେବ ବୋଲି ଠିକାଦାରଙ୍କୁ ପ୍ରଦାନ (ଅଗଷ୍ଟ 2013) କରାଗଲା ।

ଉପରୋକ୍ତ କାର୍ଯ୍ୟର ଅଟକଳ ନିରୀକ୍ଷଣରୁ ଜଣାପଡିଲା (ଡିସେମ୍ବର 2013) ଯେ ଏହା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ (ରାସ୍ତା ଓ ଗୃହ) ବିଭାଜନ, ଫୁଲବାଣୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏବଂ ମୁଖ୍ୟ ଯନ୍ତ୍ରୀ (ସି,ଇ), ବିଶ୍ୱବ୍ୟାଙ୍କ ପ୍ରକଳ୍ପଙ୍କ ଦ୍ୱାରା (ନଭେମ୍ବର 2012) ରେ 26.12 କୋଟିରେ ନାବାର୍ଡ ଅଧିନରେ ଆରଆଇଡିଏଫ - XVIII ସହାୟତାରେ ମଞ୍ଜୁର ହୋଇଥିଲା । ଗୋଟିଏ ଚିଜ ଯୋଡି ରାସ୍ତା କାମ ଖନନ ପାଇଁ ଘନମିଟର ପ୍ରତି 86.70 ମୂଲ୍ୟରେ 2,12,291 ଘନମିଟରକୁ 1.84 କୋଟିର ବ୍ୟବସ୍ଥା ଥିଲା । ମୂଲ୍ୟ ବିଶ୍ଳେଷଣରୁ ପ୍ରତୀୟମାନ ହେଲା ଯେ ମୂଲ୍ୟଟି କଠିନ ମୃତ୍ତିକାରେ ମୂଲିଆ ଦ୍ୱାରା ମାଟି କାମ ଖନନ ଥିଲା ।

ଭିନ୍ନ ଏକ କାମ ମନମୁଣ୍ଡା –କଣ୍ଟାମାଳ-ଘଣ୍ଟପଡା-ସିନ୍ଦିଗୁଡା ରାସ୍ତା ଉନ୍ନତିକରଣ (ଏସଏଚ - 41) 2/700 ରୁ 5/650 କି. ମି. ଉପରୋକ୍ତ ବିଭାଜନ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ ଜୁଲାଇ 2011ରେ ମଞ୍ଜୁର

ଲାଭ କଲା ଏହା ଦେଖାଗଲାଯେ 3,596 ଘନମିଟର ମାଟିକାମ ଯାନ୍ତ୍ରୀକ ଉପାୟରେ ଖନନ ପାଇଁ ନିଆ ହେଲା । ଘନ ମିଟର ପ୍ରତି ମୂଲ୍ୟର ପ୍ରଭେଦ 16.36 ଟଙ୍କାରୁ ନଭେମ୍ବର 2012 ରେ 86.70 ଟଙ୍କା ଯାନ୍ତ୍ରୀକରୁ ହସ୍ତଚାଳିତ ଉପାୟରେ କାର୍ଯ୍ୟ ନିର୍ବାହନର ପରିବର୍ତ୍ତନ ଯୋଗୁଁ ହୋଇଥିଲା । ମାତ୍ର ଲେଖା ପରୀକ୍ଷା ଦଳ ଓ ସହକାରୀ ଯନ୍ତ୍ରୀ, ଦକ୍ଷିଣ (ରାସ୍ତା ଓ ଗୃହ) ଉପବିଭାଗ, ଫୁଲବାଣୀଙ୍କ ସହ ଯୁଗ୍ମ ପାର୍ଥିକ ସତ୍ୟାପନରେ ଦେଖାଗଲା ଯେ ଠିକାଦାରଙ୍କ ଦ୍ୱାରା ଖନନ କାର୍ଯ୍ୟ ଯାନ୍ତ୍ରୀକ ଉପାୟରେ କରାଯାଉଥିଲା ।

ଅତଏବ ଅଟକଳରେ ଯାନ୍ତ୍ରୀକରୁ ହସ୍ତଚାଳିତ ଉପାୟରେ ଖନନ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ଆଇଟମ (ଚିଜ) ମୂଲ୍ୟ ବଢ଼ିଯାଇ 1.49 କୋଟିରେ ଅଧିକ ହେଲା । ଯେହେତୁ କାମଟି ଠିକାଦାରଙ୍କୁ ଶତକଡା ମୂଲ୍ୟ ଭିତ୍ତିରେ ଆକଳନ ମୂଲ୍ୟର 1.2 ପ୍ରତିଶତ କମ ରେ ପ୍ରଦାନ କରାଯାଇଥିଲା , ଅଧିକ ବୟୟ ଏବଂ ଠିକାଦାରଙ୍କୁ (1.48 କୋଟି ଟଙ୍କା ରେ 1.2 ପ୍ରତିଶତ କମ) ଅହେତୁକ ଅନୁକମ୍ପା ଥିଲା, ଯେଉଁଥିରେକି 22.10 ଲକ୍ଷ ଟଙ୍କା, 31,416 ଘନମିଟର ମାଟିକାମ କରିବା ପାଇଁ ଠିକାଦାରଙ୍କୁ (ମାର୍ଚ୍ଚ 2014) ସୁଦ୍ଧା ଦିଆଯାଇଥିଲା ।

ଲେଖା ପରୀକ୍ଷା ପର୍ଯ୍ୟବେକ୍ଷଣକୁ ସରକାର (ଅକ୍ଟୋବର 2014) ଗ୍ରହଣ କରି କହିଲେ ଯେ (ହାଇଡ୍ରାଉଲିକ) ଜଳଚାଳିତ ଉତ୍‌ଖନନକାରୀ ବ୍ୟବହାର କରି ମାଟିକାମ କରିବା ପାଇଁ ବ୍ୟତିକ୍ରମ ପ୍ରସ୍ତାବ ଆରମ୍ଭ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## *3.10 ଖିଲାପ୍ ଠିକାଦାରଙ୍କ ଠାରୁ ସରକାରୀ ପାଉଣାର ଅଣ ଅସୁଲି*

**କାର୍ଯ୍ୟ କରିବାର ଖିଲାପ ସତ୍ତ୍ୱେ 1.52 କୋଟି ଟଙ୍କା ଶାସ୍ତୀ ଏବଂ ସମାପିତ କ୍ଷତି ଠିକାଦାରଙ୍କ ଠାରୁ ଆଦାୟ ହେଉନାହିଁ**

ମାନକ ଏଫ-ଟୁ ($F_2$) ଚୁକ୍ତିର ସର୍ତ୍ତର ଧାରା 2(ଏ) ଏବଂ 2(ବି) (i) ଅନୁଯାୟୀ ନିଲାମରେ ପ୍ରବେଶ କରି ଠିକାଦାର କାର୍ଯ୍ୟ କରିବା ପାଇଁ ଅନୁମୋଦିତ ସମୟ କଡା କଡି ଭାବେ ପାଳନ କରିବା କଥା ଏବଂ ଯଦି ଠିକାଦାର ବିଳମ୍ବ କରନ୍ତି କାର୍ଯ୍ୟର ଆକଳିତ ମୂଲ୍ୟରୁ 10 ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ପୂରଣ ଦେବା କଥା । କାର୍ଯ୍ୟ ସମାପ୍ତିରେ ଅସଫଳ ହେଲେ ଚୁକ୍ତିଟି ନାକଚ ହେବ ଏବଂ ଠିକାଦାରଙ୍କ ଠାରୁ ବଳକା କାର୍ଯ୍ୟର 20 ପ୍ରତିଶତ ମୂଲ୍ୟ ଶାସ୍ତୀ ଭାବେ ଆଦାୟ ହେବ ।

ନିର୍ବାହୀ ଯନ୍ତ୍ରୀଙ୍କ[112] ନଥିପତ୍ର ଯାଞ୍ଚରୁ ପ୍ରତୀୟମାନ ହେଲା ଯେ ପୁରୀ ଜିଲ୍ଲାର ଆରଆଇଡିଏଫ-ଭି ମାଧ୍ୟମରେ ଗୋପ -ବାଲିଘାଇ ରାସ୍ତା 00 ରୁ 18/00 କି.ମି ଉନ୍ନତିକରଣ କାର୍ଯ୍ୟ 6.22 କୋଟିରେ ଜୁନ 2011 ରେ ସମାପ୍ତି ପାଇଁ ଜୁନ 2010 ରେ ଠିକାଦାରଙ୍କୁ ପ୍ରଦାନ କରାଗଲା । କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଅନେକ ନୋଟିସ ପଠାଯିବା ସତ୍ତ୍ୱେ ଠିକାଦାର କାର୍ଯ୍ୟ ସଂପାଦନରେ ବିଫଳ ହୋଇଥିଲେ ଏବଂ ଧାର୍ଯ୍ୟ ଦିନରେ 1.48 କୋଟିର କାର୍ଯ୍ୟ ହୋଇଥିଲା । ଏହା ସତ୍ତେ ଚୁକ୍ତିର 2(ଏ) ଧାରା ଅନୁଯାୟୀ 0.67 କୋଟି ସମାପିତ କ୍ଷତି କାର୍ଯ୍ୟ ଠିକ୍ ସମୟରେ ସମାପ୍ତ ସୁନିଶ୍ଚିତ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଅସୁଲ ହୋଇ ନାହିଁ ।

ପାଉଣା 1.24 କୋଟି ଟଙ୍କା ଗ୍ରହଣ କରିବା ପରେ 5.26 କୋଟି ମୁଲ୍ୟର ବଳକା କାର୍ଯ୍ୟ ଠିକାଦାର ପରିତ୍ୟାଗ କରିଥିଲେ (ଅକ୍ଟୋବର 2011) । ସରକାର ଚୁକ୍ତି ଶେଷ କରି (ଅଗଷ୍ଟ 2012) ଠିକାଦାରଙ୍କ ଦ୍ୱରା ଅସଂପାଦିତ କାର୍ଯ୍ୟର 20 ପ୍ରତିଶତ ମୂଲ୍ୟର ଶାସ୍ତୀ ଅସୁଲି ପାଇଁ ନିର୍ଦ୍ଦେଶ ଦେଲେ । ଚୁକ୍ତି ସର୍ତ୍ତ ଅନୁସାରେ ,ସେଥିପାଇଁ 0.67 କୋଟି ସମାପିତ କ୍ଷତି (ଏଲଡି) ଆକଳନ ମୂଲ୍ୟର 10 ପ୍ରତିଶତ ଏବଂ 1.05 କୋଟି ଛାଡି ଯାଇଥିବା କାର୍ଯ୍ୟର 20 ପ୍ରତିଶତ ମୋଟ 1.72 କୋଟି ଠିକାଦାରଙ୍କ ଠାରୁ ଅସୁଲ ଯୋଗ୍ୟ ଥିଲା ।

[112] ରାସ୍ତା ଏବଂ କୋଠାଘର(ଆର ଆଣ୍ଡ ବି) ଡିଭିଜନ, ପୁରୀ ।

ମାତ୍ର 19.80 ଲକ୍ଷ ଠିକାଦାରଙ୍କ ଠାରୁ (ନଭେମ୍ବର 2012) ଅଧିକାର ରହିତ କରାଗଲା ଏବଂ ବଳକା 1.52 କୋଟି ସମାପିତ କ୍ଷତି ଏବଂ ଶାସ୍ତି ଅଣଅସୁଲ ରହିଲା (ଫେବୃୟାରୀ 2014)।

ନିର୍ବାହୀ ଯନ୍ତ୍ରୀ ଚୁକ୍ତି ଅନ୍ତକରଣ ପୂର୍ବରୁ 23.62 ଲକ୍ଷ ଟଙ୍କା ପ୍ରଦାନ (ଡିସେମ୍ବର 2011) କରିଥିଲେ ଯାହା ସମାପିତ ଏବଂ ଶାସ୍ତୀ ପାଇଁ ବ୍ୟବସ୍ଥାପିତ ହୋଇପାରିଥାନ୍ତା।

ଯେତେବେଳେ ସରକାର ସତ୍ୟାସତ୍ୟ ସ୍ୱୀକାର କରି କହିଲେ (ଅକ୍ଟୋବର 2014) ଯେ ଠିକାଦାରଙ୍କ ହିସାବ ଖାତାରେ ପୁଞ୍ଜି ନ ଥିଲା, ମୁଖ୍ୟ ଯନ୍ତ୍ରୀ ବଳକା ରାଶି ଆସୁଲି ପାଇଁ ସରକାରଙ୍କୁ ଜଣାଇଲେ । ଏଥି ସହ, ଏହା ମଧ୍ୟ କୁହାଗଲା ଯେ , ଠିକାଦାରଙ୍କ ଠାରୁ ଶାସ୍ତୀ ଓ ସମାପିତ କ୍ଷତିର ଅସୁଲି ପାଇଁ ସଦ୍ୟ ଦାବି ନୋଟିସ ଜାରି କରିବା ପାଇଂ ନିର୍ବାହୀ ଯନ୍ତ୍ରୀ ଙ୍କୁ ଉପଦେଶ ଦିଆଗଲା।

## *3.11 ବୈଧତା ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କରଣ ନ ହେବାରୁ ଅଧିକ ବ୍ୟୟ*

**ସଂପ୍ରସାରିତ ବୈଧ ସମୟ ମଧ୍ୟରେ ନିଲାମ ଚୁଡାନ୍ତ କରଣ ନ ହେବାରୁ ପୁନଃ ନିଲାମ ଜନିତ 1.11 କୋଟି ଟଙ୍କା ଅଧିକ ବ୍ୟୟ**

ଓଡିଶା ପୂର୍ତ୍ତ ବିଭାଗ ସଂହିତା ପ୍ରଥମ ଖଣ୍ଡ ଧାରା 3.5.18, ନିମ୍ନ ଟିପ୍ପଣୀ (IV) ଅନୁଯାୟୀ, ନିଲାମ ଗୁଡିକ, ନିଲାମ ପ୍ରାପ୍ତିର ବିହିତ ଅନ୍ତିମ ଦିନର ତିନିମାସ ମଧ୍ୟରେ ଚୁଡାନ୍ତ କରିବା ଉଚିତ ଯଦି ନିଲାମ ସ୍ଥିର କରିବାରେ ବିଳମ୍ବ ଅନିବାର୍ଯ୍ୟ ଯାଞ୍ଚକୁ ପରବର୍ତ୍ତୀ ସମୟରେ ମୁକ୍ତ ରଖିବା ପାଇଁ ନିବେଦନକାରୀର ମତାମତ ଲୋଡିବା ଆବଶ୍ୟକ ହୋଇଥାଏ।

ନିର୍ବାହି ଯନ୍ତ୍ରୀ (ଇଇ) ଖୋର୍ଦ୍ଧା (ରାସ୍ତା ଓ ଗୃହ) ବିଭାଜନଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡିଲା (ନଭେମ୍ବର 2013) ଯେ (ଆରଆଇଡିଏଫ-XVII) ସହାୟତାରେ ନାବାଡ ଅଧିନରେ, ନୟାଗଡ ଜିଲ୍ଲାର ଖଣ୍ଡପଡା-ଫତେଗଡ ରାସ୍ତା 20.700 କି.ମି ରୁ 39.000 କି.ମି ଉନ୍ନତିକରଣ କାର୍ଯ୍ୟର ନିଲାମ ମୁଖ୍ୟ ଯନ୍ତ୍ରୀ (ଇଇ), ବିଶ୍ୱବ୍ୟାଙ୍କ ପ୍ରକଳ୍ପଙ୍କ ଦ୍ୱାରା ଡକାଯାଇଥିଲା । (ମାର୍ଚ୍ଚ 2011) ନିଲାମ ଗ୍ରହନର ଶେଷ ତାରିଖ ଥିଲା 28 ଅପ୍ରେଲ 2011 । ନିଲାମ ଆହ୍ୱାନର ନୋଟିସର ଜବାବରେ ଆଠଟି ଯାଚନ ଦର ଗ୍ରହଣ ହୋଇଥିଲା ଏବଂ ନିଲାମ ବୈଧ ଅବଧି 27 ଜୁଲାଇ 2011 ପର୍ଯ୍ୟନ୍ତ ଥିଲା। ମୁଖ୍ୟ ଯନ୍ତ୍ରୀ ପ୍ରଥମ ସର୍ବନିମ୍ନ ଡାକ 8.83 କୋଟି, ଆକଳନ ମୂଲ୍ୟ 10.39 କୋଟିର 15 ପ୍ରତିଶତ କମକୁ ସୁପାରିଶ (2 ଜୁନ 2011) କଲେ। ଯାହାବି ହେଉ, ସରକାର ବୈଧ ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କଲେ ନାହିଁ ଏବଂ ସର୍ବନିମ୍ନ ନିଲାମ ଡ଼କାଳୀକୁ ବୈଧ ଅବଧି ସଂପ୍ରସାରଣ କରିବା ପାଇଁ କହିଲେ । ଜବାବରେ ସର୍ବନିମ୍ନ ନିଲାମ ଡକାଳିକୁ ବୈଧ ଅବଧିକୁ ଦୁଇଥର ସଂପ୍ରସାରିତ କଲେ (28 ଜୁଲାଇ 2011 ରୁ 28 ସେପ୍ଟେମ୍ବର 2011 ଏବଂ 29 ସେପ୍ଟେମ୍ବର 2011 ରୁ 28 ନଭେମ୍ବର 2011) । ସଂପ୍ରସାରିତ ବୈଧ ଅବଧି ମଧ୍ୟରେ ନିଲାମ ଚୁଡାନ୍ତ କରିବା ବଦଳରେ, ମୁଖ୍ୟ ଯନ୍ତ୍ରୀ ପୁନଃ ସଂପ୍ରସାରଣ ପାଇଁ ଅନୁରୋଧ କଲେ, ଯାହା ଠିକାଦାର ରାଜି ହେଲେ ନାହିଁ ।ପରବର୍ତ୍ତୀ ସର୍ବନିମ୍ନ ନିଲାମ ଡକାଳୀ ଦ୍ୱୟ ମଧ୍ୟ ତାଙ୍କ ଠିକା ପ୍ରସ୍ତାବର ବୈଧ ଅବଧିକୁ ସଂପ୍ରସାରଣ କରିବାକୁ ମନା କରି ଦେଇଥିଲେ । ସଂପ୍ରସାରିତ ବୈଧତା ମଧ୍ୟରେ ଦୁଇ ପରବର୍ତ୍ତୀ ସର୍ବନିମ୍ନ ନିଲାମ ଡକାଳୀଙ୍କ ନିଲାମ ଚୁଡାନ୍ତ ନ କରିବା କାରଣ ମଧ୍ୟ ନଥିରେ ନ ଥିଲା । ଶେଷରେ ସରକାର ଉପରୋକ୍ତ ନିଲାମଗୁଡିକୁ ବାତିଲ (ଫେବୃୟାରୀ 2012) ମଞ୍ଜୁର କଲେ । ପୁନଃ ନିଲାମ ଯୋଗୁଁ (ମାର୍ଚ୍ଚ 2012) କାମଟି ଏକକ ନିଲାମ ଡକାଳୀଙ୍କୁ 9.94 କୋଟି ମୂଲ୍ୟରେ ଫେବୃୟାରୀ 2014 ରେ ସମାପ୍ତି ପାଇଁ କାର୍ଯ୍ୟ ପ୍ରଦାନ (ଅଗଷ୍ଟ 2012) କରାଗଲା ଏବଂ କାମଟି ଚାଲୁ ରହିଛି।

ଯେହେତୁ, ଏପରିକି ସଂପ୍ରସାରିତ ବୈଧ ଅବଧିର ନିଲାମ ଚୁଡାନ୍ତ ନ କରିବାରୁ 1.11 କୋଟି ଟଙ୍କା ଅଧିକ ଖର୍ଚ୍ଚ କେବଳ ହୋଇନି ଜନ ସାଧାରଣଙ୍କୁ ଏହାର ସୁଫଳରୁ ବି ବଞ୍ଚିତ ହେବାକୁ ପଡିଲା।

ସରକାର କହିଲେ (ଜୁଲାଇ 2014) ଯେ ପୁନଃ ନିଲାମ କରି କାମଟିକୁ ସବୁ ରକମର ସମାପ୍ତ ହେଲା କିନ୍ତୁ ପ୍ରଥମ ନିଲାମ ଡାକ ଚୁଡାନ୍ତ କରଣର ବିଳମ୍ବ କାରଣରୁପୁନଃ ନିଲାମ ଜନିତ 1.11 କୋଟି ଟଙ୍କାର ଅଧିକ ବ୍ୟୟ ସଂପର୍କରେ ସରକାର ଚୁପ୍ ରହିଲେ ।

## *3.12 ବୈଧତା ଅବଧି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନ ହେବାରୁ ଅଧିକ ବ୍ୟୟ*

**ବୈଧତା ଅବଧି ମଧ୍ୟରେ ଚୁକ୍ତି ସ୍ୱାକ୍ଷର ନ ହେବାରୁ ପୁନଃ ନିଲାମ ଜନିତ 4.73 କୋଟି ଟଙ୍କାର ଅଧିକ ବ୍ୟୟ**

ଓଡିଶା ପୂର୍ତ୍ତ ବିଭାଗ ସଂହିତା ପ୍ରଥମ ଖଣ୍ଡ ଧାରା 3.5.18, ନିମ୍ନ ଟିପ୍ପଣୀ (IV) ଅନୁଯାୟୀ , ନିଲାମ ଗୁଡିକ, ନିଲାମ ପ୍ରାପ୍ତିର ବିହିତ ଅନ୍ତିମ ଦିନର ତିନିମାସ ମଧ୍ୟରେ ଚୁଡାନ୍ତ କରିବା ଉଚିତ ଯଦି ନିଲାମ ସ୍ଥିର କରିବାରେ ବିଳମ୍ବ ଅନିବାର୍ଯ୍ୟ ଠିକା ପ୍ରସ୍ତାବକୁ କୁ ପରବର୍ତ୍ତୀ ସମୟରେ ମୁକ୍ତ ରଖିବା ପାଇଁ ନିବେଦନକାରୀର ମତାମତ ଲୋଡିବା ଆବଶ୍ୟକ ହୋଇଥାଏ ।

ଆରଆଇଡିଏଫ -XVIII ସହାୟତାରେ ନାବାର୍ଡ ଅଧିନରେ ବଲାଙ୍ଗୀର ଜିଲ୍ଲାରେ ଟିଟିଲାଗଡ -ଫାପସି ପୂର୍ତ୍ତ ବିଭାଗ ରାସ୍ତା ପ୍ରସସ୍ତିକରଣ କାର୍ଯ୍ୟ ମୂଖ୍ୟ ଯନ୍ତ୍ରୀ, ବିଶ୍ୱବ୍ୟାଙ୍କ ପ୍ରକଳ୍ପ, ଓଡିଶା ନିଲାମ ଆହ୍ୱାନ (5 ଅପ୍ରିଲ 2013) କରିଥିଲେ । ନିଲାମ ଗ୍ରହଣର ଅନ୍ତିମ ଦିବସ 6 ମେ 2013 ଏବଂ ବିଧି ମାନ୍ୟତା ଦିବସ 4 ଅଗଷ୍ଟ 2013 ପର୍ଯ୍ୟନ୍ତ ଥିଲା । ନିର୍ବାହୀ ଯନ୍ତ୍ରୀଙ୍କ ନଥିପତ୍ର ଯାଞ୍ଚରୁ ପ୍ରତୀୟମାନ ହେଲା ଯେ ବୈଷୟିକ ନିଲାମ ଡାକ 14 ମେ 2013 ରେ ଖୋଲାଗଲା । ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ନିଲାମର ମୂଲ୍ୟାୟନ 13 ଜୁନ 2013 ଅର୍ଥାତ୍ ଗୋଟିଏ ମାସ ପରେ କଲେ । ଯେତେବେଳେ ତିନୋଟି ପ୍ରକଳ୍ପର ନିଲାମ ଡକାଳୀଙ୍କ ଡାକ ମୂଲ୍ୟ ଗୁଡିକ 18 ଜୁନ 2013 ରେ ଖୋଲାଗଲା, ଏଥିରୁ ଦେଖାଗଲା ସର୍ବନିମ୍ନ ମୁଲ୍ୟାଙ୍କ 19.23 କୋଟି ଯାହା ଆକଳିତ ମୂଲ୍ୟ 22.81 କୋଟିର 15,7 ପ୍ରତିଶତ କମ୍ ଥିଲା । ନିଲାମ କମିଟି 2 ଜୁଲାଇ 2013 ରେ ସର୍ବୋଚ୍ଚ ଯନ୍ତ୍ରୀ ତଥା – ଶାସନ ସଚିବ ଉପରୋକ୍ତ ବିଷୟକୁ ବିଚାର କଲେ ଯାହା ମୂଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ଚାରିମାସ ଉପରେ 01 ଅଗଷ୍ଟ 2013 ରେ ଗ୍ରହଣ ହୋଇଥିଲା । ସର୍ବନିମ୍ନ ନିଲାମ ଡକାଳୀଙ୍କୁ 6 ଅଗଷ୍ଟ 2013 ଚୁକ୍ତି ସ୍ୱାକ୍ଷର ପାଇଁ ରେଜେଷ୍ଟ୍ରି ଡାକ ଯୋଗେ ଯୋଗାଯୋଗ କଲେ । ଯଦିଓ ସର୍ବନିମ୍ନ ନିଲାମ ଡକାଳୀ ତାଙ୍କ ଉତ୍ସୁକତାର (25 ଜୁନ 2013) ବୈଧତା ଅବଧିକୁ 3 ସେପ୍ଟେମ୍ବର 2013 ପର୍ଯ୍ୟନ୍ତ ସଂପ୍ରସାରଣ କରିଥିଲେ । ସେ କାମ କରିବା ଚିଠି (7 ସେପ୍ଟେମ୍ବର 2013) ଯାଏ ନ ପାଇବାରୁ, ଉଦ୍ଧୃତ ଦରରେ ଜିନିଷ ପତ୍ର ଓ ମଜୁରୀର ଅସ୍ୱଭାବିକ ବୃଦ୍ଧି ଯୋଗୁଁ କାମ କରିବାକୁ ଅସମର୍ଥତା ପ୍ରକାଶ (7 ସେପ୍ଟେମ୍ବର 2013) କଲେ ।

ଦ୍ୱିତୀୟ ସର୍ବନିମ୍ନ ନିଲାମ ଡକାଳୀ ମଧ୍ୟ ନିଲାମର ବୈଧତା ପୁନଃ ସଂପ୍ରସାରଣ କରିବା ପାଇଁ ମନା କରିଦେଲେ ଯେହେତୁ ସରକାର ଅନୁସୂଚିତ ଦରର ପୁନଃ ନିରୀକ୍ଷିତ ମୂଲ୍ୟ ପ୍ରକାଶ କରି ସାରିଥିଲେ ଯାହା ପାଖାପାଖି ପାଞ୍ଚରୁ ଛଅ ପ୍ରତିଶତ ଅଧିକ ଥିଲା । କାମଟି ପୁନଃନିଲାମର 23.96 କୋଟି ଟଙ୍କାରେ ଫେବୃୟାରୀ 2016 ରେ ସମାପ୍ତ ହେବା ପାଇଁ ଠିକାଦାରଙ୍କୁ ପ୍ରଦାନ (ଫେବୃୟାରୀ 2014 ) କରାଗଲା । ଏଣୁ ନିଲାମ ଚୁଡାନ୍ତ କରଣରେ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବ ଯୋଗୁଁ ସଂପ୍ରସାରିତ ବୈଧତା ଅବଧି ରେ ଚୁକ୍ତି ନ ହୋଇ ପୁନଃ ନିଲାମ ଜରିଆରେ କାମ କରିବାରୁ 4.73 କୋଟି ଟଙ୍କା ଅଧିକ ବ୍ୟୟ ହେଲା ।

ସରକାର ଉତ୍ତରରେ କହିଲେ (ଅକ୍ଟୋବର 2014) ଯେ ସଂହିତାର ଧାରା ଅନୁସାରେ ସବୁ ରକମର କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଯଦିଓ ବୈଧତା ଅବଧିରେ ନିଲାମ ଡାକ ସମାପ୍ତି ହୋଇଅଛି ଏବଂ ପତ୍ର ପ୍ରଦାନ, ସଂପ୍ରସାରିତ ବୈଧତା ମଧ୍ୟରେ ଯୋଗାଯୋଗ ହୋଇଥିଲା । କୃତ ନିଲାମ ଡକାଳୀ ଉଦ୍ଦେଶ୍ୟ ମୂଳକ ଭାବେ ଚୁକ୍ତିରେ ପ୍ରବେଶକୁ ଏଡାଇ ଯାଇଛନ୍ତି । ମାତ୍ର ପ୍ରକୃତ କଥା ଏହା ଯେ ପଦ୍ଧତି ସମୟୋଚିତ ଭାବେ ସମସ୍ତ କାର୍ଯ୍ୟହେଲା ନାହିଁ ବରଂ ଶେଷ ସୋପାନରେ ବିଳମ୍ବ ହେଲା ।

## 3.13 ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

**ଭାରତୀୟ ରୋଡ଼ କଂଗ୍ରେସ ନିୟମ ନ ମାନି ବାଲି ଆସ୍ତରଣ ବାବଦକୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ 7.54 କୋଟି ଟଙ୍କା**

ଭାରତୀୟ ରୋଡ଼ କଂଗ୍ରେସ ନିୟମ ଅନୁସାରେ ରାସ୍ତାର ଚଟାଣ ତିନି ସ୍ତରରେ ଗଠିତ ଯଥା-ସବବେସ କୋର୍ସ ଏବଂ ସରଫେସି/ଉଇରିଙ୍ଗ କୋର୍ସ ଯାହା ସବ୍‌ଗ୍ରେଡସ୍ତର ଉପରେ ପର୍ଯ୍ୟାୟ କ୍ରମେ ଦିଆଯାଏ(ତଳେ ଦର୍ଶାଯାଇଥିବା ଚିତ୍ର ଭଳି) ।




ରାସ୍ତା ଚଟାଣର ମୋଟେଇ କାର୍ଲିଫର୍ଣ୍ଣିଆ ବହନ ଅନୁପାତ ଅନୁସାରେ ସବ୍‌ରୋଡ ମାଟିର ଶକ୍ତି ଓ ପରିଯୋଜନା ବାଣିଜ୍ୟିକ ଯାନର ହିସାବକୁ ନେଇ କରାଯାଇଥାଏ । ଭାରତୀୟ ରୋଡ କଂଗ୍ରେସ୍ ନିୟମାବଳୀ (4.2.1.5) ଅନୁସାରେ ସବ୍ ରୋଡ ସ୍ତରୀୟ ମାଟିର କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତ ହେବା ଉଚିତ୍ । ଯେଉଁଠି ସବ୍‌ଗ୍ରେଡ୍ ସ୍ତରୀୟ ମାଟିର କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତରୁ କମ୍, ରାସ୍ତାର ପରିକଳ୍ପନା କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତ ଅନୁସାରେ ହେବା ଉଚିତ୍ ଏବଂ ଯେଉଁଠି କାଲିଫର୍ଣ୍ଣିଆ ବହନ ଅନୁପାତ ସର୍ବନିମ୍ନ ଦଶ ପ୍ରତିଶତ, ସବବେସ୍ ସହିତ 150 ମି. ମି. ମୋଟେଇର କାପିଙ୍ଗ୍ ସ୍ତର ଦିଆଯିବା କଥା ।

ଛଅଟି ରାସ୍ତା ଓ ଗୃହ ବିଭାଜନ[113]ର ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ୍ ପ୍ରକଳ୍ପ (ଜୁଲାଇ 2010 ରୁ ଅକ୍ଟୋବର 2013) ଏଗାରଟି ରାସ୍ତା କାମର ବ୍ୟୟ ଅଟକଳକୁ 196.86 କୋଟି ଟଙ୍କାରେ ଅନୁମୋଦନ କରିଥିଲେ । ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଯଦିଓ ସବ୍‌ଗ୍ରେଡ୍ ସ୍ତରୀୟ ମାଟିର କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତରୁ ଅଧିକ, ବିଭାଜନ 150 ମିମି ରୁ 500 ମିମି ବାଲିର କାପିଙ୍ଗ୍ ସ୍ତର ବ୍ୟବସ୍ଥା କରାଯାଇଥିଲା ***(ପରିଶିଷ୍ଟ-3.13.1*** ଏବଂ ***3.13.2***) । ପୁନଶ୍ଚ ଗ୍ରାନୁଲାର ସବବେସର ମୋଟେଇ ଯାହା ଏହି କାମ ପାଇଁ ଦିଆଯାଇଥିଲା, ତାହା ଭାରତୀୟ ରୋଡ୍ କଂଗ୍ରେସର ସ୍ୱଷ୍ଟୀକରଣ ସହିତ ସମାନ ଥିଲା କାରଣ 10ଟି କାର୍ଯ୍ୟରେ କମ୍ ଏବଂ ଗୋଟିଏ କାର୍ଯ୍ୟରେ ଅଧିକ ହୋଇଥିଲା ।

ତେଣୁ ଗ୍ରାନୁଲାର ସବବେସ (ଜିଏସବି) ମୋଟା କମାଇ ଅଦରକାରୀ ବାଲି ସ୍ତର ବ୍ୟବସ୍ଥା କରି ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ 7.54 କୋଟି କରାଗଲା ***(ପରିଶିଷ୍ଟ 3.13.2)*** ।

ସରକାର ଜଣାଇଲେ (ଅକ୍ଟୋବର 2014) ଯେ କୃଷ୍ଣ ଅଂଶ ଓ ସୋଲତର ଅଂଶ ପାଇଁ ଦରକାର ବାଲି ପରିମାଣ ମଧ୍ୟ ସମୁଦାୟ ବାଲି ପରିମାଣରେ ଅନ୍ତର୍ଭୁକ୍ତ । ଯେତେବେଳେ 150 ମିମି ମୋଟେଇର ବାଲି

[113] ରାସ୍ତା ଗୃହ ବିଭାଜନ ରାଉରକେଲା, ଅନୁଗୁଳ, ଢେଙ୍କାନାଳ, ନଂ-II ବ୍ରହ୍ମପୁର, ଭଦ୍ରକ ଓ ପୁରୀ ।

ନିଷ୍କାସନ ସ୍ତର ପାଇଁ ବ୍ୟବସ୍ଥା କରାଯାଇଥିଲା ସେତେବେଳେ ଅବଶିଷ୍ଟ ବାଲି ପରିମାଣ ଗ୍ରାନୁଲାର ସବବେସ୍ ଗ୍ରେଡିଙ୍ଗ-III ବଦଳରେ କ୍ରଷ୍ଟ ତଳ ପାଇଁ ବ୍ୟବସ୍ଥା କରାଯାଇଥିଲା ଏବଂ ଖର୍ଚ୍ଚ କମାଯାଇଥିଲା । କିନ୍ତୁ ଯେଉଁଠି ସବ୍‌ଗ୍ରେଡ୍ ମାଟିର କାଲିଫର୍ଣ୍ଣିଆ ବହନ ଅନୁପାତ ଦୁଇ ପ୍ରତିଶତରୁ ଅଧିକ ସେଠାରେ ବାଲିର କାପିଗ୍ ସ୍ତର ପାଇଁ ଭାରତୀୟ ରୋଡ କଂଗ୍ରେସ 37 ନିୟମାବଳୀରେ ବ୍ୟବସ୍ଥା କରାଯାଇନାହିଁ । ଭାରତୀୟ ରୋଡ କଂଗ୍ରେସ୍ ନିୟମାବଳୀ **ଅନୁଚ୍ଛେଦ 5.5** ଅନୁସାରେ ନିଷ୍କାସନ ସ୍ତର ସମୁଦାୟ ରାସ୍ତାରେ ଦରକାର ନ ହୋଇ କେବଳ ରାସ୍ତାର ସବ୍‌ଗ୍ରେଡ୍ ସୋଲଡରରେ ହିଁ ଦରକାର ପଡେ ।

## ଅର୍ଥ ବିଭାଗ

### *3.14 ଅଡିଟକୁ ପ୍ରତିଜବାବ*

ଆବଶ୍ୟକୀୟ ରକ୍ଷଣ ଭିତରୁ ଉତ୍ତମ ଶାସନ ପାଇଁ ଅଡିଟ୍ ସିଦ୍ଧାନ୍ତ ଗୁଡିକ ଉପରେ ସମୟ ଉପଯୋଗୀ ପ୍ରତିଜବାବ ଦେବା ଏକ ଆରୋପଣୀୟ ଆବଶ୍ୟକତା ଅଟେ, ଯାହାକି ପ୍ରକୃତ ପକ୍ଷେ ସରକାରଙ୍କର ତତ୍ତ୍ୱାବଧାନର ଭୂମିକା ଠିକ୍ ଭାବେ ତୁଲାଇବାର ଭରସା ଯୋଗାଇଥାଏ ।

ନିର୍ଦ୍ଧାରିତ ନିୟମ ଓ କାର୍ଯ୍ୟନିଧି ଅନୁଯାୟୀ ପ୍ରଧାନ ମହାଲେଖାକାର(ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର) ସରକାରୀ ବିଭାଗ ତଥା କ୍ଷେତ୍ର କାର୍ଯ୍ୟାଳୟକୁ ଗୁଡିକର ହେଉଥିବା ଦେଣନେଣ ଏବଂ ପ୍ରମୁଖ ହିସାବ, ଅନ୍ୟ ନଥିପତ୍ରର ନିରୀକ୍ଷଣ କରିଥାନ୍ତି । ଏହିସବୁ ପରିଦର୍ଶନ ଗୁଡ଼ିକୁ ଅନୁସରଣ କରି ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକୁ କାର୍ଯ୍ୟାଳୟର ମୁଖ୍ୟ ଓ ପରବର୍ତ୍ତୀ ଉଚ୍ଚତର କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଏ । ତ୍ରୁଟି ଓ ବିଚ୍ୟୁତି ଗୁଡିକର ସଂଶୋଧନ କରାଯାଇ ପ୍ରଧାନ ମହାଲେଖାକାରଙ୍କୁ ଅନୁପାଳନ ବିବରଣୀ ପ୍ରଦାନ କରିବେ । ଅଡିଟ୍ ଅବଲୋକନ/ମତାମତ/ମନ୍ତବ୍ୟର ପର୍ଯ୍ୟାଲୋଚନା ତଥା ଅନୁପାଳନକୁ ସୁଗମ କରିବା ପାଇଁ ବାକିଆ ଆଇଆରମାନଙ୍କର ଏକ ଅର୍ଦ୍ଧବାର୍ଷିକ ରିପୋର୍ଟ, ପ୍ରତ୍ୟେକ ବିଭାଗର ସଚିବଙ୍କ ନିକଟକୁ ମଧ ପଠାଯାଏ ।

ମାର୍ଚ୍ଚ 2014 ସୁଦ୍ଧା 17ଟି ବିଭାଗକୁ ଜାରି ହୋଇଥିବା ଆଇଆରଗୁଡିକର ସମୀକ୍ଷାରୁ ଜଣାଗଲା ଯେ 2014 ମସିହା ଜୁନ୍ ମାସ ଶେଷ ସୁଦ୍ଧା 5,471 ଆଇଆରର 18,940 ଟି ଅନୁଚ୍ଛେଦ ବାକିଆ ରହିଛି । ସେଥିମଧ୍ୟରୁ 1,848 ଆଇଆରର 5,222 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ କାଳ ଧରି ମୀମାଂସା ନ ହୋଇ ରହିଛି (***ପରିଶିଷ୍ଟ 3.14.1***) । ଏପରିକି ଆଇଆର ପଠାଯିବାର ଏକ ମାସ ମଧ୍ୟରେ କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରାରମ୍ଭିକ ଉତ୍ତର ପାଇବା ଆବଶ୍ୟକ ଥିବାବେଳେ ମାର୍ଚ୍ଚ 2014 ସୁଦ୍ଧା ଜାରି ହୋଇଥିବା 1,115 ଟି ଆଇଆର କ୍ଷେତ୍ରରେ ମିଳିନଥିଲା । ***ପରିଶିଷ୍ଟ 3.14.2*** ରେ ବକେୟା ଆଇଆର ଓ ଅନୁଚ୍ଛେଦର ବର୍ଷୱାରୀ ବିବରଣୀ ପ୍ରଦାନ କରାଯାଇଅଛି ।

ଏହି ଆଇଆର ଗୁଡିକରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତା ଜୁନ୍ 2014 ସୁଦ୍ଧା ମୀମାଂସା ହୋଇନଥିଲା (***ପରିଶିଷ୍ଟ 3.14.3***) । ଅନୁଚ୍ଛେଦ ସଂଖ୍ୟା ଏବଂ ଅନିୟମିତତାରେ ସଂଶ୍ଳିଷ୍ଟ ପରିମାଣ ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ ସଂଖ୍ୟା -3.7 ଅନୁଚ୍ଛେଦ ଗୁଡ଼ିକର ଶ୍ରେଣୀ ବିଭାଗ***

***(କୋଟି ଟଙ୍କାରେ)***

| କ୍ର.ସଂ. | ବିସ୍ତୃତ ଉଦ୍ଦେଶ୍ୟର ଶୀର୍ଷ | ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|
| 1 | ନିୟମ କାନୁନ୍ ଅନୁପାଳନ କରା ନଯିବା | 22 | 551.22 |
| 2 | ଔଚିତ୍ୟ ସମୀକ୍ଷା/ ଅଯଥା ଖର୍ଚ୍ଚ | 15 | 407.50 |
| 3 | ଲଗାତାର ଭାବେ ବ୍ୟାପକ ଅନିୟମିତତା | 18 | 438.30 |
| 4 | ଅନବଧାନତା ଓ ଶାସନ କ୍ଷମତାର ଅସଫଳତା | 06 | 237.29 |
| | ମୋଟ | **61** | **1634.31** |

*ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର) ଅଡିଟ୍ ନଥିପତ୍ର ଅନୁଯାୟୀ*

### 3.14.1 ପୂର୍ବ ସମୀକ୍ଷା ରିପୋର୍ଟଗୁଡିକ ଉପରେ ପଦକ୍ଷେପ

ଲେଖା ପରୀକ୍ଷାବେଳେ ନଜରକୁ ଆସିଥିବା ଗୁରୁତର ଅନିୟମିତତାମାନ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପ୍ରତିବେଦନରେ ସନିବିଷ୍ଟ କରାଯାଇ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଏ । ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ (ଡିସେମ୍ବର 1993), ଅଡିଟ୍ ରିପୋର୍ଟ ବିଧାନ ସଭାରେ ଉପସ୍ଥାପନ ହେବାର ତିନି ମାସ ମଧ୍ୟରେ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ/ସମୀକ୍ଷା/କାର୍ଯ୍ୟ ସଂପାଦନ ସମୀକ୍ଷା ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଶାସନିକ ବିଭାଗଗୁଡିକ ପ୍ରଦାନ କରିବା କଥା ।

1997-98 ଠାରୁ 2011-12 ମଧ୍ୟରେ ନିମ୍ନରେ (ସାରଣୀ) ଦର୍ଶାଯାଇଥିବା ରିପୋର୍ଟଗୁଡିକ ଦିଆଯାଇଥିବା 17ଟି ବିଭାଗ ମଧ୍ୟରୁ 7 ଟି[114] ବିଭାଗ ମାର୍ଚ୍ଚ 2014 ସୁଦ୍ଧା ସଂପୃକ୍ତ ଅନୁଚ୍ଛେଦ ଓ ସଂପାଦନ ଗୁଡିକ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇ ନଥିବା ଦେଖାଯାଇଥିଲା ।

***ସାରଣୀ ସଂଖ୍ୟା 3.8 ବ୍ୟାଖ୍ୟାତ୍ମକ ଟିପ୍ପଣୀ ମିଳିନଥିବା ଅନୁଚ୍ଛେଦ ଗୁଡ଼ିକର ସଂଖ୍ୟା***

| ରିପୋର୍ଟ ବର୍ଷ | ମୋଟ ଅନୁଚ୍ଛେଦ ସଂଖ୍ୟା | ବ୍ୟକ୍ତିଗତ ଅନୁଚ୍ଛେଦ/ ସମୀକ୍ଷା | | ବ୍ୟାଖ୍ୟାତ୍ମକ ଟିପ୍ପଣୀ, ପ୍ରାପ୍ତ ହୋଇନଥିବା ଅନୁଚ୍ଛେଦ/ ସମୀକ୍ଷାଗୁଡିକର ସଂଖ୍ୟା (ମାର୍ଚ୍ଚ 2014) | |
|---|---|---|---|---|---|
| | | ବ୍ୟକ୍ତିଗତ ଅନୁଚ୍ଛେଦ | ସମୀକ୍ଷା/ କାର୍ଯ୍ୟ ସଂପାଦନ ସମୀକ୍ଷା | ବ୍ୟକ୍ତିଗତ ଅନୁଚ୍ଛେଦ | ସମୀକ୍ଷା |
| **1** | **2** | **3** | **4** | **5** | **6** |
| 1997-98 | 32 | 28 | 04 | 05 | 03 |
| 1998-99 | 34 | 32 | 02 | 01 | 00 |
| 1999-00 | 26 | 23 | 03 | 00 | 01 |
| 2000-01 | 32 | 29 | 03 | 01 | 01 |
| 2001-02 | 17 | 16 | 01 | 00 | 01 |
| 2002-03 | 23 | 21 | 02 | 00 | 02 |
| 2003-04 | 23 | 23 | 00 | 03 | 00 |
| 2004-05 | 18 | 18 | 00 | 01 | 00 |
| 2005-06 | 20 | 17 | 03 | 00 | 00 |
| 2006-07 | 28 | 27 | 01 | 02 | 00 |
| 2007-08 | 19 | 16 | 03 | 02 | 02 |
| 2008-09 | 15 | 12 | 03 | 04 | 02 |
| 2009-10 | 15 | 15 | 00 | 00 | 00 |
| 2010-11 | 10 | 08 | 02 | 01 | 02 |
| 2011-12 | 14 | 12 | 02 | 08 | 02 |
| ମୋଟ | **326** | **297** | **29** | **28** | **16** |

***ଉତ୍ସ: ମହାଲେଖାକାର (ଆର୍ଥିକ ଓ ରାଜସ୍ୱ କ୍ଷେତ୍ର) ଅଡିଟ୍ ନଥିପତ୍ର ଅନୁଯାୟୀ***

ଓଡିଶା ବିଧାନସଭା ଦ୍ୱାରା ପ୍ରାପ୍ତ ହୋଇନଥିବା 28ଟି ବ୍ୟକ୍ତିଗତ ଦେଣନେଣ ଅଡିଟ୍ ଏବଂ 16ଟି ସମୀକ୍ଷାର ନିମ୍ନପ୍ରକାରେ ବିଭକ୍ତିକରଣ କରାଯାଇପାରେ (i) ନିୟମ ତଥା ବିଧି ବ୍ୟବସ୍ଥାକୁ ଅନୁପାଳନ ନ କରିବା (ii) ଔଚିତ୍ୟ ବିରୁଦ୍ଧରେ ସମୀକ୍ଷା/ ବିନା ଯଥାର୍ଥ ପ୍ରତିପାଦନରେ ଖର୍ଚ୍ଚ କରିବା (iii) ଚିରାଚରିତ ଓ ବ୍ୟାପକ ଅନିୟମିତତା ଏବଂ ଅନବଧାନତା/ ଶାସନ ରୀତିର ଅସଫଳତା । ବହୁଳ ଭାବରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଦେଇନଥିବା ବିଭାଗଗୁଡିକ ହେଲେ, ଜଳସଂପଦ, ନିର୍ମାଣ ଓ କୃଷି ।

114 ନିର୍ମାଣ, ଜଳସଂପଦ, କୃଷି, ଶକ୍ତି, ମତ୍ସ୍ୟ ଓ ପଶୁ ସଂପଦ, ଶିଳ୍ପ ଓ ଜଙ୍ଗଲ ଓ ପରିବେଶ ବିଭାଗ ।

### *3.14.2 ସାଧାରଣ ହିସାବ କମିଟି କରିଥିବା ସୁପାରିଶ ଉପରେ ବିଭାଗ ଗୁଡିକର ଉତ୍ତର ଦାୟିତ୍ୱ*

ପିଏସି ରିପୋର୍ଟ/ ସୁପାରିଶଗୁଡିକ ହେଲା ପ୍ରଧାନ ମାଧମ ଯାହାଦ୍ୱାରା ବିଧାନ ମଣ୍ଡଳ ପ୍ରତି କାର୍ଯ୍ୟ ନିର୍ବାହୀଙ୍କ ଆର୍ଥିକ ଉତ୍ତର ଦାୟିତ୍ୱକୁ ବଳବତ୍ତର କରେ ଏବଂ ଏଥିପାଇଁ ବିଭାଗ ମାନଙ୍କଠାରୁ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ (ଏଟିଏଏନ) ଆକାରରେ ସମୟୋଚିତ ଉତ୍ତର ମଗାଯିବା ଯଥାର୍ଥ । ଓଡିଶା ବିଧାନସଭା (ଓଏଲଏ)ର ସଚିବାଳୟ, ରାଜ୍ୟ ସରକାରଙ୍କର ସମସ୍ତ ବିଭାଗଗୁଡ଼ିକୁ ବିଧାନ ସଭାର ସାଧାରଣ ହିସାବ କମିଟି (ପିଏସି) ଦେଇଥିବା ସମସ୍ତ ଗମ୍ଭୀର ପରାମର୍ଶ ଟିପ୍ପଣୀ ଏବଂ ସୁପାରିଶଗୁଡିକ ଉପରେ ଗୃହୀତ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ ବିଧାନ ସଭାରେ ରିପୋର୍ଟ ଉପସ୍ଥାପନାର ଛଅ ମାସ ମଧ୍ୟରେ ଉକ୍ତ କମିଟିର ବିଚାର୍ଥେ ଦେବା ପାଇଁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ (ମେ 1966) । ଉପରୋକ୍ତ ନିର୍ଦ୍ଦେଶକୁ ରାଜ୍ୟସରକାରଙ୍କର ଅର୍ଥ ବିଭାଗର ବିଭାଗ ଡିସେମ୍ବର 1993 ରେ ଏବଂ ବିଧାନ ସଭା ସଚିବାଳୟ ଜାନୁୟାରୀ 1998 ରେ ଦୋହରାଇଥିଲେ । ଏଟିଏଏନ ପ୍ରଦାନ କରିବା ପାଇଁ ସମୟ ସୀମା ଓଡିଶା ବିଧାନ ସଭା ଦ୍ୱାରା ସେବେ ଠାରୁ ଛଅ ମାସ ପରିବର୍ତ୍ତେ ଚାରି ମାସକୁ କମାଇ ଦିଆଯାଇଥିଲା (ଏପ୍ରିଲ୍ 2005) ।

ପିଏସି ଦ୍ୱାରା ଦଶମ ବିଧାନ ସଭାର (1990-95) ପ୍ରଥମ ରିପୋର୍ଟ ଠାରୁ ତ୍ରୟୋଦଶ ବିଧାନ ସଭାର (2004-09) ଚାଳିଶି ତମ ରିପୋର୍ଟ ପର୍ଯ୍ୟନ୍ତ ପ୍ରଦତ୍ତ 573ଟି ଅଡିଟ୍ ରିପୋର୍ଟସମ୍ବନ୍ଧୀୟ ସୁପାରିଶ ମଧ୍ୟରୁ 89ଟି ସୁପାରିଶ ଉପରେ ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତୀକ୍ଷା ଥିଲା (ମାର୍ଚ୍ଚ 2014) ।

ଭୁବନେଶ୍ୱର **(ସୁନିଲ ଏସ୍ ଦାଢେ)**
ତାରିଖ - **ପ୍ରଧାନ ମହାଲେଖାକାର (ଆର୍ଥିକ ଏବଂ ରାଜସ୍ୱ କ୍ଷେତ୍ର)**
**ଓଡିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ **(ଶଶୀକାନ୍ତ ଶର୍ମା)**
ତାରିଖ - **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ - 2.1.1

### (ଅନୁଚ୍ଛେଦ 2.1.7.9 ପୃଷ୍ଠା/26 ଦ୍ରଷ୍ଟବ୍ୟ)

### ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଅତିରିକ୍ତ ଖର୍ଚ୍ଚର ପ୍ରଦାନ

| କ୍ର. ସଂ. | ଗ୍ରାମର ନାମ | ଅଧିଗ୍ରହଣ ଅନୁମତିର ତାରିଖ | ଏରିଆ (ଏକରରେ) | ପ୍ରାଥମିକ ଆକଳନ (ଟଙ୍କାରେ) | ପରିବର୍ତ୍ତିତ ଆକଳନ (ଟଙ୍କାରେ) | ଅତିରିକ୍ତ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|
| | **କାନପୁର ଜଳସେଚନ ପ୍ରକଳ୍ପ** | | | | | |
| 1 | ବାସୁଦେବପୁର (ମାଟି ବନ୍ଧ) | 11.01.2007 | 70.77 | 20916757 | 22094714 | 1177957 |
| 2 | କଣ୍ଡରା (ମାଟି ବନ୍ଧ) | 09.03.2007 | 107.95 | 65510848 | 70122983 | 4612135 |
| 3 | କଣ୍ଡରା ଜଳଭଣ୍ଡାର | 08.01.2007 | 109.00 | 30701473 | 32214355 | 1512882 |
| 4 | ବାସୁଦେବପୁର( ଜଳଭଣ୍ଡାର) | 11.01.2007 | 83.43 | 29916091 | 31600917 | 1684826 |
| 5 | ଗୋବିନ୍ଦପୁର (ଜଳଭଣ୍ଡାର ) | 02.04.2008 | 683.86 | 270663759 | 293473997 | 22810238 |
| 6 | ମୁରୁସୁଆଁ (ଜଳଭଣ୍ଡାର ) | 27.10.2007 | 182.49 | 91791036 | 101775171 | 9984135 |
| 7 | ରେମେନସାପୁର (କ) (ଜଳଭଣ୍ଡାର ) | 12.12.2007 | 325.16 | 145210186 | 162578578 | 17368392 |
| 8 | ରେମେନସାପୁର (ଖ) (ଜଳଭଣ୍ଡାର ) | 12.11.2008 | 152.32 | 70530208 | 84428138 | 13897930 |
| 9 | ଚମ୍ପକପୁର (ଜଳଭଣ୍ଡାର ) | 25.05.2008 | 698.95 | 316021325 | 342719145 | 26697820 |
| 10 | ଧୋବାକୁଚୁଡା (ଜଳଭଣ୍ଡାର ) | 09.07.2008 | 616.17 | 273591531 | 296192734 | 22601203 |
| 11 | ହରିହରପୁର (ଜଳଭଣ୍ଡାର ) | 19.11.2008 | 40.76 | 19252705 | 20743829 | 1491124 |
| 12 | ବଳଭଦ୍ରପୁର ( ଜଳଭଣ୍ଡାର ) | 17.01.2009 | 19.81 | 8909238 | 9724672 | 815434 |
| 13 | ଲହଣ୍ଡା (ଜଳଭଣ୍ଡାର ) | 04.03.2010 | 16.15 | 14033812 | 16405338 | 2371526 |
| 14 | ରୁଗୁଡି (ଜଳଭଣ୍ଡାର ) | 01.03.2009 | 289.72 | 164124018 | 176523543 | 12399525 |
| 15 | ଦାଦୁଆଁ (ଜଳଭଣ୍ଡାର ) | 01.07.2009 | 562.80 | 294872133 | 326438635 | 31566502 |
| 16 | ଶଙ୍କରପୁର (ଜଳଭଣ୍ଡାର ) | 16.04.2009 | 287.83 | 134087519 | 145415203 | 11327684 |
| 17 | ବୀରକଳା( ଜଳଭଣ୍ଡାର ) | 15.09.2009 | 321.46 | 137910034 | 155386098 | 17476064 |
| 18 | ବିଲେଇପଦା (ଜଳଭଣ୍ଡାର ) | 05.03.2010 | 44.80 | 48761851 | 56315689 | 7553838 |
| 19 | କଣ୍ଡରା (ସ୍ପିଲ ଚାନେଲ) | 04.01.2010 | 47.45 | 14572582 | 16452876 | 1880294 |
| 20 | ବାସୁଦେବପୁର(କଲୋନୀ) | 27.01.2010 | 26.00 | 7688684 | 8094663 | 405979 |
| 21 | ପ୍ରକଳ୍ପଗୁଡିକବାସୁଦେବ ପୁର(ମୁଖ୍ୟ କେନାଲ) | 11.08.2009 | 16.21 | 7228906 | 7500359 | 271453 |
| 22 | ମିରିଗିସିଂହା (ମୁଖ୍ୟ କେନାଲ ) | 06.08.2009 | 15.71 | 7683760 | 8245831 | 562071 |
| 23 | କୋଡାଗଡିଆ (ମୁଖ୍ୟ କେନାଲ ) | 11.08.2009 | 33.02 | 7539770 | 8017413 | 477643 |
| 24 | ଜୟମଙ୍ଗଳ ପୁର (ମୁଖ୍ୟ କେନାଲ ) | 07.01.2010 | 16.53 | 3982307 | 4374705 | 392398 |
| 25 | ବାଙ୍କ (ମୁଖ୍ୟ କେନାଲ) | 11.08.2009 | 8.92 | 1408604 | 1497815 | 89211 |
| 26 | ଚିମିଳା (ମୁଖ୍ୟ କେନାଲ ) | 06.08.2009 | 0.98 | 230975 | 245298 | 14323 |
| 27 | ସୁନାପୋଷି (ମୁଖ୍ୟ କେନାଲ ) | 03.10.2009 | 53.98 | 12378408 | 12988254 | 609846 |
| 28 | ଗିରିଧାରୀପୁର (ମୁଖ୍ୟ କେନାଲ ) | 18.03.2010 | 24.93 | 6073232 | 6581341 | 508109 |
| 29 | ହୁଆପୋଷି (ମୁଖ୍ୟ କେନାଲ ) | 15.01.2010 | 1.63 | 385594 | 414092 | 28498 |
| 30 | ଟାଙ୍ଗୁଆ ବାହାଲ (ମୁଖ୍ୟ କେନାଲ ) | 28.05.2012 | 30.74 | 9781183 | 17367198 | 7586015 |
| 31 | ଅଙ୍ଗୁଲିଆ (ମୁଖ୍ୟ କେନାଲ ) | 10.11.2010 | 29.36 | 5013780 | 5119625 | 105845 |
| 32 | ନୂଆଗାଁ | 23.02.2011 | 19.72 | 3147297 | 3235912 | 88615 |
| 33 | ଯାମୁଯୋଡି (ମୁଖ୍ୟ କେନାଲ ) | 23.03.2011 | 4.28 | 598914 | 628415 | 29501 |
| 34 | ଯାମୁଣ୍ଡା ପାଲ (ମୁଖ୍ୟ କେନାଲ ) | 20.04.2011 | 21.91 | 3204900 | 3440258 | 235358 |
| 35 | କାଞ୍ଜିପାଣି (ମୁଖ୍ୟ କେନାଲ ) | 02.08.2011 | 16.52 | 2168761 | 2234856 | 66095 |
| 36 | ଗୋଡା (ମୁଖ୍ୟ କେନାଲ ) | 05.11.2011 | 43.555 | 7563967 | 7963269 | 399302 |
| 37 | ଗୋପିନାଥପୁର (ମୁଖ୍ୟ କେନାଲ ) | 10.08.2011 | 20.00 | 4561880 | 4575606 | 13726 |

| କ୍ର. ସଂ. | ଗ୍ରାମର ନାମ | ଅଧିଗ୍ରହଣ ଅନୁମତିର ତାରିଖ | ଏରିଆ (ଏକରରେ) | ପ୍ରାଥମିକ ଆକଳନ (ଟଙ୍କାରେ) | ପରିବର୍ତ୍ତିତ ଆକଳନ (ଟଙ୍କାରେ) | ଅତିରିକ୍ତ ଖର୍ଚ୍ଚ (ଟଙ୍କାରେ) |
|---|---|---|---|---|---|---|
| 38 | ନିଶ୍ଚିନ୍ତପୁର (ମୂଖ୍ୟ କେନାଲ ) | 11.08.2011 | 17.88 | 7101234 | 7586122 | 484888 |
| 39 | ଝୁମ୍ପୁରା (ମୂଖ୍ୟ କେନାଲ ) | 10.08.2011 | 4.09 | 4595604 | 4644143 | 48539 |
| 40 | ଦୁର୍ଗାପୁର (ମୂଖ୍ୟ କେନାଲ ) | 03.11.2011 | 1.09 | 400457 | 405344 | 4887 |
| 41 | ଗୋପିନାଥପୁର( କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 21.03.2012 | 1.03 | 241443 | 254613 | 13170 |
| 42 | ଟୋଲକବାହାଲ( କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର ) | 06.03.2012 | 6.01 | 195809 | 2050930 | 1855121 |
| 43 | ସାତହଳିଅ (କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 25.01.2012 | 7.13 | 2449787 | 2549573 | 99786 |
| 44 | ସୁନାପୋଷ( କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 12.07.2012 | 9.55 | 2489693 | 2687184 | 197491 |
| 45 | ଶଙ୍କରପର(ଜଳଭଣ୍ଡାର) | 25.01.2012 | 0.47 | 269659 | 282079 | 12420 |
| 46 | ଘୁଣ୍ଟୁପୋଷି (ମୂଖ୍ୟ କେନାଲ ) | 10.05.2012 | 5.02 | 3872516 | 3989762 | 117246 |
| 47 | ଭାଲୁକା (ମୂଖ୍ୟ କେନାଲ ) | 14.05.2012 | 27.45 | 51713175 | 53304533 | 1591358 |
| 48 | ରାଜିଅ(କ୍ଷୁଦ୍ର ଏବଂ ଉପକ୍ଷୁଦ୍ର) | 20.03.2012 | 3.28 | 354177 | 364897 | 10720 |
| 49 | ସାନହୁଣ୍ଡୁଲା (ମୂଖ୍ୟ କେନାଲ ) | 18.06.2012 | 42.51 | 7327151 | 7715412 | 388261 |
| 50 | ନୟାବନ୍ଧ(କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 27.01.2012 | 6.26 | 895598 | 919224 | 23626 |
| 51 | ଆରସଲା (ମୂଖ୍ୟ କେନାଲ ) | 13.03.2012 | 29.65 | 74285606 | 76519295 | 2233689 |
| 52 | ମହାଦେବପୁର (ମୂଖ୍ୟ କେନାଲ ) | 10.03.2012 | 12.21 | 1971828 | 2016077 | 44249 |
| 53 | ଲକ୍ଷ୍ମୀ ପୋଷି (ମୂଖ୍ୟ କେନାଲ ) | 25.01.2012 | 27.10 | 8965684 | 9202272 | 236588 |
| 54 | ବାସୁଦେବପୁର | 18.12.2012 | 4.94 | 5945519 | 6238584 | 293065 |
| 55 | ଖେଣ୍ଡରା (ମୂଖ୍ୟ କେନାଲ ) | 03.05.2013 | 27.02 | 9859782 | 10692824 | 833042 |
| 56 | ଜାନସାନପୁର (ମୂଖ୍ୟ କେନାଲ ) | 27.06.2012 | 29.33 | 8251231 | 8352289 | 101058 |
| 57 | ପ୍ରତାପ ପୋଷି (କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 05.01.2013 | 2.84 | 5127862 | 5416741 | 288879 |
| 58 | ତୁଳସୀପୁର (ମୂଖ୍ୟ କେନାଲ ) | 30.01.2013 | 8.55 | 2231563 | 2370450 | 138887 |
| 59 | କଣ୍ଡରାପଷି (ମୂଖ୍ୟ କେନାଲ ) | 07.05.2013 | 60.06 | 39589009 | 41968538 | 2379529 |
| 60 | ବୀରକଳା (ଜଳଭଣ୍ଡାର) | 16.07.2013 | 260.99 | 231589660 | 244419726 | 12830066 |
| 61 | ଜୟମଙ୍ଗଳ ପୁର(କ୍ଷୁଦ୍ର ଏବଂ ଉପ କ୍ଷୁଦ) | 05.02.2013 | 4.16 | 5981738 | 6103467 | 121729 |
| 62 | ମିରଗସିଂହା (କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 03.01.2013 | 1.04 | 215490 | 218219 | 2729 |
| 63 | ଗୋପପୁର(କ୍ଷୁଦ୍ର ଏବଂ ଉପ କ୍ଷୁଦ୍ର) | 05.02.2013 | 5.99 | 7549846 | 7703484 | 153638 |
| | **ଖଣ୍ଡ ସମୁଦାୟ** | | **5650.525** | **2725489149** | **2971107307** | **245618158** |
| **ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ** | | | | | | |
| 64 | ଗର୍ଜନ | 31.03.2012 | 331 | 113780937 | 129577950 | **15797013** |
| 65 | ଚୂଡାପାଲି | 26.10.2010 | 45.32 | 11528140 | 13475711 | **1947571** |
| 66 | ଖଗସବାହାଲ | 23.05.2012 | 438.06 | 74448607 | 84690576 | **10241969** |
| | **ଖଣ୍ଡ ସମୁଦାୟ** | | **814.38** | **199757684** | **227744237** | **27986553** |
| | **ମୋଟ ସମୁଦାୟ** | | **6464.805** | **2925246833** | **3198851544** | **273604711** |

## ପରିଶିଷ୍ଟ - 2.1.2

### (ଅନୁଚ୍ଛେଦ 2.1.8.1 ପୃଷ୍ଠା/ 31 ଦ୍ରଷ୍ଟବ୍ୟ)

### ଏସଓଆରର ଆନୁଗତ୍ୟ ନ ଦେଖାଇବା କାରଣରୁ ଅଧିକ ଖର୍ଚ୍ଚ / ପୁଙ୍ଖାନୁପୁଙ୍ଖ ଏହି ବିବୃତିରେ ଦର୍ଶାଯାଇଛି

| କ୍ର.ସଂ. | ପ୍ରକଳ୍ପଗୁଡିକର ନାମ | ଆକଳନଗୁଡିକରେ ଅସାମଞ୍ଜସ୍ୟ | ଅସାମଞ୍ଜସ୍ୟର ପ୍ରଭାବ |
|---|---|---|---|
| 1 | କେଆଇପି/ଏସଆଇପି/ଏଲଆଇଆଇ/ ତେଲେଙ୍ଗିରି/ରୁକୁରା/ରେତ ପ୍ରକଳ୍ପ | ଡୋଜରର ଭଡା ଦେୟ ବାବଦରେ ଘଣ୍ଟାପ୍ରତି 300 ଘନମିଟର ମାଟି ବିଛାଇବା ପାଇଁ 2141.79 ଟଙ୍କା ହିସାବରେ ପି.ଡବ୍ଲ୍ୟୁ.ଡି ସ୍ଥିର କରନ୍ତି । ଯାହାହେଉ ମାଟି ବନ୍ଧ ଓ କେନାଲ ତଟ ବନ୍ଧଗୁଡିକର କମ୍ପାକସନ ପାଇଁ ଯେତେବେଳେ ଆକଳନଗୁଡିକ ପ୍ରସ୍ତୁତ କରାଗଲା ସେତେବେଳେ ବିଭାଗ ଭଡାଦେୟ ବାବଦରେ ବିଛାଇବା ପାଇଁ 2141.79 ଟଙ୍କା ହିସାବରେ ଘଣ୍ଟାପ୍ରତି 300 ଘନମିଟର ବଦଳରେ 100 ଘନମିଟର ନେଇଥିଲେ । | ସାତଟି ପ୍ରକଳ୍ପଗୁଡିକ ଅଧିନରେ 25ଟି କାର୍ଯ୍ୟ ଗୁଡିକର ଆକଳନ 44.41 କୋଟି ଟଙ୍କା ଅଧିକ ହୋଇଥିଲା । ଏଥି ମଧ୍ୟରୁ 29.77 କୋଟି ଟଙ୍କା ଠିକାଦାରଙ୍କୁ ପ୍ରଦତ୍ତ ହୋଇସାରିଲାଣି । |
| 2 | ଏଲଏସଆଇପି | ମାଟି କାର୍ଯ୍ୟର କମ୍ପାକସନ ପାଇଁ ସିପ୍‌ଫୁଟ୍ ରୋଲରର ବ୍ୟବହାର ପାଇଁ ବିଶ୍ଳେଷଣ ଦରରେ ବ୍ୟବସ୍ଥା ଥିଲା । ଯାହାହେଉ, ଏଲ.ଏସ.ଆଇପିର ମାଟି ବନ୍ଧର ମାଟିର କମ୍ପାକସନ ପାଇଁ ଓଡିଶା ନିର୍ମାଣ ନିଗମ ଭାଇବ୍ରେଟୋରୀ ରୋଲରର ମୂଲ୍ୟ ଗ୍ରହଣ କରିଥିଲେ । ଏହି ମୂଲ୍ୟକୁ ଡିଓଡବ୍ଲ୍ୟୁଆର ଚୁକ୍ତି ପୂର୍ବ ଆଲୋଚନା ବ୍ୟତୀତ ଗ୍ରହଣ କରିଥିଲେ । | ଯେହେତୁ ଭାଇବ୍ରେଟୋରି ରୋଲରର ଅନ୍ତର୍ଭୁକ୍ତ ଅଧିକତର ଥିଲା । ଆକଳନ ମୂଲ୍ୟ ପ୍ରତି ଘନମିଟରରେ 20 ଟଙ୍କା ଅଧିକ ହୋଇଥିଲା । ଏହି ଅର୍ପଣର ସ୍ୱୀକୃତି ଫଳରେ 4.63 କୋଟି ଟଙ୍କା ଅଧିକ ବ୍ୟୟ ହୋଇଥିଲା । |
| 3 | ଏଲଆଇଆଇପି | ନାଳତଟବନ୍ଧର କମ୍ପାକସନ୍ ପାଇଁ ରାଜିନାମାରେ କୌଣସି ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । ତଦନୁସାରେ ଏଲଆଇଆଇପିର ବାମ ମୁଖ୍ୟ କେନାଲର 20 କି.ମି ଏବଂ ଦକ୍ଷିଣ ମୁଖ୍ୟ କେନାଲର ସମସ୍ତ କାର୍ଯ୍ୟ ନିର୍ବାହ କ୍ଷେତ୍ରରେ ପ୍ରାଥମିକ ବ୍ୟବସ୍ଥା ଅନୁମତି ପ୍ରାପ୍ତ ହୋଇଥିଲା ଏବଂ ଏହି ବ୍ୟବସ୍ଥାକୁ ଗ୍ରହଣ କରାଯାଇ ନ ଥିଲା । | ଦକ୍ଷିଣ ବାମ କେନାଲ ସହିତ ଶାଖା ପ୍ରଶାଖା ଗୁଡିକର 12 ଟି କାର୍ଯ୍ୟର କମ୍ପାକସନ୍ ର ଏହି ଅଯୁକ୍ତି ଯୁକ୍ତ ବ୍ୟବସ୍ଥା ଫଳରେ 8.31 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା । |
| 4 | ଏଲଆଇଆଇପି/କେଆଇପି/ରୁକୁରା ଜଳସେଚନ ପ୍ରକଳ୍ପ , | ସିମେଣ୍ଟ କଂକ୍ରିଟ ପାଇଁ ସାମଗ୍ରୀଗୁଡିକ ଓ କାର୍ଯ୍ୟ ଗୁଡିକର ଅନ୍ୟାନ୍ୟ ଚିଜ ଗୁଡିକ ପାଇଁ ପିଡବ୍ଲ୍ୟୁଡିର ଦରର ବିଶ୍ଳେଷଣର ରିହ୍ୟାଣ୍ଡଲିଂ ଦେୟର ବ୍ୟବସ୍ଥା ନ ଥିଲା । ତେବେ ବି ଏହି କାର୍ଯ୍ୟଗୁଡିକର ଦରର ବିଶ୍ଳେଷଣରେ ଏହା ଅନ୍ତର୍ଭୁକ୍ତ କରାଯାଇଛି । | ରିହ୍ୟାଣ୍ଡଲିଂ ଦେୟର ଅନୁଚିତ ବ୍ୟବସ୍ଥା ଦ୍ୱାରା କେବଳ ପାଞ୍ଚଟି କାର୍ଯ୍ୟର ଆକଳନ ଅଧିକ ନ ଥିଲା । ପରନ୍ତୁ ଏହା ଫଳରେ ନିବେଦ ଅଧିମୂଲ୍ୟ ଅନ୍ତର୍ଭୁକ୍ତ ସହିତ 13.51 କୋଟି ଟଙ୍କା ଠିକାଦାର ମାନଙ୍କୁ ଅନୁଚିତ ଫାଇଦା ହୋଇଥିଲା । |
| 5 | ଏସଆଇପି ଏବଂ କେଆଇପି | ବିବିଧ ବ୍ୟୟ, ଫର୍ମଓାର୍କ, ନିୟନ୍ତ୍ରିତ କଂକ୍ରିଟ ଏବଂ ପରୀକ୍ଷଣ ଗୁଣବତ୍ତାର ଭାର ଦେୟ ପାଇଁ ସିମେଣ୍ଟ କଂକ୍ରିଟ କାର୍ଯ୍ୟଗୁଡିକ ପାଇଁ ଚିଜ ଦରର ପିଡବ୍ଲ୍ୟୁଡିର ବିଶ୍ଳେଷଣ ବ୍ୟବସ୍ଥା ନାହିଁ । ପ୍ରକଳ୍ପ କାର୍ଯ୍ୟଗୁଡିକ ଆକଳନରେ ଉପରୋକ୍ତ ଅନୁଚିତ ଚିଜ ଗୁଡିକ ପୃଥକ ଭାବରେ ବ୍ୟବସ୍ଥା କରାଯାଇ ଅନ୍ତର୍ଭୁକ୍ତ କରାଯାଇଥିଲା । | ଛଅଟି କାର୍ଯ୍ୟର ମୂଲ୍ୟ ଯଦିଓ 7.10 କୋଟି ଟଙ୍କାରୁ ଅଧିକ ହୋଇନଥିଲା ପରନ୍ତୁ 8.22 କୋଟି ଟଙ୍କା ଠିକାଦାରମାନଙ୍କୁ ଅନୁଚିତ ଫାଇଦା ହେଉଥିଲା । |
| 6 | ଏସଆଇପି | କଂକ୍ରିଟ ମୂଲ୍ୟର ଚାରି ପ୍ରତିଶତ ହିସାବରେ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟ ପାଇଁ ଦରର ବିଶ୍ଳେଷଣରେ | ଚାରିଟି କାର୍ଯ୍ୟର ଆକଳନରେ ଫର୍ମ ଓ୍ୱାର୍କ ପାଇଁ ଅଲଗା ଚିଜ ମୂଲ୍ୟର ବ୍ୟବସ୍ଥା |

<table>
<tr><th>କ୍ର.ସଂ.</th><th>ପ୍ରକଳ୍ପଗୁଡିକର ନାମ</th><th>ଆକଳନଗୁଡିକରେ ଅସାମଞ୍ଜସ୍ୟ</th><th>ଅସାମଞ୍ଜସ୍ୟର ପ୍ରଭାବ</th></tr>
